RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-205 ◆TUESDAY ◆20 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୦୫ ◆ମଙ୍ଗଳବାର ◆୨୦ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




## ୟୁନିଟ୍-୧ ମାର୍କେଟ୍‌ରେ ଭୟଙ୍କର ଅଗ୍ନିକାଣ୍ଡ



■ ଭୁବନେଶ୍ୱର, ୧୯ ।୧(ସମିସ): ଭୁବନେଶ୍ୱର ୟୁନିଟ୍-୧ ମାର୍କେଟ୍‌ରେ ଭୟଙ୍କର ଅଗ୍ନିକାଣ୍ଡ । ସୋମବାର ରାତି ପ୍ରାୟ ସାଢ଼େ ୧୧ଟାରେ ଏହି ଅଘଟଣ ଘଟିଛି । ଏଥିରେ ୩୫ରୁ ଊର୍ଦ୍ଧ୍ୱ ଦୋକାନ ଓ କିଛି ଗାଡ଼ି ଜଳିଯାଇଛି । ନିକଟସ୍ଥ ସାଇକେଲ ଷ୍ଟାଣ୍ଡକୁ ମଧ୍ୟ ନିଆଁ ବ୍ୟାପିଥିବା ଜଣାପଡ଼ିଛି । ଖବର ପାଇ କଳ୍ପନା ▶ପୃଷ୍ଠା-୭

# ହଟୁନି ଧାନ କିଣା ଅଚଳାବସ୍ଥା

▶ ୩ ଜିଲ୍ଲାରେ ଏଯାଏ ଖୋଲା ହୋଇନାହିଁ ମଣ୍ଡି
▶ ୪ ଜିଲ୍ଲାରେ ଧାନ ବିକିଛନ୍ତି ମାତ୍ର ୧୮୮ ଚାଷୀ
▶ ବରଗଡ଼ରେ ଧାନ ବିକ୍ରି ଅପେକ୍ଷାରେ ୬୦ ହଜାର
▶ ଏଯାଏ କିଣା ଯାଇଛି ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୩୦%



■ ଭୁବନେଶ୍ୱର, ୧୯ ।୧ (ସମିସ): ରାଜ୍ୟରେ ଜାରି ରହିଛି ଧାନ କିଣା ଅଚଳାବସ୍ଥା । ଯେତେ ତାଳି ପକା ଉଦ୍ୟମ କଲେ ମଧ୍ୟ ଧାନ କିଣା ପ୍ରକ୍ରିୟା ସ୍ୱାଭାବିକ ହୋଇପାରୁ ନାହିଁ । ମଣ୍ଡିରେ ଧାନବସ୍ତା ଧରି ଚାଷୀ ଶୀତ କାକରରେ ପଡ଼ିଛନ୍ତି, ସେପଟେ ଅଧିକାଂଶ ଜିଲ୍ଲାର ଚାଷୀ ଏଯାଏ ଟୋକନ ପାଇ ନାହାନ୍ତି । ଚାଷୀଙ୍କୁ ୮୦୦ ଟଙ୍କା ଇନ୍‌ପୁଟ ସହାୟତା ଫାଙ୍କିବାକୁ ଯୋଜନାବଦ୍ଧ ଭାବରେ ଷଡ଼ଯନ୍ତ୍ର କରିଥିବା ଚାଷୀ ଅଭିଯୋଗ କରିଛନ୍ତି । ଏପରିକି ଯେତେ କମ୍ ଧାନ କିଣାଯାଇପାରିବ ସେଥିପାଇଁ ମିଲର-ସରକାର ଏକାଠି ହୋଇ କାମ କରୁଛନ୍ତି ଓ ଏହାର ପରିଣାମ ଚାଷୀ ଭୋଗୁଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।

ଚଳିତ ବର୍ଷ ଅନୁକୂଳ ପାଣିପାଗ ଯୋଗୁଁ ଚାଷୀ ବେଶ୍ ଭଲ ଧାନ ଉତ୍ପାଦନ କରିଛନ୍ତି । ଏପରିକି ଏଥର ଖରିଫରେ ୧୪୦ ଲକ୍ଷ ମେଟ୍ରିକ୍ ଟନରୁ ଊର୍ଦ୍ଧ୍ୱ ଧାନ ଉତ୍ପାଦନ ହୋଇଥିବା ଆକଳନ ▶ପୃଷ୍ଠା-୭

## ନିତିନ ନବୀନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ



■ ନୂଆଦିଲ୍ଲୀ,୧୯ ।୧(ଏଜେନ୍ସି): ବିଜେପି କାର୍ଯ୍ୟକାରୀ ସଭାପତି ନିତିନ ନବୀନ ଦଳର ଦ୍ୱାଦଶ କାର୍ଯ୍ୟକାରୀ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଜାନୁଆରୀ ୨୦ ଅର୍ଥାତ ମଙ୍ଗଳବାର ସେ ଔପଚାରିକ ଭାବେ ଦାୟିତ୍ୱ ଗ୍ରହଣ କରିବେ । ଦଳର ମୁଖ୍ୟ କାର୍ଯ୍ୟାଳୟରେ ସକାଳ ୧୧.୩୦ରେ ଆୟୋଜନ ହେବାକୁ ଥିବା ପରିବର୍ତ୍ତନ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନଥା ସିଂହ ଓ ଦଳର ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ରହିବେ । ୪୬ ବର୍ଷୀୟ ନିତିନ ଏଥିସହ ବିଜେପିର ସର୍ବକନିଷ୍ଠ ସଭାପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି । ପଦ ପାଇଁ ସୋମବାର ୩୭ ସେଟ୍‌ର ନାମାଙ୍କନ ପତ୍ର ଦାଖଲ କରିଥିଲେ । ନାମାଙ୍କନ ଅବସରରେ ଅମିତ ଶାହା, ବିଜେପି ପୂର୍ବତନ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା, ରାଜନାଥ ସିଂ, ନିତିନ ଗଡକାରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ । ନିର୍ବାଚନ ପାଇଁ ପ୍ରକ୍ରିୟା ପାର୍ଟି ମ୍ୟୁଖ୍ୟ କାର୍ଯ୍ୟାଳୟରେ ହୋଇଥିଲା । ଏହି ନେତାମାନେ ନିତିନଙ୍କ ପାଇଁ ନିର୍ବାଚନ ଅଧିକାରୀ ଡକ୍ଟର କେ ଲକ୍ଷ୍ମଣଙ୍କ ନିକଟରେ ସମର୍ଥନ ପତ୍ର ଦାଖଲ କରିଥିଲେ । ନାମାଙ୍କନ ପତ୍ର ଯାଞ୍ଚ୍ ପରେ ସମସ୍ତ କାଗଜପତ୍ର ବୈଧ ବୋଲି ଜଣାପଡ଼ିଛି । ପାର୍ଟି ସଭାପତି ଭାବେ ଜାନୁଆରୀ ୨୦ରେ ନିତିନଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ । ସୂଚନାଯୋଗ୍ୟ ଯେ, ଜାନୁଆରୀ ୧୬ରେ ଜାତୀୟ ସଭାପତି ▶ପୃଷ୍ଠା-୭

## ଷ୍ଟାଲିନ୍‌ଙ୍କ ଘୋଷଣା | ଓଡ଼ିଆ ସମେତ ୭ଟି ଅଣ-ହିନ୍ଦୀ ଭାଷା ପାଇଁ ମିଳିବ ସାହିତ୍ୟିକ ପୁରସ୍କାର

■ ଚେନ୍ନଇ, ୧୯ ।୧ (ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏକ ଭିନ୍ନ ଧରଣର ପୁରସ୍କାର ଦେବାକୁ ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି । ଓଡ଼ିଆ ସମେତ ୭ଟି ଅଣ-ହିନ୍ଦୀ ଭାଷା ପାଇଁ ନୂଆ ବାର୍ଷିକ ସାହିତ୍ୟିକ ପୁରସ୍କାର ଘୋଷଣା କରି ଷ୍ଟାଲିନ୍ ପରୋକ୍ଷରେ ହୀନ୍ଦି ଭାଷା ପ୍ରତି ତାଙ୍କର ରହିଥିବା ଅସନ୍ତୋଷକୁ ପୁଣିଥରେ ବ୍ୟକ୍ତ କରିଛନ୍ତି ।



ଷ୍ଟାଲିନ୍‌ଙ୍କ ଘୋଷଣା ଅନୁଯାୟୀ ଏହି ବାର୍ଷିକ ସାହିତ୍ୟିକ ପୁରସ୍କାରରେ ଓଡ଼ିଆ ସମେତ ତାମିଲ, ତେଲୁଗୁ, କନ୍ନଡ଼, ମାଲାୟଲମ, ବଙ୍ଗଳା ଓ ମରାଠୀ ଭାଷା ସାମିଲ ରହିଛି । ଏହି ପୁରସ୍କାରଗୁଡ଼ିକୁ 'ସେମ୍ମୋଝି ଇଲାକକିଆ ବିରୁଧୁ' ନାମ ଦିଆଯାଇଛି । ଏହାର ଅର୍ଥ ହେଉଛି ଶାସ୍ତ୍ରୀୟ ଭାଷା ସାହିତ୍ୟ ପୁରସ୍କାର । ପ୍ରଥମ ପର୍ଯ୍ୟାୟରେ ଏହି ୭ଟି ଭାଷାର ଶ୍ରେଷ୍ଠ ସାହିତ୍ୟିକ କୃତିକୁ ସମ୍ମାନୀତ କରାଯିବ । ପୁରସ୍କାର ବାବଦରେ ୫ ଲକ୍ଷ ଟଙ୍କା ନଗଦ ପ୍ରଦାନ କରାଯିବ । ପ୍ରତ୍ୟେକ ଭାଷା ପାଇଁ ପୃଥକ ଜୁରି ତଥା ବିଚାରକ ମଣ୍ଡଳୀ ▶ପୃଷ୍ଠା-୭

## ଖଣି ବେପାରରୁ ଗଡ଼ିଲା ମୁଣ୍ଡ
# ଗୁଳିମାଡ଼ରେ ଯୁବକ ମୃତ

■ ଖୋର୍ଦ୍ଧା, ୧୯।୧ (ସମିସ): ଦୀର୍ଘ ଦିନର ନିରବତା ପରେ ବେଗୁନିଆ ଅଶାନ୍ତ ହୋଇପଡ଼ିଛି । ଖଣି ବେପାରକୁ କେନ୍ଦ୍ର କରି ଲାଗି ରହିଥିବା ପୂର୍ବଶତ୍ରୁତା ଆଜି ଉଗ୍ରରୂପ ନେଇଛି । ଆଖିବୁଜା ଗୁଳି ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ବେଗୁନିଆ ଥାନା ଦଲକ ଜାମୁସାହି ଅଞ୍ଚଳରେ ଏହି ଆପରାଧିକ ଘଟଣା ଘଟିଛି । ମୃତକ ହେଲେ, ଜାମୁସାହି ଅଞ୍ଚଳର ବାସୁଦେବ ପରିଡ଼ା(୪୨) । ତାଙ୍କ ମୁଣ୍ଡ ଓ ଛାତିରେ ଗୁଳି ବାଜିଛି । ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରେ ଏକ ବୁଲେଟ୍ ବାଇକ୍ ଏବଂ ରକ୍ତଛିଟା ପଡ଼ିଥିବା ବେଳେ ପୁଲିସ ସେଠାରୁ ୩ଟି ଖୋକା ଜବତ କରିଛି । ବାଇକ୍‌ଟି ଅଭିଯୁକ୍ତମାନଙ୍କର ବୋଲି ଜଣାଯାଇଛି । ଏହି ଘଟଣାରେ ପୁଲିସ ୨ଜଣ ସଂଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି ।


ମୃତ ଯୁବକଙ୍କ ଫାଇଲ ଫଟୋ

ତେବେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୁଲିସ ଗଣମାଧ୍ୟମକୁ ବେଶି କିଛି କହିବାକୁ ମନା କରିଦେଇଛି । ଅପରପକ୍ଷେ, ଏହି ଘଟଣାକୁ ନେଇ ବାସୁଦେବଙ୍କ ଗାଁ ଓ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି । ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ଦାବିରେ ଉତ୍ତ୍ୟକ୍ତ ଲୋକମାନେ ହସ୍ପିଟାଲ ପରିସରରେ ହୋହଲ୍ଲା, ପାଟିତୁଣ୍ଡ କରିଥିଲେ ।

ସୂଚନାନୁଯାୟୀ, ବାସୁଦେବ ଆଜି ସଂଧ୍ୟା ବେଳେ ଶୌଚ ହେବାକୁ ନିକଟସ୍ଥ ପୋଖରୀକୁ ଯାଇଥିଲେ । ଏହି ସମୟରେ କିଛି ଯୁବକ ଏକ ବାଇକ୍‌ରେ ତାଙ୍କୁ ପିଛା କରିଥିଲେ । ନିଛାଟିଆ ଜାଗା ଦେଖି ସେମାନେ ତାଙ୍କୁ ଅତି ନିକଟରୁ ୩ ରାଉଣ୍ଡ ଗୁଳି କରିଥିଲେ । ଗୋଟିଏ ଗୁଳି ତାଙ୍କ ମୁଣ୍ଡରେ ଏବଂ ଆଉ ଗୋଟିଏ ତାଙ୍କ ଛାତିରେ ବାଜିଥିଲା । ପରେ ଦୁର୍ବୃତ୍ତମାନେ ସେଠାରେ ବାଇକ୍ ଛାଡ଼ି ଫେରାର୍ ହୋଇଯାଇଥିଲେ ବୋଲି କୁହାଯାଉଛି । ଅପରପକ୍ଷେ, ଖବର ପାଇ ମେଡିକାଲକୁ ସ୍ଥାନୀୟ ଲୋକଙ୍କ ସମେତ ବେଗୁନିଆ ବିଧାୟକ ପହଞ୍ଚି ସ୍ଥିତି ପରଖିଛନ୍ତି । ▶ପୃଷ୍ଠା-୭



mahindra with you hamesha
xmart by mahindra SMART BUY. SMART EXCHANGE.
*Credit at sole discretion of bank. #Subject to credit approval from the Bank/ Finance company. All other terms & Conditions will apply. Offer valid on select models till stock lasts. This offer cannot be clubbed with any other offer. Offer mentioned is maximum benefit available inclusive of insurance, exchange, loyalty, corporate as applicable. Offer will vary depending on the brand and model purchased and may vary from city to city. Contact your nearest Mahindra dealer for exact details. Terms of the offer may be altered/ amended/ withdrawn without prior notice. Accessories shown are not part of standard equipment. Offer valid till stock last.*T&C Apply.
ADITYA MOTORS: CUTTACK, BHUBANESWAR, JAGATSINGHPUR, KENDRAPARA: 7873999400, JAJPUR, PANIKOILI: 7873999010 | UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, NAYAGARH: 8929207515

# ଇଡି ଚଢ଼ଉକୁ ନେଇ ଖଣି ମନ୍ତ୍ରୀଙ୍କ ବୟାନ ହେବକି ବୁମେରାଂ

● ଇଡିର କାର୍ଯ୍ୟାନୁଷ୍ଠାନ ଓ ଖୋଦ୍ ଖଣିମନ୍ତ୍ରୀଙ୍କ ବୟାନକୁ ବିଭିନ୍ନ ମହଲରେ ସ୍ୱାଗତ

● ସହଯୋଗୀ ସୁନୀଲ ପାତ୍ର ୨ନମ୍ବର କାମରେ ଲିପ୍ତ ଥିବା ମନ୍ତ୍ରୀଙ୍କ ବୟାନରୁ ସ୍ପଷ୍ଟ

● ଇଡି ପକ୍ଷରୁ ଜବତ ସମ୍ପତ୍ତି ଓ ଅଭିଯୁକ୍ତଙ୍କ ତାଲିକା ସାର୍ବଜନୀନ କରିବାକୁ ଦାବି

ବ୍ରହ୍ମପୁର,୧୯ ।୧(ସମିସ): ବାଲି, ମୋରମ ଓ ପଥର ଭଳି ଲଘୁ ଖଣିଜ ସମ୍ପଦର ଚୋରା କାରବାରକୁ ନେଇ ଗଞ୍ଜାମ ଜିଲ୍ଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଏକକାଳୀନ ୨୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢଉ ହୋଇଥିଲା । ଏଥିରୁ ବାଦ ପଡିନଥିଲେ ଖୋଦ୍ ଖଣି ଓ ପରିବହନ ମନ୍ତ୍ରୀଙ୍କ ଅନ୍ୟନ୍ତ ଘନିଷ୍ଠ ସହଯୋଗୀ ସୁନୀଲ କୁମାର ପାତ୍ର । ଏପରିକି ସୁନୀଲ ପାତ୍ରଙ୍କୁ ଖୋଦ୍ ଖଣିମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀର ଖଣି, ପୁଲିସ ଓ କୋର୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ବୁଝିବାକୁ କ୍ଷମତା ଦେଇଥିଲେ। ନିଜ ଜିଲ୍ଲାରେ ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣକୁ ରୋକିବାରେ ବିଫଳ ହୋଇଥିବା ଖଣି ମନ୍ତ୍ରୀଙ୍କ ଅପାରଗତା ଏଥିରୁ ସ୍ପଷ୍ଟ ହେଉଛି । ସୁନୀଲଙ୍କ ଘରେ ଇଡି ପକ୍ଷରୁ ଚଢ଼ଉ କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଜବତ ହୋଇଥିବା ସୂଚନା ମିଳିଥିବା ବେଳେ ଖୋଦ୍ ମନ୍ତ୍ରୀ କିଭଳି ଭାବେ ଏନେଇ ଅବଗତ ନଥିଲେ ବୋଲି ପ୍ରଶ୍ନ ଉଠିଛି। ଏଥିରେ ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରି ନିରପେକ୍ଷ ତଦନ୍ତ ପାଇଁ ବିଜେପିର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ. ଡମ୍ବରୁ ରେଡ୍ଡୀ ଦାବି କରିବା ସହିତ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏସବୁ ଘଟଣା ପରେ ଚୁପ ରହିଥିବା ଖଣି ମନ୍ତ୍ରୀ ଗତକାଲି ବ୍ରହ୍ମପୁର ଠାରେ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇଛନ୍ତି। ସେ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯିଏ ୨ନମ୍ବର କାମ କରିବ, ବେଆଇନ ଖଣି ଖାଦାନରେ ଲିପ୍ତ ରହିବ ଏବଂ ଲୋକଙ୍କ ସମ୍ପତ୍ତିକୁ ଲୁଟିବାକୁ ଚେଷ୍ଟା କରିବ ତା ଘରେ ସରକାର ଓ ଇଡି ପହଞ୍ଚିବ। ବର୍ତ୍ତମାନ ଇଡି ପହଞ୍ଚିଛି ଆଗକୁ ମଧ୍ୟ ଚଢଉ ଚାଲିବ, ଯେଉଁମାନେ ଏଥିରେ ଲିପ୍ତ ରହିବେ ଆଗକୁ ସେମାନଙ୍କୁ ସାବଧାନ ରହିବାକୁ ମନ୍ତ୍ରୀ ବିଭୂତି ଭୂଷଣ ଜେନା କଡା ଚେତାବନୀ ଦେଇଛନ୍ତି। ଏକ୍ଷେତ୍ରରେ ବର୍ତ୍ତମାନ ମନ୍ତ୍ରୀ ଶ୍ରୀ ଜେନା ଦେଇଥିବା ମନ୍ତବ୍ୟ ତାଙ୍କ ପାଇଁ ବୁମେରାଂ ହେବନି ତ ବୋଲି ସାଧରଣରେ ପ୍ରଶ୍ନ ଉଠିଛି। କାରଣ ମନ୍ତ୍ରୀଙ୍କ ନିଜ ସହଯୋଗୀ ଯେତେବେଳେ ଏଥିରେ ସମ୍ପୃକ୍ତ ଏବଂ ତାଙ୍କ ଘରେ ଇଡି ଚଢଉ କରିଛି ତେବେ ତାଙ୍କର ତାଗିଦ ଓ ଚେତାବନୀ କାହା ପାଇଁ ବୋଲି ପାଲଟା ପ୍ରଶ୍ନ କରିଛନ୍ତି ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି।

## ରାଜନୈତିକ ନୁହେଁ; ଇର୍ଷା ପରାୟଣତା: ହୃଷୀ

ବ୍ରହ୍ମପୁର,୧୯ ।୧(ସମିସ): ବାଲି ଓ ମୋରମ ଭଳି ବିଭିନ୍ନ ଲଘୁ ଖଣିଜ ସମ୍ପଦର ବେନିୟମ କାରବାରକୁ ନେଇ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏଥିରୁ ବାଦ ପଡିନଥିଲେ ଶେରଗଡର ଠିକାଦାର ତଥା ସମାଜସେବୀ ହୃଷୀକେଶ ପାଢୀ। ଚଢ଼ଉକୁ ଅତିରଞ୍ଜିତ କରି ଆଲୋଚନା ହେଉଥିବା ବେଳେ ଏନେଇ ମୁହଁ ଖୋଲିଛନ୍ତି ଠିକାଦାର ହୃଷୀକେଶ। ତାଙ୍କର କହିବା କଥା ଗତ ୧୬ତାରିଖ ଶୁକ୍ରବାର ସକାଳ ପ୍ରାୟ ୭ଟା ବେଳେ କିଛି ପୁଲିସ କର୍ମଚାରୀଙ୍କ ସହ ଅଧିକାରୀମାନେ ତାଙ୍କର ଶେରଗଡ଼ ସ୍ଥିତ ଘରକୁ ଆସିଥିଲେ। ସେମାନେ ନିଜକୁ ଇଡିର ଅଧିକାରୀ ବୋଲି ପରିଚୟ ଦେଇ ଘରର ଯାଞ୍ଚ କରିଥିଲେ। ଏଥିରେ ହୃଷୀକେଶ ଓ ତାଙ୍କ ପରିବାରବର୍ଗ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଯାଞ୍ଚ ବେଳେ ଇଡ଼ି ଅଧିକାରୀମାନେ ଘରେ ଗଚ୍ଛିତ ଥିବା ନଗଦ ୨୫ଲକ୍ଷ ଟଙ୍କାକୁ ଜବତ କରି ଏକ ବ୍ୟାଗରେ ନେଇଥିଲେ। ଯାହାର ରସିଦ ମଧ୍ୟ ସେମାନେ ଦେଇଥିଲେ। ଏଥିସହିତ ଘରୁ ପାଇଥିବା କିଛି ନଥିପତ୍ରକୁ ମଧ୍ୟ ସେମାନେ ନେଇଥିଲେ। ତେବେ ଇଡି ପକ୍ଷରୁ ହୋଇଥିବା ଚଢ଼ଉକୁ ନେଇ ଯେଉଁଭଳି ଭାବେ ଅତିରଞ୍ଜିତ କରି ପ୍ରଚାର କରାଯାଉଛି ସେଭଳି କିଛି ନାହିଁ। କୌଣସି ବାଲି କିମ୍ବା ମଦ କାରବାରରେ ତାଙ୍କର କିମ୍ବା ପୁଅମାନଙ୍କର ସମ୍ପୃକ୍ତି ନଥିବା ସେ ସ୍ପଷ୍ଟ କରିଛନ୍ତି। ନିଜେ ଦୀର୍ଘବର୍ଷ ଧରି ଠିକାଦାର ଭାବେ କାର୍ଯ୍ୟ କରିଥିବା ବେଳେ ତାଙ୍କର ପୈତୃକ ସମ୍ପତ୍ତି ରହିଛି। ସେଥିରୁ ସେ ଗାଁରେ ଏକ ଶିରିଡି ସାଇଙ୍କ ମନ୍ଦିର ନିର୍ମାଣ କରିଛନ୍ତି। ବିଗତ ୪ବର୍ଷ ଧରି ମନ୍ଦିରର ହୁଣ୍ଡିରୁ ମିଳିଥିବା ଭକ୍ତଙ୍କ ଦାନ ଅର୍ଥ ସହିତ ନିଜର ଓ ପୁଅମାନଙ୍କର ବ୍ୟବସାୟ ସୂତ୍ରରୁ ପ୍ରାପ୍ତ ନିଜର କିଛି ନଗଦ ଟଙ୍କା ପ୍ରାୟ ଏକ ବର୍ଷ ଧରି ଘରେ ଗଚ୍ଛିତ ଥିଲା। ଉକ୍ତ ଟଙ୍କାକୁ ନେଇ ସ୍ଥାନୀୟ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଜମା କରିବାକୁ ଯାଇଥିବା ବେଳେ ମନ୍ଦିରର ଅର୍ଥକୁ ଜମା ରଖିବାକୁ ହେଲେ ଦେବୋତ୍ତର ବିଭାଗର ଅନୁମତି କ୍ରମେ ପୃଥକ ଭାବେ ଅନ୍ୟ ଏକ ବ୍ୟାଙ୍କ ଆକାଉଣ୍ଟରେ ରଖିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ପରାମର୍ଶ ଦେଇଥିଲେ। ଫଳରେ ଉକ୍ତ କାମରେ ବିଳମ୍ବ ଘଟିଥିଲା। ପରେ ସେ ଏକ ଦୁର୍ଘଟଣାର ଶୀକାର ହେବାରୁ ଉକ୍ତ କାମ ପୁଣି ଅଧିକ ବିଳମ୍ବ ହୋଇ ଉକ୍ତ ଟଙ୍କା ଘରେ ଗଚ୍ଛିତ ରହିଥିଲା। ଯାହାକୁ ଇଡ଼ି ଚଢଉ ବେଳେ ପାଇ ଜବତ କରିଥିବା ହୃଷୀକେଶ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ସେ ରାଜନୀତିରେ ସକ୍ରିୟ ନଥିବା ବେଳେ ଏହି ଚଢ଼ଉ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ ବରଂ ପରଶ୍ରୀକାତରତା ଓ ଇର୍ଷା ପରାୟଣ ହୋଇ ବ୍ୟକ୍ତିଗତ ଶତ୍ରୁତାରୁ ଏଭଳି ଚଢଉ ହୋଇଥିବା ସେ ଆଶଙ୍କା କରିଛନ୍ତି। ଆଗାମୀ ଦିନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ନୋଟିସ ଆସିଲେ ଆବଶ୍ୟକ ସମସ୍ତ ତଥ୍ୟ ସେ ଦେବାକୁ ପ୍ରସ୍ତୁତ ଥିବା କହିଛନ୍ତି।

## ଯୁବକଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ



ବ୍ରହ୍ମପୁର,୧୯ ।୧(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଶିଳ୍ପାଞ୍ଚଳ ଛକରେ ଜଣେ ଯୁବକଙ୍କୁ କାଠ ଫାଳିଆରେ ଆକ୍ରମଣ ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ନିକଟ ପଲିଗୁମୁଳାର ସାଇ ପ୍ରସାଦ ସାମନ୍ତରା(୨୫) ଓ ପାଟପୁର ଥାନା ଢେଙ୍ଗାଡିର ସୀମାଞ୍ଚଳ ପାତ୍ର(୧୯) । ପୁଲିସ ଅଭିଯୁକ୍ତଙ୍କଠାରୁ ଏକ ବାଇକ ଜବତ କରିଛି। ସୂଚନାଯୋଗ୍ୟ ଯେ, ଆଙ୍କୁଲି ଶ୍ରୀହରି ନଗର ନିବାସୀ ପ୍ରଦୀପ ବେହେରାଙ୍କ ଭାଇ ସୁଶାନ୍ତ ବେହେରା ଗତ ୭ତାରିଖ ଅପରାହ୍ନରେ ଶିଳ୍ପାଞ୍ଚଳ ଛକଦେଇ ଫେରୁଥିବା ବେଳେ କିଛି ଯୁବକ ତାଙ୍କୁ କାଠ ଫାଳିଆରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ପୁଲିସ ଘଟଣାର ତଦନ୍ତ ବେଳେ ସିସିଟିଭି ଫୁଟେଜ ଜରିଆରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି କାବୁ କରିଥିଲା। ଏହି ଘଟଣାରେ ଗୋଇଲୁଣ୍ଡିର ବାପୁନୀ ସାହୁ ଫେରାର ରହିଥିବା ଜଣାପଡ଼ିଛି। ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଆଜି କୋର୍ଟଚାଲାଣ କରଯାଇଛି।

● ମହାନଗର ମହୋତ୍ସବ ଅନ୍ତିମ ରଜନୀ

## ମନ ମୋହିଲା ନୃତ୍ୟ ଓ ସଙ୍ଗୀତ



ବ୍ରହ୍ମପୁର,୧୯।୧(ସମିସ): ମହାନଗର ସାଂସ୍କୃତିକ ପରିଷଦ ବ୍ରହ୍ମପୁର ପକ୍ଷରୁ ଦୀର୍ଘ ୧୦ଦିନ ଧରି ଚାଲିଥିବା ୧୩ତମ ମହାନଗର ମହୋତ୍ସବ ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମେୟର ସଂଘମିତ୍ରା ଦଳାଇ ଯୋଗଦେଇ ମହୋତ୍ସବ ଲାଗି ଗଞ୍ଜାମ ଜିଲ୍ଲାର କଳାର ବିକାଶ ହୋଇପାରିବ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ, ପ୍ରକାଶ ପଟ୍ଟନାୟକ, ଅଜିତ ସାହୁ, ସମାଜସେବୀ ସୁଶାନ୍ତ ସାବତ ଓ ପରିଷଦର ଆବାହକ ଇଂ. ଉମା ଶଙ୍କର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ତିମ ରଜନୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପରିବେଷଣ କରାଯାଇଥିବା ନୃତ୍ୟ ଓ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିବା ଦେଖିବାକୁ ମିଳିଥିଲା। ସାଂସ୍କୃତିକ ପରିଷଦ ପକ୍ଷରୁ ସମସ୍ତ କଳାକାରଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ କମିଟି ସଭାପତି ଗୋପାଳ ପଟ୍ଟନାୟକ, ସମ୍ପାଦକ ନାରାୟଣ ମହାଙ୍କୁଡ, ଉପସଭାପତି ଅନିଲ କୁମାର ପାତ୍ର, ମିହିର ତ୍ରିପାଠୀ, ରାମ ପ୍ରସାଦ ସାମଲ, ସହ ସମ୍ପାଦକ ଶିବ ନାରାୟଣ ପଣ୍ଡା, ଶଙ୍କର ଗୋସ୍ୱାମୀ, ସାଂସ୍କୃତିକ ସଂଯୋଜକ କାର୍ତ୍ତିକ ପାଣିଗ୍ରାହୀ, ରଶ୍ମିତା ପାଣିଗ୍ରାହୀ, ସାଂସ୍କୃତିକ ସମ୍ପାଦକ ସୁଦିପ କୁମାର୍ ସାହୁ ଓ ମିଡ଼ିଆ ସଂଯୋଜକ ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସିଟି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




ବ୍ରହ୍ମପୁର,୧୯।୧(ସମିସ): ଆମ୍ବପୁଆ ସ୍ଥିତ ବ୍ରହ୍ମପୁର ସିଟି ମହାବିଦ୍ୟାଳୟର ୪୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ଅଧ୍ୟକ୍ଷ ଡ. ଜୟନ୍ତ ବାନାର୍ଜୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଧ୍ରୁବଚରଣ ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାର ମହତ୍ୱ ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ମହାବିଦ୍ୟାଳୟର ପ୍ରାକ୍ତନ ଖେଳ ଶିକ୍ଷକ ସଚ୍ଚିଦାନନ୍ଦ ଦାଶ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅର୍ଜୁନ ପୁରସ୍କାର ବିଜେତା ଓ ଅଲମ୍ପିକ୍ କ୍ରୀଡାରେ ସ୍ୱର୍ଣ୍ଣ ବିଜେତା କେ. ରବି କୁମାର ଯୋଗ ଦେଇ ବ୍ୟକ୍ତିତ୍ୱ ଗଠନରେ କ୍ରୀଡାର ଭୂମିକା ସମ୍ପର୍କରେ କହିଥିଲେ। ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅମୃତ ସାଗର ପୁରୋହିତ ଦୁଇଦିନ ଧରି କ୍ରୀଡା କାର୍ଯ୍ୟକ୍ଷେତ୍ରରେ ଅତିଥି ଭାବେ ସହଯୋଗ କରିଥିଲେ। ଅନ୍ୟତମ ଅତିଥି ଭାବେ ଭାରତୀ ବିଦ୍ୟାପୀଠର କ୍ରୀଡା ଶିକ୍ଷକ ପ୍ରତୀରଞ୍ଜନ ପ୍ରଧାନ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଯୁକ୍ତ ତିନି କ୍ରୀଡା ସଂସଦର ସମ୍ପାଦକ ଅଧ୍ୟାପକ ପ୍ରଦୀପ ଦାସ ଏବଂ ଯୁକ୍ତ ଦୁଇ କ୍ରୀଡା ସଂସଦର ସଭାପତି ଅଧ୍ୟାପକ ଡ.ପ୍ରତାପ ଚନ୍ଦ୍ର ନାୟକଙ୍କ ସଂଯୋଜନା କରିଥିଲେ।

● ଆକ୍ରମଣକାରୀ ସୋସିଆଲ ମିଡିଆରେ ପୋଷ୍ଟ କରୁଛି ଏତଲା କପି

## ଗିରଫ ଓ ସୁରକ୍ଷା ଦାବିରେ ଏସ୍‌ପିଙ୍କୁ ଭେଟିଲେ ଗ୍ରାମବାସୀ

ବ୍ରହ୍ମପୁର,୧୯ ।୧(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଦିନକୁ ଦିନ ଅପରାଧିଙ୍କ ସାହାସ ବଢିବାରେ ଲାଗିଛି। ଗୋଳନ୍ଥରା ଥାନା ଅନ୍ତର୍ଗତ ବାଘଲଟି ଗ୍ରାମର ସନାତନ ଗୌଡଙ୍କ ପୁଅ ଭାବଗ୍ରାହୀ ଓରଫ କାହ୍ନା ଗୌଡଙ୍କ ଉପରେ ଗତ ୧୮ତାରିଖ ଦିନ ଦ୍ୱିପହରରେ ହୋଇଥିଲା ସଂଘବଦ୍ଧ ତଥା ମରଣାନ୍ତକ ଆକ୍ରମଣ। ଉଭୟେ ବାପା ଓ ପୁଅ ପ୍ଲମ୍ବର କାମ ପାଇଁ ତୁଲୁ ରୋଡକୁ ଯାଉଥିବା ବେଳେ ଭାବଗ୍ରାହୀଙ୍କ ଉପରେ ଆକ୍ରମଣ ହୋଇଥିଲା। ବାଘଲଟି ଗ୍ରାମର ଶଙ୍କର ଗୌଡ଼ ଓ ତାର ସହଯୋଗୀ ପ୍ରାୟ ୧୬ଜଣରୁ ଊର୍ଦ୍ଧ୍ୱ ସଂଘବଦ୍ଧ ଆକ୍ରମଣ କରିଥିଲେ। ଗ୍ରାମବାସୀ ପହଞ୍ଚିଯିବାରୁ ଆକ୍ରମଣକାରୀ ଚମ୍ପଟ ମାରିଥିଲେ। ଏନେଇ ଆହତ ଭାବଗ୍ରାହୀଙ୍କ ବାପା ଦେଇଥିବା ଲିଖିତ ଏତଲା ପ୍ରକାରେ ପୁଲିସ ବାଘଲଟି ଗ୍ରାମର ଶଙ୍କର ଗୌଡ, ସନ୍ନ୍ୟାସୀ ଗୌଡ, ସାରଥୀ ଗୌଡ, ରାଜେନ୍ଦ୍ର ଗୌଡ, ଅନୀଲ ଗୌଡ, ଲିଲୁ ଗୌଡ, ଜିତୁ ଗୌଡ, ଶ୍ରୀକାନ୍ତ ଗୌଡ, ସୁଦର୍ଶନ ଗୌଡ, ମନୋଜ ଗୌଡ, ସୀମାଞ୍ଚଳ ଗୌଡ ଓରଫ ଦାଦୁ, ଶୁଭନ ଗୌଡ, ରୁଦ୍ର ପ୍ରସାଦ ଗୌଡ, ସୁନୀଲ ଗୌଡ, କାହ୍ନୁ ଚରଣ ଗୌଡଙ୍କ ସମେତ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରିଛି। ତେବେ ଏହି ଘଟଣାକୁ ଦୀର୍ଘ ୨୪ଘଣ୍ଟା ବିତି ଯାଇଥିବା ବେଳେ ପୁଲିସ କାହାରିକୁ ଗିରଫ କରିନାହିଁ। ଏଭଳି ପରିସ୍ଥିତିରେ ଅପରାଧୀମାନେ ଖୋଲାଖୋଲି ବୁଲୁଥିବାବେଳେ ପାଲଟା ସନାତନ ଥାନାରେ ଦେଇଥିବା ଏତଲା କପିକୁ ସୋସିଆଲ ମିଡିଆରେ ପୋଷ୍ଟ କରି ଆତଙ୍କ ସୃଷ୍ଟି କରିଛନ୍ତି। ଯାହାକୁ ନେଇ ସେମାନେ ପୁଲିସକୁ ଖୋଲା ଚାଲେଞ୍ଜ ଦେଇଥିବାବେଳେ ଏହାର ପୁଲିସର ମୁଣ୍ଡବ୍ୟଥାର କାରଣ ସାଜିଛି। ଯାହାକୁ ନେଇ ଭୟଭୀତ ଗ୍ରାମବାସୀ ଓ ଖୋଦ୍ ଆହତ ଭାବଗ୍ରାହୀଙ୍କ ବାପା ସନାତନ ଗୌଡ ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୋଗ ସମ୍ପର୍କରେ ଅବଗତ ହେବା ସହିତ ଘଟଣାକୁ ଗୁରୁତ୍ୱର ସହିତ ନେଇ ଏସପି ଡା ସର୍ବଣା ବିବେକ ଏମ ଅତିରିକ୍ତ ଏସପି ଆଲୋକ ଜେନାଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

■ ପୀତବାସ ପଣ୍ଡା ହତ୍ୟା ମାମଲା

## କୋର୍ଟରେ ଭର୍ଚୁଆଲରେ ହେଲା ଅଭିଯୁକ୍ତଙ୍କ କମିଟ୍‌ମେଣ୍ଟ

● ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟକୁ ମାମଲା ସ୍ଥାନାନ୍ତର

ବ୍ରହ୍ମପୁର,୧୯ ।୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା ବ୍ରହ୍ମପୁର ଏସଡିଜେଏମଙ୍କ କୋର୍ଟରେ କମିଟମେଣ୍ଟ ହୋଇ ସୋମବାର ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟକୁ ଯାଇଛି। କୋର୍ଟରେ କମିଟମେଣ୍ଟ ବେଳେ ଏହି ମାମଲାର ସମସ୍ତ ୧୬ଜଣ ଅଭିଯୁକ୍ତକୁ ଆଭାସୀ ମାଧ୍ୟମରେ ହାଜର କରାଯାଇଥିଲା। ଏଥି ସହିତ ନିୟମ ପ୍ରକାରେ ସମସ୍ତ ଅଭିଯୁକ୍ତଙ୍କ ଓକିଲଙ୍କୁ ଚାର୍ଜସିଟର ମାଗଣା ନକଲ କପି ପ୍ରଦାନ କରାଯାଇଛି। ଏହି ବହୁ ଚର୍ଚ୍ଚିତ ହତ୍ୟା ମାମଲାରେ ଆଗକୁ ଚାର୍ଜଫ୍ରେମ କରାଯାଇ ଖୁବଶୀଘ୍ର ବିଚାରଣ ଆରମ୍ଭ ହେବ ବୋଲି କୁହାଯାଉଛି। ପୀତବାସ ହତ୍ୟା ମାମଲାରେ ଗିରଫ ହୋଇ ଆଜକୁ ୩ ମାସରୁ ଊର୍ଦ୍ଧ୍ୱ କାଳ ଧରି ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସମେତ ପୂର୍ବତନ ମେୟର ପିଣ୍ଟୁ ଦାଶ, କର୍ପୋରେଟର ମଳୟ ବିଷୋୟୀ, ଆଇନଜୀବୀ ମଦନ ଦଳେଇଙ୍କ ସହ ମୋଟ ୧୬ଜଣ ଜେଲରେ ବନ୍ଦୀ ଅଛନ୍ତି। ପିଣ୍ଟୁ ଦାଶ ଫୁଲବାଣୀ ମଣ୍ଡଳ କାରାଗାରରେ ଥିବାବେଳେ ଅନ୍ୟ ୧୫ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି। ଏହି ମାମଲାର ବିଚାରଣା ବ୍ରହ୍ମପୁର ଏସଡିଜେଏମଙ୍କ କୋର୍ଟରେ ଚାଲୁଥିଲା। ଆଜି ଏହି ମାମଲାର କମିଟମେଣ୍ଟ ହୋଇ ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ଯାଇଥିଲା। ଏହି ସମୟରେ ସମସ୍ତ ୧୬ଜଣ ଅଭିଯୁକ୍ତ ଆଭାସୀରେ ଉପସ୍ଥିତ ଥିଲେ। ଜିଲ୍ଲା ଜଜ୍ ଏହି ମାମଲାର ବିଚାରଣା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍(ତୃତୀୟ)ଙ୍କ କୋର୍ଟକୁ ପଠାଇ ପାରନ୍ତି ବୋଲି ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ କହିଛନ୍ତି। ସାଂସଦ ଓ ବିଧାୟକଙ୍କ ମାମଲାର ବିଚାରଣା ପାଇଁ ଉକ୍ତ କୋର୍ଟ ଉଦ୍ଦିଷ୍ଟ ରହିଥିବା ବେଳେ ଏଥିରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଗିରଫ ହୋଇଥିବାରୁ ମାମଲାଟି ଏଭଳି ଆଶଙ୍କା ଥିବା ଶ୍ରୀ ପଟ୍ଟନାୟକ କହିଛନ୍ତି। ପ୍ରକାଶ ଥାଉକି, ପୁଲିସ ପକ୍ଷରୁ କୋର୍ଟରେ ଚାର୍ଜସିଟ ଦାଖଲ ପରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଜାମିନ ପାଇଁ ହୋଇକୋର୍ଟର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି।

## ପ୍ଲାଟଫର୍ମରୁ ଗଞ୍ଜେଇ ଜବତ; ଯୁବକ ଗିରଫ

ବ୍ରହ୍ମପୁର,୧୯।୧(ସମିସ): ବ୍ରହ୍ମପୁର ରେଳବାଇ ଥାନା(ଜିଆର୍‌ପି) ପୁଲିସ ବ୍ରହ୍ମପୁର ରେଳଷ୍ଟେସନରୁ ଟ୍ରେନ ଯୋଗେ ଗଞ୍ଜେଇ ଚାଲାଣ ଅଭିଯୋଗରେ କେରଳ ଥିରୁଅନନ୍ତପୁରମ୍ ଅଞ୍ଚଳର ରବିନ୍ ଆର୍(୩୬)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୧୧.୫ କେଜି ଗଞ୍ଜେଇ ଜବତ ହୋଇଥିବାବେଳେ ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ଆର୍‌ପିଏଫ୍ ସିଆଇବି ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେସନରେ ପାଟ୍ରୋଲିଂ ବେଳେ ୨ ନମ୍ବର ପ୍ଲାଟଫର୍ମ ଲାଞ୍ଜିପଲ୍ଲୀ ଆଡ଼କୁ ଜଣେ ଯୁବକ ଏକ ପିଙ୍କ ଟ୍ରଲି ବ୍ୟାଗ୍ ଧରି ବସିଥିଲେ। ସନ୍ଦେହରେ ପୁଲିସ ତାଙ୍କ ବ୍ୟାଗ୍ ଯାଞ୍ଚବେଳେ ସେଥିରୁ ଗଞ୍ଜେଇ ମିଳିଥିଲା।

## ଡକାୟତି ମାମଲାରେ ଫେରାର ପେଚୁ ଓ ବାବୁ ଗିରଫ



ବ୍ରହ୍ମପୁର,୧୯ ।୧(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନିକଟସ୍ଥ ସିଲ୍‌କ ସିଟି ଲୋର୍ଜ ନିକଟରେ ଡକାୟତି କରିବା ଓ ଜଣେ ଡ୍ରାଇଭରକୁ ହତ୍ୟା କରିବା ଯୋଜନା କରି ଫେରାର ଥିବା ଦୁଇ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଲାଞ୍ଜିପଲ୍ଲୀ କୃଷ୍ଣ ନଗରର ଏନ୍. ପ୍ରସାଦ ପାତ୍ର ଓରଫ ପେଚୁ (୨୬) ଓ ଲାଞ୍ଜିପଲ୍ଲୀ ଢ଼ିପସାହିର ବାବୁ ଗୌଡ଼(୩୫) । ଏମାନେ ଡକାୟତି ପାଇଁ ଯୋଜନା କରିବା ସହ ଲାଞ୍ଜିପଲ୍ଲୀ ରାମକୃଷ୍ଣ ନଗର ରାଜୁ ଦୋରା ନାମକ ଜଣେ ଯୁବକଙ୍କୁ ହତ୍ୟା ପାଇଁ ଯୋଜନା କରୁଥିଲେ ବୋଲି ପୁଲିସ ଜେରା ବେଳେ ଜାଣିବାକୁ ପାଇଛି। ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ ସୋମବାର କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୨୫ ରାତିରେ ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂ ବେଳେ କିଛି ଅସାମାଜିକ ଯୁବକ ଜାତୀୟ ରାଜପଥରେ ଏକତ୍ରିତ ହୋଇ ଡକାୟତି ପାଇଁ ଯୋଜନା କରୁଥିବା ଖବର ପାଇ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଡ଼କାୟତ ଗ୍ୟାଙ୍ଗର ଯୁବକମାନେ ଖସି ପଳାଇଥିବାବେଳେ ଜଣେ ୧୬ବର୍ଷର ନାବାଳକଙ୍କୁ ପୁଲିସ ଧରିଥିଲା। ଘଟଣାସ୍ଥଳରୁ ଗୋଟିଏ ବୋମା, ୩ଗୋଟି କାତି ଓ ମଦ ବୋତଲ ଜବତ କରିଥିଲା। ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋଡର୍‌ରେ ହାଜର ପରେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଉକ୍ତ ନାବାଳକଙ୍କ ବୟାନ ଅନୁଯାୟୀ ପୁଲିସ ଫେରାର ଅଭିଯୁକ୍ତ ପେଚୁ ଓ ବାବୁଙ୍କୁ ଚିହ୍ନଟ କରିଥିଲା। ପେଚୁ ନାଁରେ ପୂର୍ବରୁ ଚୋରି, ଡକାୟତି ଓ ହତ୍ୟା ଉଦ୍ୟମ ଭଳି ଏକାଧିକ ମାମଲା ରହିଥିବା ପୁଲିସ ତଦନ୍ତରେ ଜଣାପଡିଛି। ବର୍ତ୍ତମାନ ଏସଆଇ ରଞ୍ଜିତ ମହାପାତ୍ର ଏହି ଘଟଣା ତଦନ୍ତ ଜାରି ରଖିଛନ୍ତି।

## ଜିହ୍ୱାପାକ ସଚେତନା ଓ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର,୧୯ ।୧(ସମିସ): ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଜିହ୍ୱାପାକ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆରୋଗ୍ୟ ଭାରତୀର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଛନ୍ତି ଯେ, ବିଶେଷତଃ ଶୀତଋତୁରେ କଫ, ପିତ୍ତ ବୃଦ୍ଧି ହୋଇ ଜୀବାଣୁ ସଂକ୍ରମିତ ହୁଏ, ଏହାଦ୍ୱାରା ଜିହ୍ୱା, ମୁଖ ଓଠ ସନ୍ଧି ଓ ତାଲୁ ପାକ ହୁଏ। ଜିହ୍ୱା ମୁଖ ସଫା ନ ରଖିଲେ, ଦୀର୍ଘଦିନ ରୋଗଗ୍ରସ୍ତ ରହିଲେ ଓ ଶିଶୁମାନଙ୍କୁ ବୋତଲ କ୍ଷୀର ଦେଲେ ଏହି ରୋଗ ହୁଏ। ଏହାର ପରିଣାମ ଆମବାତ, ହୃଦୟ ରୋଗ। ମୁଖ ସଫା ରଖି ଯାଇପତ୍ରୀ, ପିଜୁଳି ପତ୍ର, ନିର୍ଗୁଣ୍ଡି ପତ୍ର, ତୁଳସୀ ପତ୍ର ଏଥିରୁ ଯେକୌଣସି ଗୋଟିଏ ପତ୍ର ଚୋବାଇଲେ ବା ସିଝାଇ ବାରମ୍ବାର କୁଳିକଲେ ଭଲ ହୋଇଯାଏ। ଏହି ଅବସରରେ ରୋଗୀଙ୍କ ନାଡ଼ୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି.ଶ୍ରୀନିବାସ ରାଓ।



### ମା' ବୁଢ଼ୀ ଠାକୁରାଣୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପ୍ରଥମ ମ୍ୟାଚ୍ ଜିତିଲା ରାଜପୁତ ଟିମ୍

ବ୍ରହ୍ମପୁର, ୧୯।୧ (ସମିସ): ସ୍ଥାନୀୟ ମହାତ୍ମାଗାନ୍ଧି ଷ୍ଟାଡିଅମରେ ଷଷ୍ଠତମ ମା' ବୁଢ଼ୀ ଠାକୁରାଣୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ସମ୍ମାନିତ ଅତିଥି ଭାବେ ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ ଯୋଗଦେଇ ମ୍ୟାଚକୁ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ ଶାସମଲ, କର୍ପୋରେଟର ଟି. କିଶୋର ପାତ୍ର, ଡି. କରୁଣା କର, ପ୍ରଦୀପ କୁମାର ଶତପଥି, ନୀଳକଣ୍ଠ ସାହୁ, ତ୍ରିପତି ପାତ୍ର, ରଞ୍ଜିତା ବେହେରା, ବିଜେଡି ନେତା ପ୍ରଣୟ ପଟ୍ଟନାୟକ, ବିଜେପି ନେତା ସଚିନ ପଣ୍ଡା, ବୁଢ଼ୀ ଠାକୁରାଣୀ ଟିମ୍‌ର ସଭାପତି ଗଣେଶ ସାହୁ ଓ ବରିଷ୍ଠ ସାମ୍ବାଦିକ ସୁଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟଟ ୧୯ରୁ ଆରମ୍ଭ ହୋଇ ୨୫ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୭ଦିନ ଚାଲିବ। ଏଥିରେ ୧୨ଟି ଦଳ ଭାଗ ନେଇଛନ୍ତି।

ପ୍ରଥମ ମ୍ୟାଚ ବ୍ରହ୍ମପୁରର ରାଜପୁତ କ୍ରିକେଟ କ୍ଲବ ବନାମ ରମ୍ଭା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଜପୁତ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୯୦ ରନ କରିଥିଲେ। ଦଳ ପକ୍ଷରୁ କେ. ପ୍ରକାଶ ୩୧ବଲ ଖେଳି ୬୧ରନ ଓ ସିଦ୍ଧୁ ଦୁପାନା ୪୦ବଲ ଖେଳି ବ୍ୟକ୍ତିଗତ ୫୧ରନ କରିଥିଲେ। ସେହିପରି ରମ୍ଭା କ୍ରିକେଟ କ୍ଲବ ପକ୍ଷରୁ ବୋଲିଂରେ ଉପେନ୍ଦ୍ର ପ୍ରଧାନ ୪ଓଭରରେ ୩୬ ରନ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ରମ୍ଭା କ୍ରିକେଟ କ୍ଲବ ୧୮ ଓଭର ୧ଟି ବଲରେ ଖେଳି ସମସ୍ତ ୱିକେଟ୍ ହରାଇ



୧୦୬ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ରାଜପୁତ ଦଳ ୮୪ରନ ବିଜୟ ଲାଭ କରିଥିଲା। ମ୍ୟାଚରେ ରାଜପୁତ ଟିମର ମହମ୍ମଦ ଅସଫାକ୍‌କୁ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ମ୍ୟାଚରେ ଅମ୍ପାୟାର ଭାବେ ଦେବବ୍ରତ ଦେଓ ଓ ପୂର୍ଣ୍ଣଚନ୍ଦ୍ର ନାୟକ ଖେଳ ପରିଚଳନା କରିଥିବା ବେଳେ ସ୍କୋରର ଭାବେ ଦୀପାଂଶୁ ଦାସ ସହଯୋଗ କରିଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୮୪ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ରାଜକନିକା,୧୯ ।୧(ସମିସ)



ରାଜକନିକା ବ୍ଲକ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର୍ ଆୟାର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ଡେପୁଟି କଲେକ୍ଟର ଦୀପ୍ତିମୟୀ ପ୍ରଧାନ, ରାଜକନିକା ବିଡିଓ କୈଳାସ ମହାଳିକ, କନିକା ତହସିଲଦାର ଭାନୁମତୀ ମାଝୀ ପ୍ରମୁଖ ଯୋଗଦେଇ ୧୮୪ଟି ଅଭିଯୋଗର ଶୁଣାଣି କରିଥିଲେ। ବରୁଣାଡିହା ଗାଁର ହାମଲେଟ ବନିଡ଼ିହପାଟଣାରେ ଥିବା ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି ସେଣ୍ଟର ପର୍ଯ୍ୟନ୍ତ ରାସ୍ତା ନ ଥିବା ନେଇ ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ଜିଲ୍ଲାପାଳ ତଦନ୍ତ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କାଟଣା, ସିଙ୍ଗିଡି ପାର୍କରେ ଅଚଳାବସ୍ଥା ଲାଗି ରହିଥିବା ନେଇ ସଭ୍ୟମାନେ ଅଭିଯୋଗ କରିଥିଲେ। ସିଙ୍ଗିଡି ପାର୍କକୁ କାଟଣା-ବଣିଆଁ ପାର୍କ ସହ ମିଶାଯାଇ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଜିଲ୍ଲାପାଳ କହିଥିଲେ। ବାଲି ଚୋରାଚାଲାଣ ରୋକିବାକୁ ଏନଫୋର୍ସ ଟିମ୍ ଗଠନ କରାଯାଇଥିବା ଜିଲ୍ଲାପାଳ କହିଛନ୍ତି। ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୯୪ଟି ସମାଧାନ ହୋଇଥିବା ଓ ୫୩ଟି ବିଚାରଧୀନ ଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ।

## ବଡ଼କୂଳ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ମହାକାଳପଡ଼ା,୧୯।୧(ସମିସ): ବଡ଼କୂଳ ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମ୍ପାଦକ ମନୋରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ରଞ୍ଜନ ରାଉତ, ନିର୍ଦ୍ଦେଶକ ଟହଲି ସୂତାର, ଅଭୟ ରାଉତ, ହରପ୍ରିୟା ଲେଙ୍କା, ପ୍ରଶାନ୍ତ ସ୍ୱାଇଁ, ଦୀପ୍ତିମୟୀ ବିଶ୍ୱାଳ, ଭାରତୀ ରାଉତ, ରୁବିନା ରାଉତ, ଚାଷୀ ଅନାମ ରାଉତ, ରତ୍ନାକର ରାଉତ, ହିରାମଣୀ ରାଉତ ପ୍ରମୁଖ ଉପସ୍ଥିତ ଥିବାବେଳେ କର୍ମଚାରୀ ପ୍ରଶାନ୍ତ ରାଉତ ଓ ନୀଳମଣି ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଦାନପୁର ସମବାୟ ସମିତିର ସାଧାରଣ ସଭା ଓ ମଣ୍ଡି ଉଦ୍‌ଘାଟନ

ଡେରାବିଶ,୧୯।୧(ସମିସ): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ଅଧୀନ ଦାନପୁର ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହେବା ସହ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ପରିଚାଳନା କମିଟିର ସଭାପତି ପର୍ଶୁରାମ ମଲ୍ଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମବାୟ ସମିତି ନିବନ୍ଧକ ପ୍ରଭାକର ନାୟକ, ଉପନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ, ବିଡିଓ ନମିତା ବାରିକ, ଯୋଗାଣ ଅଧିକାରୀ ସ୍ୱରୂପ ଦାସ, କଟକ ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କ ଚାନ୍ଦୋଳ ଶାଖା ପରିଚାଳକ ପ୍ରଦୀପ୍ତ ରଞ୍ଜନ ସାହୁ ଏବଂ ସମବାୟବିତ୍ ଗୌରାଙ୍ଗ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ଚଳିତ ବର୍ଷର ବଜେଟ୍, ବାର୍ଷିକ ଜମା ଓ ଖର୍ଚ୍ଚ ମଧ୍ୟ ଅନୁମୋଦନ କରାଯାଇଥିଲା ପରେ ଧାନମଣ୍ଡିକୁ ଡିଆରସିଏସ୍ ଶ୍ରୀ ନାୟକ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ସମିତି ୭୯୩୫ କ୍ୱିଣ୍ଟାଲ ଧାନ କ୍ରୟ କରିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ସମିତିକୁ ଟାର୍ଗେଟ୍ ଦିଆଯାଇଛି। ଧାନକ୍ରୟ କମିଟି ଓ ନୋଡାଲ ଅଫିସର ଧାନ କ୍ରୟ ସମୟରେ ଉପସ୍ଥିତ ରହିବେ।

## ଭିତରକନିକାରେ ଡଲଫିନ ଗଣନା ପାଇଁ ପ୍ରଶିକ୍ଷଣ



ରାଜନଗର,୧୯।୧(ସମିସ): ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥାରେ ସାମୁଦ୍ରିକ ଅଭୟାରଣ୍ୟରେ ମଙ୍ଗଳବାରଠାରୁ ଆରମ୍ଭ ହେବ ଡଲଫିନ ଗଣନା। ଏହା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଧାମରା ମୁହାଁଣଠାରୁ ଦେବୀ ମୁହାଁଣ ଯାଏଁ ସମୁଦ୍ର ଓ ଭିତରକନିକାରେ ଥିବା କ୍ରିକ୍ ଓ ନଦୀରେ ୯ଟି ଗଣନାକାରୀ ଟିମ୍ ଡଲଫିନ ଗଣନା କରିବେ। ସମୁଦ୍ର ମଧ୍ୟରେ ୫ଟି ଟିମ୍ ଓ ନଦୀ, କ୍ରିକ୍‌ରେ ୪ଟି ଟିମ୍ ଡଲ୍‌ଫିନ୍ ଗଣନା କରିବେ। ଆଜି ଗୁପ୍ତିଠାରେ ଗଣନାକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଡକ୍ଟର ଶିବପ୍ରସାଦ ପରିଡା, ଏସିଏଫ ମାନସ ଦାସ, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ମହାକାଳପଡା ରେଞ୍ଜ ଅଫିସର ଶାନ୍ତନୁ ଦଳାଇ ପ୍ରଶିକ୍ଷଣ ଦେଇଛନ୍ତି। ସକାଳ ୬ଟାରୁ ୧୨ଟା ଯାଏଁ ଡଲଫିନ ଗଣନା କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବନପାଳ ବିଭୂତି ତରାଇ, ବିଜୟ ପାତ୍ରଙ୍କ ସମେତ ବନ କର୍ମଚାରୀ ତାଲିମ ନେଇଥିଲେ।

● ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି

## ମୁକ୍ତେଶ୍ୱରକୁ ହରାଇ ୟୁନାଇଟେଡ ଚାମ୍ପିଅନ୍

ରାଜନଗର, ୧୯।୧(ସମିସ): ବଡ଼ପଲ୍ଲୀ ମିନି ଷ୍ଟାଡ଼ିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି ଉଦ୍‌ଯାପିତ ହୋଇଛି। ଫାଇନାଲରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ୭ ରନରେ ହରାଇ ବ୍ରହ୍ମପୁର ୟୁନାଇଟେଡ ଇଲେଭେନ ଚାମ୍ପିଅନ ହୋଇଛି। ପ୍ରଥମେ ୟୁନାଇଟେଡ ଇଲେଭେନ ବ୍ୟାଟିଂ କରି ୨୨ ଓଭରରେ ୭ ୱିକେଟ ହରାଇ ୨୩୮ ରନ କରିଥିଲା। ଜବାବରେ ମୁକ୍ତେଶ୍ୱର ସମାନ ସଂଖ୍ୟକ ୱିକେଟ ହରାଇ ୨୩୧ ରନ୍ କରି ପରାସ୍ତ ହୋଇଥିଲା। ସୁରତାଜ ମଞ୍ଜୁରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍, ଇଲୁ ଗୋଛାୟତଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ସୁରେଶ କୁମାର ରାଉତରାୟ ଯୋଗଦେଇ ଚାମ୍ପିଅନ ଦଳକୁ ନଗଦ ୫୦ ହଜାର ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଯୁବନେତା ରଜନୀକାନ୍ତ ଜେନା, ସମ୍ମାନିତ ଅତିଥି ଭାବେ ଚିନ୍ମୟ ଦାସ, ସରୋଜ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ ପଲ୍ଲୀଶ୍ରୀ ଯୁବକ ସଂଘର ସଭାପତି ତପନ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜୀବ ମିଶ୍ର ଡେରାବିଶ ବ୍ଲକ୍ କଂଗେସ ସଭାପତି

ଡେରାବିଶ,୧୯।୧(ସମିସ): ପାଟକୁରା ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟିକୁ ସୁଦୃଢ଼ କରିବା ପାଇଁ ଡେରାବିଶ ବ୍ଲକ୍ କଂଗ୍ରେସ କମିଟି ସଭାପତି ଭାବେ ରାଜୀବଲୋଚନ ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ରାଜୀବଙ୍କୁ ସଭାପତି ଦାୟିତ୍ୱ ଦେଇଛନ୍ତି। ଦକ୍ଷ ଯୁବ ସଂଗଠକ ଭାବେ ଡେରାବିଶ ବ୍ଲକ ଅଞ୍ଚଳରେ ରାଜୀବ ପରିଚିତ ଥିବାବେଳେ ତାଙ୍କୁ ଏଭଳି ଗୁରୁଦାୟିତ୍ୱ ଦିଆଯାଇଥିବାରୁ କଂଗ୍ରେସ କର୍ମୀ



ମହଲରେ ଉତ୍ସାହ ଦେଖାଦେଇଛି। ଏଥିପାଇଁ ରାଜୀବ ପିସିସି ସଭାପତି ଭକ୍ତଚରଣ ଦାସ, ଜିଲ୍ଲା ସଭାପତି ଡା. ଦେବସ୍ମିତା ଶର୍ମା, ପାଟକୁରା ନିର୍ବାଚ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଡ. ରତିକାନ୍ତ କାନୁନ୍‌ଗୋ ଓ ସିଦ୍ଧାର୍ଥ ସ୍ୱରୂପ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ଶୋକସଭା

ଡେରାବିଶ,୧୯।୧(ସମିସ): ବରୀ-ଡେରାବିଶର ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ଗତ ଗୁରୁବାର ଦିନ ବିୟୋଗ ଘଟିଥିଲା। ଶ୍ରୀ ରାଉତଙ୍କ ବିୟୋଗ ସମଗ୍ର ଡେରାବିଶ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିବାବେଳେ ଶୁକ୍ରବାର ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି କାମନା ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ। ଏ ଅବସରରେ ଅଧ୍ୟକ୍ଷ ଶ୍ରୀ ନାୟକଙ୍କ ସମେତ ଅଧ୍ୟାପକ ଅଧ୍ୟାପିକ ଏହି ମହାବିଦ୍ୟାଳୟର ଭିତ୍ତିଭୂମି ଓ ଶିକ୍ଷା ବ୍ୟବସ୍ଥାର ଉନ୍ନତି ସହ ଡେରାବିଶ ବ୍ଲକ ଅଞ୍ଚଳର ବିକାଶ ନିମନ୍ତେ ସ୍ୱର୍ଗତ ରାଉତଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

## ଗୀତା ଜ୍ଞାନ ପ୍ରତିଯୋଗିତାରେ ସତ୍ୟମ୍ ପ୍ରଥମ

ମହାକାଳପଡ଼ା,୧୯।୧(ସମିସ): ବୟସ ମାତ୍ର ଦଶ ବର୍ଷ। ଏହି ବୟସରୁ ସେ ଖେଳକୁଦ ସହିତ ଭଗବତ ଗୀତା ଅଧ୍ୟୟନ କରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସୁନାମ ଆଣୁଛନ୍ତି। ସେ ହେଉଛନ୍ତି ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ବରକନ୍ଧା ପଞ୍ଚାୟତ ଅନ୍ତର୍ଗତ ବରକନ୍ଧା ଗ୍ରାମର ସନ୍ତୋଷ ରାଉତ ଓ ମାହେଶ୍ୱରୀ ରାଉତଙ୍କ ପୁଅ ସତ୍ୟମ ରାଉତ। ସେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରକନ୍ଧା-ଛେଡାକଣୀରେ ଚତୁର୍ଥ ଶ୍ରେଣୀର ଛାତ୍ର। ପିଲାଟି ଦିନରୁ ବାପାମାଆଙ୍କ ନିର୍ଦ୍ଦେଶନାରେ ଭଗବତ୍ ଗୀତା ଅଧ୍ୟୟନ କରିଆସୁଛନ୍ତି। ଏହି ଗୀତା ଅଧ୍ୟୟନ କରି ସେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଆଣୁଛନ୍ତି। ଗୀତା ଆବୃତ୍ତି ପ୍ରତିଯୋଗିତାରେ ସତ୍ୟମ୍ ବ୍ଲକ୍ ସ୍ତରରୁ ଜିଲ୍ଲା ସ୍ତରକୁ ଯାଇଛନ୍ତି। ଗୁରୁବାର ଗାନ୍ଧିଜୀ ନୋଡାଲ ବିଦ୍ୟାପୀଠ, ଗୋଜବନ୍ଧଠାରେ ଆୟୋଜିତ ଗୀତା ଜ୍ଞାନ ପ୍ରତିଯୋଗିତାରେ ଗୀତା ଆବୃତ୍ତି କରି ସତ୍ୟମ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସତ୍ୟମଙ୍କୁ ପାରଦର୍ଶିତା ପ୍ରମାଣ ପତ୍ର ସହିତ ୫୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ପିଲାଙ୍କ ମଧ୍ୟରେ ଆଧ୍ୟାତ୍ମିକତା ପରିବେଶ ସୃଷ୍ଟି ପାଇଁ ଆୟୋଜିତ ହୋଇଥିବା ଏହି ଗୀତା ଜ୍ଞାନ ପ୍ରତିଯୋଗିତାକୁ ପୂର୍ବତନ ଶିକ୍ଷକ ଅଙ୍ଗଦ ରାଉତ ଆୟୋଜନ କରିଥିବାବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ଶିକ୍ଷାଧିକାରୀ ବିଦ୍ୟୁତ ଖୁଣ୍ଟିଆ, ଅତିଥି ଭାବେ ବିବସ୍ୱ ଲେଙ୍କା, ପ୍ରଧାନଶିକ୍ଷକ ବସନ୍ତ ଜେନା, ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବରକନ୍ଧା ପ୍ରିମିୟର ଲିଗ୍

ମହାକାଳପଡ଼ା,୧୯।୧(ସମିସ): ବରକନ୍ଧା ପଞ୍ଚାୟତର ବରକନ୍ଧା ଗ୍ରାମରେ ଚାଲିଥିବା ପଞ୍ଚମ ବରକନ୍ଧା ପ୍ରିମିୟର ଲିଗ୍‌ର ଦଶମ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜେପି ନେତା ସଞ୍ଜୟ ରଥ, ମୁଖ୍ୟବକ୍ତା ବଟୀଘର ପଞ୍ଚାୟତର ସମିତି ସଭ୍ୟ କୃଷ୍ଣପଦ ମଣ୍ଡଳ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଜଣେ ଶିକ୍ଷକରେ ଚାଲିଛି ଅଲେଖପୁର ବିଦ୍ୟାଳୟ | ୨୭ରେ ବିଇଓ ଅଫିସ ଘେରଉ

ପଟ୍ଟାମୁଣ୍ଡାଇ,୧୯।୧(ସମିସ): ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଅଲେଖପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୭୮ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ଏହି ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଶିକ୍ଷକ ଜଣକ ମଧ୍ୟାହ୍ନଭୋଜନ, ଅଫିସ କାମ କରୁଥିବାରୁ ଶିକ୍ଷାଦାନ ବ୍ୟାହତ ହେଉଛି। ଫଳରେ ଅଭିଭାବକ ମହଲରେ ଉଦବେଗ ପ୍ରକାଶ ପାଇଛି। ଶିକ୍ଷକ ନିଯୁକ୍ତି ଦାବିରେ ଗତ ନଭେମ୍ବର ୧୧ ତାରିଖରେ ଛାତ୍ରଛାତ୍ରୀ ସ୍କୁଲରେ ତାଲା ପକାଇ ଧାରଣାରେ ବସିଥିଲେ। ଅବିଳମ୍ବେ ଶିକ୍ଷକ ନିଯୁକ୍ତି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଇତିମଧ୍ୟରେ ୨ମାସ ବିତିଯାଇଥିଲେ ମଧ୍ୟ ବ୍ଲକ ଶିକ୍ଷା ବିଭାଗ ପ୍ରତିଶ୍ରୁତି ପାଳନ କରିନାହାନ୍ତି। ଫଳରେ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜାନୁଆରୀ ୨୬ ତାରିଖ ମଧ୍ୟରେ ଶିକ୍ଷକ ନିଯୁକ୍ତ କରା ନ ଗଲେ ୨୭ ତାରିଖରେ ବିଇଓ ଅଫିସ ଘେରଉ କରାଯିବ ବୋଲି ସରପଞ୍ଚ ପ୍ରିୟବ୍ରତ ଓଝା, ସମିତି ସଭ୍ୟ କୈଳାସ ପରିଡା, ଜୟନ୍ତ ନାୟକ, ବିଜୟ ନାୟକ, ଗୋପୀନାଥ ରାଉଳ, ଅରବିନ୍ଦ ରାଉଳ, ବାବନ ସୂତାର, ବିବେକାନନ୍ଦ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

## କମଳାକାନ୍ତ ଦାଶଙ୍କୁ ଉଦୟ ଇଣ୍ଡିଆ ପ୍ରତିଭା ସମ୍ମାନ




କେନ୍ଦ୍ରାପଡ଼ା,୧୯।୧(ସମିସ): ବିକଶିତ ଓଡ଼ିଶା ଭିଜନକୁ କେନ୍ଦ୍ର କରି ଉଦୟ ଇଣ୍ଡିଆ ପକ୍ଷରୁ ଆୟୋଜିତ ଜାତୀୟ ସମ୍ମିଳନୀରେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ ବ୍ରହ୍ମପୁର ଗ୍ରାମର ପ୍ରଫେସର କମଳାକାନ୍ତ ଦାଶଙ୍କୁ ଉଦୟ ଇଣ୍ଡିଆ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥ ସ୍ୱସ୍ତି ପ୍ରିମିୟମରେ ଆୟୋଜିତ ସମାରୋହରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ, ପଶୁ ସମ୍ପଦ ଉନ୍ନୟନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଶିକ୍ଷା, ସାହିତ୍ୟ, ମାଧ୍ୟମ, ସାର୍ବଜନିକ ନୀତି ଓ ଆନ୍ତର୍ଜାତିକ ସହଯୋଗ କ୍ଷେତ୍ରରେ ନିରନ୍ତର ଓ ନିଷ୍ଠାପୂର୍ଣ୍ଣ ଅବଦାନ ପାଇଁ ପ୍ରଫେସର ଦାଶଙ୍କୁ ଏହି ସମ୍ମାନ ଦିଆଯାଇଛି। ୨,୫୦୦ରୁ ଅଧିକ ସାକ୍ଷାତକାର ଓ ପ୍ୟାନେଲ ଆଲୋଚନା ମାଧ୍ୟମରେ ସେ ସାମ୍ପ୍ରତିକ ଘଟଣାବଳୀ, ଭାରତର ବିଦେଶ ନୀତି ଓ ବିଶ୍ୱ ଭୌଗୋଳିକ ପରିବର୍ତ୍ତନକୁ ସରଳ ଓଡ଼ିଆ ଭାଷାରେ ସାଧାରଣ ଲୋକଙ୍କ ପାଖକୁ ପହଞ୍ଚାଇଛନ୍ତି। କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲର ସହକାରୀ ପ୍ରତିଷ୍ଠାତା ଭାବେ ପ୍ରଫେସର ଦାଶ ଓଡ଼ିଶାର ସାହିତ୍ୟ, କଳା ଓ ସଂସ୍କୃତିକୁ ଜାତୀୟ ଓ ଆନ୍ତର୍ଜାତିକ ମଞ୍ଚରେ ପରିଚିତ କରାଇଛନ୍ତି।

## ଏମ୍‌ଏନ୍ ହାଇସ୍କୁଲର ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୧୯।୧(ସମିସ): ପିଏମ୍‌ଶ୍ରୀ ଏମ୍‌ଏନ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବିଡିଓ ଶୀତଲ ଅଗ୍ରୱାଲ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ମୁଖ୍ୟବକ୍ତା ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଶିକ୍ଷାବିତ ସଚ୍ଚିଦାନନ୍ଦ ଦାସ, ସ୍କୁଲ ପରିଚାଳନା କମିଟି ସଭାପତି ତପନ ଦାଶ, ପୁରାତନ ଛାତ୍ର ସଂସଦ ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଉତ୍ତମ ଶିକ୍ଷା ଗ୍ରହଣ କରି ଜୀବନରେ ସଫଳ ହେବା ସହିତ ଏହି ମହାନ ଶିକ୍ଷାନୁଷ୍ଠାନର ସୁନାମ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଅଶୋକ ଦାଶ ସ୍ୱାଗତ ଭାଷଣ ଓ ସରୋଜ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଶଶାଙ୍କ ସାହୁ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଅନୀତା ଧଳ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉତ୍ସବକୁ ସୁଜୟ ରାଉତରାୟ, ତାପସ ବେହେରା, ଅନୀଲ ଦାସ, ଅଭିଷେକ ନାୟକ, ଗୋମତୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ଅମୃତମଣୋହି ବାଳିକା ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ପଟ୍ଟାମୁଣ୍ଡାଇ,୧୯।୧(ସମିସ): ଅମୃତମଣୋହି ବାଳିକା ଉଚ୍ଚବିଦ୍ୟାଳୟ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବନ୍ଦେ ମାତରମ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଅମୀର ସେଠୀ, ସିଦ୍ଧ କଖାରୁଖିଆ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ ମଲିକ, ପ୍ରାକ୍ତନ ସରପଞ୍ଚ କୁଳମଣି ମଲିକ, ପ୍ରାକ୍ତନ ପ୍ରଧାନଶିକ୍ଷକ ଅଶୋକ ଦାସ, ଦୟାନିଧି ନାୟକ, ସତ୍ୟାନନ୍ଦ ବିଶ୍ୱାଳ, କାମିନୀ ପାତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଅଞ୍ଜନା ଧଳଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରୀତି ମଲିକ ଚାମ୍ପିଅନ ଟ୍ରଫି ହାସଲ କରିଥିଲେ। ଦେବୀ ସାହୁ ଅତିଥି ପରିଚୟ ଓ ସସ୍ମିତା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜୟହିନ୍ଦ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାସ୍କର ବେହେରା ଏହି କ୍ରୀଡ଼ାକୁ ଉଦଘାଟନ କରିଥିଲେ। ପଣ୍ଡିତ ଦେବୀ ଶତପଥୀ, ମନୋଜ ମଲିକ ଓ ରୂପାଲୀ ମଲ୍ଲିକ ପରିଚାଳନା କରିଥିଲେ।

## ଗ୍ରାମଦେବତୀଙ୍କ ସ୍ୱନକ୍ଷତ୍ର ଉତ୍ସବ

ଡେରାବିଶ,୧୯।୧(ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷବ୍ରହ୍ମପୁର ଗ୍ରାମର ଗ୍ରାମଦେବତୀ ମା’ କ୍ଷେତ୍ରପାଳଙ୍କ ସ୍ୱନକ୍ଷତ୍ର ଉତ୍ସବ ପବିତ୍ର ମକର ସଂକ୍ରାନ୍ତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ମା’ଙ୍କ ମହାସ୍ନାନ ପର୍ବ ପରେ ଷୋଡ଼ଷ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମବାସୀ ଦିନସମାମ ଭଜନ କୀର୍ତ୍ତନ କରିବା ପରେ ସନ୍ଧ୍ୟାରେ ବିଶେଷ ଆଳତିରେ ଗ୍ରାମବାସୀ ଯୋଗଦେଇଥିଲେ।

## ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ଶୋକସଭା

ପଞ୍ଚୁପାଣ୍ଡବ,୧୯।୧(ସମିସ): କୁରୁଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ପାଇଁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ମାନସୀ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ ବିଜେଡି ନେତା ହଳଧର ଦାଶ, ରବି ସାମଲ, ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶୋର ସିଂହ, ଡେରାବିଶ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସରୋଜ ସାହୁ, ଅଧ୍ୟାପକ ପ୍ରଭାକର ସାମଲ, ଗୋଲଖ ଚନ୍ଦ୍ର



ମହାଭୋଇ, କଂଗ୍ରେସ ନେତା ବିଦୁଭୂଷଣ ମହାପାତ୍ର, ସାହାଜାନ ଖାଁନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ସାମଲ, ଅଭିମନ୍ୟୁ ରାଉତ, ହୃଷିକେଶ ଦାଶ ପରିଚାଳନା କରିଥିଲେ।

## ପଟ୍ଟାମୁଣ୍ଡାଇ କୋର୍ଟ ଜଜ୍ ଓ ଓକିଲ ଟିମ୍ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍



ପଟ୍ଟାମୁଣ୍ଡାଇ,୧୯।୧(ସମିସ): ପଟ୍ଟାମୁଣ୍ଡାଇ କୋର୍ଟ ଜଜ ଟିମ ଓ ଓକିଲ ଟିମ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏନ ହାଇସ୍କୁଲ ପଡିଆରେ ଅନୁଷ୍ଠିତ କ୍ରିକେଟ ମ୍ୟାଚ୍‌କୁ ପଟ୍ଟାମୁଣ୍ଡାଇ କୋର୍ଟ ସିଭିଲ ଜଜ ଅପୂର୍ବ ଚୌଧୁରୀ ଓ ଜେଏମଏଫସି ବିଦ୍ୟୁତଲତା ପ୍ରଧାନ ଉଦ୍‌ଘାଟନ କରିଥିଲେ। ଓକିଲ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ୱିକେଟ ବିନିମୟରେ ୧୧୩ ରନ କରିଥିଲା। ଜବାବରେ ଜଜ ଟିମ ୭ ୱିକେଟ ହରାଇ ୧୦୧ ରନ୍ କରି ପରାସ୍ତ ହୋଇଥିଲା। ଓକିଲ ଟିମ୍‌ର ପ୍ରକାଶ ତାଡୁ ସର୍ବାଧିକ ୩୯ ରନ, ମନୋଜ ନାୟକ ୩୬ ରନ, ଅଶ୍ୱିନୀ ଚୌଧୁରୀ ୨୦ ରନ କରିଥିଲେ। ଜଜ ଟିମ ପକ୍ଷରୁ ଅଧିନାୟକ ସନ୍ତୋଷ ବେହେରା ୪୪ ରନ କରିଥିଲେ। ଓକିଲ ଟିମ୍‌ର ମନୋଜ ନାୟକ ୩ ୱିକେଟ୍ ହାସଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରା ଯାଇଥିଲା। ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



ଡେରାବିଶ, ୧୯।୧(ସମିସ): ନରସିଂପୁରର ପୂର୍ବତନ ସରପଞ୍ଚ ଅଲେଖ ଚନ୍ଦ୍ର ବେହେରା (୮୫)ଙ୍କର ପରଲୋକ ହୋଇଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ବିଜୁବାବୁଙ୍କ ଅନୁଗତ ଥିବା ସ୍ୱର୍ଗତ ବେହେରା ଅବିଭକ୍ତ ଏଣ୍ଡର ପଂଚାୟତ ଓ ପରେ ନରସିଂହପୁର ପଞ୍ଚାୟତରେ ତିନିଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ପରଲୋକରେ ବରିଷ୍ଠ ବିଜେଡି ନେତା ରବି ସାମଲ, ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ରାଜେଶ ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## କାଉପଡ଼ା ସମିତି ଧାନମଣ୍ଡି ଉଦ୍‌ଘାଟିତ

ଡେରାବିଶ,୧୯।୧(ସମିସ): କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମବାୟ ସମିତି ପରିଚାଳନା ପରିଷଦ ସଭାପତି ପ୍ରଶାନ୍ତ ଦାସ, ତହସିଲଦାର ସରୋଜ ନାୟକ ଅତିଥି ଭାବେ ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦିକା ସୁମନ ସଙ୍ଗୀତା ଦାସ ୬୫୮ ଜଣ ଚାଷୀ ନାମକୁ ପଞ୍ଜିକୃତ କରିଥିବା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡି ନୋଡାଲ ଅଫିସର ସାଇଦର୍ଶିନୀ ଲେଙ୍କା, ସମିତି ପରିଚାଳନା ପରିଷଦ ନିର୍ଦ୍ଦେଶିକା ରଶ୍ମୀବାଳା ଜେନା, ନିର୍ଦ୍ଦେଶକ ବିପିନ ବିହାରୀ, ସୁରେନ୍ଦ୍ର ବେହେରା, କାଶିନାଥ ନାୟକ ପ୍ରମୁଖଙ୍କ ସମେତ ଶତାଧିକ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ବଳଦେବଜୀଉ ମନ୍ଦିରକୁ ବୋମା ଆକ୍ରମଣ ଧମକ

# କାର୍ଯ୍ୟାନୁଷ୍ଠାନ ପାଇଁ ବଳଦେବ ସେନାର ଏସ୍‌ପିଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,୧୯।୧(ସମିସ)



ଶ୍ରୀବଳଦେବଜୀଉ ଓ ଶ୍ରୀଲଛମନଜୀଉଙ୍କ ମନ୍ଦିର ଉପରେ ବୋମା ଆକ୍ରମଣ କରିବାକୁ ଧମକ ଦିଆଯାଇଥିବା ସମ୍ବନ୍ଧୀୟ ଖବର ଦୈନିକ ‘ସକାଳ’ ଖବରକାଗଜରେ ପ୍ରକାଶ ପାଇବା ପରେ ଜିଲ୍ଲାରେ ଗଭୀର ଚିନ୍ତା ପରିବେଶ ସୃଷ୍ଟି ହୋଇଛି। ଏହି ଗମ୍ଭୀର ଘଟଣାକୁ ନେଇ ବଳଦେବ ସେନା ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ବଳଦେବ ସେନା ପକ୍ଷରୁ ଦାଖଲ ହୋଇଥିବା ଦାବିପତ୍ରରେ ଉକ୍ତ ଧମକ ଦେଇଥିବା ବ୍ୟକ୍ତିଙ୍କୁ ଶୀଘ୍ର ଚିହ୍ନଟ କରି ତାଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବା ସହ ମନ୍ଦିର ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବାକୁ ଦାବି କରାଯାଇଛି। ଦାବିପତ୍ର ଗ୍ରହଣ କରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏହି ଘଟଣା ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚର ସାଇବର ୟୁନିଟକୁ ସୂଚିତ କରାଯାଇଥିବା ସହ ଧମକ ସହ ଜଡିତ ବ୍ୟକ୍ତିଙ୍କୁ ଶୀଘ୍ର ଚିହ୍ନଟ କରି ଆଇନ ଅନୁସାରେ କଠୋର ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ସେହିପରି ମନ୍ଦିରର ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ମନ୍ଦିର ଫାଣ୍ଡିରେ ଅଧିକ ସଂଖ୍ୟକ ଆରକ୍ଷୀ ବାହିନୀ ନିଯୁକ୍ତି କରାଯିବ ବୋଲି ମଧ୍ୟ କୁହାଯାଇଛି।

ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ବଳଦେବଜୀଉ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିବାରୁ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ନିଶ୍ଚିତ କରିବା ପ୍ରଶାସନ ପାଇଁ ଏ ସମୟରେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଏଭଳି ଧମକମୂଳକ ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି କରୁଥିବାରୁ ତୁରନ୍ତ ଓ ଦୃଢ଼ ପଦକ୍ଷେପ ନେବାକୁ ସମସ୍ତଙ୍କ ପକ୍ଷରୁ ଦାବି ଜୋର ଧରିଛି। କେବଳ ମନ୍ଦିର ନୁହେଁ କେତେଜଣ ସାମ୍ବାଦିକ, ରାଜନୈତିକ ବ୍ୟକ୍ତି, ମହିଳାଙ୍କୁ ଟାର୍ଗେଟ କରି ଫେସବୁକର ଫେକ ଆଇଡି ଅନୀତା ପାଣି ଅପପ୍ରଚାର କରୁଥିବା ନେଇ ଏସପିଙ୍କୁ ଅଭିଯୋଗ ହୋଇଛି। ବଳଦେବ ସେନା ସଭାପତି ପପୁନ ସ୍ୱାଇଁ, ସମ୍ପାଦକ ଅମର ବାରିକ, ଉପଦେଷ୍ଟା ନିରଞ୍ଜନ ମେକାପ, ଆଶିଷ ପ୍ରଧାନ, ଆଶୁତୋଷ ପଣ୍ଡା ଓ ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟା

# ନାରୀ ସ୍ୱାଭିମାନର ପ୍ରତୀକ 'ଯାଜ୍ଞସେନୀ'

ଜଗତସିଂହପୁର,୧୯।୧(ସମିସ)



ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ଚାଲିଥିବା ପୁସ୍ତକ ମେଳାର ଆଜି ଥିଲା ପଞ୍ଚମ ଦିବସ। ଏହି ଅବସରରେ ଆୟୋଜିତ ସଭାରେ ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟା ଡ. ଜ୍ୟୋତିର୍ମୟୀ ମହାନ୍ତି ଅଧକ୍ଷତା କରିଥିଲେ। ଆଜିର ଆସରର ବିଷୟବସ୍ତୁ ଥିଲା "ନାରୀ ସ୍ୱାଭିମାନ: ଉପନ୍ୟାସ ଯାଜ୍ଞସେନୀ'। ଏଥିରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ରଞ୍ଜିତା ନାୟକ ଯୋଗଦେଇ କହିଥିଲେ ଯେ, ମହାଭାରତର କେନ୍ଦ୍ର ଚରିତ୍ର ଥିଲେ ଯାଜ୍ଞସେନୀ। ସଂସ୍କୃତ ମହାଭାରତ, ଶାରଳା ମହାଭାରତର କିଛି କଥା ଓ କିଛି କଳ୍ପନା ପ୍ରସୂତ କଥାବସ୍ତୁକୁ ନେଇ ଯାଜ୍ଞସେନୀ ରଚିତ। ଯାଜ୍ଞସେନୀ ଚରିତ୍ର ଅପମାନିତା, ଲାଞ୍ଛିତା, ଜର୍ଜରିତା ହୋଇ ମଧ ନାରୀ ଧର୍ମକୁ କୌଣସି ପରିସ୍ଥିତିରେ ଭୁଲି ନାହିଁ। ଯାଜ୍ଞସେନୀ ଏକ କ୍ରାନ୍ତି ଓ ଆମ ନାରୀ ସମାଜ ପାଇଁ ଏକ ଆହ୍ୱାନ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଶିଷ୍ଟ ସାହିତ୍ୟିକା ଡ.ଆରତୀ କର ଫକୀରମୋହନଙ୍କ ରେବତୀ ଠାରୁ ଆରମ୍ଭ କରି ମହାଭାରତର ଯାଜ୍ଞସେନୀ ଚରିତ୍ରରେ ନାରୀର ସ୍ୱାଭିମାନ ବିଷୟରେ ଆଲୋଚନା କରିଥିଲେ। ବିଶିଷ୍ଟ ସାହିତ୍ୟିକା ଡ.ବିଜୟଲକ୍ଷ୍ମୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାଭାରତରେ ରାଷ୍ଟ୍ର, ଧର୍ମ ଓ ବୀରତ୍ୱର ଗାଥା ଥିବାବେଳେ ପ୍ରତିଭା ରାୟଙ୍କ ଯାଜ୍ଞସେନୀ ଉପନ୍ୟାସରେ ରହିଛି ଜଣେ ନାରୀର ଦୁଃଖ, ଯନ୍ତ୍ରଣାର ବର୍ଣ୍ଣନା ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜଗତସିଂହପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ସୀମା ଜେନା ଯାଜ୍ଞସେନୀଙ୍କ ଚରିତ୍ର ବିଷୟରେ ଆଲୋଚନା କରିବା ସହିତ କହିଥିଲେ ଯେ ନାରୀ କେବେ ବି ପୁରୁଷ ପାଇଁ ବୋଝ ନୁହେଁ; ବରଂ ନାରୀ ପୁରୁଷ ପାଇଁ ସମ୍ପତ୍ତି ହୋଇଥାଏ। ଏହି ଅବସରରେ ଶାନ୍ତିସେନା ପବ୍ଲିକେସନ୍ ଦ୍ୱାରା ପ୍ରକାଶିତ କବି ଧରଣୀଧର ଖୁଣ୍ଟିଆଙ୍କ କବିତା ସଂକଳନ "ସିଦ୍ଧଦୀପ୍ତ'କୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ଡି.ସାଇ ଶ୍ରେୟାଂଶୀ ବେଦ ପାଠ କରିଥିବା ବେଳେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟା ପ୍ରଜ୍ଞା ପାରମିତା ଚୌଧୁରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଜିର ଆସରକୁ ବିଶିଷ୍ଟ ଲେଖିକା ଓ ଅଧାପିକା ସ୍ୱର୍ଗତ ସବିତା ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ପରିଶେଷରେ ପରିଷଦର ସାଂସ୍କୃତିକ ସବ୍‌କମିଟି ସଦସ୍ୟା ନିବେଦିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ସାହିତ୍ୟ ଅନୁଷ୍ଠାନ "ବାଲିଘର ସାହିତ୍ୟ ଓ ସାଂସ୍କୃତିକ ପ୍ରତିଷ୍ଠାନ', ମୁଣ୍ଡିଦା, ଏରସମା ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିବା ବେଳେ ଅପରାହ୍ନରେ କିଶାରାମ ବିଶ୍ୱାଳ ଫାଉଣ୍ଡେସନ୍ ବାଲିକୁଦା ପ୍ରାୟୋଜିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ବିଦ୍ୟାଳୟ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ସହିତ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ପକ୍ଷରୁ ବନଦୁର୍ଗା ଘୁମୁରା ଅନୁଷ୍ଠାନ, ନୂଆପଡାର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘୋଷକ ଭାବେ ସସ୍ମିତା ଦାସ, ପୂଜାପ୍ରିୟା ପରିଡ଼ା ଓ ରଶ୍ମିତା ସଂଯୋଜନା କରିଥିଲେ।

## ୱାଇଏମ୍‌ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ

ତିର୍ତ୍ତୋଲ,୧୯।୧(ସମିସ): ତିର୍ତ୍ତୋଲ ନିକଟ ସାରଳା ରୋଡ ମିନି ଷ୍ଟାଡିୟମରେ ଆୟୋଜିତ ୱାଇଏମ୍‌ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପିସିସି ପାରାଦୀପ କେନ୍ଦ୍ରାପଡ଼ା ଷ୍ଟାର ଇଲେଭେନ୍‌କୁ ୨ ୱିକେଟରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ କେନ୍ଦ୍ରାପଡ଼ା ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୩୯ ରନ୍ ସଂଗ୍ରହ କରିଥିଲା। ଜବାବରେ ପାରାଦୀପ ୧୯.୧ ଓଭରରେ ୮ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅତିଥି ସମାଜସେବୀ ବୀରେନ ପାଲ ୨୨ ବଲରେ ୩୬ ରନ୍ କରି ପାରାଦୀପକୁ ବିଜୟୀ କରାଇଥିବା କୁନାଲ ପଣ୍ଡାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ଅମ୍ପାୟାର୍ ଭାବେ ସଂଗ୍ରାମ ରାୟ ଓ ସଞ୍ଜୟ ପ୍ରଧାନ ଖେଳ ପରିଚାଳନା କରିଥିଲେ।

## ଚୋରା ଦେଶୀ ମଦ ଜବତ; ଜଣେ ଗିରଫ



ନାଉଗାଁ,୧୯।୧(ସମିସ): ନାଉଗାଁ ପୁଲିସ ପକ୍ଷରୁ ଗଙ୍ଗଦା ବଜାର ନିକଟରେ ଚଢ଼ଉ କରାଯାଇ ୭ ଲିଟର ଚୋରା ଦେଶୀ ମଦ ଜବତ କକରାଯାଇଛି। ଏହା ସହିତ ଅଭିଯୁକ୍ତ ଧନଞ୍ଜୟ ପଲେଇ ଗିରଫ କରାଯାଇଥିବା ଜଣାପଡିଛି। ସୂଚନା ମୁତାବକ ଆଜି ଗାରୋଇ ଫାଣ୍ଡି ଅଧିକାରୀ ଓ ତାଙ୍କ ଟିମ୍ ବିଶେଷ ସୂତ୍ରରୁ ସୂଚନା ପାଇଁ ଗଙ୍ଗଦା ବଜାର ନିକଟରେ ଅତର୍କିତ ଭାବେ ଚଢ଼ଉ କରି କୋରୁଅ ଗ୍ରାମର ବାବୁରାମ ପଲେଇଙ୍କ ପୁଅ ଧନଞ୍ଜୟ ପଲେଇକୁ ଗିରଫ କରିଥିଲେ। ତା' ନିକଟରୁ ଚୋରା ଦେଶୀ ମଦ ଜବତ କରାଯାଇଥିଲା। ଏହି ଘଟଣାକୁ ଆଧାର କରି ଅବକାରୀ ଆଇନ ବଳରେ ୨୩/୨୬ ଦାୟର କରିଥିବା ନେଇ ସୂଚନା ଦେଇଛି ପୁଲିସ। ଅନ୍ୟପଟେ ଉକ୍ତ ଅଭିଯୁକ୍ତଙ୍କ ନାମରେ ଏକାଧିକ ମାମଲା ଥାନାରେ ରହିଥିବା ନେଇ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ

ଜଗତସିଂହପୁର,୧୯।୧(ସମିସ): ଆସନ୍ତା ୨୮ ତାରିଖ ସକାଳ ୬ଟାରୁ ଦିନ ୨ ଘଟିକା ପର୍ଯ୍ୟନ୍ତ ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଆନ୍ଦୋଳନକୁ ସହଯୋଗ ଏବଂ ସମର୍ଥନ କରିବା ପାଇଁ ନବନିର୍ମାଣ କୃଷକ ସଂଗଠନ ଆହ୍ୱାନ ଦେଇଛି। ଜଗତସିଂହପୁର ସହରର ସିପିସ୍ଥିତ ସଂଗଠନର କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି। ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀପ୍ରସାଦ ମହାରଣା କହିଥିଲେ, ଦଳମତ ନିର୍ବିଶେଷରେ ଓଡ଼ିଶା ବନ୍ଦକୁ ସଫଳ କରାଇ ସରକାରକୁ ଗଣତନ୍ତ୍ରର ପାଠ ପଢ଼ାଇବାର ଆବଶ୍ୟକତା ରହିଛି। ଚାଷୀମାନଙ୍କୁ ମାଡ଼ ମାରିବା ଏବଂ ମନ୍ତ୍ରୀଙ୍କ ଅହଙ୍କାରକୁ ପ୍ରତିବାଦ କରି ଏହି ବନ୍ଦ ଡାକରା ଦିଆଯାଇଛି। ଏହା ସହିତ ଟାଟା କମ୍ପାନୀ ଦ୍ୱାରା ବିଦ୍ୟୁତ ଉପଭୋକ୍ତାଙ୍କ ଠାରୁ ଶୋଷଣ କରିବା ଭଳି ସରକାରଙ୍କ ଲୋକସ୍ୱାର୍ଥ ବିରୋଧୀ କାର୍ଯ୍ୟକଳାପ ଏବଂ ଗଣତନ୍ତ୍ରକୁ ହତ୍ୟା କରିବା ଷଡ଼ଯନ୍ତ୍ର ପ୍ରତିବାଦରେ ହେଉଥିବା ଏହି ଓଡ଼ିଶା ବନ୍ଦ ଆନ୍ଦୋଳନରେ ଦଳମତ ତଥା ବିଭିନ୍ନ ସଂଗଠନ ନିର୍ବିଶେଷରେ ସାମିଲ ହେବା ସହିତ ସରକାର ଉପରେ ଚାପ ସୃଷ୍ଟି କରିବାକୁ ସଂଗଠନ ତରଫରୁ ଓଡ଼ିଶାବାସୀଙ୍କୁ ନିବେଦନ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ, ଭୁବନାନନ୍ଦ ନାୟକ, ଅଶୋକ କୁମାର ସ୍ୱାଇଁ, ପ୍ରମୋଦ କୁମାର ଦାସ, ଦେବଦତ୍ତ ସାହୁ, ପ୍ରଫୁଲ୍ଲ ପରିଡ଼ା, କୈଳାଶ ଦାସ, ବିଜୟ ପତି, ବିନୋଦ ସାମନ୍ତରାୟ, ଅନ୍ୟାନ୍ୟ ମହାନ୍ତି, କରିବା କର ଦଳ ବେହେରା, ଅମିୟ ମହାପାତ୍ର, ମଧୁସୂଦନ ରାଉତ ପ୍ରଭୃତି ଉପସ୍ଥିତ ଥିଲେ।

## 'ସୁରକ୍ଷା' ପକ୍ଷରୁ ସଡ଼କ ସୁରକ୍ଷା ମାସ

ପାରାଦୀପ,୧୯।୧(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସୁରକ୍ଷା' ପାରାଦୀପ ଶାଖା ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳିତ ହେଉଛି। ଏହି ଅବସରରେ ସଚେତନତା ଅଭିଯାନ ସ୍ୱରୂପ ସୁରକ୍ଷିତ ଯାତ୍ରା ପାଇଁ ସଂଗଠନ ପକ୍ଷରୁ ୨୦୨୬ ଜାନୁଆରୀ ୧ରୁ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସତର୍କତାର ଫଳକମାନ ଦୋଛକି, ଇଫକୋ ଛକ, ଅଠରବାଙ୍କୀ, ବିଜୁ ପାର୍କ ଛକ, ସବଷ୍ଟେସନ ଛକ, ଥାନା ଛକ, ବସ୍‌ଷ୍ଟାଣ୍ଡ ଛକ ଓ ମାଉସୀ ମା' ଛକ ନିକଟରେ ଲଗାଯାଇ ସଚେତନାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗାଡ଼ି ଚଳାଇବା ସମୟରେ ସାବଧାନତା ଅବଲମ୍ବନ କରିବା, ସୀମିତ ବେଗରେ ଗାଡ଼ି ଚଳାଇବା, ଦୁଇଚକିଆ ଗାଡ଼ିରେ ହେଲ୍‌ମେଟ୍ ପିନ୍ଧିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ବ୍ୟବହାର ନ କରିବା ଏବଂ ନିଶା ସେବନ କରି ଗାଡ଼ି ନ ଚଳାଇବା ପାଇଁ ପରାମର୍ଶ ଦିଆଯାଉଛି। ଜାତୀୟ ରାଜପଥର ମୁଖ୍ୟ ପଥର ପ୍ରଶସ୍ତୀକରଣ ପାଇଁ କାର୍ଯ୍ୟ ଚାଲୁଥିଲେ ମଧ ରାଜପଥର ଉଭୟ ପାଶ୍ୱର୍ରେ ଗାଡ଼ିଗୁଡିକ ଦୀର୍ଘ ସମୟଧରି ପାର୍କିଂ କରାଯାଉଥିବାରୁ ଦୁର୍ଘଟଣା ମାନ ଘଟୁଛି। ଏଥିରୁ ନିବୃତ୍ତ ରହିବା ପାଇଁ ଦୋଛାକି ଠାରୁ ଅଠରବାଙ୍କି ଛକ ପର୍ଯ୍ୟନ୍ତ ଗାଡ଼ିର ଡ୍ରାଇଭରମାନଙ୍କୁ ସଚେତନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ପାରାଦୀପ ଶାଖାର ମୁଖ୍ୟ କାର୍ଯକାରୀ ଅଧକ୍ଷ ତଥା ସଂଗଠନର କୋଷାଧକ୍ଷ ମହେନ୍ଦ୍ର କୁମାର ସାମଲ, ସମ୍ପାଦକ ସୁନିଲ ଶେଖର ଲେଙ୍କା, ସଦସ୍ୟ ବ୍ରଜ କିଶୋର ପାଢ଼ୀ, ଶୁକଦେବ ମଣ୍ଡଳ, ବୈକୁଣ୍ଠନାଥ ନାୟକ, ସମୀର କୁମାର ନାୟକ, ନାଗାର୍ଜୁନ ପଣ୍ଡା ଏବଂ ଦାଶରଥି ପ୍ରଧାନ ସମେତ ବହୁ କର୍ମକର୍ତ୍ତା ଓ ସହଯୋଗୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

## ୧୦୬ ଅଭିଯୋଗ ପଞ୍ଜିକୃତ



ଜଗତସିଂହପୁର,୧୯।୧(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପୂର୍ବାହ୍ନରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୦୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୭ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୭ଟି, ଆବାସ ଯୋଜନା ସମ୍ପର୍କୀୟ ୧୫ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୯ଟି, ଭତ୍ତା ପାଇବା ପାଇଁ ୮ଟି, ପୁଲିସ ସହାୟତା ପାଇବା ପାଇଁ ୧୩ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୧୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୫ଟି ଅଭିଯୋଗର ତତ୍‌କ୍ଷଣାତ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡିଓ ଜଗତସିଂହପୁର ଆଶୁତୋଷ ମିଶ୍ର, ତହସିଲଦାର ଜଗତସିଂହପୁର ଅଜୟ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ ପୌର ପରିଷଦ ସୀମା ଜେନା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

## ଗୁଆଳିପୁର ସମିତିରେ ଧାନମଣ୍ଡି ଖୋଲିଲା



ରଘୁନାଥପୁର,୧୯।୧(ସମିସ): ରଘୁନାଥପୁର ବ୍ଲକର ଗୁଆଳିପୁର କୃଷି ସମବାୟ ସମିତିରେ ସଂପାଦକ ବିରଞ୍ଚି ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସଭାପତି ସୁଧାଂଶୁ ଶେଖର ବିଶ୍ୱାଳ କଣ୍ଟା ପୂଜା ପରେ ମଣ୍ଡି ଉଦଘାଟନ କରିଥିଲେ। ରଘୁନାଥପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଅଜୟ କୁମାର ପରିଡା, ବରିଷ୍ଠ ଚାଷୀ ଜ୍ଞାନରଞ୍ଜନ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ମନଜିନି ସାହୁ ଓ ସମିତିସଭ୍ୟ କମଳାକାନ୍ତ ପରିଡା, ଅଢ଼େଇକୁଳ ସରପଞ୍ଚ ରୀନା ସ୍ୱାଇଁ ଓ ସମିତିସଭ୍ୟା ମିତାଞ୍ଜଳି ପଣ୍ଡା, ଜିଲ୍ଲାପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ, ସର୍ବେଶ୍ୱର ପଟ୍ଟନାୟକ, ଜାନକୀ ବଲ୍ଲଭ ସ୍ୱାଇଁ, ପ୍ରଭାତ କୁମାର ପଣ୍ଡା, ରାଜା ପଣ୍ଡା, ନୋଡାଲ ଅଫିସର ଲକ୍ଷ୍ମଣ ସୋରେନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୁଆଳିପୁର, ଅଢେଇକୁଳ, ପୂରଣଓଡ଼ପଡ଼ା, ତଅଁରା ଓ ଧରାଧରପୁର ପଞ୍ଚାୟତର ୮୧୧ ଚାଷୀ ଧାନ ବିକ୍ରୟ ପାଇଁ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଥିବା ଡିଇଓ ସଞ୍ଜୟ କୁମାର ସାହୁ ପ୍ରକାଶ କରିଛନ୍ତି। ଚାଷୀ ବିଶ୍ୱଜିତ ସ୍ୱାଇଁ, ପ୍ରଶାନ୍ତ ବସ୍ତିଆ, ଲିଙ୍ଗରାଜ ଖଟୁଆ ଓ ସିଦ୍ଧାର୍ଥ ଶଙ୍କର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରୀୟ ଶ୍ରମିକ ସଂଗଠନର ବିକ୍ଷୋଭ




ଜଗତସିଂହପୁର,୧୯।୧(ସମିସ): କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ୭ ଦଫା ଦାବି ନେଇ ଆଜି ଦେଶବ୍ୟାପୀ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କ୍ରମରେ ଉପରୋକ୍ତ ଦୁଇଟି ସଙ୍ଗଠନର ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିଆଇଟିୟୁର ରାଜ୍ୟ ଉପସଭାପତି ଲୋଭାକାନ୍ତ ସ୍ୱାଇଁ, କୃଷକ ସଭାର ଗଣେଶ ଚନ୍ଦ୍ର ମାଣିଆ, ନିର୍ମାଣ ଶ୍ରମିକ ଜିଲ୍ଲା ସମ୍ପାଦକ ଶରତ ବେହେରା, କ୍ଷେତ ମଜଦୁର ସଂଘର ଯୁଧିଷ୍ଠିର ଦାସ ଏବଂ ଆଶାକର୍ମୀ ସଂଘର ସମ୍ପାଦିକା ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ନେତୃତ୍ୱରେ ସଂଗଠନର ସଦସ୍ୟ ସଦସ୍ୟା ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ୭ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଅଧିକ ଶାଣିତ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନିର୍ମାଣ ଶ୍ରମିକ ୟୁନିୟନର ପ୍ରଫୁଲ୍ଲ ନାୟକ, ଚିତ୍ତରଞ୍ଜନ ମଲ୍ଲିକ, ଆଶାକର୍ମୀ ସଂଘର ସୁଲୋଚନା ପରିଡ଼ା, ନଳିନୀ ବେହେରା, ପ୍ରମିଳା ବାରିକ, ଅନୁପ୍ରିୟା ଶତପଥୀ, ସନ୍ଧ୍ୟାରାଣୀ ଦାସ ଏବଂ ରୋଜାଲିନ ସେଠୀ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

## ନାଲିବର ହାଇସ୍କୁଲ୍‌ରେ ଗୁରୁପୂଜନ ଉତ୍ସବ

ଜଗତସିଂହପୁର,୧୯।୧(ସମିସ): ରଘୁନାଥପୁର ବ୍ଲକ ନାଲିବର ଉଚ୍ଚ ବିଦ୍ୟାଳୟ ୧୯୯୨ ବ୍ୟାଚ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୦ରୁ ଉର୍ଦ୍ଧ୍ୱ ଉକ୍ତ ବ୍ୟାଚର ଛାତ୍ରଛାତ୍ରୀ, ପୂର୍ବତନ ଶିକ୍ଷକ, ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ସ୍ୱାଇଁ ଏବଂ ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବକୁ ଯଜ୍ଞ ମିଶ୍ର, ଦିଲ୍ଲୀପ ଦାସ, ନିର୍ମଳ ତ୍ରିପାଠୀ, ଅମାୟିକ ଖୁଣ୍ଟିଆ, ଦୁର୍ଗା ଦାଶ, ଅନୱାର ଖାନ, କୀର୍ତ୍ତି ମହାନ୍ତି, ସାରଦା ନାୟକ, ଅରୁଣ ମନୋହରୀ, ସୁଶାନ୍ତ ଶତପଥି, ସୁଶାନ୍ତ ମହାପାତ୍ର, ଚତୁର୍ଭୁଜ ନାୟକ, ଦିନେଶ ଦାଶ, ଅକ୍ଷୟ ବଲ୍ଲଭ, ଗଣେଶ୍ୱର ବେହେରା, ସୁଦର୍ଶନ ନାୟକ, ନଗେନ ଲେଙ୍କା, ପ୍ରଦୀପ ଖୁଣ୍ଟିଆ, ରୀତା ମିଶ୍ର, ନଳିନୀ ନାୟକ, ଇପ୍ସିତା ଆଚାର୍ଯ୍ୟ, ଦିପ୍ତୀ ଦାଶ, ଧନାଲକ୍ଷ୍ମୀ ପ୍ରସାଦ, ଗୀତାରାଣୀ ସ୍ୱାଇଁଙ୍କ ସମେତ ସମସ୍ତ ସଭ୍ୟ ସଞ୍ଚାଳନ କରିଥିଲେ। ସେହିପରି ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ପିପିଏଲ୍ ଡିଏଭି ସ୍କୁଲର କ୍ରୀଡ଼ା ପ୍ରତିଯୋଗିତା



ପାରାଦୀପ,୧୯।୧(ସମିସ): ପାରାଦୀପ ପିପିଏଲ ସ୍ଥିତ ଡିଏଭି ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କ୍ଷେତ୍ର ରେଳ ପରିଚାଳକ, ପାରାଦୀପ ଶାଖା ନିର୍ଭୟ କୁମାର ଶାହୀ ଯୋଗ ଦେଇଥିଲେ। ଅଧକ୍ଷ ଡିଏଭି ପିପିଏଲ ସଞ୍ଜୀବ କୁମାର ସାହୁ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ପିପିଏଲ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପାଲାନି ସାମି ଭେଲୁସାମି, ମାନବ ସମ୍ବଳ ବିଭାଗର ପ୍ରବନ୍ଧକ ଅଶ୍ୱିନୀ କୁମାର ରାଉତରାୟ ଏବଂ ଅନ୍ୟାନ୍ୟ ପଦାଧିକାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ପଞ୍ଚାନନ ପଟେଲ, ଇଫକୋ ତଥା ପାରାଦୀପ ପୋର୍ଟ ଡିଏଭି ସ୍କୁଲର ଅଧକ୍ଷ ସମ୍ବିତ ସୁକୁମାର ଚିନାରା ଓ ବିନ୍ଦୁଶ୍ରୀ ମହାନ୍ତି ଉପସ୍ଥିତ ଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପିପିଏଲର ମୁଖ୍ୟ ମହାପ୍ରବନ୍ଧକ ବିତ୍ତୀୟ ପରାମର୍ଶଦାତା ପ୍ରଶାନ୍ତ କୁମାର ପ୍ରଧାନ ଓ ଅନ୍ୟାନ୍ୟ ପଦାଧିକାରୀମାନଙ୍କ ସହ ଯୋଗଦେଇ କୃତି କ୍ରୀଡ଼ାବିତଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଅଧ୍ୟୟନରତ ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିବାବେଳେ ଅଟିଭର୍ ହାଉସ ଚାମ୍ପିଅନ ହୋଇଥିବା ବେଳେ, ଚାଲେଞ୍ଜର ହାଉସ ରନର୍ସ ଟ୍ରଫି ହାସଲ କରିଥିଲେ। ଏହାସହ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିମନ୍ତେ ଅନୁଷ୍ଠିତ ବିଭିନ୍ନ ମନୋରଞ୍ଜକ କ୍ରୀଡ଼ା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟ କ୍ରୀଡ଼ା ଶିକ୍ଷକ ଶାଶ୍ୱତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆମ୍ବଶାଳ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ବୈଠକ

ବାଲିକୁଦା,୧୯।୧(ସମିସ): ବାଲିକୁଦା ବ୍ଲକ ଆମ୍ବଶାଳ ଉଚ୍ଚ ବିଦ୍ୟାଳୟର ପୂରାତନ ଛାତ୍ର ୧୯୮୯ ବ୍ୟାଚର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗୁରୁବନ୍ଦନା କରାଯାଇଥିଲା। ଗୁରୁ ବନ୍ଦନାରେ ଶିକ୍ଷକ ଶୁକଦେବ ଭଟ୍ଟ, ଶୁକଦେବ ବାରିକ, ରବୀନ୍ଦ୍ର ନାୟକ, କ୍ଷେତ୍ରମୋହନ ପରିଡ଼ା, ପ୍ରଦୀପ୍ତ ସାହାଣୀ, ବୃନ୍ଦାବନ ପଣ୍ଡା ଓ ଅନ୍ୟ କର୍ମଚାରୀ ମାନେ ଯୋଗ ଦେଇଥିଲେ। ଏହି ସଭା କାର୍ଯ୍ୟରେ ଦିଲୀପ କୁମାର ବିଶ୍ୱାଳ ସଭାପତିତ୍ୱ କରିବା ସହ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ସଞ୍ଜୟ କୁମାର ଲେଙ୍କା ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ଗୋପେଶ ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଚ୍ଚିଦାନନ୍ଦ ପଣ୍ଡାଙ୍କ ଭଜନ ପରିବେଷର କରିଥିଲେ। ଏଥିରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରାଯାଇଥିଲା।

## ନବନିଯୁକ୍ତି ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା



ପାରାଦୀପ,୧୯।୧(ସମିସ): ପାରାଦୀପ ନଗର ବିଜେଡିର ନବନିଯୁକ୍ତ ସଭାପତି କୁମରବର ନାୟକ ଓ କୁଜଙ୍ଗ ବ୍ଲକ ସଭାପତି ମନିନ୍ଦ୍ର ଗୁରୁଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି ବିଶିଷ୍ଟ ଶ୍ରମିକ ନେତା ତଥା ବିଜେଡି ନେତା ବାପି ସର୍ଖେଲ। ଏନେଇ ଆଜି ଅପରାହ୍ନରେ ନୂଆବଜାର ସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶ୍ରୀ ସର୍ଖେଲଙ୍କ ସମେତ ନଗର ବିଜେଡିର ବହୁ ଛାମୁଆ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ବରିଷ୍ଠ ନଗର ବିଜେଡି ନେତା କୁମରବର ନାୟକ ଓ କୁଜଙ୍ଗ ବ୍ଲକ ସଭାପତି ଭାବେ ମନିଦ୍ର ଗୁରୁଙ୍କ ନାମ ଘୋଷଣା ହେବା ପରେ ପାରାଦୀପ ଓ କୁଜଙ୍ଗ ବିଜେଡି କର୍ମୀଙ୍କ ମହଲରେ ଆନନ୍ଦ ଉଲ୍ଲାସ ଦେଖାଦେଇଥିଲା। ଏଥିପାଇଁ ରାଜ୍ୟ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଶ୍ରୀ ସର୍ଖେଲଙ୍କ ସମେତ ଦଳୀୟ କର୍ମୀମାନେ ସାଧୁବାଦ ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ କିପରି ପାରାଦୀପ ସହିତ କୁଜଙ୍ଗ ଓ ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଜେଡି ସଂଗଠନକୁ ସୁଦୃଢ଼ କରାଯିବ ଏ ନେଇ ଆଜିଠାରୁ କାର୍ଯ୍ୟ ଆରମ୍ଭ କରିଥିବା ନେଇ କହିଛନ୍ତି କୁଜଙ୍ଗ ଓ ପାରାଦୀପ ନଗର ବିଜେଡି ସଭାପତି। ଆଗାମୀ ୨୦୨୭ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ପ୍ରାର୍ଥୀମାନେ କିଭଳି ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବେ ଏବଂ ପୁଣିଥରେ ଓଡିଶାରେ ବିଜେଡି ସରକାର ଗଠନ କରିବା ପାଇଁ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ସାମୂହିକ ସ୍ତରରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ଶ୍ରୀ ସର୍ଖେଲ।

ସୂଚନାଯୋଗ୍ୟ, ଗତକାଲି ଉଭୟ ନବ ନିର୍ବାଚିତ ସଭାପତି ଅଠରବାଙ୍କୀଠାରେ ରହିଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରପାଳିକାର ପୌର ଉପାଧକ୍ଷା ଛବିଳତା ରାଉତ, ପାରିଷଦ ମନୋଜ ନାୟକ, ଜ୍ୟୋତିକାନ୍ତ ପରିଡା, ପୂର୍ବତନ ପାରିଷଦ ମାନସ ବିଶ୍ୱାଳ, ସୁଶୀଲ ମହାପାତ୍ର, ଅନୁପ ସାହାଣୀ, ସମୀର ବିଶ୍ୱାଳଙ୍କ ସମେତ ପାରାଦୀପର ଛାମୁଆ ବିଜେଡି କର୍ମୀ ମାନେ ଯୋଗଦେଇ କୁଜଙ୍ଗ ଓ ପାରାଦୀପର ନବନିଯୁକ୍ତ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ରତ୍ନାକର ବାଲିକୁଦା ବିଜେଡି ସଭାପତି



ବାଲିକୁଦା,୧୯।୧(ସମିସ): ବାଲିକୁଦା ବ୍ଲକ ବିଜେଡି ସଭାପତି ଭାବେ ତୃତୀୟ ଥର ପାଇଁ ରତ୍ନାକର ନାୟକ ମନୋନୀତ ହୋଇଛନ୍ତି। ପୂର୍ବରୁ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସମୟରେ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଦଳ ପୁଣି ରତ୍ନାକରଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ତୃତୀୟ ଥର ସଭାପତି ପଦ ପାଇବା ପରେ ରତ୍ନାକର ଦଳୀୟ ମୁଖ୍ୟ ନବୀନ ପଟ୍ଟନାୟକ, ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ମୁଦୁଲିଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କୁଜଙ୍ଗ,୧୯।୧(ସମିସ): ଯୁବ ଶ୍ରମିକ ନେତା ମନିନ୍ଦ୍ର ଗୁରୁ ବିଜେଡି ଦଳର କୁଜଙ୍ଗ ବ୍ଲକ ସଭାପତି ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ମିଳିବାରେ ଲାଗିଛି। ଆଜି ଦଳର ଷଣ୍ଢପୁର ସ୍ଥିତ ବ୍ଲକ କାର୍ଯ୍ୟଳୟରେ ପ୍ରାକ୍ତନ ଜିଲ୍ଲା ଉପସଭାପତି କବି ପିତାମ୍ବର ତରାଇ, ବରିଷ୍ଠ ନେତା ରଘୁ ସାହୁ, ପ୍ରଫୁଲ୍ଲ କୁମାର ପରିଡ଼ା, ପୂର୍ବତନ ସରପଞ୍ଚ ତଥା ମହିଳା ନେତ୍ରୀ ନନ୍ଦିନୀ ପଣ୍ଡା, ପୂର୍ବତନ ସମିତି ସଭ୍ୟା ସାକ୍ରା ଟୁଡୁ, ସୌଭାଗ୍ୟ ବିଶ୍ୱାଳ, ସାମଜିକ ଗଣମାଧମ ସଂଯୋଜକ ରଞ୍ଜିତ ପଣ୍ଡା, ଅରୂପ ପ୍ରସାଦ ମହାନ୍ତି, ଚୌଧୁରୀ ତପନ କୁମାର ମିଶ୍ର, ବିଚିତ୍ରା ନନ୍ଦ ପ୍ରଧାନ, କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ନୀନାରାଣୀ ସାହୁ, ପୂର୍ବତନ ସମିତି ସଭ୍ୟ କବିରଞ୍ଜନ ବେହେରା, ଯୁବ ନେତା ପରେଶ କୁମାର ନାଥ, ପ୍ରଭାସ ଗୋଚ୍ଛାୟତ, ଦୀପ୍ତିଭାନୁ ପାଣୀ, ରଞ୍ଜିତ କୁମାର ଦାସମହାପାତ୍ର ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ସେ ରାଜ୍ୟ ସଭାପତିଙ୍କ ସହ ଶ୍ରମିକ ନେତା ବାପି ସର୍ଖେଲ୍, ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ମୌଳିକ ସୁବିଧାରୁ ବଞ୍ଚିତ ଗୁଣ୍ଡୁରୀଶୋଳ ଗାଁ



ଜଳେଶ୍ୱର ବ୍ଲକ୍,୧୯।୧(ସମିସ): ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରାଖାଲ ଚନ୍ଦ୍ର ସିଂଙ୍କ ଗ୍ରାମ କଳମା ଗ୍ରାମ ପଞ୍ଚାୟତର ଗୁଣ୍ଡିରୀଶୋଳ ଗାଁ ପାଖାପାଖି ୧୦୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ଲୋକ ଆଦିବାସୀ ସଂପ୍ରଦାୟର ରହିଥିବା ସତ୍ତ୍ୱେ ଗାଁକୁ ନାହିଁ ମୌଳିକ ସୁବିଧା ସୁଯୋଗ ସରକାର ଆଦିବାସୀ ମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସତେ ଯେମିତି ଏ ଗାଁ ପାଇଁ ଅଭିଶପ୍ତ ପାଲଟି ଯାଇଛି ନା ଅଛି ଗାଁ କୁ ଏକ ଭଲ ରାସ୍ତା ନା ଅଛି ଟ୍ୟାପ ଯୁଗେ ପିଇବା ପାଣିର ସୁବିଧା କେବଳ ହାତ ମଡା ନଳକୂପହିଁ ଭରଷା ସେବି ପୁଣି ଅତି କଳଙ୍କି ଦୂଷିତ ଜଳ ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ରହିଥିଲେ ମଧ୍ୟ ନିଜସ୍ୱ ଘର ନାହିଁ। ଯାହା ଫଳରେ ପରିତ୍ୟକ୍ତ ଝାଟି ମାଟି ଘରେ ଚାଲିଛି ଶିକ୍ଷା କେନ୍ଦ୍ର କେବଳ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି ଗାଁରେ ୫୦୦ ଲୋକ ବର୍ଷା ଋତୁ ଆସିଲେ ପାଦଚଲା ରାସ୍ତା ହିଁ ସାହା ଭରଷା ନା ଗାଁକୁ ଆସିପାରେ ଆମ୍ବୁଲାନ୍ସ ନା ଆସିପାରେ ଅଗ୍ନିଶମବାହିନୀର ଗାଡ଼ି କେବଳ ରୋଗୀକୁ ବୋହା ହୋଇଥାଏ ଖଟିଆରେ। ଏ ହେଉଛି ଗୁଣ୍ଡୁରୀଶୋଳ ଗ୍ରାମର ନୀତିଦିନିଆ ଘଟଣା ଯାହାକୁ ନେଇ ଗ୍ରାମବାସୀ ସମସ୍ତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଗୁହାରୀ କରି କିଛି ସୁଫଳ ମିଳି ପାରିବାରୁ ଶେଷରେ ପ୍ରସାଶନିକ ଅଧିକାରୀ ମାନଙ୍କ ଭରଷାରେ ଜିଲ୍ଲାପାଳଙ୍କ ଠାରେ ଗ୍ରାମର ସମସ୍ୟା ସଂମ୍ପର୍କରେ ସମାଧାନ ପାଇଁ ଦିଲ୍ଲିପ କୁମାର ସିଂ, ଶ୍ରୀକାନ୍ତ ସିଂ, ପ୍ରଦୀପ ସିଂ, ହରେନ୍ଦ୍ର ସିଂ, ଦୀପକ ସିଂ ରଜତ କୁମାର ସିଂ, ରାଜୀବ ପ୍ରଧାନ, ପ୍ରତାପ ଚନ୍ଦ୍ର ସିଂ, ପ୍ରମୁଖ ଗ୍ରାମବାସୀ ମାନେ ଲିଖିତ ଅଭିଯୋଗ କରିଛନ୍ତି।

## ଫ୍ୟୁଚର କଲେଜ ଅଫ୍ ନର୍ସିଂର ବାର୍ଷିକ ଉତ୍ସବ



ସୋର,୧୯।୧(ସମିସ): ସୋର ବ୍ଲକ ବ୍ରାହ୍ମଣସାହିରେ ଥିବା ଫ୍ୟୁଚର ନର୍ସିଂ କଲେଜର ବାର୍ଷିକ ଉତ୍ସବ ଚେୟାରମ୍ୟାନ ରମେଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ, ମୁଖ୍ୟବକ୍ତା ସର୍ଜରୀ ଡାକ୍ତର ମୃତ୍ୟୁଞ୍ଜୟ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ସ୍ପେଶାଲ ଅଫିସର ପ୍ରଫୁଲ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲାବଣ୍ୟନିଧି ପଣ୍ଡା, ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ଅଭୟ କୁମାର ପତ୍ରୀ ଯୋଗଦେଇଥିଲେ। ଏହି ଅବସରରେ କଲେଜର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ରାଜେନ୍ଦ୍ର ମହାରଣା ଅତିଥିଙ୍କୁ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ମୃତ୍ୟୁଞ୍ଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ହରିପ୍ରିୟା ମହାପାତ୍ର ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷା ଶୁଭଲକ୍ଷ୍ମୀ ପଣ୍ଡା, ଜନ୍ମଜୟ ମହାପାତ୍ର, ଜୟନ୍ତ ପତି, ଅଜିତ ଜେନା, ସୁଶାନ୍ତ ଆଚାର୍ଯ୍ୟ, ଗାୟତ୍ରୀ ପ୍ରଧାନ, ଲିପ୍ସାପ୍ରିୟଦର୍ଶିନୀ ନାୟକ, ସୋନାଲି ବେହେରା, ମୋନାଲିସା ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଚିତ୍ତରଞ୍ଜନ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର,୧୯।୧(ସମିସ): ଦୀନକୃଷ୍ଣ କଲେଜର ପ୍ରତିଷ୍ଠାତା ଅଧ୍ୟକ୍ଷ ସ୍ୱର୍ଗତ ଚିତ୍ତରଞ୍ଜନ ସାହୁଙ୍କ ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅଧ୍ୟକ୍ଷ ସୁକାନ୍ତ ଦାସ ଅଧ୍ୟକ୍ଷତା କରି ଚିତ୍ତରଞ୍ଜନ ଦାସଙ୍କ କଲେଜ ପ୍ରତି ବିଭିନ୍ନ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର, ଦିବସ ପାଳନ ସହିତ ତାଙ୍କ ସମ୍ପର୍କରେ ଏକ ସ୍ମରଣିକା ପ୍ରକାଶ କରିବାକୁ ପ୍ରସ୍ତାବ ଦେଇଥିଲେ। ସେହିପରି ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ, ସୁକୁମାର ରଣା ଓ ଅଶୋକ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁ ଉଚ୍ଚ ଶିକ୍ଷାବିଭାଗର ବିଭିନ୍ନ ପଦପଦବୀରେ ରହି ଶିକ୍ଷାର ସାରଥି ସାଜିଥିବା ସଂପର୍କରେ କହିଥିଲେ। ଏଥିରେ କଲେଜର ଛାତ୍ରଛାତ୍ରୀଙ୍କ ସହିତ ଅଧ୍ୟାପକ, ଶିକ୍ଷାକର୍ମଚାରୀ ଓ ତାଙ୍କର



ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରମାକାନ୍ତ ଭଞ୍ଜ, ଜିତାରାମ ଦେ, ଅବସରପ୍ରାପ୍ତ ଅଧ୍ୟକ୍ଷ ଅକ୍ଷୟ କୁମାର ପରିଡା ପ୍ରମୁଖ ଯୋଗଦେଇ ଚିତ୍ତରଞ୍ଜନ ସାହୁ ଏକାଧାରରେ ଶିକ୍ଷାବିତ୍, ଅନୁଷ୍ଠାନ ପ୍ରେମୀ ଓ ଦରଦୀ ମଣିଷଭାବେ ସୁଖ୍ୟାତି ଅର୍ଜନ କରିଥିଲେ। ତେଣୁ କଲେଜ ପରିସରରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ, ପ୍ରତିବର୍ଷ କଲେଜ ପକ୍ଷରୁ ଶ୍ରାଦ୍ଧ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ପୁଷ୍ପାଞ୍ଜଳି ପାଇକରାୟ, ରତନ କୁମାର କର, ସନ୍ୟାସୀ ପାତ୍ର, ଅନିଲ ଜେନା, ଦେବେନ୍ଦ୍ର ପ୍ରଧାନ, ପ୍ରଦୀପ ରାଉଳ, ରାଜେନ୍ଦ୍ର ମାଝୀ, ତପନ ଜେନା ପ୍ରମୁଖ ଅଧ୍ୟାପକମାନେ ସ୍ମୃତିଚାରଣ କରିଥିଲେ। ପ୍ରଥମେ ତାଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

**ବିପଦସଂକୁଳ ଅବସ୍ଥାରେ ହାଣ୍ଡିପଡ଼ା ପ୍ରାଥମିକ ବିଦ୍ୟାଳୟ**

# ଗୋଟିଏ ବଖରାରେ ପଢୁଛନ୍ତି ୬ ଶ୍ରେଣୀର ପିଲା

ଭୋଗରାଇ,୧୯।୧(ସମିସ)






ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ କୁମ୍ଭାରମୁଳୀ ପଞ୍ଚାୟତ ହାଣ୍ଡିପଡ଼ା ଗ୍ରାମର ଥିବା ହାଣ୍ଡିପଡ଼ା ପ୍ରାଥମିକ ବିଦ୍ୟାଳୟର ଆଜବେଷ୍ଟସ୍ ଘରଟି ବିପଦ ସଂକୁଳ ବସ୍ଥାରେ ରହିଛି। ୧୯୬୭ ମସିହାରୁ ଉକ୍ତ ପ୍ରାଥମିକ ବିଦ୍ୟାଳୟ ଗଢ଼ି ଉଠିଥିବାବେଳେ ସ୍କୁଲ ଗୃହଟି ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଓ ଭଗ୍ନ ବସ୍ଥାରେ ରହିଛି। ଉକ୍ତ ସ୍କୁଲରେ ୧ମ ରୁ ୫ମ ଶ୍ରେଣୀ ପାଠପଢ଼ା ହେଉଥିବାବେଳେ ଏବେ ଶିଶୁବଟିକା ସାମିଲ ହୋଇଛି। ଏହି ପ୍ରାଥମିକ ବିଦ୍ୟାଳୟରେ ୭୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ପୁରୁଣା ଆଜବେଷ୍ଟସ୍ ଘରଟି ବିଭିନ୍ନ ସ୍ଥାନରେ ତଳୁ ଉପର ପର୍ଯ୍ୟନ୍ତ ଫାଟିଯିବାରୁ ଛାତ୍ରୀଛାତ୍ରୀ ଓ ବିଦ୍ୟାଳୟର ପାଖ ପଡ଼ୋଶୀଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ଛାତ୍ରୀଛାତ୍ର ପୁରୁଣା ସ୍କୁଲ ଗୃହରେ ବିପଦସଂକୁଳ ଗୃହରେ ନପଢ଼ି ଏବେ ପୁରୁଣା ସ୍କୁଲ ଗୃହ ସଂଲଗ୍ନ ଅନ୍ୟ ଏକ ଶ୍ରେଣୀଗୃହ ଓ ବାରଣ୍ଡାରେ ପ୍ରଚଣ୍ଡ ଥଣ୍ଡା ଓ ପ୍ରତିକୂଳ ପରିବେଶରେ ବାଧ୍ୟତାମୂଳେ ପାଠ ପଢୁଥିବାରୁ ଛାତ୍ରୀଛାତ୍ର ମାନେ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହେଉଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ନୂତନଗୃହ ନିମନ୍ତେ ୬ ଲକ୍ଷ ଟଙ୍କା ସରକାରୀ ଅନୁଦାନ ମିଳିଥିବା ବେଳେ ପୁରୁଣା ସ୍କୁଲ ଭଙ୍ଗାଯାଉନଥିବାରୁ ନୂତନ ସ୍କୁଲଗୃହ ନିର୍ମାଣରେ ବାଧକ ସାଜିଛି। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଆର୍ଥିକ ଅନୁଦାନ ମଞ୍ଜୁର ହୋଇଥିବାବେଳେ ଭୋଗରାଇ ବିଡିଓ ଅନୁମତି ଦେଉନଥିବାରୁ ସ୍କୁଲ ଗୃହ ନିର୍ମାଣରେ ଜଟିଳତା ଦେଖାଦେଇଛି ବୋଲି ୱାର୍ଡମେମ୍ବର ରାଜୀବ ଲୋଚନ ବେହେରା, ସ୍କୁଲ ପରିଚାଳନା କମିଟିର ସଭାପତି ବଳରାମ କର, ରମେଶ କର, ଦୟାନିଧି କର, ଜୟନ୍ତ ପାଳ, ରଜନୀକାନ୍ତ ପାତ୍ର, ବିଜୟ ବେହେରା, ଲକ୍ଷ୍ମୀକାନ୍ତ ବେହେରା, ଅନୁପମା ବେହେରା, ମମତା ବେହେରା ପ୍ରମୁଖ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ପୁରୁଣା ସ୍କୁଲ ଗୃହକୁ ଭାଙ୍ଗି ନୂତନ ସ୍କୁଲ ଗୃହ ନିର୍ମାଣ କରିବାକୁ ପ୍ରଶାସନଠାରେ ଗ୍ରାମବାସୀ ଦାବି କରିଛନ୍ତି।

## ଦୁର୍ଗାଦେବୀ ମକର ମେଳାର ପଞ୍ଚମ ସନ୍ଧ୍ୟା



ରେମୁଣା,୧୯।୧(ସମିସ): ବାଲେଶ୍ୱର ଜିଲ୍ଲାର ରେମୁଣା ନିର୍ବାଚନ ମଣ୍ଡଳୀର ସୀମାନ୍ତ ଅଞ୍ଚଳରେ ଦୁର୍ଗାଦେବୀ ଗ୍ରାମପଞ୍ଚାୟତରେ ଆୟୋଜିତ ମକର ମେଳା ମହୋତ୍ସବର ପଞ୍ଚମ ସଂଧ୍ୟା ଏବଂ ଜଗନ୍ନାଥ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବରେ ଧରଣୀଧର ଦ୍ୱିବେଦୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୁପେ ବାଲେଶ୍?ର ସାଂସଦୀୟ କ୍ଷେତ୍ର ଅନ୍ତର୍ଗତ ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା ଉପେନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ରୂପେ ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଉମାକାନ୍ତ ପଣ୍ଡା, ରେମୁଣା ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥୀ ବିଦ୍ୟାସ୍ମିତା ମହାଲିକ, ବଡ଼ପାଳ ସରପଞ୍ଚ ଇଂ. କମଳ ଲୋଚନ ପଣ୍ଡା, ପ୍ରଫେସର୍ ରବିନାରାୟଣ ବେହେରା ଉପସ୍ଥିତ ଥିଲେ। ସଭାରେ ନରୋତ୍ତମ ଜେନା ଅତିଥି ପରିଚୟ ଏବଂ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରାରମ୍ଭିକ ଭାଷଣ ଅଦ୍?ତେ ଦାସ ରଖିଥିଲେ। ପରେ ଅତିଥି ମାନଙ୍କ ଅଭିଭାଷଣ ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଅତିଥିମାନେ ଉତ୍ତର ରେମୁଣାର ଦର୍ଶନୀୟ ସ୍ଥାନ ଯଥା ମାଆ କନକ ଦୁର୍ଗାଙ୍କ ମନ୍ଦିର, ବାବା ଭୀମେଶ୍ୱର ମନ୍ଦିର, ପଣ୍ଡିତ ଶ୍ରୀଧର ସ୍ୱାମୀଙ୍କ ଜନ୍ମପୀଠ, ବାବା ପିତାମ୍ବର ବାବା ଆଶ୍ରମ, ମାଆ ଦୁର୍ଗା ମନ୍ଦିର, ଦୁର୍ଗାଦେବୀ ଜଗନ୍ନାଥ ମନ୍ଦିର, ରାଉତରାୟପୁର ଜଗନ୍ନାଥ ମନ୍ଦିର, ଧାରାଗଞ୍ଜ ରାଧାକୃଷ୍ଣ ମନ୍ଦିର କୁ ଓଡ଼ିଶା ପର୍ଯ୍ୟଟନ ସ୍ଥଳୀ ଭାବରେ ଘୋଷଣା କରିବାକୁ ଦାବି ରଖିଥିଲେ। ଶେଷରେ ଶ୍ରୀଯୁକ୍ତ ପ୍ରଦୀପ୍ତ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ସୋର,୧୯।୧(ସମିସ): ସୋର ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଧାୟକ ମାଧବ ଧଡା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସୋର ବ୍ଲକ ସବିରା ପଞ୍ଚାୟତରେ ବାସୁଳୀ ମନ୍ଦିର ମରାମତି ପାଇଁ ୨ ଲକ୍ଷ, କଂକ୍ରିଟ ରାସ୍ତା ପାଇଁ ୪ଲକ୍ଷ ୮୦ ହଜାର, ଅତିରିକ୍ତ ଶ୍ରେଣୀ



ଗୃହ ନିର୍ମାଣ ପାଇଁ ୭ଲକ୍ଷ ଓ ଦାଣ୍ଡ ପଳସାରେ ପ୍ରାଇମେରୀ ହେଲ୍‌ଥ ସେଣ୍ଟର ନିର୍ମାଣ ପାଇଁ ୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ଶିଳାନ୍ୟାସ କରିଥିଲେ। ପରେ ନିଶ୍ଚିନ୍ତପୁର ପଞ୍ଚାୟତ ହେଁସଗୁଡାରେ ଗ୍ରାମ୍ୟ ହାଟ ନିର୍ମାଣ ପାଇଁ ୧୦ ଲକ୍ଷ ଓ ହନୁମାନ ମନ୍ଦିରର ମରାମତି ପାଇଁ ୨ଲକ୍ଷ ଟଙ୍କାର ଶିଳାନ୍ୟାସ କରିଥିଲେ। ଏହି ସମୟରେ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସମେତ ଅନ୍ୟ ନେତୃବୃନ୍ଦ ଓ ଗ୍ରାମାବାସୀ ମାନେ ଉପସ୍ଥିତ ଥିଲେ।

## ବିଦ୍ୟୁତ ସଟସର୍କିଟରେ ଦୁଇବଖରା ଜଳିଗଲା



ନୀଳଗିରି,୧୯।୧(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ସିଆଡିମାଳ ଗ୍ରାମପଞ୍ଚାୟତ ବାବନ୍ଧ ଗ୍ରାମର ପ୍ରଶାନ୍ତ ବେହେରାଙ୍କ ଘର ଗତ ୧୮ ତାରିଖ ରବିବାର ରାତିପ୍ରାୟ ୮ ଘଟିକା ସମୟରେ ବିଦ୍ୟୁତ୍ ସର୍ଟସର୍କିଟ୍‌ରେ ଜଳିଯାଇଛି। ପରିବାର ଲୋକେ ଘରେ ଥିବା ବେଳେ ବିଦ୍ୟୁତ ସଟସର୍କିଟ ହୋଇଯାଇଥିଲା। ନିଆଁର ପ୍ରକୋପ ଏତେ ପ୍ରଖରଥିଲା ଯେ ନିଆଁକୁ ଆୟତ୍ତ କରିବା ପାଇଁ କେହିବି ଗ୍ରାମବାସୀ ସାହସ କରିପାରି ନଥିଲେ। ଖବରପାଇ ନୀଳଗିରି ଅଗ୍ନିଶମ ବିଭାଗ ସଦଳବଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁକିଛି ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା। ଏଥିରେ ଘରର ସମସ୍ତ ଆସବାପତ୍ର, ଧାନ ଚାଉଳ, ଜରୁରି କାଗଜାତ, ଲୁଗାପଟା ଜଳିପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଖବରପାଇ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ପ୍ରଶାନ୍ତଙ୍କ ଘରେ ପହଞ୍ଚିଥିବାବେଳେ ତମ୍ବୁ, ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଦିବ୍ୟଜ୍ୟୋତି ଦାସଙ୍କୁ ଯୋଗାଯୋଗ କରି ସରକାରୀ ସାହାଯ୍ୟ ଯୋଗାଦେବାକୁ ଅନୁରୋଧ କରିଥିଲେ। ଆରଆଇ ଦିବ୍ୟଜ୍ୟୋତି ଦାସ ଅଗ୍ନିବିପନ୍ନଙ୍କ ଘରେ ପହଞ୍ଚି ପଲିଥିନ ଦେଇଥିବା ସୂଚନା ମିଳିଛି। ସିଆଡିମାଳ ପଞ୍ଚାୟତର ସରପଞ୍ଚ ସୁରଥ ସିଂ, ସମିତିସଭ୍ୟ ରାଜୀବ ଦାସବାବୁ, ନାଏବ ସରପଞ୍ଚ ସାବିତ୍ରୀ ବେହେରା, ସଜନାଗଡ଼ ଲ୍ୟାମ୍ପର ସଭାପତି ନରେନ୍ଦ୍ର ବେହେରା, ମଥୁରା ବେହେରା, ମଙ୍ଗୁଲୁ ସିଂ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ରହି ବିପନ୍ନ ପରିବାରକୁ ଆଶ୍ୱାସନା ଦେବାସହ ତୁରନ୍ତ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି।

## ସନାତନ ଧର୍ମର ସୁରକ୍ଷା ପାଇଁ ବଦ୍ଧପରିକର ହେବା ଜରୁରୀ

ବସ୍ତା ବ୍ଲକ, ୧୯।୧(ସମିସ): ହିନ୍ଦୁତ୍ୱର ଏକତା ଓ ସନାତନ ଧର୍ମର ସୁରକ୍ଷା ପାଇଁ ସମସ୍ତେ ବଦ୍ଧ ପରିକର ହେବା ଜରୁରୀ ବୋଲି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଇଶ୍ୱର୍ବର୍ତ୍ତି ମନ୍ଦିର ନିକଟରେ ଆୟୋଜିତ ହିନ୍ଦୁ ସମ୍ମିଳନୀରେ ମତ ପ୍ରକାଶ ପାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତ ବାର୍ଷିକ ଉପଲକ୍ଷେ ଆୟୋଜିତ ଏହି ହିନ୍ଦୁ ସମ୍ମିଳନୀରେ ବହୁ ଜନତା ଯୋଗ ଦେଇଥିଲେ। ସଂଘ ସହିତ ଆର୍ଯ୍ୟ ସମାଜ, ଅନୁକୂଳ ଚନ୍ଦ୍ର ସତସଙ୍ଗ, ଗୋ ସୁରକ୍ଷା ସମିତି, ସତ୍ୟ ସନତନି ସଂଘ, ମୁନି ସମାଜ, ଧର୍ମ ଦ୍ୱାର ମଠ ସହିତ ଅନେକ ଧାର୍ମିକ ସଂଗଠନର କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭ ପ୍ରତ୍ୟୁଷ ରେ ମଣ୍ଡପ ଶୋଧନ ପରେ ବେଦ ପାଠ ହେବା ସହିତ ଗାୟତ୍ରୀ ମନ୍ତ୍ର ପାଠ କରା ଯାଇଥିଲା। ତା ପରେ ଶତାଧିକ ପୁରୁଷ ଓ ମହିଳାଙ୍କ ଦ୍ୱାରା ୨୧ ଥର ହନୁମାନ ଚାଳିଶା ପାଠ କରା ଯାଇଥିଲା। ଏହାପରେ ଗୋ ପୂଜନ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ମଣ୍ଡପ ପାଶ୍ୱର୍ ରେ ଏକ ସୁସଜ୍ଜିତ କାମଧେନୁକୁ ବନ୍ଦାପନା ଓ ତୃଣ ଦାନ ସହ ଉପସ୍ଥିତ ଜନସାଧାରଣ ଗୋ ମାତା ସୁରକ୍ଷା ର ବଜ୍ର ଶପଥ ନେଇ ଥିଲେ। ପରେ ସେଠାରେ ଦୁଇ ଘଣ୍ଟା ଧରି ହୋମ ଯଜ୍ଞ ହୋଇ ପୂର୍ଣ୍ଣାହୁତି ହୋଇଥିଲା। ଏହି ସମ୍ମିଳନୀ ରେ ସଂଯୋଜକ ରବି ନାରାୟଣ ଦାସ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସଂଘ ର କାର୍ଯ୍ୟକର୍ତ୍ତା ନିରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସ୍ୱାମୀ ମୁକୁନ୍ଦ କୃଷ୍ଣ ମହାରାଜ, ମାନସ ଦାସ, ରତ୍ନାକର ପଣ୍ଡା, ବିଜୟ ଜୀ, ଆଦୈତନନ୍ଦ ବ୍ରହ୍ମଚାରୀ, ସଂଘର ବୌଦ୍ଧିକ ବିଭାଗ ର ପ୍ରଦୀପ କୁମାର ସାମଲ, ପ୍ରମୁଖ ସନାତନ ଧର୍ମ ଓ ହିନ୍ଦୁତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କୁନି ନୃତ୍ୟଶିଳ୍ପୀ ଦିବ୍ୟାଶ୍ରୀ ବେହେରା ଓ ସ୍ୱୀକୃତି ମୟୀ ମହାନ୍ତି ନୃତ୍ୟ ପରିବେଷଣ କରିଥିଲେ। ରାମଚନ୍ଦ୍ର ଦେବ, ଦୀପକ ଭଦ୍ର, ତାପସ ମହାପାତ୍ର ଶସ୍ତ୍ରିକ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ପଣ୍ଡା, ରବୀନ୍ଦ୍ର ନାଥ ଅଣ୍ଡିଆ, ଶ୍ୟାମ ପ୍ରସାଦ ବେହେରା, ରବୀନ୍ଦ୍ର କୁମାର ଜୈନ, ରଞ୍ଜନ କୁମାର ମହାନ୍ତି, ଅସିତ୍ କୁମାର ମହାନ୍ତି, ଦୀପକ କୁମାର ଦାସ, ଭବାନୀ ସେନାପତି, ସ୍ମରଣ ପଣ୍ଡା, ଦେବାଶିଷ କବି, ବାସୁଦେବ ବେହେରା, ଧୃତୀ ସୁନ୍ଦର ପଣ୍ଡା, ସୂର୍ଯ୍ୟ ନାରାୟଣ ସାହୁ, ବସନ୍ତ ବାରିକ, ଫର୍ଣାଲ୍ ବିଶ୍ୱାଳ, ରତିକାନ୍ତ ଦାସ ଅଧିକାରୀ, ଙ୍କ ସମେତ ବହୁ ଗଣ୍ୟ ମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ରାଜେନ୍ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ ପାଇଁ ବସ୍ତା ଥାନା ଆଇଆଇସି ରଣଜୀତ କୁମାର ସାହୁଙ୍କ ସମେତ ପୁଲିସ ଫୋର୍ସ ମୁତୟନ ଥିଲେ।

## ଜଗଦୀଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଜାତୀୟ ସଡ଼କ ସୁରକ୍ଷା ମାସ

ଜଳେଶ୍ୱର ବ୍ଲକ,୧୯।୧(ସମିସ): ଜଗଦୀଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କୁଆଁରପୁରରେ ପ୍ରଧାନ ଶିକ୍ଷକ କାଳୀ ପଦ ଖୁଣ୍ଟିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ପିଲାମାନେ ଓ ସମସ୍ତ ଶିକ୍ଷକଙ୍କ ଉପସ୍ଥିତିରେ ଜାତୀୟ ସଡ଼କ




ସୁରକ୍ଷା ମାସ ପାଳିତ ହେବା ସହ ଗାଁରେ ସଡ଼କ ସଚେତନ୍ତା ରାଲି ହୋଇଥିଲା। ରାଲି ପରେ ଶପଥ ପାଠ କରାଯାଇ ସଚେତନତା କରାଯାଇଥିଲା। ଚଳିତ ବର୍ଷ ଜାତୀୟ ସଡ଼କ ସୁରକ୍ଷା ମାସ ଜାନୁୟାରୀ ୧ରୁ ୩୧ ତାରିଖ ମଧ୍ୟରେ ପାଳିତ ହେଉଛି। ବର୍ତ୍ତମାନ ଦେଶରେ ସଡ଼କ ଦୁର୍ଘଟଣା ବଢ଼ି ବଢ଼ି ଚାଲିଛି। ପିଲାମାନଙ୍କ ସହିତ ସମସ୍ତଙ୍କୁ ସଚେତନ୍ତା କରି ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଗୋପାଳ କୃଷ୍ଣ ଘୋଷ, ଅତୁଲ ସାମଲ, ଶ୍ୟାମ ଶଙ୍କର କୁଇଲା, ବଂଶୀଧର ପାଳ, ଗଜେନ୍ଦ୍ର ବେହେରା, ସମରେନ୍ଦ୍ର ସାହାଣୀ, ନନି ଗୋପାଳ ମିଶ୍ର ଓ ଶିକ୍ଷାକର୍ମଚାରୀ କାର୍ତ୍ତିକ ପାତ୍ର, ଗଣେଶ ପାତ୍ର, ସର୍ବେଶ୍ୱର ସାମଲ ପ୍ରମୁଖ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା।

# ୧୧୭ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ବାହାନଗା,୧୯।୧(ସମିସ)



ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ସଭାଗୃହରେ ଆଜି ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣୀରେ ବିଭିନ୍ନ ବିଭାଗରୁ ସମୁଦାୟ ୧୧୭ ଗୋଟି ଅଭିଯୋଗ ଆସିଥିବା ବେଳେ ଜିଲ୍ଲାପାଳ ବିଭିନ୍ନ ବିଭାଗ ମାଧ୍ୟମରେ କିଛି ଅଭିଯୋଗର ତତ୍କାଳ ସମାଧାନ କରାଇଥିବାର ସୂଚନା ମିଳିଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଉପ ଜିଲ୍ଲାପାଳ ଶିବ ମାଳଭ୍ୟା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ କୁମାର ରାଉତ, ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ବାହାନଗା ତହସିଲଦାର ଅମ୍ବିକା ଭୂୟାଁ, ବାହାନଗା ବିଡ଼ିଓ ଶୁଭଶ୍ରୀ ଟୁଡୁଙ୍କ ସହ ବିଦ୍ୟୁତ, ଖନ୍ତାପଡ଼ା ଥାନା, ଅବକାରୀ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୃଷି, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପାନୀୟ ଜଳ ଓ ପରିମଳ, ପୂର୍ତ୍ତ ବିଭାଗ ସହ ଅନ୍ୟାନ୍ୟ ବିଭାଗର ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୧୧୭ ଗୋଟି ଅଭିଯୋଗ ଆସିଥିଲା। ସେଥିରୁ ସର୍ବାଧିକ ଭତ୍ତା, ଆବାସ, ଜମିଜମା, ଉନ୍ନୟନ କାର୍ଯ୍ୟରେ ବିଲ ନମିଳିବା ସଙ୍କ୍ରାନ୍ତୀୟ ଅଭିଯୋଗ ଆସିଥିଲା। ଏମିତି କି ୧୧୭ ଗୋଟି ଅଭିଯୋଗ ମଧ୍ୟରୁ ବାହାନଗା ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ନାମରେ ୨୯ ଗୋଟି ଅଭିଯୋଗ ଆସିଥିବା ବେଳେ ତହସିଲ ପ୍ରଶାସନ ସଙ୍କ୍ରାନ୍ତୀୟ ୨୦ ଗୋଟି ଅଭିଯୋଗ, ସୌଭାଗ୍ୟ ଯୋଜନାରେ ବିଜୁଳି ସଙ୍କ୍ରାନ୍ତରେ ୪ ଗୋଟି ଅଭିଯୋଗ ଆସିଥିବା ଜଣାପଡିଛି। ସେହିଭଳି ୧୨ ଜଣ ଅଭିଯୋଗକାରୀ ବିଭିନ୍ନ ରୋଗରେ ପୀଡ଼ିତ ଥିବାରୁ ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଆଣିଥିଲେ। ଜିଲ୍ଲାପାଳ ଅଭିଯୋଗକୁ ଗୁରୁତର ଭାବେ ନେଇ ତୁରନ୍ତ ତାଙ୍କ କାଗଜପାତ୍ର ଯାଞ୍ଚ କରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୨ ଜଣଙ୍କ ମଧ୍ୟରୁ ୬ ଜଣଙ୍କୁ ୧୦ ହଜାର ଟଙ୍କା ଏବଂ ଅନ୍ୟ ୬ ଜଣଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରିବାକୁ ଜିଲ୍ଲା ଜରୁରୀ କାଳୀନ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସେପଟେ ଅନେକ ଅଭିଯୋଗକାରୀ ଜନଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଅଭିଯୋଗର ସମାଧାନ ହେଉନଥିବାରୁ ଅନେକ ଅଭିଯୋଗକାରୀ କ୍ଷୋଭ ପ୍ରକାଶ କରିଛନ୍ତି।

## ବନ୍ଦେ ମାତରମ୍‌ର ୧୫୦ ତମ ବର୍ଷ ପୂର୍ତ୍ତି

ସୋର,୧୯।୧(ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଟାଉନ ହଲ ପରିସରରେ ରାଷ୍ଟ୍ରଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା, ସମ୍ମାନିତ ଅତିଥି ଭାବେ ଜାଭିଅର ହାଇସ୍କୁଲର ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି, ପାରିଷଦ ସରୋଜିନୀ ନାୟକ, ପାରିଷଦ ପାର୍ବତୀ ତରେଇ, ପାରିଷଦ ଅହଲ୍ୟା ବେହେରା, ପାରିଷଦ ବର୍ଷାରାଣୀ ଦାସ,ପାରିଷଦ ସାହେବ ଖାନ କାଦ୍ରୀ, ପାରିଷଦ ରମେଶ ଚନ୍ଦ୍ର ସିଂହ, ପାରିଷଦ ରହିମାତୁନ ବିବି, ଶିକ୍ଷୟିତ୍ରୀ ଶୈଳବାଳା ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୌରପାଳିକାର ବିଭିନ୍ନ ବିଦ୍ୟାଳୟରେ ନୃତ୍ୟ, ସଂଗୀତ, ତର୍କ ବିଭାଗରେ ପ୍ରଥମ ହୋଇଥିବା ୧୮୦ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭାକାର୍ଯ୍ୟ ପ୍ରାରମ୍ଭରେ ଶିକ୍ଷକ ରବି ନାରାୟଣ ଦାସ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଉମାକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ପୌର କର୍ମଚାରୀ ନରହରି ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୌର କର୍ମଚାରୀ ବଂଶୀଧର ବାରିକ, ଶିକ୍ଷକ କାଶୀନାଥ ମହାରଣାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପୌର କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ରାଧାରଞ୍ଜନ ପଟ୍ଟନାୟକଙ୍କୁ 'ଲୁଇପା ସମ୍ମାନ' ପ୍ରଦାନ

ବାଲେଶ୍ୱର,୧୯।୧(ସମିସ): ରାଢ଼ୋ ଲୁଇପାଙ୍କ ସିଦ୍ଧପୀଠରେ ଆୟୋଜିତ ରାଜ୍ୟସ୍ତରୀୟ ମକର ମେଳା ଓ ସମ୍ବର୍ଦ୍ଧନା ଉତ୍ସବ ଚିନ୍ତାମଣି ସ୍ମୃତି ପରିଷଦର ଉପଦେଷ୍ଟା ଲକ୍ଷ୍ମୀଧର ପୋଥାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡ. ରାଧାରଞ୍ଜନ ପଟ୍ଟନାୟକଙ୍କୁ ରାଜ୍ୟସ୍ତରୀୟ ଲୁଇପା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଭବ୍ୟ ଉତ୍ସବରେ ବଣ ପାହାଡ଼ ଘେରା ମୂଳକରୁ ଶହଶହ ଲୁଇପାପ୍ରେମୀ ଉପସ୍ଥିତ ଥିଲେ। ଉତ୍ସବରେ ଉଦ୍‌ଘାଟକ ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ମୁଖ୍ୟ ବକ୍ତା ଭାବେ ଡ. ରାଧାରଞ୍ଜନ ପଟ୍ଟନାୟକ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରେଣ୍ୟ ଅତିଥି ଭାବେ ରାଜ୍ୟ ସଭା ସାଂସଦ ମମତା ମହନ୍ତ, ଉଦଳା ଏନ୍‌ଏସ୍‌ସି ଚେୟାରମ୍ୟାନ କବି ପ୍ରମିଳା ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବୁଗୁଡ଼ାଇ, ସାହିତ୍ୟିକ ଶରତ ଚନ୍ଦ୍ର ପ୍ରଧାନ, କବି ଶ୍ରଦ୍ଧାଞ୍ଜଳି ରାୟ, ଗାଳ୍ପିକ ତଥା ସ୍ୱପ୍ନଦ୍ୱୀପ ସମ୍ପାଦକ କାଳୀକିଙ୍କର ଦାସ, ଶ୍ୟାମ ସୁନ୍ଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମୟର ଚକ୍ର ସମ୍ପାଦକ ସର୍ବେଶ୍ୱର ଜେନା ସଂଯୋଜନା କରିଥିଲେ। ସେହିପରି ବିଭିନ୍ନ କ୍ଷେତ୍ରରେ କୃତୀ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।



## ମୃତ ଶିଶୁକନ୍ୟା ପରିବାରକୁ ମିଳୁନି ସହାୟତା, ଜିଲ୍ଲାପାଳଙ୍କୁ ଫେରାଦ

ବାହାନଗା,୧୯।୧(ସମିସ)



ସରକାରଙ୍କ ନିୟମ ମୁତାବକ କୌଣସି ବ୍ୟକ୍ତିଙ୍କର ଦୁର୍ଘଟଣା କିମ୍ବା ଜଙ୍ଗଲୀ ଜୀବ ଜନ୍ତୁ କିମ୍ବା ସରୀସୃପ ଜନିତ ଆକ୍ରମଣରେ ମୃତ୍ୟୁ ଘଟିଲେ ମୃତ ସମ୍ପର୍କୀୟଙ୍କୁ ସହାୟତା ରାଶି ମିଳିବ। ତେବେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ଜଣେ ଶିଶୁର ପରିବାରକୁ କୌଣସି ସହାୟତା ମିଳିପାରିନାହିଁ। ପଥରପେଣ୍ଠ ପଞ୍ଚାୟତରେ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି। ଶିଶୁକନ୍ୟାର ମୃତ୍ୟୁକୁ ୩ମାସ ବିତିଥିଲେ ବି ପ୍ରଶାସନ ଆର୍ଥିକ ସହାୟତାରାଶି ଦେବାରେ ବିଫଳ ହୋଇଛି। ଏପରିକି ପରିବାର ଲୋକେ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣିକୁ ଆସି ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି। ଖବର ଅନୁସାରେ ବାହାନଗା ବ୍ଲକ ପଥରପେଣ୍ଠ ପଞ୍ଚାୟତ ଜିତେନ୍ଦ୍ର ମଳିକଙ୍କ ପରିବାର ଗତ ଅକ୍ଟୋବର ୨୨ ତାରିଖ ରାତିରେ ଖାଇପିଇ ଶୋଇଥିବା ସମୟରେ ଏକ ବିଷଧର ସାପ ଆସି ଜିତେନ୍ଦ୍ରଙ୍କ ଶିଶୁକନ୍ୟା ବିଷ୍ଣୁପ୍ରିୟାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଶିଶୁଟିର ବାପା ଜିତେନ୍ଦ୍ର ଜଣେ ଗରିବ ଦିନ ମଜୁରିଆ ହୋଇଥିବା ବେଳେ ତାଙ୍କ ଏଭଳି ପରିସ୍ଥିତିରେ ନିଜର ଶିଶୁକନ୍ୟାକୁ ହରାଇ ଭାଙ୍ଗି ପଡ଼ିଥିଲେ। କିଛି ସମାଜସେବୀ ଓ ଗ୍ରାମବାସୀ ହସ୍ତକ୍ଷେପ ପରେ ନଭେମ୍ବର ୧୮ ତାରିଖରେ ବାହାନଗା ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ମରୁତ ଶିଶୁଙ୍କ ପରିବାର ନିକଟରେ ପହଞ୍ଚି ଆବଶ୍ୟକୀୟ ଦସ୍ତାବିଜ ସଂଗ୍ରହ କରି ଫେରିଥିଲେ। ଏହାରି ଭିତରେ ଦୀର୍ଘ ସମୟ ବିତିଥିଲେ ମଧ୍ୟ ପରିବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହେଉଥିଲେ ମଧ୍ୟ ପରିବାର ତହସିଲ ପ୍ରସାଶନକୁ ଦେଇଥିବା ଦସ୍ତାବିଜ ଓ ତଦନ୍ତ ରିପୋର୍ଟ ମିଳୁନଥିବା କହି ଭୁଆଁ ବୁଲାଉଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ହସ୍ତକ୍ଷେପ ପରେ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ପୁଣି ଜାନୁୟାରୀ ୧୫ ତାରିଖରେ ତଦନ୍ତ କରି ଫେରିଥିବାର ଦେଖିବାକୁ ମିଳିଛି। ମାତ୍ର ଏଠି ପ୍ରଶ୍ନ ଉଠୁଛି ତହସିଲ କାର୍ଯ୍ୟାଳୟର କର୍ମଚାରୀଙ୍କ କାର୍ଯ୍ୟ କରିବାର ଆନ୍ତରିକତା ଅଭାବ ନାଁ ସମନ୍ୱୟ ଅଭାବ ପାଇଁ ସରକାରୀ ସହାୟତା ମିଳିବାରୁ ବଞ୍ଚିତ ହୋଇଛନ୍ତି ପରିବାର ଲୋକେ ତାହାକୁ ନେଇ ପ୍ରଶ୍ନ ଉଠିଛି। ଯାହା ଦ୍ୱାରା ସରକାରଙ୍କ ଯୋଜନା ହିତାଧିକାରୀଙ୍କ ନିକଟରେ କେଉଁଠି ଅପହଞ୍ଚ ହେଉଛି ତ କେଉଁଠି ବିଳମ୍ବ ହେଉଛି। ଆଜି ମୃତ ଶିଶୁକନ୍ୟାଙ୍କ ପରିବାର ଲୋକେ ଜିଲ୍ଲାପାଳଙ୍କ ନିକଟରେ ଦ୍ୱାରସ୍ଥ ହେବାପରେ ଜିଲ୍ଲାପାଳ ଘଟଣାକୁ ଗୁରୁତର ଭାବେ ନେଇ ସହ ବାହାନଗା ତହସିଲଦାର ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣା ବାବଦରେ ବାହାନଗା ତହସିଲଦାର ଅମ୍ବିକା ଭୂୟାଁଙ୍କୁ ପଚାରିବାରୁ ଶିଶୁ କନ୍ୟାଙ୍କ ସମସ୍ତ ତଥ୍ୟ ଜିଲ୍ଲା ପ୍ରଶାସନ ନିକଟକୁ ତହସିଲ କାର୍ଯ୍ୟାଳୟ ତରଫରୁ ପଠାଇ ଦିଆ ଯାଇଛି, ଶୀଘ୍ର ଅର୍ଥରାଶି ମିଳିଯିବ ବୋଲି ପ୍ରକାଶ କରିଛନ୍ତି।

## ଆଇଟିଡିଏ ଅନୁଦାନକୁ ନେଇ ଅସନ୍ତୋଷ \ ଜନପ୍ରତିନିଧିଙ୍କ ଧାରଣା ଚେତାବନୀ

ନୀଳଗିରି,୧୯।୧(ସମିସ): ନୀଳଗିରି ପଞ୍ଚାୟତସମିତି ଅଧୀନ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ/ସଭ୍ୟାମାନେ ୨୦୨୩/୨୪ ଏବଂ ୨୫/୨୬ଆର୍ଥିକ ବର୍ଷରେ ନୀଳଗିରି ଆଇଟିଡିଏକୁ ଆସିଥିବା ସରକାରୀ ଅନୁଦାନକୁ ବିନା ଟେଣ୍ଡରରେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଉନ୍ନୟନ କାର୍ଯ୍ୟ କରିବାକୁ ଦିଆଯାଉଥିବା ନେଇ ଏକ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କୁ ପ୍ରଦାନ କରାଯାଇଛି। ଏହି ପତ୍ରରେ ସଂସ୍ଥା ତରଫରୁ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରାଯାଇନଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ୨୦୨୩/୨୪ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆଦର୍ଶ ଯୋଜନାରେ ୧୩ଗୋଟି ରାଜସ୍ୱଗ୍ରାମରେ ଗ୍ରାମସଭା କରାଯାଇ ୨କୋଟି ୬୦ଲକ୍ଷ ଅନୁଦାନ ଆସିଥିବା ବେଳେ ଅନୁରୂପ ଭାବେ ୨୦୨୩/୨୪ରେ ସ୍ୱତନ୍ତ୍ର ଉନ୍ନୟନପରିଷଦ(ଏସଡିସି) ଯୋଜନାରେ ୧କୋଟି ୨୬ଲକ୍ଷ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନଯୋଜନାରେ ଏକ କୋଟିରୁ ଊର୍ଦ୍ଧ୍ୱ,୨୦୨୫/୨୬ଆର୍ଥିକ ବର୍ଷରେ ଛାତ୍ରାବାସ ମରାମତି ୪୪ଲକ୍ଷ ୬୬ହଜାର, ସେହିପରି ୨୫/୨୬ଆର୍ଥିକ ବର୍ଷରେ ପାଚେରି ଉଚ୍ଚତା ପାଇଁ ୨କୋଟି, ଷ୍ଟାଫକ୍ୱାର୍ଟର ମରାମତି ପାଇଁ ୩୮ଲକ୍ଷ, ସ୍କୁଲରେ ପାନୀୟଜଳ ଯୋଗାଣ ପାଇଁ ୭ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଆସିଥିବା ବେଳେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଏସମସ୍ତ ଅର୍ଥର ଉନ୍ନୟନକାର୍ଯ୍ୟ କରିବାପାଇଁ ସଂସ୍ଥା ତରଫରୁ କାର୍ଯ୍ୟକାରୀ ହେଉଥିବା ଅଭିଯୋଗକରି ଆସନ୍ତା ଜାନୁଆରୀ ୨୮ ତାରିଖ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବବୋଲି ଏହି ଲୋକପ୍ରତିନିଧି ମାନେ ଚେତାବନୀ ଦେବାସହିତ ବାଲେଶ୍ୱର ଜିଲ୍ଲାପାଳ, ଏସ୍‌ପି, ନୀଳଗିରି ଉପଜିଲ୍ଲାପାଳ, ଏସ୍‌ଡିପିଓ, ଆଇଆଇସି ଏବଂ ଏସଡିଏମଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନୀଳଗିରି ପଞ୍ଚାୟତସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ସମିତିସଭ୍ୟା ବିନତା ମାଢେଇ, ଉଡ଼ଁରିଆବାଡ଼ ସରପଞ୍ଚ ସଞ୍ଜୟ କୁମାର ସିଂ, ସମିତିସଭ୍ୟା ସାବିତ୍ରୀ ସିଂ, ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ସିଆଡିମାଳ ସରପଞ୍ଚ ସୁରଥ ସିଂ, ସମିତିସଭ୍ୟ ରାଜୀବ ଦାସବାବୁ, ଛତ୍ରପୁର ସରପଞ୍ଚ ମାଳତୀ ମାର୍ଣ୍ଡୀ, ନାୟବ ସରପଞ୍ଚ ହରେକୃଷ୍ଣ ମାଝୀ, ନରସିଂହପୁର ସମିତିସଭ୍ୟା ଅହଲ୍ୟା ନାୟକ, ରମାକାନ୍ତ ମଢ଼େଇ ମଛୁଆ ସମିତିସଭ୍ୟ ପ୍ରମୁଖ ବହୁ ନିର୍ବାଚିତ ଲୋକପ୍ରତିନିଧି ଏହି ଅଭିଯୋଗ ଆଣିଥିବା ସୂଚନା ମିଳିଛି।



## ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ନୀଳଗିରି,୨୦।୧(ସମିସ): ନୀଳଗିରି ମହାବିଦ୍ୟାଳୟ ପରିସରରେ ଆୟୋଜିତ ଅ"ଆଠ ଦିନ ବ୍ୟାପୀ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ସମାରୋହ ପାଳିତ ହୋଇଯାଇଛି। ଏହି ସଭା ମହାବିଦ୍ୟାଳୟର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉଳଙ୍କ ସଭାପତିତ୍ୱରେ ଡଃ ଲୋପାମୁଦ୍ରା ପ୍ରଧାନ ମୁଖ୍ୟ ବକ୍ତା, ଡଃ ସଂଗ୍ରାମ କୁମାର ରାଉତ ମୁଖ୍ୟ ଅତିଥି ତଥା ଦୁଇ ପ୍ରଶିକ୍ଷିକା କ୍ଷଣପ୍ରଭା ଓ ରଶ୍ମୀରେଖା ଯୋଗଦାନ କରିଥିଲେ। ପ୍ରଥମେ ଅତିଥିଙ୍କ ଦ୍ୱାରା ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ନାୟକ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ତିଳକ ପ୍ରଦାନ କରାଯିବା ସହ ଛାତ୍ରୀ କ୍ରିଷ୍ଣା ସାହୁଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଶିବିରର ସଞ୍ଚାଳିକା ଅଧ୍ୟାପିକା ଶୁଭଶ୍ରୀ ଜେନା ଅତିଥିଗଣଙ୍କ ପରିଚୟ ପ୍ରଦାନ କରିବା ସହିତ ଶିବିର ସାଫଲ୍ୟ ମଣ୍ଡିତ ହେବାପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସଭାପତି ଅଧ୍ୟକ୍ଷ ମହୋଦୟ ଛାତ୍ରୀଙ୍କୁ ଉଭୟ ଶାରୀରିକ ଓ ମାନସିକ ଦୃଷ୍ଟିରୁ ସୁଦୃଢ଼ ହେବାରେ ଏହି ଶିବିର ଅତ୍ୟନ୍ତ ଉପାଦେୟ ହୋଇଛି ବୋଲି କହିଥିଲେ। ଏହାପରେ ମୁଖ୍ୟ ଅତିଥି ଡଃ ସଂଗ୍ରାମ କୁମାର ରାଉତ ଛାତ୍ରୀଙ୍କୁ ସତର୍କ ଓ ସାବଧାନ ରହିବା ସହ ଉପସ୍ଥିତ ବୁଦ୍ଧିମତ୍ତା ବଳରେ ନିଜକୁ ରକ୍ଷା କରିବାର କୌଶଳ ହାସଲ ଦିଗରେ ଗଭୀର ଚିନ୍ତା ପ୍ରକଟ କରିଥିଲେ। ମୁଖ୍ୟ ଅତିଥି ଡଃ ଲୋପାମୁଦ୍ରା ପ୍ରଧାନ ମହୋଦୟା ଛାତ୍ରୀଙ୍କୁ ଆତ୍ମଶୃଙ୍ଖଳ ଓ ଆତ୍ମରକ୍ଷଣ ଉପରେ ଅଧିକ ନିର୍ଭରଶୀଳ ହେବାର ଯଥାର୍ଥ ସମୟ ଉପଗତ ବୋଲି ଆଶ୍ୱାସନା ବାଣୀ ଶୁଣାଇଥିଲେ। ଦୁଇ ପ୍ରଶିକ୍ଷିକା ରଶ୍ମୀରେଖା ଓ କ୍ଷଣପ୍ରଭା ଅଭିଭାଷଣ ଛଳରେ ଛାତ୍ରୀଙ୍କ ଆନ୍ତରିକ ଆଗ୍ରହ ଓ ଉତ୍ତମ ଆଚରଣ ଦ୍ୱାରା ଶିବିର ସାଫଲ୍ୟ ହୋଇଛି ବୋଲି ଆତ୍ମ ସନ୍ତୋଷ ପ୍ରକାଶ କରିଥିଲେ। ଏହି ଶିବିରର ଅନ୍ୟତମ ସଞ୍ଚାଳିକା ଅଧ୍ୟାପିକା ସୀମାରାଣୀ ସେଠୀ ଶିବିରର ଉଦ୍ଦେଶ୍ୟ ଫଳବତୀ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରର ଅନ୍ୟତମ ସଞ୍ଚାଳିକା ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସିଂଙ୍କ ସହଯୋଗରେ ଅଂଶଗ୍ରହଣ କାରି ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ ସହ ମିଷ୍ଟାନ୍ନ ଭୋଜନ ପ୍ରଦାନ କରାଯାଇଥିଲା। ଏହି ସଭାରେ ମହାବିଦ୍ୟାଳୟ ର ଅଧ୍ୟାପିକା ସ୍ମିତା ମହାରଣା, ରୋଜିନା ରୋଜାଲିନ, ସଂଗୀତା ପାତ୍ର, ସୁଦେଷ୍ଣା ଚିରଶ୍ରୋତା ଓ ଅଧ୍ୟାପକ ଆଶିଷ କୁମାର ମୁଦୁଲି, ମାନସ ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ।




## ନିତାଇ ଗୌର ଆଶ୍ରମରେ ମକର ମେଳା

ନୀଳଗିରି,୧୯।୧(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ତେଲିପାଳ ଗ୍ରା:ପ ଅଧୀନସ୍ଥ ବଣପାହାଡ଼ ଘେରା ନିତାଇଗୌର ଆଶ୍ରମ ପରିସରରେ ୭ଦିନ ବ୍ୟାପି ମକର ମେଳା ଅନୁଷ୍ଠିତ ହୋଇଯାଇଛି। ପାଖ ଅଞ୍ଚଳ ଏବଂ ବିଭିନ୍ନ ସ୍ଥାନରୁ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ମାନଙ୍କ ସମାଗମ ପରିଲକ୍ଷିତ ହୋଇଥିବା ବେଳେ ଉକ୍ତ ମକର ମେଳରେ ସବୁଦିନ ହୋମ ଯଜ୍ଞ, ସଂକୀର୍ତ୍ତନ, ପ୍ରବଚନ, ଅନ୍ନଛତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ କାର୍ଯ୍ୟକ୍ରମ ରେ ଯୋଗଦେଇ ଉକ୍ତ ଆଶ୍ରମ ଟିକୁ ଓଡିଶା ପର୍ଯ୍ୟଟନ ବିଭାଗ କୁ ହସ୍ତାନ୍ତର ସହିତ ପୀଠର ଉନ୍ନତି କରଣ ସହିତ ନିଜ ହାତ ପାଣ୍ଠିରୁ ଅର୍ଥ ରାଶିରେ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବର ଶେଷ ଦିନରେ ଇଡ଼କୋ ମହା ପ୍ରବନ୍ଧକ ସରୋଜ ସେଠୀ ଯୋଗଦେଇ ପୀଠ ସ୍ଥଳୀର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦେବଭୂମି ବିକାଶ ପରିଷଦ ଦ୍ୱାରା ଚାଳିତ ଉକ୍ତ ଆଶ୍ରମ ର ମୁଖ୍ୟ ଉଦ୍ୟୋକ୍ତା ସୁଧାରଞ୍ଜନ ଦାସ, ସୁରେଶ ବେହେରା, ରମାକାନ୍ତ ବେହେରା, ଦିଲ୍ଲୀପ କୁମାର ବେହେରା, କୈଳାଶ ଚନ୍ଦ୍ର ମିଶ୍ର, ସତ୍ୟବ୍ରତ ଦାସ, ପୂଜକ ଚକ୍ରଧର ଶତପଥି, ପ୍ରଶାନ୍ତ କୁମାର ଶତପଥି, ସାଧୁ ବାବା ଦାଶରଥୀ ବାଗ, ଅବନୀ ବାଗ ପ୍ରମୁଖ ଏହି ୭ ଦିନ ବ୍ୟାପି ମକର ମେଳା କୁ ପରିଚାଳନାରେ ସହଯୋଗ କରିଥିଲେ।



## ଝାଟିଆ ମୁନୀ ମେଳାର ଚତୁର୍ଥ ସନ୍ଧ୍ୟା

ଖଇରା,୧୯ ।୧(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅଧୀନ ଝାଟିଆ ମୁନି ମେଳାର ରବିବାର ଚତୁର୍ଥ ସନ୍ଧ୍ୟା ଓଲିଉଡର ଚର୍ଚ୍ଚିତ କଣ୍ଠଶିଳ୍ପୀ ଶୁଭଶ୍ରୀ ସାହୁଙ୍କ ନୁଆ ଓ ପୁରୁଣା ସଙ୍ଗୀତର ତାଳେ ତାଳେ ଉଦ୍‌ଯାପିତ ହୋଇ ଯାଇଛି। ଏଥିରେ ଯୁବନେତା ଙ୍ଗ ରାଜେଶ ମହାକୁଡ ମୁଖ୍ୟ ଅତିଥି ଓ ଗାୟତ୍ରୀ ଆଶ୍ରମର ମହନ୍ତ ଦିପ୍ତିକାନ୍ତ ଶାସ୍ତ୍ରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହୋତ୍ସବ ସମ୍ପର୍କର ସେତୁ ସୃଷ୍ଟି କରିଥାଏ ବୋଲି କହିଥିଲେ। ଭାଜପା ତୁଡିଗଡିଆ ମଣ୍ଡଳ ସଭାପତି ମାନସ କୁମାର ମୁଦୁଲି, ଯୁବନେତା ଦିନେଶ ଜେନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।




## ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ବାଲେଶ୍ୱର,୧୯।୧(ସମିସ): ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଫକୀର ମୋହନ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଓ ଉଦଯାପନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡକ୍ଟର ସୋନାଲିସା ମହାନ୍ତି ସଭାପତିତ୍ୱ କରିଥିବା ବେଳେ କ୍ରୀଡା ଉପସଭାପତି ଡକ୍ଟର ସନ୍ତୋଷ କୁମାର ରାଉତ ଅତିଥି ପରିଚୟ ଦେବା ସହିତ ବାର୍ଷିକ କ୍ରୀଡା ବିବରଣୀ ପାଠ କରିଥିଲେ। ସହ ଉପସଭାପତି କୁଞ୍ଜ ବିହାରି ମହାନ୍ତି ବାର୍ଷିକ କ୍ରୀଡା ଉତ୍ସବର ସଂଯୋଜନା କରିଥିଲେ, ଅଧ୍ୟାପକ ଲକ୍ଷ୍ମୀ ନାରାୟଣ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସହ ଉପସଭାପତି ଶୁଭମ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ†ାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କବି ପ୍ରଶାନ୍ତ ଦାସ ମୁଖ୍ୟ ବକ୍ତା ଭାବେ ଦାୟତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ, ମୁଖ୍ୟ ବକ୍ତା ଭାବେ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଝାନସି ଜେନା ଯୋଗଦେଇ କ୍ରୀଡାର ମହତ୍ତ୍ୱକୁ ନେଇ ନିଜର ବକ୍ତବ୍ୟ ରଖିଥିଲେ। ବାଲେଶ୍ୱର ଜିଲ୍ଲାର ବିକାଶ ପଥରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକଙ୍କ ଅତୁଳନୀୟ ଭୂମିକା ପାଇଁ ତାଙ୍କୁ ପ୍ରଶାସନିକ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ରୀଡା ପ୍ରତିଯୋଗୀତାରେ କୃତି ଛାତ୍ର ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାର ସଫଳ ରୂପାୟନ ପାଇଁ ସହ ଉପସଭାପତି ମନୋରଞ୍ଜନ ପଣ୍ଡା, ପ୍ରିୟଙ୍କା ପତି, ଅସ୍ମିତା ଗୁରିଆ, ସେକ୍ସନ ଅଧିକାରୀ ବଳରାମ ନାଏକଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥଲେ।



## ଭୂମିହୀନଙ୍କୁ ଜାଗା ଖଣ୍ଡେ ମିଳିଲାନି; ଚାଲିଗଲା ବୃଦ୍ଧାଙ୍କ ଜୀବନ

ବାହାନଗା,୧୯।୧(ସମିସ)







ବାଲେଶ୍ୱର ଜିଲ୍ଲା ବାହାନଗା ତହସିଲ ଅଧୀନ ବିଷ୍ଣୁପୁର ଗାଁରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଭୂମିହୀନ ୮୬ ବର୍ଷିୟା ବୃଦ୍ଧା ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସରକାରୀ ଜାଗାରେ ମୁଣ୍ଡଗୁଞ୍ଜି ରହିବା ପରେ ଜଗାଖଣ୍ଡେ ଯୋଗାଇ ପାରିଲା ନାହିଁ ପ୍ରଶାସନ। ଆଜି ସରକାରୀ ଜାଗାରେ ବୃଦ୍ଧା ରହୁଥିବା ଘରକୁ ଭାଙ୍ଗି ବାହାନଗା ତହସିଲ ପ୍ରଶାସନ ଜବର ଦଖଲ ଉଚ୍ଛେଦ ପାଇଁ ଆସିଥିବା ବେଳେ ଘର ଭାଙ୍ଗିବା ଚିନ୍ତାରେ ଜଣେ ୮୬ ବର୍ଷର ଅସହାୟ ବୃଦ୍ଧା ଟଳି ପଡିବା ଚିତ୍ର ସମସ୍ତଙ୍କୁ ବିଚଳିତ କରିଛି। ସରକାରୀ ଜାଗା ଦେଇ ନପାରି ଘର ଭାଙ୍ଗି ବାସହୀନ କରିବାକୁ ଆସିଥିବା ବେଳେ ଚାଲି ଯାଇଛି ବୃଦ୍ଧାଙ୍କ ଜୀବନ। ଖବର ଅନୁସାରେ ବାହାନଗା ତହସିଲ ଅଧୀନ ବିଷ୍ଣୁପୁର ଗ୍ରାମର ଏସ.କେ ସଲିମଙ୍କ ସ୍ତ୍ରୀ ରତ୍ନମାଳା ଦାଶ (୮୬) ଦୀର୍ଘବର୍ଷ ଧରି ବିଷ୍ଣୁପୁର ସ୍ଥିତ ବଜାର ନିକଟରେ ସରକାରୀ ଜାଗାରେ ରହି ଆସୁଥିଲେ। ସ୍?ାମୀଙ୍କ ମୃତ୍ୟୁପରେ ସାହାର ପାଳଟିଥିବା ୧୩ ବର୍ଷର ନାତୁଣୀକୁ ଧରି ସରକାରୀ ଜାଗାରେ କୁଡିଆ ଘରେ ରହି ଆସୁଥିଲେ ବୃଦ୍ଧା ରତ୍ନମାଳା। ସରକାରୀ ନିୟମ ମୁତାବକ ଭୂମିହିନ ଥିବା ପରିବାରକୁ ତହସିଲ ପ୍ରଶାସନ ପକ୍ଷରୁ ୪ ଡିସିମିଲ ଜମି ଦେଇ ଥଇଥାନ କରିବାକୁ ନିୟମ ଥିବା ବେଳେ ଦୀର୍ଘ ବର୍ଷ ପରେ ବି ଆ? ଆଖିରେ ବୃଦ୍ଧାଙ୍କୁ ଚାହିଁ ନଥିଲା ତହସିଲ ପ୍ରଶାସନ। ସ୍ଥାନୀୟ କିଛି ବ୍ୟକ୍ତିଙ୍କ ଦୋକାନ ଘର ସହ ସହ ବୃଦ୍ଧାଙ୍କ ଘରକୁ ଭାଙ୍ଗି ସରକାରୀ ଜମିକୁ ଜବର ଦଖଲ ମୁକ୍ତ କରିବାକୁ ସ୍ଥାନୀୟ ଜଣେ ବ୍ୟକ୍ତି ହାଇକୋର୍ଟରେ ଆଶ୍ରୟ ନେଇଥିଲରେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ବଳରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତ ୭ ତାରିଖରେ ଆଜି ଦିନରେ ବିଷ୍ଣୁପୁରରେ ୧୫ ଗୋଟି ଦୋକାନ ଘର ସହ ବୃଦ୍ଧ ରତ୍ନମାଳା ଦାଶଙ୍କ ଘର ଭାଙ୍ଗି ଜବରଦଖଲ ମୁକ୍ତ କରିବାକୁ ନୋଟିସ ଜାରି କରିଥିଲା ତହସଲ ପ୍ରଶାସନ। ବୃଦ୍ଧ ରତ୍ନମାଳାଙ୍କର ନିଜସ୍ୱ କୌଣସି ଜମି ନଥିବାରୁ ସେ ଅସହାୟ ଅବସ୍ଥାରେ ତାଙ୍କ ଘର ଭାଙ୍ଗି ଦେଲେ ସେ ବୃଦ୍ଧ ବୟସରେ ଶୀତ କାକରରେ କେଉଁଠି ରହିବେ, ତାଙ୍କୁ ଜାଗା ସହ ଘର ଯୋଗାଇ ଦେଇ ଥଇଥାନ କରାଇବାକୁ ସେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ତହସିଲ ପ୍ରଶାସନ ନିକଟରେ ତାଙ୍କ ଘର ନ ଭାଙ୍ଗିବାକୁ ଗୁହାରି କରିଥିଲେ। କୌଣସି ବି ଅଧିକାରୀଙ୍କ ଠାରୁ ସେ ଆଶ୍ୱାସନା ପାଇନଥିଲେ। ଆଜି ସକାଳେ ତାଙ୍କ ଘର ଉପରେ ବୁଲଡୁଜର ଚଢାଇ ପ୍ରଶାସନ ଘର ଭାଙ୍ଗିଦେବା କଥା ତାଙ୍କ ମନକୁ ଆନ୍ଦୋଳିତ କରିଥିଲା। ଆଜି ତାଙ୍କ ଘର ପ୍ରଶାସନ ଭାଙ୍ଗିବାର ଅଛି ଜାଣିପାରି ସେ ଅସହାୟ ହୋଇପଡିବା ସହ ସକାଳ ସମୟରେ ବୃଦ୍ଧା ଜଣକ ଘର ଘର କହି ଟଳି ପ?ିଥିଲେ। ଆଜି ପୂର୍ବ ନିର୍ଧାରିତ ନୋଟିସ ମୂଳେ ସୋର ତହସିଲଦାର ଦୈତାରୀ ମଲ୍ଲିକ , ବାହାନଗା ଅତିରିକ୍ତ ତହସିଲଦାର କାମଦନ ମାଝୀଙ୍କ ତତ୍?ାବଧାନରେ ଆଜି ବିଷ୍ଣୁପୁରରେ ଜବରଦଖଲ ହୋଇ ହୋଇଥିବା ୧୫ ଗୋଟି ଦୋକାନ ଘରକୁ ଭାଙ୍ଗି ମାଟିରେ ମିଶାଇଛି ତହସିଲ ପ୍ରଶାସନ। ବୃଦ୍ଧାଙ୍କ ମୃତ୍ୟୁପରେ ବୃଦ୍ଧାଙ୍କ ଘରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବୃଦ୍ଧାଙ୍କ ମୃତଦେହ ପଡି ରହିଥିବା ବେଳେ ବୃଦ୍ଧାଙ୍କ ଘର ନଭାଙ୍ଗି ସମବେଦନା ଜଣାଇଛି ପ୍ରଶାସନ। ହେଲେ ବୃଦ୍ଧାଙ୍କ ମୃତ୍ୟୁ ପାଇଁ ତହସିଲ ପ୍ରଶାସନ ଦାୟୀ ବୋଲି ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଜଣେ ଅସହାୟ ଭୂମିହିନ ପରିବାର ସରକାରୀ ଜାଗାରେ ମୁଣ୍ଡ ଗୁଞ୍ଜିବା ପାଇଁ ଆଶ୍ରୟ ନେଇଥିବା ବେଳେ ପ୍ରଶାସନ ଦୀର୍ଘ ବର୍ଷ ପରେ ବି ନିୟମ ମୁତାବକ ୪ ଡିସିମିଲ ଜାଗା ଖଣ୍ଡାଏ ଯୋଗାଇ ଦେବାରେ ବିଫଳ ହୋଇଛି, ଏଭଳି ସ୍ଥିତିରେ ଜଣେ ୮୫ ବର୍ଷୀୟା ବୃଦ୍ଧାଙ୍କୁ ଥଇଥାନର ବ୍ୟବସ୍ଥା ନକରାଇ ତାଙ୍କୁ ବାସହୀନ କରିବା ପାଇଁ ଘର ଭାଙ୍ଗି ଜବର ଦଖଲ ଉଚ୍ଛେଦ କରାଯିବାର ଯିବାର ନୋଟିସ ଦିଆଯିବା ଏବଂ ଆଜି ଦିନରେ ତାଙ୍କର ଘର ଭଙ୍ଗା ଯିବାର ଥିବା ଚିନ୍ତାରେ ବୃଦ୍ଧା ଜଣକ ମୃତ୍ୟୁବରଣ କରିବା ଘଟଣା ସ୍ଥାନିୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଗୋଟିଏ ପଟେ ପ୍ରଶାସନ ଅନ୍ୟ ସରକାରୀ ଜମି ଜବର ଦଖଲକାରୀ ବ୍ୟକ୍ତିଙ୍କ ଦୋକାନ ଘର ଉପରେ ବୁଲଡୋଜର ଚଢ଼ାଇ ଦୋକାନ ଘରକୁ ମାଟିରେ ମିଶାଉଥିବା ବେଳେ ଜବରଦଖଲ କରି ମୁଣ୍ଡ ଗୁଞ୍ଜିଥିବା ଅସହାୟ ବୃଦ୍ଧାଙ୍କ ଘରୁ କୋକେଇ ଉଠିଛି। ଯାହା ପ୍ରଶାସନର କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି। ସେପଟେ ଜଣେ ଅସହାୟ ବୃଦ୍ଧାଙ୍କ ଘର ଭାଙ୍ଗିବାକୁ ନୋଟିସ ଦେବା ପୂର୍ବରୁ ତାଙ୍କୁ ଜାଗା ଖଣ୍ଡେ ଦେଇ ପ୍ରଶାସନ ଥଇଥାନ କରାଇଥିଲେ ଆଜି ବୃଦ୍ଧାଙ୍କ ଜୀବନ ବଞ୍ଚି ଯାଇପାରିଥାନ୍ତା ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ନେଇ ବାହାନଗା ତହସିଲଦାର ଅମ୍ବିକା ଭୂୟାଁଙ୍କ ସହ ଯୋଗାଯୋଗ କରିବାରୁ ସେ କୁହନ୍ତି ଆଜି ବୃଦ୍ଧାଙ୍କ ଘର ଭଙ୍ଗା ଯାଇନାହିଁ, ତାଙ୍କ ପରିବାରକୁ ଥଇଥାନ କରାଯିବାର ବ୍ୟବସ୍ଥା କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବୁ।

## କାଉନସିଲରଙ୍କ ପକ୍ଷରୁ ବିଭିନ୍ନ ଜନହିତକର କାର୍ଯ୍ୟ

ବାଲେଶ୍ୱର,୧୯।୧(ସମିସ): ବାଲେଶ୍ୱର ପୌରପାଳିକାର ପାଞ୍ଚ ନମ୍ବର ୱାର୍ଡ କାଉନସିଲର ମିତା ପଟ୍ଟନାୟକଙ୍କ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟ ରବିବାର ମାନସିଂ ବଜାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୨୦୦ ଜଣଙ୍କ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ସେହିପରି ଜନସେବା କେନ୍ଦ୍ର ସାହାଯ୍ୟ ରେ ବିଦ୍ୟାଳୟ ଠାରେ ୱାର୍ଡର ଅନେକ ହିତାଧିକାରୀ ମାନଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରାଯାଇଥିଲା। ଶ୍ରମିକ କାର୍ଡ ଅନ ଲାଇନ ଆବେଦନ, ବିଭିନ୍ନ ପ୍ରକାର ଭତ୍ତା ଆବେଦନ, ନୂଆ ଭୋଟର ପରିଚୟ ପତ୍ର ସଂଯୋଗୀକରଣ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ରିତିକ ଜି, ଦେବାଶିଷ ଦାଶ, ମନୋରଞ୍ଜନ ମିଶ୍ର, ଅନ୍ନପୂର୍ଣ୍ଣା ବେହେରା, ଶାନ୍ତିଲତା ବେହେରା, ଉମାକାନ୍ତ ଦଳେଇ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

## ଟ୍ରେନ୍ ଧକ୍କାରେ ଯୁବକ ମୃତ

ଭୋଗରାଇ,୧୯।୧(ସମିସ): ଭୋଗରାଇ ବ୍ଲକ ପାଣିଷଣ୍ଡା ପଞ୍ଚାୟତରେ ଥିବା ସୁଖଷଣ୍ଡା ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବାଣୁଆଙ୍କ ପୁଅ ଚିତ୍ତରଞ୍ଜନ ବାଣୁଆ (୫୮)ଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ ଘଟିଛି। ଚିତ୍ତରଞ୍ଜନ ଗତକାଲି ସକାଳେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ସେମାନେ ଜଳେଶ୍ୱର ଷ୍ଟେସନରେ ଯାଇ ଖୋଜୁଥିବା ସମୟରେ ଷ୍ଟେସନରେ ଥିବା ପୁଲିସ ଲକ୍ଷ୍ମଣନାଥ ଷ୍ଟେସନରେ ଜଣେ ଅଜଣା ଲୋକଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ସୂଚନା ପାଇ ପରିବାର ଲୋକେ ଯାଇ ଦେଖିବା ବେଳକୁ ତାହା ଚିତ୍ତରଞ୍ଜନର ମୃତଦେହ ବୋଲି ଚିହ୍ନଟ କରିଥିଲେ। ପରିବାର ଲୋକେ ସେଠାରେ ଜାଣିବାକୁ ପାଇଲେ ଯେ ସକାଳ ପ୍ରାୟ ସାଢ଼େ ୧୦ଟାରେ ବିବେକ ଏକ୍ସପ୍ରେସ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ଜିଆର୍‌ପି ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।



ସକାଳ THE SAKALA



www.sakalaepaper.com

# ଅଟୋ ଓଲଟି ଜଣେ ମୃତ; ୧୭ ଗୁରୁତର

ସୋରଡ଼ା/ମୋହନା,୧୯ ।୧(ସମିସ): ଗଜପତି ଜିଲ୍ଲା ମୋହନା ଥାନା ତଥା ଗଞ୍ଜାମ ଜିଲ୍ଲା ସୀମାନ୍ତ ଭେଟନଈ ଗ୍ରାମ ନିକଟରେ ଅଟୋ ଓଲଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୭ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ସୋରଡ଼ା ବ୍ଲକ ତୁହାର ଗ୍ରାମର ସୁକାନ୍ତ ମଲ୍ଲିକ(୩୪) । ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଯୋଗୁ ତାଙ୍କୁ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସୂଚନା ମୁତାବକ ଏକ ଯାତ୍ରୀବାହୀ ଅଟୋରେ ୧୭ ଜଣ ମୋହନା ବ୍ଲକ ଗୋବିନ୍ଦପୁର ଗ୍ରାମରୁ ବଡଗଡ ଅଭିମୁଖେ ଆସୁଥିବା ବେଳେ ଭେଟନଈ ଗ୍ରାମ ନିକଟରେ ଭାରସ୍ୟାମ ହରାଇ ରାସ୍ତା ପାର୍ଶ୍ୱକୁ ଅଟୋ ଓଲଟି ପଡିଥିଲା । ସେହି ରାସ୍ତା ଦେଇ ଯାଉଥିବା କିଛି ଲୋକ ଗୁରୁତରଙ୍କୁ ଉଦ୍ଧାର କରି ବଡ଼ଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା । ସେଠାରୁ ୧୪ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

# ମା'-ଝିଅଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ



ଦିଗପହଣ୍ଡି,୧୯।୧(ସମିସ): ଦିଗପହଣ୍ଡି ଥାନା ବି. ତୁରୁବୁଡ଼ି ପଞ୍ଚାୟତ କାଣ୍ଡେଶ୍ୱର ଗ୍ରାମ ଇନ୍ଦିରା ଆବାସ କଲୋନୀରେ ରହୁଥିବା ସ୍ୱର୍ଗତ ପାଣ ସେଠୀଙ୍କ ଘରେ ପଶି ତାଙ୍କ ବିଧବା ସ୍ତ୍ରୀ କୁମାରୀ ସେଠୀ(୬୫) ଓ ତାଙ୍କ ଦୁଇ ଝିଅଙ୍କୁ ଆକ୍ରମଣ ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସାନତୁମୁଳା ଗ୍ରାମର ଜେ. ବାଳକୃଷ୍ଣ ପାତ୍ର ଓରଫ୍ ଟମାଟୋକୁ ଗିରଫ କରିଛି । ଅଭିଯୁକ୍ତ ବାଳକୃଷ୍ଣ ପୂର୍ବ ଶତ୍ରୁତାକୁ ନେଇ ଘଟଣା ଦିନ ରାତି ପ୍ରାୟ ସାଢେ ୧୧ ଟାରେ ଗ୍ରାମର କୁମାରୀ ସେଠୀ(୬୫)ଙ୍କ ଘରକୁ ଯାଇ କବାଟ ବାଡେଇ ଥିଲା । ଏହାପରେ କୁମାରୀଙ୍କ ଅବିବାହିତା ଝିଅ ସବିତା କବାଟ ଖୋଲିଥିଲେ । ବାଳକୃଷ୍ଣ ଏକ ଧାରୁଆ ଅସ୍ତ୍ରରେ ସବିତାଙ୍କ ବେକକୁ ଆକ୍ରମଣ କରିଥିଲା । ଏହାଦେଖି ମା' କୁମାରୀ ଏବଂ ସାନଝିଅ ଝିଲି (୨୪) ସବିତାଙ୍କୁ ବଞ୍ଚାଇବାକୁ ଚାଲିଆସିବାରୁ ସେମାନଙ୍କୁ ମଧ୍ୟ ଅତର୍କିତ ଆକ୍ରମଣ କରି ବାଳକୃଷ୍ଣ ସେଠାରୁ ବାଇକ ଯୋଗେ ଚମ୍ପଟ ମାରିଥିଲା । ଏନେଇ ରବିବାର କୁମାରୀ ସେଠୀ ଥାନାରେ ଏତଲା ଦେଇଥିଲେ । ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାଳକୃଷ୍ଣଙ୍କୁ ଗିରଫ କରିଥିଲା । ସୋମବାର ଅପରାହ୍ଣରେ ତାଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି ।

# ୪ ଏକର ଜମିର ଧାନଗଦା ଜଳିଗଲା



ରଙ୍ଗେଇଲୁଣ୍ଡା,୧୯।୧(ସମିସ): କନିଷି ତହସିଲ ଅଧିନସ୍ଥ ଚାନ୍ଦପୁର ପଞ୍ଚାୟତ ସୁନାଦେଇ ଗ୍ରାମର ବିଲରେ ଆଜି ଅପରାହ୍ଣ ଅଗ୍ନିକାଣ୍ଡ ଘଟି ଦୁଇ ଗୋଟି ଧାନଗଦା ପୋଡି ପାଉଁଶ ହୋଇଯାଇଛି । ଚାନ୍ଦପୁର ଗ୍ରାମର ଚାଷୀ ଶରତ ଚନ୍ଦ୍ର ପାତ୍ର ନିଜ ୪ ଏକର ବିଲରୁ ଧାନ କାଟି ସୁନାଦେଇ ଗ୍ରାମ ନିକଟରେ ଥିବା ବିଲରେ ଦୁଇଟି ଧାନଗଦା କରି ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ଧାନ ଅମଳ ପାଇଁ ରଖିଥିଲେ । ଅପରାହ୍ଣ ସାଢେ ୩ଟା ବେଳେ କୌଣସି କାରଣରୁ ଗଦାରେ ନିଆଁ ଲାଗି ଜଳିଯାଇଛି । ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚିବା ବେଳକୁ ସବୁ ଜଳି ପାଉଁଶ ହୋଇଯାଇଥିଲା । କେଉଁ କାରଣରୁ ନିଆଁ ଲାଗିଲା ସ୍ପଷ୍ଟ ହୋଇ ନଥିବା ବେଳେ ରାଜସ୍ୱ ବିଭାଗର କର୍ମଚାରୀ ଆସି । କ୍ଷୟକ୍ଷତି ରିପୋର୍ଟ ସଂଗ୍ରହ କରି ଫେରିଥିବା ଜଣାପଡିଛି । ବିପନ୍ନଙ୍କୁ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ଜୟ ମଙ୍ଗଳ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଧରାକୋଟ,୧୯ ।୧(ସମିସ): ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତ ଅନ୍ତର୍ଗତ ବେଠୁଆର ଗ୍ରାମ ସ୍ଥିତ ଜୟମଙ୍ଗଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଦିବାକର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଯାଇଛି । ମୁଖ୍ୟ ଅତିଥି ଭାବରେ ବିଇଓ ରମେଶ ଚନ୍ଦ୍ର ସାହୁ, ଏବିଇଓ ବିଭୁତି ଭୂଷଣ ପାତ୍ର, ପୂର୍ବତନ ଏବିଇଓ ସୀମାଞ୍ଚଳ ବେହେରା, ବରିଷ୍ଠ ସାମ୍ବାଦିକ ହୃଦାନନ୍ଦ ଜେନା, ସିଆରସିସି କାଳୁ ଚରଣ ଗୌଡ଼, ଏସଏମସି ସଭାପତି କୈଳାସ ଚନ୍ଦ୍ର ବାଡତ୍ୟା, ୱାର୍ଡସଭ୍ୟ ଶ୍ରୀହର୍ଷ ଗୌଡ଼ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ହେବା, ଚରିତ୍ର ଗଠନ, ପ୍ରତିଯୋଗୀ ମନୋଭାବ ପୋଷଣ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଧାନ ଶିକ୍ଷକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ବୁଲୁ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଆର୍ଯ୍ୟପଲ୍ଲୀ ସମୁଦ୍ର କୂଳ ଲଙ୍ଘିବା ପ୍ରସଙ୍ଗ

# ଏନ୍ଆଇଓଟି ଟିମ୍‌ର ସର୍ଭେ ଆରମ୍ଭ

ଛତ୍ରପୁର,୧୯ ।୧(ସମିସ)

ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ଗାଁ ସମୁଦ୍ର କୂଳ ନିକଟରେ ରହିଥିବା ଯୋଗୁ ସମୁଦ୍ର ଧିରେ ଧିରେ କୂଳ ଲଂଘୁଛି । ଯାହାଫଳରେ ଭୟଭୀତ ଅବସ୍ଥାରେ ଅଞ୍ଚଳବାସୀ ରହିଛନ୍ତି । ଏହାର ସ୍ଥାୟୀ ପ୍ରତିକାର ପାଇଁ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ଅଞ୍ଚଳବାସୀ । ଏନେଇ ଚେନ୍ନାଇ ସ୍ଥିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ୍ ଟେକ୍ନୋଲୋଜି (ଏନଆଇଓଟି)ର ଏକ ଟିମ ଆର୍ଯ୍ୟପଲ୍ଲୀ ସମୁଦ୍ର ନିକଟରେ ପହଞ୍ଚି ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି । ଟିମ୍ ସେଠାରେ ପହଞ୍ଚି ସମୁଦ୍ରକୁ ଡଙ୍ଗା ଦ୍ୱାରା ଯାଇ ଯାଞ୍ଚ କରିବା ସହ ଏହାର ଅନୁଧ୍ୟାନ କରିଛନ୍ତି । ସମୁଦ୍ରର ସ୍ରୋତ, ଢେଉ, ଲହଡ଼ି ଆଦି ଯନ୍ତ୍ର ଦ୍ୱାରା ସମୁଦ୍ର ପାଣି ଭିତରେ ପକାଯାଇ ନିରୀକ୍ଷଣ ସହ ଯାଞ୍ଚ କରିଥିଲେ ।



ଏହି ଟିମ୍ ଉପକୂଳ ସୁରକ୍ଷା କ୍ଷେତ୍ରରେ ଆବଶ୍ୟକୀୟ ବୈଷୟିକ ଜ୍ଞାନକୌଶଳ, ଡିଜାଇନ ପ୍ରଦାନ କରିବେ । ଯାହାଫଳରେ ଉପକୂଳ ସୁରକ୍ଷା କ୍ଷେତ୍ରରେ ବେଶ ସହାୟକ ହୋଇ ପାରିବ । ଏହି ତଥ୍ୟ ଜଳସମ୍ପଦ ବିଭାଗକୁ ପ୍ରଦାନ କରିବେ ବୋଲି ସୂଚନା ରହିଛି । ସୂଚନା ଥାଉକି, ଆର୍ଯ୍ୟପଲ୍ଲୀ ନିକଟରେ ଥିବା ସମୁଦ୍ର କୂଳ ଦିନକୁ ଦିନ ଲଂଘିବା ଦ୍ୱାରା ସ୍ଥଳ ଭାଗ ଆଡ଼କୁ ମାଡି ଆସୁଛି, ଯାହାଫଳରେ ପଞ୍ଚାୟତବାସୀ ଭୟଭୀତ ରହିବା ସହ ଏହାର ବିହୀତ ପଦକ୍ଷେପ ନେବାକୁ ଦାବି କରିଆସୁଥିଲେ । ପୂର୍ବରୁ ସମୁଦ୍ର ଗାଁଠାରୁ ୫ କିମି ଦୂରରେ ରହିଥିବା ବେଳେ ଏବେ ମାତ୍ର ୩ଶହ ମିଟର ଦୂରରେ ରହିଛି । ଏହାର ସ୍ଥାୟୀ ପ୍ରତିକାର ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୨ ଅଗଷ୍ଟ ୧୦ରେ ଚେନ୍ନାଇସ୍ଥିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସିଅନ ଟେକ୍ନୋଲୋଜି (ଏନଆଇଓଟି )ସହ ଏମ୍‌ଓୟୁ ହୋଇଥିଲା । ଏହି ଟିମ ବୈଷୟିକ ସହାୟତା ପ୍ରତିକାର ଏବଂ ପ୍ରତିରୋଧ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯିବା ସକାଶେ ବିହିତ ପଦକ୍ଷେପ ଗ୍ରହଣ କରିବ ।

# ନବମ ଶ୍ରେଣୀ ଛାତ୍ରଙ୍କୁ ପ୍ରଧାନ ଶିକ୍ଷକଙ୍କ ମାଡ଼ ଅଭିଯୋଗ

ଛତ୍ରପୁର,୧୯ ।୧(ସମିସ): ଗଞ୍ଜାମ ଜିଲ୍ଲା ହୁମ୍ମା ସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଡ଼ ମାରି ଲହୁଲୁହାଣ କରିଥିବା ଗଞ୍ଜାମ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି । ମାଡ଼ ଖାଇଥିବା ଛାତ୍ର ଜଣକ ବାଲୁଗାଁ ସାମନ୍ତରାପୁର ଗ୍ରାମର । ସେ ବିଦ୍ୟାଳୟରେ ହେବାକୁ ଥିବା ଡ୍ୟାନ୍ସ ପ୍ରୋଗ୍ରାମ ପାଇଁ ଗତ ୧୦ ତାରିଖରେ ନିଜ ସାଙ୍ଗ ମାନଙ୍କ ସହ ମୋବାଇଲରେ ଡ୍ୟାନ୍ସ ଭିଡିଓ ଦେଖୁଥିଲେ । ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଢୀ ଏବଂ କିଛି ଶିକ୍ଷକ ତାଙ୍କୁ ଏକ ବଡ଼ ବାଉଁଶରେ ମାଡ ମାରି ଲହୁଲୁହାଣ କରିଦେଇଥିଲେ । ପରେ ତାଙ୍କୁ ବିଦ୍ୟାଳୟ ପରିସରରେ ଥିବା ଅନ୍ୟ ଏକ ପ୍ରକୋଷ୍ଠରେ ରଖିଥିଲେ । ଖବର ପାଇ ୧୬ ତାରିଖ ଛାତ୍ରଙ୍କ ମାଉସୀ ବିଦ୍ୟାଳୟରେ ପହଞ୍ଚି ତାଙ୍କୁ ପ୍ରଥମେ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ । ସୋମବାର ଗଞ୍ଜାମ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟାଙ୍କୁ ଭେଟି ଏକ ଅଭିଯୋଗ କରିଛନ୍ତି । ଅନ୍ତର୍ଯ୍ୟାମୀଙ୍କ ବାପା-ମା' ଅକ୍ଷମ ବ୍ୟକ୍ତି ହୋଇଥିବାରୁ ରଜନୀ ତାଙ୍କ ପୁତୁରାଙ୍କୁ ଗତ ଚାରିବର୍ଷ ହେଲା ଏହି ବିଦ୍ୟାଳୟରେ ପାଠ ପଢ଼ାଉଛନ୍ତି । ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କଟା ଘଟଣା ସମ୍ପର୍କରେ ଜାଣିବା ପରେ ଏହାର ତଦନ୍ତ ନିମନ୍ତେ ଭାରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟେ ବିଦ୍ୟାଳୟକୁ ମୋବାଇଲ ମନା, ତଥାପି ଅନ୍ତର୍ଯ୍ୟାମୀ ମୋବାଇଲ ଧରି ଅନ୍ୟ ପିଲାଙ୍କ ସହ ଅଶ୍ଳୀଳ ଭିଡିଓ ଦେଖିଥିବାରୁ ମୁଁ ସେମାନଙ୍କୁ ତାଗିଦ କରିଥିଲି ବୋଲି ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଢ଼ୀ କହିଛନ୍ତି ।

**କାର୍ଯ୍ୟାନୁଷ୍ଠାନ ଦାବି କଲେ ପରିବାର ବର୍ଗ**

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଆସିକା,୧୯ ।୧(ସମିସ): କୋଦିନଡ଼ା ଥାନା ଅନ୍ତର୍ଗତ ମଣ୍ଡାପଡା ଗ୍ରାମର ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ନାରାୟଣ ବିଶୋୟୀ(୮୦) । ନାରାୟଣ ନିଜ ଜମିରୁ ଚାଷ କାମ ସାରି ନିକଟସ୍ଥ ଘାଇକୁ ଶୌଚ ହେବାକୁ ଯାଇଥିଲେ । ତେବେ ଅସାବଧାନତା ଯୋଗୁ ନାରାୟଣଙ୍କ ଗୋଡ ଖସି ଯିବାରୁ ଗଭୀର ପାଣି ଭିତରେ ବୁଡି ଯାଇଥିଲେ । ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ଖଣି ବିଭାଗ ଓ ପୁଲିସର ମିଳିତ ଚଢ଼ଉ

# ୩ ଟ୍ରାକ୍ଟର ଓ ଜେସିବି ଜବତ

ଦିଗପହଣ୍ଡି,୧୯ ।୧(ସମିସ): ରବିବାର ବିଳମ୍ବିତ ରାତିରେ ଟ୍ରାକ୍ଟର ଯୋଗେ ବେଆଇନ ଭାବେ ମୋରମ୍ ଚାଲାଣ ବେଳେ ଦିଗପହଣ୍ଡି ପୁଲିସ ଟିମ୍ ଏବଂ ଖଣି ବିଭାଗ କର୍ମଚାରୀ ଚଢ଼ଉ କରି ୩ ଟି ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ଜବତ କରିଛନ୍ତି । ଦୀର୍ଘଦିନ ଧରି ମୋରମ ଚାଲାଣକାରୀ ମାଫିଆ ମାନେ ରାତିରେ ସାନଖେମୁଣ୍ଡି ବ୍ଲକ ଗୌତୁମୀ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଜେସିବି ମେସିନ ଲଗାଇ ବେଆଇନ ଭାବେ ଜଙ୍ଗଲରୁ ମୋରମ ଖୋଳି ଟ୍ରାକ୍ଟର ଯୋଗେ ଦିଗପହଣ୍ଡି ଥାନା ଅଧିନସ୍ଥ ବିଭିନ୍ନ ଗ୍ରାମକୁ ଚୋରା ଚାଲାଣ କରି ଆସୁଥିଲେ । ବ୍ରହ୍ମପୁର ଖଣି ବିଭାଗ କର୍ମଚାରୀ ରବିବାର ରାତିରେ ପୁଲିସ ସହାୟତାରେ ଦିଗପହଣ୍ଡି ଥାନା ସିଦ୍ଧେଶ୍ୱର ଗ୍ରାମ ନିକଟ ଗଣିଆନାଳ ଛକରୁ ୩ ଟି ଟ୍ରାକ୍ଟର ସହ ଜେସିବି ଜବତ



କରିଥିବା ବେଳେ ପୁଲିସ ଗାଡ଼ି ଦେଖି ଚାଳକମାନେ ଚମ୍ପଟ ମାରିଥିବା ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି । ଏନେଇ ଥାନାରେ ମକଦ୍ଦମା ରୁଜୁ କରାଯାଇଛି ।

## ଉତ୍ତର ଘୁମୁସର ବନଖଣ୍ଡରେ ପକ୍ଷୀ ଗଣନା

# ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ଠାବ



ଭଞ୍ଜନଗର,୧୯ ।୧(ସମିସ): ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ପକ୍ଷୀ ଗଣନା ହୋଇଛି । ଏଥିରେ କଲେଜ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ସମେତ ବନ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ । ଏନେଇ ୩୮ଟି ଟିମ୍ ଗଠନ କରାଯାଇଥିଲା । ସେମାନେ ବିଭିନ୍ନ ଜଳାଶୟରେ ପକ୍ଷୀ ଗଣନା କରିଥିଲେ । ପ୍ରଥମ ଥର ପାଇଁ ଏହି ବନଖଣ୍ଡକୁ ବହୁ ପରିମାଣର ବିଦେଶାଗତ ପକ୍ଷୀ ଆସିଛନ୍ତି । ଗାର୍ଡୱାଲ, କିଙ୍ଗ ଫିସର, କମନ ପୋଚାରଡ୍, ଲେଶନ ୱିସଲିଙ୍ଗ ଡକ୍ସ, କମନ କିଙ୍ଗ, ହ୍ୱାଇଟ୍ ବ୍ରେଷ୍ଟେଡ୍ କିଙ୍ଗ ଭଳି ଅନେକ ବିଦେଶାଗତ ପକ୍ଷୀ ପ୍ରଥମଥର ପାଇଁ ଏହି ବନଖଣ୍ଡରେ ଦେଖାଦେଇଛି । ଏହି ବନଖଣ୍ଡ ଅଞ୍ଚଳରେ ଥିବା ଆର୍ଦ୍ରଭୂମି ଅଞ୍ଚଳରେ ଉକ୍ତ ପକ୍ଷୀଗୁଡିକୁ ଦେଖିବାକୁ ମିଳିଛି । ଗତ ଦୁଇ ବର୍ଷ ହେବ କଲେଜ ଛାତ୍ରଛାତ୍ରୀ ପକ୍ଷୀ ଗଣନାରେ ସାମିଲ ହୋଇଛନ୍ତି । ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ଗବେଷଣାତକ ଜ୍ଞାନ ବୃଦ୍ଧି ହେଉଛି । ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପକ୍ଷୀ ଗଣନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏସିଏଫ ବିବେକ ଦାସ, ବିମଳ ପ୍ରଧାନ, ମୂଜାଗଡ଼ ରେଞ୍ଜର ବିଦ୍ୟାଧର ସାହୁ, ଜଗନ୍ନାଥପ୍ରସାଦ ରେଞ୍ଜର ସୁଜାତା ରାଣୀ ପଣ୍ଡା, ଗାଲେରୀ ରେଞ୍ଜର ଜ୍ଞାନେନ୍ଦ୍ର ଲିମା, ତାରସିଂ ରେଞ୍ଜର ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ପକ୍ଷୀଗଣନାରେ ସାମିଲ ହୋଇଥିଲେ । ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି, ଗତବର୍ଷ ୭୨୦୦ ପକ୍ଷୀ ଠାବ କରାଯାଇଥିଲା । ଚଳିତ ବର୍ଷ ଏହି ସଂଖ୍ୟା ବେଶ୍ ଅଧିକ ହେବା ଆଶା କରାଯାଉଛି । ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ଏହି ବନଖଣ୍ଡର ବିଭିନ୍ନ ସ୍ଥାନରେ ଦେଖାଦେବା ଘୁମୁସର ଅଞ୍ଚଳର ଜଳବାୟୁ କେତେ ଯେ ଅନୁକୂଳ ତାର ଶୁଭ ସଙ୍କେତ ଏଥିରୁ ମିଳୁଛି ବୋଲି ଡିଏଫଓ ମହାନ୍ତି ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି ।

# ଡାକଘର ଉଚ୍ଛେଦ ନିଷ୍ପତ୍ତି ବାତିଲ ଦାବିରେ ଗଣଧାରଣା



ରମ୍ଭା,୧୯।୧(ସମିସ): ସୋମବାରଠାରୁ ମିଞ୍ଚିଣିପାଟଣା ଡାକଘର ଉଚ୍ଛେଦ ଚିଠି ନ ହଟିଲା ପର୍ଯ୍ୟନ୍ତ ଆଜିଠାରୁ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଚାଲୁ ରହିଛି । ତାରିଣୀ ଚରଣ ପାତ୍ରଙ୍କ ସଭାପତିତ୍ୱରେ ଗ୍ରାମବାସୀଙ୍କ ଦାବି ହକ ଓ ଗରିବ ଗୁରୁବା, ବୃଦ୍ଧ /ବୃଦ୍ଧା ଦାବି ଯଥାର୍ଥ ବୋଲି ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି । ପ୍ରଶାସନ ତୁରନ୍ତ ଚିଠି ପ୍ରତ୍ୟାହାର କରି ନେବାକୁ ଗ୍ରାମବାସୀ ଅଡ଼ି ବସିଛନ୍ତି । ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପି. ହରେକୃଷ୍ଣ ରେଡି, ଗ୍ରାମ୍ୟ ଡାକ ବିଭାଗ ସଭାପତି ଯୋଗେଶ ସାହୁ, ନିଖିଳ ଉତ୍କଳ ଯାଦବ (ଗୋଲା) ମହାସଂଘ ସମ୍ପାଦକ ସି. ଲକ୍ଷ୍ମଣ ପାତ୍ର, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଯେ. ଲୋକନାଥ, ଶ୍ରମିକ ନେତା ଜେ. ଭାସ୍କର ପାତ୍ର, ରବୀନ୍ଦ୍ର ଗୌଡ଼, ଇନ୍ଦ୍ରଜେନା, ରାଜକିଶୋର ପଣ୍ଡା, ଲମ୍ବୋଦର ମହାନ୍ତି, ବି. ଗୋବିନ୍ଦ, ପି. ମାଧବ, ନରସିଂହ ରେଡି, ଆର୍. ସୋମନାଥ ରେଡି (ଗ୍ରାମ୍ୟ ସଭାପତି), ଡି. କ୍ରିଷ୍ଣା ପାତ୍ର, କ୍ଷେତ୍ରମୋହନ ବେହେରା (୧୨ନଂ. ୱାର୍ଡ କାଉନସିଲର, ପ୍ରଭାକର ବେହେରା, ରଘୁନାଥ ବେହେରା ପ୍ରମୁଖ ଶତାଧିକ ଗଣ ଧାରଣାରେ ସାମିଲ ହୋଇଥିଲେ ।

# ବେଳାଭୂମି ମହୋତ୍ସବ ଲାଗି ମେଗା ମାରାଥନ୍

ଛତ୍ରପୁର,୧୯ ।୧(ସମିସ): ଗୋପାଳପୁର ବେଳାଭୂମି ମହୋତ୍ସବକୁ ଅଧିକ ପ୍ରାଣବନ୍ତ କରିବା ପାଇଁ ବାଳକ ଓ ବାଳିକାଙ୍କ ମଧ୍ୟରେ ମେଗା ମାରାଥନ୍ ପ୍ରତିଯୋଗିତା ଚଳିତ ମାସ ୨୫ ତାରିଖରେ ଅନୁଷ୍ଠିତ ହେବ । ପ୍ରଥମ ପୁରସ୍କାର ପାଇଁ ନଗଦ ୧୦ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ୭ ହଜାର ଟଙ୍କା ଓ ତୃତୀୟ ପୁରସ୍କାର ୫ ହଜାର ଟଙ୍କା ରଖାଯାଇଛି । ଉଭୟ ବାଳକ ଏବଂ ବାଳିକାଙ୍କ ଏହି ଅର୍ଥରାଶି ପ୍ରଦାନ କରାଯିବ । ଏହି ଦୌଡ଼ ପ୍ରତିଯୋଗିତା ତୁରା ଜଙ୍କସନ୍‌ରୁ ଆରମ୍ଭ ହୋଇ ଏ.ଡି. କଲେଜ ଦେଇ ଗୋପାଳପୁର ବେଳାଭୂମି ଠାରେ ଶେଷ ହେବ । ମାରାଥନ୍‌ରେ ଯୋଗ ଦେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଜାନୁଆରୀ ୨୫ ସକାଳ ୫.୩୦ରେ ତୁରା ଜଙ୍କସନ୍ ଠାରେ ପଞ୍ଜିକରଣ କରିପାରିବେ । ଅନ୍ ଲାଇନ୍ ପଞ୍ଜିକରଣର ଶେଷ ତାରିଖ ଜାନୁଆରୀ ମାସ ୨୩ ।

# ଓଡ଼ିଶା ପାନୀୟ ନିଗମ ଡିପୋ ଉଦ୍‌ଘାଟିତ



ଛତ୍ରପୁର,୧୯ ।୧(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ କାଳିଆବାଲି ନିକଟସ୍ଥ ମାୟାପାଟଣା ଗ୍ରାମରେ ଓଡିଶା ପାନୀୟ ନିଗମ ଡିପୋ ଏବଂ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ଏହାକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଭିଡିଓ କନଭେନ୍ସି ଜରିଆରେ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟାଳୟ ଏବଂ ଡିପୋ ଉପରେ ଗଞ୍ଜାମ, ବ୍ରହ୍ମପୁର, କନ୍ଧମାଳ ଓ ଗଜପତି ଅବକାରୀ ଜିଲ୍ଲାର ରିଟେଲର ମାନେ ନିର୍ଭର କରିବେ ।

ଉଦଘାଟନୀ ସମାରୋହରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଗଞ୍ଜାମ ଅବକାରୀ ଅଧୀକ୍ଷିକ ଅମରେନ୍ଦ୍ର ଜେନା, ଓଡିଶା ପାନୀୟ ନିଗମର ଜେନରାଲ ମ୍ୟାନେଜର (ବୈଷୟିକ) ବୈୟଜନ୍ତି ପଣ୍ଡା, ଆଇଟି ମ୍ୟାନେଜର ଦେବେନ୍ଦ୍ର ସାହୁ, ଚିଫ ମ୍ୟାନେଜର (ଫାଇନାନ୍ସ) ଭାନୁପ୍ରିୟା ଶବର ଉପସ୍ଥିତ ଥିବା ବେଳେ ଭିସି ମାଧ୍ୟମରେ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମା, ଓଡିଶା ଅବକାରୀ ଆୟୁକ୍ତ (କଟକ)ପି. ଅନ୍ୱେଷା ରେଡ୍ଡୀ, ଓଡିଶା ପାନୀୟ ନିଗମ ଲିଃ ର ପରିଚାଳନା ନିର୍ଦ୍ଦେଶକ( ଭୁବନେଶ୍ୱର) ଦେବେନ କୁମାର ପ୍ରଧାନ ପ୍ରମୁଖ ଯୋଡି ହୋଇଥିଲେ । ଦୀର୍ଘଦିନ ହେଲା ଏହି ଡିପୋ ଓ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲେ ମଧ୍ୟ ଉଦଘାଟନ ହୋଇନଥିଲା । ତେବେ ଏହା କେବେ କାର୍ଯ୍ୟକାରୀ ହେବ ସେନେଇ ସାଧାରଣରେ ଆଲୋଚନା ହୋଇଛି । ଅପରପକ୍ଷେ ଏହି ଡିପୋ ଓ କାର୍ଯ୍ୟାଳୟ ଦୀର୍ଘବର୍ଷଧରି କନିଷି ଠାରେ ଭଡ଼ାରେ ଚାଲିଛି ।

# ହୃଦ୍‌ଘାତରେ ଟଳି ପଡ଼ିଲେ ଚୁଡ଼ି ବେପାରୀ

ଦିଗପହଣ୍ଡି,୧୯।୧(ସମିସ): ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ପଞ୍ଚାୟତ ଅନ୍ତର୍ଗତ ଡିକିଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଚି । ଘର ଘର ବୁଲି ଚୁଡ଼ି ବିକୁଥିବା ଜଣେ ବ୍ୟକ୍ତିଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି । ସେ ହେଲେ ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ପଞ୍ଚାୟତର ଧାନରାଶି ଗ୍ରାମର ଅର୍ଜୁନ ସାହୁ(୫୫) । ଅର୍ଜୁନ ସବୁଦିନ ଭଳି ସୋମବାର ସକାଳୁ ଚୁଡ଼ି ଭର୍ତ୍ତି ବ୍ୟାଗ୍ ଧରି ବାଇକ୍ ଯୋଗେ ଡିକିଲି ଗ୍ରାମକୁ ଯାଇଥିଲେ । ସେଠାରେ କେତେକ ମହିଳାଙ୍କୁ ଚୁଡ଼ି ବିକି ବ୍ୟାଗ୍ ଧରି ବାଇକ୍ ନିକଟକୁ ଫେରିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରି ଟଳି ପଡିଥିଲେ । ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼ଙ୍କ ପ୍ରଚେଷ୍ଟାରେ ଅର୍ଜୁନଙ୍କୁ ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ମେଡିକାଲ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାପରେ ପରିବାର ଲୋକେ ମେଡିକାଲରେ ପହଞ୍ଚି ମୃତଦେହ ଗ୍ରାମକୁ ନେଇ ଶୋକାକୁଳ ଅନ୍ତିମ ସଂସ୍କାର କରିଛନ୍ତି ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍; ବ୍ଲୁ- ୱାରିଅର ବିଜୟୀ

ସାନଖେମୁଣ୍ଡି,୧୯ ।୧(ସମିସ)

ପାଟପୁର ସ୍ଥିତ ବିଶ୍ୱାସରାୟ ଷ୍ଟାଡିୟମ ପରିସରରେ ଫ୍ରେଣ୍ଡସ କ୍ରିକେଟ କ୍ଲବ ପକ୍ଷରୁ ଖେଳାଳି ଓ ଭେଟେରାନ ସଭ୍ୟ ମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି । ଅରେଞ୍ଜ ଏମ୍ପାୟାର ଏକାଦଶ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ୱିକେଟ ହରାଇ ୧୨୮ ରନ କରିଥିଲା । ଜବାବରେ ବ୍ଲୁ ୱାରିଅର ୪ ଉଇକେଟ ହରାଇ ୧୨୯ ରନ କରି ୬ ୱିକେଟରେ ବିଜୟୀ ହୋଇଥିଲା । ଅମ୍ପାୟାର ଭାବେ ହିମାଂଶୁ ମହାପାତ୍ର ଓ ସୁଜିତ କୁମାର ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ । ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଚନ୍ଦନ ସାହୁ ଓ ବୋଲର ଅରୁଣ୍ଣୁଣ୍ଟିଆ ପୁରସ୍କୃତ ହୋଇଥିଲେ । କ୍ରିକେଟ କ୍ଲବର ମ୍ୟାନେଜର ଅଶୋକ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ



ଉଦଘାଟନୀ ଓ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ପରିଷଦ ପ୍ରତିନିଧି ଶଙ୍କର୍ଷଣ ସ୍ୱାଇଁ, ସରପଞ୍ଚ ଡି.ରାକେଶ ପାତ୍ର, ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ଼ ପୂର୍ବତନ ସମିତି ସଭ୍ୟ ଦୁର୍ଗା ପ୍ରସାଦ ପାଢ଼ୀ, କନିଷ୍ଠଯନ୍ତ୍ରୀ ମନୋଜ ବେହେରା, ଏପିଓ ଅରୁଣ ସ୍ୱାଇଁ, ଅଧ୍ୟାପକ ଡ଼ ପ୍ରଣବ ପାଟଯୋଶୀ, ପୂର୍ବତନ ସରପଞ୍ଚ ଟି. ବାବୁ ସୁବୁଦ୍ଧି, ବରୁଣ ପ୍ରଧାନ, ପୁରାତନ ଖେଳାଳି କୈଳାଶୁଣ୍ଟିଆ, କେ. ନାନବାବୁ ଦୋରା ପମୁଖଙ୍କ ସମେତ କ୍ଲବର ସମସ୍ତ ଭେଟେରାନ ସଭ୍ୟ ଓ ଦୁଇ ଦଳର ସଭ୍ୟ ଉପସ୍ଥିତ ଥିଲେ । ବିଜେତା ଓ ଉପବିଜେତା ଦଳକୁ ଅତିଥି ମାନେ ପୁରସ୍କୃତ କରିଥିଲେ । ବରିଷ୍ଠ ସଭ୍ୟ ବିନାୟକ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ ।

## ସୁନା ଚୋରି ମାମଲାରେ ଚାକରାଣି ଗିରଫ

ବଲାଙ୍ଗିର,୧୯।୧(ସମିସ): ଚୋରି ଅଭିଯୋଗରେ ଜଣେ ଚାକରାଣିକୁ ବଲାଙ୍ଗିର ଲକ୍ଷ୍ମୀଯୋର ଥାନା ପୁଲିସ ଗିରଫ କରିଛି। ଚାକରାଣି ଚୋରି କରିବା ପରେ ସାମଗ୍ରୀକୁ ପର୍ସରେ ଭରୁଥିବା ଦେଖି ମାମଲା ରୁଜୁ ହେବାପରେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗତ ୧୮ ତାରିଖରେ ବଲାଙ୍ଗିର ସହର ତାଲପାଲିପଡାର ଜଣେ ମହିଳା ଲକ୍ଷ୍ମୀଯୋରରେ ଘରେ ହୋଇଥିବା ଗହଣା ଚୋରି ଘଟଣାକୁ ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ସେ ଗତ ୧୧ ତାରିଖ ସନ୍ଧ୍ୟାରେ ବାହାରକୁ କିଛି କାମ ପାଇଁ ଯାଇଥିଲେ। ତେବେ ତାଙ୍କ ପଲଙ୍କ ଥାକ ତଳେ ସେ ସୁନାରେ ତିଆରି କାନ ଫୁଲ ରଖିଯାଇଥିବାବେଳେ ଆସିବା ପରେ ତାହା ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ତେବେ ତାଙ୍କ ରୁମ୍ ଭିତରକୁ ପଶି ଏମିତି କିଏ ସୁନା ଚୋରି କରିବା ଅସମ୍ଭବ ହୋଇଥିବା ବେଳେ ବହୁ ଖୋଜାଖୋଜି କରିଥିଲେ। ପରବର୍ତ୍ତୀ ସମୟରେ ସିସିଟିଭି କ୍ୟାମେରା ଦେଖି ତନାଘନା କରିବାକୁ ତାଙ୍କ ଘରେ କାମ କରୁଥିବା ଚାକରାଣି ପର୍ସରେ ସୁନା ରଖୁଥିବା ଦେଖାଯାଉଥିବା ସେ ଦେଖିବାକୁ ପାଇଥିଲେ। ଏନେଇ ସେ ଗତ ୧୮ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଚାକରାଣିକୁ ଡାକି ପଚରାଉଚୁରା କରିଥିଲା। ଏନେଇ ପୁଲିସ ମାମଲା ରୁଜୁ କରି ମହିଳାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ଆମ୍ବୁଲାନ୍ସ ସୁବିଧା ଆରମ୍ଭ କଲେ ପୂର୍ବତନ ସରପଞ୍ଚ

ବଙ୍ଗୋମୁଣ୍ଡା,୧୯ ।୧(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ୍ ଅଧୀନ ଭାଲୁମୁଣ୍ଡା ସରକାରୀ ହସ୍ପିଟାଲ ପରିସରରେ ଆଜି ଅଞ୍ଚଳର ରୋଗୀମାନଙ୍କ ପାଇଁ ଆମ୍ବୁଲାନ୍ସ ସୁବିଧା ଆରମ୍ଭ କରିଛନ୍ତି ପୂର୍ବତନ ସରପଞ୍ଚ ଉପେନ୍ଦ୍ର ମେହେର। ଭାଲୁମୁଣ୍ଡା ଦେଇ ୫୯ ନମ୍ବର ଜାତୀୟ ରାଜପଥ ଯାଇଛି। ଏହି ରାଜପଥରେ ସବୁବେଳେ ବିଭିନ୍ନ ଘଟଣା ଦୁର୍ଘଟଣା ବୃଦ୍ଧି ପାଉଛି। ଠିକ୍ ସମୟରେ ୧୦୮ ଆମ୍ବୁଲାନ୍ସ ପହଞ୍ଚୁ ନ ଥିବାରୁ ଲୋକେ ପ୍ରାଭେଟ ଗାଡ଼ିରେ ନେଉଥିଲେ। ସେଥିପାଇଁ ଅଞ୍ଚଳର ରୋଗୀମାନଙ୍କ ତୁରନ୍ତ ସୁବିଧା ପାଇଁ ପୂର୍ବତନ ଭାଲୁମୁଣ୍ଡା ସରପଞ୍ଚ ଉପେନ୍ଦ୍ର ମେହେର ଆମ୍ବୁଲାନ୍ସ ସେବା ଯୋଗାଇ ଦେଇଛନ୍ତି। ଏଥିରେ ଭାଲୁମୁଣ୍ଡା ଗାଁର ସମାଜସେବୀ ଯୋଗିନ୍ଦ୍ର ମିଶ୍ର, ଭାଲୁମୁଣ୍ଡା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଡାକ୍ତର କଳିଆକାହ୍ନୁ ଖୁଆସ, ଡା. ଅମୀର ମେହେର, ଡା. ଇପ୍ସିତା ସାହୁ, ଡା. ବିଶ୍ୱମ୍ବର ମେହେର,ଆୟୁର୍ବେଦିକ ଚିକିତ୍ସାଳୟର ଡା. ସ୍ମିତା ପରିମିତା କାଲସାଏ, ମହିଳା ସ୍ୱାସ୍ଥ୍ୟକର୍ମୀ ସ୍ୱର୍ଣ୍ଣଲତା ସାହୁ, ଫାର୍ମାସିଷ୍ଟ ଚନ୍ଦ୍ରେଶ୍ୱର ମେହେର, ବିଭିନ୍ନ ଗାଁର ଆଶାକର୍ମୀ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।




### ନାବାଳକ ଅପହରଣ ଓ ଗଳିତ ଶବ ଉଦ୍ଧାର ଘଟଣା

# 'ଖେଳୁଥିଲେ, ଧସିଗଲା ବାଲି ଗର୍ତ୍ତ'

ବଲାଙ୍ଗିର/ପାଟଣାଗଡ଼,୧୯।୧(ସମିସ)

ବଲାଙ୍ଗିର ଜିଲ୍ଲା ଲରମ୍ବା ଥାନା କାଦୋପାଣି ଗାଁର ନାବାଳକ ଅପହରଣ ଓ ପରେ ଗାଁ ନିକଟରୁ ଏକ ଗଳିତ ଖଣ୍ଡ ବିଖଣ୍ଡିତ ଶବ ଉଦ୍ଧାର ଘଟଣା ଏବେ ବି ରହସ୍ୟ ହୋଇରହିଛି। କାଦୋପାଣି ଗାଁର ଘନଶ୍ୟାମ ବରିହାଙ୍କୁ ଗତ ଦୁଇ ତାରିଖରେ କେହି କେହି ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ରବିବାର ଅପହରଣସ୍ଥଳ ନିକଟରୁ ଶବ ଉଦ୍ଧାର ହେବାପରେ ଏହି ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ଘଟଣା ଦିନ ବୟାନ ଦେଇଥିବା ନାବାଳକ ଟି ଏବେ ପୁଲିସ ସମ୍ମୁଖରେ ବୟାନ ବଦଳାଇଥିବା ଜଣାପଡ଼ିଛି। ସେହିଦିନ ବାଲିରେ ଖେଳୁଥିବା ବେଳେ ବାଲି ଗର୍ତ୍ତରେ ଘନଶ୍ୟାମ ପୋତି ହୋଇଯାଇଥିବା ନାବାଳକଟି କହିଥିବା ସୂଚନା ମିଳିଛି। ସଂପୃକ୍ତ ନାବାଳକ ଟି ଏକମାତ୍ର ମୁଖ୍ୟ ସାକ୍ଷୀ ହୋଇଥିବାରୁ ପୁଲିସ ଉକ୍ତ ବୟାନକୁ ସତ ମାନୁଥିବା ବେଳେ ସ୍ଥାନୀୟ ଲୋକ କିନ୍ତୁ ଭିନ୍ନ ଭିନ୍ନ ମତ ରଖିଛନ୍ତି।

ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଲାଠୋର ଥାନା କାଦୋପାଣି ଗାଁର ଘନଶ୍ୟାମ ବରିହା(୧୨)ଙ୍କୁ ଗତ ଦୁଇ ତାରିଖରେ କେହି ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ସେ ଜଣେ ସାଙ୍ଗମାନଙ୍କ ସହିତ ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିବାବେଳେ ସେଠାରୁ ଆଉ ଫେରିନଥିଲେ। ପରବର୍ତ୍ତୀ ସମୟରେ ସାଙ୍ଗରେ ଯାଇଥିବା ନାବାଳକ ଟି ଦୁଇ ଜଣ ଯୁବକ ତାଙ୍କୁ ବାଇକରେ ନେଇଯାଇଥିବା ସେ ବୟାନ ଦେଇଥିଲେ। ଏନେଇ ପୁଲିସ ଅପହରଣ ମାମଲା ରୁଜୁ କରିଥିଲା। ନାବାଳକକୁ ଖୋଜିବା ପାଇଁ ପୁଲିସ ସ୍ୱତନ୍ତ୍ର ଭାବେ ଏକାଧିକ ଟିମ ଗଠନ କରି ତଦନ୍ତ ଚଳାଇଥିଲା। ତଥାପି କିଛି ଖୋଜଖୋବର ପାଇ ନ ଥିଲା। ତେବେ ଗତ ରବିବାର ଏକ କଟାପାଦ କୁକୁର ଟାଣୁଥିବା ଦେଖି କିଛି ବ୍ୟକ୍ତି ପୁଲିସକୁ ଖବର ଦେଇଥିଲେ। ପୁଲିସ ସେଠାରେ ପହଞ୍ଚିବା ପରେ ଶରୀରର କିଛି ଗଳିତ ଅଂଶ, ଖପୁରୀ, କଟାପାଦକୁ ଉଦ୍ଧାର କରିଥିଲା।



ତେବେ ଶବ କାହାର ସ୍ପଷ୍ଟ ହୋଇନଥିବା ବେଳେ ପାଖରେ ପଡ଼ିଥିବା କପଡା ଦେଖି ତାଙ୍କ ବାପା ସମାରୁ ବରିହା ତାହା ତାଙ୍କ ପୁଅର ବୋଲି କହିଥିଲେ। ଅନ୍ୟପଟେ ଉଦ୍ଧାର ସମସ୍ତ ଶରୀର ଅଂଶକୁ ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏହା କଣ ସଂପୃକ୍ତ ନାବାଳକଙ୍କ ଶବ। ଯଦି ହଁ ତେବେ ମୃତଦେହ ସେଠାକୁ ଆସିଲା କେମିତି। ସ୍ଥାନୀୟ ଥାନା ଅଧିକାରୀ ଭାନୁଶଙ୍କର ଯାଦବଙ୍କ କହିବା ଅନୁସାରେ ସାଙ୍ଗରେ ଥିବା ନାବାଳକର ବର୍ତ୍ତମାନର ବୟାନ ଅନୁସାରେ ଘଟଣା ଘଟିବା ଦିନ ଉଭୟ ଶୌଚ ପାଇଁ ଯାଇ ସେଠାରେ ବାଲି ଖୋଳୁଥିଲେ। ନିୟମିତ ଶିଶୁ ମାନେ ସେଠାରେ ଖେଳନ୍ତି।

**ନାବାଳକ ବୟାନ ବଦଳାଇଥିବା ଥାନା ଅଧିକାରୀଙ୍କ ସୂଚନା**

ତେବେ ସେ ଖେଳୁଥିବା ସ୍ଥାନରେ ବାଲି ଗର୍ତ୍ତ ଧସିଯାଇଥିଲା। ଯେଉଁଠାରେ କି ସେ ପୋତି ହୋଇଯାଇଥିଲେ। ଚେଷ୍ଟା କଲେ ବି ସଂପୃକ୍ତ ନାବାଳକ ଜଣକ ବାହାର କରିପାରି ନ ଥିଲେ। ତେଣୁ ସେ ଚାଲିଆସି ଭୟରେ ଅପହରଣ ବୟାନ ଦେଇଥିବା କହିଥିଲେ। ପରବର୍ତ୍ତୀ ସମୟରେ ନାବାଳକର କେମିତି ମୃତ୍ୟୁ ହୋଇଯାଇଥିବା ବେଳେ କୁକୁର ଟାଣିଓଟାରି ଶବକୁ ଖାଇଥିବାରୁ ଶରୀର ବିଭିନ୍ନ ଏହିଭଳି ପଡିଥିବା ସେ କହିଛନ୍ତି। କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଯଦି ଗୋଟିଏ ସ୍ଥାନକୁ ଯାଇ ଶିଶୁ ମାନେ ବାଲି ଖେଳୁଛନ୍ତି ଘଟଣା ପରେ ବି ସେଠାକୁ ଯିବା କଥା। ତେବେ କେମିତି କେହି ଦେଖିପାରିନଥିଲେ। ଗର୍ତ୍ତରେ ପଡି ଘନଶ୍ୟାମଙ୍କ ମୃତ୍ୟୁ କେମିତି ଓ କେତେବେଳେ ହୋଇଥିବ ତାହା ଏକ ବଡ଼ ପ୍ରଶ୍ନ। ସେ ସଂପୂର୍ଣ୍ଣ ଭାବେ ପୋତି ହୋଇଥିଲେ ନା ଅଧାପୋତି ହୋଇ ରହିଥିଲେ। ଅପହରଣ ମାମଲାରେ ଚିହ୍ନଟ ହୋଇଥିବା ସ୍ଥାନରୁ ମାତ୍ର ଶହେ ମିଟର ଦୂରରେ ଏହି ଗଳିତ ଶବ ମିଳିଥିବା ବେଳେ ତଦନ୍ତ ସମୟରେ ପୁଲିସ କେମିତି ଉକ୍ତ ଅଞ୍ଚଳରେ ଛାନଭିନ କରି ନ ଥିଲା। ଶବ ମିଳିଥିବା ସ୍ଥାନକୁ କଣ ୧୫ ଦିନ ପର୍ଯ୍ୟନ୍ତ କେହି ଯାଇ ନ ଥିଲେ କି ? ମୃତ୍ୟୁ ପରେ ଶବ ପଚା ଗନ୍ଧ ହେବା କଥା ତାହା ମଧ୍ୟ କେମିତି କେହି ଜାଣିପାରି ନ ଥିଲେ। ଅନ୍ୟପଟେ ନିଜ ନାବାଳକ ପୁଅକୁ ହରାଇ ସମାରୁ ଓ ତାଙ୍କ ପରିବାର ଦୁଃଖରେ ଥିବା ବେଳେ ପୁଅ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟାଇବା ପାଇଁ ସେମାନେ ଦାବି କରିଛନ୍ତି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଦେଓଗାଁ,୧୯।୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ମକୁନ୍ଦପୁର ପଞ୍ଚାୟତ ସଭା କକ୍ଷରେ ସୋମବାର ପଞ୍ଚାୟତସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଆଶୁ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିରେନ୍ଦ୍ର କୁମାର ନାଗଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ବିଡିଓ ପ୍ରୀୟ ରଞ୍ଜନ କୁମାର, ସରପଞ୍ଚଜାନକୀ ସାହୁ, ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ,ଏପିଓ ସୁଧାଂଶୁଭୂଷଣ ମେହେର, ଗ୍ରାମ୍ୟ ପାନୀୟଜ ଯୋଗାଣ ବିଭାଗର ଯନ୍ତ୍ରୀ ବନିତା ବେହେରା, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ତଥା ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏ ଅବସରରେ ମକୁନ୍ଦପୁର ପଞ୍ଚାୟତରେ ମନରେଗା ଯୋଜନାରେ ଠିକଭାବେ କାମ ହୋଇପାରୁ ନ ଥିବା ଶ୍ରମିକମାନେ ଅଭିଯୋଗ କରିଥିଲେ। ପଞ୍ଚାୟତ ମୁଖ୍ୟାଳୟରେ ଥିବା ଖେଳପଡ଼ିଆର ଉନ୍ନତିକରଣ କରିବାପାଇଁ ଗାଁର ଯୁବକମାନେ ବିଡିଓଙ୍କ ନିକଟରେ ଲିଖିତଭାବେ ଦାବି ଜଣାଇଥିଲେ। ସମୁଦାୟ ୨୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା।



## ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ



ବଲାଙ୍ଗିର,୧୯।୧(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ସଭାପତିତ୍ୱରେ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ବଲାଙ୍ଗିର ପୋ÷÷ରପାଳିକା ଅଧକ୍ଷା ଲିକା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପିଏମ୍‌ଶ୍ରୀ ପ୍ୟାଭିଲିୟନ ଗୁଡିକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ବିକାଶ ରଞ୍ଜନ ସାହୁ ସଭା ପରିଚାଳନା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ବର୍ଷାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ତିନୋଟି ପାଭିଲିଆନ ଯଥାକ୍ରମେ ଭିଜନ ଓଡ଼ିଶା ୨୦୩୬, ଆକାଂକ୍ଷୀ ଛାତ୍ର ପରିଷଦ ଏବଂ ଦୋକାନ ଯାତ୍ରା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରବୀର ପଣ୍ଡା ଓ ରୀନା ବେହେରା, ବଲାଙ୍ଗିର ବ୍ଲକ ଶିକ୍ଷାଧିକାରୀ ନୀଳମଣି ପଟେଲ ଏବଂ ସ୍କୁଲ ପରିଚାଳନା କମିଟିର ସଭାପତି ବସନ୍ତ କୁମାର ସ୍ୱାଇଁ ପିଲାମାନଙ୍କୁ ଉତ୍ତମ ଚରିତ୍ର ଗଠନ ସହ ଯୁଗୋପଯୋଗୀ କୌଶଳ ଶିକ୍ଷା କରିବାକୁ ଉତ୍ସାହିତ କରିଥିଲେ।

## ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ



କଣ୍ଟାବାଞ୍ଜି,୧୯ ।୧(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଏନ୍‌ଏସିର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଛବି ପୋଢ଼ ଯୋଗ ଦେବାପରେ ସୋମବାର ମାଟିର ମହୋତ୍ସବ କମିଟି ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କଣ୍ଟାବାଞ୍ଜି ସହରର ନୂତନ ଏବଂ ସହରରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଉପରେ ଅଧିକାରୀଙ୍କୁ ଅବଗତ କରିଥିଲେ। ଆଗାମୀ ଦିନରେ କଣ୍ଟାବାଞ୍ଜି ସହର କେମିତି ସ୍ୱଚ୍ଛ ନିର୍ମଳ ରହି ବିକାଶ ଦିଗରେ ଆଗେଇ ଯିବ ନେଇ ଦୃଷ୍ଟି ଦେବା ଏବଂ ଏଥିପାଇଁ ସହରବାସୀଙ୍କ ସହଯୋଗ କାମନା କରିଥିଲେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ। ପୂର୍ବରୁ ସେ ବଙ୍ଗୋମୁଣ୍ଡା ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ମାଟିର ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ବେଦବ୍ୟାସ ନାଗ, ସଂଯୋଜକ ପୁଷ୍ପ ବେହେରା, ଉପସଭାପତି କୈଳାସ ଦୀପ, ସହସମ୍ପାଦକ ରାଜେନ୍ଦ୍ର ବେହେରା, ପ୍ରମାନନ୍ଦ ପୁଟେଲ, ପ୍ରକାଶ ପ୍ରଧାନ, ପ୍ରଚାରକ ରୋହନ କୁମାର ମହତ, କାର୍ଯ୍ୟକାରୀ ସଦସ୍ୟ ମୋହନ ସୁନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଉପଖଣ୍ଡସ୍ତରୀୟ ମା' ଘଣ୍ଟାଶୁଣି ଲୋକଉତ୍ସବ

ଟିଟିଲାଗଡ଼,୧୯।୧(ସମିସ): ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ଖେଳପଡ଼ିଆରେ ଉପଖଣ୍ଡସ୍ତରୀୟ ଘଣ୍ଟାସୁଣି ଲୋକମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସଭାପତି ତଥା ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟଙ୍କ ସଭାପତିତ୍ୱରେ ପ୍ରଥମେ ସହରର ଅଧିଷ୍ଠାତ୍ରୀ ଦେବୀ ମା'ଘଣ୍ଟାସୁଣିଙ୍କ ପୂଜାର୍ଚ୍ଚନା କରାଯାଇ ମା'ଙ୍କ ଅଖଣ୍ଡଦୀପ ସହ ଏକ ଶୋଭାଯାତ୍ରା ସହର ପରିକ୍ରମାକରି ସଭାସ୍ଥଳକୁ ଆସିଥିଲା। ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି, ପୌର ଅଧକ୍ଷା ମମତା ଦେବୀ ଜୈନ, ବ୍ଲକ ଅଧକ୍ଷା ସଂଯୁକ୍ତା ନାୟକ,ଏଡିପିଓ ଯଶୋବନ୍ତ ନାରାୟଣ ପ୍ରାଧାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଲୁକ୍କାୟିତ ପ୍ରତିଭା ଓ ପାରମ୍ପରିକ କଳାକୁ ରାଜ୍ୟ ତଥା ଜାତୀୟସ୍ତରରେ ପରିଚିତ କରାଇବାରେ ଏହି ଉତ୍ସବର ପ୍ରାଧାନ୍ୟ ଥିବା ମୁଖ୍ୟଅତିଥି ଶ୍ରୀ ଜୈନ ଉଲ୍ଲେଖ କରିଥିଲେ। ଏହି ଅବସରରେ ଟିଟିଲାଗଡ଼ ମାଟିର ଦିବଂଗତ କଳାକାରଙ୍କ ପରିବାର ସଦସ୍ୟଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକରୁ ନିଜ କଳା ଓ ପ୍ରତିଭା ପ୍ରଦର୍ଶନ କରିଥିବା ଦଳ ମଧ୍ୟରୁ ଶ୍ରେଷ୍ଠ ବିବେଚିତ ହୋଇଥିବା କଳାକାରଙ୍କୁ ଜିଲ୍ଲାସ୍ତରୀୟ ମହୋତ୍ସବକୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ତଥା ଉଦ୍‌ଯାପନୀ ଉତ୍ସବରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି, ପ୍ରାକ୍ତନ ଅଧକ୍ଷ ଡ଼ ଛାୟାକାନ୍ତ ଷଡ଼ଙ୍ଗୀ ମୁଖ୍ୟବକ୍ତା, ସାଂସଦଙ୍କ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। କେସିଙ୍ଗାର ସୁଧିର ନାୟକ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ବାଗ ଏହି ଉତ୍ସବ ଅଞ୍ଚଳର କଳା ଓ ପ୍ରତିଭାକୁ ପ୍ରତିଷ୍ଠିତ କରିବାରେ ସହାୟକ ହୋଇଛି ବୋଲି କହିଥିଲେ।




## ବେଲପଡ଼ାରେ ଯୁଗ୍ମ ଜନଶୁଣାଣି ଶିବିର

ବେଲପଡ଼ା,୧୯ ।୧(ସମିସ): ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ୍ ସଭାଗୃହରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ୍ ୨୩ଟି ଅଭିଯୋଗ ଆବେଦନ ହୋଇଥିଲା। ଶିବିରରେ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର, ମୁଖ୍ୟଉନ୍ନୟନ ଅଧିକାରୀ ତରଣୀ ସୁନା, ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ ମେହେର, ପାଟଣାଗଡ଼ ଏସଡିପିଓ ସଦନନ୍ଦ ପୁଝାରୀ, ବେଲପଡା ବିଡିଓ ରାଜେଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



## କରାଟେ ଓ ଟାଏକ୍ୱୋଣ୍ଡୋ ସଂଘର ବେଲ୍ଟ ଗ୍ରେଡିଂ ଉତ୍ସବ

ବଲାଙ୍ଗିର,୧୯ ।୧(ସମିସ): ସ୍ଥାନୀୟ ରେଲୱେଷ୍ଟେସନ ଛକସ୍ଥିତ କରାଟେ ସ୍କୁଲରେ ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ଓ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘର ମିଳିତ ଉଦ୍ୟମରେ ବେଲ୍ଟ ଗ୍ରେଡିଂ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ତଥା କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବାଦିକ ଅଞ୍ଜନ ପ୍ରଧାନ ଓ ସମ୍ମାନିତ ଅତିଥି ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଏଥିରେ କରାଟେରେ ଆରୁଷ ଅଭିଷେକ ନାଏକ, ସାଇ ଶଙ୍କର ମହାନ୍ତି, ଅର୍ପିତ ପ୍ରଧାନ, ପ୍ରିନ୍ସ ପ୍ରଧାନ, ଜାବେଜ କର, ଜଶପ୍ରୀତ ସାହୁ, ନୃପିତା ସେଠ, ପ୍ରତ୍ୟୁଷ ଆଶୁତୋଷ ମହାରଣା, ଆଶିଷ ସାହୁ, ଜୟମ ସାହୁ ବେଲ୍ଟ ଗ୍ରେଡିଂ ପରୀକ୍ଷାରେ ଉର୍ତ୍ତିର୍ଣ୍ଣ ହୋଇଥିବା ବେଳେ ଟାଇକଣ୍ଡୋରେ ଯୁହାନ ଭୋଇ, ସୀମାଦ୍ରୀ ଆଦେଶ, ଚର୍ଚ୍ଚିତ ସାହୁ, ଦିଶାରାଣୀ ମହାଲିଙ୍ଗ, ଶିବାଂଶୁ ଶେଖର ଦ୍ୱାରି, ସ୍ନେହା ଆତ୍ମଜା ଦ୍ୱାରି, ଅଥକ ଅଦମ୍ୟା, ରାଧିକା ଅଗ୍ରୱାଲ, ଭାଗ୍ୟଶ୍ରୀ ନାଗ, ସାକେତ ହୋତା, ଜେନିସା ପୋଲ ବେଲ୍ଟ ଗ୍ରେଡିଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ।



## ଧରପଗଡ଼ ହାଇସ୍କୁଲରେ ବାର୍ଷିକ ଉତ୍ସବ




ସଇଁତଲା,୧୯ ।୧ (ସମିସ): ସଇଁତଲା ବ୍ଲକ୍ ଧରବଗଡ଼, ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନୀଳମଣି ମେହେରଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଧରବଗଡ ସରପଞ୍ଚ ଗୀତାଞ୍ଜଳି ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର କ୍ଷେତି ବିଦ୍ୟାଳୟର ଇତିହାସ ଓ ଏଠାରେ ଛାତ୍ରଛାତ୍ରୀମାନଙ୍କର ପାଠପଢାର ବିକାଶ ହେଉଥିବା କହିଥିବା ବେଳେ ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷା ସେତୁ କମିଟିର ସଭାପତି ଚିତ୍ତରଞ୍ଜନ ପୁରୋହିତ, ସମ୍ପାଦକ ନିରଞ୍ଜନ ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା ଓ ବିକାଶ କମିଟି ସଦସ୍ୟ ନାରଦ ରଣା ଓ ସାମ୍ବାଦିକ ଗୋକୁଳା ନନ୍ଦ ବଗର୍ତ୍ତୀ ଉପସ୍ଥିତ ଥିଲେ। ସଂସ୍କୃତ ଶିକ୍ଷକ ଶ୍ରୀଯୁକ୍ତ ଦିବ୍ୟଲୋଚନ ଥନାପତି ସଭା ସଞ୍ଚାଳନ ଓ ହିନ୍ଦୀ ଶିକ୍ଷକ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପୁରସ୍କୃତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କଦ୍?ାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରୀ ରୋଶନି ବାରିକ, ସୁଦେଷ୍ଣା ବାଗ, ଡୋଲେଶ୍ୱରୀ ବଗର୍ତ୍ତୀ , ଛାତ୍ର ଧିରଜ ସାହୁ ଓ ସତ୍ୟସାଇ ପଧାନ ମଞ୍ଚ ପରିଚାଳନା କରିଥିଲେ।କାର୍ଯ୍ୟକ୍ରମରେ ଶିକ୍ଷକ ଆନନ୍ଦ ମେହେର, ସଞ୍ଜୟ ଭୋଇ, କାହ୍ନୁ ଚରଣ ପାତ୍ର, ଭାସ୍କର ସେଠ, ହେରମ୍ବ ଚନ୍ଦ୍ର କୁମ୍ଭାର, ଚନ୍ଦ୍ର ଶେଖର ବାହୁକ, କର୍ମଚାରୀ ଲମ୍ବୋଦର ଯୋଶୀ, କଲାକୁଟୁ କ୍ଷେତି , ଅଭିଭାବକ , ଅଭିଭାବିକା ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଦେଓଗାଁ,୧୯।୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅଧୀନ ବଡ଼ବନ୍ଧ ପୂର୍ଣ୍ଣଚନ୍ଦ୍ର ହାଇସ୍କୁଲରେ ସୋମବାର ପୂର୍ବତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନବୀନ କୁମାର ମେହେର ଓ ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ଯୋଷୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜଗଦିଶ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକଙ୍କ ବ୍ଲକ୍ ପ୍ରତିନିଧି ଶୁଶୀଲ କୁମାର ଚାନ୍ଦ, ସମ୍ମାନିତ ଅତିଥିଭାବେ ମହାଦେବ ଗଡ଼ତ୍ୟା, ଲିଙ୍ଗରାଜ ପଧାନ, ଯୁଗଳ କିଶୋର ମେହେର ଓ ଭାଗିରଥୀ ମେହେର ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂରାତନ ଛାତ୍ର ନିତେଇ ବେମାଲ, ବିନାୟକ ଥନାପତି, ପାଣ୍ଡବ ବାରିକ, ରାଘବ ଗଡତ୍ୟା, ଜିଗଦୀଶ ପଧାନ, ଗୋପାଳ ରଣା, ପ୍ରକାଶ ସେଠ ଓ ଅରବିନ୍ଦ ପଧାନ ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷକଙ୍କ ଗୁଣଗାନ କରିଥିଲେ।

### ଦେଶ ପାଇଁ ଗର୍ବ ଆଣିଲେ କଣ୍ଟାବାଞ୍ଜି ଝିଅ

# ଜନ୍ମମାଟିକୁ ଫେରିବା ପରେ ସ୍ୱାଗତ ସମ୍ବର୍ଦ୍ଧନା







କଣ୍ଟାବାଞ୍ଜି,୧୯ ।୧(ସମିସ): ଏବେ ଦେଶ୍ ସେବାପାଇଁ ଆଗେଇ ଆସିଛନ୍ତି ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜିର ଝିଅମାନେ। ପାଠ ପଢ଼ିବା ସମୟରେ ଯେଉଁ ସ୍ୱପ୍ନ ସେମାନେ ଦେଖିଥିଲେ , ଆଜି ତାହା ସ୍ୱପ୍ନ ସାକାର ହୋଇଛି। ୨୦୨୪ ମସିହାରେ କଣ୍ଟାବାଞ୍ଜି ସହର ନୂଆପଡ଼ା ବାସିନ୍ଦା ମଣିଆ ବେହେରାଙ୍କ କନିଷ୍ଠ ଝିଅ ଭୂମିସୁତା ବେହେରା ବିଏସଏଫ ପରୀକ୍ଷାରେ ଦେଇଥିଲେ ଏବଂ ସେଥିରେ ସେ କୃତିତ୍ୱ ହାସଲ କରିଥିଲେ। ଏହାପରେ ୧ ବର୍ଷ ଧରି ମଧ୍ୟପ୍ରଦେଶ ରାଜ୍ୟ ର ଗୋଲିଅନ ଟେକନପୁର ରେ ବିଏସଏଫ ଯବାନ ଭାବେ ତାଲିମ ନେଇ ପଞ୍ଜାବ ରାଜ୍ୟ ର ତିରତପୁର ରେ ୧୫୫ ନଂ ବାଟାଲିଏନ ଭାବେ ସେ କାର୍ଯ୍ୟରତ ଅଛନ୍ତି। କାର୍ଯ୍ୟକ୍ଷେତ୍ରରୁ ପ୍ରଥମ ଥର ସୋମବାର ଭୂମିସୁତା ତାଙ୍କ ଜନ୍ମ ମାଟି କଣ୍ଟାବାଞ୍ଜି ସହରକୁ ଫେରିଥିଲେ। ଷ୍ଟେସନରୁ ଦୁଲଦୁଲି ବଜାର ତାଳେ ତାଳେ ଶୋଭାଯାତ୍ରା କରି ଘରକୁ ନିଆଯାଇଥିଲା। ଜୟନ୍ତୀ ମହୋତ୍ସବ କମିଟି ପକ୍ଷରୁ ସଭାପତି ଅନିଲ୍ ବିଭାର ଓ ସମ୍ପାଦକ ରୋହନ ମହତ ଙ୍କ ନେତୃତ୍ୱରେ ଭୂମି ସୁତା ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସମୟରେ ଜିତେନ୍ଦ୍ର ଖୁରା, ମୋହନ ସୁନା, ଅଶୋକ କୁମାର, ଛଟୁ ମାହାନନ୍ଦ, କଣ୍ଟାବାଞ୍ଜି ସ୍ୱେଚ୍ଛାସେବୀ ସଂଗଠନ ସଭାପତି ଶାନ୍ତନୁ ବିଭାର, ସହ ବିଭିନ୍ନ ସଂଗଠନ ପକ୍ଷରୁ ସହର ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯାଇଛି। ସେହିପରି ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ରାଜେନ୍ଦ୍ର ନଗରର ଚୈତନ୍ୟ ଦୀପଙ୍କ ବଡ଼ ଝିଅ ଦୋହିତା ଦୀପ ସିଆଇଏସଏଫ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ଦେଶ ପାଇଁ କାମ କରିବା ଦୋହିତା ଙ୍କ ସ୍ୱପ୍ନ ଥିଲା ଆଜି ତାଙ୍କ ସ୍ୱପ୍ନ ସତ ପରିଲକ୍ଷିତ ହୋଇଛି। ତାଙ୍କ କୃତିତ୍ୱ ଖବର ଶୁଣିବା ପରେ କଣ୍ଟାବାଞ୍ଜି ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟି ପକ୍ଷରୁ ସଭାପତି ଅନିଲ୍ ବିଭାରଙ୍କ ଆହ୍ୱାନ କ୍ରମେ ସମ୍ପାଦକ ରୋହନ ମହତଙ୍କ ନେତୃତ୍ୱରେ ଦୋହିତାଙ୍କ ଘରକୁ ଯାଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସମୟରେ ଜିତେନ୍ଦ୍ର ଖୁରା, ମୋହନ ସୁନା, ଅଶୋକ କୁମାର, ଛଟୁ ମାହାନନ୍ଦ, ଶାନ୍ତନୁ ବିଭାର ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ସେହିପରି ଅନ୍ୟଜଣେ ହେଉଛନ୍ତି କଣ୍ଟାବାଞ୍ଜି ସହରର ଆଶ୍ରମପଡ଼ା ବାସିନ୍ଦା ରୋହିତ ସୁନା ଓ ଉମା ସୁନାଙ୍କ ଝିଅ କାଜଲ ସୁନା। ବିଏସ୍‌ଏଫ ପରୀକ୍ଷାରେ କୃତିତ୍ୱ ହୋଇ ପୁଣି କଣ୍ଟାବାଞ୍ଜି ପାଇଁ ଗର୍ବ ଆଣିଛନ୍ତି। କାଜଲ ଅନେକ ଦିନ ଧରି ବି.ଏସ.ଏଫ ପାଇଁ ପ୍ରସ୍ତୁତ ହୋଇ ଆସୁଥିଲେ ଆଜି ତାଙ୍କ ଦୃଢ଼ ମନୋବଳ ଓ କଠିନ ପରିଶ୍ରମ ତାଙ୍କ ସଫଳତା ଆଣି ଦେଇଛି। କଣ୍ଟାବାଞ୍ଜି ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟି ପକ୍ଷରୁ କାଜଲ ସୁନାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

# ଜଙ୍ଗଲ ଜମିରେ ବୃକ୍ଷରୋପଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା,୧୯।୧(ସମିସ)



## ଏପସିଲନ କାର୍ବନ କମ୍ପାନୀକୁ ଅନୁକମ୍ପା ନେଇ ଗର୍ଜିଲେ ଗ୍ରାମବାସୀ

ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ଶ୍ରିପୁରା ପଞ୍ଚାୟତ ଠାରେ ଥିବା ଏପସିଲନ କାର୍ବନ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମିକୁ ଦଖଲ କରି ବ୍ୟବହାର କରୁ ଆସୁଛି। ଏହି ଘଟଣାରେ ଶ୍ରିପୁରା ଗ୍ରାମବାସୀ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏହାସତ୍ତ୍ୱେ ଝାରସୁଗୁଡ଼ା ଡିଏଫଓ ଏବଂ ତହସିଲଦାର କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଗାଁସଭା ମାଧ୍ୟମରେ ଉକ୍ତ ଜଙ୍ଗଲ ଜମିରେ ବୃକ୍ଷରୋପଣ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଛନ୍ତି। ଏହା ସହିତ ସୋମବାର ଶ୍ରିପୁରା ଗ୍ରାମବାସୀ ଡିଏଫଓ ଓ ତହସିଲଦାରଙ୍କ ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ କରିବା ସହିତ ଏହି ସମସ୍ତ ବିଷୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଶ୍ରିପୁରା ବାସୀଙ୍କ ଦାବିପତ୍ର ଅନୁଯାୟୀ ଗାଁରେ ଥିବା ଏପସିଲନ କମ୍ପାନୀ ଖାତା ନମ୍ବର ୧୭୮, ପ୍ଲଟ ନମ୍ବର ୪୨୭କୁ ବେଆଇନ ଭାବେ ବ୍ୟବହାର କରୁଛି। ଏହା ସହିତ ଶ୍ରିପୁରା ଗ୍ରାମବାସୀ ଉକ୍ତ ଜଙ୍ଗଲ ଜମିରେ କେନ୍ଦ୍ର ସରକାରଙ୍କ ଯୋଜନା 'ଏକ ପେଡ ମା କେ ନାମ'ରେ ହଜାର ହଜାର ଚାରାରୋପଣ କରିଥିଲେ। କିନ୍ତୁ ସେତେବେଳେ ଝାରସୁଗୁଡ଼ା ତହସିଲଦାରଙ୍କ ଉପସ୍ଥିତିରେ ରୋପଣ କରାଯାଇଥିବା ଚାରା ଏବଂ ବ୍ୟାରିକେଡକୁ ହଟାଯାଇଥିଲା। ଏହାକୁ ବିରୋଧ କରି ଗ୍ରାମବାସୀ ତଥା ଗାଁ ସରପଞ୍ଚ ଗତ ୨୦୨୫ ଅକ୍ଟୋବର ୧୩ ରେ ଜିଲ୍ଲାପାଳଙ୍କୁ କମ୍ପାନୀ ଠାରୁ ଜଙ୍ଗଲ ଜମି ମୁକ୍ତି କରିବା ଏବଂ ଉକ୍ତ ଜଙ୍ଗଲ ଜମିରେ ବୃକ୍ଷରୋପଣ କରିବା ପାଇଁ ଦାବି କରିଥିଲେ। ଏହା ସହିତ ବିଭିନ୍ନ ସମୟରେ ଜିଲ୍ଲାପାଳ, ଡିଏଫଓଙ୍କୁ ମଧ୍ୟ ଜଙ୍ଗଲ ଜମି ପାଇଁ ଗ୍ରାମବାସୀ, ଜନପ୍ରତିନିଧି ମାନେ ବାରମ୍ବାର ଦାବି କରିଥିଲେ। କିନ୍ତୁ ଡିଏଫଓ ଏବଂ ତହସିଲଦାର ଏହି ଘଟଣାର ତଦନ୍ତକାରୀ ଅଧିକାରୀ ହୋଇଥିବା ବେଳେ ତଦନ୍ତ ପ୍ରକ୍ରିୟା ବିଳମ୍ବ ହେଉଥିବା କାରଣରୁ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ଜାତ ହୋଇଥିଲା। ଫଳରେ ଗତ ଜାନୁୟାରୀ ୧୫ରେ ଶ୍ରିପୁରା ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଯଶୋବନ୍ତୀ ପାଣ୍ଡେଙ୍କ ସଭାପତିତ୍ୱରେ ଏକ ଗାଁସଭା କରି ଜଙ୍ଗଲ ଜମିରେ 'ଏକ ପେଡ ମା କେ ନାମ' ଯୋଜନାରେ ବୃକ୍ଷରୋପଣ କରି ପରିବେଶକୁ ସୁନ୍ଦର ସବୁଜ କରିବା ସହିତ ମାନବ ମଙ୍ଗଳ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଥିଲେ।

ଏ ବିଷୟରେ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଇବା ପାଇଁ ଗ୍ରାମବାସୀ ଗାଁସଭାରେ ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ଅନୁଯାୟୀ ସୋମବାର ସକାଳ ୧୦ ଟାରେ ଶ୍ରିପୁରା ଗାଁର ଶତାଧିକ ମହିଳା ପୁରୁଷ ଏକଜୁଟ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ନେଇ ଝାରସୁଗୁଡ଼ା ଡିଏଫଓ ଏବଂ ତହସିଲଦାରଙ୍କ ବିରୋଧରେ ବିକ୍ଷୋଭ କରିବା ସହିତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଘଟଣାର ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣିରେ ଦାବି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଗ୍ରାମବାସୀଙ୍କ ତରଫରୁ କୁହାଯାଇଛି।

ଏହି ଦାବିପତ୍ର ଦେବା ସମୟରେ ଶ୍ରିପୁରା ଗାଁର ଜିଲ୍ଲା ପରିଷଦ ସଦସ୍ୟ ଥିବା ଦିଗାମ୍ବର ଭୋଇ, ଶ୍ରିପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେ, ଲୋକମୁକ୍ତି ସଙ୍ଗଠନର ଅନନ୍ତ ପଣ୍ଡା, ବିରଞ୍ଚି ମାଝୀ, ରୀନା ବାଗ, ମିନତୀ ପାତ୍ରଙ୍କ ସହିତ ଶ୍ରିପୁରା ଗାଁର ପ୍ରାୟ ୫ ଶହରୁ ଅଧିକ ଜନସାଧାରଣ ଉପସ୍ଥିତ ଥିଲେ।

**'ସ୍ନେହ ସେତୁ'ର ସଫଳତା**

# ୩୩ ମାସ ପରେ ମା'କୁ ଫେରି ପାଇଲା ପୁଅ

ଝାରସୁଗୁଡ଼ା,୧୯।୧(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ମାର୍ଗଦର୍ଶନରେ ପରିଚାଳିତ 'ସ୍ନେହ ସେତୁ' ମାଧ୍ୟମରେ ଆଜି ପୁଣି ଏକ ବିଚ୍ଛିନ୍ନ ପରିବାର ଏକାଠି ହୋଇଛି। ଦୀର୍ଘ ୨ ବର୍ଷ ୯ ମାସର ପ୍ରତୀକ୍ଷା ପରେ ଝାଡଖଣ୍ଡର ଅନାମିକା ମୁଣ୍ଡା ନିଜ ପରିବାରକୁ ଫେରିଛନ୍ତି। ୨୦୨୩ରେ 'ପରିଚୟ' ଏନଜିଓ ମାଧ୍ୟମରେ ଅନାମିକାଙ୍କୁ ଯେତେବେଳେ 'ମିଶନ ଆଶ୍ରା-୨' କେନ୍ଦ୍ରକୁ ଅଣାଯାଇଥିଲା, ସେତେବେଳେ ତାଙ୍କ ମାନସିକ ଅବସ୍ଥା ଆଦୌ ଭଲ ନଥିଲା। ଏପରିକି ସେ ନିଜର ପରିଚୟ ଦେବାକୁ ଅସମର୍ଥ ଥିଲେ। କାହାରି ସହ କଥାବାର୍ତ୍ତା କରୁ ନଥିଲେ। ତେବେ ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ତାଙ୍କୁ ଉପଯୁକ୍ତ ଚିକିତ୍ସା, କାଉନସେଲିଂ ଏବଂ ଯତ୍ନ ପ୍ରଦାନ କରାଯାଇଥିଲା। ଧୀରେ ଧୀରେ ସେ ସୁସ୍ଥ ହେବା ସହ ନିଜ ଗାଁର ନାମ କହିପାରିଥିଲେ। ଅନାମିକାଙ୍କ ଦ୍ୱାରା ପ୍ରଦତ୍ତ ସୀମିତ ତଥ୍ୟକୁ ଆଧାର କରି ମିଶନ ଆଶ୍ରା ଟିମ୍ ଗୁଗଲ୍ ସାହାଯ୍ୟରେ ତାଙ୍କର ଠିକଣା ଝାଡଖଣ୍ଡର ପିଥୋରିଆ ଥାନା ଅଧୀନରେ ଥିବା ଜାଣିବାକୁ ପାଇଥିଲେ। ଭିଡିଓ କଲ୍ ମାଧ୍ୟମରେ ଅନାମିକାଙ୍କୁ ତାଙ୍କ ପରିବାର ଦେଖିବା ପରେ ସେ ତାଙ୍କ ପରିଜନ ବୋଲି ପରିଚୟ ପ୍ରଦାନ କରିବା ସହ ସ୍ପଷ୍ଟ କରିଥିଲେ। ଜିଲ୍ଲାପାଳ ଶ୍ରୀ ଚହ୍ୱାଣଙ୍କ ଉପସ୍ଥିତିରେ ଅନାମିକା ତାଙ୍କ ପୁଅକୁ ଭେଟିଥିଲେ। ଉଲ୍ଲେଖଯୋଗ୍ୟ, ଜିଲ୍ଲା ପ୍ରଶାସନର ଏହି ଅଭିନବ ପ୍ରୟାସ 'ସ୍ନେହ ସେତୁ' ଦ୍ୱାରା ଏପର୍ଯ୍ୟନ୍ତ ଅନେକ ବିଚ୍ଛିନ୍ନ ପରିବାର ଏକାଠି ହୋଇପାରିଛନ୍ତି।



# ଲଇକେରାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା,୧୯।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସମସ୍ୟାର ସମାଧାନ ନିମନ୍ତେ ଲଇକେରାଠାରେ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ ୧୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୮ଟି ବ୍ୟକ୍ତିଗତ ଏବଂ ୮ଟି ସାମୂହିକ ଅଭିଯୋଗ ରହିଥିଲା। ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଜଣେ ହିତାଧିକାରୀଙ୍କୁ ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ବିଶେଷ କରି ସନ୍ଧ୍ୟାରେ ଲଇକେରାରୁ ଝାରସୁଗୁଡ଼ାକୁ ସରକାରୀ ବସ୍, ଖଇରଡିହି ଓ କୁଲେମୁରାରେ ସରକାରୀ ଜମିରେ ବେଆଇନ ବନ୍ଧ ଖୋଳଯିବା ଏବଂ ଯୋଗିଆଡିହି ଓ କିର୍ମିରା ଅଞ୍ଚଳରେ ସରକାରୀ ରାସ୍ତା ତଥା ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଦାବି ହୋଇଥିଲା। ଏଥିସହିତ ପାନପାଳି ଗାଁ ଦେଇ ଯାଇଥିବା ଆରଡି ରାସ୍ତା ଓ ତେଲେନ ନଦୀ ଉପରେ ବ୍ରିଜ ନିର୍ମାଣ, ମୁରାଦିପାଲି ଅଞ୍ଚଳରେ ଅଚଳ ଉଠା ଜଳସେଚନ ପ୍ରକଳ୍ପଗୁଡିକୁ କାର୍ଯ୍ୟକ୍ଷମ କରିବା ଏବଂ ବୃନ୍ଦାମାଲ ମୁଖ୍ୟରାସ୍ତାରେ ଥିବା ମଦ ଦୋକାନ ସ୍ଥାନାନ୍ତରଣ ସମ୍ବନ୍ଧରେ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗର ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୯।୧(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ଝାରସୁଗୁଡ଼ା ପକ୍ଷରୁ ସୋମବାର ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ରୁ ଏସୟୁଭିଏଏସ (ସୁପ୍ରିମକୋର୍ଟ ବିଧିକ ଅନୁବାଦ ସଫ୍ଟୱେର୍)କୁ ବ୍ୟବହାର କରି ସର୍ବୋଚ୍ଚ ନ୍ୟାୟାଳୟ ବିଚାର ଗୁଡିକର ଇଂରାଜୀରୁ ଆଞ୍ଚଳିକ ଭାଷାକୁ ଅନୁବାଦ, ଓଡ଼ିଶା ହାଇକୋର୍ଟ ଭିଡିଓ କନଫରେନ୍ସିଂ ରୁଲର ଉପକାରିତା, ସିଭିଲ ମଧ୍ୟସ୍ଥତା ରୁଲ ୨୦୦୭, କାର୍ଯ୍ୟକ୍ଷେତ୍ରରେ ମହିଳା ମାନଙ୍କ ଯୌନ ଉତ୍ପୀଡନ ନିୟମ ଓ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଇତ୍ୟାଦି ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ପ୍ରସନ୍ନ ପଣ୍ଡା ଆଇନ୍ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ ନାଏକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ମୁଖ୍ୟ ଆଇନ୍ ସେବା ପ୍ରତିପକ୍ଷ ଓକିଲ ସାଜାଦା ବେଗମ, ଉପ ଆରକ୍ଷୀ ଅଧୀକ୍ଷକ(ଆଇୟୁସିଏୱବ୍ଲୁ) ବନିତା ମାଝୀ, ମହାବିଦ୍ୟାଳୟର ପ୍ରିନ୍ସିପାଲ ଡ.ଦୀପକ ତିୱାରି ଓ ସହଯୋଗୀ ପ୍ରଫେସର ବିନୟ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ ଓ ଉପରୋକ୍ତ ବିଷୟ ବସ୍ତୁ ଉପରେ ଆଲୋଚନା କରିବା ସହିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ।

# ଏକ ଦିବସୀୟ ଯୋଗ ଶିବିର

ଝାରସୁଗୁଡ଼ା,୧୯।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୌରପରିଷଦ ଅଧୀନ ବିବେକାନନ୍ଦ ଇଣ୍ଟରନ୍ୟାସନାଲ ବିଦ୍ୟାଳୟ ପରିସରରେ ଝାରସୁଗୁଡ଼ା ଜିଲ୍ଲା ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ଏକ ଦିବସୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ହରିଦ୍ୱାରରୁ ଆସିଥିବା ଯୋଗ ଗୁରୁ କେନ୍ଦ୍ରୀୟ ପ୍ରଭାରୀ ପରମ ପୂଜ୍ୟ ସ୍ୱାମୀ ପର୍ମାର୍ଥ ଦେବ ଜୀ ଏଥିରେ ଯୋଗ ଦେଇଥିଲେ। ଜନସାଧାରଣଙ୍କୁ ଯୋଗ ପ୍ରଶିକ୍ଷଣ ଦେବା ସହ ନିଜ ଅଭିଭାଷଣରେ ସ୍ୱଦେଶୀ ଆପଣାନ୍ତୁ ଯୋଗ ହିଁ ନିରୋଗ ରହିବାର ଏକମାତ୍ର ଉପାୟ୍ ବୋଲି ମତବ୍ୟକ୍ତ କରିଥିଲେ। ଭାରତ ସ୍ୱାଭିମାନ ଟ୍ରଷ୍ଟର ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ, ରାଜ୍ୟ କିଶାନ ପ୍ରଭାରୀ ସ୍ୱୟମ ପ୍ରକାଶ୍, ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ରାଧାମାଧବ ବୋଇଦାର, ରାଜ୍ୟ ଯୁବ ପ୍ରଭାରୀ ଅମୃତାଷ୍ଟୁ ପ୍ରଧାନ, ରାଜ୍ୟ ମିଡିଆ ଖତିଶ ପଟ୍ଟନାୟକ, ଭାରତ ସ୍ୱାଭିମାନ ଜିଲ୍ଲା ପ୍ରଭାରୀ ପ୍ରଶାନ୍ତ ପ୍ରଧାନ, ପତଞ୍ଜଳି ଯୋଗ ସମିତି ଜିଲ୍ଲା ପ୍ରଭାରୀ ବବନ୍ ସିଂହ, ମିଡିଆ ପ୍ରଭାରୀ ରଞ୍ଜନ ସିଂ, ସୁଷମା ମହାପାତ୍ର, ଯୁବରାଜ ସାହୁ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ଏହି ଅଞ୍ଚଳର ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

# ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ

ଅତାବିରା,୧୯।୧(ସମିସ): ଅତାବିରା ବ୍ଲକ୍ ପାହାଡଶ୍ରୀଗିଡା କ୍ଲଷ୍ଟର୍ ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ



ଡର୍ରୋକୁସୁମ ଠାରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର, ସମ୍ମାନିତ ଅତିଥି ଭାବେ ଏବିଇଓ କାର୍ତ୍ତିକ ବାଗ, ବରିଷ୍ଠ ସମାଜସେବୀ ଦୁର୍ଯୋଧନ ପ୍ରଧାନ, ସୋମେଶ ସୋରେନ ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅବସର ଗ୍ରହଣ କରିଥିବା ମୋଟ୍ ୧୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅର୍ଜୁନ ହୋତା, ଛାଲୁ ବୁଡେକ, ନନ୍ଦଲାଲ ଦାସ, ସନ୍ତୋଷ ନାଏକ, ନାରାୟଣ ଭୋଇ, ଦୁର୍ବାଦଳ କୁମ୍ଭାର, ଇଶ୍ୱର ପ୍ରସାଦ ସିଂ, ଚିନ୍ତାମଣି ପଟେଲ, ଦୟାନିଧି ସାହୁ, ମହେନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ଭୋଇ, କର୍ଣ୍ଣ ପ୍ରଧାନ, ରାଜ ଗରିଆ ଓ ହୋସନାରା ବେଗମ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ବେଣୁଧର ବାରୁ ଏଥିରେ ସଭାପତିତ୍ୱ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁବାଷ ମହାନନ୍ଦ ଓ କେନ୍ଦ୍ର ପଣ୍ଡିତ ସୁଶୀଲ ସେଟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ସୌଦାମିନୀ ସାହୁ ସ୍ୱାଗତ ଭାଷଣ, କେନ୍ଦ୍ର ସଂଯୋଜକ ସୁବାଷ ମହାନନ୍ଦ ଉଦ୍ଦେଶ୍ୟ ଜ୍ଞାପନ, ଶିକ୍ଷକ ଜୟଦେବ ନାଏକ ଓ ଶିକ୍ଷୟିତ୍ରୀ ଗୋପିକା ସେଟ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଭବାନୀ ଶଙ୍କର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଡର୍ରୋକୁସୁମ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ସାହୁଙ୍କ ସଂଯୋଜନାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ଗାନ କରିବା ସହିତ ନୃତ୍ୟ ମଧ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଆମିଏଲ କାଣ୍ଡୁଲାନା, ରମେଶ ଭୂଏ, ଗୁଣମଣି ଲୁହା, ଅଂଶୁମାନ ପ୍ରଧାନ, ରାଜକିଶୋର ବରିହା, ମନୋରଞ୍ଜନ ପ୍ରଧାନ, ରବିନାରାୟଣ ଭୂଏ, ବୈଷ୍ଣବ ମାଝୀ, ସଓଜୟ ଭୋଇ, ଶିକ୍ଷୟିତ୍ରୀ ବୀଣାପାଣି କୁମ୍ଭାର, ସୁଶାନ୍ତି ସୁରିନ, ଝରଣା ନାଏକ, ଉଷା କେର୍କେଟା, ପ୍ରଭାତୀ ପ୍ରଧାନ, ଚାନ୍ଦିନୀ ମାଝୀ, ସଓଘମିତ୍ରା ବିଶ୍ୱାଳ, ବିଶାଖା କୁମ୍ଭାର, ସସ୍ମିତା ସାହୁ, ଗ୍ରାମବାସୀ ତଥା ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

# ବସ୍‌ରୁ ଖସି ଯୁବକଙ୍କ ମୃତ୍ୟୁ ଘଟଣା, ବସ୍ ଡ୍ରାଇଭର ଗିରଫ

ଝାରସୁଗୁଡ଼ା,୧୯।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଯୋରାବଗା ବସଷ୍ଟାଣ୍ଡ ନିକଟରେ ବସରୁ ଖସି ଝାରଖଣ୍ଡର ଜିତେନ୍ଦ୍ର ଯାଦବ ଓରଫ ରବି (୨୭)ଙ୍କ ମୃତ୍ୟୁ ଘଟଣାରେ ପୁଲିସ ବସ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବସ ଡ୍ରାଇଭର ଜଣକ କୋଲାବିରା ପଣକିମାଲ ଅଞ୍ଚଳର ରମେଶ ଲୁହା ବୋଲି ବେଲପାହାଡ ପୁଲିସ ସୂଚନା ଦେଇଛି। ଜିତେନ୍ଦ୍ର ବେଲପାହାଡ ବନ୍ଧବାହାଲ ଅଞ୍ଚଳରେ ଏକ ଟ୍ରକ ହେଲ୍ପର ଭାବେ କାର୍ଯ୍ୟ କରୁଥିଲେ।

ଗତକାଲି ସକାଳେ ବନ୍ଧବାହାଲ ପଟୁ ଝାରସୁଗୁଡ଼ା ପଟକୁ ଯାଉଥିବା ଏକ ବସ ଯୋଗେ ସେ ଯାତ୍ରା କରୁଥିଲେ। ଜିତେନ୍ଦ୍ର ବସର ଗେଟ ପାଖରେ ଛିଡା ହୋଇଥିବା ବେଳେ ଅସାବଧାନତା ହେତୁ ହଠାତ୍ ବସରୁ ଖସିପଡିବାରୁ ତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହାପରେ ସ୍ଥାନୀୟ ବାସିନ୍ଦା ତଥା ଟ୍ରକ ଚାଳକ ଓ ହେଲ୍ପରମାନେ ଏକତ୍ରିତ ହୋଇ ମୃତକ ପରିବାର ପାଇଁ କ୍ଷତିପୂରଣ ଦାବି କରିଥିଲେ। ପୁଲିସ ଲୋକଙ୍କୁ ବୁଝାସୁଝା କରି ସ୍ଥିତି ନିୟନ୍ତ୍ରଣ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଆଜି ପୁଲିସ ବସର ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ପରମାଣପୁରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ

କଲବର,୧୯।୧(ସମିସ): ସିଡିବି ହାଇସ୍କୁଲ ପରମାଣପୁର ଠାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ



କୋଲାବିରା ବ୍ଲକ୍‌ର ସରକାରୀ ବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ, ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ୪୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗରେ ୩୦୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜାହ୍ନବୀ ପଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିର୍ମଳା ଶତପଥୀ, ରମ୍ଭାବତୀ ଭୂଏ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁକେଶ ଖମାରି, କୋଲାବିରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସରୋଜ ଟଣକାର ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପକନିଷ୍ଠ ବିଭାଗରେ ପିଏମ୍‌ଶ୍ରୀ ରଘୁନାଥପାଲି ତେଜଶ ପଧାନ ୧ମ ସ୍ଥାନ, ସିଡିବି ହାଇସ୍କୁଲ ପରମାଣପୁରର ପ୍ରିୟାଂଶୁ ମହାପାତ୍ର ୨ୟ ସ୍ଥାନ, ସରକାରୀ ପ୍ରାଥମିକ ବିଦ୍ୟାଳୟ କୋଲାବିରାର ପିତୃଦତ୍ତ କଉଡି ୩ୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବିଭାଗରେ ଆଦର୍ଶ ବିଦ୍ୟାଳୟର ବିନ୍ଦୁରେଖା ପଧାନ ୧ମ ସ୍ଥାନ, କେଜି ବାଳିକା ବିଦ୍ୟାଳୟର ବେଦିସ୍ମିତା ବଢ଼େଇ ୨ୟ ସ୍ଥାନ, ସରିତା ପୁଝାରୀ ୩ୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବର୍ଗରେ ଆଦର୍ଶ ବିଦ୍ୟାଳୟର ଅନନ୍ୟା ପଧାନ ୧ମ ସ୍ଥାନ, ମୋନାଲିସା ପଧାନ ୨ୟ ସ୍ଥାନ ଓ ଫାଇନାଲରେ ରାଉରକେଲା ଆର୍‌ୱାଇସିସି ସରକାରୀ ୟୁଜି ହାଇସ୍କୁଲ ଶିରିଆପାଲିର ଯୋସେଫ ରଣା ୩ୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି ଓ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷକ ଅଶୋକ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିରିଆପାଲିର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**● ସର୍ବଭାରତୀୟ ମାଁ ଜଳମୁଣ୍ଡି କପ୍**

# ଫାଇନାଲରେ ରାଉରକେଲା ଆର୍‌ୱାଇସିସି

ରିଆମାଲ,୧୯।୧(ସମିସ): ଦେବଗଡ଼ ଟିଙ୍କବୀରରେ ଆୟୋଜିତ ୧୭ ତମ ସର୍ବଭାରତୀୟ ଜଳମୁଣ୍ଡି କ୍ରିକେଟ କପ୍ ଫାଇନାଲକୁ ରାଉରକେଲା ଆରୱାଇସିସି ପ୍ରବେଶ କରିଛି। ଆଜିର ସେମିଫାଇନାଲ ମ୍ୟାଚ୍‌ରେ ବିସିସି ଦେବଗଡ଼କୁ ବିପୁଳ ବ୍ୟବଧାନରେ ରାଉରକେଲା ହରାଇ ଫାଇନାଲରେ ଜାଗା ପକ୍କା କରିଛି। ରାଉରକେଲା ଦଳ ଆରମ୍ଭରୁ ଦୁର୍ଦ୍ଧର୍ଷ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୧୬୯ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗୁରୁଶରଣ ଅର୍ଦ୍ଧଶତକ ହାସଲ କରିଥିଲେ। ୪୪ଟି ବଲରୁ ୭୧ରନ ସଂଗ୍ରହ କରିଥିଲେ। ଏହା ସହ ଅଙ୍କିତ ୨୨ରନ, ପିଣ୍ଟୁ ୧୮ରନ କରିଥିଲେ। ବିସିସି ଦେବଗଡ଼ ପକ୍ଷରୁ ଜିତେନ୍ଦ୍ର ଓ ପ୍ରକାଶ ୩ଟି ଲେଖାଏଁ ୱିକେଟ ହାସଲ କରିଥିଲେ। ଏହାର ଜବାବରେ ବିସିସି ଦେବଗଡ଼ ଖେଳ ଆରମ୍ଭ କରିଥିଲା। କିନ୍ତୁ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିଲା। ୫୦ରନ ମଧ୍ୟରେ ଦେବଗଡ଼ ପ୍ରଥମ ୫ଟି ୱିକେଟ ହରାଇଥିଲା। ଶେଷରେ ଦେବଗଡ଼ ଦଳ ୯ଟି ୱିକେଟ ହରାଇ ୧୨୮ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଆଦର୍ଶ ସର୍ବାଧିକ ୬୫ରନ ଓ ପ୍ରକାଶ ୧୪ରନ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଗୁରୁଶରଣଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ତାଙ୍କୁ ଦେବଗଡ଼ ଓକିଲ ସଂଘ ସଭାପତି ତଥା ବରିଷ୍ଠ ବିଜେପି ନେତା ସଚ୍ଚିକାନ୍ତ ଦାସ ପୁରସ୍କୃତ କରିଥିଲେ। ବିଜେପି ଆଇଟି ସେଲ ମୁଖ୍ୟ ମୋତିଲାଲ ଶର୍ମା ଓ ସମାଜସେବୀ ଶୁକଦେବ ଭଞ୍ଜ ପୁରସ୍କାର ବିତରଣୀ ଉତ୍ସବରେ ଉପସ୍ଥିତ ଥିଲେ। ଆସନ୍ତାକାଲି ଜେସିସି ସମ୍ବଲପୁର ଓ ରାଇଜିଂ ଷ୍ଟାର ଝାରସୁଗୁଡ଼ା ସହ ମ୍ୟାଚ୍ ଅନୁଷ୍ଠିତ ହେବ। ମ୍ୟାଚ୍‌କୁ ଏମ୍‌ଡି ଇସାକ୍ ଓ ପ୍ରଦୀପ ଦାସ ପରିଚାଳନା କରିଥିଲେ। ବିଷ୍ଣୁ ସାହୁ, ଦେବାଶିଷ ବିଶ୍ୱାଳ, ରିୟାଂଶ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ରେଖାଙ୍କିତ୍ ମାଝୀ ଓ ଜଗନ୍ନାଥ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ।



# ପ୍ରେସ୍ କ୍ରିକେଟ କ୍ଲବ୍ ଏବଂ ଦେବାଡିହୀ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍



ଝାରସୁଗୁଡ଼ା,୧୯।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଦେବାଡିହୀ ଠାରେ ସୋମବାର ଦିଲିପ ତିର୍କୀ ସ୍ପୋର୍ଟ୍ସ ଏକାଡେମୀ ଓ ଜିଲ୍ଲା ଟେନିସ ବଲ ଆସୋସିଏସନ ଆନୁକୂଲ୍ୟରେ ଝାରସୁଗୁଡ଼ା ପ୍ରେସ କ୍ରିକେଟ କ୍ଲବ୍ ଓ ଦେବାଡିହୀ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ମ୍ୟାଚ୍‌ରେ ଦିଲିପ ତିର୍କୀ ସ୍ପୋର୍ଟ୍ସ ଏକାଡେମୀର ସଭାପତି ଜୀବନ ମହାନ୍ତି ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ। ଏହି ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ପ୍ରେସ କ୍ରିକେଟ କ୍ଲବ୍ ମାତ୍ର ୧ରନ ପାଇଁ ପରାଜିତ ହୋଇଥିଲା। ଆସୋସିଏସନର ସମ୍ପାଦକ ଅଶ୍ୱନୀ ପାଣ୍ଡେ ଅତିଥି ମାନଙ୍କୁ ଖେଳାଳି ମାନଙ୍କ ସହିତ ପରିଚୟ କରାଇଥିଲେ। ଗାଁର ଅର୍ଜୁନ ପାଣ୍ଡେ ଉଭୟ ଦଳର ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ଏହି ଖେଳ ଗୁଡିକୁ ମନୋଜ ବାଗ, ଉମାକାନ୍ତ ପ୍ରଧାନ, ରାଜେଶ ମାଝି ଓ ଡି.ପଟେଲ ପରିଚାଳନା କରିଥିଲେ।

# ଉଦୟଲକ୍ଷ୍ମୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ମହାବୀର ଦଳ ଚାମ୍ପିଅନ

କୋଲାବିରା,୧୯।୧(ସମିସ)




ଉଦୟଲକ୍ଷ୍ମୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ତଥା ଅନ୍ତିମ ଦିବସରେ ତରେଇକେଲା ଦଳକୁ ପରାସ୍ତ କରି ମହାବୀର ଦଳ ଚାମ୍ପିଅନ ହୋଇଛି। ଆଜି ପ୍ରଥମ ସେମିଫାଇନାଲ ତରେଇକେଲା ଓ ବାଗଡିହି ମଧ୍ୟରେ ହୋଇଥିଲା। ଏଥିରେ ତରେଇକେଲା ଦଳ ଟସ ଜିଣି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବାଗଡିହି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫ ୱିକେଟ ହରାଇ ୧୦୭ରନ ସଂଗ୍ରହ କରିଥିଲା। ଜବାବରେ ତରେଇକେଲା ଦଳ ୮.୫ ଓଭରରେ ୪ ୱିକେଟ ହରାଇ ୧୧୧ରନ କରି ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ଏହି ମ୍ୟାଚ୍‌ରେ ତରେଇକେଲା ଦଳର ପପ୍ପୁ ମ୍ୟାନ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ଲଇଡା ଓ ମହାବୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବୀର ଦଳ ଟସ ଜିଣି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଲଇଡା ଦଳ ୮.୧ ଓଭରରେ ୬୧ରନ ସଂଗ୍ରହ କରି ଅଲ ଆଉଟ ହୋଇ ଯାଇଥିଲା। ଜବାବରେ ମହାବୀର ଦଳ ୭ ଓଭରରେ ୪ ୱିକେଟ ହରାଇ ୬୨ରନ କରି ୫ ୱିକେଟରେ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ଏହି ମ୍ୟାଚ୍‌ରେ ମହାବୀର ଦଳର ଗଗନ ମ୍ୟାନ ଅଫ ଦ ମ୍ୟାଚ୍ ହୋଇଥିଲେ।

ଫାଇନାଲ ମ୍ୟାଚ୍‌ରେ ତରେଇକେଲା ଓ ମହାବୀର ଦଳଙ୍କ ମଧ୍ୟରେ କଡା ମୁକାବିଲା ହୋଇଥିଲା। ମହାବୀର ଦଳ ଟସ ଜିଣି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ତରେଇକେଲା ଦଳ ୮ ଓଭରରେ ୭ ୱିକେଟ ହରାଇ ୮୯ରନ ସଂଗ୍ରହ କରିଥିବା ବେଳେ ଜବାବରେ ମହାବୀର ଦଳ ୬ ଓଭରରେ ୩ ୱିକେଟ ବିନିମୟରେ ୯୦ରନ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା। ଏହି ମ୍ୟାଚ୍‌ରେ ମହାବୀର ଦଳର ରାହୁଲ ମ୍ୟାନ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ତରେଇକେଲା ଦଳର ପ୍ରଦୀପଙ୍କୁ ଶ୍ରେଷ୍ଠ ବୋଲର, ମହାବୀର ଦଳର ଗଗନଙ୍କୁ ସର୍ବ ଶ୍ରେଷ୍ଠ ଫିଲ୍ଡର, ମହାବୀର ଦଳର ରାହୁଲଙ୍କୁ ଶ୍ରେଷ୍ଠ କିପର ଓ ତରେଇକେଲା ଦଳର ପପ୍ପୁଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଏବଂ ତରେଇକେଲା ଦଳର ପପ୍ପୁଙ୍କୁ ପ୍ଲେୟର ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ସ୍ୱର୍ଗତଃ ଉଦୟନାଥ ପୁରୋହିତ ଓ ଲକ୍ଷ୍ମୀ ପୁରୋହିତଙ୍କ ପୁତ୍ରବଧୂ ନିବେଦିତା, ସୁଚିସ୍ମିତା, ନାତୁଣୀ ଶ୍ରେୟାନ୍ସି, ଝିଅ ମମତା, ଯାମାତା ସଞ୍ଜୟ, ପୁଅ ସୁଶାନ୍ତ, ଖେଳ ଶିକ୍ଷକ ରାଜେଶ ପଟେଲ, ପୁରାତନ ଖେଳାଳି ରାଜେଶ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଆୟୋଜକ ମାନସ ପୁରୋହିତ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦାନ କରି ବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଖେଳଗୁଡିକୁ ପରିଚାଳନା କରିବାରେ କୋଲବିରା ମାଁ ସମଲେଶ୍ୱରୀ କ୍ଲବ୍‌ର ସୁନୀଲ, ଗୁଡୁ, ଧନଞ୍ଜୟ, ରଜତ, ଭାଡ଼ି, ଦିଲୀପ, ଗଣେଶ, ପ୍ରେମ, ଲୋକନାଥ, ଜିତେନ୍ଦ୍ର, ଅନିଲ, ଭକ୍ତ ପ୍ରମୁଖ ସାହାଯ୍ୟ କରିଥିଲେ।

# କନ୍ଧରିଆପଡ଼ାରେ ରେଳ ଷ୍ଟେସନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ମନମୁଣ୍ଡା,୧୯।୧(ସମିସ)



ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ମନୁପାଲି ପଞ୍ଚାୟତ କନ୍ଧରିଆପଡ଼ା ଗ୍ରାମ ବାଘନଦୀ ନିକଟରେ ଏକ ରେଲୱେ ଷ୍ଟେସନ ସ୍ଥାପନ ପାଇଁ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକଙ୍କୁ ବାଘ ରେଳ ଷ୍ଟେସନ ସଂଗ୍ରାମ ସମିତିର ସଦସ୍ୟମାନେ ଆଜି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାଘ ରେଳ ଷ୍ଟେସନ ସଂଗ୍ରାମ ସମିତି ସଭାପତି କରୁଣାକର ଘଣ୍ଟୁଆଳଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ପୂର୍ବରୁ ବାଘନଦୀ - କନ୍ଧରିଆପଡ଼ା ଷ୍ଟେସନ କରାଯିବାର ଡିପିଆର ପ୍ରସ୍ତୁତ କରାଯାଇ ପ୍ରସ୍ତାବିତ ବଲାଙ୍ଗୀର - ଖୋର୍ଦ୍ଧା ରେଲୱେ ଲାଇନ ମ୍ୟାପରେ ମଧ୍ୟ ସ୍ଥାନ ପାଇଥିଲା। ସେଠାରେ ଷ୍ଟେସନ କରିବା ଉଦ୍ଦେଶ୍ୟରେ କନ୍ଧରିଆପଡ଼ା ମୌଜାର ପ୍ରାୟ ୭୪ ଏକର ଜମି ଅଧିଗ୍ରହଣ ମଧ୍ୟ କରାଯାଇଥିଲା ଏବଂ ଗ୍ରାମବାସୀ ବିସ୍ଥାପିତ ହୋଇଥିଲେ। କିନ୍ତୁ ସେଠାରେ ବର୍ତ୍ତମାନ ସୁଦ୍ଧା ଷ୍ଟେସନ କରାଯାଇ ନାହିଁ ଓ ଜାତୀୟ ରାଜପଥ ୫୭ ଠାରୁ ପ୍ରାୟ ୧୫ କିମି ଦୂର ଝାରମୁଣ୍ଡା (ନାଗପାଲି) ଠାରେ ଏକ ଷ୍ଟେସନ କରାଯାଇଛି। ଯେଉଁଠାକୁ ଗମନାଗମନର ସୁବିଧା ମଧ୍ୟ ନାହିଁ। ପୂର୍ବ ପ୍ରସ୍ତାବିତ ବାଘନଦୀ-କନ୍ଧରିଆପଡା ଷ୍ଟେସନ ଜାତୀୟ ରାଜପଥ ଠାରୁ ମାତ୍ର ୫୦୦ ମିଟର ଦୂର ଓ ବ୍ୟବସାୟ କେନ୍ଦ୍ର ବାଉଁଶୁଣି ଠାରୁ ମାତ୍ର ୨ କିମି ଦୂର ହେବ। ସେଠାରେ ଷ୍ଟେସନ ହେଲେ ବୌଦ୍ଧ ଜିଲ୍ଲାର ବାଉଁଶୁଣି, ମନୁପାଲି, ଖଲିଆପାଲି (ପୁରୁମୁଣ୍ଡା), ରକ୍ସା (ଦହ୍ୟା), କସୁରବନ୍ଧ, ଗୁହ୍ଳିଆ, ଗୋଛାପଡା, ଶଗଡ଼ା, ବରଗୋଛା, ଅଁଳାପାଲି ପଞ୍ଚାୟତର ପ୍ରାୟ ୭୦ ହଜାର ଲୋକ ଏବଂ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଜନସାଧାରଣ ରେଳ ଯାତାୟାତର ସୁବିଧା ପାଇ ପାରିବେ ବୋଲି ସମିତି ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲା କୁ ଗମନାଗମନ ସୁବିଧା ପାଇଁ ବାଉଁଶୁଣି - ବୀରମହାରାଜପୁର ମହାନଦୀ ଉପରେ ସରକାର ଏକ ସେତୁ ନିର୍ମାଣ କରୁଛନ୍ତି ଯାହାର ନିର୍ମାଣ ଦ୍ରୁତ ଗତିରେ ଆଗେଇ ଚାଲିଛି। ବାଉଁଶୁଣି ଠାରୁ ବୀରମହାରାଜପୁର ମାତ୍ର ୫ କିମି ଦୂର ହେବ। ଏହାକୁ ନେଇ ମହୁଲି କପିଳେଶ୍ୱର ମନ୍ଦିରରେ ରବିବାର ପୁଣି ଏକ ବିରାଟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖ ପାଖ ୧୩ଟି ପଞ୍ଚାୟତର ଜନସାଧାରଣ ସହ ସୋନପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ଜନସାଧାରଣ ଯୋଗ ଦେଇଥିଲେ। ବାଘନଦୀ- କନ୍ଧରିଆପଡା ରେଲୱେ ଷ୍ଟେସନ ପାଇଁ ବୈଠକରେ ଆଲୋଚନା କରାଯାଇଥିଲା ଓ ଏହି କମିଟି ଜିଲ୍ଲାପାଳ, ରେଳବାଇ ଉଚ୍ଚ କର୍ତ୍ତୃପକ୍ଷ ଏବଂ ରେଳମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତଦନୁପ୍ରକାରେ ଆଜି କମିଟି ସଭ୍ୟମାନେ କଣ୍ଟାମାଳରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋୟେଲଙ୍କ ଉପସ୍ଥିତିରେ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବାଘ ରେଳ ଷ୍ଟେସନ ସଂଗ୍ରାମ ସମିତିର ସଭାପତି କରୁଣାକର ଘଣ୍ଟୁଆଳ, ସମ୍ପାଦକ ଇନ୍ଦୁଭୂଷଣ ମହାକୁଳ, ଆହାଲ୍ଲାଦ ଖମାରୀଙ୍କ ସମେତ ସମାଜସେବୀ ଓମପ୍ରକାଶ ମିଶ୍ର, ବାଉଁଶୁଣୀ ନାଗରିକ କମିଟି ସଭାପତି ନାରାୟଣ ଦେହୁରୀ, ଦିଲ୍ଲୀପ ମେହେର, ଧନଞ୍ଜୟ ପାତ୍ର, ସରୋଜ ମେହେରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ପ୍ରାୟ ୫୦୦ ଜଣ ଜନସାଧାରଣ ଉପସ୍ଥିତ ଥିଲେ।

## ଲିଟିଲ ଏଞ୍ଜେଲସ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ଡୁଙ୍ଗୁରିପାଲି,୧୯।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସ୍ଥିତ ଲିଟିଲ୍ ଏଞ୍ଜେଲସ ପବ୍ଲିକ ସ୍କୁଲର ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳେ ଅନୁଷ୍ଠିତ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରସାର ଭାରତୀ ନିର୍ଦ୍ଦେଶକ ଭାଗିରଥି ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ୍ ଶିକ୍ଷା ଅଧିକାରୀ ଗଣେଶ କିଶନ ଯୋଗଦେଇଥିଲେ। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ସୁନୀତା ମୁଣ୍ଡ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନିଟ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପୂର୍ବତନ ଛାତ୍ରୀ ଅନ୍ୱେଷା ମେହେର ଓ ରୂପା ଦାସ ଏବଂ ଏଆଇଏସଏସ୍ସିଇରେ ଟପର ହୋଇଥିବା ଛାତ୍ର ସୁଦୀପ୍ତ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।୨୦୨୪-୨୫ ଶିକ୍ଷାବର୍ଷରେ ତୃତୀୟ, ପଞ୍ଚମ ଏବଂ ସପ୍ତମ ଶ୍ରେଣୀ ଛାତ୍ର ବୃତ୍ତି ପାଇଁ କୃତିତ୍ୱ ହାସଲ କରିଥିବା ବିକିନାଶ୍ରୀ ନାଗେଶ୍ୱରୀ, ତିତିକ୍ଷା ଜାଲ ଓ ଆରାଧ୍ୟା ସାହୁଙ୍କୁ ଅର୍ଥରାଶି ସହ ପୁରସ୍କୃତ କରାଯାଇଥିଲା। ଏ ବର୍ଷର ସର୍ବୋତ୍ତମ ଛାତ୍ର ଭାବେ ଦଶମ ଶ୍ରେଣୀର ସୁଶ୍ରୀ ପୂଜା ଦଣ୍ଡସେନା ଏବଂ ପଞ୍ଚମ ଶ୍ରେଣୀର ଛାତ୍ର ଆଦର୍ଶ କୁମାର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳ ଚାମ୍ପିଅନ ଭାବେ କ୍ରିଷ୍ଣା ଗୁପ୍ତାଙ୍କୁ ଟ୍ରଫି ପ୍ରଦାନ କରଯାଇଥିଲା। ଏ ବର୍ଷର ଶ୍ରେଷ୍ଠ ହାଉସ ଭବେ ରିଗ୍ ହାଉସର ଛାତ୍ରଛାତ୍ରୀଙ୍କୁ ପୁରସ୍କାର କରାଯାଇଥିଲା। ପୂଜା ଦଣ୍ଡସେନା ଓ ଆଦ୍ୟାଶା ମେହେର ସକାଳ ସଭାର ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅଧକ୍ଷ ଶିଶୁପାଳ କଳେତ ଧନ୍ୟବାଦ୍ ଅର୍ପଣ କରିଥିଲେ। କନିଷ୍ଠ ବର୍ଗର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ସେହିପରି ସନ୍ଧ୍ୟା ସମୟରେ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଦୀପ ପ୍ରଜ୍ୱଳନ କରିବା ପରେ ବରିଷ୍ଠ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଲିଟିଲ୍ ଏଞ୍ଜେଲସ ପବ୍ଲିକ ସ୍କୁଲ ବରପାଲିର ଅଧକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧକ୍ଷ ସୁଶୀଲ କୁମାର ରଥ, ପ୍ରଶାସିକା ମିନତୀ ପ୍ରଧାନ, ଲିଟିଲ୍ ଇଞ୍ଜେଲ୍ସ ପବ୍ଲିକ ସ୍କୁଲ, ଡୁଙ୍ଗୁରିପାଲିର ପ୍ରଶାସିକା ଡ଼. ସୃଷ୍ଟି ମୁଣ୍ଡଙ୍କ ସହ ଅନେକ ସମ୍ମାନନୀୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ଡୁଙ୍ଗୁରିପାଲି,୧୯।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ପ୍ରଧାନ ଆଚାର୍ଯ୍ୟ କିଶୋର ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ଗଣେଶ କିଷାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସମାଜସେବୀ ପ୍ରଶାନ୍ତକୁମାର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଶ୍ରୀ କିଷାନ ଜୀବନରେ ସଫଳ ହେବା ପାଇଁ କଠୋର ପରିଶ୍ରମ ଓ ଅଧ୍ୟବସାୟର ମାର୍ଗ ଆପଣାଇବାକୁ ଛାତ୍ରଛାତ୍ରୀ ତତ୍ପର ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଶିକ୍ଷା ବିକାଶ ସମିତିର ପ୍ରାକ୍ତନ ସୁବର୍ଣ୍ଣପୁର ଜିଲ୍ଲା ପ୍ରମୁଖ ପ୍ରଦୀପ କୁମାର ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି କୋଷାଧ୍ୟକ୍ଷ ଭାଗିରଥି ମେହେର ବାର୍ଷିକ ବିବରଣୀ ପାଠ ସହ ସଭାପତିତ୍ୱ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ଗାୟତ୍ରୀ ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୁରୁମା ପ୍ରିୟଙ୍କା ମାଝୀ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା କରିଥିଲେ। ଗୁରୁଜୀ ଗୌତମ ଭୋଇ, କପିଳେଶ୍ୱର ପାଣ୍ଡେ, ଶତ୍ରୁଘ୍ନ ସାହୁ, ଲିଙ୍ଗରାଜ ପୁଟେଲ, ଅମିତ ରଣା, ବାଙ୍କା ମହାକୁର, ଗୁରୁମା ଅନୁପମା ରାୟ, ମମତା ବିଶି, ଚନ୍ଦନା ଦଣ୍ଡସେନା, କୌଶଲ୍ୟା ବଡ଼େଇ, ଲିଳିମା ସାହୁ, ନୀଳାବତୀ ଥପା, ସଉକି ନାଏକ, ସେଲୋନୀ କର୍ଣ୍ଣ, ମାନସୀ ମାଝୀ, ବେଦମତୀ ଦନ୍ତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପିତାମ୍ବର ପାଣ୍ଡିଆ, ଶିଶୁମନ୍ଦିରର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ପୁରୋହିତ, ଡୋଲାମଣୀ ସାହୁ, ବିଶ୍ୱନାଥ ବଡ଼ପଣ୍ଡା, ସଂକୁଳ ପ୍ରମୁଖ ବଳରାମ ପଧାନଙ୍କ ସମେତ ବିଗତ ଦିନରେ ବିଭିନ୍ନ ବୃତ୍ତି ଓ ନବୋଦୟ ପାଇଥିବା ଛାତ୍ରଛାତ୍ରୀ ଓ ତାଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟନାଟିକା ଦର୍ଶକଙ୍କ ମନ ମୋହିଥିଲା। ସମସ୍ତ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଓ କର୍ମଚାରୀ ସହଯୋଗ କରିଥିଲେ। ପରିଚାଳନା ସମିତି ସମ୍ପାଦକ ଡୋଳାମଣୀ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦୦୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

କଣ୍ଟାମାଳ,୧୮।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ରୁଣ୍ଡି ମହୁଲଦଧି ବାମନ ହାଇସ୍କୁଲର ୨୦୦୯ ମସିହା ବ୍ୟାଚ୍‌ର କମ୍ ଘାଟ ତେଲନଦୀ ଖଣ୍ଡିରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଜଣ ଶିକ୍ଷକ ଉପସ୍ଥିତ ଥିଲେ। ଛାତ୍ର ସମ୍ଭୁ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ରାଜ କିଶୋର ସାହୁ ଯୋଗଦେଇଥିଲେ। ପ୍ରଥମେ ଛାତ୍ରଛାତ୍ରୀ ଶିକ୍ଷକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ସମ୍ଭୁସାହୁ, ଦୁତରଣା, କିଶୋରରଣା, ଶୁକ୍ ଦେବ ଝାଙ୍କର, ଏକାମ୍ର ରଣା, ଧର୍ମରାଜ୍ ବଡ୍‌ଚାଟ୍, ଦଦ୍ମନାଭ ବଡ୍‌ଚାଟ, ନିଲୋନ୍ତି ରଣା, ରଶ୍ମିତା ଦ୍ୱାରି, ସୁନ୍ଦଅମାତ୍, ପଦ୍ମିନୀ କଅଁର, ପ୍ରଭାତି ବଡଚାଟ୍‌ଙ୍କ ସମେତ ୬୦ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## ଆଜିଠୁ ଶ୍ରୀଜଗନ୍ନାଥ ଓ ଶ୍ରୀରାମଚନ୍ଦ୍ର ମନ୍ଦିରର ବାର୍ଷିକ ଉତ୍ସବ

ବୌଦ୍ଧ,୧୯।୧(ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣ ନଗରରେ ଶ୍ରୀଜଗନ୍ନାଥ ଓ ଶ୍ରୀରାମଚନ୍ଦ୍ରଙ୍କ ଯୁଗ୍ମ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଆଜିଠାରୁ ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗ୍ରାମର ସମସ୍ତ ଗଳି ସଫା ସୁତୁରା କରାଯାଇ ରଙ୍ଗୀନ ଆଲୋକ ମାଳାରେ ସଜ୍ଜିତ କରାଯାଇଛି। ଗାଁର ଦୁଇ ପ୍ରବେଶ ପଥରେ ସୁଉଚ୍ଚ ତୋରଣ ଶୋଭାପାଉଛି। ୨୦ ତାରିଖରେ କଳସ ଶୋଭାଯାତ୍ରା, ପ୍ରବଚନ, ଜଳନ୍ଧର ଦରବାର, ୨୧ ରେ ୨୪ ପ୍ରହର ନାମଯଜ୍ଞ, ପରାୟଣ, ୨୨ରେ ପରାୟଣ, ପ୍ରବଚନ, ୨୩ରେ ସତସଙ୍ଗ, ପ୍ରବଚନ, ୨୪ରେ ଯଜ୍ଞ ଓ ନାମ ଯଜ୍ଞ ପୂର୍ଣ୍ଣାହୁତି, ସାମାଜିକ ନାଟକ 'ହେ ମଣିଷ କାନ୍ଦିବ ଆସ', ୨୫ରେ ଜଳନ୍ଧର ବଧ ମଞ୍ଚସ୍ଥ ହେବ। ପ୍ରତିଦିନ ମିନାବଜାର ସହିତ ବିଭିନ୍ନ ଖାଦ୍ୟର ମଜା ଦର୍ଶକ ନେଇପାରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜହ୍ନାପଙ୍କ ଛକରୁ ଦୁଇ ଚକିଆ ଓ ଚାରି ଚକିଆ ଯାନ ପ୍ରବେଶକୁ ବାରଣ କରାଯାଇଛି। ସେହିପରି ଚାରିଶମ୍ଭୁ ପଟୁ, ଚନ୍ଦ୍ରପୁର ଓ ଚଣ୍ଡିତଳ ପଟୁ ବାଇକ ଓ ଚାରିଚକିଆ ଯାନକୁ ବାରଣ କରାଯାଇଛି। ବୌଦ୍ଧ ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନଙ୍କୁ ଶାନ୍ତି ଶୃଙ୍ଖଳା ପାଇଁ ଦାୟିତ୍ୱ ଦିଆଯାଇଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ୪ ଶହ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି। ପ୍ରତିଦିନ ହରିହାଟ ସହିତ ପ୍ରସାଦ ସେବନ ବ୍ୟବସ୍ଥା ରହିଛି।

## ଚିନାଜୁରୀ ଗ୍ରାମ ପଞ୍ଚାୟତ ଅଭିଯୋଗ ଶୁଣାଣି ଶିବିର



ଡୁଙ୍ଗୁରିପାଲି ୧୯।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଚିନାଜୁରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଦିଲ୍ଲୀପ କୁମାର ବାଡାଙ୍କ ଅଧକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣିରେ ୨୨ ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିବା ବେଳେ ସେଥିରୁ ବ୍ୟକ୍ତିଗତ ୨୧, ସାମୁହିକ ଗୋଟିଏ ଅଭିଯୋଗ ରହିଥିଲା। ସ୍ଥାନୀୟ ସରପଞ୍ଚ ରାଜକୁମାର ସାହୁ, ପିଇଓ ରିତା ପଣ୍ଡା, ତହସିଲଦାର ବିମଳ କିଶୋର ପାତ୍ର, ସିଡିପିଓ ମୌସୁମି ମଇତି, ଆରଡବ୍ଲ୍ୟୁଏସଏସ ଅଧିକାରୀ ହିମାଦ୍ରୀ ପଧାନଙ୍କ ସମେତ ସହ ବ୍ଲକର ବିଭିନ୍ନ ବିଭାଗର ସରକାରୀ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ।

## ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀରେ ସେବା ଫାଉଣ୍ଡେସନ ସମ୍ମାନିତ



ଡୁଙ୍ଗୁରିପାଲି,୧୯।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସେବା ଫାଉଣ୍ଡେସନକୁ ବିଜେପୁରଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାର ଦ୍ୱାରା ଆୟୋଜିତ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ପାଳନ ସମାରୋହରେ ସମ୍ମାନିତ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା, ଖେଳ ତଥା ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ, ସମ୍ମାନିତ ଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡତିଆ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ମହାନନ୍ଦ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍, ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସାଇ ମୀନା ଯୋଗଦେଇ ସେବା ଫାଉଣ୍ଡେସନକୁ ସମ୍ମାନିତ କରିଥିଲେ। ଫାଉଣ୍ଡେସନର ପ୍ରତିଷ୍ଠାତା ବିଭୁଦତ୍ତ ବିଶ୍ୱାଳଙ୍କ ସମେତ ସଭ୍ୟ ଅରବିନ୍ଦ ପଟେଲ୍, ସୁଶାନ୍ତ ବାରିକ୍, କଲିମ୍ ଖାନ୍, ସଭ୍ୟା ନିତା ପଟେଲ୍, ପ୍ରଜ୍ଞପରମିତା ତ୍ରିପାଠୀ ଓ ଜ୍ୟୋସ୍ନା ବାରିକ୍ ଉପସ୍ଥିତ ରହି ସମ୍ମାନ ଗ୍ରହଣ କରିଥିଲେ।

## ନୂତନ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି

ବୌଦ୍ଧ,୧୯।୧(ସମିସ): ବୌଦ୍ଧ ବ୍ଲକ୍ ତାଳସରଡ଼ା ପଞ୍ଚାୟତ ଅନ୍ତର୍ଗତ କଙ୍କଳା ଶ୍ରୀ ଗୋକୁଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଗୋକୁଳେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଏକ ପ୍ରସ୍ତୁତି ବୈଠକ ରମାକାନ୍ତ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏହି ପୁରାତନ ମନ୍ଦିରଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିଲେ ମଧ୍ୟ କାହାରି ଦୃଷ୍ଟି ନପଡିବା ପରିତାପର ବିଷୟ ବୋଲି ଶ୍ରୀ ଚାନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ମନ୍ଦିରକୁ ଯିବା ପାଇଁ ରାସ୍ତା ନଥିବାରୁ ଏହା ଲୋକଲୋଚନକୁ ଆସିପାରୁନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ପ୍ରଥମେ ମନ୍ଦିରକୁ ଯିବା ପାଇଁ ଯାହାର ଜମି ଅଛି ତାଙ୍କୁ ବାଟ ପାଇଁ କିଛି ଜମି ଦାନ କରିବାକୁ ଅନୁରୋଧ କରାଯାଇଥିଲା। ମନ୍ଦିର ପରିସର ବୃଦ୍ଧି ପାଇଁ ଆବଶ୍ୟକ ଜମି ପରବର୍ତ୍ତି ସମୟରେ ଆଲୋଚନା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା। ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଆବଶ୍ୟକ ଅନୁଦାନ ଦେବାପାଇଁ ବିଧାୟକ ଓ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ଦୀପକ କୁମାର ବେହେରାଙ୍କୁ ସଭାପତି, ପୟୋଧର ମହାକୁଳ, ରମାକାନ୍ତ ଚାନ୍ଦ, ରବୀନ୍ଦ୍ର ଦେଓଙ୍କୁ ଉପସଭାପତି, ସୁଧୀର କୁମାର ପଣ୍ଡା ସମ୍ପାଦକ, ଉତ୍ତମ ବେହେରା ସହ ସମ୍ପାଦକ, ସଞ୍ଜୟ କ୍ଷେତିଙ୍କୁ କୋଷାଧ୍ୟକ୍ଷ, ପ୍ରାଧ୍ୟାପକ ବାସୁଦେବ ପାତ୍ର, ପ୍ରଫୁଲ୍ଲ ପଟ୍ଟନାୟକ, ଦାଶରଥି ମହାକୁଳ, ପାଣ୍ଡବ ମହାକୁଳ, ଘୁରୁଣ୍ଡୁ ପାତ୍ର, ଯଯାତି କେଶରୀ ମଲ୍ଲିକଙ୍କୁ ସର୍ବସମ୍ମତି କ୍ରମେ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ବୈଠକରେ କଙ୍କଳା, କମ୍ପରା, ସୀତାପୁର, ପୋଡ଼ଖାଲ, ଟାଇଁଜନ, ସିଙ୍ଗାରି, ବହିରା, ମାନେଶ୍ୱର, ମୁଣ୍ଡିପଦର, ବାଲକିରା, ମୁଣ୍ଡାପଡା, ବଲାକିରା, ରାଉତବାହାଲ, କୁଲୁତାଖଲି, କାଶଲପୁର, ତେଲିବନ୍ଧ, ଜହ୍ନାପଙ୍କ, ମଝିଆଁଘରା, ବଢ଼ିଗାଁ ଆଦି ଗ୍ରାମବାସୀ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଶଗଡା,୧୯।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଠି ପଦର ପଞ୍ଚାୟତ ସଦର ମହକୁମାକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରିବାକୁ ନେଇ ପଞ୍ଚାୟତ ସରପଞ୍ଚଙ୍କ ସମେତ ପଞ୍ଚାୟତବାସୀ ଆଜି କଣ୍ଟାମାଳରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଆଜି ପର୍ଯ୍ୟନ୍ତ ଶୁଣ୍ଠି ପଦର ପଞ୍ଚାୟତର କୌଣସି ଗ୍ରାମକୁ ଲକ୍ଷ୍ମୀ ବସ ତଥା ମୁଖ୍ୟମନ୍ତ୍ରୀ ବସ୍ ଯାତାୟାତ କରୁନାହିଁ। ଉକ୍ତ ଅଞ୍ଚଳକୁ କୌଣସି ବସ ଚଳାଚଳ କରୁ ନ ଥିବା ଫଳରେ ପଞ୍ଚାୟତବାସୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସରେ ଯିବାକୁ ହେଲେ ୪ରୁ ୫ କିଲୋମିଟର ପାଦରେ ଚାଲିକି ଯିବାକୁ ପଡୁଛି। ସରକାର ଲୋକଙ୍କ ସୁବିଧା ପାଇଁ ଲକ୍ଷ୍ମୀ ବସ ସେବା ଆରମ୍ଭ କରିଥିଲେ ହେଁ ଶୁଣ୍ଠି ପଦର ପଂଚାୟତବାସୀ ଏହି ସୁବିଧାରୁ ବଞ୍ଚିତ ଅଛନ୍ତି। ଏପରିକି କଲେଜ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏପରିକି ଗତ ବର୍ଷ ଅକ୍ଟୋବର ମାସ ୧୫ ତାରିଖରେ କଣ୍ଟାମାଳ ଠାରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ଶୁଣ୍ଠି ପଦର ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ବସ ଚଳାଚଳ ନ କଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ଓ ପ୍ରଶାସନ ଏଥିପାଇଁ ଦାୟୀ ରହିବ ବୋଲି କଡା ଚେତାବନି ଦେଇଛନ୍ତି।

**୭ ଦିନ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ**

## ସାଧାରଣତନ୍ତ୍ର ଦିବସ ପାଇଁ କୌତୁକ ବେଶ ପ୍ରତିଯୋଗିତା

ବୌଦ୍ଧ,୧୯।୧(ସମିସ): ବୌଦ୍ଧ ଜିଲ୍ଲା ସଂଗ୍ରହାଳୟରେ ସାଧାରଣତନ୍ତ୍ର ଦିବସ ପାଇଁ କୌତୁକ ବେଶ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ବିଚାରକ ଭାବେ ପଞ୍ଚାୟତ ମହାବିଦ୍ୟାଳୟ ବୌଦ୍ଧର ଅଧ୍ୟାପକ ପ୍ରତାପ କୁମାର ରଥ, ସଭାପତି ଜିଲ୍ଲା ଉନ୍ନୟନ ପରିଷଦ ଚିତ୍ତ ରଞ୍ଜନ ଦାଶ, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶ୍ୟାମସୁନ୍ଦର ମହାପାତ୍ର ଯୋଗଦେଇଥିଲେ। ଗୌରୀଶଙ୍କର ପବ୍ଲିକ ସ୍କୁଲର ସାଇ ଶ୍ରେୟଂଶି ପ୍ରଧାନ ପ୍ରଥମ, ବ୍ରାଇଟ ମାଇଣ୍ଡ ଡାଇମନସନ ସ୍କୁଲର ବଦ୍ରୀନାଥ ସାହୁ ଦ୍ୱିତୀୟ ଓ ଶ୍ରେୟକ୍ଷ ସୁହାନି ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଦିବ୍ୟାନସି ଗୁରୁ ପ୍ରଥମ, ସେଣ୍ଟ ଜାଭିଅରସ ପବ୍ଲିକ ସ୍କୁଲର କିରଣ୍ୟକ୍ଷ



ଆଚାର୍ଯ୍ୟ ଦ୍ୱିତୀୟ ଏବଂ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ଆଦିତ୍ୟ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟଅତିଥି ପୁରସ୍କୃତ କରିବେ ବୋଲି ଜଣାପଡ଼ିଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଏହାକୁ ପରିଚାଳନା କରିଥିଲେ। କାର୍ଯ୍ୟାଳୟ କର୍ମଚାରୀ ଅକ୍ଷୟ ମହାକୁଡ଼, ଜିତେନ୍ଦ୍ର ମହାନ୍ତି, ବୀର କିଶୋର କର୍ମୀ, ସୋମନାଥ ବାରିକ ଓ ଜିଲ୍ଲା ସଂଗ୍ରହାଳୟର କର୍ମଚାରୀ ସହଯୋଗ କରିଥିଲେ।

## ସେଣ୍ଟ୍ ଜାଭିୟର୍ସ ସ୍କୁଲର ବାର୍ଷିକ ଉତ୍ସବ



ବୌଦ୍ଧ,୧୯।୧(ସମିସ): ବୌଦ୍ଧ ସ୍ଥିତ ସେଣ୍ଟ୍ ଜାଭିୟର୍ସ ସ୍କୁଲର ୧୧ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡିଶା କ୍ରିକେଟ ଆସୋସିଏସନର ସଭାପତି ପଙ୍କଜ ଲୋଚନ ମହାନ୍ତି ଯୋଗଦେଇ ବାର୍ଷିକ ଉତ୍ସବର ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସୁଶ୍ରୀ ରୀତାକାନ୍ତି ବଳିୟାରସିଂହ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୁଡାମଣି ବାରିକ, ସେଣ୍ଟ୍ ଜାଭିୟର୍ସ ସ୍କୁଲର ଚେୟାରମ୍ୟାନ ଯୁଗଳ କିଶୋର ସାମଲ ଓ ଅଧକ୍ଷା ସସ୍ମିତା ସେନାପତି ଉପସ୍ଥିତ ଥିଲେ। ଅତିଥି ପରିଚୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅମିଷା ଗର୍ଗ ଦେଇଥିଲେ। ଅଧକ୍ଷା ଶ୍ରୀମତି ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ପାଠପଢ଼ିବା ସହିତ ସଂସ୍କାରୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ନୂତନ ବିଜ୍ଞାନଗାର, ଲାଇବ୍ରେରୀ, କମ୍ପ୍ୟୁଟର ଲ୍ୟାବ୍ ଉଦ୍‌ଘାଟିତ ହୋଇଥିଲା। ସେହିପରି ସେଣ୍ଟ୍ ଜାଭିୟର୍ସ ପବ୍ଲିକ ସ୍କୁଲକୁ ସିବିଏସଇ ସ୍ୱୀକୃତି ମିଳିଥିବାରୁ ଅତିଥିଗଣ ଶୁଭେଚ୍ଛା ଜଣାଇବାସହ ଆଗାମୀ ଦିନରେ ଏହି ବିଦ୍ୟାଳୟ ଜିଲ୍ଲାରେ ଅଭାବ ଥିବା ଶିକ୍ଷାକ୍ଷେତ୍ରକୁ ପୂରଣ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଭାଇସ ପ୍ରିନ୍ସିପାଲ ସତ୍ୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ ଉତ୍ସବର ମୁଖ୍ୟ ଆକର୍ଷଣ ଭାବେ ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ଭୁମିକା ଯୋଗଦେଇ ଛାତ୍ରଛାତ୍ରୀଙ୍କ ସହିତ ନୃତ୍ୟ ପରିବେଷଣ କରି ଉତ୍ସାହିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ସେବକ ସେବିକା ପରିଚାଳନାରେ ସହଯୋଗ କରିଥିଲେ।

## ଗରିବ ସାଥୀ ଫାଉଣ୍ଡେସନର ବୈଠକ

ଶଗଡା,୧୯।୧(ସମିସ): ଗରିବ ସାଥି ଫାଉଣ୍ଡେସନ୍, ଓଡିଶା ପକ୍ଷରୁ ବୌଦ୍ଧ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବହିରା ଗ୍ରାମର ବନ୍ୟା ଆଶ୍ରୟ ସ୍ଥଳୀଠାରେ ସ୍ୱେଚ୍ଛାସେବୀ ଏବଂ ବ୍ଲକର ସମସ୍ତ କୋର୍ଡିନେଟରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗରିବ ସାଥି ଫାଉଣ୍ଡେସନ୍‌ର ଜୋନାଲ୍ କୋର୍ଡିନେଟର୍ ଗୌର ଚନ୍ଦ୍ର ନାଏକ ଯୋଗ ଦେଇଥିଲେ। ଆଗକୁ ଗରିବ ସାଥି ଫାଉଣ୍ଡେସନ୍‌ର ବିଭିନ୍ନ ଯୋଜନା ମାଧ୍ୟମରେ ଗରିବ ଲୋକଙ୍କୁ କିଭଳି ସହାୟତା ମିଳିପାରିବ ସେନେଇ ଜିଲ୍ଲା କୋଡ଼ିନେଟର୍ ଆନନ୍ଦ ତାଣ୍ଡିଆ କହିଥିଲେ। ବୈଠକରେ ମିଥୁନ ଦୀପ, ସତ୍ୟନାରାୟଣ ମହାନନ୍ଦିଆ, ଧିରେନ କୁମ୍ଭାର, ଅରୁଣ ବାଦି, ପ୍ରଫୁଲ୍ଲ ପ୍ରଧାନ ଏବଂ ଅନ୍ୟାନ୍ୟ ୱାର୍ଡ କୋଡ଼ିନେଟର୍‌ମାନେ ଉପସ୍ଥିତ ଥିଲେ। ଶେଷରେ ବ୍ଲକ୍ କୋଡ଼ିନେଟର୍ ମଙ୍ଗଳୁ ବାଦୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂଗ୍ରହାଳୟରେ ସାମୂହିକ ବନ୍ଦେ ମାତରମ୍ ଗାନ

ବୌଦ୍ଧ,୧୯।୧(ସମିସ): ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ପରିସରରେ ବନ୍ଦେ ମାତରମର ୧୫୦ ତମ ବାର୍ଷିକୀର ଜିଲ୍ଲାସ୍ତରୀୟ ଉତ୍ସବ ଅବସରରେ ସାମୁହିକ ବନ୍ଦେ ମାତରମ ଗାନ ଏବଂ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ପାଠ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର, କ୍ରୀଡା ବିଭାଗ ଜ୍ୟୋତି ରଞ୍ଜନ ଭୁଏ, ଡେପୁଟି କଲେକ୍ଟର ସାଧାରଣ ବିଭାଗ ସୁଶ୍ରୀ ରଶ୍ମି ରେଖା ନାୟକ, ଡେପୁଟି କଲେକ୍ଟର ମନୀଷା ମହାନନ୍ଦିଆ, ଡେପୁଟି କଲେକ୍ଟର ସ୍ୱକ୍ଷସ୍ତି ମହାପାତ୍ର, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରତାପ କୁମାର ରଥ, ଜିଲ୍ଲା ଉନ୍ନୟନ ପରିଷଦର ସଭାପତି ଚିତ୍ତରଞ୍ଜନ ଦାଶ, ଅବସରପ୍ରାପ୍ତ ପ୍ରଧାନଆଚାର୍ଯ୍ୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶ୍ୟାମ ସୁନ୍ଦର ମହାପାତ୍ର ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଏବଂ ସମସ୍ତ ବ୍ଲକ ଏବଂ ପୌର ପରିଷଦ ର ୧୨ ଜଣ ସାଧନ କର୍ମୀ ନବ କିଶୋର ଦୀପ, ସୁଶାନ୍ତ କୁମାର ମହାପାତ୍ର, ରାଧା ମୋହନ ମାହଣା, ମନୋଜ କୁମାର ପ୍ରହରାଜ, ଉତ୍ତମ ବେହେରା, ଅଭିନବ ପଟ୍ଟନାୟକ, ସୁବାସ ବୋଷ ଭୋଇ, ପ୍ରକାଶ ମେହେର, ସତ୍ୟ ନାରାୟଣ ସାହୁ, କିଶୋର ଚନ୍ଦ୍ର ଜଗଦେବ, ଭାଗିରଥି କର୍ମୀ, ସମ୍ବିତ କୁମାର ମିଶ୍ରଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ସେଣ୍ଟ ଜାଭିଅରସ ପବ୍ଲିକ ସ୍କୁଲର କିରଣ୍ୟକ୍ଷ ଆଚାର୍ଯ୍ୟ ପ୍ରଥମ ଏବଂ ପାଭନୀ ଅଗ୍ରୱାଲ ତୃତୀୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଘୁନାଥ ଥନାପତି ଦ୍ୱିତୀୟ, ଦେଶାତ୍ମବୋଧକ ସଂଗୀତରେ ଓଡିଶା ଆଦର୍ଶ ବିଦ୍ୟାଳୟ, ତେତେଲେଙ୍ଗାର ଅନ୍ୱେଷା ପ୍ରଧାନ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଭାନ ମିଶ୍ର ଦ୍ୱିତୀୟ, ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ହିମାଦ୍ରୀ ବଗର୍ତ୍ତୀ ତୃତୀୟ, ଉଚ୍ଚ ବିଦ୍ୟାଳୟସ୍ତରୀୟ ବକ୍ତୃତାରେ ସେଣ୍ଟ ଜାଭିଅର ସ୍କୁଲର ଆର୍ଯ୍ୟ ନାରାୟଣ ଦେବ ପ୍ରଥମ, ପଦ୍ମଜା ମହାପାତ୍ର ଦ୍ୱିତୀୟ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସଂଗ୍ରାମପୁର ନିହାରିକା ଦାଶ ଦ୍ୱିତୀୟ, ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ତୃପ୍ତିମୟୀ ଭଞ୍ଜ ପ୍ରଥମ, ଅନ୍ୱେଷା ମିଶ୍ର ଦ୍ୱିତୀୟ ଏବଂ ଆଞ୍ଚଳିକ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାହିଲଜି ଲାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବୌଦ୍ଧ ବ୍ଲକ୍‌ସ୍ତରୀୟ (ମଧ୍ୟ ଇଂରାଜୀ ବିଦ୍ୟାଳୟ) ପ୍ରବନ୍ଧରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୁଟୁପାଲିର ଅଭିଜିତ ମେହେର ପ୍ରଥମ, ସଂଗ୍ରାମପୁର ୟୁଜିଏମଇ ସ୍କୁଲ ଆଶୁତୋଷ ମହାକୁଳ ଦ୍ୱିତୀୟ, ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ମୁରୁଶୁଣ୍ଠୀର ଅମ୍ରିତା ଶତପଥି ତୃତୀୟ ହୋଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାର ସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ଜିତେନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟର ଗ୍ରନ୍ଥାଗାରିକ ଅକ୍ଷୟ କୁମାର ମହାକୁଡ଼, ସୋମନାଥ ବାରିକ, ଜିଲ୍ଲା ପାଠାଗାର କର୍ମଚାରୀ ବୀର କିଶୋର କର୍ମୀ, ଜିଲ୍ଲା ସଂଗ୍ରହାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ୱାକାଥନ୍ ଆଇଆଇଏମ୍‌ସି ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ




ଢେଙ୍କାନାଳ,୧୯ ।୧(ସମିସ): ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି) ପକ୍ଷରୁ ଏକ ୱାକାଥନ୍ ଆୟୋଜନ କରାଯାଇଛି। ଢେଙ୍କାନାଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସହଯୋଗରେ ଆୟୋଜିତ ଏହି ୱାକାଥନ୍‌ରେ ଆଇଆଇଏମ୍‌ସି ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମିନି ଷ୍ଟାଡିୟମଠାରୁ ୱାକାଥନ ବାହାରି ରଥଗଡ଼ା ଦେଇ ଆଇଆଇଏମସି କ୍ୟାମ୍ପସ ପର୍ଯ୍ୟନ୍ତ ଯାଇଥିଲା। ଆଇଆଇଏମସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀମାନେ ସଡ଼କ ସୁରକ୍ଷା ବିଷୟରେ ପିପିଟି ମାଧ୍ୟମରେ ଡାଟା ପ୍ରଦାନ କରି ଉପସ୍ଥାପନ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଶିବାଶିଷ ସାହୁ ଓ ପ୍ରଫେସର ପ୍ରଧାନ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ହେଲମେଟ ପିନ୍ଧିବା, ସଡ଼କ ସୁରକ୍ଷା ନିୟମ ମାନିବା, ଗାଡ଼ି ଚଳାଇବା ବେଳେ ମଦ ନ ପିଇବା ଓ ଦୋଷୀ ବିରୋଧରେ ଫାଇନ ଓ ନିୟମ ଅନୁଯାୟୀ ପଦକ୍ଷେପ ନେବା ଆଦି ବିଷୟରେ ପରିବହନ ଅଧିକାରୀ ବର୍ଣ୍ଣନା କରିଥିଲେ।

# ଶୈବପୀଠ କପିଳାସରେ ନାହିଁ ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ

ଢେଙ୍କାନାଳ,୧୯ ।୧(ସମିସ)

ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସର ବିଭିନ୍ନ ପର୍ବପର୍ବାଣୀରେ ଭକ୍ତଙ୍କ ଚଳପ୍ରଚଳ ସହିତ ଯାନବାହାନ ଚଳାଚଳ ମଧ୍ୟ ବୃଦ୍ଧି ପାଉଛି। ତେବେ ଗାଡ଼ି ସଂଖ୍ୟା ବୃଦ୍ଧି ପାଇଥିଲେ ମଧ୍ୟ ଏଠାରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା କରାଯାଉ ନ ଥିବାରୁ ଯାତ୍ରୀମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବକୁ ପଡୁଛି। ସମୟ ସମୟରେ ବାରବାଙ୍କ ରାସ୍ତା ଘଣ୍ଟା ଘଣ୍ଟା ଧରି ଜାମ୍ ହୋଇଯାଉଛି। ଫଳରେ ଅନେକ ଶ୍ରଦ୍ଧାଳୁ ଭିଡ଼ ଦେଖି କପିଳାସ ପାଦଦେଶରୁ ଫେରିଯାଉଛନ୍ତି।

ଏବେ ସମୟ ବଦଳିଯାଇଛି। ପ୍ରତ୍ୟେକଙ୍କ ଘରେ ଦୁଇଚକିଆ, ଚାରିଚକିଆ ଗାଡ଼ି ରହିଛି। ସମସ୍ତେ ଚାହୁଁଛନ୍ତି ଗାଡ଼ିରେ କପିଳାସ ଉପରକୁ ଯିବାପାଇଁ। ପାହଚ ରାସ୍ତାରେ ଯିବାପାଇଁ ଆଉ କାହାର ଆଗ୍ରହ ନାହିଁ। ଆଉ ଏବେ ସମସ୍ତଙ୍କ ପାଖରେ ସମୟ ମଧ୍ୟ ଅଭାବ। ଅନ୍ୟପକ୍ଷରେ ବିଭାଗ ପକ୍ଷରୁ ଗାଡ଼ିଗୁଡ଼ିକରୁ ଚଢ଼ା ଦରରେ ଏଣ୍ଟ୍ରି ଫିସ୍ ଆଦାୟ ହେଉଛି। ମାତ୍ର ପାର୍କିଂ ସୁବିଧା ଉପରେ ନଜର ନାହିଁ। ଛୁଟିଦିନରେ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ଚିଡ଼ିଆଖାନା ପୂର୍ବରୁ ଗାଡ଼ିଗୁଡ଼ିକ ପୀଠକୁ ଛାଡୁ ନ



ଥିବାରୁ କିଛି ଭକ୍ତ ଅସନ୍ତୋଷ ବ୍ୟକ୍ତ କରି ଦିଅଁ ଦର୍ଶନ ନ କରି ସେଠାରୁ ଫେରିଯାଉଛନ୍ତି। ବର୍ତ୍ତମାନ ଅବସ୍ଥା ଯାହା କପିଳାସ ପୀଠର ଉନ୍ନତି ଅନ୍ୟ ଶୈବପୀଠ ପରି ହେବା ଜରୁରୀ। ଯାତ୍ରୀମାନଙ୍କର ସୁବିଧା ପାଇଁ ବିଶ୍ରାମାଗାର, ସ୍ନାନାଗାର, ଶୌଚାଳୟ, ଭୋଜନାଳୟ, ପାନୀୟ ଜଳ ବ୍ୟବସ୍ଥା, ଆଲୋକ ଅବସ୍ଥା, ରାତିରେ ରହିବା ବ୍ୟବସ୍ଥା, ପ୍ରସାଦ ସେବନ ବ୍ୟବସ୍ଥା ସାଙ୍ଗକୁ ପୀଠରେ ବ୍ୟାପକ ପାର୍କିଂ ସୁବିଧା କରିବା ସାଙ୍ଗକୁ ବାରବାଙ୍କ ରାସ୍ତାକୁ ୱାନୱେ ରାସ୍ତାରେ ପରିଣତ କରାଯିବା ଆବଶ୍ୟକତା ରହିଛି। ଆଗାମୀ ୧୦୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ ହେବା ଦରକାର। ପୀଠରୁ ନିଲାମ ବାବଦ ଆଦାୟ ହେଉଥିବା କୋଟିକୋଟି ଟଙ୍କା ପୀଠର ବିକାଶପାଇଁ

**ଯାତ୍ରୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ**

ଖର୍ଚ୍ଚ କରା ନ ଯାଇ ସେ ଅର୍ଥକୁ ଦେବୋତ୍ତର ବିଭାଗରେ ନିୟୋଜିତ ଅନାବଶ୍ୟକ କର୍ମଚାରୀ ଦରମା ବାବଦ ଖର୍ଚ୍ଚ କରାଯାଉଛି, ଯେଉଁ କର୍ମଚାରୀମାନେ ଦେବୋତ୍ତର ବିଭାଗରୁ ଦରମା ନେଇ ଜିଲ୍ଲାର ଅନ୍ୟ ବିଭାଗରେ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ କପିଳାସ ପୀଠରେ କୌଣସି ସ୍ଥାୟୀ ଜିମାଦାର ନାହାନ୍ତି। ଠାକୁରଙ୍କ ପର୍ବପର୍ବାଣୀ ଓ ଦୈନନ୍ଦିନ ନୀତି ପୂଜାରେ ଅର୍ଥାଭାବ ଦର୍ଶାଇ କାମଚଳା ନୀତିରେ ସେଗୁଡ଼ିକୁ ସମ୍ପନ୍ନ କରାଯାଉଛି। ଠାକୁରଙ୍କର ହଜାର ହଜାର ଏକର ଚାଷଜମି ଏବେ ଜବରଦଖଲକାରୀଙ୍କ ହାତରେ ରହିଛି। ଜିଲ୍ଲାପାଳ ଓ ବିଭାଗ ଦାୟିତ୍ୱରେ ଥିବା ଉପଜିଲ୍ଲାପାଳଙ୍କ ନିକଟରେ ଏସବୁ ଦେଖିବା ପାଇଁ ସମୟ ନ ଥିବାରୁ ବିଭାଗରେ ନିୟୋଜିତ ଜଣେ ନିରୀକ୍ଷକ ମନ ମୁତାବକ ସଂସ୍ଥାକୁ ପରିଚାଳନା କରୁଛନ୍ତି। ଭକ୍ତମାନଙ୍କ ମତାମତ ଏଠାରେ ଗ୍ରହଣ କରାଯାଉ ନାହିଁ କିମ୍ବା ସେମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉନାହିଁ। କେତେକ ହାତଗଣତି ସେବାୟତ ଓ ପ୍ରଶାସନିକ ଅଧିକାରୀ ଯେଉଁମାନେ କି ଏଠାକାର ସ୍ଥାନୀୟ ଅଧିକାରୀ କିମ୍ବା ଭକ୍ତ ନୁହନ୍ତି, ସେମାନଙ୍କୁ ନେଇ ବୈଠକ କରି ବିଭାଗ ତା'ର କାର୍ଯ୍ୟ କରେ। ଆୟବ୍ୟୟର ହିସାବ ସାଧାରଣରେ ପ୍ରକାଶ ପାଏନାହିଁ। ଏସବୁର ସମାଧାନ କରାଯାଇ ପୀଠର ପବିତ୍ରତା ବଜାୟ ରଖିବା ସହ ଭକ୍ତ ଓ ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେବାଙ୍କୁ କପିଳାସ ଯାତ୍ରୀ ପରିଷଦର ସଭାପତି ସୁକାନ୍ତ ମିଶ୍ର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଡିଆଇଇଟିରେ ଛାୟା ସଂସଦ ‘ସାମାଜିକ ଗଣମାଧ୍ୟମ ବ୍ୟବହାର ଉପରେ ସରକାରଙ୍କ ନିୟନ୍ତ୍ରଣ ଆବଶ୍ୟକ’

ଢେଙ୍କାନାଳ,୧୯ ।୧(ସମିସ): ଶାନ୍ତିଶୃଙ୍ଖଳା ରକ୍ଷା କରନ୍ତୁ। ବାଚସ୍ପତି ଗୃହକୁ ପ୍ରବେଶ କରୁଛନ୍ତି। ବାଚସ୍ପତି ପୋଡିଅମ ନିକଟରେ ଥିବା ନିଜ ଆସନରେ ଉପବେଶନ କଲେ। ଗୃହକାର୍ଯ୍ୟ ଆରମ୍ଭ ହେଲା। ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ନବନିର୍ବାଚିତ ଢେଙ୍କାନାଳ, କନ୍ଧମାଳ, ବାରଣାସୀ ଓ ମୟୂରଭଞ୍ଜ ସାଂସଦ ପଦ ଓ ଗୋପନୀୟତାର ଶପଥ ନେଲେ। ରାଷ୍ଟ୍ରପତି ଗୃହର ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ସରକାରଙ୍କ ଆଭିମୁଖ୍ୟ ଓ କଲ୍ୟାଣକାରୀ ଯୋଜନା ଉପରେ ସମ୍ବୋଧନ ରଖିଥିଲେ। ପରେ ଆରମ୍ଭ ହେଲା ପ୍ରଶ୍ନକାଳ। ପ୍ରଶ୍ନସଂଖ୍ୟା ୧୦୧, ୧୦୨, ୧୦୩ର ଉତ୍ତର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଓ ପ୍ରଶ୍ନ ସଂଖ୍ୟା ୧୦୪ର ଉତ୍ତର ଶିକ୍ଷାମନ୍ତ୍ରୀ ରଖିଥିଲେ। କୃଷି ବିଭାଗ ସମ୍ପର୍କିତ ପ୍ରଶ୍ନ ସଂଖ୍ୟା ୧୦୫ର ଉତ୍ତରରେ ବିରୋଧୀ ଅସନ୍ତୁଷ୍ଟ ଥିଲେ। ପ୍ଲାକାର୍ଡ ଦେଖାଇ ହୋହଲ୍ଲା ଓ ନାରାବାଜି କଲେ। ଫଳରେ ବାଚସ୍ପତି ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବି ଘୋଷଣା କଲେ। ବିରୋଧୀ ଦଳ ସଦସ୍ୟମାନେ ଗାନ୍ଧୀ ମୂର୍ତ୍ତି ତଳେ ଧାରଣାରେ ବସିଲେ। ଗୃହର ନେତା ସେମାନଙ୍କୁ ବୁଝାସୁଝା କରି ପୁଣି ଗୃହକୁ ଫେରାଇ ଆଣିଥିଲେ। ଅପରାହ୍ନରେ ଆରମ୍ଭ ହେଲା ବିତର୍କ। ପ୍ରସଙ୍ଗ ଥିଲା ସାମାଜିକ



ଗଣମାଧ୍ୟମ ଉପରେ ସରକାରଙ୍କ ନିୟନ୍ତ୍ରଣ। ଉଭୟ ବିରୋଧୀ ଓ ଶାସକ ଦଳ ମଧ୍ୟରେ ଆରମ୍ଭ ହେଲା ତର୍କ। ଅନଲାଇନ ଗେମିଂ, ଅଶ୍ଳୀଳ ଭିଡିଓ, ଡାଟା ଚୋରି, ଆତଙ୍କବାଦୀ କାର୍ଯ୍ୟକଳାପ ଆଦି ସୋସିଆଲ ମିଡିଆ ଦ୍ୱାରା ତୁରନ୍ତ ବ୍ୟାପୁଥିବାରୁ ଏହା ଉପରେ ସରକାରଙ୍କ ଅଙ୍କୁଶ ରହିବା ଆବଶ୍ୟକ ବୋଲି ଶାସକ ଦଳ ତରଫରୁ ଯୁକ୍ତି ବଢ଼ାଯାଇଥିଲା। ସେହିପରି ବ୍ୟକ୍ତିର ବାକ୍ ସ୍ୱାଧୀନତା, ଗୋପନୀୟତା ଓ ବ୍ୟକ୍ତି ସ୍ୱାଧୀନତା ବ୍ୟାହତ ହେଉଥିବାରୁ ସରକାର ସାମାଜିକ ଗଣମାଧ୍ୟମ ଉପରେ ନିୟନ୍ତ୍ରଣ ରଖିବା ଉଚିତ ନୁହେଁ ବୋଲି ବିରୋଧୀ ଯୁକ୍ତି କରିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ବାଚସ୍ପତି ରୁଲିଂ ଦେଇଥିଲେ ଯେ ସାମାଜିକ ଗଣମାଧ୍ୟମ ବ୍ୟବହାର ଉପରେ ସରକାର କଟକଣା ରଖିବା ଉଚିତ। ଶେଷରେ ଜାତୀୟ ସଙ୍ଗୀତ ଗାନ ପରେ ବାଚସ୍ପତି ଗୃହକାର୍ଯ୍ୟ ସମାପ୍ତ କରିଥିଲେ। ଏ ଥିଲା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ସୋମବାର ଅନୁଷ୍ଠିତ ଛାୟା ସଂସଦର ଚିତ୍ର।

ରାଷ୍ଟ୍ରପତି, ବାଚସ୍ପତି, ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀଗଣ, ସାଂସଦଗଣ ନିଜ ବେଶ ପୋଷାକରେ ସଂସଦରେ ପହଞ୍ଚିଥିଲେ। ସୁରକ୍ଷା ବ୍ୟବସ୍ଥା ଥିଲା କଡ଼ାକଡ଼ି। ଅତିଥି ଓ ଭିଆଇପିଙ୍କ ଲାଗି ପାସ୍ ବ୍ୟବସ୍ଥା ଥିଲା। ଏହି ଛାୟା ସଂସଦ କାର୍ଯ୍ୟକ୍ରମରେ ଶିକ୍ଷାବିତ ସୁସନ୍ଧ୍ୟା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁଛାତ୍ରଛାତ୍ରୀଙ୍କ ବିଭିନ୍ନ ଭୂମିକାରେ ଅଭିନୟକୁ ପ୍ରଶଂସା କରିଥିଲେ। ଛାୟା ସଂସଦର କାର୍ଯ୍ୟକ୍ରମକୁ ପାଠ ସହ ଯୋଡ଼ିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଅଭିନବ ଶିକ୍ଷଣଶାସ୍ତ୍ର ପ୍ରସଙ୍ଗରେ ଛାୟା ସଂସଦ ଏକ ପ୍ରଭାବୀ ଶିକ୍ଷାଦନ ପଦ୍ଧତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ସ୍ନେହଲତା ରାଜ, ସୌମ୍ୟା ପଟ୍ଟନାୟକ ଓ ପ୍ରତିଭା ଦଳେଇ ପ୍ରମୁଖ ନିଜ ପ୍ରତିକ୍ରିୟା ରଖିଥିବା ବେଳେ ଶିକ୍ଷକ ଚନ୍ଦନ ନାଏକ, ଅନିମା ପରିଡ଼ା, ସୁଧୀର କୁମାର ମହାରଣା ଛାତ୍ରଛାତ୍ରୀଙ୍କ ଅଭିନୟର ପ୍ରଶଂସା କରିଥିଲେ। ଛାୟା ସଂସଦର ରାଷ୍ଟ୍ରପତି ଭୂମିକାରେ ସସ୍ମିତା ବେହେରା, ବାଚସ୍ପତି ସ୍ନିଗ୍ଧା ସୁଚରିତା ବାରିକ, ପ୍ରଧାନମନ୍ତ୍ରୀ ନୀହାର ରଞ୍ଜନ ବିଶ୍ୱାଳ, ସୂଚନା ପ୍ରସାରଣ ମନ୍ତ୍ରୀ ସୂର୍ଯ୍ୟକାନ୍ତ ବେହେରା, କୃଷିମନ୍ତ୍ରୀ ହରିହର ରାଉଳ, ଶିକ୍ଷାମନ୍ତ୍ରୀ ତପସ୍ୱିନୀ ବିଶ୍ୱାଳ, ବିରୋଧୀ ଦଳ ନେତା ଭାବେ ବିଶ୍ୱଜିତ ମହାରଣା ଅଭିନୟ କରିଥିଲେ। ସେହିପରି ଅର୍ଦ୍ଦଳୀ ଭୂମିକାରେ ମାତୃପ୍ରସାଦ ଦେହୁରୀ ଓ ସଂସଦର ମହାସଚିବ ଭୂମିକାରେ ପ୍ରିୟଙ୍କା ତରାଇ ଦାୟିତ୍ୱ ନିର୍ବାହ କରିଥିଲେ। ସୁରକ୍ଷାକର୍ମୀ ଭାବେ ଅନିଲ ଦାଶ, ପ୍ରକାଶ ସେନାପତି ଓ ଜିତେନ୍ଦ୍ର ବାର୍ଲା ଅଭିନୟ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକର ୧୦୦ରୁ ଅଧିକ ଶିକ୍ଷକ, ୨୦୦ ଗୁରୁଛାତ୍ରଛାତ୍ରୀ ଓ ପ୍ରୟୋଗଶାଳା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସମେତ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ଓ ଛାତ୍ରଛାତ୍ରୀ ଏହାକୁ ଉପଭୋଗ କରିଥିଲେ।

## ପଥପାନ୍ତ ବନୀକରଣ ନାଁରେ ସରକାରୀ ଅର୍ଥ ଆତ୍ମସାତ

# ଗୋଟିଏ ପ୍ରକଳ୍ପକୁ ଦୁଇଥର କାର୍ଯ୍ୟ ଦର୍ଶାଇ ଲକ୍ଷାଧିକ ଟଙ୍କା ହଡ଼ପ

ପରଜଙ୍ଗ,୧୯ ।୧(ସମିସ): ରାସ୍ତାପାଶ୍ୱର୍ ନବୀକରଣ ନାଁରେ ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଗୋଟିଏ ପ୍ରକଳ୍ପକୁ ଦୁଇଥର କାର୍ଯ୍ୟ ଦର୍ଶାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ପରଜଙ୍ଗ ବ୍ଲକ କଙ୍କିଳି ଗ୍ରାମଠାରୁ ଭାୟା ମଝିଖମଣ ଦେଇ ୫୩ ନମ୍ବର ଜାତୀୟ ରାଜପଥ ପଥରଖୁମ୍ବ ଛକକୁ ନୂତନ ରାସ୍ତା ପାଶ୍ୱର୍ରେ କିଛିଦିନ ହେବ ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତେବେ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବଣେଇ ରୋଡ ୫୩ନଂ ଜାତୀୟ ରାଜପଥଠାରୁ ମଝିଖମଣ ନିମନ୍ତେ କାର୍ଯ୍ୟ କୋଡ୍ ସଂଖ୍ୟା ୨୪୦୭୦୦୭/ ଡିପି/୧୦୮୨୪୦୦୨ ମୁତାବକ ୫.୫୮ ଲକ୍ଷ ଟଙ୍କା ମଞ୍ଜୁର ହେଇଥିଲା।

ସେହିପରି ସମାନ ରାସ୍ତାରେ ବନୀକରଣ ପାଇଁ କଙ୍କିଳିଠାରୁ ପଥରଖୁମ୍ବ ପର୍ଯ୍ୟନ୍ତ ୨.୩ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ କୋଡ୍ ସଂଖ୍ୟା-୨୪୦୭୦୦୭/ ଡିପି/୧୦୮୯୩୯୯୬ରେ କାର୍ଯ୍ୟ ହୋଇଥିବା ସୂଚନା ଫଳକରୁ ଜଣାପଡ଼ିଛି।



ଗୋଟିଏ ରାସ୍ତାରେ ପଥପାନ୍ତ ବନୀକରଣ ନିମନ୍ତେ ଗତବର୍ଷ ଅଗଷ୍ଟରେ ଦୁଇଟି ପ୍ରକଳ୍ପ କାର୍ଯ୍ୟ ଦର୍ଶାଇ ଲକ୍ଷାଧିକ ଟଙ୍କା ହରିଲୁଟ କରିବାକୁ ସମୁଧା କରାଯାଇଛି। ସେହିପରି ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଗଛ ନଷ୍ଟ ହୋଇଗଲାଣି। ଏ ସମ୍ପର୍କରେ ମୁକ୍ତାପଶି ସେକ୍ସନ ବନପାଳ ପ୍ରଦୀପ୍ତ କୁମାର ଭଞ୍ଜଙ୍କୁ ପଚାରିବାରୁ କହିଲେ, ରାସ୍ତାର ଗୋଟିଏ ପାର୍ଶ୍ୱରେ ୪ ରନିଂ କିଲୋମିଟର ଓ ଅନ୍ୟ ପାର୍ଶ୍ୱରେ ୫ ରନିଂ କିଲୋମିଟର ଚାରାରୋପଣ କରାଯାଇଛି। ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଚାରାରୋପଣ ସମୟର ସମସ୍ତ ଫଟୋ, ଭିଡିଓ ରହିଛି ବୋଲି ସେ କହିଛନ୍ତି। ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ତ୍ରୁଟିପୂର୍ଣ୍ଣ କୋରିଆଁ ଓଭରବ୍ରିଜ୍ ଗୋଟିଏ ରାସ୍ତାରେ ଯିବାଆସିବା, ଦୁର୍ଘଟଣା ଆଶଙ୍କା

ଢେଙ୍କାନାଳ,୧୯ ।୧(ସମିସ): ସହର ଉପକଣ୍ଠ କୋରିଆଁ ଓଭରବ୍ରିଜକୁ ନେଇ ଯାତାୟତ କରୁଥିବା ଗାଡ଼ିଚାଳକଙ୍କ ମଧ୍ୟରେ ଦୁର୍ଘଟଣା ଆଶଙ୍କା ପ୍ରକାଶ ପାଇଛି। ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ଗୋଟିଏ ରାସ୍ତାଦେଇ ସହରକୁ ଯିବା ଏବଂ ସେହି ରାସ୍ତାଦେଇ କାମାକ୍ଷାନଗର, ତାଳଚେର, ରାଉରକେଲା ଭଳି ବିଭିନ୍ନ ସ୍ଥାନକୁ ଗାଡ଼ିମଟର ଯିବାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଢେଙ୍କାନାଳ ବାଇପାସ ଦେଇ ଜାତୀୟ ରାଜପଥର ସମ୍ପ୍ରସାରଣ ପରେ ଯାତାୟାତ ସୁବିଧା ଜନକ ହେବ ବୋଲି ସରକାର କରିଥିଲେ। କିନ୍ତୁ ଏହା କାହାପାଇଁ କେତେ ସୁରକ୍ଷିତ ଏବଂ ଯାତାୟାତରେ ସୁବିଧା ହେଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଟକ-ସମ୍ବଲପୁରକୁ ସଂଯୋଗ କରୁଥିବା ୫୫ ନମ୍ବର ଜାତୀୟ ରାଜପଥ ଏବେ ବିପଦସଙ୍କୁଳ ହୋଇଛି। କଟକ ପାଶ୍ୱର୍ରୁ ଆସୁଥିବା ବସଗୁଡ଼ିକ ଢେଙ୍କାନାଳ ସହର ଭିତରକୁ ଯାଇ ବଜାର ମଧ୍ୟ ଦେଇ ଯିବା ପରେ କୋରିଆଁ ବାଇପାସ ଦେଇ ପୁନଶ୍ଚ ଅନୁଗୋଳ କିମ୍ବା ତାଳଚେର ପାର୍ଶ୍ୱକୁ ଯାତାୟାତ କରୁଛି। କୋରିଆଁଠାରେ ଓଭରବ୍ରିଜ ତଳେ ଅନୁଗୋଳ ରାସ୍ତାକୁ ଯିବାକୁ ହେଲେ ଅଣ୍ଡରପାସ ଦେଇ ଯିବା ପରେ ସମାନ ରାସ୍ତାରେ କାମାକ୍ଷାନଗର, ଅନୁଗୋଳ ପାଶ୍ୱର୍ରୁ ଆସୁଥିବା ଗାଡ଼ିଗୁଡ଼ିକ ଗୋଟିଏ ରାସ୍ତା ଦେଇ ଆସିବା ସହ କଟକ ଯାଉଥିବା ଗାଡିଗୁଡ଼ିକ ସମାନ ଅଣ୍ଡରପାସ ଦେଇ ଯିବାକୁ ପଡ଼ିଥାଏ।

କିନ୍ତୁ ସେଠାରେ କୌଣସି ଟ୍ରାଫିକ କିମ୍ବା ସୂଚନା ଫଳକ ନାହିଁ। ସେହିପରି କାମାକ୍ଷାନଗର ଦେଇ ତାଳଚେର, ପରଜଙ୍ଗ, କଙ୍କଡ଼ାହାଡ଼, ଭୁବନ, କେନ୍ଦୁଝର ଯିବାକୁ ହେଲେ ଗୋଟିଏ ରାସ୍ତାଦେଇ କାମାକ୍ଷାନଗର ଛକକୁ ଗଲେ ସେହିଠାରୁ କାମାକ୍ଷାନଗର ରାସ୍ତାରେ ଯିବାକୁ ହୁଏ। ରାସ୍ତାଟି ସଙ୍କୀର୍ଣ୍ଣ ହୋଇଥିବା ବେଳେ ସେହି ରାସ୍ତାରେ ଅନୁଗୋଳ ପାଶ୍ୱର୍ରୁ ଆସୁଥିବା ଗାଡ଼ି ସହ ଦୈନନ୍ଦିନ ସହରକୁ ଆସୁଥିବା ଶ୍ରମିକଠାରୁ ଆରମ୍ଭ କରି ବିଭିନ୍ନ ବିଦ୍ୟାଳୟର ବସ, ଟ୍ରକ, ଚାରିଚକିଆ ଯାନ, ବାଇକ୍ ଯିବାଆସିବା କରିବାକୁ ପଡ଼ିଥାଏ। ଗୋଟିଏ ରାସ୍ତାରେ ସମସ୍ତ ଗାଡ଼ି ଚଳାଚଳ କରୁଥିବାରୁ ଯାତାୟାତରେ ଘୋର ଅସୁବିଧା ହେଉଛି। କାମାକ୍ଷାନଗର ଛକରେ କୌଣସି ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ନ ଥିବାରୁ ସେଠାରେ ଦୁର୍ଘଟଣା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

ତେବେ ଓଭର ବ୍ରିଜ ଦେଇ କେବଳ ସହର ଭିତରକୁ ଯାଉ ନ ଥିବା ଗାଡିଗୁଡ଼ିକ ଯିବାକୁ ପଡୁଛି। ସେଠାରେ ନିର୍ମାଣ ହୋଇଥିବା ଗୋଲେଇ ଛକ କେଉଁ ସ୍ୱାର୍ଥରେ ହୋଇଛି ବୋଲି ପ୍ରଶ୍ନ ଉଠିଛି। କୋଟି କୋଟି ଟଙ୍କା ବ୍ୟୟରେ ଏଭଳି ନିର୍ମାଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁନଶ୍ଚ ସେହି ରାସ୍ତାରେ ଏଫସିଆଇ, ଉତ୍କଳ ଆଜବେଷ୍ଟସ ଆଦି କାରଖାନା ରହିଥିବାରୁ କାରଖାନା ଗାଡ଼ିଗୁଡ଼ିକ ମଧ୍ୟ ଅନେକ ସମୟରେ ଅସୁବିଧାର କାରଣ ପାଲଟିଛି। ଏହି ଓଭରବ୍ରିଜ ସମ୍ପୂର୍ଣ୍ଣ ଭାବେ ଖାମଖିଆଲ ନୀତିରେ ହୋଇଥିବା ଆଲୋଚନା ହେଉଛି।

# ଯୋଗମାୟା ଚ୍ୟାଲେଞ୍ଜର୍ସ ଟ୍ରଫି, ମେଣ୍ଢାଶାଳ ଚାମ୍ପିଅନ

ଭୁବନ,୧୯ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମାର୍ଥାପୁର ଖେଳ ପଡ଼ିଆରେ ଚାଲିଥିବା ୪୧ତମ ଯୋଗମାୟା ଚ୍ୟାଲେଞ୍ଜର୍ସ ଟ୍ରଫି ଉଦଯାପିତ ହୋଇଛି।




ଫାଇନାଲରେ ଯାଜପୁର ଧବଳଗିରିକୁ ହରାଇ ଖୋର୍ଦ୍ଧା ମେଣ୍ଢାଶାଳ ଚାମ୍ପିଅନ ହୋଇଛି। ଟସ୍ ଜିତି ଯାଜପୁର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ୱିକେଟ ହରାଇ ୨୭୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦିଲୀପ ରାଉତ ୫୪ ବଲରେ ସର୍ବାଧିକ ୧୩୮ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ଖୋର୍ଦ୍ଧା ଦଳ ୧୮ ଓଭର୍‌ରେ ୨୭୭ ରନ୍ ସଂଗ୍ରହ କରି ଟାଇଟଲ ହାତେଇଛି। ଦଳ ପକ୍ଷରୁ ଆଇ ଏସ୍ ଗିରି ୩୯ ବଲ୍‌ରେ ୭୮ ରନ୍ ସଂଗ୍ରହ କରିଥିଲେ। ତାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଶତ୍ରୁଘ୍ନ ଜେନା, ସମ୍ମାନିତ ଅତିଥି ଭାବେ ସମାଜସେବୀ ରୁଦ୍ରନାରାୟଣ ଦାସ, ସଂଘମିତ୍ରା ବେହେରା, ଦୀପକ କୁମାର ଆଇଚ, ଅକ୍ଷୟ କୁମାର ବେହେରା, ଅଭିନେତ୍ରୀ ଜିନା ସାମଲ ଯୋଗଦେଇ ଚାମ୍ପିଅନ ଦଳକୁ ୫୦ ହାଜର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୪୦ ହାଜର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ପ୍ରିୟବ୍ରତ ମିଶ୍ର ଓ ଗିରିଜା ଶଙ୍କର ମିଶ୍ର ଖେଳ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ।

ଶୁଭକାନ୍ତ ମିଶ୍ର, ସୁନୀଲ ରାଉତ ସ୍କୋର ସିଟ୍ ପରିଚାଳନା କରିଥିଲେ। ସତ୍ୟବ୍ରତ ମିଶ୍ର, ପ୍ରିୟବ୍ରତ ମିଶ୍ର, ବିପିନ କୁମାର ଦାସ, ଅମୂଲ୍ୟ ମିଶ୍ର ଓ ରଜତ ଦାଶ ସହଯୋଗ କରିଥିଲେ।

# ବୌଦ୍ଧଧର୍ମ ଓ ବୟନଶିଳ୍ପର ଗାଁ ସରାକପାଟଣା

**୯୮ ପ୍ରତିଶତ ଲୋକ ବୌଦ୍ଧ ଧର୍ମାବଲମ୍ବୀ**

ଢେଙ୍କାନାଳ,୧୯ ।୧(ସମିସ)

ସଦର ବ୍ଲକ ସରାକପାଟଣା ଗ୍ରାମରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୩୩ତମ ସଂସ୍କରଣ ଅନୁଷ୍ଠିତ ହୋଇଛି। ଆବାହକ ସୁରେଶ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ପଦଯାତ୍ରୀମାନେ ସେଠାରେ ପହଞ୍ଚିବା ପରେ ସରାକପାଟଣା ରଙ୍ଗଣୀ ସମାଜ ପକ୍ଷରୁ ପଦଯାତ୍ରୀଙ୍କୁ ବୁଦ୍ଧ ମନ୍ଦିରରେ ସ୍ୱାଗତ କରାଯାଇଥିଲା। ମଠ, ମନ୍ଦିର, ରାଜବାଟୀ, ଦୁର୍ଗ ଇତ୍ୟାଦିକୁ ବାଦ୍ ଦେଲେ ଏମିତି ଆହୁରି ଅନେକ ଗାଁ ଓ ସାଂସ୍କୃତିକ ସଂଗଠନ ରହିଛି ଯେଉଁମାନେ ଯୁଗ ଯୁଗ ଧରି ଆମ ମାଟିର ଐତିହ୍ୟ ଓ ସ୍ୱାଭିମାନକୁ ଧାରଣ କରି ରହିଛନ୍ତି। ମାତ୍ର ଦୀପତଳ ଅନ୍ଧାର ଭଳି ଏଗୁଡ଼ିକ ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି। ସେମିତି ଏକ ଗାଁ ହେଉଛି ଢେଙ୍କାନାଳ ଜିଲ୍ଲାର ଭାପୁର ବ୍ଲକ ଅନ୍ତର୍ଗତ ସରାକପାଟଣା। ଦୀର୍ଘ ୪୦୦ ବର୍ଷଧରି ଏହି ଗ୍ରାମରେ ତନ୍ତୁବାୟ ସମ୍ପ୍ରଦାୟର ଲୋକେ ବସବାସ କରି ଆସୁଛନ୍ତି। ଗାଁର ଗୋଟିଏ ପାର୍ଶ୍ୱରେ ବୋହିଯାଉଛି ସାପୁଆ ନଦୀ। ସରାକପାଟଣାର ପ୍ରତ୍ୟେକ ପରିବାର ତନ୍ତରେ ଲୁଗାବୁଣି ପରିବାର ପୋଷଣ କରିଥାନ୍ତି। ଘରେ ଘରେ ହସ୍ତତନ୍ତ ଦ୍ୱାରା ବସ୍ତ୍ର ବୟନ ଏବେ ମଧ୍ୟ କରାଯାଏ। ସବୁଠାରୁ ଆଶ୍ଚର୍ଯ୍ୟର କଥା, ଗାଁର ୯୮ ପ୍ରତିଶତ ଲୋକ ହେଉଛନ୍ତି ବୌଦ୍ଧ ଧର୍ମାବଲମ୍ବୀ। କାହିଁ କେଉଁ ପ୍ରାଚୀନ କାଳରୁ ସରାକ ସମ୍ପ୍ରଦାୟ (ତନ୍ତୀ) ର କିଛି ପରିବାର ସାପୁଆ ନଦୀ



ତୀରରେ ବସତି ସ୍ଥାପନ କରି ହସ୍ତତନ୍ତ ଦ୍ୱାରା ଲୁଗାବୁଣି ଜୀବିକା ନିର୍ବାହ କରୁଥିଲେ। ସେହି ସରାକମାନଙ୍କ ନାମ ଅନୁଯାୟୀ ଏହି ଗ୍ରାମର ନାମ ସରାକପାଟଣା ହୋଇଛି। ସାଧାରଣତଃ ଏହି ଗ୍ରାମରେ ରଙ୍ଗଣୀ ସମ୍ପ୍ରଦାୟର ଲୋକେ ଏବେ ବସବାସ କରି ନିଜ କୌଳିକ ବୃତ୍ତିକୁ ଧରି ରଖିଛନ୍ତି। ପ୍ରାୟ ସମସ୍ତଙ୍କ ଘରେ ଏକାଧିକ ତନ୍ତ ରହିଛି ଓ ପରିବାରର ବୟସ୍କ ଓ ଯୁବକମାନେ ଏହି ହସ୍ତତନ୍ତରେ ଲୁଗା ବୁଣାବୁଣି କରୁଛନ୍ତି।

ଏହି ଗ୍ରାମର ମଧ୍ୟସ୍ଥଳରେ ରହିଛି ଏକ ବୁଦ୍ଧ ମନ୍ଦିର। ମନ୍ଦିରରେ ସ୍ଥାପିତ ହୋଇଛି ବୁଦ୍ଧଙ୍କ ପାଷାଣ ପ୍ରତିମା। ଗ୍ରାମର ସମସ୍ତେ ବୌଦ୍ଧ ହୋଇଥିବାରୁ ଏଠାରେ ସମସ୍ତ ଲୋକ ସାକାହାରୀ ଓ ଜନ୍ମମୃତ୍ୟୁ ସଂସ୍କାରଠାରୁ ଆରମ୍ଭ କରି ସବୁ ସାମାଜିକ ରୀତିନୀତି ବୌଦ୍ଧ ଧାରା ଅନୁଯାୟୀ ଅନୁଷ୍ଠିତ ହୁଏ। ବୈଶାଖ ପୂର୍ଣ୍ଣିମା ବୁଦ୍ଧ ଜୟନ୍ତୀରେ ସରାକପଟଣାରେ ବଡ଼ ଉତ୍ସବ ଆୟୋଜିତ ହୋଇଥାଏ। କାହିଁକି, କେଉଁ ପରିସ୍ଥିତିରେ ଏହି ଗ୍ରାମର ଲୋକେ ବୌଦ୍ଧ ଧର୍ମାବଲମ୍ବୀ ହେଲେ ତାହାର ସଠିକ ତଥ୍ୟ ନାହିଁ। ମାତ୍ର ଭାରତରୁ ବୌଦ୍ଧଧର୍ମ ବିଲୁପ୍ତ ହୋଇ ଯାଉଥିବାବେଳେ ସରାକପାଟଣା ଗାଁର ୯୮ ପ୍ରତିଶତ ଲୋକ ବୌଦ୍ଧଧର୍ମକୁ ଧରି ରଖିଛନ୍ତି ଯାହା ସମସ୍ତଙ୍କ ପାଇଁ ଅନନ୍ୟ ଉଦାହରଣ ନିଶ୍ଚୟ। ବୋଧହୁଏ କେବଳ ଢେଙ୍କାନାଳ ଜିଲ୍ଲା ନୁହେଁ ବରଂ ସମଗ୍ର ରାଜ୍ୟରେ ସରାକପାଟଣା ହେବ ଏକମାତ୍ର ବୌଦ୍ଧଧର୍ମର ଗାଁ ଯାହା ଜିଲ୍ଲାର ସାଂସ୍କୃତିକ ଐତିହ୍ୟର ଜ୍ୱଳନ୍ତ ଉଦାହରଣ।

ଅତୀତରେ ଏହି ଗ୍ରାମକୁ ଚୀନ, ଜାପାନ, ତିବ୍ବତ ଓ ଶ୍ରୀଲଙ୍କାରୁ ବୌଦ୍ଧ ସନ୍ନ୍ୟାସୀମାନେ ପରିଦର୍ଶନରେ ଆସିଥିବା କଥା ଗ୍ରାମର ବରିଷ୍ଠ ସଂସ୍କୃତିପ୍ରେମୀ ଜଗବନ୍ଧୁ ସାହୁ ସୂଚନା ଦେଇଛନ୍ତି। ତନ୍ତରେ ଲୁଗା ବୁଣିବା ଓ ଏହାର କୌଶଳ ତଥା ବୁଣାକାରମାନଙ୍କର ଜୀବନ ଜୀବିକା ସମ୍ପର୍କରେ ଜାଣିବା ପାଇଁ ପଦଯାତ୍ରୀମାନେ ୫୦ରୁ ଉର୍ଦ୍ଧ୍ୱ ତନ୍ତ ପରିଦର୍ଶନ କରି ସେମାନଙ୍କ ସହ ଆଲୋଚନା କରିଥିଲେ। ପଦଯାତ୍ରାରେ ବୌଦ୍ଧଧର୍ମର ଐତିହ୍ୟକୁ ଧାରଣ କରିଥିବା ସରାକପାଟଣାର ଏହି ଅନନ୍ୟ ସାଂସ୍କୃତିକ ଐତିହ୍ୟକୁ ଅନ୍ୱେଷଣ କରିବା, ସେମାନଙ୍କ ଜୀବନଶୈଳୀ ଓ ଆଧ୍ୟାତ୍ମିକ ଭାବଧାରାକୁ ଜାଣିବା ପାଇଁ ପଦଯାତ୍ରୀମାନେ ଚେଷ୍ଟା କରିଥିଲେ। ପଦଯାତ୍ରାରେ ପ୍ରଫେସର ଦୁର୍ଗାଚରଣ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଶାସକ ତଥା ଗବେଷକ ତପନ କୁମାର ଶତପଥୀ, ରମେଶ ଚନ୍ଦ୍ର ପତି, ବଦ୍ରିନାଥ ଜେନା, ଅର୍ଜନ ନାୟକ, ସ୍ୱର୍ଣ୍ଣପ୍ରଭା ସେଠୀ, ନାରାୟଣ ପଟ୍ଟନାୟକ, ଜନ୍ମେଜୟ ରାଉତ, ହରପ୍ରିୟା ରାଉତ, ସୁଶାନ୍ତ କୁମାର ସାହୁ, ଅକ୍ଷୟ କୁମାର ଦାସ, ବିଶ୍ୱରଞ୍ଜନ ଦେହୁରୀ, ହୃଦାନନ୍ଦ ବେହେରା, ସୁମିତ୍ରା ଦେବତା, ସୁଜିତ ଦେବତା, ପୀୟୂଷ ଅଗ୍ରୱାଲ, ଶ୍ରେୟା ସାମଲ, ସୁରେଶ ସାହୁ, ସ୍ମିତାଲୀ ବେହେରା ଓ ଢେଙ୍କାନାଳ କଲେଜର ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସରାକପାଟଣା ଗ୍ରାମବାସୀ ସହଯୋଗ କରିଥିଲେ।

## ■ ଶାରଳା କ୍ଲବ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲରେ ଯୁବଜ୍ୟୋତି ଏଫସି ପଙ୍କାଳ



ଢେଙ୍କାନାଳ,୧୯ ।୧(ସମିସ): ସହର ଉପକଣ୍ଠ ଗୁଣ୍ଡିଚାପଡ଼ାସ୍ଥିତ ରାଣୀ ରତ୍ନପ୍ରଭା ଦେବୀ ଷ୍ଟାଡିୟମରେ ଶାରଳା କ୍ଲବ୍ ପକ୍ଷରୁ ଆୟୋଜିତ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଛି। ଯୁବଜ୍ୟୋତି ଏଫସି ପଙ୍କାଳ ୧–୦ ଗୋଲରେ ଜେଡି ଏଫସି ସାଇଁବିରିକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୨୧ ତାରିଖ ଯୁବଜ୍ୟୋତି ଏଫସି ଓ ଖୁଣ୍ଟୁକଟା ଫୁଟବଲ କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ରେଫରୀ ଅରୁଣ ନାଏକ, ଅମୂଲ୍ୟ ସାମଲ ଓ ମହେଶ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ସ୍ୱରୂପ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମଙ୍ଗଳବାର ଶାରଳା କ୍ଲବ ଗୁଣ୍ଡିଚାପଡ଼ା ଓ ଅହମଦିୟା କ୍ଲବ, ମୁକ୍ତାଦେଇପୁର ମଧ୍ୟରେ ଅନୁଷ୍ଠିତ ହେବ। ୨୨ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ମହିଉଦ୍ଦିନ ଖାଁ ସୂଚନା ଦେଇଛନ୍ତି।

ସକାଳ
THE SAKALA



# ନଳକୂପ ଖନନରେ ଅନିୟମିତତାର ତଦନ୍ତ

ପ୍ରୀତିପୁର,୧୯।୧(ସମିସ)



ଏକ ଗଭୀର ନଳକୂପ ଖନନରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା। ଏ ନେଇ ଗ୍ରାମବାସୀ ବିଞ୍ଝାରପୁର ଆର୍‌ଡବ୍ଲ୍ୟୁଏସ୍‌ଏସ ଅଫିସର ଜେଇଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏହି ଅଭିଯୋଗର ପ୍ରାୟ ମାସେ ପରେ ବିଭାଗୀୟ ତଦନ୍ତ ହୋଇଛି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକ ଅଧୀନ ଆଉଁରୀ ପଞ୍ଚାୟତର କୁଆଁରପୁର ରାଜସ୍ୱ ଗ୍ରାମ ଅନ୍ତର୍ଗତ ଗବଡିହ ପଡ଼ାଗ୍ରାମରେ ପାନୀୟ ଜଳ କଷ୍ଟ ଲାଗି ରହିଛି। ପିଇବା ପାଣି ଟୋପାଏ ପାଇଁ ଲୋକେ ପ୍ରାୟ ଏକ କିଲୋମିଟର ଦୂରକୁ ଯାଇ ସେଠାରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ସ୍ଥାନୀୟ ଲୋକ ମାନଙ୍କର ଏହି ମୌଳିକ ସମସ୍ୟାର ସମାଧାନ ପାଇଁ ଗ୍ରାମରେ ଏକ ଗଭୀର ନଳକୂପ ଖନନର ଆବଶ୍ୟକତାକୁ ଉପଲବ୍‌ଧି କରି ଯାଜପୁର ସାଂସଦଙ୍କ ପାଣ୍ଠି ମଞ୍ଜୁର କରିଥିଲେ। ଟେଣ୍ଡର ପ୍ରକ୍ରିୟା ପରେ ଏହି ପ୍ରକଳ୍ପଟିର ଦାୟିତ୍ୱ ନେଇଥିବା ଠିକାଦାର ନିର୍ଦ୍ଧାରିତ ସମୟରେ ଖନନ କରି ନଥିଲେ। ବହୁ ଦିନ ପରେ ସେ ଅନଭିଜ୍ଞ ଲୋକମାନଙ୍କ ଦ୍ୱାରା ଏହି ନଳକୂପର ଖନନ କରା ଯାଇଥିଲା। ଏହି କାରଣରୁ ୨୦୦ ମିଟର ପାଇପ୍ ଲୋଡିଂ ହୋଇଥିଲେ ମଧ୍ୟ ରୋପ୍ ଏଣ୍ଟ୍ରି ବେଳେ ଏହା ୧୦୦ ମିଟରରୁ ସାମାନ୍ୟ ଅଧିକ କ୍ଲିୟର ଥିବା ଜଣା ପଡିଥିଲା। ତେବେ ଏପରି ସମସ୍ୟାର ସମାଧାନ କରିବା ପାଇଁ ଠିକାଦାର କୌଣସି ବ୍ୟବସ୍ଥା ଗ୍ରହଣ କରିବା ପରିବର୍ତ୍ତେ ସେହି ଅବସ୍ଥାରେ କାମଟିକୁ ଶେଷ କରି ପ୍ଲାଟଫର୍ମ ତିଆରି କରିଥିଲେ। ବାଲି ପରିବର୍ତ୍ତେ ପ୍ଲାଟ ଫର୍ମର ଏମ୍ପଟି ଫିଲିଂ ମାଟି ପଶାଯାଇ କରାଯାଇଛି। ଗବଡିହ ଗ୍ରାମବାସୀ ଏନେଇ ଆର୍‌ଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ, ବିଞ୍ଝାରପୁରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବା ସହିତ ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ନଜରକୁ ଘଟଣାଟିକୁ ଆଣିଛନ୍ତି। ଘଟଣା ସମ୍ପର୍କରେ କନିଷ୍ଠଯନ୍ତ୍ରୀ ଇଂ. ବିଷ୍ଣୁ ମୋହନ ଶତପଥୀ ପଚାରିବାରୁ ନଳକୂପ ଖନନରେ ହୋଇଥିବା ଅଭିଯୋଗର ସତ୍ୟତାକୁ ସ୍ୱୀକାର କରିଥିଲେ। ଠିକାଦାରଙ୍କୁ ପାଇପ୍ ଉଠାଇ ପ୍ରକଳ୍ପଟିକୁ ଠିକ୍ ଢଙ୍ଗରେ କରିବା ପାଇଁ ପରାମର୍ଶ ଦେଇଥିଲେ। ତୁରନ୍ତ ନଳକୂପଟି କରାଯାଉ କିମ୍ବା ସେମାନଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ଯଜ୍ଞ ଉଦ୍‌ଯାପିତ

ବରୀ,୧୯।୧(ସମିସ): ବରୀ ବ୍ଲକ ଅନ୍ତର୍ଗତ ଅଜାଣ ଶୁକଳେଶ୍ୱର ମନ୍ଦିର ପଡିଆରେ ସମଗ୍ର ହିନ୍ଦୁ ସମାଜ ବରୀ ଖଣ୍ଡ ପକ୍ଷରୁ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରୀଶ୍ରୀ ଗାୟତ୍ରୀ ବଲ୍ଲଭାନନ୍ଦ ମହାରାଜ, ମୁଖ୍ୟବକ୍ତା ଅସିତ କୁମାର ସାହୁ, ଓଡ଼ିଶା ପୂର୍ବ ପ୍ରାନ୍ତ ସଂଯୋଜକ, ସ୍ୱୟଂସେବକ ସଂଘ ସମ୍ମାନିତ ଅତିଥି ଗଗନ ମହାରାଜ, ନାଗବଣ ମଠ, ନେମାଳ, ଶ୍ୟାମସୁନ୍ଦର ମହାରାଜ, କଳାମାଟିଆ ମଠ ପିତାମ୍ବର ଦାସ ମହାରାଜ, ଅଜାଣ ମଠ ମେଦୁଆକୁଳ ପ୍ରମୁଖ ଯୋଗଦେଇଥିଲେ।

ଶିକ୍ଷାବିତ ମକାରଧ୍ୱଜ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବରୀ ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ କବିର ଦାସ ଏବଂ ରବୀନ୍ଦ୍ର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱଶାନ୍ତି ଯଜ୍ଞ ସମାପ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପରେ ପରେ ସାଧୁ ସନ୍ଥ ମାନଙ୍କ ଆଶ୍ରବାଣୀ ହୋଇଥିଲା।

ଏହି ପବିତ୍ର କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ମିର୍ଜାପୁର ଗ୍ରାମର ନୃସିଂହ ଚରଣ ଦାଶ, ଅଲିଆବାଦ ଗ୍ରାମର ପରିବେଶବିତ ଭରତ ଚନ୍ଦ୍ର ଜେନା ଏବଂ ସର୍ବାଧିକ ଶବଦାହ କରିଥିବା ନବଘନ ଶାନ୍ତି, ପିତାମ୍ବର ଦାସ, ଚନ୍ଦ୍ରକାନ୍ତ ଜେନା, କରୁଣାକର ଦାସ, ମୁରଲୀ ବେହେରା ଏବଂ ରତ୍ନଗିରି ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶୋକ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ବରୀ ସ୍ୱୟଂସେବକ ସଂଘ ସଂଯୋଜକ ରାକେଶ ସାମଲ, ଧୀରେନ୍ଦ୍ର ଦାସ, ସୁଶାନ୍ତ ପଣ୍ଡା, ତପନ ପଣ୍ଡା, ସବ୍ୟସାଚୀ ଜେନା, ଗୋବର୍ଦ୍ଧନ ରାଉତ, ନିରଞ୍ଜନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## କରଦା ହରିହାଟ ମେଳା ଓ ମହୋତ୍ସବ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

ପାଣିକୋଇଲି,୧୯।୧(ସମିସ): କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ପୁରାତନ ଓ ପ୍ରସିଦ୍ଧ କରଦା ହରିହାଟ ମେଳା ଓ ମହୋତ୍ସବ ଆସନ୍ତା ମାଘ ସପ୍ତମୀ ଜାନୁଆରୀ ୨୫ ଠାରୁ ଆରମ୍ଭ ହେବ। ଏହି ଅବସରରେ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି ମହୋତ୍ସବରେ ବିଭିନ୍ନ ରାଜ୍ୟସ୍ତରୀୟ କଳା ସଂସ୍କୃତି ପରିଷଦକୁ ସ୍ଥାନ ଦେବା ସହିତ ସ୍ଥାନୀୟ ଯୁବ ପ୍ରତିଭାମାନଙ୍କୁ ସ୍ଥାନ ଦେବା ପାଇଁ ବୈଠକରେ ସ୍ଥିର କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଥିବା ଓଡିଶୀ, ଏକକ ନୃତ୍ୟ ଶିଳ୍ପୀ, ଗ୍ରୁପ ଡ୍ୟାନ୍ସ, ଆଙ୍କରିଂ, କମେଡି ଆଦିରେ ପାରଦର୍ଶିତା ଲାଭ କରିଥିବା ନୂତନ କଳାକାରମାନଙ୍କୁ ସାମିଲ କରାଯିବ। ଅଭିଜ୍ଞ ବିଚାରପତି ମାନଙ୍କ ଦ୍ୱାରା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବାକୁ ବୈଠକରେ ନିଷ୍ପତି କରାଯାଇଥିଲା। ଏଥି ସହିତ ବିଭିନ୍ନ ବ୍ୟବସାୟୀଙ୍କ ଷ୍ଟଲ, ମନୋରଞ୍ଜନ କାର୍ଯ୍ୟକ୍ରମ ଓ ବଛାବଛା ରାଜ୍ୟସ୍ତରୀୟ କଳାକାରମାନଙ୍କୁ ନେଇ କାର୍ଯ୍ୟକ୍ରମକୁ ଆହୁରି ସରସ ସୁନ୍ଦର କରିବାକୁ କମିଟି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ନିଷ୍ପତି ନିଆଯାଇଥିଲା। ୨୫ ତାରିଖ ପ୍ରତ୍ୟୁଷର କଳସବୁଡା, ନାମଯଜ୍ଞ, ଯଜ୍ଞ ଆଦି କରାଯିବ। ଶତାଧିକ ଷ୍ଟଲ ଲାଗୁଥିବାରୁ ବିଦ୍ୟୁତ୍ ବିଭାଗ, ପୁଲିସ ପ୍ରଶାସନର ସହଯୋଗ ନିଆଯିବାକୁ ସ୍ଥିର ହୋଇଥିଲା। ମେଳା କମିଟିର ସଭାପତି ଚିନ୍ତାମଣି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗଣେଶ ଚନ୍ଦ୍ର ସାହୁ, ଗୋବିନ୍ଦ ସାହୁ, ପ୍ରମୋଦ କୁମାର ମହାପାତ୍ର, ଅଭୟ କୁମାର ବେହେରା, ମାୟାଧର ଜେନା, ବିଶ୍ୱନାଥ ପଣ୍ଡା, ନବଘନ ପଣ୍ଡା, ଫକିର ବାରିକ, ଗଣେଶ୍ୱର ଦାଶ, ସୁବାସ ସ୍ୱାଇଁ, ସଚିଦାନନ୍ଦ ସାହୁ, ଚିନ୍ତାମଣି ସାହୁ, ସଂଜୟ କୁମାର ନାୟକ, ପ୍ରଶନ୍ନ ବେହେରା, ରାଜକିଶୋର ଦାସ, ନବଘନ ପଣ୍ଡା, କାଉକ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ୨୫ ତାରିଖରୁ ମେଳା ଆରମ୍ଭ ହେବାକୁ ଥିବା ବେଳେ ୨୭ ତାରିଖରୁ ମହୋତ୍ସବ ଆରମ୍ଭ ହୋଇ ଫେବୃଆରୀ ୨ରେ ମହୋତ୍ସବ ଓ ୪ ତାରିଖରେ ମେଳା ଉଦଯାପିତ ହେବ।

## ସତ୍ୟନାରାୟଣ କ୍ରିକେଟ୍ କପ୍ ଫାଇନାଲ୍




ବଡ଼ଚଣା,୧୯।୧(ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ନିଶିମଳା ଖେଳପଡିଆଠାରେ ଅନୁଷ୍ଠିତ ସତ୍ୟନାରାୟଣ କ୍ରିକେଟ ଆସୋସିଏସନ ପକ୍ଷରୁ ୪୨ତମ ରାଜ୍ୟସ୍ତରୀୟ ମହିଳା କ୍ରିକେଟ ଟି-ଟ୍ୱେଣ୍ଟି ମ୍ୟାଚରେ ଇଞ୍ଜିନପୁର ଯାଜପୁରକୁ ୫ ୱିକେଟରେ ହରାଇ ବିଶ୍ୱଭାରତୀ ବିଜୟୀ ହୋଇଛି। ଇଞ୍ଜିନପୁର ପ୍ରଥମେ ବ୍ୟାଟିଂ କରି ୧୯ ଓଭର ୪ଟା ବଲରେ ସମସ୍ତ ୱିକେଟ ହରାଇ ୯୯ ରନ ହାସଲ କରିଥିଲେ। ଦ୍ୱିତୀୟ ପାଳିରେ ବିଶ୍ୱଭାରତୀ କଟକ ଦଳ ବ୍ୟାଟିଂ କରି ୧୭ ଓଭରରେ ୧୦୦ ରନ କରି ବିଜୟ ହାସଲ କରିଥିଲେ। ଆଜିର ମ୍ୟାଚକୁ ଉଦ୍‌ଘାଟକ ଭାବେ ପ୍ରମୋଦ ପତି ଫାଉଣ୍ଡେସନର ମୁଖ୍ୟ ଦିବ୍ୟଜ୍ୟୋତି ପତି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗ ଦେଇଥିଲେ। ନିଶିମଳା ଗ୍ରାମ୍ୟ କମିଟି ତରଫରୁ ବିଭୁତି ଭୂଷଣ ଜେନା, ପ୍ରମୋଦ ଜେନା, ଅଜୟ ଜେନା, ସଭାପତି ପ୍ରୀତମ ନାୟକ ପ୍ରମୁଖ ଯୋଗଦେଇଥିଲେ। ସୈଏଦ ଇରଫାନଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ଟ୍ରଫି ସମାଜସେବୀ ମାନଗୋବିନ୍ଦ ରାଉତ ପ୍ରଦାନ କରିଥିଲେ। ଜାହିର ୱାରିସଙ୍କୁ ମ୍ୟାନ ଅଫ ଦ ସିରିଜ ରାକେଶ ଧଳ ପ୍ରଦାନ କରିଥିଲେ। ପ୍ରଶାନ୍ତ ସାହୁଙ୍କୁ ବେଷ୍ଟ ବୋଲର ଭାବେ ବଜରଙ୍ଗୀ ସିଂ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନର ପରିଚାଳକ ବିକାଶ କୁମାର ଦାସ, ଦୁଷ୍ମନ୍ତ ଖିଲାର, ସତ୍ୟଜିତ ସ୍ୱାଇଁ, ରାକେଶ ବିଶ୍ୱାଳ, ମୟୂରେଶ ଜେନା, ପର୍ଜେଷ ସ୍ୱାଇଁ, ତାପସ ଦାସ, ସମ୍ପାଦକ ଶ୍ୱେତରଞ୍ଜନ ବଳ, ଉପଦେଷ୍ଟା ଶ୍ରୀପତି ଜେନା, ଅଟଳ କୁମାର ଜେନା, ଅନିଦ୍ୟ ସାମଲ, ଓ ପ୍ରେସ୍ କ୍ଲବ ଚଣ୍ଡିଖୋଲର ସମ୍ପାଦକ ହେମଶ କୁମାର ଜେନାଙ୍କ ସହ ସମସ୍ତଙ୍କୁ ସମ୍ମାନିତ କରାଯାଇଥିଲା। ଯଚିନ୍ଦ୍ର ନାୟକ ଓ ସତ୍ୟରଞ୍ଜନ ସାମଲ ଖେଳ ପରିଚାଳନା କରିଥିଲେ।

## ବ୍ୟବସାୟୀଙ୍କ ପରଲୋକ



ଧର୍ମଶାଳା,୧୯।୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ତଥା ଜାରକା ବଜାରରେ ଥିବା ଛକଡ଼ି ସାହୁ ମିଷ୍ଟାନ୍ନ ଭଣ୍ଡାରର ମାଲିକ ଗୋବିନ୍ଦ ଚନ୍ଦ୍ର ସାହୁ (୬୫)ଙ୍କର ଆଜି ସକାଳେ କଟକସ୍ଥିତ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ କର୍କଟ ରୋଗରେ ପୀଡ଼ିତ ଥିଲେ। ଗତ ଗୁରୁବାର ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକସ୍ଥିତ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମରଶରୀରକୁ ଆଜି ନିଜ ଗ୍ରାମକୁ ଅଣାଯାଇ ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରିଯିବା ସହିତ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରୁ ୨ଥର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଖବର ପାଇ ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ତାଙ୍କ ପୁତୁରା ରତିକାନ୍ତ ସାହୁ ମୁଖାଗ୍ନି ଦେଇଥିଲେ।

## ଓଟିନ୍ଦାରେ ମୁକ୍ତାକାଶ ନାଟକ ଉଦ୍‌ଘାଟିତ

ପାଣିକୋଇଲି,୧୯।୧(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଟିନ୍ଦା ଗ୍ରାମର ଗଣପର୍ବ ହରିହାଟ ମେଳା ଅବସରରେ ଗୋପିନାଥଜୀଉ ନାଟ୍ୟ ପରିଷଦ ଆନୁକୂଲ୍ୟରେ ତିନିଦିନ ବ୍ୟାପୀ ମୁକ୍ତାକାଶ ନାଟକ ମଞ୍ଚ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପ୍ରକାଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ସମାଜସେବୀ ଶରତ ଚନ୍ଦ୍ର ଦାଶ, ଉପଦେଷ୍ଟା ରଘୁନାଥ ପାଢ଼ୀ, ବରିଷ୍ଠ ନେତା ମଧୁସୂଦନ ସାହୁ ଯୋଗଦେଇ ପାରମ୍ପରିକ କଳା କ୍ଷେତ୍ରରେ ଗ୍ରାମ୍ୟ ଯୁବକମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଦୁଇ କଳାକାର ହରିହର ଗିରି ଓ ସଦାଶିବ ବାରିକଙ୍କ ଅକାଳ ମୃତ୍ୟୁରେ ସେମାନଙ୍କ ସ୍ମୃତିରେ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାଥନା କରାଯାଇଥିଲା। ମଞ୍ଚ ନାଟ୍ୟ ନିର୍ଦ୍ଦେଶକ ସିପୁ ପଣ୍ଡା, ସଂଗୀତ ନିର୍ଦ୍ଦେଶକ ଲକ୍ଷ୍ମୀଧର ପଣ୍ଡା, ନୃତ୍ୟ ନିର୍ଦ୍ଦେଶକ ରମେଶ ସାହୁ, ସିରିଏଲ କଳାକାର ଆକଶ ନାୟକ, ପୂଜା ମହାନ୍ତି ଓ ଅତିଥି ମାନଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୈଳାସ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚସ୍ଥ ନାଟକ 'ଜନମ ନେଇଛି କାନ୍ଦିବା ପାଇଁ' ଦର୍ଶକଙ୍କ ମନମୋହିଥିଲା। ଦୀପକ ସାମଲ, ବିଭୁରଞ୍ଜନ ମହାରଣା, ଯଯାତି ଆରଣ, କାହ୍ନୁ ଧଳ, ମନୋଜ ପାତ୍ରୀ, ଦିନବନ୍ଧୁ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାମପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବରୀ,୧୯।୧(ସମିସ): ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ରାମପୁରର ୩୨ତମ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ବିଦ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ସାଇକଲ ଷ୍ଟାଣ୍ଡକୁ ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟାଳୟର ପ୍ରତିଷ୍ଠାତା ଗଗନ ବିହାରୀ ଜେନା ଓ ବିଦ୍ୟାଳୟ ପାଇଁ ଭୂମିଦାନ କରିଥିବା ଭୋଳାନାଥ ସାମଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ବରୀ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲିପ କୁମାର ମହାନ୍ତି, ସ୍ଥାନୀୟ ସରପଞ୍ଚ ଚପଳା ମଲ୍ଲ, ଶିକ୍ଷାବିତ ଡ. ନୃସିଂହ ଚରଣ ବେହେରା, ମକରଧ୍ୱଜ ସାହୁ, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ନକୁଳ ଚନ୍ଦ୍ର ଦାସ, ପୂର୍ବତନ ସଭାପତି କେଦାର ଚନ୍ଦ୍ର ସାମଲ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ପ୍ରସନ୍ନ ସାମଲ, ବରୀ ବ୍ଲକ ଓଷ୍ଟା ସଭାପତି ରବୀନ୍ଦ୍ର କୁମାର ପତି, ଅବସର ପ୍ରାପ୍ତ ପୁଲିସ ଅଧିକାରୀ ମନୋଜ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ବିରଜା କ୍ଷେତ୍ର ଫେଷ୍ଟିଭାଲ୍ ଉଦ୍‌ଘାଟିତ



ଯାଜପୁର,୧୯।୧(ସମିସ): ଶକ୍ତି ପୀଠ ଯାଜପୁର ସହର ମଧ୍ୟରେ ସଂସ୍କୃତି ଭବନ ପରିସରରେ ବିରଜା କଲ୍‌ଚରାଲ ଏକାଡେମୀ ଦ୍ୱାରା ପ୍ରାୟୋଜିତ ତୃତୀୟ ବିରଜା କ୍ଷେତ୍ର ଫେଷ୍ଟିଭାଲ ଅନୁଷ୍ଠାନର ସଭାପତି ଗୁରୁ ଆଶିଷ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଏବଂ ଉତ୍ସବର ଆକର୍ଷଣ ଥିଲେ ପଦ୍ମଶ୍ରୀ ଡ. ଇଲିଆନା ସିତାରିଷ୍ଟି। ଓଡ଼ିଶା ଷ୍ଟେଟ ବାର୍ କାଉନସିଲର ଭାଇସ ଚେୟାରମେନ ରାଜୀବ କୁମାର ମହାନ୍ତି ଯୋଗ ଦେବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଆଇନଜୀବ ଦୀପ୍ତିରଞ୍ଜନ ମହାନ୍ତି ଅନୁଷ୍ଠାନର ସମ୍ପାଦିକା ଗୁରୁ ସସ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିବା ପରେ ଗୁରୁ ଆଶିଷ ଦାସଙ୍କ ସଂଯୋଜନା ଓ ପରିଚାଳନା ସମ୍ପାଦିକା ପ୍ରତିମା ମିଶ୍ରଙ୍କ ସହଯୋଗରେ ଅନୁଷ୍ଠାନର ଶିଳ୍ପୀମାନେ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା

କୟାଁଗୋଲା,୧୯।୧(ସମିସ): ମଙ୍ଗଳପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଯୁବ ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପ୍ରମିଳା ବାଇ ଓ ଯୁବ ରେଡ଼କ୍ରସର କାଉନସିଲର ଅଧ୍ୟାପିକା ସୁଷମା ସାହୁ ସ୍ୱେଚ୍ଛାସେବୀ ଓ ଛାତ୍ରୀମାନଙ୍କୁ ନେଇ ସଡ଼କ ସୁରକ୍ଷା ସଚେତନତା କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ଘଡ଼ାଇ, ତପସ୍ୱିନୀ ଭଞ୍ଜ, ଶ୍ରଦ୍ଧାଞ୍ଜଳୀ ନାୟକ, ଶୁଭସ୍ମିତା ସାହୁ, ରଶ୍ମି ଦଳାଇ, ବ୍ରଜ କିଶୋର ସାହୁ ଓ କୁଶେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀବିରଜା ସେବା ସମିତିର ସମ୍ବର୍ଦ୍ଧନା ଉତ୍ସବ



ଯାଜପୁର,୧୯।୧(ସମିସ): ମା'ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ଅବସରରେ ଶ୍ରୀବିରଜା ସେବା ସମିତିର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଭାପତି ବିଶ୍ୱମ୍ବର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁରର ଉପଜିଲ୍ଲାପାଳ ତଥା ବିରଜା ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ତାପସ ରଞ୍ଜନ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନାପ୍ରଦାନ କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ମଞ୍ଚ ପରିଚାଳନା କରିଥିଲେ। ପଣ୍ଡିତ ବୈଷ୍ଣବ ଚରଣ ଦାଶଙ୍କୁ ଶ୍ରୀବିରଜା ସେବା ସମିତି ସମ୍ମାନ ମରଣୋତ୍ତର ଭାବେ ପ୍ରଦାନ କରାଯାଇଥିଲା। ଏହାପରେ ମା'ବିରଜା ଓ ବିରଜାକ୍ଷେତ୍ର ସମ୍ପର୍କରେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପୂଜକ ଦେବୀପ୍ରସାଦ ପାଣି ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ବିରଜା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ କର ପ୍ରଥମ, ଯାଜପୁର ଜିଲ୍ଲା ସ୍କୁଲର ଛାତ୍ର ସତିଶ ପ୍ରିୟଦର୍ଶୀ ସାହୁ ଦ୍ୱିତୀୟ ଓ ମ୍ୟୁନିସିପାଲ୍‌ର ଛାତ୍ରୀ ସୁକନ୍ୟା ସାମଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସମିତିର ସଭ୍ୟ ବିରେନ୍ଦ୍ର କୁମାର ମହାନ୍ତି ସମିତିକୁ ୧ ଲକ୍ଷ ଟଙ୍କା ଓ ସଭ୍ୟା ସୁଶ୍ରୀ ସୁଚରିତା ରାଉତରାୟ ୫୦ ହଜାର ଟଙ୍କା ସେବା ସେମିତିକୁ ପ୍ରଦାନ କରିଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଥିଲା। ନୂତନ ଆଜୀବନ ସଭ୍ୟଭାବେ ଦୋଳଗୋବିନ୍ଦ ମହାରଣା, ମନୋଜ କୁମାର ବାରିକ, ସରୋଜିନୀ ଦାସ, ପ୍ରଭୁପ୍ରସାଦ ମିଶ୍ରଙ୍କୁ ଗ୍ରହଣ କରାଗଲା। କାର୍ଯ୍ୟକ୍ରମରେ ମନ୍ଦିର ପୂଜକ ବିରଜାପ୍ରସାଦ ପାଣି, ଅନ୍ୟପୂଜକ ଓ ସେବାସମିତିର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଶେଷରେ ବିରଜାପ୍ରସାଦ କର ଧନ୍ୟବାଦ ଅର୍ପଣ କରିଥିଲେ।

## ହୃଦାନନ୍ଦ ବିଶ୍ୱାଳ ମେମୋରିଆଲ ଟ୍ରଷ୍ଟର ବାର୍ଷିକ ଉତ୍ସବ



ମଙ୍ଗଳପୁର,୧୯।୧(ସମିସ): ହୃଦାନନ୍ଦ ବିଶ୍ୱାଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ଟି ବିଦ୍ୟାଳୟର ସିନିୟର ଓ ଜୁନିୟର ପିଲାମାନଙ୍କର ଚିତ୍ରାଙ୍କନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ସହିତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍ଥିକ ଅନଗ୍ରସର ବରିଷ୍ଠ ନାଗରିକଙ୍କୁ କମ୍ବଳ ପ୍ରଦାନ, ୩ଜଣ ଆଶାକର୍ମୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ, ନିକଟସ୍ଥ ବିଦ୍ୟାଳୟର ଟପ୍ପରମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପାରିପଦାର ବରିଷ୍ଠ ଶିକ୍ଷକ ଧ୍ରୁବଚରଣ ସାହୁ, ଦୁଦୁରାଅଣ୍ଟାର ସୁନାମଧନ୍ୟ ଶିକ୍ଷକ ବିଜୟ କୁମାର ନାୟକ ଓ ଥାଲକୁଡ଼ିର ଲୋକପ୍ରିୟ ଶିକ୍ଷକ ସତ୍ୟାନନ୍ଦ ରାୟଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର ବିଜୟାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷକନେତା ତଥା ଅଲଓଷ୍ଟାର ଜିଲ୍ଲା ସଭାପତି ରବୀନ୍ଦ୍ର କୁମାର ପୃଷ୍ଟି, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ଓ ଅବସରପ୍ରାପ୍ତ ବିଇଓ ଅନ୍ନଦା ପ୍ରସାଦ ରଣା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ରଜତ କୁମାର ସାମଲ ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜକିଶୋର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ଅମରେଶ ମହାପାତ୍ର ମାନପତ୍ର ପାଠ କରିଥିଲେ ଓ ସୁବାଷ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ଜୟନାରାୟଣ ବିଶ୍ୱାଳ, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ବିଶ୍ୱାଳ ଓ ସଭ୍ୟ ମନୋରଞ୍ଜନ ସ୍ୱାଇଁ, ରାଜେନ୍ଦ୍ର ବିଶ୍ୱାଳ, ଅକ୍ଷୟ ନାୟକ, ପ୍ରତାପ ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ, ସିତେଶ ବାରିକ ଓ ଦିଗାମ୍ବର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପୁରସ୍କାର ଉତ୍ସବ

ପାଣିକୋଇଲି,୧୯।୧(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତ ମସୁଦପୁର ସ୍ଥିତ ଗୁରୁପ୍ରସାଦ ଉଚ୍ଚ ବିଦ୍ୟାଳୟ ଓ ଅଟଳବିହାରୀ ଉପ୍ରା ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ପୁରସ୍କାର ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୀନାକ ରଂଜନ ଦାସଙ୍କ ସଭାତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ପାଣିକୋଇଲି ଥାନାଧିକାରୀ ରଂଜିତ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ବଡ଼ବିରୁହାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ ଦେବ, ଗୁରୁ ପ୍ରସାଦ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ପାଣି, ଅଟଳ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିନ୍ତାମଣି ଦାସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ସୁରେଶ ଚନ୍ଦ୍ର ସାହୁ ପରିଚୋଳନା କରଇଥିଲେ। ଜାତୀୟସ୍ତର କବାଡ଼ି ପ୍ରତିଯୋଗୀ ସୋୟମ ମଲିକ, ଶୁଭମ ମଲିକଙ୍କୁ ସ୍ୱତନ୍ତ୍ର ଭାବେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ରବିନ୍ଦ୍ର ନାୟକ, ମହେନ୍ଦ୍ର ସେନାପତି, ମନୋଜକୁମାର ବେହେରା, ଲକ୍ଷ୍ମୀନାରାୟଣ କର, ବିଜୟକୁମାର ସ୍ୱାଇଁ, ମଞ୍ଚ ପରିଚଳନାରେ ସହଯୋଗ କରିଥିଲେ। ସଂସ୍କୃତ ଶିକ୍ଷକ ସେବାନାଥ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉଭୟ ବିଦ୍ୟାଳୟ ବିଭିନ୍ନ କ୍ରୀଡାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ସ୍ୱଦେଶୀ ସଙ୍କଳ୍ପ ଯାତ୍ରାକୁ ସ୍ୱାଗତ

ପାଣିକୋଇଲି,୧୯।୧(ସମିସ): ପାଣିକୋଇଲି ଠାରେ ଆଜି ସ୍ୱଦେଶୀ ସଙ୍କଳ୍ପ ଯାତ୍ରାକୁ ବିପୁଳ ସ୍ୱାଗତ କରାଯାଇଛି। ସ୍ୱଦେଶୀ ଜାଗରଣ ମଞ୍ଚ ଓଡିଶା ପୂର୍ବ ପକ୍ଷରୁ ବିଦେଶୀ ଦ୍ରବ୍ୟ ପରିହାର କରି କିପରି ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରାଯାଇ ପାରିବ ସେ ପ୍ରତି ସଚେତନତା କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ ରହିଥିଲା। ସ୍ୱଦେଶୀ ଭାରତ ସମୃଦ୍ଧ ଭାରତ, ଆମେ ବଜାର ଯିବା ସ୍ୱଦେଶୀ ବସ୍ତୁ କିଣିବା, ଆମେ ଓଡ଼ିଆ ଆମ ଭାଷା ଓଡ଼ିଆ, ଦେଶୀ ଜିନିଷ ଭାରି ବଢ଼ିଆ, ମୁଁ ସ୍ୱଦେଶୀ ସଙ୍କଳ୍ପ ନେବି ଦେଶୀ ଜିନିଷକୁ ଭଲ ପାଇବି ଆଦି ସ୍ଲୋଗାନରେ ପ୍ରକମ୍ପିତ ହୋଇଥିଲା। ପାଣିକୋଇଲିଠାରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ଉମେଶ ଜେନା, ବବିତା ମଲ୍ଲିକ, ଜିଲ୍ଲା ସ୍ୱଚ୍ଛ ଭାରତ ଅବାହକ ପ୍ରଫୁଲ୍ଲ ଗିରି, ସାଂସଦଙ୍କ ପ୍ରତିନିଧି ପ୍ରଦୀପ ଧଳ, ପ୍ରମୋଦ ସାହୁ, ନିରଞ୍ଜନ ଘଡ଼ାଇ, ମଣ୍ଡଳ ସଭାପତି ରାକେଶ ଜେନା, ଆଲୋକ ମଲ୍ଲିକ, ଭାସ୍କର ସାହୁ, ଯୁବନେତା ପ୍ରୀତିରଞ୍ଜନ ସାହୁ, ପ୍ରକାଶ ଧଳ, ସୁବାସ ନନ୍ଦ, ପ୍ରଶନ୍ନ ସାମଲ, କାହ୍ନୁ ଚରଣ ଦାସ, ଜୟନ୍ତୀ ସାହୁ, ଦିପ୍ତିମୟୀ କୁଅଁର, ରଶ୍ମୀରଂଜନ ପରିଡା, ବିଷ୍ଣୁ ରଥ, ଜହର ଅଲ୍ଲୀ, ଅଜୟ ସାହୁ, ଆଲୋକ ପରିଡା, ବିକାଶ ଜେନା, କାର୍ତ୍ତିକ ସାହୁଙ୍କ ସମତେ ୫ଶହରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଧର୍ମଶାଳା,୧୯।୧(ସମିସ)




ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୦୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୨ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୭ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଧର୍ମଶାଳା ଜ୍ୟୋତିର୍ମୟ କର, ତହସିଲଦାର, ଧର୍ମଶାଳା, ସମୀର ରଞ୍ଜନ ଦାସ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ସକାଳ
THE SAKALA

ଜୟପୁର
www.sakalaepaper.com

# ଅବକାରୀ ଚଢ଼ଉ, ଦେଶୀ ମଦ ଜବତ

ପୋଡ଼ାଗଡ଼,୧୯।୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଡୁମାଗୁଡା ପଞ୍ଚାୟତ ସଦର ମହକୁମା ଓ ତୁନପାର ଗ୍ରାମରେଲକ୍ଷ୍ମୀପୁର ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇ ୧୭୦୦ ଲିଟର ମହୁଲ ପୋଚ ଓ ୧୬୦ ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ ହୋଇଥିବା ଅବକାରୀ ଓଆଇସି ଲକ୍ଷ୍ମୀପୁର କୁଶ ଜାଲ କହିଛନ୍ତି। ଟିମ୍ ଗଠନ ଗ୍ରାମରେ ଚଢଉ କରାଯାଇଥିଲା। କିନ୍ତୁ କୌଣସି ଲୋକ ଧରା ପଡ଼ିନଥିଲେ। ମଦ ପ୍ରସ୍ତୁତି ଆସବାବପତ୍ର ଜବତ କରିବା ସହ ଏକ ବେନାମୀ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

# ଜଗନ୍ନାଥ ସାଗରରେ ୧୩ ପ୍ରଜାତିର ପକ୍ଷୀ ଚିହ୍ନଟ

ଜୟପୁର, ୧୯ ।୧ (ସମିସ):

ସାରା ରାଜ୍ୟରେ ପକ୍ଷୀ ଗଣତି ଚାଲିଥିବା ବେଳେ ଜୟପୁର ବନାଞ୍ଚଳ ଅଧିନରରେ ରହିଥିବା ୬ଟି ରେଞ୍ଜର ୨୭ଟି ଜଳାଶୟରେ ପକ୍ଷୀ ଚିହ୍ନଟ ସହିତ ଗଣତି ଆରମ୍ଭ ହୋଇଛି। ଏଥିରେ ଜୟପୁର ରେଞ୍ଜର ଜୟନଗର ଜଙ୍ଗଲ ଅଞ୍ଚଳରରେ ରହିଥିବା ଐତିହାସିକ ଜଗନ୍ନାଥ ସାଗର ଜଳାଶୟରେ ଚଳିତ ବର୍ଷ ୧୩ଟି ପ୍ରଜାତିର ପକ୍ଷୀ ବନ ବିଭାଗର ସର୍ଭେ ଦଳ ପକ୍ଷରୁ ଚିହ୍ନଟ କରିଛନ୍ତି। ଏଥଇରେ ଏହି ଗଣତି ଏସିସିଏଫ ଡ. ଅମିତ ପ୍ରକାଶ ନାୟକଙ୍କ ନେତୃତ୍ୱରେ ଜୟନଗର ଫରେଷ୍ଟର ଗୌତମ ସ୍ୱାଇଁ, ବନ ରକ୍ଷକ ଜଗନ୍ନାଥ ସାହୁ ଏବଂ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ। ଏଥିରେ ହଂସ ରାଣି, ସାଧାରଣ କିଙ୍ଗ୍ ଫିସର, ପୋଖରୀ ହିରନ, ନକ ପିଜନ, ସାଧାରଣ ମଇନା,ବିଭିନ୍ନ ପ୍ରଜାତିର ବଗ ପ୍ରଭୃତି ଚିହ୍ନଟ କରାଯାଇଛି। ଏହିପରି ଚଳିତ ବର୍ଷ ଜଗନ୍ନାଥ ସାଗରରେ ଦଳ ନଥିବା ଯୋଗୁଁ ଅଧିକାଂଶ ପକ୍ଷୀ ସ୍ଥାନୀୟ ବାଲିଆ ପଞ୍ଚାୟତର ପାଲିଗୁଡା ଜଳାଶୟକୁ ସ୍ଥାନାନ୍ତରିତ ହୋଇଛନ୍ତି। ସେହିପରି ଗତ ସପ୍ତାହରେ ଜୟପୁର ବନଖଣ୍ଡ ଅଞ୍ଚଳର ଆମ ବଣଭୋଜି ସ୍ଥଳ ନିର୍ମଳ କରିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହିପରି ପାଷ୍ଟିକ ଓ ପଲିଥିନ୍ ବ୍ୟବହାର ବନ୍ଦ କରିବା ଏବଂ ସଫେଇ ଓ ପରିମଳ ଉପରେ ଗୁରୁତ୍ୱ ପ୍ରଦାନ କରିବା ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ବୈଠକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ରେଞ୍ଜର ଦେବେନ୍ଦ୍ର ମାଝି, ଫରେଷ୍ଟର ଗୌତମ ସ୍ୱାଇଁ, ପି.ଶ୍ରୀନିବାସ ରାଓ, ଶଶାଙ୍କ ମହାରଣା ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଜିଲ୍ଲାରେ ବଢୁଛି ସଡ଼କ ଦୁର୍ଘଟଣା

# ବର୍ଷକରେ ଗଲାଣି ୧୫୦ ଜୀବନ

ରାୟଗଡ଼ା,୧୯।୧(ସମିସ): ରାୟଗଡ଼ା ଜିଲ୍ଲାରେ ସଡ଼କ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଇବା ସହ ସାଧାରଣ ଜୀବନକୁ ଗଭୀର ଭାବେ ପ୍ରଭାବିତ କରୁଛି। ଗତ କିଛି ବର୍ଷ ମଧ୍ୟରେ ଘଟୁଥିବା ସଡ଼କ ଦୁର୍ଘଟଣା ସଂଖ୍ୟା ଓ ତାହାର ପରିଣାମ ସମସ୍ତଙ୍କୁ ଉଦ୍‌ବେଗରେ ପକାଇଛି। ଜିଲ୍ଲାର ମୁଖ୍ୟ ସଡ଼କ, ଜାତୀୟ ରାଜପଥ ଏବଂ ସହର-ଗ୍ରାମାଞ୍ଚଳ ସଂଯୋଗ ସଡ଼କରେ ପ୍ରତିଦିନ ଘଟୁଥିବା ଦୁର୍ଘଟଣା ଜିଲ୍ଲାର ସଡ଼କ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଉଛି। ଗତ ୨୦୨୫ ଜାନୁଆରୀରୁ ଡିସେମ୍ବର ଏକ ବର୍ଷ ମଧ୍ୟରେ ରାୟଗଡ଼ା ଜିଲ୍ଲାରେ ୨୪୫ଟି ସଡ଼କ ଦୁର୍ଘଟଣାରେ ୧୫୦ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଗତ ୨୦୨୪ବର୍ଷରେ ମୋଟ ୨୪୧ଟି ସଡକ ଦୁର୍ଘଟଣାରେ ୧୧୯ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୦୬ଜଣ ଗୁରୁତର ଆହତ ହୋଇଥିଲେ। ଯାହାକି ଜିଲ୍ଲାର ଏଭଳି ରିପୋର୍ଟ ଉଦବେଗଜନକ ରହିଥିବା ଜଣାପଡିଛି। ସଡ଼କ ଦୁର୍ଘଟଣାରେ ପ୍ରାଣହାନୀ ସହିତ ଅନେକ ପରିବାର ଅନାଥ ହେଉଛନ୍ତି। ଆହତମାନଙ୍କ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପରିବାରର ଆର୍ଥିକ ଅବସ୍ଥା ଭାଙ୍ଗି ପଡୁଛି। ଏହା ସାମାଜିକ ଓ ଆର୍ଥିକ ଦୁଇ ଦିଗରୁ ଜିଲ୍ଲା ପାଇଁ ଗୁରୁତର ସମସ୍ୟା ରୂପେ ଦେଖାଦେଇଛି। ତୀବ୍ର ଗତିରେ ଗାଡି ଚାଳନା, ମଦ୍ୟପାନ କରି ଗାଡି ଚଳେଇବା, ଟ୍ରିପଲ ରାଇଡିଂ, ହେଲମେଟ୍ ନ ପିନ୍ଧିବା,ସିଟ ବେଲଟ ନ ପିନ୍ଧିବା, ଟ୍ରାଫିକ୍ ନିୟମ ଅମାନ୍ୟ କରିବା ଏବଂ ସଡ଼କ ସୁରକ୍ଷା ନିୟମର ସଚେତନତା ଅଭାବକୁ ଦୁର୍ଘଟଣାର ପ୍ରଧାନ କାରଣ ଭାବେ ଦର୍ଶାଯାଉଛି। ଏହାସହ ଜିଲ୍ଲାର ଅନେକ ସଡକର ଦୂରବସ୍ଥା ଓ ପର୍ଯ୍ୟାପ୍ତ ସଙ୍କେତ ଚିହ୍ନ ନ ଥିବା ମଧ୍ୟ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବା ସ୍ଥାନୀୟ ବୁଦ୍ଧିଜୀବି ମତ ପ୍ରକାଶ କରିଛନ୍ତି। ଜିଲ୍ଲାରେ ଗତବର୍ଷ ୨୦୨୫ ଜାନୁଆରୀରୁ ଡିସେମ୍ବର ଏକ

> ➤ ୩ ମାସରେ ୬୯ଟି ଦୁର୍ଘଟଣାରେ ୪୩ ଜଣଙ୍କ ମୃତ୍ୟୁ
> ➤ ସଡ଼କ ସୁରକ୍ଷା ନିୟମ ମାନି ଚଳିବାକୁ ଯାଞ୍ଚ ଓ ସଚେତନତା

ବର୍ଷ ମଧ୍ୟରେ ଘଟିଥିବା ୨୪୫ଟି ସଡକ ଦୁର୍ଘଟଣାରେ ୧୦୮ ଜଣ ଗୁରୁତର ଆହାତ ହୋଇଥିବା ବେଳେ ୧୩୫ଜଣ ସାମାନ୍ୟ ଆହାତ ହୋଇଥିଲେ। ଏଥିମଧ୍ୟରେ ୧୩୪ଟି ସାଂଘାତିକ ସଡକ ଦୁର୍ଘଟଣା ଘଟିଥିବା ବେଳେ ବର୍ଷଯାକରେ ୩୯୨ଜଣ ଲୋକେ ସଡକ ଦୁର୍ଘଟଣାର ଶୀକାର ହୋଇଛନ୍ତି। ଜାନୁଆରୀ ମାସରେ ୧୮ ଜଣ,ଫେବୃଆରୀରେ ୧୪,ମାର୍ଚ୍ଚରେ ୨୦,ଏପ୍ରିଲରେ ୫, ମଇରେ ୧୬, ଜୁନରେ ୧୪, ଜୁଲାଇରେ ୮, ଅଗଷ୍ଟରେ ୯, ସେପ୍ଟେମ୍ବରରେ ୯ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅକ୍ଟୋବରରେ ୧୮ , ନଭେମ୍ବରରେ ୯ ଏବଂ ଡିସେମ୍ବରରେ ୧୭ ଜଣଙ୍କୁ ମିଶାଇ ମୋଟ ୧୫୦ ଜଣଙ୍କ ମୃତ୍ୟୁ ହୋଇଥିବା ରାୟଗଡ଼ା ଆଞ୍ଚଳିକ ପରିବହନ ବିଭାଗ ତଥ୍ୟ ପ୍ରକାଶ କରୁଛି। ଗତ ବର୍ଷ ଅକ୍ଟୋବର ରୁ ଡିସେମ୍ବର କେବଳ ତିନି ମାସରେ ୬୯ଟି ସଡକ ଦୁର୍ଘଟଣାରେ ୪୩ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଗତ ୨୦୨୫ବର୍ଷରେ ମୃତ୍ୟୁ ସଂଖ୍ୟା ୩୧ଟି ବୃଦ୍ଧି ପାଇଥିବା ବେଳେ ସଡ଼କ ଦୁର୍ଘଟଣା ସଂଖ୍ୟା ମଧ୍ୟ ୩୧ଟିରେ ବୃଦ୍ଧି ପାଇଛି। ଏହି ପରିସ୍ଥିତିକୁ ନେଇ ସାଧାରଣ ଲୋକମାନେ ପ୍ରଶାସନ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସଡକ ମରାମତି, ଗତି ନିୟନ୍ତ୍ରଣ,ନିୟମିତ ଟ୍ରାଫିକ୍ ଯାଞ୍ଚ ଓ ସଚେତନତା ଅଭିଯାନକୁ ଜୋରଦାର କରିବା ପାଇଁ ଦାବି ଉଠୁଛି। ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ନିୟମ ତଥା ସଡକ ସୁରକ୍ଷା ନିୟମ ଉଲଂଘନକାରୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯିବା ସହ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବହୁଳ ମାତ୍ରାରେ କରିବା ପାଇଁ ଆଲୋଚନା ହେଉଛି। ତଥାପ ସଡ଼କ ଦୁର୍ଘଟଣା ରୋକିବା ପାଇଁ କେବଳ ପ୍ରଶାସନ ନୁହେଁ, ସାଧାରଣ ଲୋକଙ୍କ ସଚେତନତା ଓ ଦାୟିତ୍ୱବୋଧ ମଧ୍ୟ ଅତ୍ୟନ୍ତ ଆବଶ୍ୟକ। ଟ୍ରାଫିକ୍ ନିୟମ ମାନିବା, ଯାନ ଚାଳନା ସମୟରେ ସାବଧାନତା ଅବଲମ୍ବନ କରିବା ଏବଂ ସୁରକ୍ଷା ସାଧନ ବ୍ୟବହାର କରିବା ମାଧ୍ୟମରେ ମାତ୍ର ଏହି ଉଦବେଗଜନକ ସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି। ଜିଲ୍ଲାରେ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣା ସଂଖ୍ୟାକୁ ହ୍ରାସ କରିବା ନିମନ୍ତେ ରାୟଗଡ଼ା ଜିଲ୍ଲା ସଡକ ସୁରକ୍ଷା ସମିତି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ.କୁମାର, ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ପାଉଲଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଓ ପରିବହନ ବିଭାଗୀୟ ଅଧିକାରୀମାନେ ସଚେତନତା କାର୍ଯ୍ୟକ୍ରମ, ଏନଫୋର୍ସମେଣ୍ଟ ଭଳି ପଦକ୍ଷେପ ଗ୍ରହଣ କରୁଥିଲେ ମଧ୍ୟ ଦୁର୍ଘଟଣାର ସଂଖ୍ୟା ହ୍ରାସରେ ନିୟନ୍ତ୍ରଣ ହୋଇପାରୁନାହିଁ। ଚଳିତ ଜାନୁଆରୀ ମାସ ୧ତାରିଖରୁ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଜାତୀୟ ସଡକ ସୁରକ୍ଷା ମାସ ପାଳନ ହେଉଥିବା ବେଳେ ଜିଲ୍ଲାର ସମସ୍ତ ବ୍ଲକରେ ପଥପ୍ରାନ୍ତ ନାଟକ,ସଚେତନତା ଶୋଭାଯାତ୍ରା,ଏନଫୋର୍ସମେଣ୍ଟ କରାଯାଉଛି। ଏ ନେଇ ରାୟଗଡ଼ା ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ସମସ୍ତଙ୍କୁ ସଡକ ସୁରକ୍ଷା ନିୟମ ପାଳନ କରିବା, ସଡ଼କ ଦୁର୍ଘଟଣାକୁ ଦୂରେଇ ରହିବା ପାଇଁ ଅନୁରୋଧ କରିଛନ୍ତି।

# ଝଞ୍ଜାବତୀ ମହିଳା ୱାକର୍ସ କ୍ଲବ୍ କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

## ଅନୁସୂୟା ସଭାପତି, ରୀତାରାଣୀ ସଂପାଦିକା



ରାୟଗଡ଼ା,୧୯।୧(ସମିସ): ୱାକର୍ସ ଇଣ୍ଟରନ୍ୟାସନାଲ ସହ ଅନୁବନ୍ଧିତ ରାୟଗଡ଼ା ଝଞ୍ଜାବତୀ ମହିଳା ୱାକର୍ସ କ୍ଲବର ନୂତନ କାର୍ଯ୍ୟକର୍ତା ଚୟନ, ଦାୟିତ୍ୱ ହସ୍ତାନ୍ତର କାର୍ଯ୍ୟକ୍ରମ ଆଜି ୱାକର୍ସ କ୍ଲବ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ବର୍ଷ ପାଇଁ ମହିଳା କ୍ଲବର ସଭାପତି ରୂପେ ଅନୁସୂୟା ମାଝି, ସଂପାଦିକା ଭାବେ ରୀତାରାଣୀ ମିଶ୍ର ଏବଂ କୋଷାଧ୍ୟକ୍ଷା ଭାବେ ବିଜୟାଲକ୍ଷ୍ମୀ ମିଶ୍ର ନୂତନ କାର୍ଯ୍ୟକର୍ତା ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଭାପତି ଶ୍ରୀମତି ଅନୁସୂୟା ପୂର୍ବତନ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହି ଆସିଥିବା ବେଳେ ସମାଜରେ ଅନେକ ଜନମଙ୍ଗଳ କାର୍ଯ୍ୟରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର କାର୍ଯ୍ୟ ଦକ୍ଷତା ଓ ନେତୃତ୍ୱ ଝଂଜାବତୀ ମହିଳା ୱାକର୍ସ କ୍ଲବକୁ ସମାଜରେ ଏକ ଅଗ୍ରଣୀ ମହିଳା କ୍ଲବ ଭାବେ ପ୍ରତିପାଦନ କରିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ସେହିପରି ସଂପାଦିକ ରୀତାରାଣୀ ମିଶ୍ର ଆଇରନ ଲେଡି ଭାବେ ସମ୍ମାନ ପାଇଥିବା ବେଳେ ତାଙ୍କର କାର୍ଯ୍ୟଦକ୍ଷତା ମଧ୍ୟ କ୍ଲବର ଉନ୍ନତି ଆଣିବାରେ ସହାୟକ ହେବ ବୋଲି କୁହାଯାଇଛି। ଆଜିର ଏହି ନୂତନ କାର୍ଯ୍ୟକର୍ତା ଦାୟିତ୍ୱ ହସ୍ତାନ୍ତର କାର୍ଯ୍ୟକ୍ରମରେ ୱାକର୍ସ କ୍ଲବ୍ ସଭାପତି ବ୍ରଜସୁନ୍ଦର ନାୟକ, ଉପଦେଷ୍ଟା ସତ୍ୟବାଦୀ ପତି, ରିଜିଓନାଲ କାଉନସିଲର କିଶୋର ଚନ୍ଦ୍ର ପଣ୍ଡା, ପ୍ରତାପଚନ୍ଦ୍ର ବାଉରୀ, ଟି.ଜୟରାମଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଚୟନ ହୋଇଥିବା ନୂତନ କାର୍ଯ୍ୟକର୍ତାଙ୍କୁ ଶୁଭେଚ୍ଛା ଜଣାଇଥିବା ସହ ଦାୟିତ୍ୱ ବିଷୟରେ ଅବଗତ କରାଇଥିଲେ।

# ମଦ ବିକ୍ରି ବନ୍ଦ କରିବାକୁ ନାରୀ ମହାସଂଘର ଦାବିପତ୍ର



ଉମରକୋଟ ୧୯।୧(ସମିସ): ଉମରକୋଟ ପୌର ପରିଷଦରେ ଅତିରିକ୍ତ ଜିଲାପାଳଙ୍କ ମିଳିତ ଜନ ଶୁଣାଣି ଚାଲିଥିବା ବେଳେ ମଦ ବିକ୍ରିକୁ ବିରୋଧ କରି ଚନ୍ଦାହାଣ୍ଡି ନାରୀ ମହାସଂଘର ୫୦ରୁ ଅଧିକ ମହିଳା ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଓ ଜିଲ୍ଲା ଅବକାରୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ଚନ୍ଦାହାଣ୍ଡି ପରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦିନକୁ ଦିନ ମଦୁଆଙ୍କ ସଂଖ୍ୟା ବୃଦ୍ଧି ପାଇବା ଓ ଗାଁ ଗାଁରେ ମଦ କାରବାର ହେତୁ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି। ଫଳରେ ଘରେ ଘରେ ପ୍ରତି ଦିନ ଝଗଡା, ମାର ପିଟ, ମହିଳା ମାନଙ୍କ ପ୍ରତି ଘରୋଇ ହିଂସା ବଢୁଛି ବୋଲି ଚନ୍ଦାହାଣ୍ଡି ନାରୀ ଶକ୍ତି ଅଭିଯୋଗ ଆଣିଛି। କୁଲି ମଜୁରୀ କରି ଚାଲୁଥିବା ପରିବାର ମଦ ପାଇଁ ସର୍ବନାଶ ହେଉଛି। ଗାଁ ଗାଁ ରେ ବିହାରୀ ଦେଶୀ ଭାଟି ଓ ବିଦେଶୀ ମଦ ପାଇଁ ଅକାରଣେ ହସ ଖୁସିର ପରିବାର ଉଜୁଡି ଯାଉଛି। ବହୁ ପରିବାର ବାପ ଛେଉଣ୍ଡ ହେଉଛନ୍ତି। ନାରୀ ମହାସଂଘଙ୍କ କହିବା ଅନୁଯାୟୀ ମଦ ବନ୍ଦ ପାଇଁ ଯଦି ସରକାର ସ୍ଥାନୀୟ ନାରୀ ମହାସଂଘ ଓ ପୁଲିସର ମିଳିତ ଉଦ୍ୟମରେ ଏକ କମିଟି ଗଠନ କରନ୍ତେ, ତାହେଲେ ମଦ ଓ ମଦୁଆଙ୍କ ସଂଖ୍ୟା କମିପାରନ୍ତା। ସରକାରଙ୍କ ନିତି ନିୟମକୁ ଉଲ୍ଲଂଘନ କରାଯାଉଛି, ଆଗାମୀ ୧୫ ଦିନରେ ଯଦି ସମସ୍ୟାର ସମାଧାନ ନହୁଏ, ନାରୀ ସଂଘ ନିଜେ ଆଇନକୁ ହାତକୁ ନେଇ ମଦ ଦୋକାନ ବନ୍ଦ କରିବ ବୋଲି ନାରୀ ସଂଘର କର୍ମକର୍ତ୍ତା ମାନେ କହିଛନ୍ତି। ନାରୀ ସଂଘର ଦାବିପତ୍ର ବିଷୟରେ ଅବଗତ ହୋଇ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବରମନ ଓ ଉମରକୋଟ ଅବକାରୀ ଅଧିକାରୀ ରଞ୍ଜୁଲତା ବାରିକ ଦାବି ପତ୍ର ଗ୍ରହଣ କରିଥିଲେ। ଏ ସମସ୍ୟା ସମ୍ପର୍କରେ ଜିଲ୍ଲା ଅବକାରୀ ବିଭାଗକୁ ଜଣାଇବା ସହ ଦାବିପତ୍ର ଉପରେ ଆଲୋଚନା କରାଯିବ ବୋଲି କହିଥିଲେ। ଅଭିଯୋଗକାରୀଙ୍କ ମଧ୍ୟରୁ ଚନ୍ଦାହାଣ୍ଡି ନାରୀ ମହାସଂଘ ସଭାନେତ୍ରୀ ଜୟନ୍ତୀ ମାଝୀ, ଉପସଭାପତି ଗୋମତୀ ପୂଜାରୀ, ସମ୍ପାଦିକା ପାର୍ବତୀ ଧାରୁଆ, ସଦସ୍ୟଙ୍କ ମଧ୍ୟରେ ପାର୍ବତୀ ମାଝୀ, ମୁକ୍ତେଶ୍ୱରୀ ମାଝୀ, ସୁନାଦେଇ ପୂଜାରୀ, ଗୀତ ସୋରି, ଲୋଚନୀ ଭୋଇ, ଜୟବାଲି ନାୟକ ପ୍ରମୁଖ ଓ ଯୁବ ସମାଜସେବୀ ରାଜେଶ ଯାନୀଙ୍କ ସହ ଏକାଧିକ ମହିଳା ଉପସ୍ଥିତ ଥିଲେ।

# ନକଲି ପ୍ରମାଣପତ୍ରରେ ନିଯୁକ୍ତି; ଜିଲ୍ଲାପାଳଙ୍କ ଦ୍ୱାରସ୍ଥ କୋଟିଆବାସୀ

କୋରାପୁଟ,୧୯।୧(ସମିସ): କୋରାପୁଟ ଜିଲ୍ଲାରେ ୧୨୨ଟି ଗୃହରକ୍ଷୀ ପଦବୀ ପାଇଁ ଗତ ବର୍ଷ ସେପ୍ଟେମ୍ବର ମାସ ୧୭ ତାରିଖ ଦିନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାରୁ ୭୦୦୦ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ। ସେହିମାସ ୨୧ ତାରିଖରେ ଫଳାଫଳ ମଧ୍ୟ ଘୋଷଣା ହୋଇଥିଲା। ଏହି ପଦବୀ ପାଇଁ କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତରୁ ୧୫ ଜଣ ପ୍ରାର୍ଥୀ ଗୃହରକ୍ଷୀ ପରୀକ୍ଷା ଦେଇଥିଲେ ଓ ସେଥିମଧ୍ୟରୁ ୩ ଜଣ ଉକ୍ତ ପଦବୀ ପାଇଁ ଚୟନ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସୁଜିତ କୁମାର ପଡାସେଠୀ ନାମକ ଯୁବକ ନକଲି ବାସିନ୍ଦା ପ୍ରମାଣ ପତ୍ର ଦେଇ ଚାକିରି ପାଇଥିବା ନେଇ କୋଟିଆ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ଉକ୍ତ ଯୁବକ ଜଣକ ନିଜ ବାସସ୍ଥାନ କୋଟିଆ ପଞ୍ଚାୟତର ମାଡ଼କାର ଗ୍ରାମ ବୋଲି ଦର୍ଶାଇଛନ୍ତି। ପ୍ରକୃତରେ ଉକ୍ତ ଯୁବକ ଜଣ ପଟାଙ୍ଗି ବ୍ଲକ ଅନ୍ତର୍ଗତ ପୁକାଲି ପଞ୍ଚାୟତର ହୋଇଥିବା ବେଳେ ସେ କେମିତି କୋଟିଆର ମାଡ଼କାର ଗ୍ରାମର ବାସିନ୍ଦା ପ୍ରମାଣ ପତ୍ର ପାଇଲେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। କୋଟିଆ ପଞ୍ଚାୟତରେ ଉକ୍ତ ଯୁବକ ରହୁ ନଥିବା ବେଳେ ତାଙ୍କର ଘର କିମ୍ବା ଜମି ବାଡ଼ି ଉକ୍ତ ଅଞ୍ଚଳରେ ନାହିଁ। ଉକ୍ତ ଯୁବକ ନକଲି ବାସିନ୍ଦା ପ୍ରମାଣପତ୍ର ଦେଇ ଗୃହରକ୍ଷୀ ଚାକିରି ହାତେଇ ଥିବା ନେଇ କୋଟିଆ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଏହାର ବିଦ୍ଧିବଦ୍ଧ ତଦନ୍ତ କରିବାକୁ ଦାବି କରିଛନ୍ତି।

# ୫ ରେଳ ରୁଟ୍ ପାଇଁ ବସିବ ସ୍ୱତନ୍ତ୍ର କଂଟ୍ରୋଲ୍ ବୋର୍ଡ

ରାୟଗଡ଼ା,୧୯।୧(ସମିସ): ପୂର୍ବତଟ ରେଳବାଇର ରାୟଗଡ଼ା ରେଳ ଡିଭିଜନ ସ୍ଥାପନା କାର୍ଯ୍ୟରେ ଅଗ୍ରଗତି ହୋଇଥିଲେ ମଧ୍ୟ ଟ୍ରେନ୍ ଯାତାୟତ ସିଗନାଲ୍ ବ୍ୟବସ୍ଥା ସମେତ ଅନ୍ୟାନ୍ୟ ଟେକ୍ନିକାଲ ବ୍ୟବସ୍ଥାର କଣ୍ଟ୍ରୋଲ ବର୍ତମାନ ମଧ୍ୟ ୱାଲଟିୟର ରେଳ ଡିଭିଜନ୍ ଅଧୀନରେ ରହିଛି। ତେଣୁ ରାୟଗଡା ଡିଆରଏମ୍‌ଙ୍କ ଅଧୀନରେ ବର୍ତମାନ ଏହି ସବୁ ନିୟନ୍ତ୍ରଣ ପାଇଁ ୪ଟି କଣ୍ଟ୍ରୋଲ ବୋର୍ ପାଇଁ ଇଷ୍ଟକୋଷ୍ଟ ରେଲୱେରୁ ଅନୁମତି ମିଳିଛି। ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି କୋରାପୁଟ ଏମପି ସପ୍ତଗିରି ଶଙ୍କର ଉଲାକା। ଏମପି ଉଲାକା ଏନେଇ ପୂର୍ବରୁ ବାରମ୍ବାର ଲୋକସଭା ଓ ରେଲୱେ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। କୋତାଭାଲସା-କୋରାପୁଟ, କୋରାପୁଟ-କିରାଣ୍ଡୁଲ ପାଇଁ ଦୁଇଟି ସ୍ୱତନ୍ତ୍ର କଂଟ୍ରୋଲ ବୋର ବସିବ। ସେହିଭଳି ରାୟଗଡ଼ା-କୋରାପୁଟ ଏବଂ କୁନେରୁ-ରାୟଗଡ଼ା-ଥେରୁବାଲି ପାଇଁ ସ୍ୱତନ୍ତ୍ର ଗୋଟିଏ ଲେଖାଏଁ କଂଟ୍ରୋଲ ବୋର୍ଡ କାର୍ଯ୍ୟକ୍ଷମ କରାଯିବ। ଏତଦବ୍ୟତିତ ପାରଳାଖେମୁଣ୍ଡି-

> ରାୟଗଡ଼ା ଡିଆରଏମ୍ କାର୍ଯ୍ୟାଳୟରୁ ହେବ ନିୟନ୍ତ୍ରଣ

ଗୁଣପୁର ରେଳପଥ ପାଇଁ ମଧ୍ୟ ସ୍ୱତନ୍ତ୍ର କଂଟ୍ରୋଲ ବୋର୍ଡ ବସିବା ନେଇ ରାୟଗଡ଼ା ରେଳ ଡିଭିଜନ୍ ଡିଆରଏମ୍ ଅମିତାଭ ସିଂଘଲ ସୂଚନା ଦେଇଛନ୍ତି।

# ବିପିଏଲ୍ ଚାମ୍ପିଅନ୍ ଟିମ୍‌ର ଚାରାରୋପଣ

ବୈପାରିଗୁଡ଼ା,୧୯।୧(ସମିସ): ବିପିଏଲ୍ ସିଜନ୍-୫ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ରୟାଲ ଏକାଦଶ ଦଳ ତରଫରୁ ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ବୃକ୍ଷ ରୋପଣ କରିଥିଲେ। ମିନି ଷ୍ଟାଡିୟମ ଠାରେ ବୈପାରିଗୁଡା ବ୍ଲକର ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥାଏ। ଗ୍ରୀଷ୍ମ ଋତୁରେ ଖରା ଦାଉରୁ ରକ୍ଷା ପାଇବା ପାଇଁ ଏହି ପଦକ୍ଷେପ ନିଆଯାଇନଥିବା ରୋୟାଲ ଏକାଦଶ ଦଳର ପ୍ରତିଷ୍ଠାତା ମାନେ ପ୍ରକାଶ କରିଛନ୍ତି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୋଟ ୨୦ଟି ବିଭିନ୍ନ ପ୍ରକାରର ଝାଙ୍କାଳିଆ ଗଛର ଚାରା ରୋପଣ କରାଯାଇଛି। ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ରୋୟାଲ ଏକାଦଶ ଦଳର ପ୍ରତିଷ୍ଠାତା ସୁଧାଂଶୁ ଶେଖର ଜେନା, ବିକ୍ରମ ଦେବ ପାତ୍ର, ତନ୍ମୟ ସାହୁ, ହରିଶ୍ଚନ୍ଦ୍ର ମେହେର, ଶିକନ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# ଚୋରି ବ୍ୟାଟେରୀ, ତମ୍ବା ତାର ଜବତ: ୩ ଗିରଫ

କୋରାପୁଟ,୧୯।୧(ସମିସ): କୋରାପୁଟ ଟାଉନ ଥାନା ପୁଲିସ ଦ୍ୱାରା ଚୋରି ବ୍ୟାଟେରୀ ଓ ତମ୍ବା ତାର ଜବତ କରାଯିବା ସହ ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଥିବା ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ଟାଉନ ଥାନା ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତି ଅନୁଯାୟୀ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନିଲ କୁମାର ତାଣ୍ଡି ୧୮ ତାରିଖ ସନ୍ଧ୍ୟାରେ ଟାଉନ ଥାନାରେ ପହଞ୍ଚି ତାଙ୍କ ଅଫିସ ପରିସରରୁ କେହି ଦୁର୍ବୃତ୍ତ ତମ୍ବା ତାର ଚୋରି କରି ନେଇଥିବା ଲିଖିତ ଅଭିଯୋଗ କରିଥିଲେ। ସେହିପରି ୧୩ ତାରିଖ ସନ୍ଧ୍ୟାରେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲ ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ମଧୁସୂଦନ ବଳିଆରସିଂ ଥାନାରେ ପହଞ୍ଚି ରକ୍ତ ପରିବହନ କରୁଥିବା ଗାଡ଼ିର ବ୍ୟାଟେରୀ ଚୋରି ହୋଇଥିବା ଅଭିଯୋଗ କରିଥିଲେ। ଟାଉନ ଥାନା ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସବ ଇନ୍ସପେକ୍ଟର କରୁଣାକର ଶବର ଏବଂ ଏଏସଆଇ ବାଳକୃଷ୍ଣ ରଥ ଦୁଇଟି ମାମଲାର ତଦନ୍ତ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କୋରାପୁଟ ସଦର ଥାନା ପୋଡେଇପୁଟ ଗ୍ରାମର ସଞ୍ଜୟ ମୁଦୁଲି (୧୯) କୁ ଥାନାକୁ ଆଣି ଜେରା କରିବା ପରେ ସେ ଉଭୟ ଜିନିଷ ଚୋରି କରିଥିବା ମାନିଥିଲା। ଚୋରି ତମ୍ବା ତାର କୋରାପୁଟ ଭାଣ୍ଡି ସାହିର ନରସିଂହ ସାହୁଙ୍କୁ ୫୦୦ ଟଙ୍କାରେ ଓ ବ୍ୟାଟେରୀ ହାଟପଦାର ଭି ବାସୁଦେବ ରାଓଙ୍କୁ ୨୦୦ ଟଙ୍କାରେ ବିକ୍ରି କରିଥିବା ଗିରଫ ଅଭିଯୁକ୍ତ ସଞ୍ଜୟ ମୁଦୁଲି କହିବା ପରେ ପୁଲିସ ଉଭୟଙ୍କୁ ଗିରଫ କରି ଚୋରି ସାମଗ୍ରୀ ଜବତ କରିଥିଲେ। ଗିରଫ ତିନିଜଣଙ୍କୁ କୋର୍ଟ ଚାଲାଣ କରା ଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

## କଟ୍‌ନୀଛଟ୍‌ନୀକୁ ନେଇ ତାତିଲେ ଚାଷୀ

# ମିଳିତ ଅଭିଯୋଗ ଶୁଣାଣିରେ ଅଧିକାରୀଙ୍କୁ ଘେରିଲେ




ବୈପାରିଗୁଡ଼ା,୧୯।୧(ସମିସ): ବୈପାରିଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୫୨ ଟି ଅଭିଯୋଗ ଶୁଣାଣି ହୋଇଥିବା ବେଳେ ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ଓ ୩୫ଟି ସାମୂ ହିକ ଅଭିଯୋଗ ଥିଲା। ବିଶେଷ କରି ଧାନ ମଣ୍ଡିର ଅବ୍ୟବସ୍ଥାକୁ ନେଇ ଚାଷୀ ତାତିଲେ ଏବଂ ଅଧିକାରୀଙ୍କୁ ଘେରିଲେ। ବୈପାରୀଗୁଡା ବ୍ଲକ ବିଭିନ୍ନ ମଣ୍ଡିରେ ମିଲର୍ସଙ୍କ ମନମାନିକୁ ବିରୋଧ କରାଯାଇଥିଲା ଏବଂ ମହୁଲି ସ୍ଥିତ ଗୋଲଡେନ ମିଲରେ କ୍ୱିଣ୍ଟାଲ ପିଛା ୧୫ କିଲୋ କଟ୍‌ନୀଛଟ୍‌ନୀ ବାବଦକୁ ଧାନ କାଟୁଥିବା ଅଭିଯୋଗ ହୋଇଛ। ହେଲେ ଏନେଇ ଅଧିକାରୀଙ୍କ ନିକଟରୁ କୌଣସି ସନ୍ତୋଷ ଜନକ ଉତ୍ତର ନ ପାଇ ଫେରିଥିଲେ ଚାଷୀ। ଅଗାମି ଦିନରେ ଚାଷୀ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ଗାଁ ଗହଳି ଏବଂ ବିଭିନ୍ନ ସାହି ରାସ୍ତା ନିର୍ମାଣ ଏବଂ ପାନୀୟ ଜଳର ସମସ୍ୟା, ମିଶନ ଶକ୍ତି ଭବନ କାର୍ଯ୍ୟକ୍ଷେମ, ଏକଲବ୍ୟ ସ୍କୁଲ କୋଠା ନିର୍ମାଣ. ଶେଷ , ବିଭିନ୍ନ ସ୍ଥାନରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ତେନ୍ତୁଳିଗୁମ୍ମା ଏବଂ ଦଣ୍ଡାବାଡି ପଞ୍ଚାୟତରେ ଧାନ ମଣ୍ଡି ଖୋଲିବା, ଟ୍ରାଫିକ ବ୍ୟବସ୍ଥା, ଆଦି ଜନ ଶୁଣାଣି ହୋଇଥିଲା। ଆଜିର ମିଳିତ ଜନଶୁଣାଣି ଅବସରରେ ଜୟପୁର ଉପ ଜିଲ୍ଲାପାଳ ଏ ଶସ୍ୟା ରେଡି, ଜିଲ୍ଲା ଅତିରିକ୍ତ ଆରୋକ୍ଷୀ ଅଧିକ୍ଷକ ମନୋଜ କୁମାର ପୂଜାରୀ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବେଣୁଧର ସବର, ଆଇଟିଡିଏର ତିରୁପତି ବରାଲ, ସ୍ଥାନୀୟ ବିଡ଼ିଓ ସୁବ୍ରତ ସାହୁ ଏବଂ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତାଙ୍କ ସମେତ ଅନ୍ୟ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

● ଉମରକୋଟ ଜନଶୁଣାଣି ଶିବିର

# ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର ବାଣ୍ଟିଲେ ମନ୍ତ୍ରୀ



**ଉମରକୋଟ ୧୯।୧ (ସମିସ):** ଉମରକୋଟ ପୌରପରିଷଦ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଭିଯୋଗ ଶୁଣାଣି ଶିବିର ପରିଦର୍ଶନ କରି ଦିବ୍ୟାଙ୍ଗ ମାନଙ୍କୁ ଉତ୍ସାହିତ କରିବା ସହ ୫ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର ପ୍ରଦାନ କରିଥିଲେ ଓ କୃତ୍ରିମ ଅଙ୍ଗ ମାପ ପାଇଁ ଅପେକ୍ଷାରତ ଦିବ୍ୟାଙ୍ଗ ମାନଙ୍କ ସହ ସମୟ ଅତିବାହିତ କରିଥିଲେ। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ପୌରପରିଷ ର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।ଏହି ଜନ ଶୁଣାଣି ଶିବିରରେ ମୋଟ ୨୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୩ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କ ୫ଟି ହୁଇଲ ଚେୟାର, ୯ ଜଣ ଅଙ୍ଗହୀନ ଦିବ୍ୟାଙ୍ଗଙ୍କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମଞ୍ଜୁରୀ କରାଯାଇଥିଲା। ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୨୬ ଜଣ ରୋଗୀଙ୍କୁ ଉତ୍ତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ରରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଗଲା।

# ସେମିଳିଗୁଡ଼ା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ସେମିଳିଗୁଡ଼ା,୧୯।୧(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ମହାବିଦ୍ୟାଳୟର ୪୦ତମ ବାର୍ଷିକୀ ସମାରୋହ ଏବଂ ତିନିଦିବସୀୟ ଯୁବ ଉତ୍ସବ "ଅରା ୨୦୨୬"ର ତୃତୀୟ ଓ ଶେଷ ଦିବସ ଅତ୍ୟନ୍ତ ଉଲ୍ଲାସ, ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ବିଶେଷ ଦିବସର ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଶ୍ରୀ ଜେନା ନିଜ ଅଭିଭାଷଣ ରେ "ଶିକ୍ଷା ହେଉଛି ସଶକ୍ତିକରଣର ମୂଳଦୁଆ। ଏହି କୋରାପୁଟ ଅଞ୍ଚଳର ଛାତ୍ରଛାତ୍ରୀମାନେ ଯେଉଁ ପ୍ରତିଭା ଓ ମେଧା ପ୍ରଦର୍ଶନ କରୁଛନ୍ତି, ତାହା ଓଡ଼ିଶାର ଭବିଷ୍ୟତ ପାଇଁ ଶୁଭ ସୂଚନା। ମହାବିଦ୍ୟାଳୟର ଗୌରବମୟ ୪୦ ବର୍ଷର ଯାତ୍ରାକୁ ଅଭିନନ୍ଦନ ଜଣାଇ ପ୍ରତିଷ୍ଠାତା କୃଷ୍ଣ ସିଂହଙ୍କୁ ଭୂୟଶୀ ପ୍ରଶଂସା କରି ଏହାର ବିକାଶ ପାଇଁ ସରକାରଙ୍କ ସହଯୋଗର ଆଶ୍ୱାସନା ଦେଇଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ କୋରାପୁଟର ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ୍, ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର ସହିତ ଅନେକ ଗଣମାନ୍ୟ ଅତିଥି ଉପସ୍ଥିତ ଥିଲେ। ସେମାନେ ବାର୍ଷିକୀ ଉତ୍ସବରେ ବିଭିନ୍ନ ସାଂସ୍କୃତିକ ଏବଂ ସାହିତ୍ୟିକ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସି ସିଂହ ଏହି ସଭାରେ ସଭାପତିତ୍ୱ କରିଥିଲେ। ୟୁଥ ରେଡ୍ କ୍ରସର କାଉନସିଲର ତଥା ଏହି ଶିବିରର ସଂଯୋଜକ ଶିବାଶିଷ ପଟ୍ଟନାୟକ ଓ ଅର୍ଥନୀତି ବିଭାଗର ଅଧ୍ୟାପିକା ରୋନାଲି ନାୟକ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ। ଶେଷ ଦିବସରେ ବାର୍ଷିକୀ ସହିତ ଯୁବ ଉତ୍ସବ "ଅରା'ର ସମାପ୍ତି ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ମନୋମୁଗ୍ଧକର ସାଂସ୍କୃତିକ ପ୍ରଦର୍ଶନ, ଗୀତ, ନାଟକ ଓ ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅଧ୍ୟାପକ, ଅଧ୍ୟାପିକ, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ସମାବେଶରେ ମହାବିଦ୍ୟାଳୟ ପରିସର ଏକ ଉତ୍ସବମୁଖର ପରିବେଶରେ ପରିଣତ ହୋଇଥିଲା। କାର୍ଯ୍ୟକ୍ରମର ସଫଳ ଶେଷ ମାଧ୍ୟମରେ ସେମିଳିଗୁଡ଼ା ମହାବିଦ୍ୟାଳୟ ତା'ର ଚାରି ଦଶନ୍ଧିର ସଫଳ ଯାତ୍ରା ପାଇଁ ଏକ ଶକ୍ତିଶାଳୀ ବିବରଣୀ ରଚନା କରିଛି। କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଶିବ ମୁଦୁଲି, ଜିଲ୍ଲା ସାଧାରଣ ସମ୍ପାଦକ ଚୈତନ ହନ୍ତାଳ, ଜିଲ୍ଲା ଉପସଭାପତି ସୁଧାଂଶୁ ଶେଖର ଜେନା, ଜିଲ୍ଲା ସମ୍ପାଦିକା ସନ୍ତୋଷିନୀ ଜେନା, ଜିଲ୍ଲା ଇଟି ସେଲ ବଦ୍ରିନାରାୟଣ ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ଜୟରାମ ଗରଡ଼ା, ମଣ୍ଡଳ ଉପସଭାପତି ଗୋବିନ୍ଦ କଣ୍ଟା, ମଣ୍ଡଳ ସଭାପତି ଟୁନା ଖରା, ମଣ୍ଡଳ ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ଜେନା, ଉପସଭାପତି ଲକ୍ଷ୍ମୀ ଖରା, ପାରିଷଦ ସବିତା ଖରା ନେତା କର୍ମୀ ଯୋଗ ଦେଇଥିଲେ।

## ବନ ବିଭାଗର ପକ୍ଷୀ ଗଣନା

# ୭୦ ପ୍ରଜାତି ପକ୍ଷୀ ଚିହ୍ନଟ





ମାଲକାନଗିରି,୧୯ ।୧ (ସମିସ): ମାଲକାନଗିରି ବନ ବିଭାଗ ପକ୍ଷରୁ ଜିଲ୍ଲା ର ବିଭିନ୍ନ ରେଞ୍ଜ ପକ୍ଷରୁ ପକ୍ଷୀ ଗଣନା ଆଜି ହୋଇଛି ।ସତୀଗୁଡା, ଚିତ୍ରକୋଣ୍ଡା ବାଲିମେଳା ଜଳ ଭଣ୍ଡାର ସହିତ ସିଲେରୁ,ସାବେରୀ, ସପ୍ତଧାରା, ପାଙ୍ଗମ, ତମସା ଆଦି ନଦୀ ଓ ଜଳ ପ୍ରପାତ ଗୁଡିକ ରେ ରବିବାର ଭୋରୁ ଅପରାହ୍ନ ପର୍ଯ୍ୟନ୍ତ ପକ୍ଷୀ ଗଣନା କରା ଯାଇ ୬୦ ପ୍ରଜାତି ଦେଶୀ ଓ ୧୦ ପ୍ରଜାତିର ବିଦେଶୀ ପକ୍ଷୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ କରା ଯାଇଥିବାର ଡିଏଫଓ ସାଇକିରନ ଡି. ଏନ, ଓ ସହକାରୀ ବନ ସଂରକ୍ଷକ ମୁନୁସୁନ ଖେମୁଣ୍ଡୁ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରଥମ ଥର କରି ଚଳିତ ବର୍ଷ ହାଇସ୍କୁଲ କଲେଜ ର ଛାତ୍ର ଛତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ମାନେ ଅଂଶ ଗ୍ରହଣ କରି ପକ୍ଷୀ ଗଣନା ସମ୍ପର୍କ ରେ ଅଭିଜ୍ଞତା ଅର୍ଜନ କରିଥିଲେ।ମାଲକାନଗିରି ବନଖଣ୍ଡରେ ଜଳପକ୍ଷୀ ଗଣନା ମୋଟ ୯ଟି ସ୍ଥାନରେ ୨୪ଟି ଦଳ ଦ୍ୱାରା କରାଯାଇଥିଲା। ଚଳିତ ବର୍ଷ ଶୀତ ଋତୁରେ ଜିଲ୍ଲାକୁ ଆସୁଥିବା ବିଭିନ୍ନ ପ୍ରବାସୀ ପକ୍ଷୀମାନଙ୍କ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଗଣନା ସମୟରେ ୬୦ରୁ ଅଧିକ ପ୍ରଜାତିର ଦେଶୀ ଓ ୧୦ ରୁ ଅଧିକ ବିଦେଶୀ ପ୍ରଜାତିର ପକ୍ଷୀ ଚିହ୍ନଟ କରାଯାଇଛି। ଯେଉଁଥିରେ ଟଫ୍ଟେଡ୍ ଡକ୍, ନର୍ଦର୍ଣ୍ଣ ପିଣ୍ଟେଲ୍, ରେଡ୍-କ୍ରେଷ୍ଟେଡ୍ ପୋଚାର୍ଡ ଇତ୍ୟାଦି ପ୍ରବାସୀ ପ୍ରଜାତି ଅନ୍ତର୍ଭୁକ୍ତଥିବାର ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ପକ୍ଷୀ ଗଣନା କାର୍ଯ୍ୟରେ ମାଲକାନଗିରି ବନ ଖଣ୍ଡ ଅଧିକାରୀ ସାଇ କିରନ ଡି.ଏନ, ସହକାରି ବନ ସଂରକ୍ଷକ ମୁନ ସୁନ ଖେମୁଣ୍ଡୁ ଓ ପ୍ରୟଙ୍କାଙ୍କ ସହିତ ମାଲକାନଗିରି, କାଲିମେଳା, ବାଲିମେଳା, ମୋଟୁ, ଚିତ୍ରକୋଣ୍ଡା, ମାଥିଲି, ରେଞ୍ଜର ଓ ବନ କର୍ମଚାରୀ ମାନେ ସାମିଲ ଥିଲେ। ବିଶେଷ କରି ମାଲକାନଗିରି ରେଞ୍ଜ ଅଧୀନ ସତୀଗୁଡା ଜଳ ଭଣ୍ଡାର ମଧ୍ୟରୁ ଆଜି ବିଭିନ୍ନ ପ୍ରଜାତିର ମୋଟ ୩୨୦୩ଟି ପକ୍ଷୀ ଗଣନା କରା ଯାଇଥିବାର ମାଲକାନଗିରି ରେଞ୍ଜର ରମେଶ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# ଅଚିହ୍ନା ମୃତଦେହ ଉଦ୍ଧାର

ପୋଡ଼ାଗଡ଼,୧୯।୧(ସମିସ): କୋରାପୁଟ ଜିଲ୍ଲା ସଦର ଥାନା ଅନ୍ତର୍ଗତ ପୋଡ଼ାଗଡ଼ ଆଦିବାସୀ ସାହି ନିକଟ ଆମ୍ବତୋଟା ନିକଟରୁ ଏକ ଗଳିତ ମୃତ୍ୟୁ ଦେହ ଉଦ୍ଧାର କରାଯାଇଛି। ଏ ସମ୍ପର୍କରେ ସରପଞ୍ଚଙ୍କ ସ୍ୱାମୀ ଚୈତନ୍ୟ ଭଇ କୋରାପୁଟ ସଦର ପୁଲିସକୁ ଜଣାଇଥିଲେ। ସୂଚନା ପାଇବା ପରେ କୋରାପୁଟ ସଦର ଥାନା ଅଧିକାରୀ ରୁନୁ ମାଝୀଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ସହ ସାଇଣ୍ଟିଫିକ୍ ଟିମ ଆସି ତଦନ୍ତ କରିବା ସହ ଗଳିତ ମୃତଦେହ ଉଦ୍ଧାର କରିଥିଲେ। ସଦର ଥାନା ଅଧିକାରୀଙ୍କ ସମେତ ଇନ୍ସପେକ୍ଟର ଫକୀର ମୋହନ ଖରା ଏଏସଆଇ ସୁଶାନ୍ତ କୁମାର ଗଉଡ଼, କନଷ୍ଟେବଲ ଦେବୀପ୍ରସାଦ ମଲ୍ଲିକ, କନଷ୍ଟେବଲ ମାନସ ରଞ୍ଜନ ଚମ୍ପତି ଉପସ୍ଥିତ ଥିଲେ। ମାଜିଷ୍ଟ୍ରେଟ ତଥା ଦଶମନ୍ତପୁର ଅତିରିକ୍ତ ତହସିଲଦର ଜଗୁ ପୂଜାରୀଙ୍କ ଉପସ୍ଥିତିରେ ଗଳିତ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲକୁ ପଠାଇବା ସହ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ କହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତବ୍ୟକ୍ତିର ପରିଚୟର ମିଳିନାହିଁ।

# ମନୋରମା ମହାପାତ୍ରଙ୍କ କବିତା ବନିତା ପୁସ୍ତକ ଉନ୍ମୋଚିତ



ନବରଙ୍ଗପୁର/ରାଇଘର,୧୯।୧ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ସମିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସନାତନ ସ୍ମୃତି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅଷ୍ଟାଦଶ ବାର୍ଷିକ ଉତ୍ସବରେ ମନୋରମା ମହାପାତ୍ରଙ୍କ କବିତା, ବନିତା ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ପଞ୍ଚାୟତ ସମିତିର ଇଂରାଜୀ ଅଧ୍ୟାପକ ଦୀନବନ୍ଧୁ ନନ୍ଦିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲ୍ଲଭ ରାଉତ, ମୁଖ୍ୟବକ୍ତା ଭାବେ ଡ. ସୁରେନ୍ଦ୍ରନାଥ ଦାସ, ସମ୍ମାନିତ ବକ୍ତା ଭାବେ ପ୍ରଫୁଲ୍ଲ ରାଉତ, ଟୁଟୁ ବାବୁ ପଟନାୟକ, ଲକ୍ଷ୍ମୀକାନ୍ତ ବାହନ ପତି, ମନୋରମା ମହାପାତ୍ର ଥିବା ବେଳେ ସମୀକ୍ଷକ ଭାବେ ଝରୀଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ଅଧ୍ୟାପକ ଗୋପାଳ ମହାରଣା ଯୋଗ ଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ସଭାପତି ଭାବେ ସାଇମନ ବିଡିକା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍ ହିମାଂଶୁ ଆଚାରୀ, କେଦାରେଶ୍ୱର ପଟ୍ଟନାୟକ, ପ୍ରଭାତୀ ଦେବନାଥ ଯୋଗ ଦେଇଥିଲେ। ସ୍ୱାଗତିକା ସାହୁ, ସଂଗ୍ରାମ କେଶରୀ ପରିଡ଼ା, ଲୋକେଶ ଜେନା, ସାଗର କୁମାର ପରିଡ଼ା ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀହର୍ଷ ମହାପାତ୍ର ଓ ଲକ୍ଷ୍ମୀଧର ମହାନ୍ତିଙ୍କୁ ସମାଜସେବୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଭିରାମ ଲେଙ୍କା ମଞ୍ଚ ପରିଚାଳନା କରିଥିବା ବେଳେ ସନାତନ ସ୍ମୃତି ସାହିତ୍ୟ ସଂସଦର ସଦସ୍ୟ ଧନଞ୍ଜୟ ମଲ୍ଲ ଓ ଗୁରୁଦାସି ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରାଉନ୍‌ସୁଗର ଜବତ:୨ ଅଭିଯୁକ୍ତ ଗିରଫ

ଜୟପୁର, ୧୯ ।୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବ୍ରାଉନ ସୁଗାର ଜବତ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ସ୍ଥାନୀୟ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ସ୍ମଶାନ ଉପରେ ଚଢଉ କରାଯାଇ ଦୁଇଜଣ ଯୁବକ ସ୍ଥାନୀୟ ଖ୍ରୀଷ୍ଟିଆନପେଟାର ସଞ୍ଜିବ କୁମାର ନାୟକ (୪୦) ଏବଂ ଇରିଗେସନ କୋଲନୀର ଖୋଗେନ ତନ୍ତୀ (୧୯)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରେ ୨ ଗ୍ରାମ ୮୩୦ ଗ୍ରାମର ବ୍ରାଉନ ସୁଗାର ସମେତ ୨ ମୋବାଇଲ ଫୋନ ଜବତ କରାଯାଇଛି। ଏହାର ମୂଲ୍ୟ ୩୦ ହଜାରୁ ଉଜାର ଟଙ୍କା ହେବ ଏବଂ ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହିପରି ଦୁଇ ଯୁବକ ଏହାକୁ ବିକ୍ରି କରିବା କିଛି ଗ୍ରାହକଙ୍କୁ ବିକ୍ରି କରିବ ଉଦେଶ୍ୟରେ ରଖିଥିବା ନେଇ ପୁଲିସ ନିକଟରେ ସ୍ୱୀକାର କରିଥିବା ନେଇ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ଜୟପୁର ଅଞ୍ଚଳରେ ବ୍ରାଉନସୁଗାର, ଗଞ୍ଜେଇ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟ ପାନ କରୁଥିବା ନାବାଳକ ଏବଂ ଯୁବକ ମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ପୁଲିସ ପକ୍ଷରୁ ଏହିପରି ନିଶାଦ୍ରବ୍ୟ ଚାଲାଣକାରୀ ଏବଂ ବିକ୍ରେତାଙ୍କୁ ଠାବ କରାଯାଇ ଗିରଫ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ପୂର୍ବରୁ ଜୟପୁର ଅଞ୍ଚଳର ଜବତ କରାଯାଇ ଜଣେ ଗିରଫ ହୋଇଥିଲା, ତେଣୁ ଏହି ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି ନେଇ ଏକ ରାକେଟ ସକ୍ରିୟରହିଥିବା ବେଳେ ଏହିପରି ବ୍ରାଉନ ସୁଗର କେଉଁଠାରୁ ଆସିଛି ଏବଂ ସହରରେ ଅନ୍ୟାନ୍ୟ କେଉଁ ମାନେ ବିକ୍ରି କରୁଛନ୍ତି ସେଥିନେଇ ତଦନ୍ତ କରିବାକୁ ଦାବି କରାଯାଇଛି।

# ନିଶ୍ଚାହାଣ୍ଡି ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ



ନନ୍ଦାହାଣ୍ଡି,୧୯।୧(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ନିଶ୍ଚାହାଣ୍ଡି ସରକାରୀ ଏସ୍‌ଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ଗଣ ଶିକ୍ଷା ମନ୍ତ୍ରୀ ପ୍ରତିନିଧି ଭାବେ ଜଗଦୀଶ ଚନ୍ଦ୍ର ବିଷୋୟୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟଚାନ୍ଦ ମଲ୍ଲିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ବିଶ୍ୱାଳ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜ ମୋହନ ଭତରା ଉପସ୍ଥିତ ରହିଥିଲେ। ପିଏମ୍‌ଶ୍ରୀ ଅର୍ଥାତ୍ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ପାଇଁ ବିଦ୍ୟାଳୟ ଉତ୍ସବ ପାଳନର ଉଦ୍ଦେଶ୍ୟ ବିଷୟରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ବୃତ୍ତିଭିତ୍ତିକ ଷ୍ଟଲ ମାନ କରି ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା ଯାହାକି ପିଲାଙ୍କ ଭବିଷ୍ୟତ ଜୀବନ ଜୀବିକା ପାଇଁ ଉପାଦେୟ ହେବ ବୋଲି କୁହାଯାଇଛି। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପଦକ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା ପାଇଁ ସହଯୋଗ କରିଥିଲେ ଏବଂ ପୂର୍ବତନ ଛାତ୍ରଛାତ୍ରୀ, ଗ୍ରାମବାସୀ ଓ ଅଧ୍ୟୟନରତ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

## ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ଅବହେଳା

# ଭୂତକୋଠି ପାଲଟିଛି ତିନି କୋଠା



ନନ୍ଦପୁର,୧୯।୧ (ସମିସ): ସରକାର କା ମାଲ ଦରିଆ ମେ ଡାଲ୍। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ନନ୍ଦପୁର ବ୍ଲକ ସଦର ମହକୁମାରେ । ବ୍ଲକ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ଅବହେଳା ନନ୍ଦପୁର ସଦର ମହକୁମାର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ତିନି କୋଠା ବର୍ତ୍ତମାନ ବ୍ୟବହାର ନହୋଇ ଭୂତକାଠି ପାଲଟିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଗତ ଦୁଇ ବର୍ଷରୁ ଅଧିକ ସମୟ ହେଲା ସରକାରୀ ଅର୍ଥରେ ସଂସ୍କୃତି ଭବନ, କୃଷି ସାଧନା କେନ୍ଦ୍ର ଓ ମିଶନ ଶକ୍ତି ଭବନ ତିନୋଟି କୋଠା ନିର୍ମାଣ ଶେଷ ହୋଇଛି । ହେଲେ ବିଭାଗୀୟ କାର୍ଯ୍ୟରେ ଲାଗୁନାହିଁ । ନିର୍ମାଣ ଶେଷ ହୋଇ ବର୍ଷ ବର୍ଷ ବିତିଯାଇଥିଲେ ସୁଧା କାହିଁକି ଓ କଣ ପାଇଁ ଅଧୀନରେ ଥିବା ବିଭାଗ କମଚାରୀ କିମ୍ବା ଅଧିକାରୀଙ୍କୁ ହସ୍ତାନ୍ତର ହୋଇ ପାରିନାହିଁ ତାହା ବିଡମ୍ବନାର ବିଷୟ ହୋଇଛି। ସେପଟେ ନିକଟରେ ସଂସ୍କୃତି କମିଟି ପକ୍ଷରୁ ନନ୍ଦପୁର ବିଡିଓଙ୍କୁ ଭେଟି ସଂସ୍କୃତି ଭବନ ଗୃହ ନିମନ୍ତେ ଆଲୋଚନା କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହା ହସ୍ତାନ୍ତର ହୋଇ ପାରିନାହିଁ । ତତ୍ ସହିତ ମିଶନ ଶକ୍ତି ଗୃହ ଓ କୃଷି ସାଧନା କେନ୍ଦ୍ର ମଧ୍ୟ ସମାନ ସ୍ଥିତି। ଲକ୍ଷାଧିକ ଅର୍ଥର ବିନିଯୋଗରେ ନିର୍ମିତ କୋଠା ବର୍ତ୍ତମାନ କାର୍ଯ୍ୟରେ ନ ଲାଗି ଭୂତ କୋଠରୀରେ ପରିଣତ ହୋଇଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସାବଧାନ! ହ୍ୱାଟ୍ସ ଆପ୍ ମେସେଜ୍‌ରେ ଠକେଇ

ନନ୍ଦପୁର, ୧୯।୧ (ସମିସ): ସାବଧାନ! ହ୍ୱାଟସ୍ ଆପ୍ ମେସେଜ୍ କରି ଲୋକଙ୍କୁ ଅଭିନବ ଶୈଳୀରେ ଠକେଇ କରାଯାଉଛି। ଯଦି ଅସାବଧାନ ହେବ ତେବେ ଠକେଇ ହେବାର ସମ୍ଭବନା ରହିଛି। ଗତ କିଛି ଦିନ ହେଲା ଓଡ଼ିଆରେ ଏକ ମେସେଜ୍ ନନ୍ଦପୁର ଅଞ୍ଚଳରେ ଲୋକଙ୍କ ହ୍ୱାଟ୍ସ ଆପ୍ ଗ୍ରୁପ୍‌ରେ ଘୁରି ବୁଲୁଛି। 'ମୁଁ ପ୍ରଥମେ ଏହାକୁ ଭୁଲ ବୋଲି ଭାବିଥିଲି, କିନ୍ତୁ ମୁଁ ସତ୍ୟରେ ୫୦୦୦ ପାଇଲି !' ଏହି ମେସେଜ୍ ଉପରେ ବିଶ୍ୱାସ କରି ଯିଏ ଲିଙ୍କ୍‌କୁ କ୍ଲିକ୍ କରୁଛି ସିଏ ଠକେଇର ଶିକାର ହେଉଛି। ଏଭଳି ମେସେଜ୍ ଠାରେ ଦୂରେଇ ରହିବାକୁ ପୁଲିସ ପକ୍ଷରୁ କୁହାଯାଇଛି।




# ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ



ସେମିଳିଗୁଡ଼ା, ୧୯।୧(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବରିଷ୍ଠ ନାଗରିକ ସଂଘର ୨୦ତମ ବାର୍ଷିକ ଉତ୍ସବ ସ୍ଥାନୀୟ ମଲ୍ଟି ଫଙ୍କ୍ସନ ହଲରେ ବହୁ ଆଡମ୍ବରରେ ପାଳନ କରାଯାଇଛି । ଅନୁଷ୍ଠାନର ସଭାପତି ପ୍ରତାପ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପରିବହନ, ବାଣିଜ୍ୟ , ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ କୋରାପୁଟ ବିଧାୟକ ରଘୁରାମ ମାଛ, ସୁନାବେଡା ପୌର ପରିଷଦର ନଗରପାଳ ଡ. ରାଜେନ୍ଦ୍ର କୁମାର ପାତ୍ର, ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବରିଷ୍ଠ ନାଗରିକଙ୍କ ବିକାଶ ଓ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ବରିଷ୍ଠ ନାଗରିକ ମାନଙ୍କ ସମ୍ମାନ ଓ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାର ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଏବଂ ସ୍ଥାନୀୟ ପ୍ରଜପିତା ବ୍ରହ୍ମ କୁମାରୀ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ମନ୍ତ୍ରୀ ଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ସମାଜସେବୀ ଡ. ଦିଗାମ୍ବର ନାୟକ ଓ ସୁବ୍ରତ କୁମାର ବିଷୋୟୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇ ଥିଲା। ସଂଘର ଯୁଗ୍ମ ସମ୍ପାଦକ ନୀଳମଣି ନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ୱାଡର୍ ନଂ ୧୮ ର କାଉନ୍‌ସିଲର ସୁଶ୍ରୀ ମମତା ରାୟ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ନୀଳକଣ୍ଠ ଡୋଲିଆ ଧନ୍ୟବାଦ ଅର୍ପଣ କରିଥିଲେ। କୁମାରୀ ଅଂଶିକା ପାଣିଗ୍ରାହୀ ପ୍ରାରମ୍ଭିକ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଥିଲା। ସଂଘର ବରିଷ୍ଠ ସଦସ୍ୟ ବିଜୟ କୁମାର ସାହୁ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ସିଏଚ୍ ପ୍ରଦୀପ ପାତ୍ର, ପ୍ରଶାନ୍ତ ଚନ୍ଦ୍ର ବେହେରା, ଆନନ୍ଦ ମୌଳି ପଟ୍ଟନାୟକ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ।

# ପୋଷାଣୀୟ ଜୀବନ ଶୈଳୀ ପ୍ରଦର୍ଶନ



ତେନ୍ତୁଳିଖୁଣ୍ଟି,୧୯।୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ସ୍ଥିତ ସ୍ଥାନୀୟ ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପୋଷାଣୀୟ ଜୀବନ ଶୈଳୀ ପଦର୍ଶନ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ତେନ୍ତୁଳିଖୁଣ୍ଟି ବିଇଓ ସୁଦୀପ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ତେନ୍ତୁଳିଖୁଣ୍ଟି ସମିତି ସଭ୍ୟା ମଧୁସ୍ମିତା ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସୀମାଞ୍ଚଳ ଖୁରା ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିବାବେଳେ ପୂଜାରୀଗୁଡା ସହକାରୀ ଶିକ୍ଷକ ବିଭୁତିଭୂଷଣ ପତି ମଞ୍ଚ ପରିଚାଳନା କରିଥିଲେ। ବିଆରସିସି କୁଳରଂଜନ ସୁନା ଓ ଏବିଇଓ ପ୍ରଫୁଲ୍ଲ ପଟ୍ଟନାୟକ ପଦର୍ଶନ ପରିଚାଳନା କରିଥିଲେ। ପୋଷନୀୟ ଜୀବନ ଶୈଳୀ ପଦର୍ଶନ ମେଳାରେ ସମସ୍ତ ବିଦ୍ୟାଳୟର ମୋଟ ୩୭ ପ୍ରକଳ୍ପ ପଦର୍ଶନ କରାଯାଇଥିଲା। ତେବେ ଫ୍ଲେଇର ରାଣୀ ହିଆଲଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ପାଇଥିବା ବେଳେ ଦ୍ୱିତୀୟ ତୃତୀୟ ଚତୁର୍ଥ ସ୍ଥାନରେ ଯଥାକ୍ରମେ ଶ୍ରଦ୍ଧାଞ୍ଜଳି ବିଷୋୟୀ, ଅନ୍ୱେଷା ସୁନା ଓ ମମତା ରାଣୀ ପଣ୍ଡାଙ୍କ ପ୍ରକଳ୍ପ ସ୍ଥାନ ପାଇଛି। ଶିକ୍ଷକ ବିଭୁତି ପତି, କେ.ଶ୍ରୀନିବାସ ରାଓ ଓ ଶିକ୍ଷୟିତ୍ରୀ ସୁବାସିନୀ ସେନ ବିଚାରକ ଦାୟିତ୍ୱ ତୁଲାଇଥିଲେ। ସ୍ଥାନ ପାଇଥିବା ପ୍ରକଳ୍ପ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ପ୍ରକଳ୍ପ ପଦର୍ଶନରେ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା ।

## ଭାଲେରୀ ଓଡିଶା ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା

# ନିମ୍ନମାନର ମଧ୍ୟାହ୍ନଭୋଜନ ବଣ୍ଟନ ଅଭିଯୋଗ

ରାୟଗଡ଼ା,୧୯।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଦୁର୍ଗୀ ପଞ୍ଚାୟତ ଅନ୍ତର୍ଗତ ଭାଲେରୀ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏଠାରେ ମଧ୍ୟାହ୍ନଭୋଜନରେ ପିଲାଙ୍କୁ ପୋକରା ଚାଉଳର ଭାତ,ଡାଲି ବଦଳରେ ଆଳୁ ପାଣି ଝୋଳ ସହ ଭଜା ହୋଇ ନ ଥିବା ଅଣ୍ଡା ଭଳି ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗହେଉଛି। ଏପରିକି ବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ସାହୁ ବିନା କୌଣସି ଲିଖିତ ଚିଠାରେ ନିଜ ଦାୟିତ୍ୱ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ଉପରେ ନ୍ୟସ୍ତ କରି ବାହାରକୁ ଚାଲି ଯାଉଥିବା ବେଳେ ତାଙ୍କ ସହ ଆଉ ତିନି ଜଣ ଶିକ୍ଷକ ମଧ୍ୟ ଅନୁପସ୍ଥିତ ରହୁଥିବା ଜଣପଡିଛି। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏଁ ୩୫୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବା ବେଳେ ଆଜି ୨୫୫ ଜଣ ଉପସ୍ଥିତ ରହିଥିଲେ। ଉକ୍ତ ଛାତ୍ରଛାତ୍ରୀଙ୍କ ପାଇଁ ରନ୍ଧା ଯାଇଥିବା ମଧ୍ୟାହ୍ନ ଭୋଜନ ଖାଦ୍ୟ ଉପଯୋଗୀ ନ ଥିବା ଭଳି ସଦୃଶ ହୋଇଛି। ଯେପରିକି ପୋକରା ଚାଉଳରେ ରନ୍ଧା ଯାଇଥିବା ଭାତ ,ଡାଲି ବଦଳରେ ଆଳୁ ପାଣି ଝୋଳ ସହ ଭଜା ହୋଇ ନ ଥିବା ଅଣ୍ଡା ବଦଳରେ ଅଧାସିଝା ଅଣ୍ଡାଗୁଡିକ ପିଲାଙ୍କୁ ଦିଆଯାଇଥିବା ଦେଖିବାକୁ ମିଳିଛି। ଫଳରେ ଏଭଳି ମଧ୍ୟାହ୍ନ ଭୋଜନ ଖାଇବାକୁ ଅମଙ୍ଗ ହୋଇ ସ୍ଥାନୀୟ ଅନେକ ପିଲାମାନେ ନିଜ ଘରେ ରନ୍ଧା ହୋଇଥିବା ଖାଦ୍ୟ ନେଇ ସାଥିରେ ଆଣୁଥିବା ବେଳେ ଅନ୍ତେବାସୀ ଛାତ୍ରଛାତ୍ରୀମାନେ ବାଧ୍ୟ ହୋଇ ବିଦ୍ୟାଳୟରେ ଦିଆଯାଉଥିବା ନିମ୍ନମାନର ଖାଦ୍ୟ ଗ୍ରହଣ କରୁଥିବା ଜଣାପଡିଛି। ଏପରିକି ଜଣେ ଶିକ୍ଷକ ହାତରେ ବାଡି ଧରି ମଧ୍ୟାହ୍ନଭୋଜନ ଗ୍ରହଣ ନ କରୁଥିବା ପିଲାଙ୍କୁ ଖାଇବାକୁ ବାଧ୍ୟ ତଥା ତାଗିଦ କରୁଥିବା ଭଳି ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ବିଦ୍ୟାଳୟରେ ଏଭଳି ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ କିଛି ଅଭିଭାବକମାନେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏଭଳି ଅବ୍ୟବସ୍ଥାର ସୁଧାର ପାଇଁ ଅନେକ ଥର ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ କରିଛନ୍ତି। ଆଜି ଗଣମାଧ୍ୟମ ପ୍ରତିନିଧିମାନେ ଖବର ସଂଗ୍ରହ ପାଇଁ ବିଦ୍ୟାଳୟକୁ ଯାଇଥିବା ବେଳେ ସେଠାରେ ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ସମେତ ଶିକ୍ଷକ ଅରୁଣ ଦାସ, ଅଚ୍ୟୁତନନ୍ଦ ମିଶ୍ର, ଦୀପକ ରଂଜନ ମହାରଣା ପ୍ରମୁଖ ତିନି ଶିକ୍ଷକ ବିଦ୍ୟାଳୟରେ ଅନୁପସ୍ଥିତ ଥିବା ବେଳେ ଅନୁରାଧା ଗଣ୍ଡ ନାମକ ଜଣେ ଶିକ୍ଷୟିତ୍ରୀଙ୍କୁ ମୌଖିକ ଭାବେ କାମଚଳା ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦେଇ ଶ୍ରୀ ସାହୁ ବାହାରକୁ ଯାଇଥିବା ଜଣାପଡ଼ିଥିଲା। ଏ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକଙ୍କୁ ଯୋଗାଯୋଗ କରି ନିମ୍ନମାନର ମଧ୍ୟାହ୍ନ ଭୋଜନ ଏବଂ ଅଧ୍ୟକ୍ଷ ଓ ଅନ୍ୟ ଶିକ୍ଷକଙ୍କ ଅନୁପସ୍ଥିତିକୁ ନେଇ ଅବଗତ କରାଇଥିଲେ। ଅଭିଯୋଗକୁ ନେଇ ତଦନ୍ତ କରାଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ସୂଚନା ଦେଇଥିବା ଜଣାପଡିଛି। ତେବେ ଏ ନେଇ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସାହୁଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଯୋଡ଼ା ବ୍ଲକ ସଭାଗୃହରେ ମିଳିତ ଅଭିଯୋଗ ଶୁଣାଣି




ଯୋଡ଼ା, ୧୯।୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ସଭାଗୃହରେ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। କୌଣସି କାରଣରୁ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ଶୁଣାଣିରେ ୧୯ଟି ପଞ୍ଚାୟତ ଏବଂ ଯୋଡ଼ା ବଡ଼ବିଲ ପୌରପାଳିକାରୁ ଅନେକ ଲୋକ, ଜନପ୍ରତିନିଧି ଅଞ୍ଚଳର ସମସ୍ୟାଗୁଡିକର ସମାଧାନ ନିମନ୍ତେ ଅଭିଯୋଗ କରିଥିଲେ। ମୋଟ ୬୦ଟି ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଶୁଣିଥିବା ବେଳେ ସମସ୍ୟାଗୁଡିକର ତୁରନ୍ତ ସମାଧାନର ପ୍ରତିଶ୍ରୁତି ଦେଇ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମୁର୍ଗା ମହାଦେବ ମନ୍ଦିରର ଉନ୍ନତି, ଖଣି ପ୍ରବଣ ବାମେବାରୀ ଅଞ୍ଚଳରେ ବଢୁଥିବା ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ, କେମ୍ପ ହଟିଂରେ ରାସ୍ତା ନିର୍ମାଣ, ରୋଇଡାସାହି ଭିତରେ ଥିବା ମଦ ଦୋକାନର ଉଚ୍ଛେଦ, ଧୂଳିଧୂଆଁ, ନିଯୁକ୍ତି, ଜମିପଟ୍ଟା, ପାନୀୟଜଳ ସମ୍ବନ୍ଧୀୟ ଅଭିଯୋଗ ମାନ ରହିଥିଲା। ଯୋଡ଼ା ପୌରପାଳିକାର ୩ ନମ୍ବର କାଉନସିଲର ରଶ୍ମିତା ପାଣିଗ୍ରାହୀ ଓ ୬ ନମ୍ବର ୱାର୍ଡ କାଉନସିଲର ଗଣେଶ ମୋଦି କମାର ଯୋଡ଼ା ଡାକ୍ତରଖାନା ନିମନ୍ତେ ଭେଣ୍ଟିଲେଟର ଥିବା ଏକ ଆମ୍ବୁଲାନ୍ସ ଡିଏମଏଫରୁ ଯୋଗାଇବାକୁ ଦାବିପତ୍ର ଦେଇଥିଲେ। ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର ଡାଗୁଡୁ, ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ବିନୋଦ ବିହାରୀ ମିଶ୍ର, ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ସାମଲ, ଯୋଡ଼ା ପୌର କାର୍ଯ୍ୟନିର୍ବାହୀ ଅଧିକାରିଣୀ, ବିଡ଼ିଓ ଡାନିସ ବେହେରା, ବ୍ଲକ ଅଧକ୍ଷ କବିନ୍ଦ୍ର ନାଏକଙ୍କ ସହିତ ବିଭାଗୀୟ ଆଞ୍ଚଳିକ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୫ ଜଣଙ୍କୁ ଟ୍ରାଇସାଇକଲ ପ୍ରଦାନ କରାଯାଇଛି।

# କେନ୍ଦୁଝର କରଣ ପରିବାରର ବନ୍ଧୁ ମିଳନ



କେନ୍ଦୁଝର,୧୯।୧(ସମିସ): କେନ୍ଦୁଝର କରଣ ପରିବାରର ବାର୍ଷିକ ବନ୍ଧୁ ମିଳନ ରବିବାର ବଡହଲ ଗ୍ରୀନ ଗାର୍ଡେନଠାରେ ଅନୁଷ୍ଠିତ ହୋଇଯାଇଛି। କରଣ ପରିବାରର ଉନ୍ନତି, ସାମୂହିକ ବିକାଶର ଆଭିମୁଖ୍ୟ ଏବଂ ନିଜ ମଧ୍ୟରେ ଏକକ ପରିଚୟାତ୍ମକ ତଥା ପାରିବାରିକ ଭାବାବେଗ ପରିବେଶ ସୃଷ୍ଟି ପାଇଁ ଏହି ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବର୍ଷ ଏହି ବନ୍ଧୁମିଳନ କରାଯିବ ବୋଲି ସଭାପତି ଅନୁପ ମହାନ୍ତି ସୂଚନା ଦେଇଥିଲେ। ଉପଦେଷ୍ଟା ରବିନାରାୟଣ ଦାସ, ବରିଷ୍ଠ ସଭ୍ୟ ପ୍ରଭଞ୍ଜନ ପଟ୍ଟନାୟକ, ଆଇନଜୀବୀ ଅଶ୍ୱିନୀ ପଟ୍ଟନାୟକ, କିଶୋରଚନ୍ଦ୍ର ଦାସ ମତ ରଖିଥିଲେ। ଆର୍ଥିକ ବ୍ୟବସ୍ଥା ଏବଂ ପ୍ରତ୍ୟେକ ମାସରେ ବୈଠକକୁ ସୁନିଶ୍ଚିତ କରିବା ପାଇଁ ସମ୍ପାଦକ ପ୍ରତ୍ୟୁଷ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ପ୍ରିୟଦର୍ଶୀ ପଟ୍ଟନାୟକ, ବିନୟ ପଟ୍ଟନାୟକ ଏକ ଶୃଙ୍ଖଳିତ ପରିବାର ଗଠନର ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ଦାସ, ବିଧାନ ପଟ୍ଟନାୟକ, ସାମ୍ବାଦିକ ପ୍ରଦୀପ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଆଇନଜୀବୀ ସୁବ୍ରତ ମହାନ୍ତି, ଅମର ପଟ୍ଟନାୟକ, ମହେଶ ପଟ୍ଟନାୟକ, ଶୁଭେନ୍ଦୁ ପଟ୍ଟନାୟକ ଏହି ବୈଠକ ପାଇଁ ଆବଶ୍ୟକ ଭିତ୍ତିଭୂମି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ପ୍ରଦୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ବହୁ ସଦସ୍ୟ ସାମିଲ ହୋଇଥିଲା ବେଳେ କାର୍ଯ୍ୟକ୍ରମ ଜାତୀୟ ସଙ୍ଗୀତ ଗାନରୁ ଆରମ୍ଭ ହୋଇ ଶାନ୍ତି ପ୍ରାର୍ଥନାରେ ଶେଷ ହୋଇଥିଲା।

## ବିଜୁ ସେତୁକୁ ଅବହେଳା

# ୮ ମାସହେବ କୋଡ଼ପଡ଼ା-ଭାଲୁକୁମା ସେତୁ ନିର୍ମାଣ ବନ୍ଦ

ଆନନ୍ଦପୁର,୧୯।୧(ସମିସ):



ଭରା ନଈକୁ ହୁଲିଡଙ୍ଗା ସାହା

ଆନନ୍ଦପୁର ବ୍ଲକ୍ କୋଡ଼ପଡ଼ା ଓ ଧକୋଠା ପଞ୍ଚାୟତର ଭାଲୁକୁମା ମଧ୍ୟରେ ବୈତରଣୀ ନଦୀରେ ପ୍ରସ୍ତାବିତ ବିଜୁସେତୁର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଠିକାସଂସ୍ଥାର ମନମାନି ଯୋଗୁଁ ଏହିକାର୍ଯ୍ୟ ୮ ମାସ ହେଲା ବନ୍ଦ ହୋଇ ଯାଇଛି। ଏହି ସେତୁ ନିର୍ମାଣ ପାଇଁ ସ୍ଥାନୀୟ ଜନସାଧାରଣ ତତ୍କାଳୀନ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସେତୁ ନିର୍ମାଣ ହେଲେ ଘଟଗାଁ ତଥା କେନ୍ଦୁଝରକୁ ଯାତାୟାତ ସୁଗମ ହୋଇପାରିବ ବୋଲି ଦାବି ହୋଇଥିଲା। ତତ୍କାଳୀନ ରାଜ୍ୟ ସରକାର ଏଥିନିମନ୍ତେ ଅନୁଦାନ ଯୋଗାଇଦେବା ପରେ ଟେଣ୍ଡର କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ପରେ କାମ ବନ୍ଦ ରହିଛି। ଏହି ସେତୁ କାର୍ଯ୍ୟ କେବେ ଶେଷ ହେବ ତାକୁ ନେଇ ପ୍ରଶ୍ନ ଉଠିଛି। ଅନିୟନ୍ତ୍ରିତ ଭାବେ ଆନନ୍ଦପୁର ବ୍ୟାରେଜ ପାଣି ଅଟକ ରଖିବା ଓ ବୈତରଣୀ ପାୱାର ପ୍ରୋଜେକ୍ଟ ପାଣି ଛାଡ଼ିବା ଯୋଗୁଁ ନିର୍ମାଣ କାମରେ ବାଧା ସୃଷ୍ଟି ହେଉଛି ବୋଲି ଠିକାସଂସ୍ଥାର ସୁପରଭାଇଜର ଆଶିଷ ନାୟକ କହିଛନ୍ତି। ସେହିପରି ଡଙ୍ଗା ଚାଳକ କୋଡ଼ପଡ଼ାର ମହେନ୍ଦ୍ର ମଲିକ କହିଛନ୍ତି, ପ୍ରତିଦିନ ବହୁ ସଂଖ୍ୟାରେ ଲୋକ ଡଙ୍ଗାରେ ନଦୀ ପାରି ହେଉଛନ୍ତି। ଡଙ୍ଗା ଚଲାଇ ସେ ପରିବାର ପ୍ରତିପୋଷଣ କରୁଛନ୍ତି। ବ୍ୟାରେଜ ଗେଟ୍ ପଡ଼ିଲେ ଭରାନଈରେ ଡଙ୍ଗା ଚଲାଇବା ସମ୍ଭବ ହେଉନାହିଁ ବୋଲି ମହେନ୍ଦ୍ର କହିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ରଜତ କୁମାର ସିଂହଙ୍କୁ ପଚାରିବାରୁ, କୋଡ଼ପଡ଼ା ପାର୍ଶ୍ୱରେ ଦୁଇଟି ପିଲାର ଓ ଭାଲୁକୁମା ପାର୍ଶ୍ୱରେ ଦୁଇଟି ପାଇଲ କ୍ୟାପ୍ ନିର୍ମାଣ କରାଯାଇଛି। ଖୁବଶୀଘ୍ର କାମ ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି। ଭରାନଈକୁ ଭରସା ହୁଲିଡଙ୍ଗା ଲୋକେ ଡଙ୍ଗାରେ ଭରାନଈ ପାର ହେଉଛନ୍ତି। ଏହି ସେତୁ ୫୩ ନମ୍ବର ରାଜ୍ୟ ରାଜପଥ ସହ ୨୦ ନମ୍ବର ଜାତୀୟ ରାଜପଥକୁ ଯୋଡ଼ିବାପାଇଁ ବୈତରଣୀ ନଦୀରେ ଆବଶ୍ୟକତା ରହିଛି। କେନ୍ଦୁଝର ଜିଲ୍ଲାକୁ ଆସୁଥିବା ପର୍ଯ୍ୟଟକମାନେ କମ୍ ସମୟରେ ସୁନାମୁନି, ଭୈରବକୁଣ୍ଡ, ଭୀମକୁଣ୍ଡରେ ପହଞ୍ଚିପାରିବେ। ପୂର୍ବ ସରକାର ସମୟରେ ପୋଲ ନିର୍ମାଣ ପାଇଁ ବିଜୁସେତୁ ଯୋଜନାରେ ୫୬ କୋଟି ଟଙ୍କା ଅନୁଦାନ ମିଳିଥିଲା। ୨୦୨୪ ମାର୍ଚ୍ଚ ୭ରୁ ନିର୍ମାଣ କାମ ଆରମ୍ଭ କରାଯାଇ ୨୦୨୬ ସେପ୍ଟେମ୍ବର ୬ରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଅଦ୍ୟାବଧି କୋଡ଼ପଡ଼ା ପାର୍ଶ୍ୱରେ କେବଳ ଦୁଇଟି ପିଲର୍ ନିର୍ମାଣ କରାଯାଇଛି। ନିର୍ମାଣ କାର୍ଯ୍ୟ ବନ୍ଦ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ପଦ୍ମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଡ଼କ ସୁରକ୍ଷା ମାସ

କେନ୍ଦୁଝର,୧୯।୧(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଡକ ସୁରକ୍ଷା ମାସ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ହୃଷୀକେଶ ସାହୁ ତଥା ଯୁବ ରେଡକ୍ରସ୍‌ର ଉପଦେଷ୍ଟା ସୁରେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଏଚଏମଭି ଟ୍ରେନର ପ୍ରକାଶଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଅଧ୍ୟାପକ ରାମଶଙ୍କର ସାହୁ, ପ୍ରସନ୍ନ ପ୍ରଧାନ, ରଘୁନାଥ ମହାନ୍ତ, ଗୋଲକ ବିହାରୀ ସାହୁ, ପ୍ରକାଶ ପଧାନ, ହରେରାମ ମାଝୀ, ସତ୍ୟବ୍ରତ ସାହୁ, ତାପସ କୁମାର ଜେନା, ଅଜିତ ସାହୁ, ଦୀପକ କୁମାର ଚାୱଡା, ସନତ କୁମାର ଦାଶ, ଅଧ୍ୟାପିକା ସୌମ୍ୟାରାଣୀ ପୃଷ୍ଟି, ବିଦ୍ୟୁତ୍‌ସୋତା ପାତ୍ର, ଅର୍ପିତାରାଣୀ ମହାନ୍ତି ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସମସ୍ତ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକଅଧ୍ୟାପିକା ସଡ଼କ ସୁରକ୍ଷାର ସମସ୍ତ ନୀତିନିୟମ ପାଳନ କରିବା ପାଇଁ ଶପଥ ନେଇଥିଲେ।

# ପଦ୍ମପୁର ସତ୍‌ସଙ୍ଗ କେନ୍ଦ୍ରର ବାର୍ଷିକୋତ୍ସବ

କେନ୍ଦୁଝର,୧୯।୧(ସମିସ): ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୁଳଚନ୍ଦ୍ରଙ୍କ ୧୩୮ତମ ଶୁଭ ଜନ୍ମ ମହୋତ୍ସବ ଏବଂ ସତସଙ୍ଗ କେନ୍ଦ୍ର ପଦ୍ମପୁରର ବାର୍ଷିକୋତ୍ସବ ଉଦଯାପିତ ହୋଇଯାଇଛି। ସକାଳୁ ଉଷା କୀର୍ତ୍ତନ, ବିନତୀ ପ୍ରାର୍ଥନା, ସଙ୍ଗୀତାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତସଙ୍ଗ କେନ୍ଦ୍ର ପଦ୍ମପୁରର ପ୍ରଚେଷ୍ଟାରେ ଏକ ମାଗଣା ସ୍ୱାସ୍ଥ୍ୟ ଶବିର ଅନୁଷ୍ଠିତ ହୋଇଛି। ଡା.ବେଣୁଧର ମୁଦୁଲି, ଡା.ସୁମନ ବେହେରା ଓ ଡା.ମନୋରଞ୍ଜନ ବୋଷ ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସା କରିଛନ୍ତି। ସତସଙ୍ଗ ଅଧିବେଶରେ ବଳରାମ ସାହୁ ଯାଜକ, ମୁଖ୍ୟଅତିଥି ରଞ୍ଜିତ କୁମାର ମୁଦୁଲି ଏବଂ ଡା. ବେଣୁଧର ମୁଦୁଲି ଉଦବୋଧନ ଦେଇଥିଲେ। ବୃନ୍ଦାବନ ସାହୁଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଛି। ଏହି ମହୋତ୍ସବରେ ଜିଲ୍ଲାର ବିଭିନ୍ନ ପାର୍ଶ୍ୱରୁ ସହସ୍ରାଧିକ ଭକ୍ତ ଓ ଅନୁରାଗୀ ଉପସ୍ଥିତ ଥିଲେ।

# ଧୁମ୍‌ଧାମ୍‌ରେ ପାଳନହେଲା ମକର ଉତ୍ସବ

ଯୋଡ଼ା, ୧୯।୧(ସମିସ): ଯୋଡ଼ା ପୌରପାଳିକା ଅନ୍ତର୍ଗତ ଲକ୍ଷ୍ମୀ ପଡିଆଠାରେ ମକର ଉତ୍ସବ ଖୁବ ଧୁମଧାମ ସହ ଆନନ୍ଦ ଉଲ୍ଲାସରେ ପାଳନ ହୋଇଯାଇଛି। ଯୋଡ଼ା ମାର୍କେଟ ମକର କମିଟି ଦ୍ୱାରା ଏହି ଉତ୍ସବରେ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା କରାଯାଇ ଥିବାବେଳେ ସବୁଠାରୁ ଆକର୍ଷଣୀୟ ଥିଲା ୪୦ ବର୍ଷୟୁକ୍ତ ମହିଳା ଓ ପୁରୁଷଙ୍କ ଦ୍ୱାରା କରାଯାଇଥିବା ଖେଳ ପ୍ରତିଯୋଗିତା। ସେମାନଙ୍କୁ ଖୋଜି ତାଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାଗୁଡିକୁ ବାହାର କରିବା ମୁଖ୍ୟ ଉଦ୍ଦେଶ୍ୟ ରଖି କମିଟିର ସଭାପତି ବିଏନ ଦାଶ ଏପରି ଯୁବ ବୟସ୍କଙ୍କୁ ପଡିଆକୁ ଓଲ୍ଲାଇଥିବା କହିଛନ୍ତି। କିଶୋର କିଶୋରୀଙ୍କୁ ନେଇ, ଦୌଡ, ଝୋଟି, ଅଖା ଡିଆଁ, ଚାମୁଚ ଖେଳ, ଜିଲ୍ଲାବି ଖିଆ ଖେଳ, ବେଲୁନ ଖେଳ, ମ୍ୟୁଜିକ ଚେୟାର, ମାଟି ହାଣ୍ଡି ଭଙ୍ଗା ଖେଳ କରିବା ସହ ସ୍ଥାନୀୟ ଯୁବକ ଯୁବତୀ ମାନଙ୍କୁ ନେଇ ନାଚ ଗୀତ ପ୍ରତିଯୋଗିତା କରାଯାଇଥିଲା। ତିନି ଦିନ ଧରି ଆୟୋଜିତ ଏହି ଉତ୍ସବଟିର ଶେଷ ଦିନରେ କଟକରୁ କୃଷ୍ଣା ଏଣ୍ଟର୍ଟେନମେଣ୍ଟ ଜରିଆରେ ପ୍ରସିଦ୍ଧ କଳାକାର ଲିପ୍ସା ମହାପାତ୍ର ଆସିବାର ଥିବା ବେଳେ ସ୍ଥାନୀୟ ବ୍ୟବସାୟୀଙ୍କ ଅକାଳ ବିୟୋଗରେ ତାହା ସ୍ଥଗିତ ରହିଥିଲା। ଦୁଇ ଦିନ ଧରି ସ୍ଥାନୀୟ ଲୋକ ଖୁବ ଉପଭୋଗ କରିଥିଲେ। ଆସନ୍ତା ବର୍ଷ ଏହାକୁ ଆହୁରି ଯାକଜମକରେ ପାଳନ କରାଯିବ ବୋଲି କମିଟି ସଭାପତି ବିଚିତ୍ରାନନ୍ଦ ଦାଶ କହିଛନ୍ତି।



# ବ୍ରହ୍ମା ବାବାଙ୍କ ସ୍ମୃତି ଦିବସ ପାଳିତ

ତେଲକୋଇ, ୧୯।୧(ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟ ଝୁମୁକାପଶି ରାସ୍ତାରେ ଅବସ୍ଥିତ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ (ପ୍ରଭୁ ବରଦନ ଭବନ)ରେ ଅତ୍ୟନ୍ତ ଶାନ୍ତମୟ ପରିବେଶରେ ପିତାଶ୍ରୀ ବ୍ରହ୍ମା ବାବାଙ୍କ ୫୭ତମ ଅବ୍ୟକ୍ତ ସ୍ମୃତି ଦିବସ (ବିଶ୍ୱ ଶାନ୍ତି ଦିବସ) ହୋଇଯାଇଛି। ଏହି ଦିବସରେ ମୁଖ୍ୟଅତିଥି ଭାବେ ଚାରିଗଡ଼ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ତପନ କୁମାର ପଣ୍ଡା ଗୀତାର ସାରାଂଶ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋଲାବନ୍ଧ ଗ୍ରାମର ଅର୍ଜୁନ ସାହୁ କାର୍ଯ୍ୟକ୍ରମରେ ଶାନ୍ତିର ମହାବାର୍ତ୍ତା ପ୍ରଦାନ କରିଥିଲେ। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତେଲକୋଇର ମୁଖ୍ୟ ସଂଚାଳିକା ଭଉଣୀ ବି କେ ପାର୍ବତୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେଲକୋଇ ନିକଟସ୍ଥ ବିଭିନ୍ନ ଗ୍ରାମ ଗୋଲାବନ୍ଧ, କତରାପାଲି, ନୁଗୁଡ଼ା, ନମପଶି, ଛାମୁଣ୍ଡା, ସଙ୍କଲେଇ ଆଦି ଗ୍ରାମରୁ ବ୍ରହ୍ମାକୁମାରୀ, ବ୍ରହ୍ମାକୁମାର ଭାଇ ଭଉଣୀମାନେ ଯୋଗ ଦେଇଥିଲେ।

## ବଢୁଛି ଅବାଧ ଚୋରା ମଦ ବିକ୍ରି

# ବ୍ରାଉନସୁଗର ଓ ମହୁଲି ମଦ କାର୍‌ବାରର ଭୂସ୍ୱର୍ଗ ଗ୍ରାମାଞ୍ଚଳ

ହାଟଡ଼ିହୀ,୧୯।୧(ସମିସ): ହାଟଡ଼ିହୀ ବ୍ଲକ ଅଞ୍ଚଳରେ ଲଗାମ୍‌ଛଡ଼ା ହେଲାଣି ଚୋରା ମଦର ଅବାଧ ଓ ଅବୈଧ କାରବାର। ବିଭିନ୍ନ ଗାଁ, ସାହି, ବଜାରକୁ ଏବେ ବାଇକ୍ ଯୋଗେ ଚୋରା ମଦ ଚାଲାଣ କରାଯାଉଛି। ଏହା ପୁଲିସ କି ଅବକାରୀ ବିଭାଗ କାହାରି ନଜରକୁ ଆସୁନାହିଁ। ଏଥିଯୋଗୁଁ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଛେନାପଦି, ଶାଳଣିଆଁ ପ୍ରଭୃତି ସ୍ଥାନରେ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନ ଥିବାବେଳେ ହଦଗଡ଼, ଢେଙ୍କା, ସୋସୋ, ସଡା ଛକ, ବଡ଼ରମ୍ପାସ, ଇଶଳା ଛକ, ବରାଙ୍ଗ ଛକ, ମରେଇଗାଁ, ମୁଗୁପୁର ବଜାର ଆଦି ସ୍ଥାନରେ ବିପୁଳ ପରିମାଣର ଚୋରା ମଦ ବିକ୍ରି ହେଉଛି। ଖାଲି ସେତିକି ନୁହଁ; ଏବେ ଚୋରଗଡ଼ିଆ, ଛେନାପଦି, ଅଣା, ହାଟଡ଼ିହୀ, ମରେିଗାଁ, ସୋସୋ, ବିଦ୍ୟାଧରପୁର, ଶାଳଣିଆଁ ଆଦି ସ୍ଥାନରେ ବ୍ରାଉନସୁଗର କାରବାର ମଧ୍ୟ ଚାଲିଛି। ବାରମ୍ବାର ଅଭିଯୋଗ ହେଉଥିଲେ ବି ପୁଲିସ କି ଅବକାରୀ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନି। ଗତ ସପ୍ତାହ ହାଟଡ଼ିହୀ ନିକଟରୁ ନନ୍ଦିପଦା ପୁଲିସ ବ୍ରାଉନସୁଗର ଜବତ କରିଥିବା ବେଳେ ୨ଜଣଙ୍କୁ ଗିରଫ କରିଥିଲା। ଏବେ ଅନେକ ଯୁବକ, କଲେଜ ଛାତ୍ର ବ୍ରାଉନସୁଗରର ଶିକାର ହେଉଥିବା ଅଭିଯୋଗ ହେଉଛି। ସେହିପରି ଢେଙ୍କା, ପୁରୁଣାପାଣି, ଡଙ୍ଗାବୁଆ, ଅନ୍ଧାରୀ, ସରଳା ଆଦି ଅଞ୍ଚଳରେ ବ୍ୟାପକ ମହୁଲି ମଦ ରନ୍ଧା ହେଉଥିଲେ ବି ଅବକାରୀ ବିଭାଗ ଥରେ ଅଧେ ଚଢ଼ଉ କରି ଦାୟିତ୍ୱ ସାରି ଦେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଯେଉଁଥିପାଇଁ ଏହିସବୁ ଅଞ୍ଚଳରେ ଅନେକ ସମୟରେ ଗଣ୍ଡଗୋଳ ଘଟି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ପୁଲିସ ଓ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜଙ୍ଗଲରୁ ନିଖୋଜ ମହିଳାଙ୍କ ଶବ ଉଦ୍ଧାର

ଆନନ୍ଦପୁର, ୧୯।୧ (ସମିସ): ବିରିଡିହା ଗ୍ରାମର ମହିଳା ନଦୀକୁ ଶୌଚ ହେବାପାଇଁ ଯାଇ ନିଖୋଜ ଥିବା ବେଳେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଛି। ଆନନ୍ଦପୁର ଥାନା କଣ୍ଟିପାଳ ପଞ୍ଚାୟତ ବିରିଡିହା ଗ୍ରାମର ମିନତୀ ବେହେରା (୪୨) ନିକଟସ୍ଥ ଘଣ୍ଟିଆ ନାଳକୁ ଶୌଚ ହେବାପାଇଁ ଯାଇ ଘରକୁ ଫେରି ନଥିଲେ। ବୋହୂ ମିନତୀ ଓ ଶଶୁର ଖୋଜାଖୋଜି କରି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ ହେଲେ ସନ୍ଧାନ ମିଳି ନଥିଲା। ବେଲବାହାଳୀ ଡିହସାହି ଗ୍ରାମର ଜ୍ୱାଇଁ ଅଭିମନ୍ୟୁ ଦେହୁରୀ ଆନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ବାରୁଆଁ ଜଙ୍ଗଲକୁ ସ୍ଥାନୀୟ ଲୋକେ ଯାଇଥିବା ବେଳେ ମହିଳାଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ମହିଳାଙ୍କୁ ଚିହ୍ନଟ କରି ଆନନ୍ଦପୁର ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

# ସାଧାରଣତନ୍ତ୍ର ଦିବସ ପାଇଁ ଉପଖଣ୍ଡସ୍ତରୀୟ ପ୍ରସ୍ତୁତି



ଚମ୍ପୁଆ,୧୯।୧(ସମିସ): ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ଆଗାମୀ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ପାଇଁ ରାମଧୁନ, ପ୍ରଭାତ ଫେରି, ସରକାରୀ ବେସରକାରୀ ଅନୁଷ୍ଠାନ ଶିକ୍ଷାନୁଷ୍ଠାନରେ ପତାକା ଉତ୍ତୋଳନ, ସ୍ଥାନୀୟ ନେହରୁ ଷ୍ଟାଡିୟମଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ, ପ୍ୟାରେଡ ପରିଦର୍ଶନ ଏବଂ ପ୍ରଦର୍ଶନି ଖେଳ ନେଇ ଆଲୋଚନା ଓ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏସଡିପିଓ ରଶ୍ମିରଂଜନ ସାହୁ, ଏସଡିଏମଓ ଉମାକାନ୍ତ ସାହୁ, ତହସିଲଦାର ସଜତ ମାର୍କେ, ଓକିଲ ସଂଘ ସଭାପତି ରମେଶଚନ୍ଦ୍ର ପ୍ରଧାନ, ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରାମକୃଷ୍ଣ ଗଣ୍ଡ ସମେତ ସହକାରୀ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରମୁଖ ଯୋଗ ଦେଇଥିଲେ। ଉପଖଣ୍ଡ ସୂଚନା ଲୋକସଂପର୍କ ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ନାଏକ ପରିଚାଳନା କରିଥିଲେ।

# ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ବାରଡାଙ୍ଗୁଆରେ ଗ୍ରାମସଭା ଆଜି

ତୁରୁମୁଙ୍ଗା, ୧୯।୧(ସମିସ): କେନ୍ଦୁଝରରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ମଙ୍ଗଳବାର ବାରଡାଙ୍ଗୁଆ ଗ୍ରାମରେ ଦ୍ୱିତୀୟ ଗ୍ରାମସଭା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ପାଟଣା ବ୍ଲକ ଚେମଣା ପଞ୍ଚାୟତ ବାରଡାଙ୍ଗୁଆ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଡିଆରେ ସକାଳ ୧୦ଟା ୩୦ମିନିଟ୍ ସମୟରେ ଅନୁଷ୍ଠିତ ହେବ ଦ୍ୱିତୀୟ ଗ୍ରାମସଭା। ଗାଁର ୧୧୩ଟି ଖାତାରୁ ୨୩୯ ଏକର ୪୭୦ ଡିସିମିଲ୍ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଗ୍ରାମସଭାରେ ଲୋକେଙ୍କଠାରୁ ମତାମତ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଏହି ଗ୍ରାମସଭାରେ ପାଟଣା ବ୍ଲକର ଅଧିକାରୀମାନେ ଉପସ୍ଥିତ ରହିବା ପାଇଁ ପାଟଣା ବିଡିଓ ସମସ୍ତଙ୍କୁ ଅବଗତ କରିଛନ୍ତି। ଗତ ଡିସେମ୍ବର ୧୨ ତାରିଖରେ ଚେମଣା ପଞ୍ଚାୟତ ଭୃଙ୍ଗରାଜ ପଶିଠାରେ ସଫଳତାର ସହ ପ୍ରଥମ ଗ୍ରାମସଭା ଶେଷ ହୋଇଥିଲା।

# ଗଡ଼ଚଣ୍ଡୀ ପୀଠରେ ଦୋକାନ ଗୃହ କମ୍ପ୍ଲେକ୍ସ ନିର୍ମାଣ ଦାବି



- ଖୋଲାମେଲାରେ ବସୁଛନ୍ତି ଦୋକାନୀ
- ଅସହ୍ୟ ହେଉଛି ମାଙ୍କଡ଼ଙ୍କ ଉତ୍ପାତ

ହାଟଡ଼ିହୀ,୧୯।୧(ସମିସ):

ହାଟଡ଼ିହୀ ବ୍ଲକ୍ ସୁନ୍ଦରାପାଳସ୍ଥିତ ବଣପାହାଡ଼ ଘେରା ପ୍ରାକୃତିକ ପରିବେଶ ଭିତରେ ମା' ଗଡ଼ଚଣ୍ଡୀଙ୍କ ପୀଠଟି କେନ୍ଦୁଝର ଜିଲ୍ଲାର ସର୍ବପୁରାତନ ଦେବୀପୀଠ ମଧ୍ୟରେ ଅନ୍ୟତମ ଅଟେ। ଏଠାକୁ ବର୍ଷସାରା ଓଡ଼ିଶାର କୋଣ ଅନୁକୋଣରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ମା'ଙ୍କ ପୂଜାର୍ଚ୍ଚନା ପାଇଁ ଏଠାରେ କିଛି ସ୍ଥାନୀୟ ବ୍ୟବସାୟୀ ଉଠାଦୋକାନ ଭାବେ ପୂଜାସାମଗ୍ରୀ ଦୋକାନ ସହ ଜଳଖିଆ ଦୋକାନ ଆଦି ଲଗାଇଥା'ନ୍ତି। ମା' ଗଡ଼ଚଣ୍ଡୀଙ୍କ ଏହି ପୀଠରେ ହଜାର ହଜାର ମାଙ୍କଡ଼ ରହୁଥିବାରୁ ଦୋକାନୀ, ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଦୋକାନଗୃହ କମ୍ପ୍ଲେକ୍ସ ନଥିବାରୁ ସାଧାରଣତଃ ଉଠାଦୋକାନୀଙ୍କୁ ମାଙ୍କଡ଼ମାନେ ନାହିଁ ନଥିବା ହଇରାଣ କରିଥା'ନ୍ତି। କେତେବେଳେ ମାଙ୍କଡ଼ ପଲ ସେମାନଙ୍କ ଦୋକାନ ସାମଗ୍ରୀ ନେଇଯାନ୍ତି ତ ପୁଣି କେତେବେଳେ ଗାଡିମଟର ଆଦିର ସିଟ୍ ଚିରି ଦିଅନ୍ତି ତ ପୁଣି ଗାଡ଼ି ଭଙ୍ଗାରୁଜା କରନ୍ତି। ବ୍ୟବସାୟୀମାନେ ଦୋକାନ ସମ୍ମୁଖରେ ପ୍ଲାଷ୍ଟିକ୍ ଜାଲି ଦେଇଥିଲେ ସୁଦ୍ଧା ଅନେକ ସମୟରେ ମାଙ୍କଡ଼ମାନେ ଜାଲି ଚିରି ଦୋକାନ ସାମଗ୍ରୀ ନେଇ ସିଧା ଗଛ ଅଗକୁ ଚମ୍ପଟ୍ ମାରିଥା'ନ୍ତି। ବିକ୍ରିବଟା କରିବାରେ ମାଙ୍କଡ଼ମାନେ ସମସ୍ୟା କରୁଛନ୍ତି ବୋଲି ୨୪ବର୍ଷ ଧରି ବ୍ୟବସାୟ କରିଆସୁଥିବା ପୂଜାସାମଗ୍ରୀ ଦୋକାନୀ ଆନନ୍ଦ ଚନ୍ଦ୍ର ସା କହିଛନ୍ତି। ମାଙ୍କଡ଼ଙ୍କ ଉତ୍ପାତ ଯୋଗୁଁ ଦୋକାନୀମାନେ ଅଯଥାରେ କେବଳ କ୍ଷତି ହିଁ ସହୁଛନ୍ତି। ଏଭଳି ପରିସ୍ଥିତି ପାଇଁ ବ୍ୟବସାୟୀଙ୍କ ସୁବିଧା ପାଇଁ ଦୋକାନଗୃହ କମ୍ପ୍ଲେକ୍ସକୁ ନିର୍ମାଣ କରାଗଲେ ଦୋକାନୀମାନେ ମାଙ୍କଡ଼ ଦାଉରୁ ରକ୍ଷା ପାଇ ଶାନ୍ତିରେ ବ୍ୟବସାୟ କରିପାରନ୍ତେ ବୋଲି ଦୋକାନୀଙ୍କ ମଧ୍ୟରେ ଆନନ୍ଦଚନ୍ଦ୍ର ସା, ଦାମୋଦର ଦାସ, ଦୀନେଶଚନ୍ଦ୍ର ପେଡ଼ା, ରାଜକିଶୋର ସାହୁ, ଛବିନ୍ଦ୍ର ସା, ରବିନ୍ଦ୍ର କୁମାର ଦାସ ପ୍ରମୁଖ ଦୋକାନୀ କହିଛନ୍ତି। ଏଭଳି ତମାମ୍ ସମସ୍ୟାକୁ ଲକ୍ଷ୍ୟ କରି ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଓ ଉପଜିଲ୍ଲାପାଳ ନୀଳମାଧବ ସୁନା ଏଥିପ୍ରତି ଦୃଷ୍ଟି ଦେବାକୁ ସେଠାକାର ସମସ୍ତ ଦୋକାନୀ, ମନ୍ଦିର କମିଟି ଏବଂ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଆଇନ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,୧୯।୧(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ସୌଜନ୍ୟରୁ ପ୍ରଭାସ ମଞ୍ଜରୀ ଆଇନ ମହାବିଦ୍ୟାଳୟଠାରେ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ, ବାଲ୍ୟ ବିବାହମୁକ୍ତ ଭାରତ ଗଠନ, ପୋକ୍ସୋ ଆଇନ(କର୍ମକ୍ଷେତ୍ରରେ ମହିଳା ଯୌନ ନିର୍ଯାତନାର ଶିକାର), କିନ୍ନରମାନଙ୍କୁ ଆଇନଗତ ସହାୟତା ସମ୍ବନ୍ଧରେ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧକ୍ଷ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ଇ. ବିଘ୍ନେଶ୍ୱର ରାଓ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧକ୍ଷ ଧନେଶ୍ୱର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଏହି ୩ଟି ସମସ୍ୟା କ୍ଷେତ୍ରରେ ଆଇନ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଭୂମିକା ଉପରେ ବିବରଣୀ ପ୍ରଦାନ କରିଥିଲେ। ତଦାଶା ସଂପାଦକ ତଥା ପ୍ରାଧିକରଣ ସଦସ୍ୟ ଅକ୍ଷୟ ଚକ୍ର ପ୍ରାଧିକରଣର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ପୁଲିସ ଅଧିକାରୀ ଅରୁପ ସାମଲ, ଆଇନଜୀବୀ ସଲମା ବେଗମ, ଅଧ୍ୟାପିକା ସ୍ମୃତିରେଖା ବାରିକ, କ୍ଷୀରାବ୍ଧି ତନୟା ଦାଶ ମହାପାତ୍ର, ବାବିନା ଆପଟ୍ଟ, ଅଧ୍ୟାପକ ଭାବଗ୍ରାହୀ ନାୟକ, କୀର୍ତ୍ତିଚନ୍ଦ୍ର ନାୟକ, ବେଲାଳ ସାହୁ ଯୋଗ ଦେଇଥିଲେ।



# ବାର୍ଷିକ ଉଦ୍ୟାନ କୃଷି ପ୍ରଦର୍ଶନୀ ଉଦ୍‌ଯାପିତ



ରାଉରକେଲା,୧୯।୧(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଉଦ୍ୟାନ କୃଷି ବିଭାଗ ଦ୍ୱାରା ଜାନୁଆରୀ ୧୭ ଏବଂ ୧୮ ତାରିଖରେ ଜୁବୁଲି ପାର୍କରେ ଆୟୋଜିତ ୫୮ତମ ବାର୍ଷିକ ଉଦ୍ୟାନ କୃଷି ପ୍ରଦର୍ଶନୀ-୨୦୨୬ ଉଦ୍‌ଯାପିତ ହୋଇଛି। ଏଥିରେ ଫୁଲ, ପତ୍ର, ଫଳ, ପନିପରିବା, ଫୁଲ ବ୍ୟବସ୍ଥା, ଉଦ୍ୟାନ ବିନ୍ୟାସ ଇତ୍ୟାଦି ବିଭିନ୍ନ ବର୍ଗରେ ୨୬୨ଟି ପୁରସ୍କାର ପ୍ରଦାନ କରାଯାଇଛି। ଜାନୁଆରୀ ୧୮ ତାରିଖରେ ଅନୁଷ୍ଠିତ ଏହାର ଉଦଯାପନୀ ସମାରୋହରେ ଆରଏସପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଥିଲେ। ଏହି ଅବସରରେ ଖଣି ବିକାଶ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷ ଗୀତା ରାଣୀ, ଟାଉନ୍ ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବିକେ ଜୋଜୋ, ଦୀପିକା ମହିଳା ସଂଘତିର ସମ୍ପାଦିକା ସାରିକା କୁମାରଙ୍କ ସହିତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଏବଂ ପରିଦର୍ଶକ ଉପସ୍ଥିତ ଥିଲେ। ମୁଖ୍ୟଅତିଥି କଟ ଫ୍ଲାୱାର, ପଟ ପ୍ଲାଣ୍ଟ, ଫଳ ଓ ପନିପରିବାର ସମସ୍ତ ବିଭାଗରେ ସର୍ବାଧିକ ପଏଣ୍ଟ ଲାଭ କରିଥିବା ସେକ୍ଟର-୬ର ବି-୧୬୧ ନିବାସୀ ନୀଳମଣି ପରିଡାଙ୍କୁ ଡିଆଇସି ଚାମ୍ପିଅନ୍ ଟ୍ରଫି ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ସେ ଟ୍ରଫି ସମେତ ୬୦୦୦ ଟଙ୍କାର ପୁରସ୍କାର ରାଶି ମଧ୍ୟ ପାଇଥିଲେ। ଦ୍ୱିତୀୟ ସର୍ବାଧିକ ପଏଣ୍ଟ ମଧ୍ୟ ସେ ଟ୍ରଫି ଲାଭ କରିଥିଲେ। ସେହିପରି କୋଏଲ ନଗର ବି-୧୫୬ ନିବାସୀ ଆରତୀ ସ୍ୱାଇଁ ହାଇବ୍ରିଡ୍ ଟି ରୋଜ୍ ହେଡଲାଇନର ପ୍ରକାରର ଶ୍ରେଷ୍ଠ ନମୁନା ବ୍ଲୁମ୍ ପାଇଁ କିଙ୍ଗ୍ ଅଫ୍ ଦି ଶୋ ଏବଂ ଦ୍ୱିତୀୟ ଶ୍ରେଷ୍ଠ ନମୁନା ବ୍ଲୁମ୍ ଅଫ୍ ଦି ଶୋ ପାଇଁ କୁଇନ୍ ଅଫ୍ ଦି ଶୋ

## ବିଭିନ୍ନ ବର୍ଗରେ ୨୬୨ ପୁରସ୍କାର ପ୍ରଦାନ

ହାସଲ କରିଥିବା ସେକ୍ଟର-୬, ଏଚ -୪୧୬ ନିବାସୀ, ନଟବର ରଣାଙ୍କୁ ଡିଆଇସି ରନର୍ସ ଅପ୍ ଟ୍ରଫି ଓ ପୁରସ୍କାର ଆକାରରେ ୪୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ନୀଳମଣି ପରିଡା କଟ ଫ୍ଲାୱାର, ପଟ ପ୍ଲାଣ୍ଟ ଓ ପନିପରିବାର ସମସ୍ତ ବିଭାଗରେ ସର୍ବୋଚ୍ଚ ଏଗ୍ରିଗେଟ୍ ପଏଣ୍ଟର ଟ୍ରଫି ଜିତିଥିଲେ। ଶ୍ରେଷ୍ଠ ଚନ୍ଦ୍ର ମଲ୍ଲିକା ପାଇଁ ଉଭୟ ଟ୍ରଫି ହାସଲ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିକେ ଯୋଜୋ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉଦ୍ୟାନକୃଷି ବିଭାଗର ଜିଏମଓ ଜେଡିଡିପି ଇନ ଚାର୍ଜ ଡକ୍ଟର ଏ ବିଶ୍ୱାସ ଧନ୍ୟବାଦ ଜ୍ଞାପନ କରିଥିଲେ। ସିଏସଆର ବିଭାଗର ଡିଜିଏମ ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଜମି ଅଧିଗ୍ରହଣକୁ ବିରୋଧ

# ଫୋରମ୍ ଫର୍ ଗ୍ରାମସଭା କମିଟିର ବିଜୁ ଏକ୍ସପ୍ରେସ ଅବରୋଧ



ରାଉରକେଲା, ୧୯।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଡାଲମିଆ ଭାରତ ସିମେଣ୍ଟର ଲାଞ୍ଜିବେର୍ଣ୍ଣା ଚୂନ ପଥର ଖଣି ଦ୍ୱାରା ଜମି ଅଧିଗ୍ରହଣକୁ ବିରୋଧ କରି କରି ଫୋରମ ଫର ଗ୍ରାମସଭା କମିଟି ପକ୍ଷରୁ ଆଜି ଝଗରପୁରଠାରେ ୧୦ ନମ୍ବର ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ ୱେକୁ ୧୨ ଘଣ୍ଟା ଧରି ଅବରୋଧ କରାଯାଇଥିଲା। ଏହି ଆନ୍ଦୋଳନ ଯୋଗୁଁ ଶହ ଶହ ସଂଖ୍ୟାରେ ଯାନବାହାନ ଯାତାୟତ କରି ନ ପାରି ଉଭୟ ପାଶ୍ୱର୍ରେ ଛିଡା ହୋଇରହିଥିଲା। ଫଳରେ ଦୀର୍ଘ ୧୨ ଘଣ୍ଟା ଧରି ସାଧାରଣ ଜୀବନଯାତ୍ରା ଠପ ହୋଇଥିଲା। ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଡାଲମିଆ ଭାରତ ସିମେଣ୍ଟ ଲିମିଟେଡ଼ର ଲାଞ୍ଜିବେର୍ଣ୍ଣା ଚୂନ ପଥର ଖଣି ପାଇଁ ରାଜଗାଙ୍ଗପୁର ତହସିଲ ଅନ୍ତର୍ଗତ ବିହବନ୍ଧ ୯.୨୨ ଏକର ଓ ଓ କୁତ୍ରା ତହସିଲ ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଅଞ୍ଚଳର ୨୭.୨୬ ଏକର ସ୍ଥାନୀୟ ବାସିନ୍ଦାଙ୍କ ରୟତି ଜମିକୁ ଡାଲମିଆ ସିମେଣ୍ଟ ପକ୍ଷରୁ ଅଧିଗ୍ରହଣ କରାଯିବାକୁ ବିରୋଧରେ ଫୋରମ

## ୧୨ ଘଣ୍ଟା ଯାତାୟାତ ଠପ୍

ଫର ଗ୍ରାମସଭା ତରଫରୁ ରାଜଗାଙ୍ଗପୁର ଝଗରପୁର ଠାରେ ଆଜି ସକାଳ ୬ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିଥିଲା। ଫଳରେ ସ୍କୁଲ ବସ ଓ ଆମ୍ବୁଲାନ୍ସ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଯାତ୍ରୀବାହୀ ବସ୍ ସହ ମାଲବାହୀ ଭାରିଯାନ ଚଳାଚଳ ବନ୍ଦ ହୋଇଯିବାରୁ ଏହି ରାସ୍ତା ଦେଇ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। ଗତ ମାସରେ ଲାଞ୍ଜିବେର୍ଣ୍ଣାର ରାଜଗାଙ୍ଗପୁର ଓ କୁତ୍ରା ତହସିଲ ଅନ୍ତର୍ଗତ ଆଦିବାସୀଙ୍କ ରୟତି ଚାଷ ଜମିକୁ ଅଧିଗ୍ରହଣ କରାଯାଇଥିଲା। ଜାନୁଆରୀ ୧୫ ତାରିଖ ସୁଦ୍ଧା ଦଖଲ ହୋଇଥିବା ଜମିକୁ ନ ଫେରାଇଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି କୁହାଯାଇଛି। ସେପଟେ ଆନ୍ଦୋଳନ ସ୍ଥଳରେ ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜଗାଙ୍ଗପୁର ବିଧାୟକ ଡକ୍ଟର ରାଜନ ଏକ୍କାଙ୍କ ସହ ବହୁ ବରିଷ୍ଠ କଂଗ୍ରେସ ନେତା ପହଞ୍ଚି ଆନ୍ଦୋଳନକୁ ସମର୍ଥନ କରିଥିଲେ। ସମ୍ବିଧାନିକ ବିଧି ବ୍ୟବସ୍ଥାକୁ ଜଳାଞ୍ଜଳି ଦେଇ ସ୍ଥାନୀୟବାସୀନ୍ଦାଙ୍କ ଚାଷ ଜମି ଜୋର ଜବରଦସ୍ତ ହଡପ କରି ପୁଞ୍ଜିପତିଙ୍କୁ ପ୍ରଦାନ କରାଯାଉ ଥିବାରୁ ଏହାକୁ ପିସିସି ସଭପତି ଶ୍ରୀ ଦାସ ଦୃଢ଼ ସମାଲୋଚନା କରିଛନ୍ତି। ଆନ୍ଦୋଳନକୁ ଦୃଷ୍ଟିରେ ରଖି ଉପଜିଲ୍ଲାପାଳ ଓ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀ ଆନ୍ଦୋଳନ ସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି।

### • ରାଉରକେଲା ବିମାନ ଦୁର୍ଘଟଣା

# ମୃତ ଯାତ୍ରୀଙ୍କ ପରିବାରକୁ ଭେଟିଲେ ଇଣ୍ଡିଆ ୱାନ୍ ଏୟାର ସିଇଓ

ରାଉରକେଲା,୧୯।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ଜଲଦା ନିକଟରେ ହୋଇଥିବା ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବିମାନ ଯାତ୍ରୀ ଶୁଶାନ୍ତ କୁମାର ବିଶ୍ୱାଳଙ୍କ ପରିବାରକୁ ଆଜି ଭେଟିଛନ୍ତି ଇଣ୍ଡିଆ ୱାନ ଏୟାରର ସିଇଓ ପ୍ରେମ କୁମାର ଗର୍ଗ। ସେ ମୃତକଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କରିବା ସହ ସମବେଦନା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ, ମୃତ ସୁଶାନ୍ତଙ୍କ ବଡ ପୁଅକୁ ଇଣ୍ଡିଆ ୱାନ୍ ଏୟାର ପକ୍ଷରୁ ନିଯୁକ୍ତି ଦିଆଯିବା ପାଇଁ ଗତ କାଲି ଘୋଷଣା କରାଯାଇଥିଲା । ଏକ ବର୍ଷ ପର୍ଯ୍ୟନ୍ତ ପରିବାରର ସମସ୍ତ ଖର୍ଚ୍ଚକୁ ବାବଦକୁ ଇଣ୍ଡିଆ ୱାନ୍ ଏୟାର ସଂସ୍ଥା ୪ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିବେ। ବର୍ଷେ ପରେ ମୃତ ସୁଶାନ୍ତଙ୍କ ବଡ଼ ପୁଅର ପାଠପଢା ସମାପ୍ତ ହେଲେ ତାଙ୍କୁ ଏୟାର ଲାଇନ୍ସରେ ନିଯୁକ୍ତି ଦିଆଯିବ ବୋଲି ଶ୍ରୀ ଗର୍ଗ କହିଛନ୍ତି। ଏହାଛଡା ବିମାନ ଇନ୍ସ୍ୟୁରାନସ୍ ପକ୍ଷରୁ ନିୟମ ମୁତାବକ ମଧ୍ୟ ଆବଶ୍ୟକ ବୀମା ରାଶି ମିଳିବ ବୋଲି ଶ୍ରୀ ଗର୍ଗ ପ୍ରତିଶ୍ରୁତି ଦେଇଛନ୍ତି।



# ଆଖଣ୍ଡଳମଣିପୁରକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି

## ପୂରଣ ନ ହେଲେ ପଞ୍ଚାୟତ ନିର୍ବାଚନ ଭୋଟ ବର୍ଜନ ଚେତାବନୀ

ବଣାଇଁ,୧୯।୧(ସମିସ): ସଂସ୍କୃତି ସମ୍ପନ୍ନ ଗ୍ରାମ ତେଣ୍ତରାର ଆଖଣ୍ଡଳମଣିପୁର ମୌଜାକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ଦାବି ଉଠିଛି। ବଣାଇଁ ସଦର ତହସିଲ ଅନ୍ତର୍ଗତ ଏହି ମୌଜାରେ ବର୍ତ୍ତମାନ ୧୨୫ ଟି ପରିବାରର ୫୪୫ ଜଣ ଅଧିବାସୀ ବସ ବାସ କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହି ଗ୍ରାମଟି ପଡା ଗ୍ରାମରେ ରହିଛି। ଆଖଣ୍ଡଳମଣି ପୁରର ମୂଳ ରାଜସ୍ୱ ଗ୍ରାମ ତେଣ୍ତରା ଅଟେ। ଏହି ଗ୍ରାମରୁ ଆଖଣ୍ଡଳମଣିପୁରକୁ ଦୂରତ୍ୱ ୫୦୦ ମିଟରରୁ ଅଧିକ। ସରକାରୀ ନିୟମ ଅନୁସାରେ ଯେଉଁ ପଡାଗ୍ରାମ ମୂଳ ରାଜସ୍ୱ ଗ୍ରାମଠାରୁ ୫ ଶହ ମିଟରରୁ ଅଧିକ ଦୂରତା ଏବଂ ୨୫୦ଜଣ ଜନସଂଖ୍ୟା ରହିଥିବେ ତେବେ ଉକ୍ତଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯିବା କଥା। କିନ୍ତୁ ବାରମ୍ବାର ଦାବି କରାଯିବା ସତ୍ତ୍ୱେ ଆଖଣ୍ଡଳମଣିପୁରକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଗ୍ରାମକୁ ରାଜସ୍ୱ ମାନ୍ୟତା ଦେବା ଲାଗି ପୂର୍ବରୁ ଅବସର ପ୍ରାପ୍ତ ବନପାଳ ବିନୋଦ ବିହାରୀ ପ୍ରଧାନଙ୍କ ନେତୃତ୍ୱରେ ବଣାଇଁ ଉପଜିଲ୍ଲାପାଳ, ତହସିଲଦାର ଏବଂ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘଦିନ ଧରି ଏହାର ମାମଲା ତହସିଲ କୋର୍ଟରେ ବିଚାରଧୀନ ରହିଛି। ସେହିପରି ରାଜ୍ୟ ସରକାର ଗତବର୍ଷ ରାଜ୍ୟର ୪ହଜାର ପଡାଗ୍ରାମକୁ ରାଜସ୍ୱ ମାନ୍ୟତା ଦେଲେ, ମାତ୍ର ସମସ୍ତ କାଗଜପତ୍ର ଦାଖଲ ହୋଇଥିବା ସତ୍ତ୍ୱେ ଆଖଣ୍ଡଳମଣିପୁରକୁ ମାନ୍ୟତା ପ୍ରଦାନ କରାଗଲା ନାହିଁ। ତେଣୁ ସେଠାକାର ସ୍ଥାନୀୟ ଜନସାଧାରଣ ବିଭିନ୍ନ ପ୍ରକାରର ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଆଗାମୀ ଦିନରେ ସରକାର ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ସରକାର ଗ୍ରାମକୁ ରାଜସ୍ୱ ମାନ୍ୟତା ନ ଦେଲେ ସମସ୍ତ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଆଖଣ୍ଡଳମଣିପୁର ଉନ୍ନୟନ କମିଟିର ସଦସ୍ୟ ବିନୋଦ ବିହାରୀ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ

ରାଉରକେଲା,୧୯।୧(ସମିସ): ବ୍ରେନ୍ସ ଆଇକନିକ ଚାରିଟେବଲ ଟ୍ରଷ୍ଟ, ଭୁବନେଶ୍ୱର ଓ ଶ୍ରୁତି ସୁଧା ସାହିତ୍ୟ ସଂସଦ, ପାହ୍ୟାର ମିଳିତ ସହଯୋଗରେ ସୁନ୍ଦରଗଡ ଜିଲ୍ଲାର ବଡଗାଁ ଅନ୍ତର୍ଗତ ପାମରା ଗାଁରେ ୧୦୦ ଜଣ ଦିବ୍ୟାଙ୍ଗମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ସଂସଦର ସଭାପତି ଗାୟକ ପଶ୍ଚିମ ଦ୍ରୋଣାଚାର୍ଯ୍ୟ ନରେନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଏବଂ ବ୍ରେନ୍ସ ଆଇକନିକ ଚାରିଟେବଲ ଟ୍ରଷ୍ଟ ଚେୟାରମ୍ୟାନ ଡକ୍ଟର ଅଶୋକ କୁମାର ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ଅନ୍ୟତମ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ବୈରାଗୀ ଚରଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ଗାୟକ ଗୋକୁଳାନନ୍ଦ ବାରିକ୍ ମଙ୍ଗଳାଚରଣ ପାଠ କରିବା ପରେ ସଂସଦର ସମ୍ପାଦକ ଗାୟକ ପଶ୍ଚିମରତ୍ନ ଫକୀର ବାଡା ଅନୁଷ୍ଠାନର ପ୍ରତିଷ୍ଠାତା କଳାସମ୍ରାଟ ଗାୟକ ଭାଷାରତ୍ନ ଖଗେଶ୍ୱର ମାର୍ଥ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ। ଉପସଭାପତି ଗାୟକ ସରଜୁ ସୁନାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଗାୟକ ଦୟାସାଗର ରାଉତ ଟ୍ରଷ୍ଟ ଓ ସଂସଦର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ପାମରାର ଦୁଇ ଗୋଟି ସଙ୍କୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



# ସିଏସ୍ଆର କାର୍ଯ୍ୟକ୍ରମର ସମୀକ୍ଷା କଲେ ଆର୍ଏସ୍‌ପି ଡିଆଇସି




ରାଉରକେଲା, ୧୯।୧(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଆଲୋକ ବର୍ମା ଏବଂ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଜଲଦା 'ସି' ବ୍ଲକ୍ ପରିଦର୍ଶନ କରି ଉକ୍ତ ଅଞ୍ଚଳରେ ଚାଲୁଥିବା ସିଏସଆର କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନରେ ତାଙ୍କ ସହିତ ସିଏସଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ସିଏସଆର ବିଭାଗର ଜିଏମ୍ ବିଭାବସୁ ମଲିକ ଏବଂ କାରଖାନାର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜଲଦା ଗ୍ରାମ ପଞ୍ଚାୟତର ପ୍ରତିନିଧି ଇଗ୍ନେସ୍ ଖାଡିଆ ଏବଂ ଯତ୍ନ ଓରାମ ଡିଆଇସିଙ୍କୁ ଗ୍ରାମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଥିଲେ। ପରିଦର୍ଶନ ସମୟରେ ଡ଼ିଆଇସି ପୁନର୍ବାସ କଲୋନୀର ବାସିନ୍ଦାମାନଙ୍କୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ସୁବିଧାଗୁଡ଼ିକର ସମୀକ୍ଷା କରିଥିଲେ। ସ୍ଥାନୀୟ ସମ୍ପ୍ରଦାୟର ଜୀବନଧାରଣର ଗୁଣବତ୍ତା ଉନ୍ନତ କରିବାରେ ଏହାର ପ୍ରଭାବଶାଳିତା ମୂଲ୍ୟାଙ୍କନ କରିଥିଲେ। ଡିଆଇସି ଉଷା ସିଲେଇ ଏବଂ ଗ୍ରାମ ଉତ୍ଥାନ ସହଯୋଗରେ ଜଲଦାରେ ଆରଏସପିର ସିଏସଆର ପଦକ୍ଷେପ ଅଧୀନରେ ପ୍ରତିଷ୍ଠିତ ତାଲିମ-ସମ-ଉତ୍ପାଦନ କେନ୍ଦ୍ର (ଟିସିପିସି) ପରିଦର୍ଶନ କରିଥିଲେ। ସେ କେନ୍ଦ୍ରରେ କାର୍ଯ୍ୟରତ ମହିଳାମାନଙ୍କ ସହିତ ଆଲୋଚନା କରିବା ସହିତ ଦକ୍ଷତା ବିକାଶ ଏବଂ ଜୀବିକା ନିର୍ବାହରେ ସେମାନଙ୍କର ପ୍ରୟାସକୁ ପ୍ରଶଂସା କରିଥିଲେ। ଡ଼ିଆଇସି ଏପରି ପଦକ୍ଷେପର ନିରନ୍ତର ସଫଳତା ପାଇଁ ସମସ୍ତ ସମ୍ଭାବ୍ୟ ସମର୍ଥନର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଡିଆଇସି ଏହି ଅଞ୍ଚଳରେ କ୍ରୀଡା ଏବଂ ଯୁବ ସମ୍ପର୍କକୁ ଉତ୍ସାହିତ କରିବା ପାଇଁ ଜଲଦା ଫୁଟବଲ୍ ଗ୍ରାଉଣ୍ଡକୁ ମଧ୍ୟ ପରିଦର୍ଶନ କରିଥିଲେ।

### ବଣାଇଁ ବନଖଣ୍ଡରେ ସରିଲା ପକ୍ଷୀ ଗଣନା

# ୩୯ ପ୍ରକାରର ୪୮୫୧ ପକ୍ଷୀ ଚିହ୍ନଟ



ବଣାଇ,୧୯।୧(ସମିସ): ସାରା ରାଜ୍ୟରେ ଥିବା ସମସ୍ତ ବନଖଣ୍ଡରେ ରବିବାର ପକ୍ଷୀ ଗଣନା ହୋଇଛି। ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା ଏହି ପକ୍ଷୀ ଗଣନା। ତେବେ ପକ୍ଷୀ ଗଣନା ପାଇଁ ବଣାଇଁ ବନଖଣ୍ଡରେ ୨୫ ଟି ଟିମ୍ ନିୟୋଜିତ ହୋଇଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ଗଣନା କାର୍ଯ୍ୟରେ ଜିପିଏସ, ବାଇନା କୁଲାର, ୱାକିଟକି, କ୍ୟାମେରା ବ୍ୟବହାର କରାଯାଇଥିଲା। ସୂଚନାନୁଯାୟୀ, ବଣାଇଁ ବନଖଣ୍ଡ ଅଧିନସ୍ଥ ସୋଲ, ଜର୍ଡା, ତାମଡା, ବଣାଇଁ, କୁଲିପୋଷ, ବରସୁଆଁ, କୋଇଡା ଇତ୍ୟାଦି ୭ଟି ରେଞ୍ଜରେ ପକ୍ଷୀ ଗଣନା ସରିଛି। ଏହି ପକ୍ଷୀ ଗଣନାରେ ୧୨୫ ଜଣ କର୍ମଚାରୀ ସାମିଲ ଅଛନ୍ତି। ଏନେଇ ବଣାଇଁ ବନଖଣ୍ଡ ଅଧିକାରୀ ରଶ୍ମି ଜି ସୂଚନା ଦେଇଛନ୍ତି। ତେବେ ଟିମରେ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ, ଜଙ୍ଗଲ ବିଭାଗ କର୍ମଚାରୀ, ସ୍କୁଲ ଛାତ୍ରଛାତ୍ରୀ, ବିଭିନ୍ନ ରେଞ୍ଜ ଅନ୍ତର୍ଗତ ବନ ସୁରକ୍ଷା ସମିତିର ସଦସ୍ୟ ସାମିଲ ହୋଇଛନ୍ତି। ବଣାଇଁ ବନଖଣ୍ଡରେ ୩୯ ପ୍ରକାରର ୪୮୫୧ ପକ୍ଷୀ ଚିହ୍ନଟ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୧ ଟି ବିଦେଶାଗତ ପକ୍ଷୀ ରହିଛନ୍ତି। ପୂର୍ବବର୍ଷ ତୁଳନାରେ ଜଳାଶୟ ଗୁଡିକରେ ଭଲ ପାଣି ରହିଥିବାରୁ ଚଳିତ ବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଥିବା ବିଭାଗ କହିଛି। ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ୭୪୬ ଟି ଅଧିକ ପକ୍ଷୀ ଆସିଛନ୍ତି। ବିଭାଗ ପକ୍ଷରୁ ବନଖଣ୍ଡ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହକାରୀ ବନ ସଂରକ୍ଷକ, ରବିକାନ୍ତ ମୀନା, ଦୁର୍ଯ୍ୟୋଧନ ଜେରେଇ, ନଳିନୀ କାନ୍ତ ବେହେରା, ସମସ୍ତ ରେଞ୍ଜ ଅଧିକାରୀ, ବନପାଳ, ବନରକ୍ଷୀ ଏବଂ ସ୍କୁଲ ଛାତ୍ରଛାତ୍ରୀ ପକ୍ଷୀ ଗଣନାରେ ସାମିଲ ହୋଇଥିଲେ।



## ଚଳିତ ବର୍ଷ ଆସିଛନ୍ତି ୭୪୬ ଅଧିକ ପକ୍ଷୀ

# ଦଳପତି ମହାସଭାର ସାଧାରଣ ବୈଠକ



ରାଉରକେଲା, ୧୯।୧(ସମିସ): ଦଳପତି ମହାସଭା ରାଉରକେଲା ଶାଖାର ୨୬ତମ ସାଧାରଣ ବୈଠକ ସେକ୍ଟର-୨୦ କମ୍ୟୁନିଟି ସେଣ୍ଟରଠାରେ ବ୍ରଜ ସୁନ୍ଦର ରାଉତଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ବିବେକାନନ୍ଦ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ପ୍ରସାଦ ପାତ୍ର ଦଳପତି ଜାତିର ଗୌରବ ଗାଥା ବିଷୟରେ ଆଲୋକପାତ କରିଥିଲେ। ସାଧାରଣ ସଂପାଦକ ବିଶ୍ୱଜିତ ଜେନା ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଦଳପତି ମହାସଭା ରାଉରକେଲା ଶାଖା କିପରି ସୁସଂଗଠିତ ହୋଇ ରହିପାରିବ ସେ ବିଷୟରେ ମାର୍ଗ ଦର୍ଶନ କରିଥିଲେ। କୋଷାଧ୍ୟକ୍ଷ ସୁଦର୍ଶନ ମହାନ୍ତି ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ଶ୍ରବଣ କୁମାର ଦଳେଇ ସମାଜ ନିମନ୍ତେ କାମ କରିବା ପାଇଁ ମୂଳମନ୍ତ୍ର ଦେଇଥିଲେ। ଲୋକେଶ ରାଉତ ସମାଜକୁ ଆଗେଇ ନେବା ନିମନ୍ତେ ପ୍ରେରଣା ଦେଇଥିଲେ। ଉପସଭାପତି କାଳିଦାସ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ହେମନ୍ତ ଜେନା ପରିଚାଳନା କରିଥିଲେ। ସୁଶାନ୍ତ ଦଳେଇ, ଲକ୍ଷ୍ମୀଧର ନାୟକ ଓ କୃଷ୍ଣ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସିଆଇଟିୟୁ ଓ କୃଷକ ସଭାର ବିକ୍ଷୋଭ




ରାଉରକେଲା,୧୯।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ରାଉରକେଲା ମହାନଗର ନିଗମ ଅଫିସ ସମ୍ମୁଖରେ ଶ୍ରମିକ-କୃଷକ ସଂହତି ଦିବସ ଉପଲକ୍ଷେ ସିଆଇଟିୟୁ ଓ କୃଷକ ସଭା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ରାଉରକେଲା ମହାନଗର ନିଗମ ଅଫିସ ସମ୍ମୁଖରୁ ଶ୍ରମିକ -କୃଷକ- କ୍ଷେତ ମଜଦୁରମାନଙ୍କ ଏକ ପଟୁଆର ବାହାରି ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିଆଇଟିୟୁ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ସରକାରଙ୍କ ଶ୍ରମ କୋର୍ଡ ଲାଗୁ ଭଳି ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ ଆଗାମୀ ଫେବୃଆରୀ ୧୨ ତାରିଖ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଓ ହରତାଳର ଡାକରା ଦେଇଛନ୍ତି ଦେଶର ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନର କର୍ମଚାରୀ ଫେଡେରେସନ। ଏହାକୁ ସଫଳ କରିବାକୁ ଶ୍ରୀ ମହାନ୍ତି ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷକ ସଭା ରାଜ୍ୟ ଉପ ସଭାପତି ସୁରେନ୍ଦ୍ର ଦାଶ, ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ରାଜ୍ୟ ସଂପାଦକ ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ବିପି ମହାପାତ୍ର, ହୃଦୟାନନ୍ଦ ଯାଦବ, ରାଜ କିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ଶକୁନ୍ତଳା ମହାକୁଡ଼, ଅଜିତ ଏକ୍କା, ଉପେନ୍ଦ୍ର ତ୍ରିପାଠୀ, ବୁଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ, ଉପେନ୍ଦ୍ର ତ୍ରିପାଠୀ, ଅରୁଣ ଦାସ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍?ଜିତ ମାଝୀ, ବିନୟ ବେହୁରିଆ, ଅରୁଣ ମହାରଣା, ବିଜୟ ସ୍ୱାଇଁ, ସମ୍ବିତ ସ୍ୱାଇଁ, ମନୋଜ ପଟ୍ଟନାୟକ, ମିହିର ପାତ୍ର, ଅନିରୁଦ୍ଧ ଜେନା, ବଛିରାମ ବେହେରା ସମେତ ବହୁ ନେତୃତ୍ୱ ସାମିଲ ହୋଇଥିଲେ।

# ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ

ବଣାଇଁ ,୧୯।୧(ସମିସ): ବଣାଇଁ ସହର ସ୍ଥିତ ବାବା ବାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ବଣାଇଁ ବ୍ଲକ ଅଧ୍ୟକ୍ଷ ମଞ୍ଜୁଲତା କିଷାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁ, ବ୍ଲକ୍ ଉପାଧ୍ୟକ୍ଷା ବିନିତା ବେହେରା, ବିଜେପି ନେତା ରାହାସ ବିହାରୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ବୀର ବିଚିତ୍ରସେନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

### ପୂର୍ବକ୍ଷେତ୍ର ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହକି ପ୍ରତିଯୋଗିତା

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍



ରାଉରକେଲା,୧୯।୧(ସମିସ): ଗତ ଜାନୁୟାରୀ ୧୪ ରୁ ୧୯ ତାରିଖ ପର୍ଯ୍ୟନ୍ତ ସ୍ପୋର୍ଟ୍ସ ହଷ୍ଟେଲ ପାନପୋଷଠାରେ ମ୍ୟୁନିସିପାଲ ମହାବିଦ୍ୟାଳୟ ରାଉରକେଲା ଆନୁକୂଲ୍ୟରେ ପୂର୍ବକ୍ଷେତ୍ର ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ୍ ହୋଇଥିବା ବେଳେ ବୀର ବହାଦୁର ସିଂ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ମହାତ୍ମାଗାନ୍ଧୀ କାଶୀ ବିଶ୍ୱବିଦ୍ୟାଳୟ ତୃତୀୟ ଏବଂ କୀଟ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଚଳିତ ମାସ ୨୨ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ରାଉରକେଲା ବୀର ବିର୍ସା ମୁଣ୍ଡା ହକି ଷ୍ଟାଡିଅମଠାରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଇଣ୍ଟର ଜୋନ ହକି ପ୍ରତିଯୋଗିତାରେ ଉପରୋକ୍ତ ୪ଟି ଦଳ କୃତିତ୍ୱ ହାସଲ କରିଥିବା ଜଣାପଡିଛି। ଏହି ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ଚାରୋଟି ଟିମ ପ୍ରତି ଜୋନରୁ ଯୋଗ ଦେବେ। ଆଜି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ କ୍ରୀଡା ଉପନିର୍ଦ୍ଦେଶକ ସୁଦୀପ୍ତ କୁମାର ନାୟକ ଯୋଗଦେଇଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ସୁମନ କୁମାର ଚୌଧୁରୀ, ଅମୂଲ୍ୟା ନନ୍ଦ ବିହାରୀ, ଲୁସିଆ ଏକ୍କା, ଆଶିଷ କୁମାର ପରିଡା, ଦୀପ୍ତି ରଞ୍ଜନ ମହାନ୍ତି ଏବଂ ପ୍ରତିଯୋଗିତାର ଅଧ୍ୟକ୍ଷ ତଥା ମ୍ୟୁନିସିପାଲ କଲେଜ ଅଧ୍ୟକ୍ଷ ପ୍ରଫେସର ହରିହର ଦାଶ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ହକି ଇଣ୍ଡିଆ ଏବଂ ହକି ଓଡିଶାର ଅଫିସିଆଲମାନେ ଖେଳ ପରିଚାଳନା କରିଥିଲେ। ପରିଚାଳନା ସମ୍ପାଦକ କ୍ୟାପଟେନ ସତ୍ୟ ନାରାୟଣ ରାଉତ, ହୃଷିକେଶ ଦାଶ, ଅନୁଭବ ରାଉତ, ବେଲାସ ହରୋ, ଅବିନାଶ ମହାନ୍ତି, ବିଶ୍ୱଜିତ ଦଳେଇ, ରାଜେନ ଏକ୍କା, ସତ୍ୟବ୍ରତ ପ୍ରଧାନ, ଅଞ୍ଜିତ, ଅଭିଷେକ ଅଫିସିଆଲ ରୂପେ ଖେଳ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ମ୍ୟୁନିସିପାଲ କଲେଜ ତରଫରୁ ପରିଚାଳନା ସମ୍ପାଦକ କ୍ୟାପଟେନ ସତ୍ୟ ନାରାୟଣ ରାଉତ ନେତୃତ୍ୱରେ ଗଗନ ବିହାରୀ ନାୟକ, କୃଷ୍ଣ ଚନ୍ଦ୍ର ପାତ୍ର, କିରଣ ଏରିକା ଖାଲଖୋ ପ୍ରତିଯୋଗିତାକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ।

# ଉତ୍ସାହ ପରିବାର ପକ୍ଷରୁ କମ୍ବଳ ବଣ୍ଟନ



ନିଶ୍ଚିନ୍ତକୋଇଲି,୧୯।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ୍ର କଟରପଡାଠାରେ ଥିବା ସ୍ୱେଚ୍ଛାସେବୀ ସଂଗଠନ ଉତ୍ସାହ ପରିବାର ପକ୍ଷରୁ ନେମାଳ ଗ୍ରାମପଞ୍ଚାୟତର ବିଭିନ୍ନ ଗରିବ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପରିବାର ସଭାପତି ଦେବାଶିଷ ବେଉରାଙ୍କ ସଂଯୋଜନାରେ ଏହି ପଞ୍ଚାୟତରେ ୫୦ରୁ ଉର୍ଦ୍ଧ୍ୱ ଗରିବ ଶ୍ରେଣୀର ଲୋକମାନଙ୍କ ଘରକୁ ଯାଇ କମଳ ପ୍ରଦାନ କରାଯାଇଛି। ରଶ୍ମିରଂଜନ ଲେଙ୍କା, ହେମନ୍ତ ରାଉତ, ଡାକ୍ତର ଅଶ୍ୱିନୀ ଲେଙ୍କା, ପ୍ରକାଶ ସ୍ୱାଇଁ, ଅଚ୍ୟୁତାନନ୍ଦ ସେଠୀ, ପିୟୁଷ ସେଠୀ, ଅମର ନାଥ, ପ୍ରସନ୍ନ ଭୂୟାଁ, ଚନ୍ଦନ ବାରିକ, ରୁଦ୍ରନାରାୟଣ ପୃଷ୍ଟି, ବବୁଲ ସେଠୀ ସହଯୋଗ କରିଥିଲେ।

## ଶୀତ ଦିନରେ କଟକରେ ଜଳବନ୍ଦୀ ସ୍ଥିତି

# ରାସ୍ତା ଉପରେ ନର୍ଦ୍ଦମା ପାଣି

କଟକ,୧୯।୧(ସମିସ)

ସିଲଭର ସିଟି କଟକରେ ଏବେ ବିନା ବର୍ଷାରେ ବନ୍ୟା ପରିସ୍ଥିତି। ଯେଉଁ ଦୃଶ୍ୟ ସାଧାରଣତଃ ମୌସୁମୀ ସମୟରେ ଦେଖିବାକୁ ମିଳେ, ତାହା ଏବେ

- ଦୁର୍ଦ୍ଦଶାରେ ୱାର୍ଡ ନଂ ୧୦ ଓ ୧୨ ବାସିନ୍ଦା
- ଡ୍ରେନେଜ କାର୍ଯ୍ୟ ଯୋଗୁଁ ନରକ ଯନ୍ତ୍ରଣା
- ଭାରସାମ୍ୟ ହରାଇ ନର୍ଦ୍ଦମାରେ ପଡ଼ିଲେ ସ୍କୁଲ ଛାତ୍ରୀ
- ପ୍ରଶାସନର ନିଷ୍କ୍ରିୟତା ବିରୋଧରେ ଗର୍ଜିଲେ ଅଞ୍ଚଳବାସୀ

ଶୀତ ଦିନେ କଟକ ମହାନଗର ନିଗମ (ସିଏମସି)ର ୱାର୍ଡ ନଂ ୧୦ ଏବଂ ୧୨ ଅଞ୍ଚଳରେ ଦେଖିବାକୁ ମିଳୁଛି। କାଫଲାବଜାର ଛକଠାରୁ ଫାଣ୍ଡି ପର୍ଯ୍ୟନ୍ତ ସମଗ୍ର ରାସ୍ତା ଏବେ ନର୍ଦ୍ଦମା ଜଳରେ ଭର୍ତ୍ତି। ଡ୍ରେନରେ ପ୍ରବାହିତ ହେବାକୁ ଥିବା କଳା ଓ ଅପରିଷ୍କାର ପାଣି ଏବେ ରାସ୍ତା ଉପରେ ଲହଡ଼ି ମାରୁଛି, ଯାହା ଫଳରେ ସ୍ଥାନୀୟ ବାସିନ୍ଦା ଓ ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ଦୁଇ ମାସ ଧରି ଏହି ଅଞ୍ଚଳରେ ଡ୍ରେନ କାର୍ଯ୍ୟ ଜାରି ରହିଥିବା ବେଳେ ଏହାର ପରିଚାଳନାରେ ଗୁରୁତର ତ୍ରୁଟି ଦେଖାଦେଇଛି। ବିଭାଗୀୟ ଅବହେଳା ଯୋଗୁଁ ନର୍ଦ୍ଦମା ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତାକୁ ମାଡ଼ି ଆସୁଛି। ଏହି ଦୁର୍ଗନ୍ଧମୟ ପରିବେଶ ମଧ୍ୟରେ ଛୋଟ ପିଲାମାନେ ସ୍କୁଲ ଯିବା ଆସିବା କରିବା ଏକପ୍ରକାର ବିପଜ୍ଜନକ ହୋଇପଡ଼ିଛି। ଆଜି ଏକ ଅଭାବନୀୟ ଘଟଣାକ୍ରମେ ଜଣେ ସ୍କୁଲ ଛାତ୍ରୀ ଏହି ନର୍ଦ୍ଦମା ଜଳାବଦ୍ଧ ରାସ୍ତାରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଛାତ୍ରୀଜଣକ ସେହି ଅପରିଷ୍କାର ପାଣିରେ ପଡ଼ି ଆହତ ହୋଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ସମସ୍ୟା ସମ୍ପର୍କରେ ସେମାନେ ବାରମ୍ବାର ସ୍ଥାନୀୟ ଜନପ୍ରତିନିଧି ଏବଂ ସିଏମସି କର୍ତ୍ତୃପକ୍ଷଙ୍କୁ ଗୁହାରି ଜଣାଇଛନ୍ତି। ମାତ୍ର ଦୁଇ ମାସ ବିତିଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ। କେବଳ ପ୍ରତିଶ୍ରୁତିରେ କାମ ଚାଲିଥିବା ବେଳେ ବାସ୍ତବରେ ସ୍ଥିତି ସଂଗୀନ ହେବାରେ ଲାଗିଛି। ଯଦି ଆଗାମୀ କିଛି ଦିନ ମଧ୍ୟରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ, ତେବେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବା ସହ "ରାସ୍ତାରୋକ୍' କରିବେ ବୋଲି ଚେତାବନୀ ଦେଇଛନ୍ତି।





## ଲକ୍ଷେଶ୍ୱର ମନ୍ଦିରରେ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ

ଫୁଲନଖରା,୧୯।୧(ସମିସ): ନଖରାସ୍ଥିତ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବ ଆଞ୍ଚଳିକ ଓଡ଼ିଶୀ ସଂକୀର୍ତ୍ତନ ମହାମଣ୍ଡଳ ପକ୍ଷରୁ ୨୭ତମ ବାର୍ଷିକ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଅଞ୍ଚଳର ପ୍ରାୟ ୫୨ଟି ମଣ୍ଡଳ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଉଦ୍‌ଘାଟନ କରିଥିଲେ। ଲୋକଙ୍କ ଭିତରେ ଆଧ୍ୟାତ୍ମିକ ଚିନ୍ତନ ମାଧ୍ୟମରେ ସୁସ୍ଥ ପରିବେଶ ସୃଷ୍ଟି କରିବା ହିଁ ପ୍ରତିବର୍ଷ ତ୍ରିବେଣୀ ଅମାବାସ୍ୟାରେ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବର ମୂଳଲକ୍ଷ୍ୟ ଉକ୍ତ ସଂକୀର୍ତ୍ତନ ବୋଲି ଉପଦେଷ୍ଟା ଗାୟକ ସୁଧାକର ଯୁଧିଷ୍ଠିର ପରିଜା ପ୍ରକାଶ କରିଥିଲେ। ଦୀର୍ଘ ୨୭ ବର୍ଷ ହେବ ସଂକୀର୍ତ୍ତନ ପରିବେଷଣକୁ ବଜାୟ ରଖିବାରେ ସଂକୀର୍ତ୍ତନ ମହାମଣ୍ଡଳ ସକ୍ଷମ ହୋଇପାରିଛି ବୋଲି ମହନ୍ତ ନଳିନୀ ସ୍ୱାଇଁ ପ୍ରକାଶ କରିଥିଲେ। ଅଧିକାରୀ ବିଷ୍ଣୁଚରଣ ପରିଡା, ଉପଦେଷ୍ଟା ପ୍ରଫେସର ଯୁଧିଷ୍ଠିର ଖଟୁଆ, ଆଶୁତୋଷ ସାମନ୍ତରାୟ, ଲକ୍ଷ୍ମୀଧର ବେହେରା, ଜଗମୋହନ ବଳବନ୍ତରାୟ, ପବିତ୍ର ମୋହନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ଜବାହରଲାଲ ନେହରୁ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ମାହାଙ୍ଗା,୧୯।୧(ସମିସ): କୁଆଁପାଳସ୍ଥିତ ଜବାହରଲାଲ ନେହରୁ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ନିଖିଳେଶ ପଦ ମହାନ୍ତି, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ କୁମୁଦ ରଞ୍ଜନ ସିଂହ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ସନ୍ଧ୍ୟାରାଣୀ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ରୁଦ୍ରନାରାୟଣ ଦାଶ ଧନ୍ୟବାଦ ଦେଇଥିଲେ। କୃତୀ ପ୍ରତିଯୋଗୀ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ରବି ନାରାୟଣ ବାରିକ, ବସନ୍ତ ସେଠୀ, କୃଷ୍ଣଚନ୍ଦ୍ର ବେହେରା, ଅଶୋକ ସିଂହ, ଆଶିଷ ବରାଳ, ଶୁଭମ ଦାସ, ବିଶିକେସନ ଦାସ, ଅଧ୍ୟାପିକା ଡ. ଜୟଶ୍ରୀ ରାଉତ, ଅରୁଣ ବାରିକ ସହଯୋଗ କରିଥିଲେ। ମୁଖ୍ୟଅତିଥି ଶ୍ରୀ ପ୍ରଧାନ ମହାବିଦ୍ୟାଳୟରେ ମହାବିଦ୍ୟାଳୟ ନବୀକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ସଂଗୀତ ଓ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ



କନ୍ଦରପୁର,୧୯।୧(ସମିସ): କଟକ ସଦର ଅନ୍ତର୍ଗତ ବିରିବାଟୀ ମା ତାରିଣୀଙ୍କ ପୀଠରେ ବାଲି ସାହି ବରିଷ୍ଠ ନାଗରିକ ମଞ୍ଚ ତରଫରୁ ବାର୍ଷିକୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କଟକ ସଦରର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ଯୋଗଦେଇଥିଲା ବେଳେ ମଞ୍ଚର ସଭାପତି ଦୁଃଶାସନ ବେହେରାଙ୍କ ପୌରହିତ୍ୟରେ ଏବଂ ଅଶ୍ୱିନୀ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚର ସମ୍ପାଦକ ପ୍ରବୀର ସ୍ୱାଇଁ ଓ କୋଷାଧ୍ୟକ୍ଷ ନୃସିଂହ ଚରଣ ପାଣିଗ୍ରାହୀ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ସର୍ବେଶ୍ୱର ମିଶ୍ର, ସୁକାନ୍ତ ବେଉରା ଓ ବିଷ୍ଣୁଚରଣ ବେହେରାଙ୍କୁ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରିୟବ୍ରତ ଦାଶ, ବିଭୂତି ଭୂଷଣ ମହାନ୍ତି, ନରେନ୍ଦ୍ର ଦାଶ, ହରିହର ଦଳାଇ, ସୁନାକର ଦ୍ୱିବେଦୀ, କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ଥିଲେ। ଉପସଭାପତି ଶ୍ରୀକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ବନ୍ଦେ ମାତରଂ ପୁରସ୍କାର ବଣ୍ଟନ

ଟାଙ୍ଗୀ,୧୯ ।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ହାଇସ୍କୁଲ ପରିସରରେ ବନ୍ଦେ ମାତରଂ ୧୫୦ ବର୍ଷ ପାଳନ ଅବସରରେ ବ୍ଲକସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମେଘମାଳା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ସାଂସଦ ପ୍ରତିନିଧି ଚୌଧୁରୀ ହେମନ୍ତ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଆଠଗଡ ବିଧାୟକ ପ୍ରତିନିଧି ସେକ ସାହାଜାନ, ସାଲେପୁର ବିଧାୟକ ପ୍ରତିନିଧି ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସ୍ଥାନୀୟ ସରପଞ୍ଚ ଭରତ ବେହେରା, ବିଡିଓ ଏନ ରାଜଲକ୍ଷ୍ମୀ ଓଝା, ଏବିଡିଓ ଶାଶ୍ୱତ ଜେନା, ବିଆରସିସି ସୁଷମା ଦେଇ, ଏବିଇଓ ଅରୁନ୍ଧତୀ ମିଶ୍ର ଓ ପରିଚାଳନା କମିଟି ସଭାପତି ମମତା ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର ୨୪ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## 'ଭିବି ଜି ରାମ ଜି'କୁ ନେଇ ସଚେତନତା




ବଡମ୍ବା,୧୯।୧(ସମିସ): ବଡମ୍ବା ବ୍ଲକ ଅଧୀନ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ବିଜେପି ଦଳ ପକ୍ଷରୁ ଭିବି ଜି ରାମ ଜିକୁ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟଅତିଥି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ବଡମ୍ବା ବିଧାୟକ ବିଜୟ ଦଳବେହେରା, କଟକ ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି, କଟକ ଜିଲ୍ଲା ପ୍ରଭାରୀ କିଶୋର ଚନ୍ଦ୍ର ପଣ୍ଡା, ବଡମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ବିଭୁଦତ୍ତ ପଟ୍ଟନାୟକ, ଭିବି ଜୀ ରାମ ଜୀ ଟ୍ରଲ୍ଲ ଜିଲ୍ଲା ପ୍ରମୁଖ ହରେକୃଷ୍ଣ ମହାନ୍ତି, ଧନେଶ୍ୱର ନାୟକ, ସୁଶାନ୍ତ ମହାନ୍ତି, ଜିଲ୍ଲା ପଦାଧିକାରୀ ସୂର୍ଯ୍ୟମଣି ଜେନା, ରଜନୀ ଜେନା, ମନୋଜ ପଣ୍ଡା, ତାପସ ଜେନା, ତ୍ରିଲୋଚନ ପାତ୍ର, ସନ୍ତୋଷ ରାଉତ, ନିର୍ମଳେନ୍ଦୁ ପ୍ରକାଶ, ପ୍ରଦୀପ ପରିଜା, ମଳୟ ଘଡେଇ, ଅହଲ୍ୟା ଜେନା, ଉମାକାନ୍ତ ସେଠୀ, ହେମମଞ୍ଜରୀ ଭଞ୍ଜଦେଓ, ବେବିନା ମହାପାତ୍ର, ସୁବାସ ମହାନ୍ତି, ମମତା ରାଣୀ ନାୟକ, ହିମାଂଶୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗ୍ରାମାଞ୍ଚଳରେ ଆୟ ସୁରକ୍ଷାକୁ ସୁଦୃଢ କରିବା, ଆଇନର ବ୍ୟବସ୍ଥା ଅନୁଯାୟୀ, ଇଚ୍ଛୁକ ଗ୍ରାମୀଣ ପରିବାରଗୁଡ଼ିକୁ ସର୍ବନିମ୍ନ ୧୨୫ ଦିନର ନିଯୁକ୍ତି ପ୍ରଦାନ କରିବା ପାଇଁ ସରକାର ସାମ୍ବିଧାନିକ ଭାବରେ ଦାୟୀ ରହିବେ। ମଜୁରୀ ପ୍ରଦାନ ସପ୍ତାହିକ କିମ୍ବା ସର୍ବାଧିକ ୧୫ ଦିନ ମଧ୍ୟରେ ବାଧ୍ୟତାମୂଳକ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦେୟ ପ୍ରଦାନ ନ ହେଲେ ମଜୁରୀ ପ୍ରଦାନରେ ବିଳମ୍ବ ପାଇଁ କ୍ଷତିପୂରଣ ପ୍ରଦାନ କରିବାର ବ୍ୟବସ୍ଥା ଅଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ।

## ଆଲୋକ ମେମୋରିଆଲ୍ କ୍ରିକେଟ

## ନର୍ଥନ କ୍ରିଷ୍ଟାନନ୍ଦପୁର ଚାମ୍ପିଅନ

ନେମାଳ,୧୯।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ବକ୍ରେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପଞ୍ଚମ ବାର୍ଷିକ ଆଲୋକ ମେମୋରିଆଲ କ୍ରିକେଟ




ଟୁର୍ଣ୍ଣାମେଣ୍ଟରେ ନର୍ଥନ କ୍ରିକେଟ ଟିମ୍ କ୍ରିଷ୍ଟାନନ୍ଦପୁର ବାବା ୱାରିଅର୍ସ ଓରିକଣ୍ଟାକୁ ହରାଇ ଚଳିତ ବର୍ଷ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏସକେ ନଇମି ମ୍ୟାନ ଅଫ ଦି ପୁରସ୍କାର ପାଇଥିବା ବେଳେ ଖେଳକୁ ସୁମନ୍ତ ଦଳାଇ, ଦୀପ୍ତିରଞ୍ଜନ ଦଳାଇ, ଗୌରୀଶଙ୍କର ମିଶ୍ର, ପିଣ୍ଟୁ ପାଇକରାୟ ପରିଚାଳନା କରିଥିଲେ। ଶିକ୍ଷାବିତ୍ ଅମୂଲ୍ୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଯୁବ ସମାଜସେବୀ ନୃସିଂହ ଚରଣ ମୁଦୁଲି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ କ୍ରୀଡା ଅଧ୍ୟାପକ ବିଚିତ୍ରାନନ୍ଦ ଜେନା, ବୈକୁଣ୍ଠ ନାଥ ବରାଳ, ରୋହିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ଦଳାଇ, ଅଭୟ ମହାନ୍ତି, ପ୍ରିୟରଞ୍ଜନ ଦଳାଇ, ଅଭିନାଶ ମହାନ୍ତି, ମୁକ୍ତିରଞ୍ଜନ ଦଳାଇ, ସୌମ୍ୟରଞ୍ଜନ ଦଳାଇ, ସ୍ମୃତିରଞ୍ଜନ ଦଳାଇ, ବିଶ୍ୱନାଥ ମହାନ୍ତି ଓ ସାରଦା ପ୍ରସାଦ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ପୁରାତନ ବିଦ୍ୟାର୍ଥୀଙ୍କ ପକ୍ଷରୁ ଗୁରୁପୂଜନ



କିଶନନଗର,୧୯।୧(ସମିସ): କଟକ ସଦର ଅନ୍ତର୍ଗତ ଯଶପଡା କେଳି କଦମ୍ବ ଉଚ୍ଚ ବିଦ୍ୟାଳୟ ୧୯୮୩ ବ୍ୟାଚର ପୁରାତନ ବିଦ୍ୟାର୍ଥୀଙ୍କ ପକ୍ଷରୁ କମରପଦା ଅର୍ଛୀଲ ଭୁଟାନ ଗାଦିଠାରେ ଏକ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବ ପ୍ରସାଦ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପୁରାତନ ତଥା ଅବସରପ୍ରାପ୍ତ ଶିକ୍ଷକ ସାଧୁଚରଣ ଜେନା, ବିଷ୍ଣୁ ଚରଣ ପଣ୍ଡା, ନିରଞ୍ଜନ ସ୍ୱାଇଁ, ଧିରେନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟ ଉଦ୍ୟୋକ୍ତା ଆଲୋକ ରଞ୍ଜନ ରାୟ, ବଳରାମ ଦାସ, ଭବାନୀ ସେଠୀ, ବଳରାମ ସେଠୀ, କେଶବ ସେଠୀ, ଅରୁଣା ଲେଙ୍କା ପ୍ରମୁଖ ବହୁ ପୁରାତନ ବିଦ୍ୟାର୍ଥୀ ସହାୟତା କରିଥିଲେ।

## ପ୍ରାଥମିକ ବିଦ୍ୟାଳୟରେ ପୁରସ୍କାର ବିତରଣ

ନିଶ୍ଚିନ୍ତକୋଇଲି,୧୯।୧(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ବରାଦୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡାର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ସୀମା ନନ୍ଦଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଦିପ୍ତିମୟୀ ବରାଳ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ ବିହାରୀ କର, ସମ୍ମାନୀତ ଅତିଥି ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ରାଜକିଶୋର ନାୟକ, ସାନ୍ତପୁର ସିଆରସିସି ପବିତ୍ର ଲେଙ୍କା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ପରିଡା, ପରିଚାଳନା କମିଟି ସଭାପତି ଅମର ବାଗ୍, ଶିକ୍ଷକ ନିର୍ମଳଚନ୍ଦ୍ର ଗୁରୁ ଯୋଗଦେଇଥିଲେ। ଚଳିତ ବର୍ଷ ବରିଷ୍ଠ ବିଭାଗରେ ବାଳକ ସୁଦର୍ଶନ ସାମଲ ଓ ବାଳିକା ସୁଶ୍ରୀ ସୁଭାଙ୍ଗୀ ପ୍ରଧାନ, କନିଷ୍ଠ ବିଭାଗରେ ଯୁଗ୍ମ ବାଳକ ଜୟନ୍ତ ସେଠୀ ଓ ତନ୍ମୟ ସାମଲ, ବାଳିକା ଜେଲ୍‌ସିରାଣୀ ରାଉତ ଏବଂ ଶିଶୁ ବିଭାଗରେ ବାଳକ ଇସାନ୍ତ ସେଠୀ, ବାଳିକା ଜୟଶ୍ରୀ ଦାସ ଓ ଦିବ୍ୟାଂଶୀ ରାଉତ ଚାମ୍ପିଅନ ପୁରସ୍କାର ପାଇଥିବା ବେଳେ କ୍ରୀଡା ଓ ଶିକ୍ଷାକ୍ଷେତ୍ରରେ କୃତୀ ବିଦ୍ୟାର୍ଥୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ସୋନାଲୀ ସାହୁ ଧନ୍ୟବାଦ ଦେଇଥିଲେ।

## ୧୯୮୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



ଆଠଗଡ଼,୧୯।୧(ସମିସ): ଆଠଗଡ଼ର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବିଶ୍ୱନାଥ ବିଦ୍ୟାପୀଠର ୧୯୮୨ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ ମହୀଧରପୁର କାଙ୍କଣଗାଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନ ସମୟରେ ସମସ୍ତ ବନ୍ଧୁ ନିର୍ଦ୍ଧାରିତ ସ୍ଥାନରେ ସମବେତ ହୋଇଥିଲେ। ବହୁ ବନ୍ଧୁ ଆରପାରିକୁ ଚାଲିଯାଇଥିବାରୁ ସମସ୍ତେ ଦୁଃଖ ପ୍ରକାଶ କରି ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ଚଳିତ ବର୍ଷ ବିଶିଷ୍ଟ ଉଦ୍ୟୋଗୀ ସୁଧାକର ସାହୁ, ଆଇନଜୀବୀ ବିନୟ ଶୁକ୍ଳା, ବସନ୍ତ ବାରିକ, ସୁଶାନ୍ତ ମିଶ୍ରଙ୍କ ସମେତ ଅନ୍ୟ ବନ୍ଧୁମାନେ ଆୟୋଜନ କରିଥିଲେ। ପ୍ରାୟ ୪୫ ବର୍ଷ ପରେ ସମସ୍ତ ବନ୍ଧୁ ଏକତ୍ରିତ ହୋଇଥିବାରୁ ପରିବେଶ ଆନନ୍ଦମୟ ହୋଇଥିଲା।

## ଧର୍ମପ୍ରାଣାଙ୍କ ପରଲୋକ

ନିଶ୍ଚିନ୍ତକୋଇଲି,୧୯।୧(ସମିସ): ଜିଗ୍ନିପୁର ପଞ୍ଚାୟତ ଛୁଆଳିଆ ଗ୍ରାମର ଧର୍ମପ୍ରାଣ ମହିଳା ହେମଲତା ଦାସ (୭୯)ଙ୍କ ନିଜ ବାସଭବନରେ ପରଲୋକ ହୋଇଛି। ଖବର ପାଇ ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ବିଦ୍ୟାର୍ଥୀ ପରିଷଦର ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ, ନାରାୟଣ ଭାରତୀ, ବିଜୟ



ବେଦାନ୍ତ, ଉପସଭାପତି ଜ୍ୟୋତିରଞ୍ଜନ ସ୍ୱାଇଁ, ସହସଂପାଦକ ମନୋଜ ଘଡାଇଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା ବେଳେ ପୁତୁରା ଗୌତମ ଦାସ ମୁଖାଗ୍ନି ଦେଇଥିଲେ।

# ମଧୁମାଟି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ସାଲେପୁର,୧୯ ।୧(ସମିସ)



ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମଧୁମାଟି ସାହିତ୍ୟ ସଂସଦର ୨୪ତମ ବାର୍ଷିକ ଉତ୍ସବ କାର୍ଯ୍ୟକାରିଣୀ ସଭାପତି ସାମ୍ବାଦିକ ପ୍ରଫୁଲ୍ଲ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାଲେପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିରଞ୍ଚିନାରାୟଣ ପତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଡଃ ଗୌତମ ମହାରଣା, ସମ୍ମାନିତ ଅତିଥି ଭାବେ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ବ୍ରଜକିଶୋର ଦାଶ, ବହୁଗ୍ରାମ ଫାର୍ମାସୀ କଲେଜର ସଂପାଦକ ବିଭୁପ୍ରସାଦ ବିଶ୍ୱାଳ, ସଂସଦର ଉପଦେଷ୍ଟା ଡଃ ପୂର୍ଣ୍ଣଚନ୍ଦ୍ର ଓଝା, ବରିଷ୍ଠ ଶିକ୍ଷାବିତ୍ ଡଃ ଉମେଶଚନ୍ଦ୍ର ପତି ଯୋଗ ଦେଇଥିଲେ। ସଂସଦର ପ୍ରତିଷ୍ଠାତା ସଂପାଦକ ଡଃ ଚିତ୍ତରଂଜନ ପଣ୍ଡା ବାର୍ଷିକ ବିବରଣୀ ପାଠ କରିବା ସହ ଉତ୍ସବକୁ ସଂଯୋଜନା କରିଥିଲେ। ଶିକ୍ଷାବିତ୍ ବିଷ୍ଣୁଚରଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁବ କବି ସମ୍ବିତ ଦାସ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର ମଧୁମାଟି ପତ୍ରିକାର ଲୋକାର୍ପିତ ହୋଇଥିଲା। ଚଳିତ ବର୍ଷ ଡଃ ଗୌତମ ମହାରଣା, ଡଃ ଲକ୍ଷ୍ମଣ ଦାଶ, ପ୍ରଶାସକ ବ୍ରଜକିଶୋର ଦାଶଙ୍କୁ ମଧୁଶ୍ରୀ ସମ୍ମାନ ଓ ହେ ବନ୍ଧୁ ବୃଦ୍ଧାଶ୍ରମର ଜଗନ୍ନାଥ ସାହୁ, ଗୌତମ ଚରଣ ଜେନା, ଡଃ ନକୁଳ ସାହୁ, ପ୍ରଫୁଲ୍ଲ କୁମାର ସିଂହ, ବିଭୁପ୍ରସାଦ ବିଶ୍ୱାଳ, ଶୁକଦେବ ଅଗ୍ରୱାଲା, ସୁରଥ ରାଉତ, ପ୍ରଫୁଲ୍ଲ ସାହୁ, ବିଜୟ ବରାଳ, ଗାୟତ୍ରୀ ବରାଳ, ବିଜୟକୁମାର କୁଅଁର ଓ ଗୋବିନ୍ଦ କୁମାରଙ୍କୁ ମଧୁ ମାଟି ସେବା ସମ୍ମାନ ୨୦୨୬ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ପ୍ରଥମ ପର୍ଯ୍ୟାଳୟ କବିତାପାଠୋତ୍ସବରେ ଡଃ ନକୁଳ ସାହୁ ଓ କବୟିତ୍ରୀ ସୀମା ସ୍ୱାଇଁ କବିତାଗୁଡିକର ସଂଯୋଜନା କରିଥିବାବେଳେ ଶିକ୍ଷାବିତ୍ ଅଶୋକ ସ୍ୱାଇଁ, ନିରୂପମା ସାମଲ ଅତିଥି ଭାବେ ଯୋଗଦେଇଥିଲେ। ପ୍ରିୟମୟୀ ରାଉତ ଓ ରାମଚନ୍ଦ୍ର ସାହୁ କବିତା ମଞ୍ଚକୁ ପରିଚାଳନା କରିଥିଲେ। ପଣ୍ଡିତ ବିଭୂତି ନାରାୟଣ କର ଧନ୍ୟବାଦ ପ୍ରଦାନ କରିଥିବାବେଳେ ଯୁବକବି ମାନସ ଦାଶ, ଇଂ ବିଦ୍ୟୁତ୍‌ପ୍ରଭା ପଣ୍ଡା, ପ୍ରବୀରଚନ୍ଦ୍ର ଦାସ, କୈଳାସଚନ୍ଦ୍ର ବେହେରା, ରଶ୍ମିରଞ୍ଜନ ପରିଡ଼ା, ସୁଜାତା ପଣ୍ଡା, ଦିପ୍ତିମୟୀ ରାଉତ, ମାନସୀ ବସ୍ତିଆ, ଗିରୀଶ ପଣ୍ଡା, ଅମରେଶ ବଳବନ୍ତରାୟ, ଜ୍ୟୋତିର୍ମୟୀ ମିଶ୍ରଙ୍କ ସହ ସଂସଦର ସଭ୍ୟସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ।

## ସୁରଥ ରାଉତଙ୍କୁ 'ମଧୁମାଟି ସାହିତ୍ୟ ସାରଥୀ' ସମ୍ମାନ

ନିଶ୍ଚିନ୍ତକୋଇଲି,୧୯।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବନ୍ଧୁପୁରଠାରେ ଥିବା ପରିବାର ସାହିତ୍ୟ ସଂସଦର ସଭାପତି କବି, ସାହିତ୍ୟିକ ତଥା ନାଟ୍ୟ ନିର୍ଦ୍ଦେଶକ ସୁରଥ କୁମାର ରାଉତଙ୍କୁ ମଧୁମାଟି ସାହିତ୍ୟ ସାରଥୀ ସମ୍ମାନ ପ୍ରଦାନ କରାଯାଇଛି। ସାଲେପୁର ବ୍ଲକ ଗୋପୀନାଥପୁରର ମଧୁମାଟି ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ସାଲେପୁର ଉପଖଣ୍ଡ ଥାନା ନିରୀକ୍ଷକ ବିରଞ୍ଚି ନାରାୟଣ ପତି, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଗୌତମ ମହାରଣା ଓ ସମ୍ମାନିତ ଅତିଥିଭାବେ ବ୍ରଜବିହାରୀ ଦାସ ଯୋଗଦେଇଥିଲେ। ଶ୍ରୀ ରାଉତଙ୍କୁ ଏ ଅଞ୍ଚଳର ବହୁ ଶିକ୍ଷାବିତ୍, କବି, ବୁଦ୍ଧିଜୀବୀ ସାହିତ୍ୟିକ ଓ ସାମ୍ବାଦିକମାନେ ଶୁଭେଚ୍ଛା ଜଣାଇଛନ୍ତି।

## ରାଇରଙ୍ଗପୁର ପୌରପାଳିକାର ସ୍ୱଚ୍ଛତା ଦିଗହରା

# ଭୁଶୁଡ଼ି ପଡ଼ିଛି ରାଇରଙ୍ଗପୁର ପରିମଳ ବ୍ୟବସ୍ଥା

- ରାସ୍ତାରେ ପଡ଼ିରହୁଛି କୁଢ଼ କୁଢ଼ ଅଳିଆ
- ଭାଙ୍ଗିଗଲାଣି ଡ୍ରେନ, ସ୍ୱଚ୍ଛତା ପ୍ରତି ନାହିଁ ଦୃଷ୍ଟି
- ନିୟମିତ ସଫେଇ ଅଭାବରୁ ପୂତିଗନ୍ଧମୟ ପରିବେଶ

ରାଇରଙ୍ଗପୁର, ୧୯।୧(ସମିସ): ପୁରାତନ ରାଇରଙ୍ଗପୁର ସହରର ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ସଫେଇ ଅଭାବରୁ ଅଳିଆ ଆବର୍ଜନା ରାଇରଙ୍ଗପୁର ପୌରାଞ୍ଚଳର ତଣ୍ଟି ଚିପି ସାରିଲାଣି। ରାସ୍ତା କଡ଼ରେ କୁଢ଼କୁଢ଼ ଆଳିଆ ଆବର୍ଜନା ମାସ ମାସ ଧରି ପଡ଼ି ରହୁଥିବାବେଳେ ଏହାର ନିଷ୍କାସନ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସହର ସାରା ଯୁଆଡ଼େ ଚାହିଁଲେ କେବଳ



ତ କେଉଁଠି ମହାନାଳରେ କୁଢ଼ କୁଢ଼ ଆଳିଆ ଆବର୍ଜନା ପଡ଼ିଛି। ଉକ୍ତ ଚିତ୍ର ହେଉଛି ରାଇରଙ୍ଗପୁର ବସ୍‌ଷ୍ଟାଣ୍ଡ ପଛ ପାର୍ଶ୍ୱର। ବସ୍‌ଷ୍ଟାଣ୍ଡ ଦୋକାନ ବଜାର ଓ ଶୌଚାଳୟରୁ ନିର୍ଗତ ମଇଳା ପାଣି ରାସ୍ତା କଡରେ ଜମି ରହୁଛି। ଡ୍ରେନ ନ ଥିବାରୁ ଠିକ ଭାବେ ନିଷ୍କାସନ ହୋଇପାରୁନାହିଁ।

ଆବର୍ଜନା ହିଁ ଆବର୍ଜନା। ଫଳରେ ସହର ପ୍ରଦୂଷିତ ଓ ସଂକ୍ରମଣଯୁକ୍ତ ହେବାରେ ଲାଗିଛି। ରାଇରଙ୍ଗପୁର ପୌରପାଳିକା ପକ୍ଷରୁ ସଫେଇ ଠିକ୍ ଭାବେ ହେଉ ନ ଥିବାବେଳେ ଅଳିଆ ଜମିବା ସହ ଡ୍ରେନରେ ମଧ୍ୟ ମଇଳା ପାଣି ଜମି ରହୁଛି। କେଉଁଠି ଡ୍ରେନ ଭାଙ୍ଗି ଭୁଶୁଡ଼ି ପଡ଼ିଲାଣି

ସେହିପରି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଡ୍ରେନ ଥିବାବେଳେ ତାହା କୁଢ଼ କୁଢ଼ ଅଳିଆ ଆବର୍ଜନାରେ ପୋତି ହୋଇଯାଇଛି। ଫଳରେ ଡ୍ରେନରେ ଜଳ ନିଷ୍କାସନ ହୋଇପାରୁନାହିଁ। ରାସ୍ତା କଡ଼ରେ ଲୋକେ ପରିସ୍ରା କରୁଥିବାବେଳେ ଉକ୍ତ ସ୍ଥାନଟି ପୂତି ଗନ୍ଧମୟ



ପରିବେଶ ସୃଷ୍ଟି କରୁଛି। ଇଟିଣ୍ଡା ଅଞ୍ଚଳ ରାସ୍ତା କଡ଼ରେ ଥିବା ଡ୍ରେନ ଭାଙ୍ଗିଯାଇଛି। କଂକ୍ରିଟ ଖଣ୍ଡ ଡ୍ରେନରେ ପଡ଼ି ବନ୍ଦ ହୋଇଯିବାରୁ ଜଳ ନିଷ୍କାସନ ନ ହୋଇ ଜମି ରହୁଛି। ସଫେଇ ପାଇଁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ସୁଦ୍ଧା ରାଇରଙ୍ଗପୁର ପୌରପାଳିକାର ପ୍ରତି ୱାର୍ଡରେ ସ୍ୱଚ୍ଛତା ଦିଗହରା ହୋଇଛି। ନିୟମିତ ସଫେଇ ଅଭାବରୁ ଯେଉଁଠି ଦେଖିବେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିରହିଛି। ଯାହାଫଳରେ ଅଳିଆ ପାଣି ଜମି ମଶା ବଂଶ ବୃଦ୍ଧି କରିବାରେ ସହାୟକ ହେଉଛି।

ଏହାକୁ ନେଇ ବର୍ତ୍ତମାନ ସମୟରେ ରାଇରଙ୍ଗପୁର ପୌରାଞ୍ଚଳ ମଶାଙ୍କ ପ୍ରାଦୁର୍ଭାବ ଅହେତୁକ ଭାବେ ବୃଦ୍ଧି ପାଇଛି। ଲୋକେ ମ୍ୟାଲେରିଆ ଓ ଅନ୍ୟ ସଂକ୍ରମଣ ରୋଗରେ ମଧ୍ୟ ଆକ୍ରାନ୍ତ ହେଉଛନ୍ତି। ଏଭଳି ପରିସ୍ଥିତି ରହିଲେ ଆଗକୁ ଡେଙ୍ଗୁ ବ୍ୟାପିବା ମଧ୍ୟ ସମ୍ଭାବନା ରହିଛି। ରାଇରଙ୍ଗପୁର ପୌରପାଳିକାର ପରିମଳ ବ୍ୟବସ୍ଥା ଭୁଶୁଡି ପଡ଼ିଥିବାବେଳେ କେବଳ କାଗଜକଲମରେ ସଫେଇ କାର୍ଯ୍ୟ ଚାଲିଛି। କୁଢ଼ କୁଢ଼ ଅଳିଆ ସହ ଡ୍ରେନ ମୁକୁଳା ପଡ଼ିଥିବାବେଳେ ସ୍ୱଚ୍ଛତା ପ୍ରତି ନଗରପାଳ କିମ୍ବା କର୍ତ୍ତୃପକ୍ଷ କେହି ହେଲେ ବି ଦୃଷ୍ଟି ଦେଉନାହାଁନ୍ତି। ରାଇରଙ୍ଗପୁର ସହରକୁ ପ୍ରତିଦିନ ହଜାର ହଜାର ଲୋକେ ଆସୁଥିବାବେଳେ ଅଳିଆ ଆବର୍ଜନା ପରିସ୍ଥିତି ଦେଖି ନାକ ଟେକିଛନ୍ତି। ଏଥିପ୍ରତି ପୌରପାଳିକା ତିଳେ ମନ ଦେଉନାହିଁ। ଆବର୍ଜନାରେ ଦିନକୁ ଦିନ ରାଇରଙ୍ଗପୁର ପ୍ରଦୂଷିତ ହେବାରେ ଲାଗିଥିବାବେଳେ ଏସବୁ ଦେଖି ବି ରାଇରଙ୍ଗପୁର ପୌରପାଳିକା ଚୁପ୍ ହୋଇ ଦେଖଣାହାରି ସାଜିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ରାଇରଙ୍ଗପୁର ହୋଇଥିବାବେଳେ ସ୍ୱଚ୍ଛତା ପ୍ରତି କାହାର ନିଘା ନାହିଁ। ସ୍ୱଚ୍ଛ ଭାରତ ଅଭିଯାନରେ ସ୍ୱଚ୍ଛ ସହର ଭାବେ ବିଭିନ୍ନ ସହରକୁ କେନ୍ଦ୍ର ସରକାର ପୁରସ୍କୃତ କରୁଥିବାବେଳେ ରାଷ୍ଟ୍ରପତିଙ୍କ ସହର କିନ୍ତୁ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇପଡ଼ିଛି। ଅଳିଆ ଆବର୍ଜନାରେ ରାଇରଙ୍ଗପୁରବାସୀ ଅଣନିଃଶ୍ୱାସୀ ହୋଇପଡ଼ିଥିବାବେଳେ ଏହାର ସମାଧାନ ନେଇ ରାଇରଙ୍ଗପୁର ପୌରପାଳିକା ପକ୍ଷରୁ ପଦକ୍ଷେପ ଗ୍ରହଣ ନ ହେଲେ ଆଗକୁ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସ୍ଥାନୀୟ ଜନସାଧାରଣ ମତ ପ୍ରକାଶ କରିଛନ୍ତି।

## ● ଦେଉଳି ରେଞ୍ଜ ଅଞ୍ଚଳରେ ପକ୍ଷୀ ଗଣନା

## ୪ଟି ଜଳାଶୟରେ ୨୨୪୬ ପକ୍ଷୀ

ଶୁଳିଆପଦା, ୧୯।୧:(ସମିସ): ଶୁଳିଆପଦା ବ୍ଲକ ଦେଉଳି ବନାଞ୍ଚଳ ଅଧୀନ ଦେଉଳି, ଚାନ୍ଦୁଆ ଓ କୁଳିଅଣା ସେକ୍ସନରେ ଥିବା ବିଭିନ୍ନ ଜଳାଶୟରେ ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା କରାଯାଇଛି। ବାରିପଦା ଡିଏଫଓ ଗୋବିନ୍ଦ ବିଶ୍ୱାଳଙ୍କ ଉପସ୍ଥିତିରେ ଏହି ପକ୍ଷୀ ଗଣନା ହୋଇଥିବାବେଳେ ଦେଉଳି ସେକ୍ସନ ଅଧୀନ ଜମ୍ବିରା ଡ୍ୟାମରେ ୧୪ ଶହ ୭୭, ପଚାଖାଳି ବନ୍ଧରେ ୧୨୧, ଚାନ୍ଦୁଆ ସେକ୍ସନ ଅଧୀନ ହଳଦିଆ ବନ୍ଧରେ ୫ ଶହ ୩୪ ଓ କୁଳିଅଣା ସେକ୍ସନ ଅଧୀନ ମୁନସିବନ୍ଧରେ ୧୧୪ଟି ପକ୍ଷୀ ଗଣନା କରାଯାଇଛି। ୪ଟି ଜଳାଶୟରେ ମୋଟ ୨ ହଜାର ୨ ଶହ ୪୬ଟି ଗଣନା ହୋଇଥିବା ପକ୍ଷୀଙ୍କ ମଧ୍ୟରେ ଲିଟିଲ୍ କର୍ମୋରାଣ୍ଟ, ଗ୍ରେଟ୍ କର୍ମୋରାଣ୍ଟ, କମନ୍ କିଙ୍ଗ୍ ଫିସର୍, ଲିଟିଲ୍ ଏଗ୍ରେଟ୍, ହ୍ୱାଇଟ୍ ବ୍ରେଷ୍ଟେଡ୍ ହେନ୍, ଲେସାର୍ ହ୍ୱିସଲିଙ୍ଗ ଡକ୍, ସ୍ୱଟେଡ୍ ଡକ୍ ଓ ବ୍ଲାକ୍ ଡ୍ରାଗନ୍ ପ୍ରଜାତିର ପକ୍ଷୀ ଗଣନା କରାଯାଇଥିବା ଜଣାପଡ଼ିଛି। ଏହି ପକ୍ଷୀ ଗଣନାରେ ଦେଉଳି ବନାଞ୍ଚଳ ଅଧିକାରୀ ଜଗଦୀଶ ଦାସଙ୍କ ସହିତ ଫରେଷ୍ଟର ଆଶିଷ ବେହେରା, ସିପ୍ରା ବାରିକ, ପଦ୍ମାବତୀ ବେହେରା, ସୁମିତା କଳିଆ, ଫରେଷ୍ଟ ଗାର୍ଡ ମଧୁସ୍ମିତା ପ୍ରଧାନ, ବିଜୟ ସେଠୀ ପ୍ରମୁଖ ସାମିଲ ଥିଲେ।

## ବିଜେପିର ୪୮ ନଂ ନୂତନ ମଣ୍ଡଳ କମିଟି ଗଠନ

ରାସଗୋବିନ୍ଦପୁର, ୧୯।୧(ସମିସ): ଭାରତୀୟ ଜନତା ପାର୍ଟି ପକ୍ଷରୁ ନୂତନ ଭାବେ ରାସଗୋବିନ୍ଦପୁର ବ୍ଲକ ୪୮ ନଂ ଜୋନ ମଣ୍ଡଳ କମିଟି ଘୋଷଣା କରାଯାଇଛି। ମଣ୍ଡଳ ସଭାପତି ଭାବେ ଅବିନାଶ କୁଣ୍ଡୁ, ଉପସଭାପତି ସୁନୀତା ମହାନ୍ତି, କଳ୍ପନା ଦାସ, ରମେଶ ପାତ୍ର, ନିରଞ୍ଜନ ଟୁଡୁ, ଦାନଗୀ ବେଶ୍ରା, ଚିତ୍ତରଞ୍ଜନ ପରିଡ଼ା, ସାଧାରଣ ସମ୍ପାଦକ ଭାବେ ଦେବାଶିଷ ମହାନ୍ତି, ଆଦିତ୍ୟ ମାହାଲା, ସମ୍ପାଦକ ଭାବେ ଝୁନୁରାଣି ଭାଟ, ପୁଷ୍ପିତା ଦାସ, ଶ୍ରୀକାନ୍ତ ଜେନା, ତପନ ଘୋଷ, ଗଣେଶ ପଲେଇ, ମନୋରଞ୍ଜନ ସିଂ, କୋଷାଧ୍ୟକ୍ଷ ଦିଲ୍ଲୀପ ମଜୁମଦାର, ରାସଗୋବିନ୍ଦପୁର ବ୍ଲକ ଯୁବ ମୋର୍ଚ୍ଚା ସଭାପତି ଇନ୍ଦ୍ରଜିତ ଦାସ, ମହିଳା ମୋର୍ଚ୍ଚା ସଭାପତି ସୁନନ୍ଦା ଘୋଷ, କିଶାନ ମୋର୍ଚ୍ଚା ସଭାପତି ଚିତ୍ତରଞ୍ଜନ ପାତ୍ର, ଏସି ମୋର୍ଚ୍ଚା ସଭାପତି ଦୈତାରୀ ବେହେରା, ଏସ୍‌ସି ମୋର୍ଚ୍ଚା ସଭାପତି ସୁଦାମ ମୁର୍ମୁଙ୍କୁ ଚୟନ କରାଯାଇଛି। ସମସ୍ତ କାର୍ଯ୍ୟକର୍ତ୍ତା ମୋରଡ଼ା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଧନ୍ୟବାଦ ଜଣାଇବା ସହ ଜିଲ୍ଲା ସଭାପତି ନିହାର ମୋଦୀ, ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି, ରାଜ୍ୟ ଏସସି ମୋର୍ଚ୍ଚା ସଭାପତି କାହ୍ନା ସୋରେନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସେଣ୍ଟ ଜାଭିୟର ସ୍କୁଲର ଉତ୍ସବ

କରଞ୍ଜିଆ, ୧୯।୧(ସମିସ): କରଞ୍ଜିଆ ବଣସାହିସ୍ଥ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ ସିବିଏସଇ ସହିତ ଅନୁବନ୍ଧିତ ହୋଇଥିବାରୁ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ନେଇ ଉତ୍ସବ କରାଯାଇଛି। ଅଧକ୍ଷା ଶିକ୍ଷା କୁମାରୀଙ୍କ ସଭାପତିତ୍ୱ ଓ କୋର୍ଡିନେଟର ସାଇଦୁର ରହମନଙ୍କ ନେତୃତ୍ୱରେ ଉତ୍ସବ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସନ୍ତୋଷ ମିଶ୍ର ଯୋଗଦେଇ ଉଦଘାଟନ କରିଥିଲେ। ଅଧକ୍ଷା ସ୍ୱାଗତ ଭାଷଣ ପ୍ରଦାନ କରି ବିଦ୍ୟାଳୟର ମୁଖ୍ୟ ଲକ୍ଷ୍ୟ ପୂରଣ ହୋଇଥିବା ଓ ଏଥିରେ ଛାତ୍ରଛାତ୍ରୀ ଉପକୃତ ହୋଇଥିବାରୁ ଧନ୍ୟବାଦ ଦେଇଥିଲେ। ଗୁଣାତ୍ମକ ଶିକ୍ଷା, ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଓ ଶିକ୍ଷାଗତ ଉତ୍କର୍ଷତା ପ୍ରତି ବିଦ୍ୟାଳୟର ପ୍ରତିବଦ୍ଧତାକୁ ଉଜାଗର କରାଯାଇ ସିବିଏସଇ ପ୍ରାପ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଆଯାଇଛି ବୋଲି ପ୍ରକାଶ କରାଯାଇଥିଲା। ବିଦ୍ୟାଳୟର ସୋହେବ ଅହମଦ ସଭା ପରିଚାଳନା କରିଥିବାବେଳେ ନୀଳାମ୍ବର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳବନାନୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଶୁଳିଆପଦା, ୧୯।୧(ସମିସ): ଚକଶୁଳିଆପଦାସ୍ଥ ଉତ୍କଳବନାନୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୩୮ ତମ ସାମ୍ବତ୍ସରିକ ଉତ୍ସବ ସାର୍ଥବାହ ଅଧ୍ୟକ୍ଷ ଶୋଭାକର ଆଚାର୍ଯ୍ୟ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅତିଥି ଭାବେ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଅଭିରାମ ସାହୁ, ଡଃ ବସନ୍ତ କର, ପୂର୍ବତନ ସମ୍ପାଦକ ବିମଳ ସେନାପତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗବତ ମାରାଣ୍ଡି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁଧୀର ବେହେରା, ମଣ୍ଡଳ ସଭାପତି ମନୋଜ କୁମାର ପ୍ରମୁଖ ଉପସ୍ଥିତ ରହି ଭଲ ପାଠପଢ଼ି ଭଲ ମଣିଷ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ବବିତା ସିଂ, ଅର୍ଚ୍ଚନା ଦାସ, ଶିକ୍ଷକ ସୋମନାଥ ସେନାପତି, କରୁଣାମୟ ପୃଷ୍ଟି, କମଳଲୋଚନ ସେନାପତିଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜନ୍ମେଜୟ ଦାଶ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଲିଟିଲ ଫ୍ଲାୱାର ଫିଟର ଟ୍ରେଡର ପୁରାତନ ଛାତ୍ରଙ୍କ ସମ୍ମିଳନୀ



ବାରିପଦା, ୧୯ ।୧(ସମିସ): ସ୍ଥାନୀୟ ମଞ୍ଚାବନ୍ଧାସ୍ଥିତ ବନାଞ୍ଚଳରେ ଲିଟିଲ ଫ୍ଲାୱାର ଶିଳ୍ପ ତାଲିମ କେନ୍ଦ୍ର ୨୦୦୭-୦୯ ଫିଟର ବ୍ୟାଚର ପୁରାତନ ଛାତ୍ରଙ୍କ ସମ୍ମିଳନୀ ଛାତ୍ର ଜ୍ୟୋତିପ୍ରକାଶ ରାୟ ଓ ସୁଶୀଲ ହେମ୍ବ୍ରମଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦିବଂଗତ ବନ୍ଧୁ ଦୁର୍ଗାଚରଣ ନାଏକ ଓ ରୁକମଣ ଜେନାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକଙ୍କ ଅନୁଶାସନରେ ଅନୁପ୍ରାଣିତ ହୋଇ ଆପ୍ରାଣ ପ୍ରଚେଷ୍ଟା ଦ୍ୱାରା ଛାତ୍ରମାନେ ସରକାରୀ ଓ ବେସରକାରୀ ସଂସ୍ଥାରେ ନିଯୁକ୍ତି ପାଇ ନିଜ ପରିବାର ପ୍ରତିପୋଷଣ କରିପାରୁଛନ୍ତି। ଶିକ୍ଷକଙ୍କ ଉପସ୍ଥିତିରେ ହଜିଲା ଦିନର ଗୁରୁ ଶିଷ୍ୟଙ୍କ ସେହି ସମୟକୁ ଅନୁଭବ କରିଥିଲେ। ଉକ୍ତ ସମ୍ମିଳନୀ ପ୍ରଥମଥର ହୋଇଥିବାରୁ ସ୍ୱଳ୍ପ ଛାତ୍ର ଯୋଗ ଦେଇଥିବାବେଳେ ଆଗାମୀ ଦିନରେ ସଂଖ୍ୟା ବୃଦ୍ଧି ପାଇବ ବୋଲି ମତପ୍ରକାଶ ପାଇଛି। ବିବେକାନନ୍ଦ ଧଳ, ମନୋଜ ଧଳ, ଗୌରମୋହନ ସାତୁଆ, ଅରିନ୍ଦମ ଦାଶ, ଦେବେନ୍ଦ୍ର ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାସିଙ୍ଗିରେ ଟୁସୁ ମେଳା ଓ କ୍ରୀଡ଼ା ପ୍ରତିଯୋଗିତା



ରାଇରଙ୍ଗପୁର/ବହଳଦା, ୧୯।୧(ସମିସ): ବହଳଦା ବ୍ଲକ ବାସିଙ୍ଗି ପଞ୍ଚାୟତ ଅନ୍ତର୍ଗତ ବାସିଙ୍ଗି ଉଚ୍ଚବିଦ୍ୟାଳୟ ପଡ଼ିଆରେ ୬୨ତମ ଟୁସୁ ମେଳା ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ଟି ସାନବଡ ଟୁସୁ ଦେବୀଙ୍କ ମୁଣ୍ମୟ ମୂର୍ତ୍ତି ମେଢ଼ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଗୀତ ନାଚ, ଲାଇଟସାଉଣ୍ଡ, ମେଢ, ଆଲୋକମାଳା ଓ ସାଜସଜ୍ଜାକୁ ନେଇ ସୁନ୍ଦର ମୂର୍ତ୍ତି ଚୟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବହଳଦା ତହସିଲଦାର ଶିବପ୍ରସାଦ ମୁର୍ମୁ, ସମ୍ମାନିତ ଅତିଥି ରୂପେ ବାସିଙ୍ଗି ସରପଞ୍ଚ ମାହି ମୁର୍ମୁ, ଶଶ ପଞ୍ଚାୟତ ସରପଞ୍ଚ ସ୍ଥଳପଦ୍ମା ହାଁସଦା, ଟୁସୁ କମିଟି ସଭାପତି ସୁରେନ୍ଦ୍ର ମହାନ୍ତ ଓ ସମ୍ପାଦକ ସପନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବଡ଼ ଟୁସୁ ମଧ୍ୟରେ ମହୁଲ ବରେଇ ପ୍ରଥମ, ସାତପୌଟିଆ ଦ୍ୱିତୀୟ ଓ କୁମ୍ଭିରଦା ତୃତୀୟ ଏବଂ ସାନ ଟୁସୁ ମଧ୍ୟରେ ବଡ଼ଡାଳିମା ପ୍ରଥମ, ବୁଦ୍ଧିଆକୁଦ ଦ୍ୱିତୀୟ ଓ ଝଲଡିଆସାହି ତୃତୀୟ ସ୍ଥାନ ଲାଭ କରି ପୁରସ୍କୃତ ହୋଇଥିଲେ। ଅନ୍ୟ ଛୋଟ ଛୋଟ ଟୁସୁ ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଟୁସୁ ମେଳାରେ ଟୁସୁ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## କାମେଶ୍ୱର ଶୈବ ପୀଠରେ ମକର ମେଳା ଓ କ୍ରୀଡ଼ା ପ୍ରତିଯୋଗିତା

କୁଳିଅଣା, ୧୯।୧ (ସମିସ): କାମତାସ୍ଥ ବାବା କାମେଶ୍ୱର ଶୈବ ପୀଠରେ ଦୁଇଦିନିଆ ମକର ମେଳା ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ମେଳା ବସିବା ସହିତ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨ଟି ଇଭେଣ୍ଟରେ ୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୂର୍ବତନ କମିଟି ସଭାପତି ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ସୁଦାମ ମାରାଣ୍ଡି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଅମର ସେଠୀ, ପୂର୍ବତନ ବାଙ୍ଗିରିପୋଷୀ ବ୍ଲକ ଅଧ୍ୟକ୍ଷ ପ୍ରିୟନାଥ ମାରାଣ୍ଡି, ଶୈବ ପୀଠର ପୂଜକ ନିନି ନନା ଯୋଗଦେଇ ୪୫ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଉକ୍ତ କାର୍ଯ୍ୟକ୍ରମ ପାଇଁ କମିଟି ସଦସ୍ୟ ଓ ଗ୍ରାମବାସୀଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କମିଟି ସଦସ୍ୟ ଉତ୍ତମ ପଟ୍ଟନାଏକ, ଶିବାନନ୍ଦ ବାରିକ, ସରୋଜ ବେହେରା, ଲମ୍ବୋଧର ରଣା, ବୀରଭଦ୍ର ରଣା, ଦିନେଶ ବେହେରା, ଚନ୍ଦ୍ରମୋହନ ବେହେରା ପ୍ରମୁଖ ପରିଚାଳନା କରିଥିବାବେଳେ ଜୟରାମ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ରାଧାକୃଷ୍ଣ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା ସଭା ଓ ରାଲି

ପୁରୁଣିଆ, ୧୯।୧(ସମିସ): ସ୍ଥାନୀୟ ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟରେ ୩୭ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏ ଅବସରରେ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ସଭା ଓ ରାଲିର ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକ ରବୀନ୍ଦ୍ର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ବୈଶିଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ବାରିଣୀ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ରାଧାମୋହନ ସେଠୀ ଓ ହରେକୃଷ୍ଣ ଦାସ ଯୋଗ ଦେଇଥିଲେ। ଦୁର୍ଘଟଣାମୁକ୍ତ ସମାଜ ଗଠନ ପାଇଁ ଟ୍ରାଫିକ ନିୟମ ପାଳନ ଓ ସଡ଼କ ସୁରକ୍ଷା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସଭାକୁ ଶିକ୍ଷକ ରାଜେଶ ବେହେରା ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ବିଦ୍ୟାରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଶାଳ ସଚେତନତା ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଛାତ୍ରଛାତ୍ରୀ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସାଧାରଣ ଜନତାଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। ଶିକ୍ଷୟିତ୍ରୀ ସସ୍ମିତା ଦାସ, ସସ୍ମିତା ଟୁଡୁ, ଲୁବନା ଦାସ, ଖେଳ ଶିକ୍ଷକ ଦେବବ୍ରତ ମହାପାତ୍ର ଓ ଅଣଶିକ୍ଷକ କର୍ମଚାରୀ ଜଗବନ୍ଧୁ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଘୋଡ଼ାନାଚ ଗୀତରେ ଶିମିଳିପାଳ ସୁରକ୍ଷା ସଚେତନତା



ଉଦଳା, ୧୯।୧(ସମିସ): ମୌନଧ୍ୱନି ଫାଉଣ୍ଡେସନର ଶିକ୍ଷା କାର୍ଯ୍ୟକ୍ରମ ସମାବେଶର ଛାତ୍ରଛାତ୍ରୀ ଦେବକୁଣ୍ଡ ପର୍ଯ୍ୟଟନ ସ୍ଥଳୀ ନିକଟରେ ଶିମିଳିପାଳର ସୁରକ୍ଷା ଓ ପର୍ଯ୍ୟଟନ ସ୍ଥଳୀକୁ ପ୍ଲାଷ୍ଟିକ ଆବର୍ଜନାମୁକ୍ତ ରଖିବା ପାଇଁ ସଚେତନତା ବାର୍ତ୍ତା ସମ୍ବଳିତ ଘୋଡାନାଚ ଗୀତ ପରିବେଷଣ କରିଥିଲେ। ସ୍ଥାନୀୟ ଅଧିବାସୀ ଓ ପର୍ଯ୍ୟଟକଙ୍କୁ ଏହି ଲୋକନୃତ୍ୟ ପରିବେଷଣ କରି ସଚେତନତାର ବାର୍ତ୍ତା ପ୍ରଚାର କରିଥିଲେ। ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ ଆମ ଶିମିଳିପାଳ ଜୈବମଣ୍ଡଳର ସୁରକ୍ଷା ପ୍ରତି ସମସ୍ତେ ଆଗେଇ ଆସିବାକୁ ନିବେଦନ କରିଥିଲେ। ଶିମିଳିପାଳ ଜଙ୍ଗଲରେ ନିଆଁ ଲଗାଇବା ନାହିଁ, ଗଛ କାଟିବା ନାହିଁ, ବନ୍ୟଜନ୍ତୁ ଶିକାର କରିବା ନାହିଁ ଆଦି ବାର୍ତ୍ତା ସମ୍ବଳିତ ଗୀତରେ ଲୋକଙ୍କୁ ବୁଝାଇଥିଲେ। ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା ଏକଥାକୁ ହୃଦୟଙ୍ଗମ କରିବାକୁ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଘୋଡାନାଚ ଗୀତକୁ ଦେବେନ୍ଦ୍ର ରାଉଳ ଲେଖିଥିବାବେଳେ ତନୀସା ବେହେରା, ଶୁଭଶ୍ରୀ ହାଁସଦା, ସଞ୍ଜନା ହେମ୍ବ୍ରମ୍ ନୃତ୍ୟ ପରିବେଷଣ କରିଥିଲେ। ନୂଆବର୍ଷ ଓ ମକର ଅବସରରେ ବହୁ ଲୋକ ସମାଗମ ହୋଇ ଏହାକୁ ଉପଭୋଗ କରିବା ସହ କୁନି ଛାତ୍ରଛାତ୍ରଙ୍କ ଏଭଳି ପଥପ୍ରାନ୍ତ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ଶିମିଳିପାଳକୁ ସୁରକ୍ଷା ଦେବା ଓ ପର୍ଯ୍ୟଟନ ସ୍ଥଳୀକୁ ପ୍ଲାଷ୍ଟିକ୍ ମୁକ୍ତ ରଖିବାକୁ ସଂକଳ୍ପବଦ୍ଧ ହୋଇଥିଲେ।

## ରାଜ୍ୟସ୍ତରୀୟ ମକର ମିଳନ ଉତ୍ସବରେ କ୍ଷୀରୋଦ ସିଟ୍ ସମ୍ବର୍ଦ୍ଧିତ

ବାରିପଦା, ୧୯ ।୧(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ସାନଖଲାଡ଼ିସ୍ଥ ମା' ଟାଙ୍ଗରାଶୁଣୀ ପୀଠରେ ୩୨ତମ ରାଜ୍ୟସ୍ତରୀୟ ମକର ମିଳନ ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ମଞ୍ଚରେ କମିଟି ପକ୍ଷରୁ ବାରିପଦାର ବର୍ଷୀୟାନ ଅଭିନେତା, ନିର୍ଦ୍ଦେଶକ ଓ ନାଟ୍ୟକାର କ୍ଷୀରୋଦ ବିହାରୀ ସିଟଙ୍କୁ 'ନାଟ୍ୟ ଭାସ୍କର ସମ୍ମାନ'ରେ ସମ୍ମାନିତ କରାଯାଇଛି। ୧୯୭୦ରୁ ଶିଶୁ କଳାକାର ଭାବେ ପ୍ରଥମ ନାଟକ 'ସେ ଆପଣମାନଙ୍କ ଭିତରେ'ରେ ଅଭିନୟ କରି ଦର୍ଶକଙ୍କୁ ବେଶ ପ୍ରଭାବିତ କରିଥିଲେ। ପରେ ଶିଖା, କପୋତ ପକ୍ଷୀର ଉପାଖ୍ୟାନ, ବାରିପଦା ବନ୍ଦ, ମେଣ୍ଢା, ଜୀବନ୍ୟାସ, ତମୋସା ତୀର୍ଥ ଆଦି ବହୁ ନାଟକରେ ଅଭିନୟ କରି ଜଣେ ଅଭିନେତା ଭାବେ ଲୋକପ୍ରିୟତା ହାସଲ କରିପାରିଥିଲେ ଓ ସ୍ୱର୍ଗତ ହେମ କୁମାର ପୃଷ୍ଟି, ସ୍ୱର୍ଗତ ବିଜୟ ମହାନ୍ତି, ସ୍ୱର୍ଗତ ଅଜିତ ଦାସ, ଧୀର ବସା, ଧୀର ମଲ୍ଲିକ, ମନୋଜ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ଅନେକ ନାଟକରେ ସେ ଅଭିନୟ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ତତସହିତ ତାଙ୍କ ଲିଖିତ ଶେଷ ନିଷ୍ପତ୍ତି, ସମ୍ପର୍କ, ଫେରିବାଲା, ସତ୍ୟର ପ୍ରତିବିମ୍ବ, ଝିଲିଖିଲି ହସ ଓ ଶ୍ରୀ ୪୨୦ ଆଦି ପୁସ୍ତକ ପାଠକଙ୍କ ହୃଦୟସ୍ପର୍ଶୀ ହୋଇପାରିଛି।

## ବଡ଼ସାହି କଲେଜର ବାର୍ଷିକ ଉତ୍ସବ

# 'ଏକାଗ୍ରତା, ନିରନ୍ତର ପ୍ରୟାସ, ସଂସ୍କାର ଜରୁରୀ'

ବଡ଼ସାହି, ୧୯ ।୧(ସମିସ): ସ୍ଥାନୀୟ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରଞ୍ଜନ ଦାସଙ୍କ ସଭାପତିତ୍ୱରେ




ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଧର୍ମାନନ୍ଦ ବେହେରା, ସମ୍ମାନିତ ଶହୀଦ ମେମୋରିଆଲ ଜୁନିୟର କଲେଜ ଅଧ୍ୟକ୍ଷ ଡ. ଦିଲ୍ଲୀପ ଭୋଇ, ବଡ଼ସାହି ବିଡିଓ ବନଜା ଦାସ ପ୍ରମୁଖ ଯୋଗଦେଇ ପ୍ରବଳ ଇଚ୍ଛା ଶକ୍ତି, ଏକାଗ୍ରତା, ନିରନ୍ତର ପ୍ରୟାସ ଓ ଉତ୍ତମ ସଂସ୍କାର ବଳରେ କିପରି ଜଣେ ଲକ୍ଷ୍ୟସ୍ଥଳରେ ପହଞ୍ଚି ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ନୂତନ କୋଠାକୁ ଉଦଘାଟନ କରାଯାଇଥିଲା। କଲେଜର ମୁଖପତ୍ର 'ଭଞ୍ଜ ଶିଖା' ଓ କଲେଜ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା। ଛାତ୍ର ସଂସଦ ଉପଦେଷ୍ଟା ଅଧ୍ୟାପକ ବିନୋଦ ପରିଡ଼ା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ସହ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଷ୍ଟାଫ କାଉନସିଲ ସେକ୍ରେଟାରୀ ପ୍ରାଧ୍ୟାପକ ଫକୀର ଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପ୍ରାଧ୍ୟାପକ ଡ. ଜୀବନ ପଣ୍ଡିତ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଉଭୟ +୨ ଓ +୩ର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ପ୍ରଦ୍ୟୁମ୍ନ ସାଥୁଆ, ଡ. ପାର୍ଥସାରଥୀ ବିଶ୍ୱାଳ, ବରିଷ୍ଠ କିରାଣି ସୁବାସ ବେହେରା, ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। ଏ ଅବସରରେ ମେଲୋଡି 'ଏଟ୍ରା ସନ ଲାଇଫ ବ୍ୟାଣ୍ଡ'ର ଚିତ୍ତାକର୍ଷକ କାର୍ଯ୍ୟକ୍ରମ ସମସ୍ତଙ୍କ ହୃଦୟସ୍ପର୍ଶୀ ହୋଇଥିଲା। ଛାତ୍ର ସଂସଦ ସହକାରୀ ଉପଦେଷ୍ଟା ଅଧ୍ୟାପିକା ଡ. ରିତୁଲତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବାସ୍ତବ ପରିବାରର ବାର୍ଷିକ ଉତ୍ସବ

ବାରିପଦା, ୧୯ ।୧(ସମିସ): ୧୯୭୫ରେ ମ୍ୟାଟ୍ରିକ ପାସ କରିଥିବା ଛାତ୍ର ସମାଜର ବିଭିନ୍ନ କ୍ଷେତ୍ରରେ ନିଜ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ତାଙ୍କ ଦ୍ୱାରା ଗଠିତ ବାସ୍ତବ ପରିବାରର ବାର୍ଷିକ ଉତ୍ସବ ବାରିପଦା ପୌରାଞ୍ଚଳ ଅନ୍ତର୍ଗତ ବିଜୟ ରାମଚନ୍ଦ୍ରପୁରସ୍ଥ ଗୋବିନ୍ଦମ ଜଙ୍ଗଲ ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। ୨୦୨୫ରେ ପରଲୋକ ଗମନ କରିଥିବା ସାଥି ଡଃ ବାର୍ସା ଟୁଡୁ, କୃଷି ବିଭାଗ ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଉମେଶ ଦାସ ଓ ପ୍ରାଣୀ ଚିକିତ୍ସା ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଗିରିଜା ଶଙ୍କର ଦାସଙ୍କ ଅମର ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା। ସଭାପତି ରବୀନ୍ଦ୍ର ସାହୁ ସଂଗଠନର ବିଭିନ୍ନ ସେବାମୂଳକ କାର୍ଯ୍ୟ ଉପରେ



ଆଲୋକପାତ କରିଥିଲେ। ପ୍ରତିବର୍ଷ ମୟୂରଭଞ୍ଜ ଜିଲ୍ଲାରେ ମ୍ୟାଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପରୀକ୍ଷାର୍ଥୀଙ୍କୁ ସୁନନ୍ଦନ ସ୍ମୃତି ପୁରସ୍କାର ବାବଦରେ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଥିଲେ। ସେହିପରି ସୁନନ୍ଦନଙ୍କ ସ୍ମୃତିରେ ଖୁଆଡ଼ ଉଚ୍ଚ ବିଦ୍ୟାଳୟକୁ ୫୦ ହଜାର ଟଙ୍କାର ପୁସ୍ତକ ଓ ଏମକେସି ଉଚ୍ଚ ବିଦ୍ୟାଳୟକୁ ପୁସ୍ତକ ପ୍ରଦାନ କରାଯିବ ବୋଲି ଶ୍ରୀ ସାହୁ କହିଥିଲେ। ବାସ୍ତବ ପରିବାରର ଜମି ମିଳିବା ପରେ ଗୃହ ନିର୍ମାଣ ପାଇଁ ସମସ୍ତ ବ୍ୟୟ ସଦସ୍ୟ ନନ୍ଦଲାଲ ମିଶ୍ର ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ। ସମ୍ପାଦକ ପ୍ରଦୀପ ମହାନ୍ତି, ଉପସଭାପତି କଲ୍ୟାଣ ସିହ୍ନା, ସହସମ୍ପାଦକ ପ୍ରଦୀପ ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ ସର୍ବତୋଷ ଦାଶ ବାସ୍ତବ ପରିବାରର ସଫଳତା ପାଇଁ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଭାବେ ଶାନ୍ତନୁ ପାଢ଼ୀ ସଭାପତି, ଚକ୍ରଧର ମହାପାତ୍ର ଉପସଭାପତି, ଅରୁଣ ପାତ୍ର ସମ୍ପାଦକ, ଜୟନ୍ତ ସେନାପତି ସହସମ୍ପାଦକ ଓ ସର୍ବତୋଷ ଦାଶ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ।

ସକାଳ
THE SAKALA



# ସମଲ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



**କଣିହାଁ,୧୯ ।୧(ସମିସ):** କଣିହାଁ ବ୍ଲକ ସମଲ ବ୍ୟାରେଜ ସରସ୍ୱତୀ ଶିଶୁମନ୍ଦିରର ଏକବିଂଶ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଚିତ୍ରାନନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ଜେଏସପି ଅନୁଗୋଳ ସିଏସଆର ମୁଖ୍ୟ ଜୟନ୍ତ କୁମାର ମହାନ୍ତି, ଜଳସମ୍ପଦ ବିଭାଗ ବ୍ରାହ୍ମଣୀ ଅବବାହିକା ସମଲର ମୁଖ୍ୟଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ, ସମଲ ଥାନା ଆଇଆଇସି ମୃଣାଳ କାଲ, ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ବେହେରା ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ତୋଷମଣି ସାହୁ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ ବସନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ବିଜୟ କୁମାର ପ୍ରଧାନ ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିନ୍ଦଲ ଦ୍ୱାରା ନିର୍ମିତ ପ୍ରଧାନଆଚାର୍ଯ୍ୟ କାର୍ଯ୍ୟାଳୟ ଓ ଶ୍ରେଣୀଗୃହ ଉନ୍ନତୀକରଣ କାର୍ଯ୍ୟକୁ ଅତିଥି ଉଦଘାଟନ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଏସପିଙ୍କ ହଣ୍ଡପା ଥାନା ପରିଦର୍ଶନ




**ଅନୁଗୋଳ,୧୯ ।୧(ସମିସ):** ଅନୁଗୋଳ ଏସ୍‌ପି ରାହୁଲ ଜୈନି ସୋମବାର ଅଚାନକ ହଣ୍ଡପା ଥାନା ପରିଦର୍ଶନ କରିଛନ୍ତି। ହଠାତ ଥାନାରେ ପହଞ୍ଚି ସେଠାରେ ଉପସ୍ଥିତ ଲୋକଙ୍କ ସହ ଏସ୍‌ପି ଆଲୋଚନା କରିଥିଲେ। ପରେ ଥାନା ଭିତରକୁ ଯାଇ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଲୋକଙ୍କ ଅଭିଯୋଗ ସବୁ ଶୁଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ପୁଲିସ ଉପରେ କିପରି ଲୋକଙ୍କର ଭରସା ରହିବ ସେ ନେଇ ପୁଲିସ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ଥାନାରେ ଲାଗିଥିବା ସମସ୍ତ ସିସିଟିଭି ଯାଞ୍ଚ କରିଥିଲେ। ଏସ୍‌ପିଙ୍କ ପରିଦର୍ଶନ ସମୟରେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବଙ୍ଗଳା ନିର୍ମାଣ ପାଇଁ ଜମି ଦେଖିଲେ ଜିଲ୍ଲାପାଳ

**ବଇଣ୍ଡା,୧୯ ।୧(ସମିସ):** ଅନୁଗୋଳ ଜିଲ୍ଲା ବଇଣ୍ଡାଠାରେ ପୂର୍ତ୍ତ ବିଭାଗ ବଙ୍ଗଳା ନିର୍ମାଣ ପାଇଁ ସୋମବାର ଅନୁଗୋଳ ଜିଲ୍ଲାପାଳ ଅବଦଲ ମହମଦ ଅଖତର ସରକାରୀ ଜମି ଦେଖିଛନ୍ତି।



ନୁନୁକାପଶି ମୌଜାରେ ଥିବା ଜମି ଦେଖିବା ସହ ବଙ୍ଗଳା ନିର୍ମାଣ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଏସପି ରାହୁଲ ଜୈନ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ବିକ୍ରମ ନାୟକ, ପୂର୍ତ୍ତ ବିଭାଗ ଏସଡିଓ ସହରାଇ ସିଂ, କିଶୋରନଗର ତହସିଲ କୋର୍ଟ ଅମିନ ଜପୁନ କୁମାର ପ୍ରଧାନ, କିଶୋରନଗର ତହସିଲ ରାଜସ୍ୱ ପରିଦର୍ଶକ ସର୍ବେଶ୍ୱର ସାହୁ, ବଇଣ୍ଡା ରାଜସ୍ୱ ଅମିନ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନୁନୁକାପସି ମୌଜାରେ ଥିବା ସରକାରୀ ଜମିରୁ ଗୋଟିଏ ଏକର ପୂର୍ତ୍ତ ବିଭାଗ ବଙ୍ଗଳା ନିର୍ମାଣ ପାଇଁ ଜମି ଯୋଗାଇ ଦିଆଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ଜମିକୁ ରାସ୍ତା ପ୍ରସ୍ତୁତ କରାଯାଇଛି।

# ତାଳଚେରରେ ଜବରଦଖଲ ଉଚ୍ଛେଦ

ତାଳଚେର,୧୯ ।୧(ସମିସ): ତାଳଚେର ପୌରାଞ୍ଚଳ ଅନ୍ତର୍ଗତ ଫାଷ୍ଟଗେଟ୍ ରାମଚନ୍ଦ୍ର ବଜାରଠାରୁ ହାଟତୋଟା ଦେଇ ହାଣ୍ଡିଧୁଆ ପର୍ଯ୍ୟନ୍ତ ରାସ୍ତା ଜାମ୍ ରହୁଥିବାରୁ ପୂର୍ବ ନିଷ୍ପତ୍ତି



ଅନୁଯାୟୀ ପୌରପରିଷଦ ପକ୍ଷରୁ ମାଜିଷ୍ଟ୍ରେଟ୍ ଓ ପୁଲିସ୍ ଉପସ୍ଥିତିରେ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ରାସ୍ତାର ଉଭୟ ପାଶ୍ୱର୍ରେ ସରକାରୀ ଜମି ଜବରଦଖଲ କରି ବହୁ ଲୋକ ଦୋକାନ ବଜାର ନିର୍ମାଣ କରିଥିବାରୁ ରାସ୍ତା ଜାମ୍ ହେବା ସହ ପୌରପରିଷଦ ପକ୍ଷରୁ ଉନ୍ନୟନ କାର୍ଯ୍ୟ ହୋଇପାରୁ ନ ଥିଲା। ତେବେ ଏହାକୁ ବିଚାରକୁ ନେଇ ସୋମବାର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଦୀର୍ଘବର୍ଷ ଧରି ଏଠାରେ ବ୍ୟବସାୟ କରି ପରିବାର ଚଳାଉଥିବା ଲୋକଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ଦାବି ହେଉଛି। ଉଚ୍ଛେଦ କାର୍ଯ୍ୟକୁ ଅଞ୍ଚଳବାସୀ ସ୍ୱାଗତ କରିଥିବା ବେଳେ ବଡ଼ବଜାରଠାରୁ ଫାଷ୍ଟଗେଟ୍ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ସରକାରୀ ଜାଗାରେ ଦୋକାନ କରିଥିବା ବ୍ୟବସାୟୀଙ୍କୁ କେବେ ଉଚ୍ଛେଦ କରାଯିବ ତାହା ଦେଖିବାକୁ ବାକି ରହିଲା।

# ଘଣ୍ଟପଡ଼ା ରେଳ ଓଭରବ୍ରିଜ ଲୋକାର୍ପଣ କେବେ?



ତାଳଚେର,୧୯ ।୧(ସମିସ): ତାଳଚେର ସହରରୁ ହାଟତୋଟା ଘଣ୍ଟପଡ଼ା ଲେବଲ କ୍ରସିଂ ଦେଇ ଦୈନନ୍ଦିକ ହଜାର ହଜାର ଜନସାଧାରଣ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଯଥା-ଜିଲ୍ଲାପାଳ କାର୍ଯ୍ୟାଳୟ, ଜିଲ୍ଲା ଚିକିତ୍ସାଳୟ, ଏସପି, ଶ୍ରମ କାର୍ଯ୍ୟାଳୟକୁ ଯାତାୟାତ କରିଥାନ୍ତି। ଘଣ୍ଟପଡ଼ା ରାସ୍ତାରେ ଦୀର୍ଘବର୍ଷ ହେଲା ଏକ ଲେବଲକ୍ରସିଂ ରହିଥିବାରୁ ଟ୍ରେନ୍ ଯାତାୟାତ ସମୟରେ ଲୋକେ ସେଠାରେ ଦୀର୍ଘ ସମୟ ଠିଆ ହେବାକୁ ପଡ଼ିଥାଏ। କି ଖରା କି ବର୍ଷା, ରେଳ ଲାଇନର ଉଭୟ ପାଶ୍ୱର୍ରେ ଶହ ଶହ ଗାଡ଼ି ଅଟକି ରହିଥାଏ। ଏପରିକି, ଅତି ଜରୁରୀ ସେବାରେ ନିୟୋଜିତ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ମଧ୍ୟ ଫାଟକ ପଡ଼ିଯିବା ଯୋଗୁଁ ଅପେକ୍ଷା କରିବାକୁ ପଡ଼ିଥାଏ। ଏହାକୁ ଦୃଷ୍ଟିରେ ତାଳଚେରର ବିଭିନ୍ନ ସଂଗଠନ ବାରମ୍ବାର ସ୍ୱର ଉତ୍ତୋଳନ କରିବା ପରେ ଓ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଏଠାରେ ଏମସିଲ ସିଏସଆର ଅର୍ଥ ବିନିଯୋଗରେ ଏକ ଓଭରବ୍ରିଜ୍ ନିର୍ମାଣ କରାଯାଇଛି। ହେଲେ ଆଜିପର୍ଯ୍ୟନ୍ତ ଏହି ବ୍ରିଜ ଲୋକାର୍ପଣ କରାଯାଇ ନ ଥିବାରୁ ଲୋକଙ୍କ କାମରେ ଆସୁନାହିଁ। ବ୍ରିଜ ନିର୍ମାଣ ସରିଥିଲେ ମଧ୍ୟ ନେତାମନ୍ତ୍ରୀମାନେ ଏହାକୁ ଉଦଘାଟନ କରିବା ନେଇ ବିଭାଗ ପକ୍ଷରୁ ଅପେକ୍ଷା କରାଯାଇଛି। ତୁରନ୍ତ ଏହି ବ୍ରିଜ ଲୋକାର୍ପଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ପୁରାତନ ଛାତ୍ରଙ୍କ ବୈଠକ



**ବଇଣ୍ଡା,୧୯ ।୧(ସମିସ):** ଅନୁଗୋଳ ଜିଲ୍ଲା ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ବୈଠକ ରବିବାର ଦିନ ଜାମୁନାଳୀଠାରେ ଅନୁଷ୍ଠିତ ହୋଇଛି। ସୁବ୍ରଜିତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ର ଶୁଭେନ୍ଦୁ ମୋହନ ସାହୁ, ବିନୀତ ସାହା, ଅନିଲ ସାହୁ, ଅନିଲ ବେହେରା, ପ୍ରୀତୀଶ ପ୍ରଧାନ, ପ୍ରୀତିରଞ୍ଜନ ବେହେରା, ସଞ୍ଜୟ ପ୍ରଧାନ, ରବୀନ୍ଦ୍ର ସାହୁ, ଭବାନୀ ଶଙ୍କର ମିଶ୍ର, ଅରବିନ୍ଦ ପ୍ରଧାନ, ସୁବ୍ରତ ପ୍ରଧାନ, ଅନ୍ତର୍ଯ୍ୟାମୀ ରାଉଳ, ମନୋରଞ୍ଜନ ପ୍ରଧାନ, ପ୍ରଦୋଷ ପ୍ରଧାନ, ନରେଶ ପ୍ରଧାନ, ସୁଶାନ୍ତ ଦାସ, ଭୁପେନ ପ୍ରଧାନ, ପରୀକ୍ଷିତ ସାହୁଙ୍କ ସମେତ ବହୁ ସାଥୀ ଯୋଗଦେଇଥିଲେ। ଏଥିରେ କିପରି ବିଦ୍ୟାଳୟର ବିକାଶ ହୋଇପାରିବ ସେ ନେଇ ଆଲୋଚନା କରାଯିବା ସହ ଆଗକୁ ଏକଜୁଟ ହୋଇ ବଇଣ୍ଡାର ଉନ୍ନତି ଉପରେ ଅଧିକ ଧ୍ୟାନ ଦେବା ପାଇଁ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଆଉ ଏକ ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

# ଲାଉପାଳରେ ଚାଲିଛି ବେଆଇନ ପଥର ବ୍ଲାଷ୍ଟିଂ

ଅନୁଗୋଳ,୧୯ ।୧(ସମିସ):

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ୍ କୁଦଗାଁ ପଞ୍ଚାୟତ ଲାଉପାଳ ପ୍ରୋଜେକ୍ଟ ତଳେ ଥିବା ନାଳରେ ବେଆଇନ ପଥର ବ୍ଲାଷ୍ଟିଂ କରାଯାଉଥିବା ଅଭିଯୋଗ ହୋଇଛି। କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧୀନ ଲାଉପାଳ ପ୍ରୋଜେକ୍ଟରେ ପଥର ପେଚିଂ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ପଥର ଆବଶ୍ୟକ ପଡୁଥିବା ବେଳେ କିଛି ବ୍ୟକ୍ତି ପ୍ରୋଜେକ୍ଟ ତଳେ ଥିବା ନାଳରେ ବ୍ଲାଷ୍ଟିଂ କରି ପଥର ସଂଗ୍ରହ କରୁଛନ୍ତି। ଦିନ ଦ୍ୱିପ୍ରହରରେ ଚାଲିଛି ପଥର ବ୍ଲାଷ୍ଟିଂ। ରାଜ୍ୟ ରାଜପଥ ପାଶ୍ୱର୍ରେ ବ୍ଲାଷ୍ଟିଂ ଚାଲିଥିଲେ ମଧ୍ୟ କୌଣସି ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପଥର ବ୍ଲାଷ୍ଟିଂ ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା

## ଲୋକେ ଆତଙ୍କିତ

ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି।

ବ୍ଲାଷ୍ଟିଂ କରାଯାଉଥିବା ସ୍ଥାନ ବଇଣ୍ଡା-କିଆକଟା ରାଜ୍ୟ ରାଜପଥ ପାଶ୍ୱର୍ରେ ହୋଇଥିବା ବେଳେ ଲାଉପାଳ ପ୍ରୋଜେକ୍ଟର ଠିକ୍ ତଳ ଭାଗରେ। ଫଳରେ ବ୍ଲାଷ୍ଟିଂ ଦ୍ୱାରା



ପ୍ରୋଜେକ୍ଟ ପ୍ରତି ବିପଦ ସୃଷ୍ଟି ହୋଇଛି। କାରଣ ବ୍ଲାଷ୍ଟିଂ ବେଳେ ଆଖପାଖରେ ମୃଦୁ ଭୂକମ୍ପ ଅନୁଭୂତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ରାଜ୍ୟ ରାଜପଥ ପାଶ୍ୱର୍ରେ ବ୍ଲାଷ୍ଟିଂ ହେଉଥିଲେ ମଧ୍ୟ ଅଧିକାରୀଙ୍କ ନଜରରେ ପଡୁନାହିଁ ନା ଦେଖି ଆଖି ବୁଜିଦେଇଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ ଏସଡିଓ ଅଭିଷେକ ଜେନା କହିଛନ୍ତି, ପ୍ରୋଜେକ୍ଟରେ ପଥର ପେଚିଂ କାର୍ଯ୍ୟ ଜାରି ରହିଛି। ମାତ୍ର ପଥର କେଉଁଠୁ ଆସୁଛି ଏବଂ ବ୍ଲାଷ୍ଟିଂ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ଏ ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# କିଶୋରନଗରରେ ଜିଲ୍ଲାପାଳଙ୍କ ଜନଶୁଣାଣି

**କିଶୋରନଗର,୧୯ ।୧(ସମିସ):** କିଶୋରନଗର ବ୍ଲକ ରାଜୀବ ସେବାକେନ୍ଦ୍ର ସଭାଗୃହରେ ସୋମବାର ଅନୁଗୋଳ ଜିଲ୍ଲାପାଳ ଅବଦଲ ମହମ୍ମଦ ଅଖତର ଓ ଏସ୍‌ପି ରାହୁଲ ଜୈନଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୪୬ ଅଭିଯୋଗର ଶୁଣାଣି କରାଯାଇ ସମାଧାନ କରାଯାଇଥିଲା। ନାକଚି ପଞ୍ଚାୟତ ମଧୁପୁରର ସତୀଶ ପ୍ରଧାନ, ଛେଣ୍ଡିପଦା ମାଳିସାହିର ଦିବାକର ମାହାର, କୁଷୁଣୀର ବିସ୍ମିତା ମାଝୀ, କଦଳୀମୁଣ୍ଡାର ହରିବନ୍ଧୁ ବାରିକଙ୍କୁ ଚିକିତ୍ସା ସହାୟତା ବାବଦ ପ୍ରତ୍ୟେକଙ୍କୁ ୫୦୦୦ ଟଙ୍କା ଓ ଓସ୍ତାପାଲ୍ଲୀର ଉଷାବତୀ ସାହୁଙ୍କୁ ୭୫୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଶିବିରରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ,



ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ର, ସିଡିଏମଓ ମଦନ ମୋହନ ପ୍ରଧାନ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ରାଜୁ ଡାଉଳିଆ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ହରିପାଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ ମିଶ୍ର, ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଅମ୍ବର ଲୁଗୁନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବିଡିଓ ସୁବ୍ରତ କୁମାର ବେହେରା ଓ ତହସିଲଦାର ବିକ୍ରମ କେଶରୀ ନାୟକ ଶିବିର ପରିଚାଳନା କରିଥିଲେ। ସୁଜିତ ପ୍ରଧାନ, ଅରବିନ୍ଦ ମାଝୀ, ଆରଏମସି ଡିଇଓ ସରୋଜ କୁମାର ପ୍ରଧାନ, ସୌମ୍ୟାଶ୍ରୀ ବେହେରା ନାମ ପଞ୍ଜୀକରଣ କରିଥିଲେ।

# ଫୁଲାମ୍ବା ହାଇସ୍କୁଲର ବାର୍ଷିକୋତ୍ସବ ପାଳିତ

କିଶୋରନଗର,୧୯ ।୧(ସମିସ): ପିଏମଶ୍ରୀ ଫୁଲାମ୍ବା ହାଇସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଇଓ ଅରୁଣ କୁମାର ସେଠୀ ମୁଖ୍ୟଅତିଥି, କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ମୁଖ୍ୟବକ୍ତା, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦୀବ ସୁନ୍ଦର ବରାଳ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧିରେ ଶିକ୍ଷାର୍ଥୀ ସମେତ ପିତାମାତା, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ, ଓ ସରକାରଙ୍କ ଗୁରୁ ଦାୟିତ୍ୱ ରହିଛି। ନିଜର କର୍ତ୍ତବ୍ୟ ପ୍ରତି ସଚେତନ ଓ ଉତ୍ତରଦାୟୀ ହେଲେ ଜଣେ ସୁନାଗରିକ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଦୀପ କୁମାର ମାଝୀ ମଞ୍ଚ ପରିଚାଳନା କରିଥିଲେ।



ଶିକ୍ଷକ ଘସିନାଥ ସେଠୀ, ନୀହାର ରଞ୍ଜନ ଦେଓ, ପ୍ରଭାତ କୁମାର ସାହୁ, ବସନ୍ତ କୁମାର ବିଶ୍ୱାଳ, ଅଞ୍ଜନା ସାହୁ, ଶିବରାମ ସାହୁ, ଧରଣୀଧର ସେଠୀ ଓ ଶୁଭସ୍ମିତା ସାହୁ ସହଯୋଗ କରିଥିଲେ।

# ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

**ଅନୁଗୋଳ,୧୯ ।୧(ସମିସ):** ଜିଲ୍ଲାରେ ପୁଲିସ ଇନ୍ସପେକ୍ଟର ସ୍ତରରେ ଛୋଟ ଧରଣର ଅଦଳବଦଳ ହୋଇଛି। ଆଠମଲ୍ଲିକ ଥାନା ଅଧିକାରୀ ଥିବା ପ୍ରକାଶ ମାଝୀଙ୍କୁ ଅନୁଗୋଳ ଟାଉନ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ଏଠାରେ ଥିବା ଇନ୍ସପେକ୍ଟର ଧୀରେଶ ଦାସଙ୍କୁ ଆଠମଲ୍ଲିକ ଥାନା ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। କିଆକଟା ଥାନା ଅଧିକାରୀ ଥିବା ଅନୁପ କୁମାର ତିର୍କୀଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ସେହିପରି ଗୋପାଳପ୍ରସାଦ ଥାନାରେ ଥିବା ବାଲୁଙ୍କେଶ୍ୱର ନାୟକଙ୍କୁ କିଆକଟା ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଅନୁଗୋଳ ଟାଉନ୍ ଥାନାରେ ଥିବା ସବ୍‌ଇନ୍ସପେକ୍ଟର ଗୋପୀନାଥ ଭାରତୀଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ସୋମବାର ଏହି ବଦଳି ଆଦେଶ ବାହାରିଥିବା ବେଳେ ମଙ୍ଗଳବାର ସୁଦ୍ଧା ନୂତନ ସ୍ଥାନରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ମା’ ଶାରଳାଙ୍କ ବାର୍ଷିକ ଯାତ୍ରା



କିଶୋରନଗର,୧୯ ।୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଗାଁବଇଣ୍ଡା ପଞ୍ଚାୟତ କରଡ଼ାବଣି ସାହିରେ ମା’ ଶାରଳାଙ୍କ ବାର୍ଷିକ ଯାତ୍ରା ପାଳିତ ହୋଇଛି। ପ୍ରତିବର୍ଷ ଏହି ଯାତ୍ରା ମାଘ ମାସରେ ହୋଇଥାଏ। ରବିବାର ସକାଳ ୯ଟାରେ ନଗରକୀର୍ତ୍ତନ ହୋଇ ୧୦ଟାରେ ପୂଜାରମ୍ଭ ହୋଇଥିଲା। ମଧ୍ୟାହ୍ନରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏଥିରେ ମା’ ମାହେଶ୍ୱରୀ ଓ ମା’ ତାରିଣୀ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଦେହୁରୀ ଦିଗମ୍ବର ନାୟକ ପୂଜାପାଠ କରିଥିଲେ। ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା।

# ବେଆଇନ କୋଇଲା ଚାଲାଣ; ଗାଡ଼ି ଜବତ, ୨ ଗିରଫ

କଣିହାଁ,୧୯ ।୧(ସମିସ): କଣିହାଁ ବ୍ଲକ ଏନଟିପିସି ଟାଉନ ଥାନା ତରଫରୁ ବେଆଇନ କୋଇଲା ଚାଲାଣ ମାମଲାରେ ଗାଡ଼ି ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଜରପଡ଼ା ଥାନା କୁଶକୁଳିଆ ଗ୍ରାମର ଡ୍ରାଇଭର ସତ୍ୟବ୍ରତ ସାହୁ (୨୯) ଓ ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ନାଧାରା ଗ୍ରାମର ମାଲିକ ବିଘ୍ନେଶ୍ୱର ଭୂୟାଁ (୩୫)। ପାଟ୍ରୋଲିଂ ଟିମ ତାଳଚେର କୋଇଲା ଖଣି ଅଞ୍ଚଳରୁ ଜେଇପିଏଲ ବିଦ୍ୟୁତ ପ୍ରକଳ୍ପକୁ କୋଇଲା ପରିବହନ କରୁଥିବା ଗାଡ଼ିଗୁଡ଼ିକ ଯାଞ୍ଚ କରୁଥିବା ବେଳେ ଉକ୍ତ ଗାଡ଼ିର ଡ୍ରାଇଭର କୋଇଲା ପରିବହନ ସମ୍ପର୍କିତ ସଠିକ କାଗଜପତ୍ର ଦେଖାଇ ପାରି ନ ଥିଲେ। ଏ ନେଇ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ବେଳେ ସୋମବାର ଗାଡ଼ି ଡ୍ରାଇଭର ଓ ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି।

# ଉପଖଣ୍ଡସ୍ତରୀୟ ଠିକାଦାର ସଂଘର ବୈଠକ



ପାଲଲହଡ଼ା,୧୯ ।୧(ସମିସ): ମା’ କୁଣ୍ଢେଇବୀର ଉପଖଣ୍ଡସ୍ତରୀୟ ଠିକାଦାର ସଙ୍ଘର କାର୍ଯ୍ୟକାରିଣୀ ବୈଠକ ରବିବାର ଦ୍ୱିତୀୟ ଚିଲିକାଠାରେ ଅନୁଷ୍ଠିତ ହୋଇଛି। ମଦନ ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ନିର୍ବାଚନ ଅଧିକାରୀ ରୂପେ ଜିଲ୍ଲା ଠିକାଦାର ସଙ୍ଘର ସଭାପତି ସୁନୀଲ କୁମାର ପ୍ରଧାନ ଓ ସମ୍ପାଦକ ସୁବୋଧ କୁମାର ମହାପାତ୍ର ଯୋଗଦେଇଥିଲେ। ସଭାପତି ଭାବେ ମନୋରଞ୍ଜନ ଶତପଥୀ, ସହ ସଭାପତି ନରେନ୍ଦ୍ର କୁମାର ଭୁକ୍ତା, ସମ୍ପାଦକ ଅଶୋକ କୁମାର ପାଣି, ସହ ସମ୍ପାଦକ ଶକ୍ତିକାନ୍ତ ସାହୁ, ରଞ୍ଜିତ ସାମଲ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ବୈଠକରେ ସର୍ବସମ୍ମତି କ୍ରମେ ସରକାରଙ୍କ ନୂତନ ନିୟମକୁ ବିରୋଧ କରାଯିବା ସହ ସମସ୍ତ ସରକାରୀ କାମ ନିର୍ଦ୍ଧାରିତ ସରକାରୀ ମୂଲ୍ୟରେ କରାଯିବ ଏବଂ କମ୍ ମୂଲ୍ୟରେ କାମ ହାସଲ କରୁଥିବା ଠିକାଦାରଙ୍କୁ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯିବ ବୋଲି ନିଷ୍ପତ୍ତି କରାଯାଇଛି। ଉପଖଣ୍ଡର ୫୦ରୁ ଅଧିକ ଠିକାଦାର ବୈଠକରେ ଯୋଗଦେଇଥିଲେ।

**ବସ୍ତି ମଝିରେ ବ୍ରାଉନସୁଗର ନେଟୱର୍କର ପର୍ଦ୍ଦାଫାଶ**

# ୪ ମହଲା କୋଠାରୁ ୨୬ ଲକ୍ଷ ଟଙ୍କା, ୩୦ ଗ୍ରାମ ବ୍ରାଉନସୁଗର ଜବତ

**ଅନୁଗୋଳ,୧୯ ।୧(ସମିସ):** ଅନୁଗୋଳ ସହରରେ ନିଶା କାରବାର ବିରୋଧରେ ପୁଲିସକୁ ମିଳିଛି ବଡ଼ ସଫଳତା। ସ୍ପେସିଆଲ ସ୍କ୍ୱାଡ୍ ଓ ଅନୁଗୋଳ ଟାଉନ ଥାନା ପୁଲିସର ମିଳିତ ଚଢ଼ଉ କରି ହାତୀଶାଳପଡ଼ାର ଏକ ୪ ମହଲା କୋଠାରୁ ୨୬ ଲକ୍ଷରୁ ଅଧିକ ଟଙ୍କା ଓ ୩୦ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଗୁପ୍ତ ସୂଚନା ଆଧାରରେ ପୁଲିସ ଚଢ଼ଉ କରିଥିବା ବେଳେ ଏତେ ପରିମାଣର ନଗଦ ଟଙ୍କା ଦେଖି ଅଧିକାରୀମାନେ ମଧ୍ୟ ଟେରା ହୋଇଯାଇଥିଲେ। ଟଙ୍କା ଗଣତି ପାଇଁ ମେସିନ ଆଣିବାକୁ ପଡ଼ିଥିଲା। ପୁଲିସ ସୂଚନା ଅନୁସାରେ, ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରୁ ବ୍ରାଉନସୁଗର ଆଣି ଏହି ଘରେ ପ୍ୟାକିଂ



କରାଯାଇ ଅନୁଗୋଳ ସହ ଆଖ ପାଖ ଅଞ୍ଚଳକୁ ପଠାଯାଉଥିଲା। ବସ୍ତି ଅଞ୍ଚଳ ହୋଇଥିବାରୁ କାହାରି ସନ୍ଦେହ ହେଉ ନ ଥିଲା। ଏହା ବେପାରୀଙ୍କୁ ବେଶ୍ ସୁହାଉଥିଲା। ଏହି ଘଟଣାରେ ପୁଲିସ ସାକସିଙ୍ଗା ଗ୍ରାମର ମାନସ ନାୟକ, ରାଜେଶ ସାହୁ ଓ କୁମଣ୍ଡର ରମେଶ ଚନ୍ଦ୍ର ସାହୁଙ୍କୁ ଅଟକ ରଖି ତଦନ୍ତ କରୁଛି। ଟଙ୍କା ଗଣତି ଓ ଯାଞ୍ଚ ସରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି।

# ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବିରେ ଗଣଧାରଣା

କିଶୋରନଗର,୧୯ ।୧(ସମିସ):

କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଏକ୍ସ-ରେ, ଅଲଟ୍ରାସାଉଣ୍ଡ ମେସିନ ସ୍ଥାପନ, ଖାଲିପଡ଼ିଥିବା ନର୍ସ, କର୍ମଚାରୀ ପଦ ପୂରଣ, ଆନୁଷଙ୍ଗିକ ଉପକରଣ, ଔଷଧ ଯୋଗାଣ, ସମସ୍ତ ପରୀକ୍ଷା ମାଗଣାରେ ଯୋଗାଇ ଦେବା, କ୍ୱାର୍ଟର୍ସ ନିର୍ମାଣ, ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ, ଜଳଭଣ୍ଡାର ନିର୍ମାଣ କରି ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯକାରୀ କରିବା ଦାବିରେ ସୋମବାର ଜୀବନ ଜୀବିକା ଓ କୃଷିଜମି ସୁରକ୍ଷା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ



ଜନଶୁଣାଣି ଶିବିର ସମୟରେ ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ରମଣୀ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୀତାମ୍ବର ପ୍ରଧାନ, ତୀର୍ଥବାସୀ ଭୋଇ, ଲକ୍ଷ୍ମଣ ବେହେରା, ଗୌର ସାହୁ, ପ୍ରଫୁଲ୍ଲ ପ୍ରଧାନ, ବାବାଜୀ ଚରଣ ବେହେରା, ଚିତ୍ତରଞ୍ଜନ ମେହୁଲି ପ୍ରମୁଖ ବକ୍ତବ୍ୟ ରଖି କିଶୋରନଗରର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସମସ୍ୟା ସମାଧାନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅବହେଳାକୁ ତୀବ୍ର ନିନ୍ଦା କରିଥଲେ। ଧାରଣାସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଜନଶୁଣାଣି ଶିବିରରେ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଏକ୍ସ-ରେ ମେସିନ ସ୍ଥାପନ, ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଦାବି ସମ୍ପର୍କରେ ଜିଲ୍ଲା ପ୍ରଶାସନ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ତାଳଚେର,୧୯ ।୧(ସମିସ):** ତାଳଚେର କୋଲିୟରୀ ଥାନା ଘଣ୍ଟପଡ଼ାସ୍ଥିତ ବାଘମରା ଅଞ୍ଚଳର ସଞ୍ଜୀବ ସାହୁ (୪୬)ଙ୍କ ଝୁଲନ୍ତା ମୃତଦେହ ସୋମବାର ବାଘମରା ଜଙ୍ଗଲରୁ ଉଦ୍ଧାର କରାଯାଇଛି। ସକାଳ ୭ରେ ଏକ ଆମ୍ବଗଛରେ ସେ ନିଜ ଗାମୁଛା ଦ୍ୱାରା ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ସଞ୍ଜୀବ ଦୀର୍ଘବର୍ଷ ହେବ ଜଗନ୍ନାଥ କୋଇଲା ଖଣିରେ କାର୍ଯ୍ୟ କରୁଥିଲେ। ତେବେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

# ଛାତ୍ରୀଙ୍କୁ କମେଣ୍ଟ ମାରି ବନ୍ଧାହେଲେ ୨ ରୋଡ୍ ରୋମିଓ

**ଛେଣ୍ଡିପଦା,୧୯ ।୧(ସମିସ):** ଜଣେ କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରି ବନ୍ଧା ହୋଇଛନ୍ତି ଦୁଇ ରୋଡ୍ ରୋମିଓ। ସେମାନେ ହେଲେ ଅନ୍ଧାରୀକଟା ଗାଁର ମନୋଜ ବାରିକ ଓ କଣିହାଁ ଥାନା କାକୁଡ଼ିଆ ଗାଁର ନିର୍ମଳ ବାରିକ। ଛାତ୍ରୀ ଜଣକ କଲେଜରୁ ଛେଣ୍ଡିପଦା ମେଡିକାଲ ପଛ ରାସ୍ତାଦେଇ ଘରକୁ ଫେରୁଥିବା ବେଳେ ମନୋଜ ଓ ନିର୍ମଳ ବାଇକ୍‌ରେ ଆସି ତାଙ୍କୁ କମେଣ୍ଟ ମାରିଥିଲେ। ଏପରିକି ଛାତ୍ରୀଙ୍କ ମୁହଁକୁ ସିଗାରେଟ ଧୂଆଁ ଛାଡ଼ିଥିଲେ। ଏ ନେଇ ଛାତ୍ରୀଜଣକ ଘରେ ଜଣାଇବା ପରେ ପରିବାର ଲୋକେ ଛେଣ୍ଡିପଦା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କ ବାଇକ୍ ଜବତ କରିଛି। ପୋକ୍ସୋ ଆଇନରେ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଟ୍ରେଲର ଧକ୍କାରେ ଜଣେ ମୃତ

**ବଇଣ୍ଡା,୧୯ ।୧(ସମିସ):** କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା କମରେଇ ନିକଟରେ ଟ୍ରେଲର ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାଜସ୍ଥାନର ମହାବୀର କୁମାର। ରବିବାର ସନ୍ଧ୍ୟାରେ କମରେଇ ନିକଟରେ ମହାବୀର ରାସ୍ତାକାମ କରୁଥିବା ବେଳେ ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ଟ୍ରେଲର ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ମହାବୀର ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଅନୁଗୋଳ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୋମବାର ତାଙ୍କ ମୃତ୍ୟୁ ହୋଇଛି। ପୁଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ପୃଥକ ମାମଲାରେ ୨ ଅଭିଯୁକ୍ତ ଗିରଫ

**କଣିହାଁ,୧୯ ।୧(ସମିସ):** କଣିହାଁ ଥାନାରେ ପୃଥକ ମାମଲାରେ ରବିବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ସେମାନେ ହେଲେ ସମଲ ଥାନା ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମର ପ୍ରଶାନ୍ତ ମୁଖୀ (୨୩) ଓ କଣିହାଁ ବ୍ଲକ ହନୁମାନପୁର ଗ୍ରାମର ପ୍ରଦୀପ (ବ୍ରହ୍ମାନନ୍ଦ) ନାଏକ (୨୬)। ପୁଲିସ ସୂଚା ଅନୁଯାୟୀ, ଜରଡ଼ା ପଞ୍ଚାୟତ ଗୁଣ୍ଡୁରୀନାଳି ଗ୍ରାମ ଭ୍ରମରାଡଇଳା ସାହିର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ବେଳେ ଏହି ମାମଲାରେ ପ୍ରଶାନ୍ତ ମୁଖୀଙ୍କୁ ଗିରଫ କରିଛି। ସେହିପରି ଛେଣ୍ଡିପଦା ବ୍ଲକ ବାଗେଡ଼ିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ନେଇ ସମ୍ପୃକ୍ତ ଯୁବତୀ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ପୁଲିସ ପ୍ରଦୀପ ନାଏକଙ୍କୁ ଗିରଫ କରିଛି। ୨ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

## ବାଣ କାରଖାନା ବିସ୍ଫୋରଣ ମାମଲା: ୨ ଗିରଫ



ଫୁଲନଖରା,୧୯।୧(ସମିସ): କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଧାସ୍ଥିତ ଏକ ଘର ଭିତରେ ଜଣେ କର୍ମଚାରୀ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଚତୁରତାର ସହ ବାଣ ତିଆରି କାରଖାନା କରିଥିବା ବଇନ ଓରଫ ବୈକୁଣ୍ଠ ସାମଲ (୫୨) ଓ ତାଙ୍କ ପୁତ୍ର ବାଦଲ ସାମଲ (୨୩) ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଅତିରିକ୍ତ ଡିସିପି ରଣଜିତ ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ୩ଟି ପୃଥକ ପୃଥକ ଟିମ୍ କରି ବଇନକୁ ଖୋଜାଖୋଜି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସଦର ପୁଲିସ ରାତିସାରା ଘଟଣାର ମାଷ୍ଟର ମାଇଣ୍ଡକୁ ଖୋଜିବା ସହ ଗୋବିନ୍ଦପୁର ଥାନାଞ୍ଚଳରୁ ବଇନ ଓରଫ ବୈକୁଣ୍ଠ ସାମଲ ଓ ତାର ପୁଅ ବାଦଲ ସାମଲକୁ ଗିରଫ କରିବାରେ ସଫଳ ହୋଇଥିଲେ। ଉଭୟଙ୍କୁ କୋର୍ଟ ଚାଲାଣ କରାଯିବା ସଂଗେ ସଂଗେ ଆଉ କେଉଁମାନେ ଏହି ବେଆଇନ୍ ବାଣ ତିଆରିରେ ସଂପୃକ୍ତ ଅଛନ୍ତି ସେସବୁ ଦିଗକୁ ଧ୍ୟାନଦେଇ ପୁଲିସ୍ ତଦନ୍ତ କରୁଛି ବୋଲି ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ପ୍ରକାଶ କରିଛନ୍ତି।

## ରେଭେନ୍ସାରେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ବ୍ୟାଖ୍ୟାନ

କଟକ,୧୯।୧(ସମିସ): ସ୍ୱାମୀ ବିବେକାନନ୍ଦଙ୍କ ୧୬୪ତମ ଜୟନ୍ତୀ ଉପଲକ୍ଷେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ବ୍ୟାଖ୍ୟାନ ଓ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଶିକ୍ଷା ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ,




ଅଖିଳ ଭାରତୀୟ ବିବେକାନନ୍ଦ ଯୁବ ମହାମଣ୍ଡଳ ଓ ରୋଟାରୀ କଟକ ସେଣ୍ଟ୍ରାଲ୍‌ଙ୍କ ସଂଯୁକ୍ତ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ୱାମୀ ଶାନ୍ତାତ୍ମାନନ୍ଦଜୀ, ସଚିବ, ରାମକୃଷ୍ଣ ମିଶନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭ୍ୟାଲ୍ୟୁଜ୍, ଗୁରୁଗ୍ରାମ, ଶିକ୍ଷାର ପୁନଃପରିଭାଷା ବିଷୟରେ ଆଲୋଚନା କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ସୁଦର୍ଶନ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଯୋଜକ ଡା. ବି. ସି. ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ। ତର୍କ, ସଂଗୀତ, ଚିତ୍ରକଳା, ନୃତ୍ୟ, ଯୋଗ, ପୋଷ୍ଟର, ଭିଡିଓ ବାଚନ, ପ୍ରବନ୍ଧ ଲିଖନ ଆଦି ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟଶାଳାର ବିଜେତାଙ୍କୁ ସମ୍ମାନିତ କରାଯାଇଥିଲା। ନିତିଦିନର ସଂପାଦକ ମନୋଜ ମହାପାତ୍ର, ରୋଟାରୀ ଡିଜି ମନୋଜ ତ୍ରିପାଠୀ, ସ୍ମାରକୀ ବ୍ୟାଖ୍ୟାନ ସମିତି ମୁଖ୍ୟ ଶିବାଶିଷ ସୁର, ଯୁବ ମହାମଣ୍ଡଳ ସଦସ୍ୟ ସୁବାସଚନ୍ଦ୍ର ପ୍ରଧାନ ଏବଂ ସ୍ୱାମୀ ଜୀବନାନନ୍ଦ କାର୍ଯ୍ୟକ୍ରମରେ ସମ୍ବୋଧନ କରିଥିଲେ। ପ୍ରଫେସର ଶରତ ରାଉତ ସମାପନୀ ବ୍ୟାଖ୍ୟା କରିଥିବା ବେଳେ ବିବେକାନନ୍ଦ ପାଠଚକ୍ର ସଭାପତି ଡା. ଦେବାଶିଷ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

● ଲକ୍ଷ୍ମୀଧର ମେମୋରିଆଲ କ୍ରିକେଟ

## କାନପୁରକୁ ହରାଇ ସେମିରେ ଆଠଗଡ଼



ତିଗିରିଆ,୧୯।୧(ସମିସ): ତିଗିରିଆ ବ୍ଲକ ସୋମପଡାସ୍ଥିତ ଚବକା ଖେଳ ପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ରାଜ୍ୟସ୍ତରୀୟ ଲକ୍ଷ୍ମୀଧର ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କେସିସି କାନପୁରକୁ ୨୮ ରନରେ ହରାଇ ଆଠଗଡର ଷ୍ଟାର କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। କାନପୁର ଦଳର ଅନୁପ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ସମାଜସେବୀ ସଞ୍ଜୟ ପଣ୍ଡା, ସୂର୍ଯ୍ୟମଣୀ ସାହୁ, ବିକାଶ ପ୍ରଧାନ ଉଭୟ ଦଳର ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସଲିପ ସାମନ୍ତରାୟ ଓ ମଥୁରା ନନ୍ଦ ପ୍ରଧାନ ପରିଚାଳନା କରିଥିଲେ।

## ୧୯୬୮ ବ୍ୟାଚ୍‌ର ପୁରାତନ ବିଦ୍ୟାର୍ଥୀଙ୍କ ବୈଠକ



କଟକ,୧୯।୧(ସମିସ): ଅଲଣାହଟ ହାଇସ୍କୁଲର ୧୯୬୮ ମାଟ୍ରିକ ବ୍ୟାଚ ପୁରାତନ ବିଦ୍ୟାର୍ଥୀଙ୍କ ଏକ ବୈଠକ ତଳତେଲେଙ୍ଗା ବଜାରସ୍ଥିତ ନୃସିଂହନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ପ୍ରଫେସର ଡାକ୍ତର ଗନ୍ଧର୍ବ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ବୃଷକେତୁ ମହାନ୍ତି, ଅବସରପ୍ରାପ୍ତ ଏସପି ପ୍ରତାପ ମହାନ୍ତି, ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ଦିଗମ୍ବର ଦାସ, ଡ. କ୍ଷୀରୋଦଚନ୍ଦ୍ର ଆଚାର୍ଯ୍ୟ, ଦେବ ମଲ୍ଲ, ଲଳିତ କାନୁନଗୋ, ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ଓ ଅନ୍ୟମାନେ ପରିବାର ସହିତ ଯୋଗଦେଇଥିଲେ। ଏହି ଅବସରରେ ଅଲଣାହଟ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ୍ ବୈକୁଣ୍ଠ ନାଥ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ ପୁରାତନ ବିଦ୍ୟାର୍ଥୀ ପରିବାର ସହିତ ଯୋଗଦେଇଥିଲେ। ସୁଶାନ୍ତ ରାଉତ ଓ ରାଜେନ୍ଦ୍ର ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

କଟକ ସହରରେ କମିବ ଟ୍ରାଫିକ୍ ଭିଡ଼

# କନ୍ଧରପୁରକୁ ନିର୍ମାଣହେବ ନୂଆ ଗ୍ରୀନ୍‌ଫିଲ୍ଡ ରୋଡ୍

କଟକ,୧୯।୧(ସମିସ):

ଓଡ଼ିଶାର ପ୍ରମୁଖ ସହରଗୁଡ଼ିକ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସରଳ କରିବା ପାଇଁ ରାଜ୍ୟ ସରକାର ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଛନ୍ତି।

- **କ୍ୟାପିଟାଲ ରିଜିଅନ୍ ରିଙ୍ଗ୍‌ରୋଡ୍‌କୁ ତ୍ୱରାନ୍ୱିତ କରିବାକୁ ନିର୍ମାଣ ସଚିବଙ୍କ ନିର୍ଦ୍ଦେଶ**
- **ପାରାଦୀପ ଓ ଜଗତସିଂହପୁରକୁ ଯାତ୍ରା ହେବ ସହଜ**

ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାସ୍ତା ପ୍ରକଳ୍ପର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। ବିଶେଷ କରି ରାଜଧାନୀ ଭୁବନେଶ୍ୱର ଚାରିପାଖରେ ନିର୍ମାଣ ହେବାକୁ ଥିବା ୧୧୧ କିଲୋମିଟର ଦୀର୍ଘ "କ୍ୟାପିଟାଲ ରିଜିଅନ୍ ରିଙ୍ଗ୍ ରୋଡ୍' କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ଜଙ୍ଗଲ ଓ ପରିବେଶ ବିଭାଗର ଅନୁମୋଦନ ଏବଂ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ବିଭାଗୀୟ ଅଧିକାରୀ ଓ ଇଞ୍ଜିନିୟରମାନଙ୍କୁ କୁହାଯାଇଛି। ଏହି ବୈଠକରେ କଟକ ସହରର ବଢୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ଏବଂ ଭୁବନେଶ୍ୱରରୁ ପାରାଦୀପ ଓ ଜଗତସିଂହପୁରକୁ ସିଧାସଳଖ ଯୋଗାଯୋଗ ପାଇଁ ଏକ ଅଭିନବ ଯୋଜନା ଉପରେ ମୋହର ବାଜିଛି। ଧାକୁଳେଇ ପୀଠ ନିକଟରୁ କନ୍ଧରପୁର ପର୍ଯ୍ୟନ୍ତ ଏକ ନୂତନ "ଗ୍ରୀନ୍ ଫିଲ୍ଡ ରୋଡ୍' ନିର୍ମାଣ ପାଇଁ ନକ୍ସା ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ନୂତନ ରାସ୍ତା ନିର୍ମିତ ହେଲେ ଯାତ୍ରୀମାନଙ୍କୁ ଆଉ କଟକ ସହରର ଭିଡ଼ ଭିତର ଦେଇ ଯିବାକୁ ପଡ଼ିବ ନାହିଁ। ଏହାଫଳରେ ଭୁବନେଶ୍ୱରରୁ ଜଗତସିଂହପୁର ଏବଂ ପାରାଦୀପ ମଧ୍ୟରେ ଦୂରତ୍ୱ କମିବା ସହିତ ଯାତ୍ରା ସମୟରେ ମଧ୍ୟ ଯଥେଷ୍ଟ ସଞ୍ଚୟ ହେବ, ଯାହା ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିବ। ଏହାବ୍ୟତୀତ ଖୋର୍ଦ୍ଧା-ନୟାଗଡ଼ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତୀକରଣ କାର୍ଯ୍ୟକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ପ୍ରକଳ୍ପକୁ ଶେଷ କରିବା ପାଇଁ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ନିର୍ମାଣ ବିଭାଗର ଇଆଇସି-ତଥା-ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଆଞ୍ଚଳିକ ଅଧିକାରୀ ସୁନୀଲ କୁମାର ଏବଂ ଜାତୀୟ ରାଜପଥ ଓଡ଼ିଶାର ମୁଖ୍ୟ ଯନ୍ତ୍ରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଆଲୋଚନା କରିଥିଲେ। ସରକାରଙ୍କ ଏହି ପଦକ୍ଷେପ ଆଗାମୀ ଦିନରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

## ୧୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ



ଫୁଲନଖରା,୧୯।୧(ସମିସ): କଟକ ସଦର ଥାନା ପୁଲିସ ଅପରେସନ୍ ପ୍ରହାରକୁ କଡାକଡି କରିବା ସହ ନିଶା ବେପାରୀଙ୍କୁ ଧରିବାରେ ପ୍ରୟାସ ଜାରି ରଖିଛି। ଗବବସ୍ତ ବଜାର ନିକଟରେ ବ୍ରାଉନ୍‌ସୁଗର ବିକ୍ରୟ କରୁଥିବା ବେଳେ ଜଣକୁ ଗିରଫ କରିବାରେ ସଫଳ ହୋଇଛି। ଯୁବକ ଜଣକ ହେଲେ କୋକଲ ଗ୍ରାମର ଅମରେଶ ଦାଶ। ଗବବସ୍ତ ବଜାର ନିକଟରେ ବ୍ରାଉନ୍‌ସୁଗର ବିକ୍ରୟ ପାଇଁ ଅପେକ୍ଷା କରିଥିବା ବେଳେ ସଦର ପୁଲିସ ସନ୍ଦେହରେ ଅମରେଶର ବାଇକ୍‌କୁ ଜବତ କରି ଖୋଜାଖୋଜି କରିବା ସମୟରେ ସେଥିରୁ ୧୦ ଗ୍ରାମ ବ୍ରାଉନ୍‌ସୁଗର ମିଳିଥିଲା, ଯାହାର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ପୁଲିସ ଅମରେଶକୁ ଉକ୍ତ ବାଇକ୍ ଓ ଗୋଟିଏ ମୋବାଇଲ୍ ଜବତ କରିଛି। ଏହି ନିଶା ବ୍ୟବସାୟରେ କେଉଁମାନଙ୍କର ସଂପୃକ୍ତି ରହିଛି ତାହାର ତଦନ୍ତ ଜାରି ରହିଛି ବୋଲି ଆଇଆଇସି ତୁଷାରକାନ୍ତ ସେଠୀ ପ୍ରକାଶ କରିଛନ୍ତି।

## ପୌର୍ଣ୍ଣମାସୀ ପାଠାଗାର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କଟକ,୧୯।୧(ସମିସ): କଟକ ଅନନ୍ତ ବିହାର, ମହାନଦୀ ବିହାରସ୍ଥିତ ପୌର୍ଣ୍ଣମାସୀ ଭବନ ପରିସରରେ ରବିବାର ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଅଭିରାମ ପରମହଂସ ଦେବଙ୍କ ୧୨୩ତମ ଜୟନ୍ତୀ ଉପଲକ୍ଷେ ପୌର୍ଣ୍ଣମାସୀ ପାଠାଗାର ଏବଂ ନରାଜସ୍ଥିତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏହି ଶିବିରକୁ ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡକ୍ଟର ସୁଶାନ୍ତ ସେଣ ଉଦ୍‌ଘାଟନ କରିଥିଲେ। ପ୍ରଫେସର ରମାକାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ଡାକ୍ତର ଅରମାନ ପରିଚ୍ଛା, ଡାକ୍ତର ଧ୍ରୁବ ପ୍ରସାଦ, ଡାକ୍ତର ରଞ୍ଜିତା କର ଏବଂ ଡାକ୍ତର ସୁଶୀଳା ପଣ୍ଡା ପ୍ରାୟ ୧୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପରାମର୍ଶ ଦେବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଆୟୁର୍ବେଦ ମହାବିଦ୍ୟାଳୟର ଶେଷ ବର୍ଷର ବିଦ୍ୟାର୍ଥୀ ଶିଳାଦିତ୍ୟ ବେହେରା, ଲକ୍ଷ୍ମୀଭାର୍ଗବ, ସୌମ୍ୟାଶ୍ରୀ, ଆଶିଷ ମାଳା ଏବଂ ଶ୍ରୀମା ରୋଗୀଙ୍କ ମଧୁମେହ ଓ ରକ୍ତ ପରୀକ୍ଷା କରିବାରେ ସହଯୋଗ କରିଥିଲେ। ପାଠାଗାରର ସଭାପତି ପ୍ରତାପ ମହାପାତ୍ର ଏବଂ ଅନନ୍ତ ବିହାରର ଅଧିବାସୀଙ୍କ ମିଳିତ ସହଯୋଗରେ ସମଗ୍ର ଶିବିରଟି ସୁଚାରୁରୂପେ ପରିଚାଳିତ ହୋଇଥିଲା।

## କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚର ବିକ୍ଷୋଭ




କଟକ,୧୯।୧(ସମିସ): ୧୯୮୨ ଶ୍ରମିକ ଆନ୍ଦୋଳନରେ ୧୯ ଜଣ ଶ୍ରମିକ ପ୍ରାଣ ହରାଇଥିଲେ। ତାହାର ୪୪ତମ ସ୍ମାରକୀ ଦିବସ ଅବସରରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଆଭିମୁଖ୍ୟ ବିରୁଦ୍ଧରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଆଇଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି, ଏନଏଫଆଇଟିୟୁ, ଏଆଇକେକେଏମଏସ, ଏଆଇକେଏସ, ଓଏସଆରୟୁ ପ୍ରମୁଖ ସଂଗଠନଗୁଡିକ ବିକ୍ଷୋଭରେ ସାମିଲ ଥିଲେ। ଆସନ୍ତା ଫେବୃଆରୀ ୧୨ ତାରିଖ ସାଧାରଣ ଧର୍ମଘଟକୁ ସଫଳ କରିବାକୁ ବିକ୍ଷୋଭକାରୀ ଶ୍ରମିକ ସଂଗଠନ ଗୁଡିକ ଆହ୍ୱାନ କରିଥଲେ। ଏହି ଅବସରରେ ବିଭିନ୍ନ ଦାବି ସମ୍ପର୍କିତ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ରବିନାରାୟଣ ମଲ୍ଲିକ, ରାଜକିଶୋର ମଲ୍ଲିକ, ଅମରେନ୍ଦୁ ମହାନ୍ତି, ଖଗେଶ୍ୱର ସେଠୀ, ଯୁଧିଷ୍ଠିର ମହାରଣା, ମନମୋହନ ପତି, ବସନ୍ତ ନାୟକ, ପ୍ରସନ୍ନ ମହାପାତ୍ର, ସନ୍ତୋଷ ପଣ୍ଡା, ମାନସ ମହାନ୍ତି, ନିହାରରଞ୍ଜନ ଦାସ, ସୁଶାନ୍ତ ରଣା, ଚନ୍ଦ୍ରକାନ୍ତ ବେହେରା, ଶୋଭା ଦେହୁରୀ, ସୁବଳ ଜେନା, ପ୍ରଭାସ ସାହୁ, ରମେଶ ଚନ୍ଦ୍ର ବେହେରା, କିଶୋର ବିଶୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଶହେ ବର୍ଷ ହାଟର ପୁନରୁଦ୍ଧାର ପ୍ରସ୍ତୁତି



ଟାଙ୍ଗୀ,୧୯ ।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ନଖରା ଏବଂ ଶାଳଗାଁ ପଞ୍ଚାୟତର ଶହେ ବର୍ଷରୁ ଊର୍ଦ୍ଧ୍ୱ ନଖରା ହାଟର ପୁନରୁଦ୍ଧାର ପ୍ରସ୍ତୁତି ବୈଠକ ରବିବାର ହାଟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ସରପଞ୍ଚ ପ୍ରବୀର କୁମାର ଦାଶଙ୍କ ଆହ୍ୱାନକ୍ରମେ ଏବଂ ଶାଳଗାଁ ପଞ୍ଚାୟତ ସରପଞ୍ଚ ପବିତ୍ର ମୋହନ

**ଜାନୁଆରୀ ୨୬ରେ ଖୋଲିବ ନଖରାହାଟ**

ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନଖରା, ଶାଳଗାଁ ଓ ଆଗ୍ରାହାଟ ପଞ୍ଚାୟତର ଚାଷୀ, ବ୍ୟବସାୟୀ, ଶିକ୍ଷାବିତ, ସମାଜସେବୀ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ହାଟ ଆସନ୍ତା ୨୬ ତାରିଖରେ ଖୋଲାଯିବ। ଏଥିପାଇଁ ସମସ୍ତ ଗ୍ରାମବାସୀ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ନାରାୟଣ ପଣ୍ଡା, ମନୋଜ ମହାରଣା, ରଘୁନାଥ ଦାଶ, ସୁରେନ୍ଦ୍ର ସାହୁ, ବଂଶୀଧର ମହାନ୍ତି, ସାମ୍ବାଦିକ ଗଙ୍ଗାଧର ବେହେରା, ମହେନ୍ଦ୍ର ବିଶ୍ୱାଳ ଓ ଭୀମସେନ ତ୍ରିପାଠୀଙ୍କ ସମେତ ତିନି ପଞ୍ଚାୟତର ଶହେରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ।

## ଗଦାଧରପୁର ସମବାୟ ସମିତି ଧାନମଣ୍ଡି ଉଦ୍‌ଘାଟିତ

ତିଗିରିଆ,୧୯।୧(ସମିସ): ତିଗିରିଆ ବ୍ଲକ ଅଧୀନ ଗଦାଧରପୁର ସେବା ସମବାୟ ସମିତି ପରିସରରେ ଶନିବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ଉଷାରାଣୀ ସ୍ୱାଇଁ ଓ ସମ୍ପାଦକ ଶାନ୍ତନୁ କୁମାର ଖଟୁଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠଗଡ଼ ସହକାରୀ ଯୋଗାଣ ଅଧିକାରୀ ବିଷ୍ଣୁଚରଣ ପରିଡ଼ା ମଣ୍ଡି ଉଦ୍‌ଘାଟନ କରିଥିବା ବେଳେ ଅତିଥିଭାବେ ତହସିଲଦାର୍ ଅକ୍ଷୟ ପରିଡ଼ା, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଯୋଗାଣ ଅଧିକାରୀ ବିଦ୍ୟୁତଲତା ନାୟକ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଗୌରହରି ପରିଡ଼ା, ସମବାୟ ଉପନିବନ୍ଧକ ଯଦୁମଣି ନାୟକ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ତିଗିରିଆ ଶାଖା ପରିଚାଳକ ମନୋରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ। କମିଟି ସଦସ୍ୟ ଓ ଗ୍ରାମ୍ୟ କମିଟିର ସଦସ୍ୟଙ୍କ ମଧ୍ୟରେ ଧନେଶ୍ୱର ସ୍ୱାଇଁ, ବୈକୁଣ୍ଠ ବିହାରୀ ସ୍ୱାଇଁ, ରମେଶ ପରିଡ଼ା, ବଳଭଦ୍ର ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ବିପିନ ଖଟୁଆ, ପ୍ରମୋଦ ଖଟୁଆ, ନବକିଶୋର ସ୍ୱାଇଁ, କର୍ପୂର ସ୍ୱାଇଁ, ଲୋକନାଥ ବସ୍ତି, ଭ୍ରମରବର ସ୍ୱାଇଁ, ଆରଏମ୍‌ସି ସୁଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ୧୨ ଜଣ ଚାଷୀଙ୍କଠାରୁ ୩୫୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବ ବୋଲି ସମ୍ପାଦକ ଶ୍ରୀ ଖଟୁଆ ସୂଚନା ଦେଇଛନ୍ତି। ଗଦାଧରପୁର ରାଜସ୍ୱ ନିରୀକ୍ଷକ ତାପଜ ପଣ୍ଡା ନୋଡାଲ୍ ଅଫିସର ଭାବେ ଯୋଗଦେଇଥିଲେ। ସମିତିର ଡିଇଓ ସୁଧୀର ମନ୍ତ୍ରୀ, କର୍ମଚାରୀ ଜଗନ୍ନାଥ ସ୍ୱାଇଁ ସହଯୋଗ କରିଥିଲେ

## ସତ୍ୟସାଇ ସଂଗଠନର ରାଜ୍ୟ ସମ୍ମିଳନୀ ସମ୍ପନ୍ନ



କଟକ,୧୯।୧(ସମିସ): ଐତିହାସିକ ବାଲିଯାତ୍ରା ପଡ଼ିଆଠାରେ ଶ୍ରୀ ସତ୍ୟସାଇ ସେବା ସଂଗଠନର ୫୦ତମ ରାଜ୍ୟ ସମ୍ମିଳନୀ ଓ ୩ ବର୍ଷିଆ ଦିବ୍ୟ ପାଦୁକା ଯାତ୍ରାର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସର ଟ୍ରଷ୍ଟି ଆର.ଜେ. ରତ୍ନାକର, ସର୍ବଭାରତୀୟ ସଭାପତି ନିମିଷ ପାଣ୍ଡ୍ୟା, ରାଜ୍ୟ ସଭାପତି ଡା. ସତ୍ୟସ୍ୱରୂପ ପଟ୍ଟନାୟକ ଏବଂ ପୂର୍ବାଞ୍ଚଳ ସଭାପତି ନାରାୟଣ ପ୍ରସାଦ ସର ଯୋଗ ଦେଇଥିଲେ। ଅତିଥି ଭାବେ ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦ, ହାଇକୋର୍ଟ ବିଚାରପତି ନ୍ୟାୟମୂର୍ତ୍ତି ଚିତ୍ତରଞ୍ଜନ ଦାଶ, ନ୍ୟାୟମୂର୍ତ୍ତି ଶିବଶଙ୍କର ମିଶ୍ର, ନ୍ୟାୟମୂର୍ତ୍ତି ବିଭୁପ୍ରସାଦ ରାଉତରାୟ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଷ୍ଟ୍ରୀୟ ସେବା ସଂଯୋଜକ ଜେ. କୋଟେଶ୍ୱର ରାଓ, କଟକ ମେୟର ସୁଭାଷଚନ୍ଦ୍ର ସିଂ ଏବଂ ବିଧାୟକ ପଦ୍ମଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବଲାଙ୍ଗିରର ଖଲିଆପଡ଼ାରେ ୫୦ତମ "ନିର୍ମଳଝର' ପାନୀୟ ଜଳ ପ୍ରକଳ୍ପର ଉଦଘାଟନ ସହ ୧୦୦ ଜଣଙ୍କୁ ସିଲେଇ ମେସିନ ଓ ୫୦ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା। ପ୍ରାୟ ୪୦ ହଜାର ଭକ୍ତଙ୍କ ଗହଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସେବାକାରୀଙ୍କୁ ସମ୍ବର୍ଦ୍ଧନା ସହ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି।

## ବ୍ରହ୍ମଅବଧୂତ ବାଞ୍ଛାନିଧି ବାବାଙ୍କ ଦେହତ୍ୟାଗ



ଟାଙ୍ଗୀ,୧୯ ।୧(ସମିସ): ଓଡ଼ିଶାର ମହିମା ଧର୍ମର ପ୍ରଚାରକ ସାଧୁ ବ୍ରହ୍ମ ଅବଧୂତ ବାଞ୍ଛାନିଧି ବାବାଙ୍କ ୯୨ ବର୍ଷ ବୟସରେ ଟାଙ୍ଗୀ ଚୌଦ୍ୱାର ବ୍ଲକ ଟାଙ୍ଗୀ ଅଲେଖ ଟୁଙ୍ଗିରେ ସୋମବାର ରାତ୍ରିରେ ଦେହତ୍ୟାଗ କରିଥିବା ଜଣାପଡିଛି। ଖବରପାଇ ଓଡ଼ିଶାର ବିଭିନ୍ନ ସ୍ଥାନରୁ ମହିମା ଧର୍ମର ସାଧୁସନ୍ଥ ଆସୁଥିବା ସୂଚନା ମିଳିଛି। ସୂଚନା ଅନୁସାରେ ବାବା ଓଡ଼ିଶାର କଟକ, କେନ୍ଦୁଝର, ଢେଙ୍କାନାଳ ଜିଲ୍ଲାର ଆରମ୍ଭ କରି ଅନେକ ଗ୍ରାମରେ ମହିମା ଧର୍ମର ଅଲେଖ ଟୁଙ୍ଗି ପ୍ରତିଷ୍ଠା କରି ସହସ୍ରାଧିକ ଭକ୍ତ ସୃଷ୍ଟି କରିଛନ୍ତି। ଆସନ୍ତାକାଲି ଟାଙ୍ଗୀ ଟୁଙ୍ଗୀରେ ଶେଷକୃତ୍ୟ ହେବା ସହ ସମାଧି ନେବେ ବୋଲି ଜଣାପଡିଛି।

## ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଶ୍ରାଦ୍ଧୋତ୍ସବ

ଚୌଦ୍ୱାର,୧୯।୧(ସମିସ): ସର୍ବଭାରତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘ ଓଡ଼ିଶା ଶାଖାର ପ୍ରତିଷ୍ଠାତା ମହାନ୍ ସେବକ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ୬୩ତମ ଶ୍ରାଦ୍ଧୋତ୍ସବ ତଥା ଶିଶୁସଦନର ୫୨ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଗଠନର




ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଶିଶୁ ସଦନସ୍ଥିତ ଲକ୍ଷ୍ମୀନାରାୟଣ ସ୍ମୃତି ମଣ୍ଡପରେ ରବିବାର ସଂଧ୍ୟାରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଡ.ଅଜୟ କୁମାର ମିଶ୍ର, ସୁପ୍ରତିଷ୍ଠିତ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ, ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଚୌଦ୍ୱାର କେନ୍ଦ୍ର ପରିଚାଳିତ ଶିଶୁ ସଦନରେ ଅସହାୟ ଶିଶୁମାନଙ୍କ ସେବା କ୍ଷେତ୍ରରେ ଏହାର ମୁଖ୍ୟ ଦାମୋଦର ସାହୁଙ୍କ ଦୀର୍ଘ ଅବଦାନକୁ ଅତିଥିମାନେ ପ୍ରଶଂସା କରିଥିଲେ। ସାରାଦିନ ବ୍ୟାପି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଂଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ବିବରଣୀ ପାଠ କରିଥିଲେ ଏବଂ ବରିଷ୍ଠ ସଦସ୍ୟ ରମାକାନ୍ତ ଲେଙ୍କା ଧନ୍ୟବାଦ ଦେଇଥିଲେ। ଶିଶୁ ସମାରୋହକୁ କଟକ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କେନ୍ଦ୍ରର ମୁଖ୍ୟ ଦାମୋଦର ସାହୁ ଶତାଧିକ ଦୂରାରୋଗୀ ଓ ନିସହାୟଙ୍କୁ ପୂଜାର୍ଚ୍ଚନା ସହିତ ଅନ୍ନ ଓ ଶୀତ ବସ୍ତ୍ର ବଣ୍ଟନ କରିଥିଲେ। ଶିଶୁ ସଦନର ପିଲାଙ୍କ ଦ୍ୱାରା ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଂଗଠନର ଶିକ୍ଷାନବିଶ ସୁଧାଂଶୁ ଶେଖର ସାହୁ ଓ ପରିଚାଳକ ସୀମାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

ସ୍କାଏ ମାର୍ଶଲ ଆର୍ଟରେ ଜିତିଲେ ପଦକ

# ରାଜ୍ୟ ପାଇଁ ଗୌରବ ଆଣିଲେ ଆଡ୍ରେସ୍ ଓ ସନ୍ଦୀପ

ମାହାଙ୍ଗା,୧୯।୧(ସମିସ):

କ୍ରୀଡ଼ା କ୍ଷେତ୍ରରେ ପୁଣି ଥରେ ନିଜର ପାରଦର୍ଶିତା ଦେଖାଇଛନ୍ତି ଗ୍ରାମାଞ୍ଚଳର ପ୍ରତିଭା। ମାହାଙ୍ଗା ବ୍ଲକ ଭଉଁରିଆ ପଞ୍ଚାୟତସ୍ଥିତ ନହଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ର ମହମ୍ମଦ ଆଡ୍ରେସ୍ ଏବଂ ସନ୍ଦୀପ କୁମାର ବେହେରା "ସ୍କାଏ ମାର୍ଶଲ ଆର୍ଟ' ପ୍ରତିଯୋଗିତାରେ ଅସାଧାରଣ ସଫଳତା ହାସଲ କରି ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଦଶମ ଶ୍ରେଣୀରେ ପଢୁଥିବା ଏହି ଦୁଇ ଯୁବ କ୍ରୀଡ଼ାବିତ୍



ପ୍ରଥମେ ଝାରସୁଗୁଡ଼ାଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଠାରେ ଉଭୟ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଫଳତା ପରେ ସେମାନେ ହାଇଦ୍ରାବାଦର ଗଚିପଲ୍ଲି ଇଣ୍ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଜାତୀୟ ସ୍ତରରେ କଠୋର ପ୍ରତିଯୋଗିତା ସତ୍ତ୍ୱେ ମହମ୍ମଦ ଆଡ୍ରେସ୍ ନିଜର କୌଶଳ ବଳରେ ତାମ୍ର ପଦକ ଜିତିବାରେ ସଫଳ ହୋଇଛନ୍ତି। ଛାତ୍ରଦ୍ୱୟ ସେମାନଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପାର୍ଥସାରଥୀ ଦାସଙ୍କ ଉପଯୁକ୍ତ ପ୍ରଶିକ୍ଷଣ ଓ ମାର୍ଗଦର୍ଶନକୁ ଶ୍ରେୟ ଦେଇଛନ୍ତି। ଏହା ସହିତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ପିତାମାତାଙ୍କ ସହଯୋଗ ଯୋଗୁଁ ସେମାନେ ଆଜି ଏହି ସ୍ତରରେ ପହଞ୍ଚି ପାରିଛନ୍ତି ବୋଲି କହିଛନ୍ତି। ଗ୍ରାମାଞ୍ଚଳରେ ଉପଯୁକ୍ତ ପ୍ରୋତ୍ସାହନ ଓ ସରକାରୀ ସହାୟତା ମିଳିଲେ, ଏହି ପ୍ରତିଭାମାନେ ଆଗାମୀ ଦିନରେ ଅନ୍ତର୍ଜାତୀୟସ୍ତରରେ ଦେଶ ପାଇଁ ଗୌରବ ଆଣିପାରିବେ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।



# ରାଜଧାନୀ ମୁହାଁ 'ଦକ୍ଷିଣୀ ଅପରାଧୀ'

ଭୁବନେଶ୍ୱର, ୧୯।୧ (ସମିସ): ନୂଆବର୍ଷର ଗୋଟିଏ ମାସ ବିତି ନ ଥିବା ବେଳେ ରାଜଧାନୀରେ ଅସାମାଜିକଙ୍କ ଉତ୍ପାତ ଦେଖାଦେଇଛି। ଚୋରି, ସୁନା ଚେନ୍ ଲୁଟ୍, ଡକାୟତି ଯୋଜନା ଭଳି ଅପରାଧ ଏବେ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ବରିଷ୍ଠ ନାଗରିକ ଓ ମହିଳାମାନଙ୍କୁ ଟାର୍ଗେଟ କରୁଛନ୍ତି ଲୁଟେରା। ପ୍ରାତଃଭ୍ରମଣରେ ଯାଉଥିବା ଲୋକେ ମଧ୍ୟ ଲୁଟର ଶିକାର ହେଉଛନ୍ତି। ତେବେ ରାଜଧାନୀର ହେଉଥିବା ଅପରାଧ ପଛରେ ଦକ୍ଷିଣାଞ୍ଚଳ ଜିଲ୍ଲାର ଅପରାଧୀଙ୍କ ହାତ ରହିଛି। ନିକଟରେ ବିଭିନ୍ନ ମାମଲାରେ ଗଞ୍ଜାମ ଜିଲ୍ଲାର ଏକାଧିକ ଅଭିଯୁକ୍ତ ଗିରଫ ହେବାପରେ ଏଭଳି କଥା ସ୍ପଷ୍ଟ ହୋଇଛି।

ଗତକାଲି ଭୋରରୁ ଆର୍ଯ୍ୟନ ନଗରରେ ଡକାୟତି ଯୋଜନା ଚାଲିଥିବା ବେଳେ ଏୟାରଫିଲ୍ଡ ଥାନା ପୁଲିସ ୬ ଜଣଙ୍କୁ ଗିରଫ କରି ବିଭିନ୍ନ ମାରଣାସ୍ତ୍ର ଜବତ କରିଥିଲା। ସେଥିରେ ଗଞ୍ଜାମ ଜିଲ୍ଲା ବଡ଼ବଜାରର ଆର୍ ରାଜୁ ଓ ଡାଉଗାଁର ସୁଜିତ କୁମାର ତ୍ରିପାଠୀ ରହିଥିଲେ। ସେହିପରି ରାଜଧାନୀ କଲେଜ ନିକଟରେ ଚାଲିଥିବା ଡକାୟତି ଯୋଜନାକୁ ପଣ୍ଡ କରିବା ସହ ୫ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ଗୁରୁଣ୍ଡିର ବିକି ଜେନା ରହିଥିଲା। ଇଏ କେବଳ ଦୁଇଟି ଉଦାହରଣ ନୁହେଁ, ରାଜଧାନୀର ଘଟୁଥିବା ବିଭିନ୍ନ ଅପରାଧୀକ ମାମଲାରେ ଅଭିଯୁକ୍ତ ଗଞ୍ଜାମ ଜିଲ୍ଲାର ଅନେକ ଅଭିଯୁକ୍ତ ଗିରଫ ହେଉଛନ୍ତି। ଗଞ୍ଜାମର ଅପରାଧୀମାନେ ଏବେ ରାଜଧାନୀ ମୁହାଁ ହେଉଥିବା ଏଇସବୁ କଥାରୁ ସ୍ପଷ୍ଟ ହୋଇଛି। ଗଞ୍ଜାମ ଜିଲ୍ଲାର ଲୋକ ରୋଜଗାର ବା କାମ ଅନ୍‌ୱେଷଣ ରାଜଧାନୀକୁ ଆସୁଛନ୍ତି। ଅନେକ ଲୋକ ଶ୍ରମିକ ଭାବେ କାମ କରୁଥିବା ବେଳେ କିଛିଲୋକ ଡ୍ରାଇଭର ଓ ଅଟୋ ଚଳାଇ ପରିବାର ପୋଷଣ କରୁଛନ୍ତି। ହେଲେ କାମ ଆଳୁଆଳରେ ଅପରାଧିକ ମାନସିକତାର ଯୁବକ ଭୁବନେଶ୍ୱର ଆସୁଛନ୍ତି। ସେମାନଙ୍କ ମଧ୍ୟରୁ କିଛି ସହରରେ ବିଭିନ୍ନ ଘର ଭଡ଼ା ନେଇ ରହୁଥିବା ବେଳେ ଆଉକିଛି ଅପରାଧ ପାଇଁ ସବୁଦିନ ଯିବା ଆସିବା କରୁଛନ୍ତି।

ସୁନା ଚେନ୍ ଲୁଟ୍ ମାମଲାରେ ଗଞ୍ଜାମ ଜିଲ୍ଲା ସୋରଡ଼ାର ଆକାଶ ନାଏକ ଓ କୋଦଳାର କମଳାକାନ୍ତ ଦାସଙ୍କୁ ଗତ ୧୦ ତାରିଖରେ ଗିରଫ କରିଥିଲା ତମାଣ୍ଡୋ ଥାନା ପୁଲିସ। ସେମାନେ ପ୍ରତିଦିନ ନୟାଗଡ଼ ଦେଇ ଗଞ୍ଜାମରୁ ଭୁବନେଶ୍ୱର ଆସୁଥିଲେ। ରାସ୍ତାରେ ଯେଉଁଠି ସୁଯୋଗ ମିଳୁଥିଲା, ସେଇଠି ଲୁଟପାଟ୍ କରୁଥିଲେ। ଭୋରରୁ ଗଞ୍ଜାମରୁ ଭୁବନେଶ୍ୱର ଆସି ସନ୍ଧ୍ୟାରେ ଫେରି ଯାଉଥିଲେ। ଏମିତିକି ନୟାଗଡ଼ ପୁଲିସ ମଧ୍ୟ ସେମାନଙ୍କୁ ଖୋଜି ଖୋଜି ଭୁବନେଶ୍ୱର ଆସିଥିଲା। ସେମାନେ ରାଜଧାନୀ ସମେତ ନୟାଗଡ଼ ଓ ଖୋର୍ଦ୍ଧା ପୁଲିସ ଜିଲ୍ଲାରେ ଲୁଟ୍ କରିଛନ୍ତି।



କିଛି ଅପରାଧୀ ଗଞ୍ଜାମରେ ଅପରାଧ ଘଟାଇଲେ ରାଜଧାନୀରେ ଆତ୍ମଗୋପନ କରୁଥିବା ବେଳେ ରାଜଧାନୀରେ ଅପରାଧ ଘଟାଇ ଗଞ୍ଜାମରେ ଲୁଚି ରହୁଛନ୍ତି। ପୁଲିସ ଜିଲ୍ଲା ଗୁଡ଼ିକରେ ସମନ୍ୱୟ ରହୁନଥିବାରୁ ଲୁଟେରା ମାନେ ତା'ର ଫାଇଦା ଉଠାଉଛନ୍ତି।

### ସହଜରେ ମିଳୁଛି ଘରଭଡ଼ା

ରାଜଧାନୀ ଉପକଣ୍ଠରେ ଦ୍ରୁତ ଗତିରେ ଜନବସତି ବଢ଼ିବାରେ ଲାଗିଛି। ଲୋକମାନେ ଘର କରିବା ପରେ ଭଡ଼ାରେ ଲଗାଇ ଦେଉଛନ୍ତି। ଅଧିକାଂଶ ଘରର ମାଲିକ ବାହାରେ ରହୁଥିବାରୁ ଏହା ଅପରାଧୀଙ୍କୁ ସୁହାଉଛି। ଅତି ସହଜରେ ନିଛାଟିଆ ଯାଗାରେ ଘରଭଡ଼ା ନେଇ ରହିବା ସହିତ ରାଜଧାନୀ ଅପରାଧ ଘଟାଉଛନ୍ତି। ଘରଭଡ଼ା ଦେଉଥିବା ମାଲିକମାନେ ବିନା କୌଣସି ପରିଚୟପତ୍ରରେ ଘରଭଡ଼ା ଦେଉଛନ୍ତି। ଫଳରେ ଲୁଟେରା ମାନେ ଅପରାଧ ଘଟାଇ ବିନା କୌଣସି ଭୟରେ ରହୁଥିଲେ ମଧ୍ୟ ପୁଲିସ ସେମାନଙ୍କ ଟେର୍ ପାଉନାହିଁ। ଭଡା ଘରେ ହତ୍ୟାକାରୀ ଠାରୁ ଆରମ୍ଭ କରି ଆନ୍ତଃରାଜ୍ୟ ଡକାୟତି ଆତ୍ମଗୋପନ କରୁଛନ୍ତି। ଭଡା ଘରଗୁଡିକରେ ସେକ୍ସ ରାକେଟ ଭଳି ଅନୈତିକ କାରବାର, ଜୁଆ ଆଡ୍ଡା, ଗଞ୍ଜେଇ ଓ ବ୍ରାଉନ୍‌ସୁଗର ଭଳି ନିଶା କାରବାର ଚାଲୁଥିବାର ପ୍ରମାଣ ଅତୀତରେ ମିଳିଛି। କେବଳ ଭଡା ଘର ନୁହେଁ ହୋଟେଲ, ଲଜ୍, ଗେଷ୍ଟହାଉସ୍ ଓ ତାରକା ହୋଟେଲ୍‌ଗୁଡିକରେ ମଧ୍ୟ ଅପରାଧୀମାନେ ଆତ୍ମଗୋପନ କରୁଛନ୍ତି। ହାତଗୁଞ୍ଜା ନେବା ପରେ ହୋଟେଲ ଓ ଲଜ୍ କର୍ତ୍ତୃପକ୍ଷ ଅତିଥିଙ୍କ ତଥ୍ୟ ଲୁଚାଉଛନ୍ତି। ଭଡାଟିଆଙ୍କ ତଥ୍ୟ ରଖିବା ପାଇଁ ନିୟମ ରହିଥିଲେ ମଧ୍ୟ କେହି ତାକୁ ଗୁରୁତ୍ୱ ଦେଉନାହାନ୍ତି।

## କାର୍ ଉପରେ ଚଢ଼ିଗଲା କାର୍

• ଏକଘଣ୍ଟା ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ଠପ୍



ଭୁବନେଶ୍ୱର, ୧୯।୧(ସମିସ): ପଳାଶୁଣି ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସୋମବାର ଅପରାହ୍ନରେ ପଳାଶୁଣି ଛକରେ କାର୍ ଉପରେ ଚଢିଗଲା ଆଉ ଏକ କାର୍। ଏଥିରେ ଜଣେ କାର୍ ଚାଳକ ଆହତ ହୋଇଥିଲା ବେଳେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ଏକ ଘଣ୍ଟା ଧରି ଟ୍ରାଫିକ୍ ଜାମ୍‌ରେ ଲୋକେ ଫସି ଯାଇଥିଲେ। ବହୁ ସମୟ ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ପୁଲିସ ସୂଚନା ମୁତାବକ, କଟକରୁ ଭୁବନେଶ୍ୱର ଆଡ଼କୁ ଦୁଇଟୀ ଦାମି କାର୍ ଆସୁଥିଲା। ପଳାଶୁଣି ଛକ ନିକଟରେ ଏକ କାର୍ ଭାରସାମ୍ୟ ହରାଇ ଆଉ ଏକ କାର୍ ଉପରେ ଚଢିଯାଇଥିଲା। ଯାହାଫଳାରେ ଉଭୟ କାର୍ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିଲେ। ଆହତ କାର୍ ଚାଳକଙ୍କୁ ପୁଲିସ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ତେବେ ଏଥିପାଇଁ ପଳାଶୁଣି ଛକରେ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। କ୍ରେନ୍ ଆସି ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଗୁଡ଼ିକୁ ରାସ୍ତା ଉପରୁ ହଟାଇବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଗାଡ଼ି ପାର୍କିଂକୁ ନେଇ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର, ୧୯ ।୧(ସମିସ): ଗାଡ଼ି ପାର୍କିଂକୁ କେଶରୀ ହଲ ନିକଟରେ ମାରପିଟ୍ ହୋଇଛି। ସଂଘବଦ୍ଧ ଆକ୍ରମଣରେ କନ୍‌ସଲଟାନ୍ସି ସଂସ୍ଥାର କର୍ମଚାରୀ ଆହତ ହୋଇଛନ୍ତି। ପୀଡ଼ିତ ବିକାଶ ଦାସ ଏନେଇ ଖାରବେଳନଗର ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ କରିଛି ପୁଲିସ।

ଅଭିଯୋଗ ଅନୁଯାୟୀ, ସୋମବାର ପୂର୍ବାହ୍ନରେ ଡିପ୍‌ଲୋମା ଆସୋସିଏନ୍‌ର କର୍ମକର୍ତ୍ତା ଉକ୍ତ କନ୍?ସଲଟାନ୍ସି ସଂସ୍ଥାର ପାର୍କିଂରେ ଗାଡ଼ି ପାର୍କ୍ କରୁଥିଲେ। ସଂସ୍ଥାର କର୍ମଚାରୀ ବିକାଶ ସେଠାରେ ଗାଡ଼ି ରଖିବାକୁ ମନା କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଆସୋସିଏସନର କର୍ମକର୍ତ୍ତାମାନେ ମିଶି ବିକାଶଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକମାନେ ହସ୍ତକ୍ଷେପ କରିବା ସହ ବିକାଶଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ଭଡ଼ାରେ କାର୍ ନେଇ ବନ୍ଧା ପକାଇଦେଲା

• ୬ ମାସ ପାଇଁ ଲିଜ୍‌ରେ ନେଇଥିଲେ ଗାଡ଼ି

ଭୁବନେଶ୍ୱର, ୧୯।୧ (ସମିସ): କାର୍ ଭଡ଼ାରେ ନେଇ ବନ୍ଧାପକାଇ ଦେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବେଗୁନିଆ ଥାନା ଅଞ୍ଚଳର ଚନ୍ଦନ ଓରଫ୍ ତ୍ରିନାଥ ମହାରଣା (୨୬)।

ପୁଲିସ ସୂଚନାନୁଯାୟୀ, ସମେଇଗାଡ଼ିଆ ଅଞ୍ଚଳରେ ରହୁଥିବା ବଟକୃଷ୍ଣ ସେନାପତି ଓ ତ୍ରିନାଥ ମଧ୍ୟରେ ଚିହ୍ନାପରିଚୟ ହୋଇଥିଲା। ତ୍ରିନାଥ ତାଙ୍କ କାରକୁ ୬ ମାସ ଲାଗି ଲିଜରେ ନେଇଥିଲା। ଏଥିଲାଗି ଉଭୟଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଥିଲା ଓ ତ୍ରିନାଥ ପ୍ରଥମ ଦୁଇ ମାସର ଅଗ୍ରୀମ ବାବଦକୁ ବଟକୃଷ୍ଣଙ୍କୁ ୩୬ ହଜାର ଟଙ୍କା ଦେଇଥିଲା। ହେଲେ ପରବର୍ତ୍ତୀ ସମୟରେ ନିର୍ଦ୍ଧାରିତ ସମୟରେ ଟଙ୍କା ଦେଇନଥିଲା। ଯୋଗାଯୋଗ କରିବାରୁ ବିଭିନ୍ନ ଆଳ ଦେଖାଇ



ସମୟ ଗଡ଼ାଇ ଚାଲିଥିଲା। ତ୍ରିନାଥ କାରଟିକୁ କ୍ଷତିଗ୍ରସ୍ତ ଅବସ୍ଥାରେ ଫୁଲବାଣୀର ଏକ ଗ୍ୟାରେଜରେ ରଖିଥିବା ବଟକୃଷ୍ଣ ଜାଣିବାକୁ ପାଇଥିଲେ। ଭୀଷ୍ମ ବେହେରା ନାମକ ଜଣେ ବ୍ୟକ୍ତିଙ୍କ ମାଧ୍ୟମରେ ତ୍ରିନାଥ ଉକ୍ତ ଗ୍ୟାରେଜ ମାଲିକଙ୍କ ପାଖରେ ୪୦ ହଜାର ଟଙ୍କାରେ କାର୍ ବନ୍ଧକ ରଖିଥିବା ସେ କହିଥିଲେ। ଏଥିସହିତ ଗାଡ଼ିର ମରାମତି ପାଇଁ ଆନୁମାନିକ ୮୦ ମଜା ଟଙ୍କା ଖର୍ଚ୍ଚ ହେବା ବୋଲି କହିଥିଲେ। ବଟକୃଷ୍ଣ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ପାଇଁ ତ୍ରିନାଥକୁ ନିଜ ଘରକୁ ଡାକିଥିଲେ। ଘରେ ବସି ଆଲୋଚନା କରିବା ତ୍ରିନାଥ ଉତ୍ତ୍ୟକ୍ତ ହୋଇ ଏକ ଲୁହା ଛଡରେ ବଟକୃଷ୍ଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଏହା ସହିତ ବକେୟା ଟଙ୍କା ଆଉ ଦେବନାହିଁ ବୋଲି ରୋକଠୋକ ମନା କରି ଦେଇଥିଲା। ବଟକୃଷ୍ଣଙ୍କ ଅଭିଯୋଗ ଆଧାରରେ ମଞ୍ଚେଶ୍ୱର ଥାନା ପୁଲିସ ତ୍ରିନାଥକୁ ଗିରଫ କରି କୋର୍ଟ ଚାଲାଣ କରିଛି। କାରଟିକୁ ଜବତ କରି ବଟକୃଷ୍ଣଙ୍କୁ ହସ୍ତାନ୍ତର କରିଛି।

## ମଧ୍ୟ-ଶୀତକାଳୀନ ଜଳପକ୍ଷୀ ଗଣନା

## ନନ୍ଦନକାନନରେ ବଢ଼ିଲେ ପକ୍ଷୀ




ନନ୍ଦନକାନନ, ୧୯।୧(ସମିସ): ନନ୍ଦନକାନନ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଆଖପାଖରେ ଥିବା ଆର୍ଦ୍ରଭୂମିରେ ମଧ୍ୟ-ଶୀତକାଳୀନ ଜଳପକ୍ଷୀ ଗଣନା କାର୍ଯ୍ୟ କରାଯାଇଅଛି। ଗଣନାରେ ୭୨ ପ୍ରଜାତିର ମୋଟ ୨, ୭୨୭ ଜଳପକ୍ଷୀ ରେକର୍ଡ କରାଯାଇଅଛି। ଗତବର୍ଷ ଗଣନାରେ ୫୫ ପ୍ରଜାତିର ୧୬୦୨ ପକ୍ଷୀ ରେକର୍ଡ କରାଯାଇଥିଲା। ଗତବର୍ଷ ଅପେକ୍ଷା ଚଳିତବର୍ଷ ପ୍ରଜାତି ବିବିଧତା ଏବଂ ସାମଗ୍ରିକ ପକ୍ଷୀ ସଂଖ୍ୟାରେ ବୃଦ୍ଧିକୁ ସୂଚିତ କରୁଥିବା ନେଇ ଉପ ନିର୍ଦ୍ଦେଶକ ସନଥ ନାରାୟଣ ସୂଚନା ଦେଇଛନ୍ତି। ଉଲ୍ଲେଖନୀୟ ଯେ, ଏହି ଗଣନା ସମୟରେ ଝାଟିଆ ଗେଣ୍ଡି, ପିଳି ବଗୁଲି, ବାଟଅଣା ଚାହା, କାଦୁଆ କୁଚି, ଧୂସର ଗେଣ୍ଡି, ପାଟ ହଂସ, ଧୂସରୀ ଟେଂଟେଇଁ ଭଳି ଅନେକ ନୂଆ ପ୍ରଜାତିର ପକ୍ଷୀ ଆସିଥିବା ନେଇ ରେକର୍ଡ କରାଯାଇଛି। ଏହି ଗଣନା କାର୍ଯ୍ୟକ୍ରମ ପାଇଁ ଡକ୍ଟର ସବିନ୍ଦ୍ର ସାମଲ, ଡକ୍ଟର ଶ୍ୱେତାଶ୍ରୀ ପୁରୋହିତ, ଡକ୍ଟର ରାଜେଶ ମହାପାତ୍ର, ନନ୍ଦନକାନନ ଶିକ୍ଷା ଅଧିକାରୀ ମିଳନ କୁମାର ପଣ୍ଡା, ସହ ଶିକ୍ଷା ଅଧିକାରୀ ରୂପସାନା ପ୍ରଧାନ, ଅଭିଜିତ ହୋତା, ଲୀଳନ ପ୍ରଧାନ, ଲକ୍ଷ୍ମୀ ପ୍ରସାଦ ରଥ ଏବଂ ଜ୍ୟୋତିଶଙ୍କର ମିଶ୍ରଙ୍କ ନେତୃତ୍ୱରେ ୯ଟି ସର୍ଭେ ଦଳ ଗଠନ କରାଯାଇଥିଲା। ନନ୍ଦନକାନନର ମୋଟ ୫୫ ଜଣ ପକ୍ଷୀ ବିଶେଷଜ୍ଞ, ଛାତ୍ର ଏବଂ ଅଧିକାରୀ ଗଣନାରେ ଅଂଶଗ୍ରହଣ କରିଥିଲେ। ଦଳଗୁଡ଼ିକ ଅଭୟାରଣ୍ୟ ମଧ୍ୟରେ ଥିବା କାଞ୍ଜିଆ ହ୍ରଦ, କିଆଖଣି ହ୍ରଦ, ବଡ଼ବାଙ୍କପାଟ ଏବଂ କଟୁରିଘସାପାଟ ସମେତ ପ୍ରମୁଖ ଆର୍ଦ୍ରଭୂମି, ଚୁଡଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ କୃଷ୍ଣନଗର ସଂରକ୍ଷିତ ଜଙ୍ଗଲରେ ଅନେକ ଛୋଟ ଏବଂ ବଡ଼ ଜଳାଶୟଗୁଡ଼ିକରେ ପକ୍ଷୀ ଗଣନା କରିଥିଲେ।

### ଗାଲଫ୍ରେଣ୍ଡଙ୍କ ୨ଦିନିଆ ପୁଲିସ ରିମାଣ୍ଡ ସରିଲା

## ବ୍ୟବସାୟୀ ମୃତ ନା ଜୀବିତ; ଏବେ ବି ରହସ୍ୟ

ଭୁବନେଶ୍ୱର, ୧୯।୧(ସମିସ): ଅପହୃତ ବ୍ୟବସାୟୀ ବଳରାମ ସାହାଣୀଙ୍କ ଅପହରଣ ମାମଲାରେ ରିମାଣ୍ଡରେ ଥିବା ଅଭିଯୁକ୍ତ ତଥା ବଳରାମଙ୍କ ଗାର୍ଲଫ୍ରେଣ୍ଡଙ୍କୁ ଚନ୍ଦକା ଥାନା ପୁଲିସ ଦ୍ୱିତୀୟ ଦିନ ପାଇଁ ଜେରା କରିଛି। ତାଙ୍କ ଅପହରଣ ନେଇ ପୁଲିସ ଏକାଧିକ ପ୍ରଶ୍ନ ପଚାରିଥିଲା। ଲଗାତାର ଜେରା କରାଯାଇଥିଲେ ମଧ୍ୟ ଅପହୃତ ବ୍ୟବସାୟୀଙ୍କ ପତ୍ତା ଲଗାଇ ପାରୁନାହିଁ। ଦୁଇ ଦିନ ଜେରା ପରେ ବି ପୁଲିସ ଜାଣି ପାରିଲା ନାହିଁ ଅପହୃତ ବ୍ୟବସାୟୀ ମୃତ କିମ୍ବା ଜିବିତ। ଯାହା ପୁଲିସକୁ ଚିନ୍ତାରେ ପକାଇ ଦେଇଛି।

ଗାଲ୍‌ଫ୍ରେଣ୍ଡ ରଶ୍ମିତା ସ୍ୱାଇଁଙ୍କୁ ଚନ୍ଦକା ଥାନା ପୁଲିସ ଝାରପଡ଼ା ଜେଲରୁ ରବିବାର ୨ଦିନିଆ ରିମାଣ୍ଡରେ ନେଇ ପଚରାଉଚରା କରିଥିଲା। ରଶ୍ମିତାଙ୍କୁ ମାରାଥନ ଜେରା ଏବଂ ଏକାଧିକ ପ୍ରଶ୍ନ ପଚରା ଯାଇଥିଲେ ମଧ୍ୟ ପୁଲିସକୁ ସନ୍ତୋଷଜନକ ଉତ୍ତର ମିଳି ପାରି ନଥିବା ଜଣାପଡ଼ିଛି। ତାଙ୍କୁ ଭୁବନେଶ୍ୱରରୁ ଅପହରଣ କରାଯିବା ପରେ ଗଞ୍ଜାମ ନିଆଯାଇଥିବା ବୋଲି ପୁଲିସ ଅନୁମାନ କରୁଥିଲା। ସେ ଦିଗରେ ମଧ୍ୟ ପଚରାଉଚରା କରାଯାଇଥିବା ଜଣାପଡ଼ିଛି। କିଛିଦିନ ମଧ୍ୟରେ ପୁଲିସ ଟିମ୍ ଗଞ୍ଜାମ ଯିବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି।

୨୦୧୯ ମସିହାରେ ବଳରାମଙ୍କୁ ଅପହରଣ କରାଯାଇଥିଲା। ୭ବର୍ଷ ହେବ ତଦନ୍ତ ଚାଲିଥିଲେ ମଧ୍ୟ ପୁଲିସ ବଳରାମ୍‌ଙ୍କ ସମ୍ପର୍କରେ ସାମାନ୍ୟତମ

**ବ୍ୟବସାୟୀ ବଳରାମ ସାହାଣୀ ଅପହରଣ ମାମଲା**

ଖବର ଯୋଗଡ଼ କରି ପାରି ନାହିଁ। ସେ କେଉଁଠି ଅଛନ୍ତି। କାହା ପାଖରେ ଅଛନ୍ତି। କୁଆଡେ ଯାଇଛନ୍ତି ପୁଲିସ ପାଖରେ କିଛି ବି ଖବର ନାହିଁ। ଯାହାଫଳରେ ତାଙ୍କ ଅପହରଣ ରହସ୍ୟ ସାମ୍ନାକୁ ଆସି ପାରୁନାହିଁ। ୧୫ଦିନ ତଳେ ଏହି ମାମଲାରେ ବଳରାମଙ୍କ ପ୍ରେମିକା ରଶ୍ମିତା ସ୍ୱାଇଁଙ୍କୁ ପୁଲିସ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଥିଲା। ଏହାପରେ ପ୍ରେମିକାକୁ ଚନ୍ଦକା ଥାନା ପୁଲିସ ଗିରଫ କରିଥିଲା। ରଶ୍ମିତାଙ୍କୁ ଅଧିକ ପଚରାଉଚରା କଲେ ବଳରାମ୍‌ଙ୍କ ସମ୍ପର୍କରେ ଖବର ମିଳିବ ବୋଲି ପୁଲିସ ଅନୁମାନ କରି ତାଙ୍କୁ ୨ଦିନିଆ ରିମାଣ୍ଡରେ ନେଇଥିଲା। ରିମାଣ୍ଡ ଶେଷ ହେବା ପରେ ତାଙ୍କୁ କୋର୍ଟରେ ହାଜର କରିବ।

ସୂଚନା ମୁତାବକ, ୨୦୧୯ରେ ବଳରାମଙ୍କ ଅପହରଣ ପରିବାର ଲୋକେ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ପ୍ରାଥମିକ ତଦନ୍ତରେ ପୁଲିସ ଭାବିଥିଲା ଯେ ବଳରାମ କୌଣସି ଅଜଣା ସ୍ଥାନକୁ ଚାଲିଯାଇଥିବେ। କିନ୍ତୁ, ୭ ବର୍ଷ ବିତିଗଲା ପରେ ମଧ୍ୟ ତାଙ୍କର କିଛି ପତ୍ତା ନମିଳିବାରୁ ଉକ୍ତ ମାମଲାରେ ଦିଗ ବଦଳିଥିଲା। ରଶ୍ମିତା ଓ ବଳରାମଙ୍କର ନିବିଡ଼ ପ୍ରେମ ସମ୍ପର୍କ ଥିବା କଥା ସାମ୍ନାକୁ ଆସିବା ପରେ ରଶ୍ମିତାଙ୍କୁ ପୁଲିସ୍ ଗିରଫ କରିଥିଲା। ପ୍ରେମରେ ପ୍ରତାରଣା ଯୋଗୁଁ ଏହି ଅପହରଣ ହୋଇପାରି ଥାଏ ବୋଲି ପୁଲିସ ସନ୍ଦେହ କରୁଛି।

## ୟୁଟ୍ୟୁବର ତପି ମିଶ୍ରଙ୍କ ନାଁରେ ପୁଣି ଏତଲା




ଭୁବନେଶ୍ୱର, ୧୯।୧ (ସମିସ): ପୁଣି ୟୁଟ୍ୟୁବର ତପି ମିଶ୍ରଙ୍କ ନାମରେ ଅଭିଯୋଗ ଆସିଛି। ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତି ଅପମାନ ସୂଚକ ପୋଷ୍ଟ କରିଥିବା ନେଇ ବହୁଜନ ଛାତ୍ର ଓ ଯୁବ ସାମ୍ମୁଖ୍ୟ ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ତପି ନାମକ ବ୍ୟକ୍ତି ଫେସବୁକ ଆକାଉଣ୍ଟରେ ବାବାସାହେବ ଡ଼ ଆମ୍ବେଦକରଙ୍କୁ ଅସମ୍ମାନ ଅପମାନ ଭଳି ପୋଷ୍ଟ ସେୟାର କରୁଛନ୍ତି। ସେହି ପୋଷ୍ଟରେ ବାବା ସାହେବଙ୍କ ନାମ ଏବଂ ଅନୁସୂଚିତ ଜାତି ଓ ଜନଜାତି ଆଇନକୁ କଟାକ୍ଷ କରୁଛନ୍ତି। ବାବା ସାହେବଙ୍କ ପ୍ରତି ଏପରି ମାନହାନି ଜନକ ପୋଷ୍ଟ ସେୟାର କରି ଭାବାବେଗକୁ କୁଠାରାଘାତ କରିଛନ୍ତି। ଏହା ଦ୍ୱାରା ସମାଜରେ ଅଶାନ୍ତି ଓ ହିଂସାର ସ୍ଥିତି ଉପୁଜିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ବହୁଜନ ଛାତ୍ର ଓ ଯୁବ ସାମ୍ମୁଖ୍ୟ ଅଭିଯୋଗ କରିଛି। ବାବାସାହେବଙ୍କ ନାମରେ ଦିଆଯାଉଥିବା ନାରାକୁ କଟାକ୍ଷ କରିଥିବା ନେଇ ଗତ ଡିସେମ୍ବର ମାସରେ ତପିଙ୍କ ନାମରେ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବାରୁ ସେ ବାରମ୍ବାର ଅପମାନ ସୂଚକ ପୋଷ୍ଟ କରୁଥିବା ଅଭିଯୋଗ କରିଛନ୍ତି।

## ମରଣାନ୍ତକ ଆକ୍ରମଣ କରି ଯୁବକ ଗିରଫ

ହଂସପାଳ, ୧୯।୧(ସମିସ): ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୁଲିସ ବାଲିଅନ୍ତା ପଞ୍ଚାୟତ ସାଲେଶ୍ୱର ଗ୍ରାମର ବିଶ୍ୱନାଥ ଭୋଇ ଓରଫ ଚଗୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁସାରେ ବିଶ୍ୱନାଥଙ୍କ ପଡ଼ୋଶୀ ସନାତନ ଭୋଇ ଘର ନିର୍ମାଣ କରୁଥିବାରୁ ଇଟା, ବାଲି, ସିମେଣ୍ଟ ଭଳି ନିର୍ମାଣ ସାମଗ୍ରୀ ଘର ପଛପଟ ରାସ୍ତା ଦେଇ ଆଣୁଥିଲେ। ଯେହେତୁ ସମ୍ମୁଖ ପଟ ରାସ୍ତା ବହୁତ ସଙ୍କୀର୍ଣ୍ଣ ତେଣୁ ଟ୍ରକ୍/ଟ୍ରାକ୍ଟର ଚଳାଚଳ କରିପାରୁନଥିଲା। ଗତକାଲି ଦିନ ପ୍ରାୟ ୧.୧୫ ସମୟରେ ବିଶ୍ୱନାଥ ବାଉଁଶ ସାହାଯ୍ୟରେ ନିଜ ଜମିରେ ଘେରାବାଡ଼ କରୁଥିଲେ। ଏହା ଦେଖି ସନାତନଙ୍କ ଭାଉଜ ମଞ୍ଜୁଲତା ଭୋଇ ବିଶ୍ୱନାଥଙ୍କୁ କହିଥିଲେ ଯେ, ଘର ନିର୍ମାଣ କାମ



ସରିଲା ପରେ ଘେରାବାଡ଼ କରନ୍ତୁ। ଏଥିରେ ହଠାତ୍ ରାଗିଯାଇ ବିଶ୍ୱନାଥ ମଞ୍ଜୁଲତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧକ୍କା ଦେଇଥିଲେ। ସେହି ସମୟରେ ନିକଟରେ କାମ କରୁଥିବା ସନାତନ ସେଠାକୁ ଆସି ବିଶ୍ୱନାଥଙ୍କୁ ଏପରି ବ୍ୟବହାର କାହିଁକି କରୁଛ ବୋଲି କହିଥିଲେ। ତେବେ ହଠାତ୍ ବିଶ୍ୱନାଥ ରାଗିଯାଇ 'ଲୁହା ଶାବଳ' ଦ୍ୱାରା ସନାତନଙ୍କ ମୁଣ୍ଡରେ ଆଘାତ କରିଥିଲେ। ଫଳରେ ସନାତନ ଗୁରୁତର ଆହତ ହୋଇ ତଳେ ପଡ଼ିଯାଇଥିଲେ। ଏହାପରେ ବିଶ୍ୱନାଥ ଘଟଣାସ୍ଥଳରୁ ମଞ୍ଜୁଲତାଙ୍କୁ ଧମକ ଦେଇ ପଳାଇ ଯାଇଥିଲେ। ପରେ ପରିବାର ଲୋକଙ୍କ ସହାୟତାରେ ସନାତନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ନଖରାସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣାର ତଦନ୍ତ କରି ବିଭିନ୍ନ ସ୍ଥାନରେ ଚଢାଉ ଜରିଆରେ ବିଶ୍ୱନାଥଙ୍କୁ ଗିରଫ କରିଥିବା ବେଳେ, ସେ ନିଜର ଦୋଷ ସ୍ୱୀକାର କରିଥିଲେ।

# ନକଲି ଗାଡ଼ି ନମ୍ବରପ୍ଲେଟ୍‌ରେ ନିଶା କାରବାର

ଭୁବନେଶ୍ୱର, ୧୯।୧(ସମିସ): ରାଜଧାନୀରେ ନମ୍ବର ପ୍ଲେଟ୍‌କୁ ନେଇ ସବୁବେଳେ ଜୋରଦାର ତନାଘନା। ବାଇକ୍‌ର ନମ୍ବର ପ୍ଲେଟ୍ ଦେଖା ନ ଗଲେ କିମ୍ବା ଗାଡ଼ିର ହାଇ ସିକ୍ୟୁରିଟି ନମ୍ବର ନ ଥିଲେ ପୁଲିସ ମାଡି ବସୁଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ କିମ୍ବା ମୋଟା ଅଙ୍କର ଚାଲାଣ କଟୁଛି। ଏଭଳି ଆଇନ୍ କେବଳ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ନିଶା ଚୋରା ଚାଲାଣ ଏବଂ ଲଘୁ ଖଣିଜ ଚୋରା ଚାଲାଣରେ ବ୍ୟବହୃତ ବଡ଼ ଟ୍ରକ୍‌କୁ କୌଣସି ରୋକ୍ ନାହିଁ। ରାଜରାସ୍ତାରେ ପୁଲିସର ଅନୁପସ୍ଥିତି ଲୋକ ଦେଖାଣିଆ ଯାଞ୍ଚ ଏଭଳି ଅସାଧୁ ପନ୍ଥାକୁ ଅଧିକ ପ୍ରୋତ୍ସାହିତ କରୁଛି।

ନମ୍ବର ପ୍ଲେଟ୍ ନିୟମକୁ ସମସ୍ତେ ମାନୁଥିଲା ବେଳେ ନିଶା କାରବାରମାନେ ମାନୁ ନାହାନ୍ତି। ଏମାନେ ନମ୍ବର ପ୍ଲେଟ୍ ବଦଳାଇ ବେଧଡକ ଭାବେ ନିଶା କାରବାର ଚଳାଇଛନ୍ତି। ଅପରାଧରେ ବ୍ୟବହୃତ କାର୍‌ର ନମ୍ବର ପ୍ଲେଟ୍‌କୁ ଯାଞ୍ଚ କଲେ ଜଣାପଡୁଛି ଏହା କୌଣସି କାର୍‌ର ନୁହେଁ ବରଂ ଏକ ବାଇକ୍‌ର ନମ୍ବର ପ୍ଲେଟ୍। ଅପରାଧୀମାନେ ନିଜ ଇଚ୍ଛାରେ ବାରମ୍ବାର ବଦଳାଇ ଅନେକ ଥର ଦେଶୀ ମଦ, ଗଞ୍ଜେଇ ଓ ବ୍ରାଉନ୍ ସୁଗର କାରବାରରେ ଲିପ୍ତ ରହୁଛନ୍ତି। ଅପରାଧୀଙ୍କ ଏଭଳି ପଇଁତରା ଏବେ ପୁଲିସ, ପରିବହନ ବିଭାଗ, ଟ୍ରାଫିକ୍ ଏବଂ ଅବାକାରୀ ବିଭାଗ ପାଇଁ ଚିନ୍ତା ବଢ଼ାଇ ଦେଇଛି।

ଗତ କିଛିଦିନ ତଳେ ରାଜଧାନୀର ଧୂରୁକଟି ବସ୍ତିରୁ ଅବକାରୀ ଥାନା ପୁଲିସ ଏକ ବେଆଇନ୍ ମଦ କାରବାର ଅଭିଯୋଗରେ ଏକ କାର୍‌କୁ ଜବତ କରିଥିଲା। ଏହି କାର

**■ ନମ୍ବର ବିହୀନ ଟ୍ରକ୍‌ରେ ଚୋରା ଲଘୁ ଖଣିଜ ଚାଲାଣ**

**■ ରାଜରାସ୍ତାରେ ପୁଲିସ ଅନୁପସ୍ଥିତ, ନାଁକୁ ମାତ୍ର ଯାଞ୍ଚ**

ଡ୍ରାଇଭରକୁ ଗିରଫ କରିଥିଲା। କାର୍‌ର ଯାଞ୍ଚ ବେଳେ ଜଣାପଡ଼ିଥିଲା କାରଟି ଏକ ବାଇକ୍‌ର ନମ୍ବର ପ୍ଲେଟ୍ ବ୍ୟବହାର କରି ଭୁବନେଶ୍ୱରକୁ ମୟୂରଭଞ୍ଜକୁ ଦେଶୀ ମଦ ଚୋରା ଚାଲାଣ କରୁଛି। ସେହିପରି କମିସନରେଟ୍ ପୁଲିସ ହାତରେ ଧରାପଡ଼ିଥିବା ଏକ ଗଞ୍ଜେଇ ଗାଡ଼ିର ମଧ୍ୟ ନକଲି ନମ୍ବର ପ୍ଲେଟ୍ ଦେଖିବାକୁ ମିଳିଥିଲା। ବଡ଼ଗଡ଼ ସ୍ଥିତ ଅବକାରୀ ବିଭାଗ କାର୍ଯ୍ୟାଳୟରେ ୨ଶହରୁ ଊର୍ଦ୍ଧ୍ୱ ଗାଡ଼ି ପଡ଼ି ରହିଛି। ଅବକାରୀ ବିଭାଉ ୧୮୦ରୁ ଊର୍ଦ୍ଧ୍ୱ ଗାଡ଼ିର ନମ୍ବର ପ୍ଲେଟ୍ ଫର୍ଜି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।




ଅନ୍ୟପକ୍ଷରେ ବାଲି, ମୋରମ୍, ଗୋଡି, ପଥର ଭଳି ଲଘୁ ଖଣିଜ ଚୋରା ଚାଲାଣ ପାଇଁ ବ୍ୟବହୃତ ହେଉଥିବା ଅଧିକାଂଶ ଗାଡିରେ ବିଲକୁଲ୍ ନମ୍ବର ପ୍ଲେଟ୍ ହିଁ ରହୁ ନାହିଁ। ବିନା ନମ୍ବର ପ୍ଲେଟରେ ରାଜଧାନୀରେ ଏହି ଟ୍ରକ୍‌ଗୁଡ଼ିକ ବେଧଡ଼କ ଚଳାଚଳ କରୁଛି। ଏହି ଟ୍ରକ୍ ଗୁଡ଼ିକ କୌଣସି ବଡ଼ ଅପରାଧ ଘଟାଇଲେ କିମ୍ବା ଦୁର୍ଘଟଣା ଘଟାଇଲେ ଜଣାପଡ଼ିବ ନାହିଁ ଯେ କେଉଁ ଗାଡିଟି ଦୁର୍ଘଟଣା ଘଟାଇଲା। ଆଉ ଏହାର ମାଲିକାନା କିଏ। କେଉଁ ଡ୍ରାଇଭର ଦୁର୍ଘଟଣା ଘଟାଇ ଚାଲିଗଲା। ରାତିରେ ରାଜପଥରେ ଶହ ଶହ ଟ୍ରକ୍, ହାଇୱା ଏଭଳି ଚଳାଚଳ କରୁଛି। ନିୟମିତ ଖଣିଜ ଚୋରା ଚାଲାଣ କରୁଥିବା କିଛି ଟ୍ରକ୍ ଏଭଳି ନମ୍ବର ପ୍ଲେଟ୍ ଲେଖୁଛନ୍ତି ଯେ ଯେପରି ଏସବୁ ବିଲକୁଲ୍ ଦେଖାଯିବ ନାହିଁ।

ପୂର୍ବରୁ ରାଜଧାନୀର ଜାତୀୟ ରାଜପଥରେ ପୁଲିସ ଉପସ୍ଥିତ ରହୁଥିଲା। ପିସିଆର୍ ଗାଡ଼ି ରାତି ହେଲେ ପଇଁତରା ମାରୁଥିଲା। ରାଜରାସ୍ତାରେ ପୁଲିସର ଅନୁପସ୍ଥିତ ଏବଂ ଯାଞ୍ଚ ନାମକୁ ମାତ୍ର ହେଉଛି। ପୁଲିସ, ପରିବହନର ବଡ଼ ଅଧିକରୀଙ୍କ କଥା ଦୂରେ ଥାଉ ପିସିଆର୍ ଟିଏ ମିଳିବା ମୁସ୍କିଲ୍ ହୋଇଯାଉଛି। ଏଣୁ ଏଭଳି ଅପରାଧକୁ ରୋକିବାକୁ ପୁଲିସ, ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ୍ କରାଯାଉ ବୋଲି ଜଣେ ପୂର୍ବତନ ପୁଲିସ ଅଧିକାରୀ କହିଛନ୍ତି।





### ଡେରାସରେ ପର୍ଯ୍ୟଟକ ନିରାଶ

# ଚାଳକ ନ ଥିବାରୁ ଦୁଇଟି ବୋଟ୍ ଅଚଳ

ଭୁବନେଶ୍ୱର, ୧୯ ।୧(ସମିସ): ଡେରାସରେ ନିରାଶ ହେଉଛନ୍ତି ପର୍ଯ୍ୟଟକ । କାରଣ ଡେରାସ ଡ୍ୟାମ୍‌ରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ବୋଟିଂ ସେବା ପାଇବାରୁ ପର୍ଯ୍ୟଟକମାନେ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି । କାରଣ ଏଠାରେ ରହିଥିବା ମୋଟ୍ ୪ଟି ବୋଟ୍‌ରୁ ୨ଟି ବୋଟ୍ ଚଳାଇବାକୁ ଚାଳକ ରହିଥିବା ବେଳେ ୨ଟି ପଡ଼ି ରହିଛି । ଫଳରେ ଶହଶହ ପର୍ଯ୍ୟଟକ ବୋଟିଂ କରିବାକୁ ଯାଇ ଘଣ୍ଟା ଘଣ୍ଟା ଅପେକ୍ଷା କରି ମଧ୍ୟ ନିରାଶ ହୋଇ ଫେରିଛନ୍ତି ।



## ୪ ବୋଟ୍‌କୁ ରହିଛନ୍ତି ୨ଜଣ ଚାଳକ

ପର୍ଯ୍ୟଟନ ଋତୁ ଆସିଲେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଲାଗେ ଭିଡ଼ । ତେବେ ରାଜଧାନୀ ଉପକଣ୍ଠରେ ରହିଥିବା ଡେରାସ ମଧ୍ୟ ଅନ୍ୟ ଏକ ପର୍ଯ୍ୟଟନସ୍ଥଳୀ । ଚନ୍ଦକା ବନଖଣ୍ଡ ଅଧୀନରେ ରହିଥିବା ଏହି ପର୍ଯ୍ୟଟନସ୍ଥଳୀ ସହର ଠାରୁ ୨୦ କିଲୋମିଟର ଦୂରରେ ରହିଛି । ଯେଉଁଠାରେ ଭରି ରହିଛି ପ୍ରାକୃତିକ ସୌନ୍ଦର୍ଯ୍ୟ । ଏଠାରେ ବଣଭୋଜି କରିବାକୁ କେବଳ ରାଜଧାନୀ ନୁହେଁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସିଥାନ୍ତି । ବିଶେଷ କରି ଏଠାକାର ଆକର୍ଷଣ ହେଉଛି ଜଙ୍ଗଲ ସଫାରୀ ଓ ବୋଟିଂ । ଏଠାରେ ରହିଥିବା ଗଭୀରତମ ହ୍ରଦରେ ବୋଟିଂର ମଜା ନେବାକୁ ଅଧିକାଂଶ ପର୍ଯ୍ୟଟକ ଏହି ସ୍ଥାନକୁ ଆସିଥାନ୍ତି । କିନ୍ତୁ ଚିନ୍ତାର ବିଷୟ ହେଉଛି, ବୋଟ୍ ଚାଳକଙ୍କ ଅଭାବରୁ ଏଠାରେ ପର୍ଯ୍ୟଟକଙ୍କ ପାଇଁ ରହିଥିବା ବୋଟ୍ ଏବେ କୂଳରେ ପଡ଼ି ରହିଛି । ବୋଟ୍ ସଂଖ୍ୟା ୪ ହୋଇଥିବା ବେଳେ ଚାଳକଙ୍କ ସଂଖ୍ୟା ରହିଛି ୨ । ତେବେ ଗୋଟିଏ ବୋଟ୍‌ରେ ଏକାଥରକେ ୧୨ରୁ ୧୫ଜଣ ଯାତ୍ରୀଙ୍କୁ ନେଇ ୨ଜଣ ଚାଳକ ହ୍ରଦ ଭିତରକୁ ଯିବା ଆସିବାକୁ ପ୍ରାୟ ୧ଘଣ୍ଟା ସମୟ ଲାଗିଥାଏ । ଏପଟେ ସନ୍ଧ୍ୟା ହେଲେ ହ୍ରଦ ଭିତରକୁ ଯିବା ନିଷେଧ । ଗୋଟେପଟେ ବଣଭୋଜି ପାଇଁ ଦିନକୁ ପ୍ରାୟ ୫୦୦ରୁ ଅଧିକ ଲୋକେ ଏଠାକୁ ଆସୁଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ପର୍ଯ୍ୟଟକ ଏହି ସୁବିଧା ପାଇ ପାରୁ ନାହାନ୍ତି । ବିଶେଷ କରି ଛୁଟି ଦିନରେ ଦୂରରୁ ଆସୁଥିବା ବହୁ ପର୍ଯ୍ୟଟକ ବୋଟିଂ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ସେହିପରି କମ୍ ସମୟ ଥିବାରୁ ପୂର୍ବରୁ ଟିକଟ୍ କାଟି ଅପେକ୍ଷା କରିଥିବା ପର୍ଯ୍ୟଟକଙ୍କୁ ତରବରିଆ ଭାବେ ନାମକୁ ମାତ୍ର ବୋଟିଂ କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ଡେରାସ ଦାୟିତ୍ୱରେ ଥିବା ଅଧିକାରୀ ଜଣକ କହିଛନ୍ତି ଯେ, ବର୍ଷର ଅଧା ଦିନ ଡ୍ୟାମରେ ପାଣି ଶୁଖିଯାଏ । ତେଣୁ ବୋଟିଂ କରାଯାଉ ନଥିବାରୁ ଚାଳକଙ୍କୁ କେବଳ ଦରମା ଦେବା କଥା । ତେଣୁ ୨ଜଣ ଚାଳକ ସ୍ଥାୟୀ ଭାବେ ରହିଛନ୍ତି । ପର୍ଯ୍ୟଟନ ଋତୁରେ ଯଦିଓ ପର୍ଯ୍ୟଟକଙ୍କ ସଂଖ୍ୟା ବହୁତ ଅଧିକ ଥାଏ ହେଲେ ଚାଳକଙ୍କ ଅଭାବ ଯୋଗୁଁ ସମସ୍ତେ ବୋଇଟିଂ ସେବା ପାଇପାରୁ ନାହାନ୍ତି । ତେବେ ପର୍ଯ୍ୟଟକଙ୍କ ଭିଡ଼ ପାଇଁ ଏହି ସ୍ଥାନଟି ବେଶ୍ ଲୋକପ୍ରିୟତା ହାସଲ କରିଥିବା ବେଳେ ଅନ୍ତତଃ ପର୍ଯ୍ୟଟନ ଋତୁରେ ଆଉ ୨ଜଣ ବୋଟ୍ ଚାଳକଙ୍କୁ ନିଯୁକ୍ତି ଦିଆଯିବା ଉଚିତ୍ । କାରଣ ଏହି ସ୍ଥାନର ସୌନ୍ଦର୍ଯ୍ୟ ବିଶେଷ କରି ବୋଟିଂ କରିବାକୁ ପରିବାର ଅବା ସାଙ୍ଗସାଥୀଙ୍କ ସହ ଖୁସିରେ ଆସି ନିରାଶ ହେବାକୁ ପଡ଼ୁଛି । ଏଭଳି ହେଲେ ଧୀରେ ଧୀରେ ଏହି ସ୍ଥାନ ପ୍ରତି ପର୍ଯ୍ୟଟକଙ୍କ ଆକର୍ଷଣ କମିବ ବୋଲି ପର୍ଯ୍ୟଟକମାନେ ମତ ଦେଇଛନ୍ତି ।

## ହାଇଟେକ୍ ପକ୍ଷରୁ ସ୍ୱାସ୍ଥ୍ୟ ଚିକିତ୍ସା ଓ ପରାମର୍ଶ ଶିବିର



ଭୁବନେଶ୍ୱର, ୧୯ ।୧(ସମିସ): କଟକ ବାଲିଯାତ୍ରା ପଡ଼ିଆଠାରେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ୫୦ତମ ରାଜ୍ୟ ସମ୍ମିଳନୀ ଅବସରରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ହାଇଟେକ୍ ଗ୍ରୁପ୍ ସିଇଓ ତଥା ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ତଙ୍କ ପାଖରେ ପହଁଞ୍ଚାଇବାର ପ୍ରୟାସ ହାଇଟେକ୍ ଜାରି ରଖିଛି ବୋଲି କହିବା ସହ ଏହି ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ସମସ୍ତ ଶିବିରାର୍ଥୀମାନଙ୍କର କାମରେ ଆସିଲେ ଆମେ ନିଜକୁ ସଫଳ ମଣିବୁ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ସର୍ବଭାରତୀୟ ସଭାପତି ନିମିଷ ପାଣ୍ଡେ, ରାଜ୍ୟ ସଭାପତି ଡ. ସତ୍ୟ ସ୍ୱରପ ପଟ୍ଟନାୟକ ଉପସ୍ଥିତ ରହି ଖୁସି ବ୍ୟକ୍ତ କରିଛନ୍ତି । ଏଥିରେ ମେଡିସିନ୍, ଅସ୍ଥିଶଲ୍ୟ, ସର୍ଜରୀ, ହୃଦ୍‌ରୋଗ ଆଦି ବିଭିନ୍ନ ବିଭାଗର ଚିକିତ୍ସାବିତଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିବା ବେଳେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି । ଏଥିସହିତ ମ୍ୟାଜିକ୍ ମିରର୍ ଅର୍ଥାତ୍ ଯେଉଁଥିରେ ନିଜ ଚର୍ମ ଓ କେଶ ସମ୍ବନ୍ଧୀୟ ସମସ୍ୟାକୁ ଜାଣି ତାହାର ଚିକିତ୍ସା କରିପାରିବେ ଏବଂ ରକ୍ତ ପରୀକ୍ଷା ଓ ଇସିଜିର ସୁବିଧା ଯୋଗାଇ ଦିଆଯାଇଥିଲା ।

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟ ସମାରୋହ



ଭୁବନେଶ୍ୱର, ୧୯ ।୧(ସମିସ): ଲକ୍ଷ୍ମୀସାଗର ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟ ସମାରୋହ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଭୟ ଇଂରାଜୀ ଓ ଓଡ଼ିଆ ମାଧ୍ୟମର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଏହି ବିଦାୟକାଳୀନ ସଭାରେ ମୁଖ୍ୟ ଅତିଥି ଭାବେ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଚେୟାରମ୍ୟାନ୍ ଡ. ପୀତବାସ ତ୍ରିପାଠୀ, ଲର୍ଡ ଜଗନ୍ନାଥ ମିଶନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ବୈରାଗୀ ଚରଣ ନାୟକ, ଟ୍ରଷ୍ଟି ସ୍ୱର୍ଣ୍ଣଲତା ମହାନ୍ତି, ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ରନାଥ ପଣ୍ଡା ଏବଂ ମ୍ୟାନେଜର ସତ୍ୟାନନ୍ଦ ରାଜ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ ସଭାରେ ସଭାପତିତ୍ୱ କରିଥିଲେ । ଅତିଥିମାନେ ନିଜର ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଶିକ୍ଷା ହେଉଛି ଜୀବନ ଗଢ଼ିବାର ମୂଳ ଆଧାର । ସତ୍ୟ, ଶିଷ୍ଟାଚାର, କଠିନ ପରିଶ୍ରମ ଓ ନୀତିମୂଲ୍ୟକୁ ଅନୁସରଣ କରି ଆଗେଇ ଚାଲିଲେ ଜୀବନରେ ସଫଳତା ନିଶ୍ଚିତ ଭାବେ ମିଳିଥାଏ । ଭବିଷ୍ୟତରେ ଜଣେ ଶିଷ୍ଟ ଓ ଦାୟିତ୍ୱଶୀଳ ନାଗରିକ ହୋଇ ଦେଶ ତଥା ସମାଜର ସେବା କରିବାକୁ ସେମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ମୃତିଚିହ୍ନ ଓ ଉପହାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ ।

● ସ୍କୁଲ୍ ୟୁଥ୍ ଆଇଡିଆଥନ୍-୨୦୨୫

## ଓଡିଏମ୍ ପବ୍ଲିକ୍ ସ୍କୁଲ ଦେଶରେ ତୃତୀୟ



ଭୁବନେଶ୍ୱର, ୧୯ ।୧(ସମିସ): 'ସ୍କୁଲ୍ ୟୁଥ୍ ଆଇଡିଆଥନ୍-୨୦୨୫' (ଇନ୍‌ଷ୍ଟିଚ୍ୟୁସନାଲ୍ ଲିଡରସିପ୍ ଇନ୍ ଏଣ୍ଟ୍ରେପ୍ରିନରଶିପ୍ ଆଣ୍ଡ ଇନୋଭେସନ୍)ର ଗ୍ରାଣ୍ଡ ଫାଇନାଲ୍‌ରେ ଦେଶର ମୋଟ୍ ୧୩ ହଜାର ବିଦ୍ୟାଳୟ ମଧ୍ୟରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ତୃତୀୟ ସ୍ଥାନ ଅଧିକାର କରିଛି । ସର୍ବଶ୍ରେଷ୍ଠ ୧୦ଟି ବିଦ୍ୟାଳୟ ମଧ୍ୟରେ ଓଡ଼ିଏମ୍‌ର ସଫଳତା ରାଜ୍ୟକୁ ଗୌରବାନ୍ୱିତ କରିଛି । ରବିବାର ନୂଆଦିଲ୍ଲୀସ୍ଥିତ ଆଇଆଇଟିରେ ଅନୁଷ୍ଠିତ ସ୍ୱତନ୍ତ୍ର ସମାରୋହରେ ଓଡିଏମ୍ ଶିକ୍ଷାସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ ପୁରସ୍କାର ଗ୍ରହଣ କରିବା ସହ ସମ୍ମାନୀତ ହୋଇଛନ୍ତି । ବିଦ୍ୟାଳୟର ସଫଳତା ସମ୍ପର୍କରେ ଡ. ମୀନକେତନ କହିଛନ୍ତି ଯେ ଏହି ଗାରିମାମୟ ସଫଳତାର ସମ୍ପୂର୍ଣ୍ଣ ଶ୍ରେୟ 'ଆଇଡିଆଥନ୍'ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ, ସେମାନଙ୍କ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଅଭିଭାବକଙ୍କୁ ଯିବ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତା, ନବଉନ୍ମେଷ ଓ ଉଦ୍ୟମଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଏମ୍‌ର ଦୃଢ ସଙ୍କଳ୍ପବଦ୍ଧ ବୋଲି କହିବା ସହ ଆଗାମୀ ଦିନରେ ଜାତୀୟ ସ୍ତରରେ ଆହୁରି ସୁନାମ ଅର୍ଜନ କରିବାକୁ ପ୍ରୟାସ ଜାରି ରହିବ ବୋଲି ମତବ୍ୟକ୍ତ କରିଛନ୍ତି ।

## ପ୍ରିୟବ୍ରତ ଦାସ ଥିଲେ 'ବେଦ ପୁରୁଷ'

ଭୁବନେଶ୍ୱର, ୧୯ ।୧(ସମିସ): ପ୍ରିୟବ୍ରତ ଦାସଙ୍କ ବିୟୋଗରେ ଆର୍ଯ୍ୟସମାଜରେ ଆୟୋଜିତ ଶାନ୍ତିଯଜ୍ଞ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ, ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଅରୁଣ କୁମାର ଷଡ଼ଙ୍ଗୀ, ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ପ୍ରିୟବ୍ରତ ଦାସଙ୍କ ସ୍ମୃତିଚାରଣ କରିବା ସହ ତାଙ୍କୁ ବେଦ ପୁରୁଷ ଭାବେ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆମସେନା ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ ତଥା ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ସଭାପତି ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, କୋଲକତାର ବ୍ରହ୍ମଦତ୍ତ ଜୀ, ବେଦଧାମର ମୁଖ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ, ଦୟାନନ୍ଦ ସର୍ଭିସ୍ ମିଶନର ଅଧ୍ୟକ୍ଷ ତଥା କଂଗ୍ରେସ ମୁଖପାତ୍ର ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ବିଶିଷ୍ଟ ସମାଜସେବୀ ଜଗଦାନନ୍ଦ, ଅରୁନ୍ଧତୀ ଦେବୀ, ସାହିତ୍ୟିକା ଶକୁନ୍ତଳା ବଳିୟାର ସିଂହ ପ୍ରମୁଖ ସ୍ମୃତିଚାରଣ କରି ପ୍ରିୟବ୍ରତ ଦାସ ବେଦାୟନର ପଥିକ ବେଦ ପୁରୁଷ ବୋଲି କହିଥିଲେ । ଶାନ୍ତିଯଜ୍ଞରେ ଯଜମାନ ଥିଲେ ଯଜ୍ଞପ୍ରକାଶ ଦାସ ଓ ସୁଶ୍ରୀତା ଦାସ ଏବଂ ଆମସେନା ଗୁରୁକୁଳର ବ୍ରହ୍ମଚାରୀମାନେ ଯଜ୍ଞ ପରିଚାଳନା କରିଥିଲେ । ଏହି ଅବସରରେ ପ୍ରିୟବ୍ରତ ଦାସଙ୍କ ସ୍ମୃତିରେ ପ୍ରକାଶିତ 'ବେଦ ପୁରୁଷ' ସ୍ମରଣିକାକୁ ଶନ୍ନୋଦେବୀ, ଆର୍ଯ୍ୟସମାଜର ଉପସଭାପତି ବ୍ରଜବନ୍ଧୁ ପଣ୍ଡା, ସମ୍ପାଦକ ବୀରେନ୍ଦ୍ର କର ଉନ୍ମୋଚନ କରିଥିଲେ । ଏହାସହ



ପ୍ରିୟବ୍ରତ ଦାସଙ୍କ ରଚିତ ଭଜନ ଜଗନ୍ନାଥ ପାଣିଗ୍ରାହୀ ପରିବେଷଣ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଆର୍ଯ୍ୟ ସମାଜର ବରିଷ୍ଠ ସଦସ୍ୟ ଡ. ଗୋପାଳ ଚନ୍ଦ୍ର ଦାଶ । ପ୍ରାରମ୍ଭରେ ପ୍ରିୟବ୍ରତ ଦାସଙ୍କ ସହଧର୍ମିଣୀ ତଥା ଆର୍ଯ୍ୟ ସମାଜର ସହ ସମ୍ପାଦିକା ଶନ୍ନୋଦେବୀ ସ୍ମୃତିଚାରଣ କରିଥିଲେ । ମହାଶ୍ୱେତା ଦାସ, ପ୍ରଜ୍ଞା ଦାସ, ରତିକ ଦାସ, ନିଷ୍ଠା ରତମ୍, ସୁମେଧା ଦାଶ ଓ ଦୀକ୍ଷା ଦାସ ସାମୁହିକ ଶାନ୍ତିଯଜ୍ଞ ସହ ଶାନ୍ତିପାଠ କରିଥିଲେ ।

## ସାମାଜିକ କର୍ମୀ ସୂର୍ଯ୍ୟମଣି ସ୍ୱାଇଁଙ୍କ ପରଲୋକ



ଭୁବନେଶ୍ୱର, ୧୯।୧(ସମିସ): ଓଡ଼ିଶାର ପ୍ରଥମ ପୋଲିସ ମହାନିର୍ଦ୍ଦେଶକ ସ୍ୱର୍ଗତ ନରସିଂହ ସ୍ୱାଇଁଙ୍କ ପତ୍ନୀ ତଥା ସାମାଜିକ କର୍ମୀ ସୂର୍ଯ୍ୟମଣି ସ୍ୱାଇଁ (୯୫)ଙ୍କ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ ଶନିବାର ପରଲୋକ ଘଟିଛି । ସେ ଓଡ଼ିଶା ସମାଜ କଲ୍ୟାଣ ବୋର୍ଡର ଜଣେ ବିଶିଷ୍ଟ ସଦସ୍ୟ ଥିଲେ ଏବଂ ରାଜ୍ୟରେ ପୋଲିସ କଲ୍ୟାଣ ପଦକ୍ଷେପରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଏଥିସହ ସେ ଓଡ଼ିଶାରେ ପୋଲିସ ଲେଡିଜ୍ କ୍ଲବ୍ ପ୍ରତିଷ୍ଠା କରିଥିଲେ ଏବଂ ଓଡ଼ିଶା ପୋଲିସ କଲ୍ୟାଣ ସଂଘର ସଭାପତି ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ । ଶେଷ ସମୟରେ ତାଙ୍କର ସମସ୍ତ ପିଲା ଏବଂ ଜ୍ୱାଇଁ ତାଙ୍କ ନିକଟରେ ଉପସ୍ଥିତ ଥିଲେ । ପୁରୀର ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।

## ଓଡ଼ିଶା ଭବନରେ ମୁଦ୍ରାମୋକ୍ଷ ମୁମ୍ବଇର ସାଂସ୍କୃତିକ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୯।୧(ସମିସ): ଦି ୱିଶ୍ ଦ୍ୱାରା ପରିବେଷିତ ଏକ ଦିନିକିଆ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱାଭିମାନୀ ଓଡ଼ିଆ ମହିଳା ବିଶ୍ୱ ଏବଂ କାଞ୍ଚନହାଡି ସହଯୋଗରେ ଓଡ଼ିଶା ଭବନରେ ଅନୁଷ୍ଠିତ ହୋଇଛି । ଶ୍ରୀଜଗନ୍ନାଥ ଏବଂ ଶ୍ରୀଗଣେଶଙ୍କ ସମ୍ମୁଖରେ ଆନୁଷ୍ଠାନିକ ଦୀପ ପ୍ରଜ୍ୱଳନ ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ କ୍ଷୁଦ୍ର ବ୍ୟବସାୟ ମାଲିକ ଏବଂ ଘରୋଇ ବ୍ରାଣ୍ଡଗୁଡ଼ିକ ସ୍ୱତନ୍ତ୍ର ଷ୍ଟଲଗୁଡ଼ିକୁ ପ୍ରସ୍ତୁତ କରିଥିଲେ । ମୁଦ୍ରାମୋକ୍ଷ ପକ୍ଷରୁ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ପରେ ପରେ ବହୁ ପ୍ରଶଂସିତ 'ବିଟ୍ ଅର୍ ଭବ' ନୃତ୍ୟ ପ୍ରତିଯୋଗିତା ହୋଇଥିଲା, ଯେଉଁଥିରେ ଶାସ୍ତ୍ରୀୟ, ଅର୍ଦ୍ଧ-ଶାସ୍ତ୍ରୀୟ ଏବଂ ଲୋକନୃତ୍ୟ ଫର୍ମରେ ପରିବେଷଣ ହୋଇଥିଲା । ଏହି ଅବସରରେ ସମ୍ମାନିତ ବ୍ୟକ୍ତି ଭାବେ ସନ୍ତୋଷ ମହାନ୍ତି, ଭାବନା ପାଣି, ଶମ୍ଭୁଭୂଷଣ ମିଶ୍ର, ପରମିତା ମୁଖାର୍ଜୀ ମୁଲ୍ଲିକ ଏବଂ ଆନନ୍ଦ କୃଷ୍ଣନ ଯୋଗ ଦେଇଥିଲେ । ପ୍ରତିଷ୍ଠାତା ଲୋପାମୁଦ୍ରା ମିଶ୍ର ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଟିମ୍ ଖ୍ୱାହିସ୍ - ଦି ୱିଶ୍ ଦ୍ୱାରା ସହଭାଗୀ କରାଯାଇଥିଲା । ଯେଉଁଥିରେ ଶ୍ରୁତି ମିଶ୍ର, ଶୁଭଶ୍ରୀ ସାହୁ ଏବଂ ଶ୍ଳୋକା ସଂସ୍କୃତି ମିଶ୍ର ସାମିଲ ଥିଲେ ।



## ଧାନମଣ୍ଡି ଶୁଭାରମ୍ଭ କଲେ ଜୟଦେବ ବିଧାୟକ



ହଂସପାଳ/ବାଲିଅନ୍ତା, ୧୯।୧(ସମିସ): ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବେଣୁପୁର ଓ ଭିଙ୍ଗାରପୁର ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଶୁଭ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବାଲିଅନ୍ତା ତହସିଲଦାର ଲିଲନ୍ ପ୍ରସାଦ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ବ୍ଲକ ବିଜେଡି ସଭାପତି ପ୍ରଦୀପ ଜେନାମଣି, ୧୬ ନମ୍ବର ବିଜେଡି ଜିଲ୍ଲାପରିଷଦ ମହେଶ୍ୱର ଦାସ, ସାଂସଦଙ୍କ ପ୍ରତିନିଧି ଦ୍ୱାରିକାନାଥ ଦାସ ଚୌଧୁରୀ, ବେଣୁପୁର ସମବାୟ ସମିତି ସମ୍ପାଦକ ନିରଞ୍ଜନ ନାୟକ, ସଭାପତି ପୂର୍ଣ୍ଣଚନ୍ଦ୍ର ରାୟ, ଭିଙ୍ଗାରପୁର ସେବା ସମବାୟ ସମିତିର ସମ୍ପାଦକ ଜଗମୋହନ ଦାସ, ସଭାପତି ରବୀନ୍ଦ୍ର ଜେନା, ବେଣୁପୁର ପଞ୍ଚାୟତ ସରପଞ୍ଚ ହୃଷିକେଶ ପାତ୍ର, ବେଣ୍ଟପୁର ସରପଞ୍ଚ ରଶ୍ମିତା ସାହୁ, ଭିଙ୍ଗାରପୁର ସରପଞ୍ଚ ହୃଷିକେଶ ବେହେରା, ପୂର୍ବତନ ସରପଞ୍ଚ ତପନ କୁମାର ପରିଡ଼ା, ପୂର୍ବତନ ଜିଲ୍ଲା ପରିଷଦ କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଭଗବାନପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧୯।୧(ସମିସ): ୬୫ ୱାର୍ଡ ଅନ୍ତର୍ଗତ ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଛି । ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରବୀନ୍ଦ୍ର ନାଥ ସାହୁ, ମୁଖ୍ୟବକ୍ତା ଭାବେ ଟଙ୍କଧର ଚମ୍ପତି, ସମ୍ମାନିତ ଅତିଥି ଭାବେ ଗଗନ ବିହାରୀ ଦାଶ, ଅଭିମନ୍ୟୁ ଚମ୍ପତି ଏବଂ ସାଧନ ସଂଯୋଜକ ପ୍ରସନ୍ନ କୁମାର ରାଉତ ଯୋଗ ଦେଇଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଗତ ବର୍ଷ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ 'ବୁଧିନାଥ ସମ୍ମାନ ୨୦୨୫' ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଶିକ୍ଷୟିତ୍ରୀ ସଂଯୁକ୍ତା ପଟ୍ଟନାୟକ ଓ ମାମାଲି ସୁବୁଦ୍ଧି ମଞ୍ଚ ପରିଚାଳନା କରିଥିବାବେଳେ ଅରକ୍ଷିତ ପାତ୍ର ଧନ୍ୟବାଦ ଦେଇଥିଲେ ।

## ଅଦ୍ୱୈତ ଚରଣ ମହାନ୍ତିଙ୍କ ବିୟୋଗରେ ବିଜେପିର ଶୋକ



ଭୁବନେଶ୍ୱର, ୧୯।୧(ସମିସ): ବିଜେପି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତିଙ୍କ ପିତା ତଥା ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ଅନ୍ତର୍ଗତ ସୁକିନ୍ଦା ଗ୍ରାମର ଅବସରପ୍ରାପ୍ତ ଅଧ୍ୟାପକ ଅଦ୍ୱୈତ ଚରଣ ମହାନ୍ତିଙ୍କ ୯୧ ବର୍ଷ ବୟସରେ ପରଲୋକ ଘଟିଛି । ତାଙ୍କ ପରଲୋକରେ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି ।

ଆମ ରାଜଧାନୀ ଆମ ଐତିହ୍ୟ

# ପାଞ୍ଚଶହ ବର୍ଷର ପୁରୁଣା ଗୋପାଳତୀର୍ଥ ମଠ



ଭୁବନେଶ୍ୱର, ୧୯।୧(ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ ଭୁବନେଶ୍ୱର । ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର । ଯାହା ବର୍ତ୍ତମାନ ପିଢି ପାଇଁ ଐତିହ୍ୟ କୀର୍ତ୍ତିରାଜିର ମୂକସାକ୍ଷୀ । କେବଳ ସେତିକି ନୁହଁ ପ୍ରାଚୀନ ଗୁମ୍ଫା ଓ ମଠ ମଧ୍ୟ ସେଥିରେ ଅନ୍ତର୍ଭୁକ୍ତ । ଯେଉଁଥିରେ ଦେଖିବାକୁ ମିଳେ ଉତ୍କଳୀୟ ଐତିହ୍ୟ ଏବଂ କିର୍ତ୍ତିରାଜି । ସେହି କିର୍ତ୍ତିରାଜି ମଧ୍ୟରୁ ଅନ୍ୟତମ ହେଉଛି ପାଞ୍ଚ ସହ ବର୍ଷ ପୁରୁଣା ଗୋପାଳତୀର୍ଥ ମଠ ।

ଲିଙ୍ଗରାଜ ମନ୍ଦିରର ଉତ୍ତର ପାର୍ଶ୍ୱରେ ଅବସ୍ଥିତ ଏହି ଗୋପାଳତୀର୍ଥ ମଠ । ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ବିଭିନ୍ନ ସେବା ସହ ଏହି ମଠ ଜଡିତ । ପାଞ୍ଚ ଶହ ବର୍ଷ ପୂର୍ବେ ମଠଟି ପ୍ରତାପରୁଦ୍ରଦେବଙ୍କ ଅମଳରେ ଶୈବ କ୍ଷେତ୍ରରେ ବୈଷ୍ଣବ ସଂସ୍କୃତିର ସଂଯୋଗ ପାଇଁ ଏହି ମଠ ପ୍ରତିଷ୍ଠା କରାଯାଇଥିଲା ବୋଲି ଇତିହାସରୁ ଜଣାଯାଏ । ବିଶେଷକରି ଜନ୍ମାଷ୍ଟମୀ, ଦୋଳ ଏବଂ ଅଁଳା ନବମୀରେ ଉତ୍ସବମୁଖର ହୋଇଉଠେ । ପ୍ରତିବର୍ଷ ରୁକୁଣା ରଥ ସମୟରେ ସେହି ମଠରେ ଆସି ଠାକୁର ଭୋଗ ଖାଇଥାନ୍ତି । ମହାପ୍ରଭୁଙ୍କ ପୂଜାପାର୍ବଣରେ ଏହି ମଠ ଜଡିତ ରହିଛି । ପୂର୍ବରୁ ପ୍ରତିଦିନ ଏଠାରୁ ଅମୃତମଣୋହି ଭୋଗ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପାଖକୁ ଯାଏ । ଚାମର ସେବା ମଠ ପକ୍ଷରୁ କରାଯାଏ । ସେହିପରି ଚନ୍ଦନ ଯାତ୍ରାରେ ୨୨ଦିନ ଠାକୁର ପ୍ରତ୍ୟାବର୍ତ୍ତନ ବେଳେ ମଠ ତରଫରୁ ଭୋଗ କରାଯାଏ ।

### ଏବେ କେମିତି ରହିଛି



ବର୍ତ୍ତମାନ ସମୟରେ ଗୋପାଳତୀର୍ଥ ମଠ ଅଧା ଭଙ୍ଗା ଅବସ୍ଥାରେ ପଡ଼ିଛି । ରୁକୁଣା ରଥ ସମୟରେ ସେହି ଭଙ୍ଗାମଠ ଉପରେ ହିଁ ଝାମୁଣ୍ଡିଆ ମରା ହୋଇ ଠାକୁରଙ୍କୁ ଭୋଗ ଲାଗି ହେଉଛି । ମହାପ୍ରଭୁଙ୍କ ପୂଜାପାର୍ବଣରେ ଏହି ସବୁ ମଠ ଜଡିତ ଥିବାବେଳେ ତାର ବର୍ତ୍ତମାନ ଅବସ୍ଥା ନେଇ ଅସନ୍ତୋଷ ଜାହିର କରିଛନ୍ତି ଐତିହ୍ୟପ୍ରେମୀ । ଏବେ କେବଳ ସ୍ମୃତିସ୍ୱରୂପ ଅଧାଭଙ୍ଗା ଅବସ୍ଥାରେ ପଡ଼ି ରହିଛି । ଏକାମ୍ରପ୍ରକଳ୍ପ ଅଧୀନରେ ଏହାକୁ ପୁନଉଦ୍ଧାର କରାଯିବ ବୋଲି ମଠର ଗାଦିକୁ ଛାଡି ଦେଇ ଅନ୍ୟ ଅଂଶକୁ ଭଙ୍ଗା ଯାଇଥିଲା । ହେଲେ ଦୀର୍ଘ ୬ ବର୍ଷ ହେବ ଅଲୋଡା ଅବସ୍ଥାରେ ପଡ଼ିରହିଥିବା କହିଛନ୍ତି ପୁରୁଣା ଭୁବନେଶ୍ୱରର ବାସିନ୍ଦା ବ୍ରଜକିଶୋର ମିଶ୍ର । ତାଙ୍କ କହିବା ଅନୁଯାୟୀ ଗାଦିର କାନ୍ଥରେ ଅନାବନା ଗଛ ମାଡିଗଲାଣି । ଗାଦିରେ ଥିବା ବିଗ୍ରହ ଓ ଶାଳଗ୍ରାମ ଭଙ୍ଗାଯିବଦିନରୁ ପୂଜା ମଧ୍ୟ ପାଇନାହାନ୍ତି । କେବଳ ସେତିକି ନୁହଁ ଦୀର୍ଘଦିନ ଧରି ଖରା, ବର୍ଷା ଖାଇ ମଠରୁ ଅନେକ ସମୟରେ ପଥର ଖଣ୍ଡ ଝଡୁଛି । ପାଞ୍ଚସହ ବର୍ଷ ପୁରୁଣା ଏହି ମଠ ଲିଙ୍ଗରାଜ ବିଭିନ୍ନ ସେବା ସହ ଜଡିତ ଥିବାବେଳେ ତାର ଏପରି ଅବସ୍ଥା ପାଇଁ ଐତିହ୍ୟପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯଥାଶିଘ୍ର ଏହାର ପୁନରୁଦ୍ଧାର କାର୍ଯ୍ୟ କରିବାକୁ ସେମାନେ ଦାବି କରିଛନ୍ତି ।

## ୨୧୦ ବୋତଲ କଫ ସିରପ୍ ଜବତ, ୭ ଗିରଫ

ବରଗଡ଼,୧୯।୧(ସମିସ): ବରଗଡ଼ ଟାଉନ ଥାନା ନେତୃତ୍ୱରେ ପୁଲିସ ଏକ ଟିମ୍ ଗଠନ କରି କଫ ସିରପ୍ ମାମଲାରେ ୭ ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ରିଙ୍କୁ ଦାଶ (୩୨), କୁଶ ମେହେର (୨୬), ଅଜିତ ପୋଡ଼(୨୫), ନିର୍ମାଣ ତାଣ୍ଡି (୨୬), ବିକାଶ ଘିବେଲା (୨୨), ବିଶ୍ୱଜିତ ପଣ୍ଡା (୧୯) ଓ ଏମଡି ଇମ୍ରାନ ଖାନ(୨୨) । ସେମାନଙ୍କ ଠାରୁ ୨୧୦ ବୋତଲ କଫ ସିରପ୍ ଜବତ ହୋଇଛି । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାଇ ମୀନାଙ୍କ ତତ୍ତ୍ୱାବଧାନରେ ଟାଉନ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେରଙ୍କ ନେତୃତ୍ୱରେ ବରଗଡ଼ ଆନନ୍ଦ ଧାମ ସ୍ଥିତ ନିର୍ମାଣ ହୋଇଥିବା ନୂତନ କୋଠାରେ କଫ ସିରପ୍ କାରବାର କରୁଥିବା ୭ ଜଣଙ୍କୁ ଗିରଫ କରାହୋଇଥିଲା । ସେମାନଙ୍କ ନାମରେ ମାମଲା ରୁଜୁ କରି ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି । ଏ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଚିତ୍ତରଞ୍ଜନ ମେହେର କହିଛନ୍ତି ।



## ଅତିରିକ୍ତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ପଦ୍ମପୁର,୧୯।୧(ସମିସ): ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ବ୍ୟତୀତ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ଦେବତା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ମହନ୍ତ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୭୫ଟି ଅଭିଯୋଗ ମଧ୍ୟରୁ ୬୧ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଶ୍ରୀଅରବିନ୍ଦ ସ୍କୁଲର ବାର୍ଷିକୋତ୍ସବ

ପଦ୍ମପୁର,୧୯।୧(ସମିସ): ଅଦିତି ବିହାର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୨୬ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସଭାରେ ବରିଷ୍ଠ ଆଇନଜୀବୀ ରାଧାବଲ୍ଲଭ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରିତିରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଶିକ୍ଷାବିତ ମନୋଜ ପଣ୍ଡା ମୁଖ୍ୟବକ୍ତା ରୂପେ ଏବଂ ସମ୍ପାଦକ ଆଦିତ୍ୟ ରଥ, କୋଷାଧ୍ୟକ୍ଷ ରଘୁମଣି ପୁରୋହିତ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଅଧ୍ୟକ୍ଷା ଆଲାଦିନୀ ଦଲାଇ ବାର୍ଷିକ ବିବରଣୀ ପଠନ ଏବଂ ପ୍ରଶାସକ ଭରତ ସାହୁ ଆଗାମୀ ଶିକ୍ଷାବର୍ଷର ରୂପରେଖ ଉପସ୍ଥାପନ କରିଥିଲେ । ଶିଶୁ ମାନଙ୍କ ଆକର୍ଷଣୀୟ ପରିଧାନରେ ଉଚ୍ଚକୋଟୀର ନୃତ୍ୟ ପରିବେଷଣ ସମସ୍ତଙ୍କ ମନ ମୋହିଥିଲା । ଶେଷରେ ସଦସ୍ୟ ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ବକେୟା ଦରମା ଓ ଶିକ୍ଷକ ନିଯୁକ୍ତି ଅନିୟମିତତା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ପଦ୍ମପୁର,୧୯।୧(ସମିସ): ପଦ୍ମପୁର ବ୍ଲକ୍ ଅଧୀନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପୁରେନାର ଗ୍ରାମବାସୀ ସ୍କୁଲ ପ୍ରତି ଜିଲ୍ଲାଶିକ୍ଷା କାର୍ଯ୍ୟାଳୟର ବୈମାତୃକ ମନୋଭାବ ଥିବା ଅଭିଯୋଗ କରିଛନ୍ତି । ସ୍କୁଲର ଶିକ୍ଷକ ମାନଙ୍କର ବକେୟା ପାଉଣାକୁ ନେଇ ଆଜି ପଦମପୁର ବ୍ଲକ୍ କାର୍ଯ୍ୟାଳୟର ଓସ୍ୱାନ ହଲ୍ ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପୁରେନା ଗ୍ରାମବାସୀ ଏହି ଅଭିଯୋଗ କରିଛନ୍ତି । ବର୍ତ୍ତମାନର ଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷକଙ୍କ ବକେୟା ଦରମା, ଜିଆଇଏସ୍ ଟଙ୍କା ଓ ୬୧୦ ସ୍କିମ୍‌ର ଶିକ୍ଷକ ନିଯୁକ୍ତିରେ ପାତରଅନ୍ତର ନୀତିକୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମାଧ୍ୟମରେ ଜଣାଇଛନ୍ତି । ଶୀଘ୍ର ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନା ପ୍ରତି ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଯେଉଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଜିଲ୍ଲାପାଳ ଆସନ୍ତା ୭ ଦିନ ମଧ୍ୟରେ ବକେୟା ପାଉଣା ଦେବାକୁ ଓ ନିଯୁକ୍ତି ପ୍ରକ୍ରିୟାର ତଦାରଖ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର

ଗାଇସିଲେଟ,୧୯।୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟ, ଗାଇସିଲେଟ ଠାରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗାଇସିଲେଟ ବ୍ଲକ୍ ଚେୟାରମ୍ୟାନ ପ୍ରଣୟ ସାହୁ ଆତ୍ମସୁରକ୍ଷା ଉପରେ ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଦେବେନ୍ଦ୍ର ଯୋଶୀ, ଇତିହାସ ବିଭାଗର ପ୍ରାଧ୍ୟାପକ ପ୍ରଦୀପ ପଧାନ ବର୍ତ୍ତମାନ ସମାଜରେ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । ଖେଳ ଶିକ୍ଷକ ହେମନ୍ତ ପଣ୍ଡା ନାରୀ ସଶକ୍ତିକରଣର ମହତ୍ତ୍ୱକୁ ନେଇ ବକ୍ତବ୍ୟ ଦେଇଥିଲେ । ମାଷ୍ଟର ଟ୍ରେନର ମାଧବୀ ସାହୁ ଦୀର୍ଘ ୮ ଦିନ ଧରି ଛାତ୍ରୀ ମାନଙ୍କୁ ଆତ୍ମସୁରକ୍ଷା ଉପରେ ତାଲିମ ଦେଇଥିଲେ । ଶେଷରେ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମର ପରାମର୍ଶଦାତ୍ରୀ ତଥା ସଂଯୋଜିକା ଡ.ବୀଣାପାଣି ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ ।

**ବିଜେପି ସରକାରର ଚାଷୀ ମାରଣ ନୀତିକୁ ବିରୋଧ**

# ବରପାଲିରେ ବିଜେଡିର ଚାଷୀ ସମାବେଶ






ବରପାଲି,୧୯।୧(ସମିସ):

ବିଜେପି ସରକାରଙ୍କ ଚାଷୀ ମାରଣ ନୀତି ପ୍ରତିବାଦରେ ସୋମବାର ବରପାଲିରେ ବିଜୁ ଜନତା ଦଳ ପକ୍ଷରୁ ବିରାଟ ଚାଷୀ ସମାବେଶ ଗଙ୍ଗାଧର କଲ୍ୟାଣ ମଣ୍ଡପ ପରିସରରେ ହୋଇଯାଇଛି । ଏହି ଅବସରରେ ବିଜେଡି ପକ୍ଷରୁ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ବିଶାଳ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ବର୍ତ୍ତମାନର ବିଜେପି ସରକାରଙ୍କ ଚାଷୀ ମାରଣ ନୀତିକୁ ବିଜୁ ଜନତା ଦଳ ପକ୍ଷରୁ ତୀବ୍ର ବିରୋଧ ସହ କଡା ସମାଲୋଚନା କରାଯାଇଥିଲା । ବିଜେଡି ସବୁବେଳେ ସବୁ ସମୟରେ ଚାଷୀଙ୍କ ସହିତ ରହିଆସିଛି ବୋଲି ନେତା ମାନେ କହିଥିଲେ । ରାଜ୍ୟର ଚାଷୀଙ୍କ ହକ ଓ ଅଧିକାର ହାସଲ ପାଇଁ ଦରକାର ପଡିଲେ ବିଜେଡି ରାଜରାସ୍ତାରୁ ସିଧାସଳଖ ବିଧାନସଭା ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି ନେତା ମାନେ କଡା ଚେତାବନୀ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ରିତା ସାହୁଙ୍କ ନେତୃତ୍ୱ ତଥା ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପଦ୍ମପୁର ବିଧାୟିକା ବର୍ଷା ସିଂହ ବରିହା, ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ, ବରିଷ୍ଠ ନେତା ଗୌରହରି ମିଶ୍ର, ସୁଶାନ୍ତ ମିଶ୍ର, ରାଜୁ ଘେବାଲା, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, କଳ୍ପନା ମାଝୀ, ଲାଲ ବିକ୍ରମ ସିଂହ, ମହେନ୍ଦ୍ର ମେହେର, ତରଣି ଦେବତା, ଦେବାନନ୍ଦ ଗରତିଆ, ନାରଦ ବରିହା, ତିକାୟତ୍ ମହଉମ୍, ଗୋବିନ୍ଦ ସାହୁ, ମଧୁ ପ୍ରଧାନ, ସୁବ୍ରତ ବେହେରା ଏବଂ ସମସ୍ତ ବ୍ଲକ୍ ଏବଂ ଟାଉନର ସଭାପତି ତଥା ସଦସ୍ୟ ଉପସ୍ଥିତ ଥିଲେ । ପରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ରରେ ବରଗଡ଼ ଜିଲ୍ଲାର ସମସ୍ତ ପଞ୍ଜିକୃତ ଚାଷୀଙ୍କ ଟୋକନ ଶୀଘ୍ର ପ୍ରଦାନ, ଜିଲ୍ଲା ସ୍ତରରେ ଟୋକନ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟକାରୀ କରାଯିବା, ଧାନକ୍ରୟ କେନ୍ଦ୍ରରେ ଦୈନିକ ଲକ୍ଷଧାର୍ଯ୍ୟକୁ ୨ ଗୁଣ କରାଯାଇ ଧାନ କିଣାଯାଉ, ସମସ୍ତ ଧାନକ୍ରୟ କେନ୍ଦ୍ରକୁ ମିଲର୍ସର ମଧ୍ୟସ୍ଥି ଓ ଦଲାଲ ମୁକ୍ତ କରାଯାଉ, ଧାନର ଅଭାବି ବିକ୍ରି ରୋକିବା, କଟନିଛଟନି ବନ୍ଦ, ଧାନ କ୍ୱିଣ୍ଟାଲ ୩୧୧୭ ୯ ଟଙ୍କାରେ କିଣିବା ପାଇଁ ଦାବି ରହିଛି ।

### ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ

## ମହର୍ଷି ଦୟାନନ୍ଦ କନ୍ୟା ଗୁରୁକୁଳର ବାର୍ଷିକୋତ୍ସବ

ପାଇକମାଳ,୧୯।୧(ସମିସ): ପାଇକମାଳ ବ୍ଲକ୍ ମହର୍ଷି ଦୟାନନ୍ଦ କନ୍ୟା ଗୁରୁକୁଳ ଘୁଚାପାଲିରେ ୧୭ତମ ବାର୍ଷିକୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ବାର୍ଷିକୋତ୍ସବରେ ନୂତନ ପ୍ରବିଷ୍ଟ କନ୍ୟାମାନଙ୍କର ବ୍ରତ ଉପନୟନ ଓ ବେଦାରମ୍ଭ ସଂସ୍କାର କରାଯାଇଥିଲା । ଏଥିସହ ନାରୀ ଉତ୍ଥାନ, ରାଷ୍ଟ୍ର ନିର୍ମାଣ, ବେଦ, ପରିବେଶ, ଶିକ୍ଷା ଏବଂ ସଂସ୍କୃତି ଆଦି ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଥିରେ ସାମବେଦ ପାରାୟଣ ମହାଯଜ୍ଞ ହୋଇଥିଲା । କନ୍ୟା ଗୁରୁକୁଳର ଛାତ୍ରୀ ମାନଙ୍କ ମଧ୍ୟରେ ଗୀତ, ନାଚ, ସଂଗୀତ, ବକ୍ତୃତା ଚିତ୍ରାଙ୍କନ, ପ୍ରତିଯୋଗିତା ସହ ବିଭିନ୍ନ ପ୍ରକାରର କୁସ୍ତି କରାଯାଇଥିଲା । କନ୍ୟା ଗୁରୁକୁଳ ପରିଚାଳନା କମିଟିର ସଭାପତି ବଡ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗ ଦେଇଥିଲେ । ଏଠାରେ ଅଧ୍ୟୟନ କରୁଥିବା ୯୦ ଜଣ କନ୍ୟାମାନଙ୍କ ସହ ସେ କିଛି ସମୟ ବିତାଇଥିଲେ । ଏହାସହ ଆଜିର ସମୟରେ ନିଜ ଝିଅକୁ କନ୍ୟା ଗୁରୁକୁଳକୁ ବେଦ, ଉପନିଷଦ ପଢ଼ିବା ପାଇଁ ପଠାଉଥିବା ଅଭିଭାବକ ମାନଙ୍କୁ ସେ ଧନ୍ୟବାଦ ଜଣାଇଥିଲେ । ସମ୍ମାନିତ ଅତିଥି ଭାବେ ସ୍ୱାମୀ ସୁରେଶ୍ୱରାନନ୍ଦଜୀ, ଚୈତନ୍ୟ ମୁନିଜୀ, ସୁରେଶ ମୁନିଜୀ, ସୁଦୂର ହଲାଣ୍ଡରୁ ଆସିଥିବା ଇନ୍ଦିରାବତିଜୀ, କନ୍ୟା ଗୁରୁକୁଳ ସଞ୍ଚାଳକ ଆଚାର୍ଯ୍ୟ ନରଦେବଜୀ ଯଜୁର୍ବେଦୀ, ଆଚାର୍ଯ୍ୟ ଡ. ସାରଦା ବିଦ୍ୟାଳଙ୍କାର, ପ୍ରମୁଖ ବିଦ୍ୱାନ ପଣ୍ଡିତ ପ୍ରମୁଖ ଯୋଗ ଦେଇଥିଲେ । ମଣିଷ କିପରି ଆଧୁନିକ ଯୁଗରେ ସୁଖରେ ବଞ୍ଚିବେ, ନିଜର କୁଟୁମ୍ବ କିପରି ଧର୍ମକୁ ଆଦରି ପରିଚାଳିତ ହେବେ, ଶିକ୍ଷିତ ହୋଇ କିପରି ରାଷ୍ଟ୍ର ନିର୍ମାଣ କରିବେ, ନାରୀଜାତି ଉଚ୍ଚଶିକ୍ଷିତା ହୋଇ ସମାଜର ମଙ୍ଗଳ କାମରେ ଆଗେଇ ଆସିବେ, ଛାତ୍ରଛାତ୍ରୀଙ୍କ ଶିକ୍ଷା ଇତ୍ୟାଦି ବିଷୟରେ ବିସ୍ତୃତ ଦିଗଦର୍ଶନ ଦେଇଥିଲେ । ସଭା ପରିଚାଳନା ଆଚାର୍ଯ୍ୟ ନରଦେବଜୀ କରିଥିଲେ । ସଭାର ଉଦ୍ଦେଶ୍ୟ ଜ୍ଞାପନ ଆଚାର୍ଯ୍ୟ ସାରଦାଜି କରିଥିବା ବେଳେ ଧନ୍ୟବାଦ ଅର୍ପଣ କନ୍ୟା ଗୁରୁକୁଳର ପ୍ରବନ୍ଧକ ଆଚାର୍ଯ୍ୟ ଅନନ୍ତ କରିଥିଲେ ।

## ବିଜୟ ଲକ୍ଷ୍ମୀ ଯୋଗ ଏକାଡେମୀ ଉଦ୍‌ଘାଟିତ

ବରଗଡ଼,୧୯।୧(ସମିସ): ବିଜୟ ଲକ୍ଷ୍ମୀ ଯୋଗ ଏକାଡେମୀ ବିଜୟ ଲକ୍ଷ୍ମୀ ସାହୁଙ୍କ ଦ୍ୱାରା ସ୍ଥାନୀୟ ମିଳନ ମଣ୍ଡପ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସର୍ଦ୍ଦାର ପ୍ରୀତମ ସିଂହ, ବିଜୟଲକ୍ଷ୍ମୀଙ୍କ ବାପା ମହାରଣା ବାବୁ, ସମ୍ମାନିତ ଅତିଥି ଭାବେ ମହିଳା ସମିତିର ସଭାପତି ତଥା ସମାଜସେବୀ ଅଞ୍ଜନା ଦାସ, ସମ୍ମାନିତ ଅତିଥି ବୈଜୟନ୍ତୀ ପଣ୍ଡା ଏବଂ ଅନ୍ୟତମ ଅତିଥି ସମାଜସେବୀ ସଙ୍ଘମିତ୍ରା ପଟେଲ ମଞ୍ଚାସୀନ ଥିଲେ । ରାଧାରାଣୀ ମିଶ୍ର ସଭା ପରିଚାଳନା କରିଥିଲେ । ଯୋଗାସନ ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ମନ ମଧ୍ୟ ସୁସ୍ଥ ରହେ । ଶରୀରକୁ ରୋଗମୁକ୍ତ କରିବା ପାଇଁ ସବୁଦିନ ଯୋଗାଭ୍ୟାସ କରିବା ଜରୁରୀ ବୋଲି ଅତିଥି ମାନେ ମତ ରଖିଥିଲେ । ଏହି ଯୋଗ କ୍ଲାସ ପ୍ରତିଦିନ ସକାଳ ୫.୩୦ରୁ ୭.୩୦ ଘଣ୍ଟା ପର୍ଯ୍ୟନ୍ତ ମିଳନ ମଣ୍ଡପରେ ଆସନ୍ତା ୨୨ ତାରିଖ ଠାରୁ ଆରମ୍ଭ ହେବ ବୋଲି ଯୋଗ ଶିକ୍ଷିକା ସାହୁ ସୂଚନା ଦେଇଛନ୍ତି ।

■ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ

## ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା



ବରଗଡ଼,୧୯।୧(ସମିସ): କଟକର ଶୈଳବାଳା ମହାବିଦ୍ୟାଳୟରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ରାଜ୍ୟସ୍ତରୀୟ ସାଂସ୍କୃତିକ ଓ ସାହିତ୍ୟିକ ସମାବେଶ ହୋଇଯାଇଛି । ଏଥିରେ ବରଗଡର ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୃତ୍ୟ ଶିକ୍ଷକ ପ୍ରକାଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ୮ ଜଣିଆ ଛାତ୍ରଛାତ୍ରୀ ଦଳ ଭାଗ ନେଇ ସଫଳତା ଅର୍ଜନ କରିଛନ୍ତି । ପ୍ରକାଶ ଥାଉକି, ସମଗ୍ର ଓଡ଼ିଶାରୁ ଆସିଥିବା ୨୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଳ ମଧ୍ୟରୁ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଳଗତ ଲୋକନୃତ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି । କ୍ରିଷ୍ଟା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଦାଶରଥି ମୁରଲୀ କ୍ରୀଷ୍ଟା, ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ୍ ଶିଶିର ପ୍ରସାଦ ରାଉଳ, ଅଧ୍ୟକ୍ଷ ଚିତରଞ୍ଜନ ପତି (ସିନିୟର୍ ସେକେଣ୍ଡାରୀ) ପ୍ରମୁଖ ଅନୁଷ୍ଠାନର ନୃତ୍ୟ ନିର୍ଦ୍ଦେଶକ ପ୍ରକାଶ ପଣ୍ଡା ଓ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ପଦ୍ମପୁର ପର୍ଶୁରାମ ବାହିନୀର ବୈଠକ



ପଦ୍ମପୁର,୧୯।୧(ସମିସ): ସ୍ଥାନୀୟ ବ୍ରାହ୍ମଣ ସମାଜ ସାଂସ୍କୃତିକ ଭବନଠାରେ ନୂତନଭାବ ଗଠିତ ହୋଇଥିବା ପର୍ଶୁରାମ ବାହିନୀର ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ପାର୍ଥସାରଥୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଆଗାମୀ ଦିନରେ ପର୍ଶୁରାମ ବାହିନୀକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ରକ୍ତଦାନ ଶିବିର, ବିଭିନ୍ନ ପ୍ରକାର ସଚେତନତା ମୂଳକ କାମ, ବିଦ୍ୟାଳୟମାନଙ୍କୁ ଯାଇ ଛାତ୍ରଛାତ୍ରୀଙ୍କୁ ଶୈକ୍ଷିକ ଉପକରଣ ବଣ୍ଟନ ଓ ଶୈକ୍ଷିକ ସହଯୋଗ ଇତ୍ୟାଦି ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିବା ପାଇଁ ସମସ୍ତ ସଭ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ । ବୈଠକକୁ ନିମନ୍ତ୍ରିତ ବ୍ରାହ୍ମଣ ସମାଜ ସଭାପତି ଜୟନାରାୟଣ ତ୍ରିପାଠୀ ବିଭିନ୍ନ ପ୍ରକାର ସଚେତନତାଧର୍ମୀ ତଥା ସଂସ୍କାରମୂଳକ କାମ କରି ଉଦାହରଣ ସୃଷ୍ଟି କରିବା ପାଇଁ ଉପଦେଶ ଦେଇଥିଲେ । ବ୍ରାହ୍ମଣ ସମାଜ ସମ୍ପାଦକ ସଦାନନ୍ଦ ପୁରୋହିତ ଆଗାମୀ ଫେବୃୟାରୀ ୨୨ରେ ସମାଜ ତରଫରୁ ହେବାକୁଥିବା ସାମୂହିକ ବ୍ରତୋପନୟନରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହାସହ ଯେକୌଣସି ବ୍ରାହ୍ମଣ ଯୁବକ ବ୍ରତ ହେବାକୁ ଇଚ୍ଛୁକ ଥିଲେ ୯୪୩୭୨୫୪୮୬୬ କିମ୍ବା ୯୭୭୭୫୨୬୧୯୫ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି । ପର୍ଶୁରାମ ବାହିନୀ ବ୍ରାହ୍ମଣ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ ଓ ପର୍ଶୁରାମ ବାହିନୀ ସୁଦୃଢ଼ ହେଲେ ବ୍ରାହ୍ମଣ ସମାଜ ସୁଦୃଢ଼ ହୋଇପାରିବ ବୋଲି ଚନ୍ଦ୍ରଶେଖର ପୁରୋହିତ କହିଥିଲେ । ବୈଠକରେ ପ୍ରଭୁଦତ୍ତ ପଣ୍ଡା, ଦୀପକ ତିୱାରି, ରାକେଶ ଦାଶ, ବିକାଶ ପଣ୍ଡା, ବିକାଶ ମିଶ୍ର, ଉମେଶ ନାୟକ, ଦୀପକ ଦାଶ, ଦିନେଶ ବେହେରା, ବିଶ୍ୱ ପଣ୍ଡା, ବିଶ୍ୱ ଦାଶ ପ୍ରଭୃତି ବହୁସଂଖ୍ୟାରେ ସଭ୍ୟ ଉପସ୍ଥିତ ଥିବା ବେଳେ ପର୍ଶୁରାମ ବାହିନୀ ସମ୍ପାଦକ ଆକାଶ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## 'ବୀର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି' ଚକ୍ଷୁ ପରୀକ୍ଷା ଶିବିର

ପଦ୍ମପୁର,୧୯।୧(ସମିସ): ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ରାଜବୋଡାସମ୍ବର ଆନୁକୂଲ୍ୟରେ ସ୍ଥାନୀୟ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସର୍ଗିବାହାଲ ଠାରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା, ଚକ୍ଷୁ ପରୀକ୍ଷା ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଚକ୍ଷୁ ଚିକିତ୍ସକ ବିଦ୍ୟାରାଣୀ ନନ୍ଦ, କିଶୋର ଚନ୍ଦ୍ର ପଧାନ ଏବଂ ସରୋଜ ସେଠ୍ ଯୋଗ ଦେଇଥିଲେ । ୧୬୮ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ତନ୍ମଧ୍ୟରୁ ୯୩ ଜଣଙ୍କୁ ଚଷମା ପ୍ରଦାନ ଓ ୩ ଜଣଙ୍କୁ ଜିଲ୍ଲା ଚିକିତ୍ସା କେନ୍ଦ୍ରକୁ ନିଦାନ ପାଇଁ ପ୍ରେରଣ କରିବାକୁ ସ୍ଥିରୀକୃତ କରାଗଲା । ଶିବିରକୁ ଭଗବାନ ତରିଆ ଓ ପ୍ରଭାତ ଚନ୍ଦ୍ର ସାହୁ ସଂଯୋଜନା କରିଥିବା ସହିତ ବ୍ଲକ୍‌ର ସମସ୍ତ ଶିକ୍ଷା ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗଣଙ୍କ ସହାୟତାରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା ।

## ଭେଡେନ ରାମଲୀଳା ଅର୍କେଷ୍ଟ୍ରା ବେଳେ ଗଣ୍ଡଗୋଳ

ଭେଡେନ,୧୯।୧(ସମିସ): ଭେଡେନ ରାମଲୀଳା ଅବସରରେ ପ୍ରବଳ ବିଶୃଙ୍ଖଳା ଦେଖାଦେଇଛି । ଉଦ୍‌ଯାପନୀ ସମାରୋହର ଗୋଟିଏ ଦିନ ପୂର୍ବରୁ ମାଡପିଟ ଧସ୍ତାଧସ୍ତି ହେବା ଫଳରେ ଦୁଇଜଣ ପୁଲିସ ଓ ୫ଜଣ ସାଧାରଣ ଜନତା ଆହତ ହେବା ସହିତ ଜଣେ ମହିଳା ଗୁରୁତର ହୋଇ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି । ଭେଡେନ ରାମଲୀଳା ଅବସରରେ ରବିବାର ରାତିରେ ଅନୁଷ୍ଠିତ ହୋଇଥିବା ଉମାକାନ୍ତ ବାରିକ ଆର୍କେଷ୍ଟ୍ରାରେ ପ୍ରାୟ ୧୦/୨୦ ହଜାର ଲୋକ ଉପସ୍ଥିତ ଥିଲେ । ଏହି ସମୟରେ କିଛି ଦର୍ଶକ ବିଶୃଙ୍ଖଳା ସୃଷ୍ଟି କରିବାରୁ ସ୍ଥିତି ଅଣାୟତ୍ତ ହୋଇଥିଲା ।

- ଦର୍ଶକ-ପୁଲିସ ମୁହାଁମୁହିଁ, ପୁଲିସର ମୃଦୁ ଲାଠିଚାଳନା
- ୬ ଆହତ, ଜଣେ ମହିଳା ଗୁରୁତର

ସୂଚନାନୁଯାୟୀ, ଆର୍କେଷ୍ଟ୍ରା ଚାଲୁଥିବା ସମୟରେ କିଛି ଦର୍ଶକ ବିଶୃଙ୍ଖଳିତ ଆଚରଣ କରିଥିଲେ ।। ଷ୍ଟେଜ ସମ୍ମୁଖରେ କିଛି ଦର୍ଶକ ଉଚ୍ଛୃଙ୍ଖଳ ନାଚ କରିବା ଆରମ୍ଭ କରିଥିଲେ । ଏହାଦ୍ୱାରା ଆଗରେ ବସିଥିବା ମହିଳା ଦର୍ଶକଙ୍କ ଅସୁବିଧା ହେବାରୁ ପୁଲିସ ସେମାନଙ୍କୁ ବାରଣ କରିଥିଲା । ଫଳରେ ଉକ୍ତ ଅସାମାଜିକ ବ୍ୟକ୍ତି ମାନେ ପୁଲିସଙ୍କୁ ପଥର, କାଚ ବୋତଲ ଆଦି ମାଡ କରିଥିଲେ । ଏଥିରେ ଦୁଇଜଣ ପୁଲିସ କର୍ମଚାରୀ ଆହତ ହେବା ସହ କିଛି ଦର୍ଶକ ମଧ୍ୟ ଆହତ ହୋଇଥିଲେ । ଫଳରେ ପୁଲିସ ଲୋକଙ୍କୁ ଘଉଡାଇବାକୁ ଯାଇ ମୃଦୁ ଲାଠି ଚାଳନା କରିବାରୁ କିଛି ଲୋକ ମଧ୍ୟ ଆହତ ହୋଇଥିଲେ । ଲାଠି ଚାଳନା ଫଳରେ ଲୋକଙ୍କ ମଧ୍ୟରେ ଧାଁଧପଡ ହେବା କାରଣରୁ ମଧ୍ୟ ଅନେକ ଲୋକ ଆହତ ହୋଇଥିଲେ । ଆହତଙ୍କ ମଧ୍ୟରୁ ୬ ଜଣଙ୍କ ଭେଡେନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ । ତେବେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆ ଯାଇଥିବା ଜଣାପଡ଼ିଛି । ଏହି ଘଟଣାରେ ଗୁରୁତର ହୋଇଥିବା ଗଠିଆପାଲି ଗାଁର ଜଣେ ବୟସ୍କା ଗହକି ସୁହୁଲାଙ୍କୁ ବୁର୍ଲା ରେଫର କରାଯାଇଛି । ଗୁରୁତର ବୃଦ୍ଧା ଜଣକ ପୁଲିସ ପିଟିବାରୁ ଏପରି ହୋଇଥିବା କହିଛନ୍ତି । ଭେଡେନ ଥାନା ଅଧିକାରୀ ଶଶୀଭୂଷଣ ମିଶ୍ର ଓ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ପୁଲିସର ମାଡ ଘଟଣାକୁ ଖଣ୍ଡନ କରିବା ସହ ଅସାମାଜିକ ଲୋକଙ୍କ ପଥର ମାଡରେ ସେ ଗୁରୁତର ହୋଇଥିବା କହିଛନ୍ତି ।

## ବୁଣାକାର ଓ ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା

ପୁନର୍ବାର ସଭାପତି ହେଲେ ହରିବୋଲ ଓ ସମ୍ପାଦକ ପ୍ରେମଲାଲ

ପଦ୍ମପୁର,୧୯।୧(ସମିସ): ପଦ୍ମପୁର ବ୍ଲକ୍ ଅଧୀନ ମହୁଲପାଲି ସମ୍ବଲପୁରୀ କପଡା ବଜାର ପରିସରରେ ମାଁ ସମଲେଇ ହସ୍ତତନ୍ତ ବୁଣାକାର ଓ ବେପାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଖପାଖ ଅଞ୍ଚଳ ତଥା ବିଭିନ୍ନ ଜିଲ୍ଲାର ବୁଣାକାର ଓ ବ୍ୟବସାୟୀ ମାନେ ଉପସ୍ଥିତ ଥିଲେ । ବୈଠକରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି । ସର୍ବସମ୍ମତି କ୍ରମେ ସଭାପତି ଭାବେ ପୁନର୍ବାର ହରିବୋଲ ମେହେର, ସମ୍ପାଦକ ଭାବେ ପ୍ରେମଲାଲ ମେହେର, କୋଷାଧ୍ୟକ ଭାବେ କୃଷ୍ଣ ମେହେରଙ୍କୁ ଚୟନ କରାଯାଇଛି ।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ

ବରଗଡ଼,୧୯।୧(ସମିସ):



ବରଗଡ଼ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ଅତିଥି ଭାବେ ଏଡିଏମ୍ ମହେନ୍ଦ୍ର ମହାପାତ୍ର, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ପଞ୍ଚ ସଖା ଶିକ୍ଷା ସେତୁ ଜିଲ୍ଲା ସହାୟକ ଅଧିକାରୀ ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧିରୋଜ୍ ପଟ୍ଟନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅରବିନ୍ଦ ଗୁପ୍ତାଙ୍କ ରଚିତ ପରିତୋଶ ବେହେରା, କୁମୁଦ ସାହୁ ଓ ଜୟନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏଡିଇଓ ଅମୃତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଉତ୍ସବରେ ଜିଲ୍ଲାର ୧୬ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ୬୨୪ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଦୋକାନ ଯାତ୍ରା, ଆକାଂକ୍ଷୀ ମେଳା, ଇନ୍‌ସ୍ପାୟରିଂ ଓଡ଼ିଶା -୨୦୨୬, ଆକାଂକ୍ଷୀ ଛାତ୍ର ପରିସର - ଦି ଟ୍ୟାଲେଣ୍ଟ ଗ୍ୟାଲେରୀର ୩ଟି ବିଭାଗରେ ୩୩୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ୨୩ ଜଣ ଅନୁଭବୀ ଶିକ୍ଷକ ବିଚାରକ ଭାବେ ପ୍ରକଳ୍ପ ଗୁଡିକୁ ମୂଲ୍ୟାଙ୍କନ କରିଥିଲେ । ପ୍ରତ୍ୟେକ ବିଭାଗରୁ ତିନି ତିନି ଜଣ କୃତୀ ପ୍ରତିଯୋଗୀ ଆସନ୍ତା ସପ୍ତାହରେ ହେବାକୁ ଥିବା ରାଜ୍ୟସ୍ତରୀୟ ପିଏମଶ୍ରୀ ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ବିଇଓ ଡ.ସୁରେନ୍ଦ୍ର ସାହୁ, ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକ, ବରପାଲି ବିଇଓ ମୁକୁନ୍ଦ ମାହାରା, ଝାରବନ୍ଧ ବିଇଓ ଶୁଭମ୍ ପତି, ଅତାବିରା ବିଇଓ ମିଶ୍ରାଣୀ କୁମ୍ଭାର, ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନା, ଜର୍ଜ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ରାଣା ପ୍ରତାପ ହାଇସ୍କୁଲ ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ସମେତ ସମସ୍ତ ପିଏମଶ୍ରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଶିକ୍ଷକ ଗୋପବନ୍ଧୁ ପୁରୋହିତ ଓ ଗୋବିନ୍ଦ ସେଟ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପିଏମଶ୍ରୀ ସିମେଣ୍ଟ ନଗର ଉଚ୍ଚ ବିଦ୍ୟାଳୟର ଦୁଲ୍‌ଦୁଲି, ଜର୍ଜ ଉଚ୍ଚ ବିଦ୍ୟାଳୟ ଓ ନୃତ୍ୟ ଶିଳ୍ପୀ ଶିବ ଶଙ୍କର ମେହେର ଓ ସାଥୀଙ୍କ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରିୟବ୍ରତ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## 'ସମ୍ବଲପୁରୀ ଧନୁଯାତ୍ରା'ର ଦ୍ୱିତୀୟ ଦିବସ

# ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମନେଲେ ଶ୍ରୀକୃଷ୍ଣ

**ସମ୍ବଲପୁର, ୧୯।୧ (ସମିସ)**

ଗଙ୍ଗାଧର ମୁକ୍ତ ମଞ୍ଚରେ ସୋମବାର 'ସମ୍ବଲପୁରୀ ଧନୁଯାତ୍ରା'ର ଦ୍ୱିତୀୟ ଦିବସରେ କୃଷ୍ଣ ଜନ୍ମୋତ୍ସବ ଅଭିନୀତ ହୋଇଯାଇଛି।





ମହାପ୍ରତାପୀ ମହାରାଜ କଂସ ନଗର ଭ୍ରମଣ କରି ଫେରିବା ପରେ ସନ୍ଧ୍ୟାରେ ରାଜ ଦରବାର ବସିଥିଲା। ରଙ୍ଗସଭାରେ ଗୀତ ସଙ୍ଗୀତ ସହ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ବସୁଦେବ ଦେବକୀଙ୍କ ବିବାହ ଉତ୍ସବ ଆଡ଼ମ୍ବର ସହକାରେ ହୋଇଥିଲା। ଏହାପରେ କଂସକୁ ଶୂନ୍ୟବାଣୀ ହେଲା ଯେ, ଦେବକୀର ଅଷ୍ଟମ ଗର୍ଭର ସନ୍ତାନ ତାର ମୃତ୍ୟୁର କାରଣ ହେବ। ମହାପ୍ରତାପୀ କଂସ ଦେବକୀଙ୍କ ପ୍ରତିଟି ସନ୍ତାନକୁ ମାରିଲା। ଦେବକୀଙ୍କ ଅଷ୍ଟମ ଗର୍ଭରେ ଜନ୍ମନେଲେ ଶ୍ରୀକୃଷ୍ଣ। ତାଙ୍କୁ ଗୋପପୁରକୁ ପ୍ରେରଣ କରାଯାଇଥିଲା। ଗୋପପୁରରେ ଆନନ୍ଦ ଉଲ୍ଲାସ ପ୍ରକାଶ ପାଇଥିଲା। ଯୋଗମାୟା ପକ୍ଷରୁ ମୃତ୍ୟୁ ଚେତାବନୀ ପରେ ମହାରାଜ କଂସ ଗୋପପୁରକୁ ପୁତନାକୁ ପଠାଇଲା ଶ୍ରୀକୃଷ୍ଣକୁ ମାରିବା ପାଇଁ। ସମ୍ବଲପୁରୀ ଭାଷାରେ ସମସ୍ତ କଳାକାର ତାଙ୍କ ସଂଳାପ କହୁଥିବାବେଳେ ଏହି ଅଭିନୟ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ଭିଡ଼ ହୋଇଥିଲା।

ଆଜି ଦ୍ୱିତୀୟ ଦିନରେ କଂସ ମହାରାଜ ସୁସଜ୍ଜିତ ରଥରେ ବସି ଅଇଁଠାପାଲି ଛକରୁ ନଗର ପରିକ୍ରମା ଆରମ୍ଭ କରି ମ୍ୟୁନିସିପାଲିଟି ଛକସ୍ଥିତ ଦରବାରରେ ପହଞ୍ଚିଥିଲେ। ଇଂ ଅନମୋଲ ଦାସ, ଲଳିତ ମୋହନ ବେବର୍ତ୍ତା, ସ୍ୱର୍ଣ୍ଣଜିତ ପଟ୍ଟନାୟକ ପ୍ରମୁଖ ନଗର ପରିକ୍ରମା ପରିଚାଳନା କରିଥିଲେ। ସନ୍ଧ୍ୟାରେ କଂସ ଦରବାରରେ ଆଜି ଅତିଥି ଭାବେ ଯୋଗ ଦେଇଥିଲେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭ୍ୟ ପ୍ରଫୁଲ୍ଲ ହୋତା। ସମ୍ବଲପୁରୀ ଧନୁଯାତ୍ରା କମିଟି ସଭାପତି ସଞ୍ଜୟ ବାବୁ, କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା, ସମ୍ପାଦକ ଗୁଣରଞ୍ଜନ ସାଲିମା, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ, ସାଂସ୍କୃତିକ ସହସମ୍ପାଦକ ଯୋଗେଶ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ସମ୍ବଲପୁରୀ ଧନୁଯାତ୍ରାର ନିର୍ଦ୍ଦେଶକ ବବଲୁ ବାଗଙ୍କୁ ପ୍ରଶାନ୍ତ ମହାରଣା ସହଯୋଗ କରୁଛନ୍ତି। କଂସ ଚରିତ୍ରରେ ଫଣିନ୍ଦ୍ର ପଣ୍ଡା ଅଭିନୟ କରୁଥିବାବେଳେ ବସୁଦେବ ରାହୁଲ ଗୁପ୍ତା, ଦେବକୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ଯୋଗମାୟା ଶ୍ୱେତା ପଣ୍ଡା, ନାରଦ ସନ୍ତୋଷ ରାୟଗୁରୁ, ବିଷ୍ଣୁଙ୍କ ଲୋକନାଥ ପୂଜାରୀ, ସେନାପତି ହିମାଂଶୁ ଶେଖର ସାହୁ, ମହାମନ୍ତ୍ରୀ ଚୈତନ୍ୟ ନାୟକ, ଉଗ୍ରେସନ ଘୁନୁ ଚରଣ ପାଢ଼ୀ ପ୍ରମୁଖ ସେମାନଙ୍କ କଳା ପ୍ରଦର୍ଶନ ଜନସାଧାରଣଙ୍କୁ ଅଭିଭୂତ କରିଥିଲେ।

# ପୃଥକ ଦୁର୍ଘଟଣାରେ ୭ ଆହତ, ଦୁଇ ବୁର୍ଲା ସ୍ଥାନାନ୍ତର







**କୁଚିଣ୍ଡା, ୧୯ ।୧(ସମିସ):** ସୋମବାର ସନ୍ଧ୍ୟାରେ କୁଚିଣ୍ଡା ବାନ୍ଧୁବାସ ଛକ ପାଖରେ ଏକ କାର୍ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେବାରୁ କାର୍‌ରେ ଥିବା କେଶେଇବାହାଲ ଗ୍ରାମର ଆଶିଷ ନାଏକ (୮), ବିନୁ ନାଏକ (୩୦), ଡ଼ଙ୍ଗା ଜୋର ଅଞ୍ଚଳର ସୁନୀଲ ଖିଲେଇ, ତାଲମୁଣ୍ଡା ଦେବେନ ଅଧିକ ଗୁରୁତର ହୋଇ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ତାଙ୍କ ମଧ୍ୟରୁ ଦେବେନର ଅବସ୍ଥା ଅଧିକ ଗୁରୁତର ଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟ ଏକ ବାଇକ୍ ଦୁର୍ଘଟଣାରେ ବାଇକ୍‌ରେ ଥିବା ଦୁଇ ଜଣ ଯୁବକଙ୍କୁ ଗୁରୁତର ଅବସ୍ଥାରେ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ସେମାନେ ହେଲେ କେଶେଇବାହାଲ ନିକଟସ୍ଥ ନନ୍ଦ ମୁଣ୍ଡା ଗ୍ରାମର ବୁଲୁ ଲୁହା (୨୨)ଓ ରାମ ଚନ୍ଦ୍ର ଲୁହା (୨୮। ବୁଲୁର ମୁହଁ ରେ ଅଧିକ ମାଡ଼ ହୋଇଥିବାରୁ ଦାନ୍ତ ଭାଙ୍ଗି ଗଭୀର କ୍ଷତ ହୋଇଥିବାରୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅନ୍ୟ ସମସ୍ତ କୁଚିଣ୍ଡା ଡାକ୍ତରଖାନା ରେ ବର୍ତ୍ତମାନ ଚିକିତ୍ସାଧିନ ଅବସ୍ଥାରେ ଅଛନ୍ତି।

# ବୁଢ଼ାରଜା ହାଇସ୍କୁଲରେ ଗଣିତ ପ୍ରୟୋଗଶାଳା ସ୍ଥାପନ

**ସମ୍ବଲପୁର, ୧୯।୧ (ସମିସ):** ସାଧାରଣତଃ ଛାତ୍ରଛାତ୍ରୀମାନେ ଗଣିତକୁ ଏକ କ୍ଲିଷ୍ଟ ବିଷୟ ବୋଲି ଭାବି ଭୟ କରିଥାନ୍ତି। ସହଜ ଓ ଚିତ୍ତାକର୍ଷକ ପ୍ରୟୋଗାତ୍ମକ ଶିକ୍ଷଣ ପ୍ରକ୍ରିୟା ଦ୍ୱାରା ଏହି ଭୟକୁ ଦୂରକରି ବିଷୟ ପ୍ରତି ଛାତ୍ରଛାତ୍ରୀଙ୍କର ଆଗ୍ରହ ବୃଦ୍ଧି କରାଯାଇପାରେ। ଗଣିତ ଶିକ୍ଷାକୁ ଅଧିକ ରୋଚକ, ପ୍ରୟୋଗାତ୍ମକ ଓ ଅର୍ଥପୂର୍ଣ୍ଣ କରିବା ନିମିତ୍ତ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଗଣିତ ପ୍ରୟୋଗଶାଳା ସ୍ଥାପନ କରାଯାଇଛି। ପ୍ରଧାନ ଶିକ୍ଷକ ସୁମିତା ପତ୍ରୀଙ୍କ ପ୍ରଚେଷ୍ଟା ବଳରେ ଏପରି ଏକ ଅନନ୍ୟ ପ୍ରୟୋଗଶାଳାର ପ୍ରତିଷ୍ଠା ସମ୍ଭବ ହୋଇପାରିଛି। ସମ୍ବଲପୁରର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହି ପ୍ରୟୋଗଶାଳାର ପ୍ରତିଷ୍ଠାକୁ ଅନୁମୋଦନ କରିଥିଲେ। ପୂର୍ବତନ କୁଳପତି ତଥା ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସମ୍ବଲପୁର ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଏବଂ ଧନକଉଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କରନ ଶର୍ମାଙ୍କ ଉପସ୍ଥିତିରେ ଏହି ପ୍ରୟୋଗଶାଳାର ଉଦ୍‌ଘାଟନ ହୋଇଥିଲା। ବିଦ୍ୟାଳୟର ପୃଷ୍ଠପୋଷକ ତଥା ସମ୍ବଲପୁରର ପୂର୍ବତନ ଆର୍‌ଡିସି ଡି.ଭି. ସ୍ୱାମୀ ତାଙ୍କର ଏକ ସୁନ୍ଦର ବାର୍ତ୍ତା ମାଧ୍ୟମରେ ଏହି ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ବିଦ୍ୟାଳୟର ଗଣିତ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ, ଶିକ୍ଷକ ତନୟ ପ୍ରଧାନ ଏବଂ ମଦନମୋହନ ମାଝୀ ତଥା ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ ଏବଂ ଅଭିଭାବକମାନେ ଏହି ପଦକ୍ଷେପକୁ ସ୍ୱାଗତ କରିବାସହ ଏହାର ବ୍ୟବହାର ଦ୍ୱାରା ଗଣିତ ଶିକ୍ଷଣ ପ୍ରକ୍ରିୟା ଛାତ୍ରଛାତ୍ରୀମାନଙ୍କ ପାଇଁ ଅଧିକ ସରଳ ଓ ବୋଧଗମ୍ୟ ହେବ ବୋଲି ମତବ୍ୟକ୍ତ କରିଛନ୍ତି।



# କାୟାକଳ୍ପ ଟିମ୍‌ର କୁଚିଣ୍ଡା ଡାକ୍ତରଖାନା ପରିଦର୍ଶନ



**କୁଚିଣ୍ଡା, ୧୯ ।୧ (ସମିସ):** କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାକୁ ବୁଧବାର ରାଜ୍ୟ କାୟାକଳ୍ପ ଟିମ୍ ପହଞ୍ଚି ଡାକ୍ତରଖାନାର ସଫା ସୁତରା, ରୋଗୀ ସେବା, ରୋଗୀମାନଙ୍କୁ ଡାକ୍ତର ଓ ନର୍ସମାନଙ୍କ ବ୍ୟବହାର, ବିଭିନ୍ନ କାର୍ଯ୍ୟର ସମୀକ୍ଷା ସହ ସମସ୍ତ କାଗଜ ପତ୍ର ଯାଞ୍ଚ ଏବଂ କିପରି ରୋଗୀମାନେ ଡାକ୍ତର ନର୍ସ ମାନଙ୍କଠାରୁ ଉତ୍ତମ ବ୍ୟବହାର ପାଇ ପାରି, ଏବଂ ଡାକ୍ତରଖାନାରେ ଯେତିକି ଡାକ୍ତର, ନର୍ସ, କର୍ମଚାରୀ ଦରକାର ଅଛନ୍ତି ନା ନାହିଁ, ଯଦି ଅଛନ୍ତି ତେବେ ସେମାନେ ଠିକ ଭାବରେ ନିଜନିଜ ଦାୟିତ୍ୱ ଠିକ ଭାବରେ ସମ୍ପାଦନା କରି ପାରୁଛନ୍ତି ନା ନାହିଁ ଆଦି ପଚାରି ବୁଝି ଥିଲେ। ଏମାନଙ୍କୁ ପୂର୍ଣ୍ଣ ସହଯୋଗ କରି ଏସଡ଼ିଏମଓ ଡ.ସୁବୋଧ ନାୟକ, ଏବଂ ଡାକ୍ତରଖାନା ମ୍ୟାନେଜର ଦୀପକ ନନ୍ଦ ପ୍ରମୁଖ ରାଜ୍ୟ ସ୍ତରରୁ ଆସିଥିବା କାୟାକଳ୍ପ ଟିମ୍‌ର ଜେଡି ଏସଡିଏମ୍‌ରୁ ଡ. ଶୁଭେନ୍ଦୁ କୁମାର ନାୟକ ଟ୍ରେନିଂକନ୍‌ସଲଟିଙ୍ଗ ଆୟୁଷ ଡା.ଅସିତ କୁମାର ମହାନ୍ତିଙ୍କୁ ସମସ୍ତ ୱାର୍ଡ୍, କାର୍ଯ୍ୟାଳୟ, ଆଶୁ ଚିକିତ୍ସାଳୟ, ବର୍ହି ବିଭାଗ, ଅନ୍ତ ବିଭାଗ, ଡାକ୍ତରଖାନା ପରିସର ଆଦି ବୁଲି ଦେଖିଥିଲେ। ସମସ୍ତ ଜିନିଷ ବୁଲି ଦେଖିବା ପରେ ସନ୍ତୋଷ ବ୍ୟକ୍ତ କରିଥିଲେ ଏହି ଅବସର ରେ କୁଚିଣ୍ଡା ଡାକ୍ତରଖାନା ର ଡ଼ା.ସୁଶାନ୍ତ ମିଶ୍ର, ଡ଼ା. ସିଦ୍ଧାର୍ଥ ମିଶ୍ର, ଡ଼ା.ସୁଦୀପ୍ତ ନାଏକ, ଡ଼ା.ଅନିତା ଓରାମ, ଡ଼.ଚିତ୍ତରଞ୍ଜନ ଦାସଙ୍କ ସହ ନର୍ସ, ସମସ୍ତ କର୍ମଚାରୀ କିଶୋର ସାହୁ, ଶାନ୍ତନୁ ଦେଓ, ଶରତ ସାହୁଙ୍କ ସହ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବିଜେଡିର ବ୍ଲକ୍‌ସ୍ତରୀୟ ସାଂଗଠନିକ ସମୀକ୍ଷା ବୈଠକ

**କୁଚିଣ୍ଡା, ୧୯ ।୧(ସମିସ):** କୁଚିଣ୍ଡା ପୂର୍ତ୍ତ ବିଭାଗ ବଙ୍ଗଳାରେ ରବିବାର ବିଜେଡି ବ୍ଲକସ୍ତରୀୟ ସାଙ୍ଗଠନିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ରୋହିତ ପୂଝାରୀଙ୍କୁ ସମ୍ବଦ୍ଧନା ଜ୍ଞାପନ କରାଯାଇଛି।ସମୀକ୍ଷା ବୈଠକ ରେ ରାଜ୍ୟରେ ଚାଲିଥିବା ଚାଷୀ ପ୍ରତି ଅନ୍ୟାୟ ଧାନ ବିକ୍ରି କରିବା ପାଇଁ ଟୋକନ୍ ସମସ୍ୟା, ଧାନର ଧାନର ଉପଯୁକ୍ତ ମୂଲ୍ୟ ଓ ଅଭାବୀ ବିକ୍ରି ସହିତ ରାଜ୍ୟ ସରକାର କରିଥିବା ନିୟମ ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ବଡ ପରିମାଣରେ ଦଣ୍ଡ ଗଣିବାକୁ ନେଇ ବିରୋଧ କରିଥିଲେ। ଏହା ବିରୋଧରେ ଆଗାମୀ ଦିନରେ ବିଜେଡି ଆନ୍ଦୋଳନ କରିବ ବୋଲି ଶ୍ରୀ ପୂଜାରୀ ବୈଠକରେ କହିଥିଲେ। ବୈଠକରେ ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ରାଜେନ୍ଦ୍ର ଛାତ୍ରିଆ, ଗଣେଶରାମ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ କ୍ରିଷ୍ଣା ଟପ୍ପା, ଅଜିତ ମହାପାତ୍ର, ଶରଣ ନାୟକ, ମନୋରଞ୍ଜନ ଭୋଇ, ସୁଶୀଲ ନାଏକ, ପ୍ରଶାନ୍ତ ସାହୁ, ବିକାଶ ପୃଷେଠ, ଶିବ ସାହୁ, ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳ କେମିତି ଭଲ କରିବ ସେନେଇ ଆଲୋଚନା ମଧ୍ୟ ହୋଇଥିଲା।



# ପାର୍ବତୀ ଗିରି ଜନ୍ମଶତବାର୍ଷିକୀ ଉତ୍ସବ

**ସମ୍ବଲପୁର, ୧୯।୧ (ସମିସ) :** ରେଢ଼ାଖୋଲ ବିଧାୟକ ତଥା ପାର୍ବତୀ ଗିରି ଜନ୍ମଶତବାର୍ଷିକୀ କମିଟି ସଭାପତି ପ୍ରସନ୍ନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ମୁଖ୍ୟଅତିଥି, ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଦୀପ ହୋତା ମୁଖ୍ୟବକ୍ତା, ହୀରାକୁଦ ହିଣ୍ଡାଲକୋ ଲିମିଟେଡର ପୂର୍ବତନ ସଭାପତି ସୁଶାନ୍ତ ଗୁରୁ ଓ ବ୍ଲକ ଅଧ୍ୟକ୍ଷା ମମତା ନାଏକ ସମ୍ମାନିତ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକା ଓ ବଡ଼ମା ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେହିପରି ଉତ୍ସର୍ଗ, ପରିଚୟ ଅନୁଷ୍ଠାନ ତଥା ଚିତ୍ରଶିଳ୍ପୀ ବନ୍ଦନା ପଣ୍ଡା, ସତ୍ୟ ନାରାୟଣ ମେଣ୍ଡଲୀ, ବିପିନ ବିହାରୀ ପଣ୍ଡା, ପ୍ରମିଳା ବେହେରା, 'ସମ୍ବଲ'ର ରାମଦାସ ପଣ୍ଡା, ଲିଟୁ ମହାନ୍ତି, ଗାୟତ୍ରୀ ସନ୍ତୋଷ ଚାରିଟେବୁଲ ଟ୍ରଷ୍ଟର ଡ. ସନ୍ତୋଷ ଦାଶ ଓ ଗାୟତ୍ରୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରଥମେ କଲେଜ ପରିସରରେ ଥିବା ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପାର୍ବତୀ ବିହାରରେ ଥିବା ତାଙ୍କ ଚିତାଭସ୍ମରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପ୍ରାରମ୍ଭରେ ଆଶ୍ରମ ଅନ୍ତେବାସୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷିତ ହୋଇଥିଲା। ଅଧ୍ୟାପକ ଡ. ଗୋବିନ୍ଦ ମହାରଣା ଅତିଥି ପରିଚୟ ଦେଇଥିଲେ। କମିଟି ସମ୍ପାଦକ କୁଳଧର ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ଭୋଇ ଧନ୍ୟବାଦ ଦେଇଥିଲେ। ପରେ 'ମୁଇଁ ପାର୍ବତୀ ଗିରି କହୁଛେ' ଏକକ ଅଭିନୟ ଅଧ୍ୟାପକ ତୁଷାର ବାରିକଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପାର୍ବତୀ ଗିରି ଜନ୍ମ ଜୟନ୍ତୀ କମିଟିର କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ପଣ୍ଡା, ଉପସଭାପତି ସୁରେଶ୍ୱର ପ୍ରଧାନ, ସହସମ୍ପାଦକ ଅରୁଣ ଦେହୁରୀ ଓ ଆଦିତ୍ୟ ରହନା, ସଂଯୋଜକ ପ୍ରଫୁଲ୍ଲ ପଣ୍ଡାଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ସାଧାରଣତନ୍ତ୍ର ଦିବସ ପାଇଁ କୁଇଜ୍ ପ୍ରତିଯୋଗିତା

**ସମ୍ବଲପୁର, ୧୯।୧ (ସମିସ) :** ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଓଡ଼ିଶା ସାଂସ୍କୃତିକ ସମାଜ ପରିଚାଳନାରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣତନ୍ତ୍ର ଦିବସ ଅବସରରେ ସ୍କୁଲ ତଥା କଲେଜ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ, ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓ ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣେଇ ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀ ମାନଙ୍କ ସ୍ମୃତିଚାରଣ ସହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଶ୍ରୀକାନ୍ତ ଷଡ଼ଙ୍ଗୀ କୁଇଜ୍ ପରିଚାଳନା କରିଥିବାବେଳେ ଅଶୋକ ମିଶ୍ର, ଶ୍ୟାମ ସୁନ୍ଦର ଅଗ୍ରୱାଲ, କବିତା ପୁରୋହିତ ଓ ଶୁଭମ୍ ଷଡ଼ଙ୍ଗୀ ସହଯୋଗ କରିଥିଲେ। ପ୍ରତିଯୋଗିତାର ସ୍କୁଲସ୍ତରରେ ସେଣ୍ଟ ଜୋସେଫ କନଭେଣ୍ଟ ସ୍କୁଲର ଆର୍ଯ୍ୟମେସ ପାଣିଗ୍ରାହୀ ଓ ସମ୍ଭବ ସମ୍ବିତ ନନ୍ଦ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଧନକଉଡ଼ାର ରୋଶନ୍ କୁମାର ଜୟସ୍ୱାଲ ଓ ମାମୁର୍ ଅଲି ଖାଁ ଦ୍ୱିତୀୟ ଏବଂ ଫ୍ୟୁଚର ଇଣ୍ଟେଗ୍ରାଲ ଏଜୁକେଶନ ସେଣ୍ଟର୍‌ର ସବିକ ହୁସେନ ଓ ରାହୁଲ ପୁଟେଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କଲେଜସ୍ତରରେ ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଅର୍ପିତା ମିଶ୍ର ପ୍ରଥମ, ଗଙ୍ଗାଧର ମେହେର ହାୟର୍ ସେକେଣ୍ଡାରୀ ସ୍କୁଲର ନିଖିଲ କୁମାର ପୂଜାରୀ ଓ ରଣବୀର ପାଇକରାୟ ଏବଂ ହୀରାକୁଦ ଡିଗ୍ରୀ କଲେଜର ସୁମେନ୍ଦ୍ର ତାଣ୍ଡି ଓ ଅଭିଷେକ ସିଂ ଯୁଗ୍ମ ଦ୍ୱିତୀୟ ଏବଂ ସମ୍ବଲପୁର ବିଶ୍ୱବଦ୍ୟାଳୟର ମାନସ ରଞ୍ଜନ ମିଶ୍ର ଓ ମାଧବେନ୍ଦ୍ରପୁରି ପଣ୍ଡା ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ସୌମ୍ୟ ସୌଭାଗ୍ୟ ବଳ ଓ ଆକାଶ ମହାନ୍ତି ଯୁଗ୍ମ ତୃତୀୟ ହୋଇଛନ୍ତି। କୃତି ପ୍ରତିଯୋଗୀ ମାନଙ୍କୁ ଗଣତନ୍ତ୍ର ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ।



# ଜାତୀୟ କନ୍ୟା ଶିଶୁ ସପ୍ତାହ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୯।୧ (ସମିସ) :** ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଜାତୀୟ କନ୍ୟା ଶିଶୁ ସପ୍ତାହ ୨୦୨୬ ଉପଲକ୍ଷେ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହାସହ ପ୍ରମୁଖ ସାର୍ବଜନିକ ସ୍ଥାନ ଗୁଡ଼ିକରେ ସଚେତନତା ବ୍ୟାନର ପ୍ରଦର୍ଶନ କରାଯାଉଛି। ମୁଖ୍ୟ କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରେ କନ୍ୟା ଶିଶୁର ମୂଲ୍ୟବୋଧ ଓ ପିସିଆଣ୍ଡପିଏନ୍‌ଡିଟି ଆଇନ ଉପରେ ସଚେତନତା ସଭା, ଏଏନ୍‌ଏମ୍ ଛାତ୍ରୀମାନଙ୍କ ଦ୍ୱାରା ରାଲି, କନ୍ୟା ଶିଶୁ ସୁରକ୍ଷା ପାଇଁ ଶପଥ ଗ୍ରହଣ ଏବଂ ପୋଷ୍ଟର ଓ ଲିଫଲେଟ ବଣ୍ଟନ ସାମିଲ ରହିଛି। ଏହି କାର୍ଯ୍ୟକ୍ରମରେ ଏଡିପିଏଚ୍‌ଓ (ପରିବାର କଲ୍ୟାଣ), ଏନ୍‌ଏଚ୍‌ଏମ୍ ଡିପିଏମ୍, ଡିଏଚ୍‌ଏଚ୍, ସମ୍ବଲପୁରର ଅଧୀକ୍ଷକ ଓ ଏଏନ୍‌ଏମ୍‌ଟିସି ମୁଖ୍ୟ ଉପସ୍ଥିତ ଥିଲେ। ଏହି ଅଭିଯାନକୁ ସହାୟକ ପ୍ରବନ୍ଧକ ବୁଦ୍ଧ ରଞ୍ଜନ ଭୋଇ ପରିଚାଳନା କରିଥିଲେ। ପରବର୍ତ୍ତୀ ଦିନ ମାନଙ୍କରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଡିବେଟ୍ ଓ କୁଇଜ ପ୍ରତିଯୋଗିତା, ଲିଙ୍ଗାନୁପାତ ସୁଧାର ପାଇଁ ୩ଟି ବ୍ଲକକୁ ଜିଲ୍ଲାସ୍ତରରେ ସମ୍ମାନିତ କରିବା, ଲେଡିଲୁଇସ୍ ଗାର୍ଲ୍ସ ହାଇସ୍କୁଲ୍ ଛାତ୍ରୀମାନଙ୍କ ଦ୍ୱାରା ରାଲି କରାଯିବାସହ ଗଣତନ୍ତ୍ର ଦିବସ ପ୍ୟାରେଡ୍ ମଇଦାନରେ ଏବଂ ମହାନଗର ନିଗମ ଅଞ୍ଚଳରେ ଭ୍ୟାନ ବୁଲି ସଚେତନତା ସୃଷ୍ଟି କରିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

# ବସ୍‌ସେବାକୁ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସ୍ୱାଗତ

**ସମ୍ବଲପୁର, ୧୯।୧ (ସମିସ) :** ଓଡ଼ିଶାରେ ଜନ ସାଧାରଣଙ୍କ ହିତ ପାଇଁ ଗ୍ରାମ ପଞ୍ଚାୟତ ଠାରୁ ଜିଲ୍ଲା ସଦର ମହକୁମା ପର୍ଯ୍ୟନ୍ତ ସରକାରୀ ବସ ସେବା ଯୋଗାଇ ଦେବା ନିମନ୍ତେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଦାବି କରି ଆସୁଥିଲା। ନିକଟରେ ଓଡ଼ିଶା ସରକାରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ବସ୍ ସେବା ନାମରେ କରାଯାଇଥିବା ଯୋଜନା ସେହି ଲକ୍ଷ୍ୟକୁ ପରିପୁରଣ କରିବ ବୋଲି ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ, ଓଡ଼ିଶା ପଶ୍ଚିମ ପ୍ରାନ୍ତ ସମ୍ପାଦକ ନଳିନୀକାନ୍ତ ମହାନ୍ତି ଆଶାପ୍ରକାଶ କରିଛନ୍ତି। ପ୍ରେସ ବିଜ୍ଞପ୍ତି ଜରିଆରେ ସେ ଜଣାଇଛନ୍ତି ଯେ, ଏହି ସେବାକୁ ବେସରକାରୀ ବସ ମାଲିକ ସଂଘ ବିରୋଧ କରିବା ଫଳରେ ଜନମାନସରେ ଏକ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି ଏବଂ ଯୋଜନାର କାର୍ଯ୍ୟକାରିତା ନେଇ ଅନିଶ୍ଚିତତା ଦେଖାଦେଇଛି। ଓଡ଼ିଶାରେ ସର୍ବସାଧାରଣ ଗମନାଗମନ ବ୍ୟବସ୍ଥାରେ ଆଜି ପର୍ଯ୍ୟନ୍ତ ବେସରକାରୀ ବସ୍ ମାନଙ୍କ ବିଶେଷ ଭୂମିକା ରହିଆସିଛି। ହେଲେ ସେମାନଙ୍କ ମନମୁଖୀ ନୀତି ଅବଲମ୍ବନ ଅନେକ ସମୟରେ ଲୋକଙ୍କୁ ଅଡୁଆରେ ପକାଇଥାଏ। ଏପରିକି ଅନେକ କ୍ଷେତ୍ରରେ ସେମାନେ ସରକାରଙ୍କ ନିର୍ଦ୍ଧାରିତ ବସ୍ ଭଡ଼ାଠାରୁ ଅଧିକ ପଇସା ନେଇଥାନ୍ତି ଓ ଟିକେଟ ମଧ୍ୟ ଦିଅନ୍ତି ନାହିଁ। ପୁଣି, ଯାତ୍ରୀ ମାନଙ୍କ ଆବଶ୍ୟକତା ମୁତାବକ ସୁବିଧା ପ୍ରଦାନ ମଧ୍ୟ କରନ୍ତି ନାହିଁ। ଓଡ଼ିଶାରେ ଅନେକ ଗୁଡ଼ିଏ ବେସରକାରୀ ବସ ଚଳାଚଳ କରୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅନେକ ଅଞ୍ଚଳ ଯୋଗାଯୋଗ ବିଚ୍ଛିନ୍ନ ହୋଇରହିଛି।

ଗତ ସରକାର ସମୟରେ ଆରମ୍ଭ କରାଯାଇଥିବା ଲକ୍ଷ୍ମୀ ବସ ସେବାକୁ ମଧ୍ୟ ଅନୁରୂପ ଭାବେ ବେସରକାରୀ ବସ ମାଲିକ ସଂଘ ବିରୋଧ କରିଥିଲେ। ହେଲେ ସରକାର ଲୋକଙ୍କ ହିତ ପାଇଁ ସେବା ଜାରି ରଖିଥିଲେ। ଯାହା ଗ୍ରାମ ପଞ୍ଚାୟତ ଠାରୁ ପଞ୍ଚାୟତ ସମିତି (ବ୍ଲକ) କେନ୍ଦ୍ର ମଧ୍ୟରେ ସଂଯୋଗ ସ୍ଥାପନ କରିଥିଲା। ବର୍ତ୍ତମାନ ସରକାର ଏହି ସେବାକୁ ଜିଲ୍ଲା କେନ୍ଦ୍ର ପର୍ଯ୍ୟନ୍ତ ସମ୍ପ୍ରସାରଣ ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ବସ ସେବା ଆରମ୍ଭ କରିଥିବା ଜଣାଯାଇଛି। ଯାହା ଅନେକାଂଶରେ ଜନସାଧାରଣଙ୍କ ଆବଶ୍ୟକତାକୁ ପୂରଣ କରି ପାରିବ। ତେଣୁ, ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ, ଓଡ଼ିଶା ପଶ୍ଚିମ ପ୍ରାନ୍ତ ଗ୍ରାହକ ମାନଙ୍କ ବୃହତ୍ତର ହିତ ଅର୍ଥେ ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରୁଛି। ପଶ୍ଚିମ ପ୍ରାନ୍ତ ସମ୍ପାଦକ ଶ୍ରୀ ମହାନ୍ତି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ଗମନାଗମନ ଯାତ୍ରୀମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ଯେଉଁ ନିଷ୍ପତି ନେଇଛନ୍ତି ତାହା ସ୍ୱାଗତ ଯୋଗ୍ୟ। ବେସରକାରୀ ବସ ମାଲିକ ସଂଘ ଯେଉଁ ନିଷ୍ପତି ତାହାର ବିରୋଧରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବିରୋଧ କରୁଛି।

# ସମାଜସେବୀଙ୍କ ପରଲୋକ

**ସମ୍ବଲପୁର, ୧୯।୧ (ସମିସ) :** ବୁର୍ଲାର ସମାଜସେବୀ ବିଜୟ କୁମାର ପଟ୍ଟନାୟକଙ୍କର ତାଙ୍କ ମଝିପାଲିସ୍ଥିତ ବାସଭବନରେ ଆଜି ସକାଳେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ଜଣେ ସମାଜସେବୀ, ବୁର୍ଲା ବିଦ୍ୟୁତ ବିଭାଗ ହୀରା ଜିଟିଡି ୟୁନିଅନର ଜଣେ ପୂର୍ବତନ ସକ୍ରିୟ କର୍ମକର୍ତ୍ତା ତଥା ବୁର୍ଲା ଜଗନ୍ନାଥ ମନ୍ଦିର କମିଟିର ପୂର୍ବତନ ସମ୍ପାଦକ ଭାବେ ଜଣାଶୁଣା ବ୍ୟକ୍ତିତ୍ୱ। ସେ ସ୍ୱେଚ୍ଛାକୃତ ରକ୍ତଦାନ ସଂସ୍ଥା 'ତ୍ୟାଗ'ର ଜଣେ ସକ୍ରିୟ କର୍ମକର୍ତ୍ତା ଥିଲେ ଓ ସେ ପୂର୍ବତନ କାଉନସିଲର ମଧ୍ୟ ଥିଲେ। ସେ ଅନେକ ଦିନରୁ ଅସୁସ୍ଥ ଥିଲେ। ମୃତ୍ୟୁ ସମୟରେ ତାଙ୍କର ପତ୍ନୀ, ଦୁଇ ପୁଅ, ବୋହୁ, ନାତି, ନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ ଉତ୍ତମ ବ୍ୟକ୍ତିତ୍ୱ ସହ ମେଳାପୀ, ମିଷ୍ଟଭାଷୀ ତଥା ଅନେକ ଅନୁଷ୍ଠାନ ସହ ଜଡିତ ଥିଲେ। ତାଙ୍କର ଅନ୍ତେଷ୍ଟିକ୍ରିୟା ବୁର୍ଲାର ବିଷ୍ଣୁମନ୍ଦିର ପଡ଼ାସ୍ଥିତ ଶ୍ମଶାନଘାଟରେ ସମ୍ପନ୍ନ ହୋଇଥିଲା। ତାଙ୍କ ଜ୍ୟେଷ୍ଠ ପୁତ୍ର ତଥା ବୁର୍ଲା ଭାରତୀୟ ଜନତା ପାର୍ଟିର ପୂର୍ବତନ ମଣ୍ଡଳ ସଭାପତି ସୁବ୍ରତ କୁମାର ପଟ୍ଟନାୟକ (ଭୀମ) ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ପଶ୍ଚିମ ଓଡ଼ିଶା ପରିବର୍ତ୍ତେ ଭୁବନେଶ୍ୱରରେ ଇଏସ୍‌ଆଇ ମେଡିକାଲ କଲେଜ ସ୍ଥାପନ ପାଇଁ ନିର୍ଦ୍ଧାରଣ କରିବା ଦୁର୍ଭାଗ୍ୟଜନକ: ରୋହିତ

**ସମ୍ବଲପୁର, ୧୯।୧(ସମିସ)**

ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ.ରୋହିତ ପୂଜାରୀ ଇଏସ୍‌ଆଇ ମେଡିକାଲ କଲେଜ ସ୍ଥାପନ ପାଇଁ ପଶ୍ଚିମ ଓଡ଼ିଶାର ଶିଳ୍ପବହୁଳ ସମ୍ବଲପୁର, ଝାରସୁଗୁଡ଼ା କିମ୍ବା ସୁନ୍ଦରଗଡ଼ ଜିଲ୍ଲା ପରିବର୍ତ୍ତେ ଭୁବନେଶ୍ୱରକୁ ନିର୍ଦ୍ଧାରଣ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। କାରଣ ରାଜ୍ୟର ଶିଳ୍ପ ଏବଂ ଖଣି ମେରୁଦଣ୍ଡ ହେଉଛି ପଶ୍ଚିମ ଓଡ଼ିଶାର ଏହିସବୁ ଜିଲ୍ଲା। ଶିଳ୍ପ, ଖଣି, କାରଖାନା, ଥର୍ମାଲ୍ ପ୍ଲାଣ୍ଟ ଏବଂ ନିର୍ମାଣ କ୍ଷେତ୍ରରେ ନିୟୋଜିତ ଶ୍ରମିକଙ୍କ ସଂଖ୍ୟା ଅଧିକ, ଯେଉଁମାନେ କର୍ମଚାରୀ ରାଜ୍ୟ ବୀମା (ଇଏସ୍‌ଆଇ) ପାଣ୍ଠିର ପ୍ରାଥମିକ ଅବଦାନକାରୀ। ଏହି ସମସ୍ତ ଶିଳ୍ପ ପ୍ରତିଷ୍ଠାନ ଏବଂ ଖଣିମାନଙ୍କ ପ୍ରଦୂଷଣ ଏବଂ କାର୍ଯ୍ୟ ପରିଚାଳନା ଯୋଗୁଁ ଆମ ଅଞ୍ଚଳର କାର୍ଯ୍ୟରତ ଶ୍ରମିକ, କର୍ମଚାରୀ, ଜନସାଧାରଣ ବୃତ୍ତିଗତ ବିପଦ, ଶିଳ୍ପ ଦୁର୍ଘଟଣା ଏବଂ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯଦି ବ୍ୟବହାରିକ ଦୃଷ୍ଟିକୋଣରୁ ଦେଖିବା ତ ଇଏସ୍‌ଆଇ ଇକୋସିଷ୍ଟମର ପ୍ରମୁଖ ଅବଦାନକାରୀ ହେବା ସତ୍ତ୍ୱେ, ପଶ୍ଚିମ ଓଡ଼ିଶା ଅତ୍ୟାବଶ୍ୟକୀୟ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରୁ ବଞ୍ଚିତ ହେଉଛି।

ଅପରପକ୍ଷରେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଆମର ଏହି ଅଞ୍ଚଳ ଭୁବନେଶ୍ୱର ଠୁ ବହୁ ପଛରେ ରହିଆସିଛି, ଭୁବନେଶ୍ୱରକୁ ଯଦି ଦେଖିବା ସେଠାରେ ଏମ୍‌ସ, କ୍ୟାପିଟାଲ, ଏସ୍‌ସିବି ମେଡିକାଲ କଟକ, ଆପୋଲୋ, କିମ୍‌ସ, ସମ୍, ମନିପାଲ ଭଳି ଅନେକ ବଡ ବଡ଼ ଏବଂ ସୁଦୃଢ଼ ସରକାରୀ ଏବଂ ବେସରକାରୀ ପ୍ରତିଷ୍ଠାନ ମାନ ରହିଛି। ଯେହେତୁ ଉପରୋକ୍ତ ଜିଲ୍ଲା ଗୁଡ଼ିକରୁ ଇଏସ୍‌ଆଇ ପାଣ୍ଠିକୁ ପ୍ରମୁଖ ଅବଦାନକାରୀ ରହିଛନ୍ତି, ତେଣୁ ଉପରୋକ୍ତ ଜିଲ୍ଲାମାନଙ୍କ ମଧ୍ୟରୁ କୌଣସି ମଧ୍ୟ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ନିତାନ୍ତ ଆବଶ୍ୟକ। ଆମେ ଭୁବନେଶ୍ୱରରେ ପ୍ରତିଷ୍ଠାକୁ ବିରୋଧ କରୁନାହୁଁ କିନ୍ତୁ ପ୍ରାଥମିକତା ଏହିସବୁ ଜିଲ୍ଲାକୁ ଦିଆଯିବା ଆବଶ୍ୟକ। ଯଦି କେନ୍ଦ୍ର ଓ ରାଜ୍ୟ ଉଭୟ ସରକାର ଚାହିଁବେ ତେବେ ମହାରାଷ୍ଟ୍ରର ପୁନେ ଏବଂ ନାଗପୁର ଠାରେ ଦୁଇଟି ପୃଥକ୍ ଭାବରେ ଏହି ମେଡିକାଲ କଲେଜ ରହିଛି ସେହିଭଳି ଓଡ଼ିଶାରେ ମଧ୍ୟ କରିପାରିବେ। ଭୁବନେଶ୍ୱରରେ ଇଏସ୍‌ଆଇ ମେଡିକାଲ କଲେଜ ପ୍ରତିଷ୍ଠା ପୁଣିଥରେ ସରକାରଙ୍କ ଆଞ୍ଚଳିକ ଅସନ୍ତୁଳନ ଏବଂ ପଶ୍ଚିମ ଓଡ଼ିଶା ପ୍ରତି ରହିଥିବା ବୈମାତୃକ ମନୋଭାବକୁ ପ୍ରତିଫଳିତ କରୁଥିବା କହିଛନ୍ତି।

ରାଜ୍ୟ ସରକାର ଏବଂ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ତୁରନ୍ତ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଏବଂ ସମାନତା, ନ୍ୟାୟ ଏବଂ ଶ୍ରମିକ କଲ୍ୟାଣ ପାଇଁ ପଶ୍ଚିମ ଓଡ଼ିଶାରେ ଇଏସ୍‌ଆଇ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଶ୍ରୀ ପୂଜାରୀ ଦାବି କରିଛନ୍ତି। ଇଂ. ପୂଜାରୀ ଚେତାବନୀ ଦେଇଛନ୍ତି ଯେ ଯଦି ଏହି ନ୍ୟାୟସଙ୍ଗତ ଦାବିକୁ ଅଣଦେଖା କରାଯାଏ, ତେବେ ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାର ଲୋକମାନେ ଗଣତାନ୍ତ୍ରିକ ଉପାୟରେ ତୀବ୍ର ପ୍ରତିବାଦ କରିବାକୁ ବାଧ୍ୟ ହେବେ। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ବସନ୍ତ କୁମାର ମିଶ୍ର, ବେଣୁଧର ଦାସ, ଏମ୍‌ଡି ସନାଉଲା, ସତ୍ୟେନ୍ଦ୍ର କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ସାମ୍ବାଦିକ ସମ୍ମିଳନୀରେ ଇଂ. ପୂଜାରୀ ଚାଷୀମାନଙ୍କ ସମସ୍ୟାର ସମାଧାନ ସହିତ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା, ସମ୍ବଲପୁରରେ ଏମ୍‌ସ ସ୍ଥାପନ, ସମ୍ବଲପୁରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା, ମହାନଦୀ ଉପରମୁଣ୍ଡରେ ବେଆଇନ ବ୍ୟାରେଜ ଓ ବାଲିବନ୍ଧ ନିର୍ମାଣ ପ୍ରସଙ୍ଗ ମଧ୍ୟ ଦୋହରାଇଥିଲେ।



## ବିଡିଓଙ୍କୁ କାର୍ଯ୍ୟାଳୟ ପରିସରରେ ମାଡ଼ ଘଟଣା

# ଭଇଁଷାଟାଲ ପଞ୍ଚାୟତ ଗୃହ ନିର୍ମାଣ ମୁଖ୍ୟ କାରଣ

**ନୂଆପଡ଼ା, ୧୯ ।୧(ସମିସ)**

ନୂଆପଡ଼ା ବିଡିଓଙ୍କୁ କାର୍ଯ୍ୟାଳୟ ପରିସରରେ ମାଡ଼ ମରାଯିବା ଘଟଣା ଆଲୋଡନ ସୃଷ୍ଟି କରିଛି ।୨୦୧୬ ମସିହାରେ ପରକୋଡ ପଞ୍ଚାୟତ ପୁନଃଗଠନ ହୋଇ ଭଇଁଷାଟାଲ ଗ୍ରାମପଞ୍ଚାୟତ ଭାବେ ନୂତନ ପଞ୍ଚାୟତ ଗଠନ ହେଲା । ହେଲେ ଭଇଁଷାଟାଲକୁ ପଞ୍ଚାୟତ ଏବଂ ବଲୋଦାରେ କାର୍ଯ୍ୟାଳୟ ସ୍ଥାପନ ପାଇଁ ବ୍ୟବସ୍ଥା ବିବାଦ ଛିଣ୍ଡିବାର ନାଁ ନେଉନାହିଁ। ଏଭଳି ପରିସ୍ଥିତିରେ ଗତ ମାସ ୨୯ ତାରିଖ ପନଚାୟତିରାଜ ବିଭାଗ ନିର୍ଦ୍ଦେଶକଙ୍କ ପତ୍ରାଙ୍କ ସଂଖ୍ୟା ୩୬୭୯୫/୨୬ଅନୁଯାୟୀ ବଲୋଦାରେ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ ପାଇଁ ନିର୍ଦ୍ଦେଶ କରିଥିଲେ। ଏହି ଅନୁଯାୟୀ ଗତ ୯ ତାରିଖ ଦିନ ବଲୋଦାରେ ୩୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପଞ୍ଚାୟତ ଗୃହ ନିର୍ମାଣ ସକାଶେ ନୂଆପଡ଼ା ବିଡିଓଙ୍କ ତରଫରୁ ନିର୍ଦ୍ଦେଶ କରାଯାଇଥିଲା। କାମ ମଧ୍ୟ ଦ୍ରୁତ ଗତିରେ ଚାଲିଥିଲା। ହେଲେ ଏହା ଉପରେ ଭଇଁଷାଟାଲ ଗ୍ରାମବାସୀଙ୍କ ତରଫରୁ ପୁଣିଥରେ ହାଇକୋର୍ଟର ଦ୍ୱାରସ୍ଥ ହେବାପରେ ଗତ ୧୬ତାରିଖ ଦିନ କୋର୍ଟ ଜମିଜମାକୁ ନେଇ ସବିଶେଷ ରିପୋର୍ଟ ଦେବାକୁ ଆସନ୍ତା ଫେବୃୟାରୀ ମାସ ୩ତାରିଖ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରାଯାଇଥିଲା। ସେହି ଅନୁସାରେ ନୂଆପଡ଼ା ବିଡିଓ ମାମଲା କୋର୍ଟର ବିଚାରାଧିନ ରହିଥିବା ନେଇ ଭଇଁଷାଟାଲ ପଞ୍ଚାୟତକୁ ପତ୍ରାଳାପ କରିଥିଲେ। ତଥାପି କାର୍ଯ୍ୟ ଚାଲିଛି ବୋଲି ଭଇଁଷାଟାଲ ଗାଁରେ ଅସନ୍ତୋଷ ଲାଗି ରହିଥିଲା। ଏହି ହେତୁ ଏଭଳି ଘଟଣା ହୋଇଥିବା କୁହାଯାଉଛି।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବ୍ଲକରେ ଧାରଣା

ନୂଆପଡ଼ା ବ୍ଲକବିଡିଓଙ୍କୁ ମାଡ ମରାଯିବା ଘଟଣା ଚାରି ଆଡେ ପ୍ରଘଟ ହେବାପରେ ସାରା ଜିଲ୍ଲା ଜିଲ୍ଲା ଚଳ ଚନଚଳ ହୋଇପଡ଼ିଥିଲା। ଅଧିକାରୀମାନେ ଆସି ବିଡିଓଙ୍କୁ ଦେଖା କରିଥିଲେ। ଅନ୍ୟପଟେ କର୍ମଚାରୀମାନେ କଲମ ଛାଡ କରି ବ୍ଲକ ଗେଟ ସମ୍ମୁଖରେ ଧାରଣାରେ ବସିଥିଲେ। ଘଟଣାର ତୀବ୍ର ନିନ୍ଦା କରିବା ସହ ସେମାନେ ସୁରକ୍ଷିତ ନୁହନ୍ତି ବୋଲି କହିଥିଲେ। ଦିନ ୧୨ଟାରୁ ୨ଟାଯାଏଁ ଧାରଣା ଲାଗି ରହିଥିଲା। ଅଭିଯୁକ୍ତଙ୍କୁ ପୁଲିସ କାବୁ କରିବା ଖବର ଜଣାପଡ଼ିବା ପରେ ଏମାନେ ଉଠିଥିଲେ। ଧାରଣାରେ ବ୍ଲକର ସମସ୍ତ କର୍ମଚାରୀମାନଙ୍କ ସହ ସ୍ଥାନୀୟ କିଛି ଜନପ୍ରତିନିଧିମାନେ ମଧ୍ୟ ବସିଥିଲେ।



## କାଗଜକଲମରେ ୪୨ କୋଟିର ମେଗା ପ୍ରକଳ୍ପ

# ଶୀଘ୍ର କାର୍ଯ୍ୟକାରୀ ପାଇଁ ଜିଲ୍ଲାପାଳଙ୍କୁ ଦାବି

**କୋମନା, ୧୯ ।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ଜଳସେଚନ ସମସ୍ୟାର ସମାଧାନ ପାଇଁ ସରକାର ୪୨ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଥିଲେ ହେଁ, ବିଭାଗୀୟ ଉଦାସୀନତା ଯୋଗୁଁ ଏବେ ବି ଅଧୁରା ରହିଛି। କୋନାବିରାଠାରେ ଜଳ ସମ୍ପଦ ବିଭାଗ ଦ୍ୱାରା ପ୍ରସ୍ତାବିତ ମେଗା ପ୍ରୋଜେକ୍ଟକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ 'ଶ୍ରୀ ଜଗନ୍ନାଥ ବରିଷ୍ଠ ନାଗରିକ ସଂଘ' ପକ୍ଷରୁ ନୂଆପଡ଼ା ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, କୋନାବିରା ମେଗା ପ୍ରକଳ୍ପ ପାଇଁ ପ୍ରାୟ ୪୨ କୋଟି ଟଙ୍କା ମଞ୍ଜୁର ହୋଇସାରିଛି। ମାତ୍ର ଆଜି ପର୍ଯ୍ୟନ୍ତ ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ପ୍ରାରମ୍ଭିକ ପଦକ୍ଷେପ ନିଆଯାଇ ନାହିଁ। ଏହି ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ କୋମନା ପଞ୍ଚାୟତ ସମିତି ଅଧୀନରେ ଥିବା ପ୍ରାୟ ୫ଟି ଗ୍ରାମ ପଞ୍ଚାୟତର ହଜାର ହଜାର ଚାଷୀ ଉପକୃତ ହୋଇପାରନ୍ତେ। ଜଳାଭାବ ଯୋଗୁଁ ଅଞ୍ଚଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ବେଳେ ପ୍ରକଳ୍ପ ଅଞ୍ଚଳବାସୀଙ୍କ ପାଇଁ ଆଶାର କିରଣ ସାଜିଥିଲା।ସଂଘର ସଭାପତି ବିରେନ୍ଦ୍ର ପ୍ରଧାନ ଓ ସମ୍ପାଦକଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ସ୍ଥିତି ସମୀକ୍ଷା କରି ତୁରନ୍ତ କାର୍ଯ୍ୟାରମ୍ଭ କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି। ଯଦି ପ୍ରକଳ୍ପ କାର୍ଯ୍ୟରେ ଅହେତୁକ ବିଳମ୍ବ ହୁଏ, ତେବେ ଆଗାମୀ ଦିନରେ ଜନଅସନ୍ତୋଷର କାରଣ ହେବ ବୋଲି ବରିଷ୍ଠ ନାଗରିକ ସଂଘ ଚେତାବନୀ ଦେଇଛି।

## ଗୋବିନ୍ଦ ପ୍ରଧାନୀ ହେଲେ ଲାଞ୍ଜିଗଡ଼ ବ୍ଲକ୍ କଂଗ୍ରେସ ସଭାପତି

**ଲାଞ୍ଜିଗଡ଼, ୧୯ ।୧(ସମିସ):** କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକ ନେତୃତ୍ୱ ନେବା ପାଇଁ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ବରିଷ୍ଠ ନେତା ଗୋବିନ୍ଦ ପ୍ରଧାନୀଙ୍କୁ ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ଅନୁମୋଦନ କ୍ରମେ ଲାଞ୍ଜିଗଡ଼ ବ୍ଲକ ସଭାପତି ଭାବେ ଘୋଷଣା କରାଯାଇଛି। ଏହି ଘୋଷଣା ପରେ ବ୍ଲକ କଂଗ୍ରେସର କର୍ମକର୍ତ୍ତା ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ଦାୟିତ୍ୱ ମିଳିବା ପରେ ବ୍ଲକ କଂଗ୍ରେସ ପକ୍ଷରୁ ଅନ୍ୟ କର୍ମକର୍ତ୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ତାଙ୍କୁ ଲାଞ୍ଜିଗଡ଼ ବ୍ଲକର ଦାୟିତ୍ୱ ଦେଇଥିବାରୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଲାଞ୍ଚ ମାମଲାରୁ ପୁଲିସ ଏଏସ୍ଆଇ ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା, ୧୯ ।୧(ସମିସ):** ଭବାନୀପାଟଣା ସଦର ଥାନାର ପୂର୍ବତନ ପୁଲିସ ଏଏସ୍ଆଇ ସୁବାଷ ଚନ୍ଦ୍ର ଶବର ସୋମବାର ପ୍ରମାଣ ଅଭାବରୁ ଲାଞ୍ଚ ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପ୍ରକାଶ ଯେ, ଗତ ୨୦୧୪ ମସିହାରେ



ସଦର ଥାନା ଅଧିନସ୍ଥ ମନୋହରପୁର ଗ୍ରାମର ସୁଦର୍ଶନ ସାଙ୍କ ଠାରୁ ଏକ ମାମଲା ରଫା ଦଫା କମ କରିବା ଓ ଜେଲକୁ ନ ପଠାଇବା ପାଇଁ ପୁଲିସ ଏଏସ୍ଆଇ ଶବର ୩ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭବାନୀପାଟଣା ଭିଜିଲାନ୍ସ ଅଧିକାରୀଙ୍କ ହାବୁଡ଼ରେ ପଡ଼ିଥିଲେ। ପରେ କୋରାପୁଟ ଭିଜିଲାନ୍ସ ବିଭାଗ ଏକ ମାମଲା ନଂ (୨୪/୧୪) ରୁଜୁ କରି ତାରିଖ ୭.୭.୨୦୧୪ ରେ ପୁଲିସ ଏଏସ୍ଆଇ ଶବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ବଦ୍ରି ନାରାୟଣ ନନ୍ଦ ପ୍ରମାଣ ଅଭାବରୁ ପୁଲିସ ଏଏସଆଇ ଶବରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ମାମଲାକୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ସା ପରିଚାଳନା କରିଥିଲେ।

# କର୍ଲାମୁଣ୍ଡାରେ ଯୁଗ୍ମ ଜନଶୁଣାଣି ଶିବିର

**କର୍ଲାମୁଣ୍ଡା, ୧୯ ।୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ପରିସର ରାଜୀବଗାନ୍ଧି ସେବା ଭବନରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ।ନଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, କେସିଙ୍ଗା ପୁଲିସ ଏସ୍‌ଡିପିଓ ସନ୍ଦୀପ କୁମାର ମାଝୀ, ବ୍ଲକ ଅଧକ୍ଷ୍ୟା କୁନି ସାହୁ, ବିଡ଼ିଓ ସୁଚରିତା ମୁଗ୍ରୀ, ତହସିଲଦାର ଅରୁଣ ବର୍ଗେ, ଭାରପ୍ରାପ୍ତ ଜିପିଡ଼ିଓ ରମେଶ ମହଲା, ଭାରପ୍ରାପ୍ତ ବିଏସଇଓ ପ୍ରଦୀପ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। ମୋଟ ୧୦୧ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା।ତେବେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଅନୁପସ୍ଥିତ ଥିବାରୁ ଅଭିଯୋଗ କାରୀ ମାନେ ନିରାଶ ହୋଇଥିବା ଚର୍ଚ୍ଚା ହେଉଛି।, ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ନାଏକ, ସିଡିପିଓ କଳ୍ପଲତା ତ୍ରିପାଠୀ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର କେଦାର ନାଥ ଖମାରୀ, ବ୍ଲକ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡାଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଥବିର ବରିହା ଉପସ୍ଥିତ ଥିଲେ।




# ଖଡିଆଳରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ନୂଆପଡ଼ା, ୧୯ ।୧(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଖଡିଆଳ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିଲେ। ସମୁଦାୟ ୯୧ ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ୭୮ ଟି ଓ ସାମୂହିକ ୧୩ଟି ଅଭିଯୋଗ ଥିଲା। ସବୁ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଡିଏଫଓ ଅଜିଜ ଖାନ, ଡିଏଫଓ କେଏଲଏ ମାଧବୀ ଲତା, ସିଡିଏମଓ ଡ. ଦ୍ୱାରିକାନାଥ ଶତପଥୀ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରମୁଖ ମଞ୍ଚାସିନ ଥିଲେ। ଖଡ଼ିଆଳ ବିଡ଼ିଓ ମିଲନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଦବା, ଖଡିଆଳ ଏନଏସି, ଇଓ ସ୍ୱାଧୀନ ମହାରଣା, ଡେପୁଟୀ କଲେକ୍ଟର ଶେଖ ନସିମ, ଚିନ୍ମୟ ସାଗର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ଅସହାୟା ଶାନ୍ତିଲତା ପଟ୍ଟନାୟକ, ଗୁର ହାତୀ, ମଞ୍ଜୁ ସୁନା ଓ ଡାଳିମ୍ବ ବେହେରାଙ୍କୁ ପାଞ୍ଚ ହଜାର ଟଙ୍କା ଲେଖାଏଁ ରେଡ କ୍ରସ ପାଣ୍ଠିରୁ ତତ୍କାଳୀନ ସହାୟତା ଯୋଗାଇ ଦିଆଯାଇଥିଲା। ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଖଡିଆଳ ବ୍ଲକ ଅଧିକାରୀ ଏବଂ ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ଭୋଜପୁର ପଞ୍ଚାୟତରେ ପ୍ରାଣୀ ପାଇଁ ଦିନଟିଏ ଉପଲକ୍ଷେ ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା।



# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଭବାନୀପାଟଣା, ୧୯ ।୧(ସମିସ):** ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ୍ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, କଳାହାଣ୍ଡିର ମିଳିତ ସହଯୋଗରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରାଫିକ ନିୟମକୁ ମାନିବା ଏବଂ କାର୍ଯ୍ୟକାରୀ କରାଇବା ନିମନ୍ତେ ଛାତ୍ରୀମାନଙ୍କ ସମେତ ଅଧ୍ୟାପକ ଅଧ୍ୟାପିକାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ସଭାକାର୍ଯ୍ୟ ମହାବିଦ୍ୟାଳୟର ଅଧକ୍ଷ ଡ. ତ୍ରିଲୋଚନ ଜେନା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଆଞ୍ଚଳିକ ପରିବହନ ବିଭାଗର ଡେପୁଟି କମିସନର ପ୍ରତାପ କିଶୋର ପଣ୍ଡା ଏବଂ ଟ୍ରାଫିକ ଇନ୍ସପେକ୍ଟର ମିଥୁନ ପ୍ରଧାନ ଯୋଗ ଦେଇଥିଲେ। ସଡ଼କ ସୁରକ୍ଷା ଏବଂ ସଚେତନତା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିବା ସହିତ ଛାତ୍ରୀମାନଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର୍ ଧିରେସ ଚନ୍ଦ୍ର ନନ୍ଦ ଏବଂ ଶିକ୍ଷାଗତ ଅଧିକାରୀ ପ୍ରଫେସର୍ ହେମନ୍ତ କୁମାର ମାଝୀ ସଭାରେ ଉପସ୍ଥିତ ରହିଥିଲେ। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର୍ ଡ. ପ୍ରତାପ କୁମାର ସେନାପତି ସଭାର ଆୟୋଜନ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଡ଼କ ସୁରକ୍ଷା ସମ୍ପର୍କରେ ଶପଥ ପାଠ କରାଯାଇଥିଲା। ପରିଶେଷରେ ଦୁଇଚକିଆ ଯାନ ଚଳାଉଥିବା ଛାତ୍ରୀମାନଙ୍କୁ ଡେପୁଟି କମିସନର ପ୍ରତାପ କିଶୋର ପଣ୍ଡାଙ୍କ ଦ୍ୱାରା ହେଲମେଟ ପ୍ରଦାନ କରାଯାଇଥିଲା।



# ଥୁପାଖୋଲରେ ବିଜେଡିର ବନ୍ଧୁ ମିଳନ

**ସିନାପାଲି, ୧୯ ।୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନୂଆମାଳପଡ଼ା ପଞ୍ଚାୟତସ୍ଥିତ ଥୁପାଖୋଲ ପର୍ଯ୍ୟଟନ ସ୍ଥଳୀରେ ସିନାପାଲି ବ୍ଲକସ୍ତରୀୟ ବିଜେଡି କର୍ମକର୍ତ୍ତାଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ପରସ୍ପର ମଧ୍ୟରେ ସୁସମ୍ପର୍କ ରଖିବା ସହ ଆଗକୁ ଦଳକୁ ମଜବୁତ କରିବା ନେଇ ସମସ୍ତଙ୍କ ମତ ପ୍ରକାଶ ପାଇଥିବା ବେଳେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ସିନାପାଲି ଅଞ୍ଚଳର ବିକାଶ ଧାରାକୁ ଆଗକୁ ନେବାକୁ ହେଲେ ସମସ୍ତ କର୍ମକର୍ତ୍ତା ନିଃସ୍ୱାର୍ଥ ମନୋଭାବ ରଖି ଜନସାଧାରଣଙ୍କ ସେବାରେ ବ୍ରତୀ ହେବା ପାଇଁ ବିଧାୟକ ଶ୍ରୀ ପାଣିଗ୍ରାହୀ ସମସ୍ତ କର୍ମକର୍ତ୍ତାଙ୍କୁ ଆହ୍ୱାନ କରିଥିଲେ। ଆହୁରି କହିଥିଲେ ଯେ, ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକାଳ ସମୟରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ତାକୁ ଲୋକେ କେବେ ଭୁଲିବେ ନାହିଁ। ବର୍ତ୍ତମାନର ବିଜେପି ସରକାର ଯେଉଁ ଭଳି ଲୋକଙ୍କୁ ଭୁଆଁ ବୁଲାଇ ଶାସନକୁ ଆସିଛି। ଲୋକେ ତାହା ଜାଣି ସାରିଲେଣି। ତେଣୁ ନବୀନ ପଟ୍ଟନାୟକଙ୍କ ସହ ହାତକୁ ହାତ ମିଳାଇ ଦଳକୁ ଟାଣ କରି ବିଜେପିକୁ କଡ଼ା ଜବାବ ଦେବାର ସମୟ ଆସିଛି ବୋଲି ମତ ପ୍ରକାଶ ପାଇଥିଲା। ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ଅଞ୍ଚଳର ଉତ୍ତରୋତ୍ତର କାମନା କରି ଅଞ୍ଚଳର ସୁଖ ସମୃଦ୍ଧି କାମନା କରିଥିଲେ। କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ କର୍ମକର୍ତ୍ତା ଜୟପାଳ ନାଗ, ଲକ୍ଷ୍ମୀଧର ମେହେର, ରାଜା ପାଣିଗ୍ରାହୀ, ଦୀନ ମାଝି, ଡୋଲା ଘିଭେଲା, ଦୁଧନାଥ ବାଗ, ଉଜ୍ଜ୍ୱଳ ସିଂ ମାଝି, ଟୋପଚନ ମାଝି ସମେତ ଶତାଧିକ ବିଜେଡି କର୍ମି ଉପସ୍ଥିତ ଥିଲେ।



# ଭୋଜପୁର ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା

**ନୂଆପଡ଼ା, ୧୯ ।୧(ସମିସ):** ଖଡିଆଳ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ପରେ ଅପରାହ୍ନରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଭୋଜପୁର ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲ୍ଲାପାଳଙ୍କ ସହିତ ବନଖଣ୍ଡ ଅଧିକାରୀ ଖଡିଆଳ, ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସିଡିଏମଓ ଡ.ଦ୍ୱାରିକାନାଥ ଶତପଥୀ, ବିଡ଼ିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଡ଼ବା, ସ୍ଥାନୀୟ ସରପଞ୍ଚ କୁଳମଣି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ପଞ୍ଚାୟତରେ 'ଝିଅ ପାଇଁ ଗଛଟିଏ' ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଜିଲ୍ଲାପାଳ ଶିଶୁ କନ୍ୟାକୁ ଆଶିର୍ବାଦ ସହିତ ଉପହାର ପ୍ରଦାନ କରିଥିଲେ। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଛଅ ଜଣ ଗର୍ଭବତୀ ମହିଳାଙ୍କୁଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥିମାନେ ଭେଟି ଦେଇଥିଲେ।ଏହା ପରେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ଦୂର କରିବା ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ବିଡିଓ ମିଳନ ଝାଙ୍କର ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧରୁଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭାରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ନିଜ ବିଭାଗର ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ପ୍ରବାସୀ ଶ୍ରମିକ ପ୍ରଥାର ଅପକାରୀତା ଓ ଏହାକୁ କିଭଳି ଭାବେ ନିରାକରଣ କରାଯାଇ ପାରିବ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହା ସହିତ ନୂଆପଡ଼ା



### ନୂତନ ବର୍ତ୍ତନ ବ୍ୟାଙ୍କ ଉଦ୍‌ଘାଟିତ

ଥରେମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଘୋଷିତ ହୋଇଥିବାରୁ ଏସବୁର ବ୍ୟବହାର ନ କରିବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା।ଏହା ସହିତ ବିବାହ ତଥା ପର୍ବ ପର୍ବାଣୀରେ ପ୍ଲାଷ୍ଟିକ ଖଲି ଦନା ଗ୍ଲାସ୍ ଇତ୍ୟାଦିର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ଏକ ବର୍ତ୍ତନ ବ୍ୟାଙ୍କର ଉଦ୍‌ଘାଟନ କରିଥିଲେ। ସଭାରେ ଶ୍ରେଷ୍ଠ ଶ୍ରୋତା, ସଫେଇ କର୍ମଚାରୀ, ମନରେଗା ଯୋଜନାରେ ଅଧିକ ଦିନ କାମ କରିଥିବା ଶ୍ରମିକ, ଶ୍ରେଷ୍ଠ ଛାତ୍ରୀ, ଖେଳାଳି, କଳାକାର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ତଥା କଳାକାର କୁନାଲ ଚରଣ ବେହେରା, ଚନ୍ଦ୍ରଶେଖର ବେହେରା ଓ ସାଥୀ ପରିବେଶ ସୁରକ୍ଷା ତଥା ପ୍ରବାସୀ ଶ୍ରମିକ ସଚେତନତା ପାଇଁ ପାଲା ପରିବେଷଣ କରିଥିଲେ।ଶେଷରେ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିମାନେ ପକ୍ଷୀମାନଙ୍କ ପାଇଁ ଖାଦ୍ୟ ଜଳ ଯୋଗାଇ ଦେଇଥିଲେ। ଶିବିରକୁ ଖଡିଆଳ ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପ୍ରୋଗ୍ରାମ ଅଫିସର୍ ନମିତା ପାଢ଼ୀ, ଖଡିଆଳ ସିଡିପିଓ ଲତା ଦିଗାଲ, ସ୍ଥାନୀୟ ସରପଞ୍ଚ, ପଞ୍ଚାୟତିରାଜ ବିଭାଗ, ଜଙ୍ଗଲ ବିଭାଗ ପ୍ରମୁଖ ଆୟୋଜନ କରିଥିଲେ। ଶିବିର ପରେ ଜିଲ୍ଲାପାଳ ଝିଗ୍ରିଧୋଡ଼ା ଗାଁକୁ ଯାଇ ଫେରନ୍ତା ପ୍ରବାସୀ ଶ୍ରମିକ, ତୁଳସୀରାମ ଭୋଇ ଓ ଶଙ୍କର ଲାଲ ଭୋଇଙ୍କୁ ଭେଟିଥିଲେ। ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ପର୍ଲା ଫୁଟବଲ ଟ୍ରଫି : ବାନେର ଚାମ୍ପିଅନ

**ଧର୍ମଗଡ଼, ୧୯ ।୧(ସମିସ):** ଧର୍ମଗଡ଼ ବ୍ଲକ ପର୍ଲା ଫୁଟବଲ ଟ୍ରଫି ସୋମବାର ଦିନ ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳ ଝାରକୁଣ୍ଡାମାଲ ଓ ବାନେର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାରକୁଣ୍ଡାମାଲ ଫୁଟବଲ ଦଳକୁ ୨-୧ଗୋଲ ଦେଇ ପର୍ଲା ଫୁଟବଲ ଚାମ୍ପିଅନ ଟ୍ରଫି ହାତେଇଛି ବାନେର ଦଳ। ମୁଖ୍ୟ ଅତିଥି ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଙ୍କ ଠାରୁ ବାନେର ଦଳ ଚାମ୍ପିଅନ ଟ୍ରଫି ଗ୍ରହଣ କରିଥିବା ବେଳେ ରନର୍ସ ଟ୍ରଫି ସମ୍ମାନିତ ଅତିଥିମାନଙ୍କ ଠାରୁ ଝାରକୁଣ୍ଡାମାଲ ଦଳ ଗ୍ରହଣ କରିଥିଲା। ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଏନଏସି ଅଧକ୍ଷ ଅଶୋକ କୁମାର ମହାନ୍ତି, ଉପାଧକ୍ଷା ମନୀଷା ମିଶ୍ର, ସାଂସଦଙ୍କ ପ୍ରତିନିଧି ଲକ୍ଷ୍ମୀକାନ୍ତ ବାଗ, ସମାଜସେବୀ ବିବେକ ରଞ୍ଜନ ମିଶ୍ର, ମଣ୍ଡଳ ସଭାପତି ଚତୁର୍ଭୁଜ ତାଣ୍ଡି, ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳ ପରିଚାଳନା ବିପୁଳ କୁମାର ବିଦ୍ୟାଧର, ସହଦେବ ମଟେନ, ତାପସ କୁମାର ଦାସ ଓ ସଞ୍ଜୀବ କୁମାର ଦୁର୍ଗା କରିଥିଲେ। ସେଭଳି ଧାରାବିବରଣୀ ସୁଧୀର ଗୋପାଳ ଓ ହିତେନ୍ଦ୍ର ସାହୁ କରିଥିବା ବେଳେ କମିଟି ର ସଭାପତି କାମାକ୍ଷ ଦାସ, ମାନସ ରଞ୍ଜନ ଦାଶ, ପାରେଶ୍ୱର ସାହୁ, ଚିନ୍ମୟ ଦାସ, ଅରକ୍ଷିତ ବାରିକ, ଲଛମନ ଗୋପାଳ, କୃଷ୍ଣ ଶବର, ସଂଗ୍ରାମ ଦାସ, ରଞ୍ଜିତ ଶବର, ଅର୍ଜୁନ ଗୋପାଳ ପ୍ରମୁଖ ସହଯୋଗ କରିଥିଲେ।




## ପ୍ରଧାନଶିକ୍ଷକ ଓ କ୍ଲଷ୍ଟର ସଂଯୋଜକ ସମ୍ମିଳନୀ

**ଲାଞ୍ଜିଗଡ଼, ୧୯ ।୧(ସମିସ):** ଲାଞ୍ଜିଗଡ଼ ବ୍ଲକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ କ୍ଲଷ୍ଟର ସଂଯୋଜକଙ୍କୁ ନେଇ ସମ୍ମିଳନୀ ବିଶ୍ୱନାଥପୁର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମ୍ମିଳନୀରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୁଷଣ ସାହୁ ଉପସ୍ଥିତ ଥିଲେ। ବିଦ୍ୟାଳୟସ୍ତରରେ କିପରି ଉତ୍ତମ ପୋଷଣ ପାଇବେ, ବିଦ୍ୟାଳୟରେ ଛାତ୍ରଛାତ୍ରୀ କିପରି ଗୁଣାତ୍ମକ ଶିକ୍ଷା ପାଇବା ସହ ଉତ୍ତମ ସ୍ୱାସ୍ଥ୍ୟସହ ଉତ୍ତମ ପୃଷ୍ଟି ପୋଷଣ ପାଇବେ ଆଲୋଚନା ହୋଇଥିଲା। କର୍ମଶାଳାରେ ୧୩ଟି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଓ ୪୫ ଜଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ନିଜର ମତ ରଖିଥିଲେ। ଲାଞ୍ଜିଗଡ଼ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ ମେହେର ସରକାରୀ ଚାକିରିଆଙ୍କ ସେବା ନିୟମ, ଶିକ୍ଷକ ଶିକ୍ଷୟିତ୍ରୀ କିପରି ଛୁଟି ନେବେ ସେହି ନିୟମ ବିଷୟରେ ବିସ୍ତୃତି ଭାବରେ କହିଥିଲେ। ଯେପରି ସିଏଲ୍, ଇଏଲ୍, ଏଚ୍‌ଏଏଲ୍‌ଏଫ୍ ସିଏଲ୍ ସମସ୍ତ ପ୍ରକାରର ସର୍ଭିସ୍ ନିୟମ ବିଷୟରେ ବୁଝାଇଥିଲେ।



# କେନାଲ ପାଣି ପାଇଁ ଚାଷୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ

**କୋକସରା,୧୯ ।୧(ସମିସ)**

କୋକସରା ବ୍ଲକ ମୋଟରପଞ୍ଚାୟତ କୁସୁମଖୁଣ୍ଟି ଗ୍ରାମର ଚାଷୀମାନେ ସୋମବାର କୁସୁମଖୁଣ୍ଟି ଇନ୍ଦ୍ରାବତୀ ବାମ କେନାଲ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। କୁସୁମଖୁଣ୍ଟିର ୧, ୨ ଓ ୩ ଶାଖା କେନାଲ ଅନେକ ଦିନ ହେଲା ମରାମତି ଅଭାବରୁ ଗଛଲତା, ଲଟାବୁଦା ଓ ମାଟି ପୋତି ହୋଇଛି। ଏଥିପାଇଁ ମୁଖ୍ୟ କେନାଲରେ ପର୍ଯ୍ୟାପ୍ତ ପରିମାଣରେ ପାଣି ଛଡା ନ ଗଲେ ସଠିକ୍ ଭାବେ ଜଳସେଚନ ହୋଇପାରୁ ନାହିଁ। ଏନେଇ ସୋମବାର କୁସୁମଖୁଣ୍ଟି ଗ୍ରାମର ଚାଷୀ ଡମ୍ବେଶ୍ୱର କାଣ୍ଡ, ସୁଶୀଲ କୁମାର ଶବର, ମଙ୍ଗରାଜ ବେହେରା, ବିଷ୍ଣୁ ବେହେରା, ଯୁଧିଷ୍ଠି ବେହେରା, ଡୋଗଲେଶ୍ୱର ବେହେରା, ଉପେନ୍ଦ୍ର ବେହେରା, ମହେଶ୍ୱର ବେହେରା ସମେତ ଅନେକ ଚାଷୀ କାର୍ଯ୍ୟାଳୟକୁ ଯାଇ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ସହ କେନାଲ ପରିଦର୍ଶନ କରିବା ପାଇଁ ଚାଷୀମାନେ କହିଥିଲେ। ଏହା ପରେ କନିଷ୍ଠ ଯନ୍ତ୍ରୀ ଈଶ୍ୱର ନାଏକ ଓ ସହକାରୀ ଯନ୍ତ୍ରୀ ପରମାନନ୍ଦ ନାୟକ କେନାଲ ପରିଦର୍ଶନ କରିବା ସହ ସଠିକ ଭାବେ କେନାଲ ପାଣି ଛଡା ଯାଇ ଚାଷୀଙ୍କ ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଚାଷୀମାନେ ପାଣି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ସହ ରାସ୍ତାରୋକ କରିବା ପାଇଁ ଚେତାବନୀ ଦେଇଛନ୍ତି।



## ଏକଦିବସୀୟ ଫୁଟବଲ୍, ଲିଟାସାହି ଏଫ୍‌ସି ଚାମ୍ପିଅନ୍

ବେତନଟୀ,୧୯।୧(ସମିସ): ବେତନଟୀ ଉପକଣ୍ଠ ସଠିଲୋ ପଞ୍ଚାୟତ ଅଧୀନ ତୁଳସୀଚଉରାସ୍ଥ ମିନି ଷ୍ଟାଡ଼ିୟମରେ ରବିବାର ୨୫ତମ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ସୈନିକ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଆୟୋଜକ କ୍ଲବ୍ ସଭାପତି ସୁନାରାମ ମୁର୍ମୁ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ସଠିଲୋ ସରପଞ୍ଚ ଦେବାମଣି ସିଂ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ପୁରୁଣାପାଣି, ଲିଟାସାହି, ପାଟପୁର, ଡୁମାପଦା, କଦମାଶୋଳ, ଡାଙ୍ଗରଦିହା, ଗରଦେଉଳିଆ, କୃଷ୍ଣଚନ୍ଦ୍ରପୁର, ବଡଯୋଡ ପ୍ରଭୃତି ଅଞ୍ଚଳର ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ରନର୍ସଅପ ପୁରୁଣାପାଣିର ଫ୍ରେଣ୍ଡସ ଫୁଟବଲ କ୍ଲବକୁ ପରାସ୍ତ କରି ଲିଟାସାହି ଫୁଟବଲ କ୍ଲବ ଚାମ୍ପିଅନ ହୋଇଥିଲା।

ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବେ ସଠିଲୋ ସମିତିସଭ୍ୟ କିଶୋର ନାୟକ ଓ ବିଶ୍ୱାଧ ଅଗ୍ରୱାଲ ଯୋଗଦେଇ ଆୟୋଜକ କମିଟି ଉଦ୍ୟମକୁ ପ୍ରଶଂସା କରିବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିଅନ୍ ଦଳକୁ ୧୦ ହଜାର ଟଙ୍କା ଓ ରନର୍ସଅପ ଦଳକୁ ୭ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। କ୍ଲବ୍ ସମ୍ପାଦକ ବସନ୍ତ ସିଂ, ଲକ୍ଷ୍ମୀଧର ବିଶ୍ୱାଳ, ପ୍ରଶାନ୍ତ ମହାନ୍ତ, ରାକେଶ ମହାନ୍ତ, ଫାଗୁ ମୁର୍ମୁ, ନଳିନୀକାନ୍ତ ସିଂ, ବିକାଶ ମହାନ୍ତ, ବଲରାମ ସିଂ, ଶିବପ୍ରସାଦ ମହାନ୍ତଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## କୃଷି ବିଭାଗ କର୍ମଚାରୀଠାରୁ ଲୁଟ୍



ମୋରଡା,୧୯।୧(ସମିସ): ସୋମବାର ସ୍ପଷ୍ଟ ଦିବାଲୋକରେ ବେତନଟୀ ଥାନା ଅଞ୍ଚଳରେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ କରିଛନ୍ତି ଦୁର୍ବୃତ୍ତ। ରାଇବନିଆ ଅଞ୍ଚଳର ଅବସରପ୍ରାପ୍ତ କୃଷି ବିଭାଗ କର୍ମଚାରୀ କେଦାର ଚନ୍ଦ୍ର ପାଲ ଆଜି ବେତନଟୀ ବ୍ୟାଙ୍କ ଅଫ ଇଣ୍ଡିଆରୁ ୩ ଲକ୍ଷ ୧୦ ହଜାର ଟଙ୍କା ଉଠାଣ କରି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ତେବେ ଦିନ ୧୨ଟା ୩୦ ମିନିଟ ସମୟରେ ଫେରିବା ବାଟରେ ମୋରଡା ବ୍ଲକର ବଡ଼ଜାମବଣି ନିକଟ ଜଙ୍ଗଲ ରାସ୍ତାରେ କେଦାର ସ୍କୁଟିକୁ ରଖି ଫୋନରେ କଥା ହେଉଥିଲେ। ପୂର୍ବରୁ କେଦାରଙ୍କୁ ବାଇକରେ ପିଛା କରୁଥିବା ୨ ଜଣ ଯୁବକ କେଦାରଙ୍କ ସ୍କୁଟିରେ ଥିବା ଟଙ୍କା ବ୍ୟାଗକୁ ନେଇ ଘଟଣାସ୍ଥଳରୁ ପଳାଇଥିଲେ। ଏ ନେଇ କେଦାର ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ସାଧାରଣତନ୍ତ୍ର ଦିବସ ପାଇଁ ରାଷ୍ଟ୍ରପତି ଭବନରୁ ତନୁଶ୍ରୀଙ୍କୁ ନିମନ୍ତ୍ରଣ



କୁଳିଅଣା,୧୯।୧(ସମିସ): ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସରେ ଯୋଗ ଦେବାକୁ ରାଇସିନା ହିଲରୁ ନିମନ୍ତ୍ରଣ ପତ୍ର ଆସିଛି। କୁଳିଅଣା ବ୍ଲକ୍ ଅନ୍ତର୍ଗତ ଚାନ୍ଦୁଆ ପଞ୍ଚାୟତର ଚାନ୍ଦୁଆ ଗ୍ରାମର ଅସିତ ସାହୁ ଓ ଅପର୍ଣ୍ଣା ସାହୁଙ୍କ କନ୍ୟା ତନୁଶ୍ରୀ ସାହୁଙ୍କୁ ରାଷ୍ଟ୍ରପତିଙ୍କ ତରଫରୁ ଏହି ଆମନ୍ତ୍ରଣ କରାଯାଇଛି। ଜାନୁୟାରୀ ୨୬ ଗଣତନ୍ତ୍ର ଦିବସ ଅବସରରେ ନୈଶ ଭୋଜନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ରାଷ୍ଟ୍ରପତି ଭବନକୁ ଡାକରା ଆସିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏହି ନିମନ୍ତ୍ରଣ ପତ୍ର ପାଇଁ ତନୁଶ୍ରୀଙ୍କ ସମେତ ତାଙ୍କ ପରିବାର ବହୁତ ଖୁସି ଅଛନ୍ତି। ଉକ୍ତ ଆମନ୍ତ୍ରଣ ପତ୍ର ଡାକ ବିଭାଗ କର୍ମଚାରୀ ଘରେ ପହଞ୍ଚି ପ୍ରଦାନ କରିଛନ୍ତି। ଜଣେ ସାଧାରଣ ଛାତ୍ରୀଙ୍କୁ ରାଷ୍ଟ୍ରପତି ଭବନକୁ ଆମନ୍ତ୍ରଣ କରି ସମ୍ବର୍ଦ୍ଧନା ଜଣାଇବା ଏକ ଗର୍ବର ବିଷୟ ଅଟେ। ଜଣେ ଛାତ୍ରୀ ମହାମହିମ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣରେ ଦିଲ୍ଲୀ ଯିବେ, ତାହାକୁ ନେଇ ସମସ୍ତେ ବହୁତ ଖୁସି ଅଛନ୍ତି। ଏ ନେଇ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ତନୁଶ୍ରୀ ପରିବାର ଲୋକଙ୍କ ସହ ଦିଲ୍ଲୀ ଯିବେ ବୋଲି କହିଛନ୍ତି।

## ପାହାଡ଼ପୁରରେ ଟୁସୁ ମେଳା



ରାଇରଙ୍ଗପୁର,୧୯।୧(ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଶଶ ଗ୍ରାମ ପଞ୍ଚାୟତର ପାହାଡ଼ପୁର ଗ୍ରାମରେ ୩୭ତମ ଟୁସୁ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ୨୫ଟି ବଡ ଓ ସାନ ଟୁସୁ ଅଂଶଗ୍ରହଣ କରିଥିଲେ। ଅତିଥି ଭାବେ ଶଶ ପଞ୍ଚାୟତ ସରପଞ୍ଚ ସ୍ୱଳପଦ୍ମା ହାଁସଦା, ମୁଖ୍ୟବକ୍ତା ରୂପେ ଶିକ୍ଷକ ହେମନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳକୁ ପୁରସ୍କୃତ କରିଥିଲେ। ବଡ଼ ଟୁସୁ ମଧ୍ୟରେ କୁଷୀଡହା ପ୍ରଥମ, କୁଦରସାହି ଦ୍ୱିତୀୟ ଓ କୁଲଗୀ ତୃତୀୟ କୁଲଗୀ ହୋଇଥିବାବେଳେ ଛୋଟ ଟୁସୁ ମଧ୍ୟରେ ବଗିଡିହ ପ୍ରଥମ, ଡୋଲାଯୋଡି ଦ୍ୱିତୀୟ ଓ କାନ୍ଦୁଆଣୀ ତୃତୀୟ ଦଳଙ୍କୁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏଥିରେ କୁଡୁମାଲି ଯୁବକ ସଂଘର ସଦସ୍ୟ ଅଜିତ ମହାନ୍ତ, ଛୋଟୁରାମ ମହାନ୍ତ, ଶରତ ମହାନ୍ତ, ଲାଲବିହାରୀ ମହାନ୍ତ, ଆଶିଷ ମହାନ୍ତ, ଶଶାଙ୍କ ମହାନ୍ତ ଓ ସୟାନ ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଇଗ୍ନୁର ଉପାଚାର୍ଯ୍ୟଙ୍କ ଦୁଇଦିନିଆ ମୟୂରଭଞ୍ଜ ଗସ୍ତ

# ଆଞ୍ଚଳିକ କେନ୍ଦ୍ର ସହ ଦକ୍ଷତା କେନ୍ଦ୍ର ପରିଦର୍ଶନ

ବାରିପଦା/ରାଇରଙ୍ଗପୁର, ୧୯ ।୧(ସମିସ)

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ର ଉପାଚାର୍ଯ୍ୟ ପ୍ରଫେସର ଉମା କାଞ୍ଜିଲାଲ ସୋମବାର ରାଇରଙ୍ଗପୁରସ୍ଥ ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ରକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଫିସିଆଲ୍ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ପୂର୍ବ ଓଡ଼ିଶା ଓ ବିଶେଷକରି ମୟୂରଭଞ୍ଜ ଜିଲ୍ଲାରେ ମୁକ୍ତ ଓ ଦୂରସ୍ଥ ଶିକ୍ଷଣ, ଦକ୍ଷତା ବିକାଶ ଉଦ୍ୟମକୁ ସମୃଦ୍ଧ କରିବା ଦିଗରେ ଏକ ଯଥେଷ୍ଟ ପଦକ୍ଷେପ ସାବ୍ୟସ୍ତ ହୋଇଛି। ଉପାଚାର୍ଯ୍ୟଙ୍କ ସହିତ ସ୍ପେଶାଲ୍ ପ୍ରୋଜେକ୍ଟର ନିର୍ଦ୍ଦେଶକ ପ୍ରଫେସର ନୟନତାରା ପଡ୍ଡୁ ମଧ୍ୟ ଏହି ପରିଦର୍ଶନରେ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ଉପାଚାର୍ଯ୍ୟ ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ରର ଶୈକ୍ଷିକ, ପ୍ରଶାସନିକ, ଭିତ୍ତିଭୂମିର ସମୀକ୍ଷା କରିଥିଲେ। ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ମନୋଜ କୁମାର ଦାଶ, ଶୈକ୍ଷିକ ଓ ପ୍ରଶାସନିକ କର୍ମଚାରୀ, ଏକାଡେମିକ୍ କାଉନସେଲରଙ୍କ ସହିତ ଆଲୋଚନା ହୋଇଥିଲା।

ଗ୍ରାମାଞ୍ଚଳ, ଆଦିବାସୀ ଓ ଦୂରବର୍ତ୍ତୀ ଅଞ୍ଚଳର ଶିକ୍ଷାର୍ଥୀଙ୍କ ପାଇଁ ଉଚ୍ଚଶିକ୍ଷାର ପ୍ରସାରଣରେ ଆଞ୍ଚଳିକ କେନ୍ଦ୍ରର ପ୍ରୟାସକୁ ଉପାଚାର୍ଯ୍ୟ ପ୍ରଶଂସା କରିଥିଲେ। ଯାହା ଇଗ୍ନୁ ସମାବେଶୀ ଶିକ୍ଷା ନୀତି ସହିତ ସମାନ୍ତର। ଦକ୍ଷତା କେନ୍ଦ୍ରର ଭୂମିକା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଯେଉଁଥିରେ ବୃତ୍ତିଗତ ଶିକ୍ଷା, ନିଯୁକ୍ତିଯୋଗ୍ୟ କାର୍ଯ୍ୟକ୍ରମ ଓ ଜାତୀୟ ଶିକ୍ଷା ନୀତି ୨୦୨୦ ସହିତ ସମନ୍ୱିତ ଦକ୍ଷତା ଆଧାରିତ ତାଲିମକୁ ପ୍ରୋତ୍ସାହିତ କରାଯାଉଛି। ଅଧିକ ଇଣ୍ଡଷ୍ଟ୍ରି ସମ୍ପର୍କିତ ସାର୍ଟିଫିକେଟ୍ ଓ ଡିପ୍ଲୋମା କାର୍ଯ୍ୟକ୍ରମ ପ୍ରଚଳନ କରିବା, ସ୍ଥାନୀୟ ଅନୁଷ୍ଠାନ, ଶିଳ୍ପ ଓ ସରକାରୀ ବିଭାଗସହିତ ସହଯୋଗକୁ ମଜବୁତ କରି ଶିକ୍ଷାର୍ଥୀଙ୍କ ପହଞ୍ଚ ଓ ନିଯୁକ୍ତି ସୁଯୋଗକୁ ବୃଦ୍ଧି କରିବାକୁ ଉପାଚାର୍ଯ୍ୟ ପ୍ରୋତ୍ସାହନ ଦେଇଥିଲେ। ଏଥି ସହିତ ରାଇରଙ୍ଗପୁରର ଉପବିଭାଗୀୟ ମାଜିଷ୍ଟ୍ରେଟ୍ ଓ ଉପବିଭାଗର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଏକ ଶିଷ୍ଟାଚାର ବୈଠକ କରିଥିଲେ। ବୈଠକରେ ଶିକ୍ଷା, ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ, ଯୁବ ତାଲିମ ଓ ସରକାରୀ କର୍ମଚାରୀଙ୍କ ସାମର୍ଥ୍ୟ ବୃଦ୍ଧି କ୍ଷେତ୍ରରେ ଇଗ୍ନୁ ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସହଯୋଗର ସମ୍ଭାବନା ଖୋଜାଯାଇଥିଲା। ବିଶେଷକରି ବଞ୍ଚିତ ବର୍ଗର ଲୋକଙ୍କ ପାଇଁ ଇଗ୍ନୋର ଶୈକ୍ଷିକ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ପ୍ରଶାସନର ପୂର୍ଣ୍ଣ ସହଯୋଗ ପ୍ରଦାନ କରିବାକୁ ଏସଡିଏମ ଆଶ୍ୱାସନା ଦେଇଥିଲେ।



ମଙ୍ଗଳବାର ଉପାଚାର୍ଯ୍ୟ ବାରିପଦାସ୍ଥ ଜିଲ୍ଲାପାଳ କାର୍ଯ୍ୟାଳୟକୁ ପରିଦର୍ଶନ କରିବେ ଓ ମୟୂରଭଞ୍ଜ ଜିଲ୍ଲାରେ ଇଗ୍ନୁର ଉପସ୍ଥିତି ଓ ପହଞ୍ଚକୁ ସମୃଦ୍ଧ କରିବା ଉପରେ ବିସ୍ତୃତ ଆଲୋଚନା କରିବେ। ଏହି ବୈଠକରେ ଆଜୀବନ ଶିକ୍ଷଣ, ଡିଜିଟାଲ୍ ସାକ୍ଷରତା, ଉଦ୍ୟମୀତା ବିକାଶ ଓ ସ୍ୱୟଂସହାୟକ ଗୋଷ୍ଠୀର ତାଲିମ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଉଦ୍ୟମଗୁଡ଼ିକୁ ସମର୍ଥନ କରିବାରେ ଇଗ୍ନୋର ସମ୍ଭାବନାକୁ ଉଜାଗର କରାଯିବ। ମିଳିତ ସଚେତନତା କାର୍ଯ୍ୟକ୍ରମ, ତାଲିମ ୱାର୍କସପ୍ ଓ ସମୁଦାୟ କେନ୍ଦ୍ରିକ ଶୈକ୍ଷିକ ହସ୍ତକ୍ଷେପ ଆୟୋଜନର ସମ୍ଭାବନା ଉପରେ ଆଲୋଚନା ହେବ। ଉପାଚାର୍ଯ୍ୟଙ୍କ ଏହି ପରିଦର୍ଶନ ଇଗ୍ନୁର ଶିକ୍ଷା ଓ ଦକ୍ଷତା ମାଧ୍ୟମରେ ଆଞ୍ଚଳିକ ବିକାଶ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଇଛି। ଜିଲ୍ଲା ଓ ଉପବିଭାଗୀୟ ପ୍ରଶାସନ ସହିତ ସହଯୋଗୀ ପ୍ରୟାସକୁ ସମର୍ଥନ କରି ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟ ହାସଲ କରିବାକୁ ମଜବୁତ କରୁଛି। ଏହି ଆଲୋଚନା ନୂତନ ସ୍ଥାପିତ ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ର, ରାଇରଙ୍ଗପୁର ଅଧୀନରେ ଅଧିକ ଶୈକ୍ଷିକ କାର୍ଯ୍ୟକଳାପ, ଉନ୍ନତ ଶିକ୍ଷାର୍ଥୀ ସେବା ଓ ପ୍ରଭାବଶାଳୀ ଦକ୍ଷତା ବିକାଶ ଉଦ୍ୟମର ପଥ ପ୍ରଶସ୍ତ କରିବ ବୋଲି ଆଶା କରାଯାଉଛି।

### ବାଉଁଶ ହସ୍ତଶିଳ୍ପର ପ୍ରଚାର ପ୍ରସାର ନିମନ୍ତେ ପ୍ରୟାସ

## ନିଃଶୁଳ୍କ ଷ୍ଟଲ୍‌ରେ ପ୍ରଦର୍ଶନ ଓ ବିକ୍ରୟ ବ୍ୟବସ୍ଥା



ରାଇରଙ୍ଗପୁର,୧୯।୧(ସମିସ): ବାଉଁଶ ହସ୍ତଶିଳ୍ପର ବ୍ୟାପକ ଭାବେ ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରୟାସ କରାଯାଇଛି। ସିଟିଜେନ୍ସ ଫୋରମ ଫୋର ପ୍ରୋଗ୍ରେସିଭ ଓଡ଼ିଶା (ସିଏଫପିଓ) ଓ ଆନ୍ତର୍ଜାତିକ ସେବା ଅନୁଷ୍ଠାନ ଥିଓସୋଫିକାଲ ଅର୍ଡର ଅଫ ସର୍ଭିସ (ଟିଓଏସ) ମିଳିତ ଆନୁକୂଲ୍ୟରେ 'ଜୀବିକା ସହାୟକ ପଦକ୍ଷେପ' କାର୍ଯ୍ୟକ୍ରମ ମାଧ୍ୟମରେ ଉକ୍ତ ପ୍ରୟାସ ହାତକୁ ନିଆଯାଇଛି। ବାମନଘାଟି ଉପଖଣ୍ଡର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ହେଉଥିବା ବାଉଁଶ ହସ୍ତଶିଳ୍ପ ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ଏକ ନିଃଶୁଳ୍କ ଷ୍ଟଲ ବ୍ୟବସ୍ଥା କରାଯାଇଛି। ରାଇରଙ୍ଗପୁରସ୍ଥ କଚେରୀ ଷ୍ଟାଡ଼ିୟମ ପରିସରରେ ଆୟୋଜିତ କଳିଙ୍ଗ ହର୍ବାଲ ମେଳାରେ ଉକ୍ତ ଷ୍ଟଲ ହୋଇଛି। ସେଥିରେ ବହଳଦା, ବିଶୋଇ ଓ ବିଜାତଳା ବ୍ଲକର ୪ଟି ସ୍ୱୟଂସହାୟକ ଗୋଷ୍ଠୀ ଭାଗ ନେଇଛନ୍ତି। ସେହି ଗୋଷ୍ଠୀ ଦ୍ୱାରା ବାଉଁଶରୁ ତିଆରି ହୋଇଥିବା ଟ୍ରେ, ଲ୍ୟାମ୍ପ ଓ ଅନ୍ୟାନ୍ୟ ଘର ସାଜସଜ୍ଜା ସାମଗ୍ରୀ ପରିଦର୍ଶକଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଛି। ଉଦଘାଟନ ଅବସରରେ ସଂସ୍ଥା ପକ୍ଷରୁ ଦେବ ହୋତା, ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ନବଚରଣ ମାଝୀ ଓ ରାଜ୍ୟସଭା ସାଂସଦ ମମତା ମହାନ୍ତଙ୍କୁ ଭେଟିଥିଲେ। ଉକ୍ତ ଜୀବିକା ସହାୟକ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ଉକ୍ତ ଷ୍ଟଲ୍‌ରେ ସିଏଫପିଓ ତରଫରୁ ଯୁବକ ଶାଖା ବରିଷ୍ଠ କାର୍ଯ୍ୟକର୍ତ୍ତା ଗଣେଶ ମିଶ୍ର, ବହଳଦା ଓ ତିରିଂ ପରିଚାଳକ ଦୀପକ ମିଶ୍ର, କରଞ୍ଜିଆ ସବଡିଭିଜନ ପରିଚାଳକ ଜୟନ୍ତ ମହାନ୍ତ, ରାଇରଙ୍ଗପୁର ଯୁବ ପରିଚାଳକ ସଞ୍ଜୟ ନାୟକ ଓ ବିଶୋଇ ବ୍ଲକ ପରିଚାଳକ ଶେଖର ମାହାଲୀ ଉପସ୍ଥିତ ରହି ଷ୍ଟଲ ପରିଚାଳନା ତଦାରଖ କରିଥିଲେ। ଏ ନେଇ ଜିଲ୍ଲା ପ୍ରଶାସନ ଓ ଜଙ୍ଗଲ ବିଭାଗକୁ ଧନ୍ୟବାଦ ଜଣାଇଥିଲେ।

### ଜିଲ୍ଲାସ୍ତରୀୟ କଳା ପ୍ରଦର୍ଶନୀ

## ଭାଗନେଲେ ୩୫୦ରୁ ଊର୍ଦ୍ଧ୍ୱ ଚିତ୍ରାଙ୍କନ ପ୍ରତିଯୋଗୀ

ବାରିପଦା,୧୯ ।୧(ସମିସ): ଜିଲ୍ଲାସ୍ତରୀୟ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ କଳା ଏକାଡେମୀ ଓ ବାରିପଦା ମ୍ୟୁନିସିପାଲିଟି ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଶିଶୁ ଉଦ୍ୟାନରେ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ନର୍ସରୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪ଟି ଗ୍ରୁପ୍‌ରେ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଚଳିତ ବର୍ଷର ଥିମ୍ ଥିଲା ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଓ ପ୍ରସିଦ୍ଧ ମନ୍ଦିରର ଚିତ୍ରାଙ୍କନ।



ଶିଶୁ ଉଦ୍ୟାନରେ ସକାଳ ୧୦ଟାରୁ ଦ୍ୱିପହର ୧୨ଟା ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ପ୍ରାୟ ୫୦ ଜଣ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମେଡାଲ୍ ଦେଇ ପୁରସ୍କୃତ କରାଯାଇଥିଲା।

ସନ୍ଧ୍ୟାରେ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ପୁରସ୍କାର ବିତରଣ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବେ ଡିଜାଇନ ଡିପ୍ଲମା କଲେଜର ଡିନ୍ ଡ ରଞ୍ଜିତ ସାହୁ, ସମ୍ମାନିତ ଅତିଥି ଭାବେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗକେଶରୀ ଜେନା ଓ କ୍ରିଏଟିଭ ସ୍କୁଲ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍ ପ୍ରିନ୍ସିପାଲ୍ ରବୀନ ମହାପାତ୍ର ଯୋଗ ଦେଇଥିଲେ। ଶ୍ରୀଜଗନ୍ନାଥ କଳା ଏକାଡେମୀର ପ୍ରିନ୍ସିପାଲ୍ ଶୁଭସ୍ମିତା ଭାରତୀ ହୋତା ଓ ଟ୍ରଷ୍ଟି ରାକେଶ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏ ଅବସରରେ ସମସ୍ତ ଚିତ୍ରକଳାକୁ ପ୍ରଦର୍ଶନ କରାଯାଇ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଶ୍ରୀଜଗନ୍ନାଥ କଳା ଏକାଡେମୀ ୫ ବର୍ଷ ଧରି ଛାତ୍ରଛାତ୍ରୀଙ୍କୁ କଳା ଶିକ୍ଷା ଦେଇ ଆସୁଥିବାବେଳେ ଏହି ପ୍ରଦର୍ଶନୀ ଏହାର ଏକ ଉଜ୍ଜ୍ୱଳ ପ୍ରତିଫଳନ ହୋଇଛି। ଏଅବସରରେ କଳା ଶିକ୍ଷକ ଚିରଞ୍ଜୀବ ସାହୁ, ପ୍ରକାଶିନୀ ସାହୁ, ମାମୁନି ଧଳ, ନୃତ୍ୟ ଗୁରୁ ତପନ ବେହେରା, ସୁଜିତ ଧଳ, ସାଇରା ପ୍ରଧାନ, ଯୋଗ ଗୁରୁ ଚନ୍ଦନ ମିଶ୍ର ଓ ସଞ୍ଚାଳକ ହରେନ୍ଦ୍ର ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟି ସୁବାସ ରାଉତ, ଅଙ୍କୁର ଖୁରାନା, ପବିତ୍ର ପାଢ଼ୀ, ଦେବାଶିଷ ନାୟକ, ସୁକୁଲ ସୋରେନ ଓ ଏନଏସଏସ୍ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

### ■ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୬୭ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ



କରଞ୍ଜିଆ,୧୯।୧(ସମିସ): କରଞ୍ଜିଆରେ ମାସର ତୃତୀୟ ସୋମବାର ଦିନ ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅନୁପସ୍ଥିତିରେ ଏଡିଏମ ଈଶ୍ୱର ନାଏକ, ଏସ୍‌ପି ବରୁଣ ଘୁଣ୍ଟୁପାଲି ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ଉକ୍ତ ଶିବିରରେ ୬୭ଟି ଅଭିଯୋଗ ଆଗତ ହୋଇଥଲା। ସେଥିରୁ ୫୫ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୧୨ଟି ଗୋଷ୍ଠୀଗତ ଥିଲା। ଶିବିରରେ ଭତ୍ତା, ରାସ୍ତା, ଡ୍ରେନ ନିର୍ମାଣ ଆଦି ଅଭିଯୋଗ ଆସିଥିଲା। ଉପଖଣ୍ଡ ଚିକିତ୍ସାଳୟର ଆମ ଶୌଚାଳୟକୁ କାର୍ଯ୍ୟରେ ଲଗାଇବା ଆଦି ଏଡିଏମଙ୍କ ପାଖରେ ଦାବି କରାଯାଇଥିଲା। ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ପିଏଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତ, ଉପଖଣ୍ଡ ପୁଲିସ ଅଧିକାରୀ ନବକ୍ରିଷ୍ଣ ନାଏକ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ନଗେନ୍ଦ୍ର ମହାପାତ୍ର, କରଞ୍ଜିଆ ଡିଏଫ୍‌ଓ ବୈଦ୍ୟନାଥ ମାଝୀ, ଆରଡବ୍ଲୁଏସଏସର ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଦେଓବନ୍ଧ ଯୋଜନାର ଅଧୀକ୍ଷଣ ଯନ୍ତ୍ରୀ ସୁରଜ ପାତ୍ର, କେନାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଭଗବାନ ନାଏକ, ବିଦ୍ୟୁତ୍ ବିଭାଗ ଏସଡିଓ ଏ ରାଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁ, ସହକାରୀ ଜିଲ୍ଲାପାଳ ନିହାର ସେଠୀ, କରଞ୍ଜିଆ ତହସିଲଦାର ଦିବାକର ମାଝୀ ଓ ପାଞ୍ଚ ବ୍ଲକର ବିଡିଓ, ତହସିଲଦାର ଓ ସମସ୍ତ ଲାଇନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଶିବିରକୁ ସେକ୍ସନ ଅଫିସର ଧିରେନ ଭୋଇ, ମଞ୍ଜୁ ଦାସ, ଦିଲ୍ଲୀପ ପଲେଇ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ତ୍ରିରଙ୍ଗା କ୍ଲବ୍‌ର ମକର ମହୋତ୍ସବ

ବାରିପଦା, ୧୯ ।୧(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ପୂର୍ଣ୍ଣଚନ୍ଦ୍ରପୁରଠାରେ ତ୍ରିରଙ୍ଗା କ୍ଲବର ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ୬ଦିନିଆ ମକର ମହୋତ୍ସବ ଆୟୋଜିତ ହୋଇଛି। ପ୍ରଥମ ତିନିଦିନ ଦୌଡ଼, ଡିସକସ୍ ଓ ସଟପୁଟ ଥ୍ରୋ, ମା'ମାଉସୀଙ୍କ ଶଙ୍ଖ ଫୁଙ୍କା, ମ୍ୟୁଜିକ ଚେୟାର ସମେତ କୁନିକୁନି ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚତୁର୍ଥ ଦିବସ ସନ୍ଧ୍ୟାରେ ଆକର୍ଷଣୀୟ ନୃତ୍ୟଗୀତ କାର୍ଯ୍ୟକ୍ରମ ସହିତ ପ୍ରାୟ ୭୦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତତସହିତ ଜୁନିୟର ଗ୍ରୁପର ବାଳିକ ବିଭାଗରେ ଚାମ୍ପିଅନ ହୋଇଥିବା ସୋନୁ ଗୋଛାୟତ ଓ ଭଲିବଲ ପ୍ରତିଯୋଗିତାର ଚାମ୍ପିଅନ ଜଗନ୍ନାଥ ୱାରିୟର୍ସ, ରନର୍ସଅପ ଶକ୍ତିମାନ ସିକ୍ସ ଷ୍ଟାର୍ସ ଦଳକୁ ପୁରସ୍କୃତ କରାଯାଇଥିଲା। କ୍ଲବ୍‌ର ସଭାପତି ଆଲୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରିପଦା ଏସଡିପିଓ ପ୍ରଭାତ ମଲ୍ଲିକ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ୧୫ନଂ ୱାର୍ଡ କାଉନସିଲର ନିରୁପମା ମହାନ୍ତି, ଶିକ୍ଷାବିତ ନବକିଶୋର ପାଲବାବୁ ଓ ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଉପସ୍ଥିତ ରହି ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପସଭାପତି ରବୀନ୍ଦ୍ର ମହାନ୍ତି, ସମ୍ପାଦକ ବିଶ୍ୱରଞ୍ଜନ ବାଗ, ବରିଷ୍ଠ ସଦସ୍ୟ ଲିଟନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଳୟ ଦତ୍ତ ଓ ଉମେଶ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




### ପ୍ରେମକାଲ ଯୋଗ ମନ୍ଦିରର ବାର୍ଷିକ ଉତ୍ସବ

# 'ସୂର୍ଯ୍ୟ ନମସ୍କାର ଚାପ ଓ ନକାରାତ୍ମକ ଚିନ୍ତାଧାରାକୁ ଶେଷ କରିଥାଏ'

ବାରିପଦା, ୧୯ ।୧(ସମିସ): ସୂର୍ଯ୍ୟ ନମସ୍କାର ଏକ ସ୍ୱାସ୍ଥ୍ୟ ଉପଯୋଗୀ ଯୋଗ। ଏହାଦ୍ୱାରା ମଣିଷ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଆଦି କ୍ଷେତ୍ରରେ ଲାଭବାନ ହୋଇଥାଏ। ସୂର୍ଯ୍ୟ ନମସ୍କାର ଚାପ ଓ ନକାରାତ୍ମକ ଚିନ୍ତାଧାରାକୁ ଶେଷ କରିଦିଏ ବୋଲି ଆଜି ଦେବେନ୍ଦ୍ରପୁରସ୍ଥ ପ୍ରେମକାଲ ଯୋଗ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏ ଅବସରରେ ଯୋଗାଚାର୍ଯ୍ୟ ରାକେଶ ମହାନ୍ତଙ୍କ ତତ୍ତ୍ୱାବଧାନରେ ରବିବାର ଦିନ ବାରିପଦା ଷ୍ଟାଡିୟମରେ ୧୦୮ ଚକ୍ର ସୂର୍ଯ୍ୟ ନମସ୍କାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଚ୍ଚିଦାନନ୍ଦ ଗୁରୁକୁଳ ଅଧ୍ୟକ୍ଷ ଅଜିତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଚିନ୍ମୟ ମିଶନ ବାରିପଦାର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ବିଷ୍ଣୁକବି ଶତପଥୀ, ସମାଜସେବୀ ଅମର ସେଠୀ, ଅବସରପ୍ରାପ୍ତ ପୁଲିସ ଆରକ୍ଷୀ ଦୁର୍ଗାପ୍ରସାଦ ମିଶ୍ର, ସମାଜସେବୀ ଡ. ନିରୋଜ ଲୋଚନ ପୋଥାଳ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମସ୍ତେ ସୂର୍ଯ୍ୟ ନମସ୍କାରର ଉପକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉକ୍ତ ପ୍ରତିଯୋଗିତାରେ ୧୨୦ ଜଣ ଅଂଶଗ୍ରହଣ କରିଥିଲେ।



୧୦୮ ଚକ୍ର ସୂର୍ଯ୍ୟ ନମସ୍କାର ପ୍ରତିଯୋଗିତା

ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଆଜାମଗଡ, ଉତ୍ତରପ୍ରଦେଶର ବୈଦିକ ଯୋଗ ଆଶ୍ରମ ମୁଖ୍ୟ ସ୍ୱାମୀ ନରେନ୍ଦ୍ର ଜୀ, ସମ୍ମାନିତ ଅତିଥି ଉକ୍ତ ଆଶ୍ରମର ଯୋଗାଚାର୍ଯ୍ୟ ସୁମିତ କୁମାର, ଅଘେଶ୍ୱର ଭଗବାନ ରାମ ଅନୁସନ୍ଧାନ କେନ୍ଦ୍ର, ବନାରସର ଡାକ୍ତର ଦିନେଶ କୁମାର ଝା, ମୁଖ୍ୟବକ୍ତା ରୂପେ କାଶୀ ଉତ୍ତରପ୍ରଦେଶର ଯୋଗାଚାର୍ଯ୍ୟ ବିଜେନ୍ଦ୍ର ଶାସ୍ତ୍ରୀ ଯୋଗଦେଇ ୫୪ ଚକ୍ର ଓ ୧୦୮ ଚକ୍ର ସୂର୍ଯ୍ୟ ନମସ୍କାର ସମ୍ପୂର୍ଣ୍ଣ କରିଥିବା ସମସ୍ତ ବିଜେତାଙ୍କୁ ପଦକ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ରେଣୁବାଳା ରଥ, ପ୍ରଭାତ ମହାନ୍ତ ମଞ୍ଚାସୀନ ଥିଲେ। ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ କେନ୍ଦ୍ରର ପିଲାମାନେ ବିଭିନ୍ନ ଯୋଗ ଆସନ ପ୍ରଦର୍ଶନ କରିଥିବା ବେଳେ ସଚ୍ଚିଦାନନ୍ଦ ଗୁରୁକୁଳର ଛାତ୍ରୀ ଲିପିକା ପଣ୍ଡା ସ୍ୱାଗତ ନୃତ୍ୟ ପ୍ରଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଞ୍ଜିତ ମହାନ୍ତ, ପଦ୍ମନାଭ ମହାନ୍ତ, ଅମରେନ୍ଦ୍ର ମହାନ୍ତ, ଐଶ୍ୱର୍ଯ୍ୟ ରାଉତ, ମଧୁସ୍ମିତା ରାଉତ, କ୍ରିଷ୍ଣା ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଜଗବନ୍ଧୁ ମହାନ୍ତ, ଚିନ୍ମୟ ମହାନ୍ତ, ବାଦଲ ମହାନ୍ତ, ସନ୍ଧ୍ୟା ମହାନ୍ତ ଓ ସୁଶାନ୍ତ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

### ● ଭତ୍ତା ପାଇଁ ୧୨ କିମି ଦୂର ବ୍ୟାଙ୍କକୁ ଯାଇପାରୁନୁ

## ସିଧାସଳଖ ଭତ୍ତା ଟଙ୍କା ପ୍ରଦାନ କରାଯିବା ଦାବି



ବାରିପଦା,୧୯।୧(ସମିସ): ପ୍ରତି ମାସରେ ଆଙ୍କା ଘରଠାରୁ ନଦୀନାଳ ପାରି ହୋଇ ୧୨ କିମି ଦୂର ବ୍ୟାଙ୍କକୁ ଗଲେ ମିଳୁଛି ଭତ୍ତା। ବହୁତ ହଇରାଣ ହେଉଛୁ। ଆମ ପଞ୍ଚାୟତରେ ଗୋଟିଏ ବ୍ୟାଙ୍କ ଖୋଲାଯାଉ। ନଚେତ୍ ସିଧାସଳଖ ଭତ୍ତା ଟଙ୍କା ଦିଆଯାଉ ବୋଲି ଥମଥମ ଗଳାରେ ପ୍ରକାଶ କରିଛନ୍ତି ବୃଦ୍ଧବୃଦ୍ଧା। ସମସ୍ତେ ବଡ଼ସାହି ବ୍ଲକ୍ ଅଧୀନ ଶାଳଗାଁ ପଞ୍ଚାୟତର ବାସିନ୍ଦା। ପଞ୍ଚାୟତ ଓ ବ୍ଲକ ପ୍ରଶାସନ ତାଙ୍କ ଅଭିଯୋଗ ଶୁଣୁ ନ ଥିବାରୁ ବସ୍‌ରେ ୫୦ କିମି ଯାତ୍ରା କରି ଜିଲ୍ଲାପାଳଙ୍କୁ ସାକ୍ଷାତ ପାଇଁ ସୋମବାର ପହଞ୍ଚିଥିଲେ। ତେବେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସାକ୍ଷାତ ନ ପାଇ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରି ସମସ୍ତେ ଫେରିଛନ୍ତି। ସୂଚନା ମୁତାବକ, ପାଳପାଟଣା ଗ୍ରାମର ବାର୍ଦ୍ଧକ୍ୟ ଭତ୍ତା ହିତାଧାରୀ ବ୍ୟାଙ୍କକୁ ଯାଇ ଭତ୍ତା ଟଙ୍କା ସଂଗ୍ରହ କରିବାରେ ବାଧା ଉପୁଜୁଛି। ବ୍ୟାଙ୍କରେ ଭତ୍ତାଧାରୀଙ୍କ ଆଙ୍ଗୁଠି ଛାପ ହେଉ ନ ଥିବାରୁ ସେମାନେ ଅନେକ ହଇରାଣ ହେଉଛନ୍ତି। ବୃଦ୍ଧବୃଦ୍ଧା ୧୨ କିମି ଦୂର ମାଣତ୍ରୀରେ ଥିବା ବ୍ୟାଙ୍କକୁ ବାରମ୍ବାର ଦୌଡି ଦୌଡି ନୟାନ୍ତ ହୋଇପଡୁଛନ୍ତି। ଏପରିକି ଅର୍ଥଦଣ୍ଡ ସହିତ ଶାରିରୀକ ପୀଡ଼ା ଭୋଗିବାକୁ ପଡୁଛି। ବର୍ଷାଦିନେ ନଦୀନାଳ ପାର ହୋଇ ଭତ୍ତା ଟଙ୍କା ଆଣିବା କଷ୍ଟକର ହୋଇପଡୁଛି। ପ୍ରତି ମାସ ଭତ୍ତା ଆଣିବା ପାଇଁ ଅନ୍ୟର ସାହାରା ନେବାକୁ ପଡୁଛି। ଏଣୁ ଭତ୍ତାକାରୀଙ୍କୁ ଗ୍ରାମରେ ସିଧାସଳଖ ଭତ୍ତା ପ୍ରଦାନ କଲେ ବହୁ ହିତାଧିକାରୀ ଉପକୃତ ହୋଇପାରିବେ ବୋଲି ଚୈତନ୍ୟ ମାଝୀ, ରମାକାନ୍ତ ଦେହୁରୀ, ଲକ୍ଷ୍ମୀଧର ଦେହୁରୀ, ମାଳତୀ ଦେହୁରୀ, ମିନତୀ ଦେହୁରୀ, ବାଇଧର ରଣା, କଟି ରଣା, ସାଙ୍ଗିରି ପାତ୍ର, କ୍ଷେତ୍ରମୋହନ ମାଝୀ, ବେଙ୍ଗ ଦେହୁରୀ, ବେଙ୍ଗ ଦଳେଇ, ଆନନ୍ଦ ଦେହୁରୀ, ପ୍ରସନ୍ନ ଦେହୁରୀ, ଦୁର୍ଗାମଣି ଜେନା, ରବୀନ୍ଦ୍ର ପାକଳ ଓ ସାବିତ୍ରୀ ମାଝୀ ଅଭିଯୋଗରେ ଦର୍ଶାଇଛନ୍ତି।

### ପୂରଣ ହେବ ଗ୍ରାମବାସୀଙ୍କ ସ୍ୱପ୍ନ

# ଖୁବ୍‌ଶୀଘ୍ର ନିର୍ମାଣ ହେବ କଣ୍ଟାବଣିଆ-ଖରାଖିଆ ରାସ୍ତା

ଖଇରା,୧୯ ।୧(ସମିସ)



ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଗୋଳିହା ପଞ୍ଚାୟତର କଣ୍ଟାବଣିଆ ବାରଭାଗିଆ ଓ ଖରାଖିଆ ଗ୍ରାମକୁ ଯିବା ଆସିବା ଭଳି ନିତିଦିନିଆ ରାସ୍ତାଟିଏ ନଥିଲା । ୭୬ବର୍ଷ ଧରି କାଦୁଅ ପଚପଚ ରାସ୍ତାରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଘରୁ ବାହାରିବାକୁ ବାଧ ହେଉଥିଲେ । ଏଥିପାଇଁ ସ୍ଥାନୀୟ ଯୁବନେତା ରମେଶ ଘଡ଼େଇ ଦୀର୍ଘଦିନ ଧରି ଉଦ୍ୟମ ଜାରି ରଖିଥିଲେ । ଶେଷରେ ସ୍ଥାନୀୟ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ପ୍ରଚେଷ୍ଟାରେ ରାସ୍ତାପାଇଁ ପାଖାପାଖି୨.୫୬କୋଟି ଟଙ୍କାର ମଞ୍ଜୁର ହୋଇଥିଲା । ସୋମବାର ଉପରୋକ୍ତ ୩ଗ୍ରାମକୁ ସଂଯୋଗ କରୁଥିବା କଣ୍ଟାବଣିଆ-ଖରାଖିଆ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଣ୍ଟାବଣିଆଠାରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖଇରା ସିମୁଳିଆ ବ୍ଲକ୍‌ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୧୨୫ଟି ରାସ୍ତା ନିର୍ମାଣ କରାଯିବ । ଏବେ ୬ଟି ରାସ୍ତାର ଟେଣ୍ଡର ସରିଛି । ବାକି ୪ବର୍ଷ ମଧ୍ୟରେ ସମସ୍ତ ରାସ୍ତା ନିର୍ମାଣ ସାରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରକାଶ କରିଥିଲେ । ରମେଶ ଘଡ଼େଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ନାରାୟଣ ସାହୁ, ବ୍ଲକ୍ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସରପଞ୍ଚ ପୁଷ୍ପଲତା ଘଡ଼େଇ, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସୁଣ୍ଡିରା ସରପଞ୍ଚ ମମତାରାଣୀ ପରିଡ଼ା, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତ, ଚଗୁଲୁ ରାଉତ, ସୁରେଶ କୁମାର ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## ସୁବର୍ଣ୍ଣରେଖାରେ ପକ୍ଷୀ ଗଣନା ଆରମ୍ଭ



ଜଳେଶ୍ୱର,୧୯।୧(ସମିସ): ଶୀତ ଋତୁ ଆସିଲେ ନଦୀ, ହ୍ରଦ ଓ ବିଭିନ୍ନ ଜଳାଶୟରେ ବିଭିନ୍ନପ୍ରକାରର ପକ୍ଷୀ ଦେଖିବାକୁ ମିଳିଥାଏ । ଏହି ସମୟରେ ବିଦେଶୀ ପକ୍ଷୀଙ୍କ ଆଗମନ ମଧ୍ୟ ହୋଇଥାଏ । ଯାହାକୁ ଦେଖିବାକୁ ପର୍ଯ୍ୟଟକଙ୍କ ମଧ୍ୟରେ ଭିଡ଼ ଜମିଥାଏ । ଉତ୍ତର ଓଡ଼ିଶାର ପ୍ରମୁଖ ନଦୀ ସୁବର୍ଣ୍ଣରେଖାର ମୁହାଣ ଉଦୟପୁର, ବିଚିତ୍ରପୁର, କୀର୍ତ୍ତନିଆ ପ୍ରଭୃତି ବିଭିନ୍ନ ସ୍ଥାନରେ ବହୁ ପ୍ରକାରର ପକ୍ଷୀ ଦେଖିବାକୁ ମିଳୁଥିବା ବେଳେ ବିଦେଶୀ ପକ୍ଷୀଙ୍କ ଆଗମନ ମଧ୍ୟ ହୋଇଥାଏ । ଚଳିତ ବର୍ଷ ବନ ବିଭାଗ ପକ୍ଷରୁ ଏହି ପକ୍ଷୀଗଣନା ଆରମ୍ଭ ହୋଇଥିବା ଜଣାପଡ଼ିଛି । ତେବେ ଏହି ଗଣନା ସମୟରେ ୩୫ପ୍ରକାରର ପକ୍ଷୀ ଚଳିତ ବର୍ଷ ସୁବର୍ଣ୍ଣରେଖାକୁ ଆସିଥିବା ସୂଚନା ମିଳିଛି । ତେବେ ଏହି ପକ୍ଷୀଙ୍କ ସଖ୍ୟା ୧୦ ହଜାରରୁ ଅଧିକ ବୋଲି ଗଣନାରୁ ଜଣାଯାଇଛି । ଏହି ଗଣନାରେ ଏସିଏଫ୍ ଜୟଶ୍ରୀ ମୁର୍ମୁ, ଜଙ୍ଗଲ ସାଥୀ ଅଶ୍ୱିନୀ କୁମାର ଦାସ, ଉଦୟପୁର ଫରେଷ୍ଟର ସଞ୍ଜୟ କୁମାର ମହାନ୍ତି, ଫରେଷ୍ଟ ଗାର୍ଡ ପ୍ରମିଳା ସେନା ପ୍ରମୁଖଙ୍କ ସହିତ ଅନ୍ୟମାନେ ସାମିଲ ହୋଇଥିଲେ । ତେବେ ସୁବର୍ଣ୍ଣରେଖା ନଦୀର ପରିବେଶ ଖରାପ ହେବାକୁ ଯାଉଥିବାରୁ ବିଦେଶୀ ପକ୍ଷୀ ଓ ସ୍ଥାନୀୟ ପକ୍ଷୀଙ୍କ ସଂଖ୍ୟା କମିବାରେ ଲାଗିଛି । ପରିବେଶବିତ୍‌ଙ୍କ କହିବାନୁଯାୟୀ ନଦୀର ଶାନ୍ତ ପରିବେଶ ଧୀରେଧୀରେ ନଷ୍ଟ ହେବାକୁ ବସିଲାଣି । ଏବେ ନଦୀର ବିଭିନ୍ନ ସ୍ଥାନରେ ବେଆଇନ ବାଲି ଉତ୍ତୋଳନ ଚାଲିଛି । ଯାହା ଫଳରେ ସବୁବେଳେ ଜେସିବି ମେସିନ ଓ ଟ୍ରାକ୍ଟର ଚାଲୁଥିବାର ପ୍ରଚଣ୍ଡ ଶବ୍ଦ ସାଙ୍ଗକୁ ପ୍ରଦୂଷଣ ବଢ଼ିବାରେ ଲାଗିଛି । ଯାହା ପ୍ରକୃତି ଓ ପରିବେଶକୁ ବିଗାଡ଼ିବାରେ ଲାଗିଛି । ଏହା ମାନବ ସମାଜ ପ୍ରତି ସତର୍କ ଘଣ୍ଟି ବୋଲି ପରିବେଶବିତ୍ କହିଛନ୍ତି ।

## ନନ୍ଦୋର ମୁନୀ ମହୋତ୍ସବ ଉଦ୍‌ଯାପିତ

● ଶେଷ ସନ୍ଧ୍ୟାରେ ମନ ମୋହିଲେ ଅଭିଷେକ, ପ୍ରୀତି



ଖଇରା,୧୯ ।୧(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅଧୀନ ନନ୍ଦୋର ମୁନୀ ପଡ଼ିଆରେ ଚାଲିଥିବା ଓଝା ପୋଖରୀ ନନ୍ଦୋର ମୁନୀ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଶେଷ ସନ୍ଧ୍ୟାରେ ଓଡ଼ିଶାର ଖ୍ୟାତିସମ୍ପନ୍ନ କଳକାର ଅଭିଷେକ ପଣ୍ଡା ଓ ପ୍ରୀତି ବିଶ୍ୱାଳଙ୍କ ସଂଳାପ ଓ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା । ଏହି ଅବସରରେ ଆୟୋଜିତ ସଭାରେ ସୋର ରେଞ୍ଜର ହରିହର ମାଝୀ ଓ ସାମ୍ବାଦିକ ତପୋଧନ ବାରିକ, ସମାଜସେବୀ ବୈକୁଣ୍ଠ ସାମଲ, ଟିପୁ ଓଝା, ଆଦର୍ଶ ଶିକ୍ଷକ ନରହରି ରାଉଳ ଯୋଗଦେଇ ମହୋତ୍ସବ ପରସ୍ପର ମଧ୍ୟରେ ମନୋମାଳିନ୍ୟ ଦୂର କରି ଆପଣା ପଣିଆରେ ବାନ୍ଧି ରଖିଥାଏ ବୋଲି କହିଥିଲେ । ମଞ୍ଚ ପରିଚାଳକ ସୁଶାନ୍ତ ମହାପାତ୍ର ଓ ସୁବାସ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତୀୟ ସନ୍ଧ୍ୟାରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ୍ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଓ ଜିଲ୍ଲା ପରିଷଦ ସଭ୍ୟ ମାନସ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା



ବାଲେଶ୍ୱର,୧୯।୧(ସମିସ): ସହଦେବଖୁଣ୍ଟାସ୍ଥିତ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲ ପ୍ରାଙ୍ଗଣରେ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଗୀତ, ନୃତ୍ୟ ଓ କୁଇଜ୍ ଭଳି ବିଭିନ୍ନ କାର୍ଯ୍ୟକ୍ରମ ସବ୍-ଜୁନିୟର, ଜୁନିୟର ଓ ସିନିୟର ତିନୋଟି ଶ୍ରେଣୀରେ ଆୟୋଜିତ ହୋଇଥିଲା । ଡିଏଭି ସ୍କୁଲ, ଝାଡ଼େଶ୍ୱର ଇଣ୍ଟରନ୍ୟାସନାଲ୍ ସ୍କୁଲ, ସେଣ୍ଟ୍ ଥୋମାସ୍ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ୨, ହରିପୁର ସରକାରୀ ବିଦ୍ୟାଳୟ, ଅରାଡ ବଜାର ସରକାରୀ ବିଦ୍ୟାଳୟ ଓ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲ ସହିତ ମୋଟ ୭ ଟି ବିଦ୍ୟାଳୟର ୩୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ନିର୍ଦ୍ଦେଶିକା ଓ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ରାଣୀ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ 'ଓଡ଼ିଶା ଖବର'ର ମୁଖ୍ୟ ସମ୍ପାଦକ ଅମିୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମର ଶେଷରେ ବିଭିନ୍ନ ବିଭାଗର ବିଜେତାମାନଙ୍କ ନାମ ଘୋଷଣା କରାଯାଇ ସେମାନଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

## ଫକୀରମୋହନ ଜୟନ୍ତୀ ସମାରୋହ ଉଦ୍‌ଯାପିତ



ବାଲେଶ୍ୱର,୧୯।୧(ସମିସ): ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୪ତମ ଜୟନ୍ତୀ ଓ ଫକୀରମୋହନ ସାହିତ୍ୟ ପରିଷଦର ୭୯ତମ ବାର୍ଷିକ ଉତ୍ସବ ଶାନ୍ତିକାନନ ପରିସରରେ ଉଦ୍‌ଯାପିତ ହୋଇଯାଇଛି । ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ସୋନାଲିସା ମହାନ୍ତି ଅତିଥି ଭାବରେ ଯୋଗଦେଇ ପରିଷଦର ପତାକା ଅବତରଣ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ କରିଥିଲେ । ଏଥିପୂର୍ବରୁ ପରିଷଦର ସଭା କକ୍ଷରେ ଉପସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର, ପ୍ରାକ୍ତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଶିରୀଶ ଚନ୍ଦ୍ର ଜେନା, ଆଜୀବନ ସଦସ୍ୟ କରୁଣାକର ସ, ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଡ. ବିଜୟ ଦେ, କୋଷାଧ୍ୟକ୍ଷ ତପନ ରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ପରିଷଦ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କବି ଦୀପକ ବୋଷ ଚାରିଦିନ ବ୍ୟାପି ପାଳିତ ଉତ୍ସବ ସମ୍ପର୍କରେ କଥା ରଖିଥିବା ବେଳେ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାୟୁ ପ୍ରଦୂଷଣ ରୋକିବା ନେଇ ସଚେତନତା

ବାଲେଶ୍ୱର,୧୯ ।୧(ସମିସ): ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଅର୍ନ୍ତଗତ ବାଲେଶ୍ୱର ପୌରପରିଷଦ ପକ୍ଷରୁ ସମସ୍ତ ୱାର୍ଡର ଜନସାଧାରଣମାନଙ୍କ ମଧ୍ୟରେ ସଚେତନତା ପ୍ରସାର ଓ ସାମୁଦାୟିକ କ୍ଷମତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଏହାରି ମାଧ୍ୟମରେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି ପୌରପରିଷଦ ପକ୍ଷରୁ କୁହାଯାଇଛି । ବିଶେଷ କରି କରି ଏହାରି ମାଧ୍ୟମରେ ଆଚରଣ ଅବଲମ୍ବନ କରି ବାୟୁ ଗୁଣମାନ ସୁଧାର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହାସହିତ ସମସ୍ତ ୱାର୍ଡକୁ ଆବୃତ କରି ଏକ ଆଇଇସି ଭ୍ୟାନ ଚଳାଚଳ କରାଯାଉଛି ଯାହା ମାଧ୍ୟମରେ ବାୟୁ ଗୁଣମାନ ସୁଧାର, ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଖୋଲା ଆକାଶରେ ଆବର୍ଜ୍ଜନା ନଜଳାଇବା ସମ୍ପର୍କରେ ସଚେତନାମୂଳକ ବାର୍ତ୍ତା ପ୍ରାର କରାଯାଉଛି । ବିଶେଷ କରି ଏହି ସଚେତନତା କାର୍ଯ୍ୟକ୍ରମକୁ ପୌରପରିଷଦ



ବୃଦ୍ଧି ପାଉଥିବା ବାୟୁ ପ୍ରଦ୍ୟୁଷଣର ସ୍ତର, ବାୟୁର ଗୁଣମାନର ଅବନତି ଏବଂ ଏହାକୁ କମାଇବା ପାଇଁ ଗ୍ରହଣୀୟ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସମସ୍ତ ୱାର୍ଡର ନାଗରିକମାନଙ୍କୁ ସଚେତନ କରାଯାଉଛି । ସେଥିପାଇଁ ଖୋଲା ଆକାଶରେ ଆବର୍ଜ୍ଜନା ଜଳାଇବା ବନ୍ଦ କରିବା ଏବଂ ଦାୟିତ୍ୱପୂର୍ଣ୍ଣ ଅଧ୍ୟକ୍ଷା ସବିତା ସାହୁ ଏବଂ ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତିଙ୍କ ଦ୍ୱାରା ଆରମ୍ଭ କରାଯାଇଛି । ଏହା ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ସମସ୍ତ ୱାର୍ଡରେ ପରିବେଷଣ କରାଯିବା ବୋଲି ନିର୍ବାହୀ ଅଧିକାରୀ ଶ୍ରୀମତୀ ମହାନ୍ତି ସୂଚନା ଦେଇଛନ୍ତି ।

## ଆକ୍ରମଣରେ ଭାଇବୋହୂ ଗୁରୁତର ଘଟଣାରେ ୨ ଗିରଫ



ସୋର,୧୮।୧(ସମିସ): ଗତ ଜାନୁଆରୀ ୧୨ ତାରିଖରେ ସୋର ଥାନା ଚିତ୍ତଳ ଗ୍ରାମରେ ଗଛ କଟାକୁ କେନ୍ଦ୍ର କରି ଦେଢ଼ଶୁରଙ୍କ ଆକ୍ରମଣରେ ଭାଇବୋହୂ ଗୁରୁତର ଆହତ ହେବା ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି । ଅଭିଯୋଗ ଅନୁସାରେ ଏହି ଗ୍ରାମର ଅଭିରାମ ନାୟକଙ୍କ ସ୍ତ୍ରୀ ଅହଲ୍ୟା ନାୟକ ତାଙ୍କ ବାଡ଼ିରେ ଏକ ଆମ୍ବ ଗଛ ଲଗାଇଥିଲେ । କିନ୍ତୁ ଆମ୍ବ ଗଛଟିକୁ କେହି କାଟି ଦେଇଥିବାରୁ ଅହଲ୍ୟା ଗାଳି ଗୁଲଜ କରିଥିଲେ । ଫଳରେ ଏଥିରେ ଉତ୍କ୍ଷିପ୍ତ ହୋଇ ଦେଢ଼ଶୁର ପ୍ରଫୁଲ୍ଲ ନାୟକ(୬୪) ଏବଂ ଶିଶିର ନାୟକ(୪୬) ବିଭିନ୍ନ ମାରଣାସ୍ତ୍ର ସହ ଅହଲ୍ୟାଙ୍କ ଘର ମଧ୍ୟରେ ପଶି ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ଅହଲ୍ୟାଙ୍କ ମୁଣ୍ଡ, ଗୋଡ଼, ଦେହରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ । ଏହା ଦେଖି ତାଙ୍କ ଝିଅ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଖବରପାଇ ଅହଲ୍ୟାଙ୍କ ସ୍ୱାମୀ ଅଭିରାମ ଘରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ଅହଲ୍ୟା ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୪୩/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଗତକାଲି ବିଳମ୍ବିତ ରାତିରେ ପୁଲିସ ଉଭୟଙ୍କୁ ଗିରଫ କରିଥିଲେ । ଆଜି ଅପରାହ୍ନରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଯୁବ ଉଦ୍ୟୋଗୀଙ୍କ ଆତ୍ମହତ୍ୟା

ଜଳେଶ୍ୱର,୧୯।୧(ସମିସ): ଜଳେଶ୍ୱର ବ୍ଲକ୍ ଖୁଲୁଡ଼ା ପଞ୍ଚାୟତର ଖୁଲୁଡ଼ା ଗାଁର ପ୍ରାକ୍ତନ ଅଧ୍ୟାପକ ଜନ୍ମେଜୟ ଗିରିଙ୍କ ବଡ଼ ପୁଅ ପବିତ୍ର ଗିରି (୩୭)ଓରଫ ରାଜୁ ବିଷପାନ କରି ପ୍ରାଣ ହରାଇନ୍ତି ।ସୂଚନା ଅନୁସାରେ ଗୁରୁବାର ପାରିବାରିକ କଳହରୁ ପବିତ୍ର ଗିରି ଘାଷମରା ଔଷଧ ସେବନ କରି ଗୁରୁତର ହୋଇ କଟକ ସ୍ଥିତ ଘରୋଇ ହସ୍ପିଟାଲ ରେ ଚିକିତ୍ସିତ ହେଉ ଥିଲେ । କିନ୍ତୁ ଶୁକ୍ରବାର ତାଙ୍କର ମୃତ୍ୟୁ ପରେ ବ୍ୟବଚ୍ଛେଦ ହୋଇ ମୃତ ଶରୀର ଶନିବାର ଗାଁକୁ ଆସିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।ସେ ଜଣେ ବ୍ଲକ୍‌ସ୍ତରୀୟ ପ୍ରତିଭାବାନ କ୍ରିକେଟ ଖେଳାଳୀ, ଯୁବ ଉଦ୍ୟୋଗୀ, ସଂଗଠକ, ଅନୁଷ୍ଠାନ ପ୍ରେମୀ ଓ ବିଜେପିର ସକ୍ରିୟକର୍ମୀ ଥିଲେ । ସୂଚନା ପାଇ ବିଜେପି ନେତା ବ୍ରଜମୋହନ ପ୍ରଧାନ, କାଳୀଚରଣ ଦାସ, ଗ୍ରାମ୍ୟ ମୁଖ୍ୟ ପ୍ରଶାନ୍ତ ପଣ୍ଡା, ମନମୋହନ ଆଚାର୍ଯ୍ୟ, ଭୂପତି ମୀର୍ଦ୍ଧା, ତାପସ ପାଣିଗ୍ରାହୀ ଓ ଗ୍ରାମବାସୀ ଶେଷ ଦର୍ଶନ କରି ପରିବାରକୁ ସାନ୍ତ୍ୱନା ଦେଇଥିଲେ । ତାଙ୍କର କୁନି ପୁଅଝିଅ ରହିଥିବା ବେଳେ ଗାଁ ଶ୍ମଶାନରେ ପୁତୁରା ରାଜନ ଗିରି, କୁନି ପୁଅ ସ୍ୱାଗତ ମିଳିତଭାବେ ମୁଖାଗ୍ନି ଦେଇଥିଲେ ।

## ତୋଷଳ ଓଡ଼ିଶା ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ତୋଷଳ ଉତ୍ସବ'

ବାଲେଶ୍ୱର,୧୯।୧(ସମିସ): ତେନ୍ତୁଳିଆ ନଗରସ୍ଥିତ ତୋଷଳ ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ତୋଷଳ ଉତ୍ସବ' ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ଗୀତ ଓ ନାଟକ ପ୍ରଦର୍ଶନ କରି ସମସ୍ତଙ୍କ ମନ ମୋହିନେଇଥିଲେ । ଶିକ୍ଷା ସହିତ ସଂସ୍କାରର ସମନ୍ୱୟକୁ ନେଇ ପ୍ରସ୍ତୁତ କାର୍ଯ୍ୟକ୍ରମଗୁଡ଼ିକ ଦର୍ଶକମାନଙ୍କ ମଧ୍ୟରେ ବିଶେଷ ପ୍ରଶଂସା ଲାଭ କରିଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଡିଏସ୍‌ପି ନିର୍ମଳା ଗୋଛାୟତ, ମୁଖ୍ୟ ବକ୍ତା ଶିଶୁ କବି ପ୍ରଶାନ୍ତ କୁମାର ଦାସ, ସମ୍ମାନିତ ଅତିଥି ସିଏ ଅରୁଣ କୁମାର ଦାସ, ଅଧ୍ୟାପକ ସୁବାସ ଦାସ, ଡ ରବୀନ୍ଦ୍ର ବିଶ୍ୱାଳ, ଶିକ୍ଷକ ପ୍ରତିନିଧି ହରେକୃଷ୍ଣ ପାତ୍ର ଉପସ୍ଥିତ ଥିଲେ । ସଭାକୁ ସଭାପତିତ୍ୱ କରିଥିଲେ ବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ରାଉତ । ଏହି ଅବସରରେ ବିଭିନ୍ନ ପରୀକ୍ଷା ଓ କ୍ରୀଡ଼ାରେ ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟରୁ ଶ୍ରେଷ୍ଠ ଶିକ୍ଷକମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ଚେୟାରମ୍ୟାନ ସୁଶାନ୍ତ ରାଉତ ତାଙ୍କ ଭାଷଣରେ ବିଦ୍ୟାଳୟର ଲକ୍ଷ୍ୟ ଓ ଶିକ୍ଷା ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ତାଙ୍କର ଜୀବନର ସଂଘର୍ଷ ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଅତିଥି, ଅଭିଭାବକ ଓ ଶିକ୍ଷକମାନଙ୍କ ସହଯୋଗ ପାଇଁ ବିଦ୍ୟାଳୟ ପକ୍ଷରୁ ଧନ୍ୟବାଦ ଜଣାଯାଇଥିଲା ।

## ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

ବାଲେଶ୍ୱର,୧୯।୧(ସମିସ): ସ୍ଥାନୀୟ କୁରୁଡ଼ା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସର ମଧ୍ୟରେ ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପରାୟଣ ଓ ଜ୍ଞାନ ଯଜ୍ଞର ଆଜି ଥିଲା ପଞ୍ଚମ ସନ୍ଧ୍ୟା । ଏହି ଅବସରରେ ଆୟୋଜିତ ସଭାରେ ବୟୋଜ୍ୟେଷ୍ଠ ସଦସ୍ୟ ଶ୍ରୀଧର ବେହେରା ଓ ସଭାପତି ସାବିତ୍ରୀ ଜେନାଙ୍କ ଦ୍ୱାରା ପ୍ରବଚକ ପଣ୍ଡିତ ଗୋପାଳ ଚନ୍ଦ୍ର ରାଜଗୁରୁଙ୍କୁ ମାନସ ମହୋଦଧି ସମ୍ମାନରେ ସମ୍ମାନିତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା । ସମ୍ପାଦକ ଶରତ କୁମାର ଜେନା, ସଦସ୍ୟ ସନ୍ତୋଷ କୁମାର ବେହେରା ଏବଂ ଅନ୍ୟ ସଭ୍ୟମାନେ ଏହି ସଭାରେ ଉପସ୍ଥିତ ଥିଲେ ।

## ଉଦ୍ୟୋଗୀ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର,୧୯।୧(ସମିସ): କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ (ଏମ୍‌ଏସ୍‌ଏମ୍‌ଇ) ବିକାଶ ଓ ସହାୟତା କାର୍ଯ୍ୟାଳୟ, କଟକ ଏବଂ ସାଧନା ଫାଉଣ୍ଡେସନ, ବାଲେଶ୍ୱର ପକ୍ଷରୁ କୁରୁଡ଼ା ପଞ୍ଚାୟତର ବାଙ୍ଗରା ଗାଁରେ ଏକ ଉଦ୍ୟୋଗୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ଗାଁର ମହିଳାମାନଙ୍କୁ ସ୍ୱାବଲମ୍ବୀ, ଆତ୍ମନିର୍ଭର ଓ ଉଦ୍ୟୋଗୀ ହେବା ପାଇଁ ସଚେତନ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମଟି ସୁଜାତାରାଣୀ ପଣ୍ଡାଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ଗାଁର ଅନେକ ମହିଳା ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ଛୋଟ ଉଦ୍ୟୋଗ, ସ୍ୱୟଂସହାୟକ ଗୋଷ୍ଠୀ, ସରକାରୀ ଯୋଜନା, ଋଣ ସୁବିଧା ଓ ନିଜ ଦକ୍ଷତା ମାଧ୍ୟମରେ ଆୟ ସୃଷ୍ଟି ବିଷୟରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୁଷ୍ପା ମହାନ୍ତ, ଅଧିବକ୍ତା ବେବି ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଯୋଗଦେଇ ଉଦବୋଧନ ଦେଇଥିଲେ । ସ୍ଥାନୀୟ ବାସିନ୍ଦାମାନେ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ପାଇଁ ସାଧନା ଫାଉଣ୍ଡେସନକୁ ସାଧୁବାଦ ଜଣାଇଥିଲେ ।

# ଓଡ଼ିଶା କୃଷକ ସଭା ଓ କ୍ଷେତ ମଜଦୁର ୟୁନିଅନର ବିକ୍ଷୋଭ

ବାଲେଶ୍ୱର,୧୯।୧(ସମିସ)




ଆଜି ରେଳ ଷ୍ଟେସନ ଏବଂ ଅରୁଣ ଦେଙ୍କ ପ୍ରତିମୂର୍ତ୍ତିଠାରୁ ଦୁଇଟି ପୃଥକ ଶୋଭାଯାତ୍ରା ସିଆଇଟିୟୁ, ଓଡ଼ିଶା କୃଷକ ସଭା ଏବଂ ଓଡିଶା କ୍ଷେତ ମଜଦୂର ୟୁନିଅନର ନେତୃତ୍ୱରେ ଶ୍ରମିକ, କୃଷକ ଓ କୃଷି ଶ୍ରମିକ ମାନଙ୍କ ପଟୁଆର ବାହାରି ବିଭିନ୍ନ ଜନ ଜୀବନ ସମସ୍ୟାକୁ ନେଇ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମୁଖ୍ୟତଃ ଜିଲ୍ଲାର ଚାଷୀମାନେ ପଞ୍ଜିକୃତ ହୋଇ ଧାନ ବିକ୍ରି ନ କରି ପାରିବା, ନୀଳଗିରିର କୁଲଡିହା ଅଭୟାରଣ୍ୟ ନାଁରେ ଲୋକଙ୍କୁ ବିସ୍ଥାପିତ କରିବା ପାଇଁ ବ୍ୟବସ୍ଥା ନେବା ବିରୋଧରେ, ସମସ୍ତ ବୃଦ୍ଧବୃଦ୍ଧାଙ୍କୁ ମାସିକ ଭତ୍ତା ୩୦୦୦ଟଙ୍କା ଦେବା, କେୱାଇସି ନାମରେ ରାସନ କାର୍ଡ କାଟିବା ବନ୍ଦ କରିବା, ବାଧ୍ୟତାମୂଳକ ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, ଶ୍ରମିକ ବିରୋଧି ୪ଟି ଶ୍ରମ କୋର୍ଡ ବାତିଲ କରିବା, ଗାଁ ଆଇନକୁ ପୁନଃ ପ୍ରଚଳନ ଓ ଭିବିଜି ରାମ ଜି ଆଇନକୁ ବାତିଲ, ପ୍ରସ୍ତାବିତ ବିହନ ବିଲ ୨୦୨୫ ଏବଂ ପ୍ରସ୍ତାବିତ ବିଦ୍ୟୁତ ବିଲ ୨୦୨୫ ବାତିଲ କର, ସମସ୍ତ ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା, ଜିଲ୍ଲାର ସମସ୍ତ ବେକାର ଯୁବକ, ଯୁବତୀଙ୍କୁ ବେକାର ନିଯୁକ୍ତି ନଚେତ ବେକାରୀ ଭତ୍ତା ପ୍ରଭୃତି ଦାବି ଉପରେ ଆଜିର ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା । କୃଷକ ସଭା ରାଜ୍ୟ ସଭାପତି ସୀତାଂଶୁ ସେନାପତିଙ୍କ ଅଧ୍ୟକ୍ଷତାରେ ସଂଗଠିତ ହୋଇଥିବା ପ୍ରତିବାଦ ସଭାରେ ପୂର୍ବତନ ବିଧାୟକ ତଥା ପାର୍ଟିର ବରିଷ୍ଠ ନେତା ପ୍ରଦୀପ୍ତ ପଣ୍ଡା ବକ୍ତବ୍ୟ ଦେଇ ସାମ୍ପ୍ରତିକ ପରସ୍ଥିତି ଏକ ସଙ୍କଟ ମଧ୍ୟ ଦେଇ ଗତି କରୁଛି ବୋଲି କହିବା ସହିତ କେନ୍ଦ୍ର ଓ ରାଜ୍ୟର ଡବଲ ଇଂଜିନ ସରକାର ସାଧାରଣ ଲୋକଙ୍କ ଉପରେ ସମସ୍ତ ପ୍ରକାର ଆକ୍ରମଣର ଚିଠା ଉପସ୍ଥାପନ କରିଥିଲେ । ପ୍ରତିବାଦ କଲେ ସରକାର ପ୍ରତିରୋଧ କରୁଛନ୍ତି । ଘରର ମାଲିକ ହୋଇ ଲୋକଙ୍କ କଥା ବୁଝିବା ବଦଳରେ ନିଜର ଦରମା ଓ ଭତ୍ତା ବଢ଼ାଇଲେ । ଗ୍ରାମର ବୃଦ୍ଧବୃଦ୍ଧା ମାତ୍ର ୧୦୦୦ ଟଙ୍କାରେ ଚଳିବା ମୁସ୍କିଲ । ନିର୍ବାଚନ ସମୟରେ ପ୍ରତସୃତି ଦେଲା ବିଜେପି ସମସ୍ତଙ୍କୁ ୩୦୦୦ ଟଙ୍କା ଭତ୍ତା ଦେବା ହେଲାନାହିଁ । ବିଜୁଳି ୩୦୦ ୟୁନିଟ ଛାଡ଼ କରିବାର କହିଥିଲେ । ଏହା ମଧ୍ୟ ଭଣ୍ଡାଇ ଦେଲେ । ଏବେ ଖାଲି ଗୋମାତା ନାଁ ରେ ହତ୍ୟା ଓ ଆକ୍ରମଣ ଚାଲିଛି । ଧର୍ମ ନାଁ ରେ ରାଜନୀତି ଚାଲିଛି କ୍ଷ ପ୍ରତିବାଦ କଲେ ଜେଲରେ ରୁହ । ଗଣତନ୍ତ୍ର ହତ୍ୟା ହେଉଛି । ନିର୍ବାଚନ କମିଶନର ପ୍ରଧାନମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀ ବାଛୁଛନ୍ତି । କମିଶନର ବିଜେପି କେମିତି ଜିତିବ ବ୍ୟବସ୍ଥା କରୁଛି । ମନରେଗା ଆଇନ ଲୋକଙ୍କୁ କାମର ଗ୍ୟାରେଣ୍ଟି ସହ ଅଧିକାର ଦେଇଥିଲା । ମହାଥା ଗାନ୍ଧୀଙ୍କ ନାଁ ଗନ୍ଧ ହେଲା ଏଣୁ କାମ ନ ଦେବଭଳି ବିବିଜିରାମଜୀ ଆଇନ ଆଣିଛନ୍ତି । ମୋଦିଙ୍କର ପରମ ବନ୍ଧୁ ଆଦାନୀ ଏବଂ ଆମ୍ବାନୀ ଏବେ ଦେଶର ସମସ୍ତ ସମ୍ପଦକୁ ଶସ୍ତା ଦରରେ କିଣି ଚାଲିଛନ୍ତି । ଏଭଳି ପରିସ୍ଥିତି ସାମନା କରିବାକୁ ହେଲେ ମିଳିତ ଆନ୍ଦୋଳନକୁ ବ୍ୟାପକ କରନ୍ତୁ ବୋଲି ପ୍ରଦୀପ୍ତ ପଣ୍ଡା ଆହ୍ୱାନ ଦେଇଥିଲେ । କ୍ଷେତ ମଜଦୂର ୟୁନିଅନର ରାଜ୍ୟ ସମ୍ପାଦକ ନିର୍ମଳ ନାୟକ ମଧ୍ୟ ଗ୍ରାମୀଣ ଶ୍ରମିକ ମାନଙ୍କ ଅବସ୍ଥା ସମ୍ପର୍କରେ ବର୍ଣ୍ଣନା କରିବା ସହିତ ଆସନ୍ତା ଫେବୃଆରୀ ୧୨ ତାରିଖ ଦେଶ ତମାମ ମିଳିତ ଟ୍ରେଡ଼ ୟୁନିଅନ, ସଂଯୁକ୍ତ କିଷାନ ମୋର୍ଚ୍ଚା ଯେଉଁ ସାଧାରଣ ଧର୍ମଘଟର ଡାକରା ଦେଇଛନ୍ତି ବାଲେଶ୍ୱର ଜିଲ୍ଲାରେ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଷେତ ମଜଦୂର ୟୁନିଅନର ରାଜ୍ୟ ଉପ ସଭାପତି ଶିଶିର ହୁଇ, କୃଷକ ସଭା ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ସିଆଇଟିୟୁ ଜିଲ୍ଲା ସମ୍ପାଦକ ବିଜୟ ପାତ୍ର, କ୍ଷେତ ମଜଦୂର ଜିଲ୍ଲା ସମ୍ପାଦକ ଦୀପ୍ତିମାନ ଆଚାର୍ଯ୍ୟ, ପାଚିକା ୟୁନିଅନ ରାଜ୍ୟ ସମ୍ପାଦିକା ଈଶାଣୀ ଷଡ଼ଙ୍ଗୀ, ସିଆଇଟିୟୁ ଜିଲ୍ଲା ସମ୍ପାଦକ ରାଜ କିଶୋର ଲେଙ୍କା ଏବଂ କୃଷକ ନେତା ପ୍ରେମ ରଞ୍ଜନ ପାତ୍ର ବକ୍ତବ୍ୟ ରଖିଥିଲେ । ଦେବ ମାଝୀ ଧନ୍ୟବାଦ ଦେବା ପରେ ଶିଶିର ହୁଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଅତିରିକ୍ତ ଜିଲ୍ଲା ପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

● ମହଙ୍ଗା ପଡ଼ିଲା ରାସ୍ତାରେ ଖଣ୍ଡା ବୁଲାଇବା

# ଯୁବକଙ୍କୁ ବାନ୍ଧିଲା ପୁଲିସ



ଭଦ୍ରକ,୧୯ ।୧(ସମିସ): ମହଙ୍ଗା ପଡ଼ିଲା ରାଜରାସ୍ତାରେ ଖଣ୍ଡା ଧରି ଆତଙ୍କ ସୃଷ୍ଟି କରିବା। ଆତଙ୍କି ଯୁବକକୁ ବାନ୍ଧିଲା ପୁଲିସ । ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାର ଧାମରାରେ । ସୂଚନା ମୁତାବକ ଧାମରା ବନ୍ଦରରେ ପ୍ରତିଦିନ ଶହ ଶହ ଟ୍ରକ ପରିବହନ କାର୍ଯ୍ୟରେ ଲାଗିଛନ୍ତି । ସ୍ଥାନୀୟ ଗାଡ଼ିକୁ ଛାଡି ବହୁ ଦୂର ଦୁରାନ୍ତରୁ ଗାଡ଼ି ଗୁଡିକ ମାଲ ପରିବହନ କରିଥାନ୍ତି । ମାତ୍ର କିଛି ସ୍ଥାନୀୟ ଯୁବକ ଏହି ଗାଡି ଗୁଡିକୁ ଅଟକାଇ ଡ୍ରାଇଭର ଠାରୁ ଜୋର ଜବରଦସ୍ତ ଚାନ୍ଦା ଆଦାୟ କରିଥାନ୍ତି । ଗତକାଲି ସ୍ଥାନୀୟ ଶଶିକାଦେଇପୁରର ମାନସ ବାରିକ ନାମକ ଯୁବକ ଏକ ଖଣ୍ଡା ଧରି ଟ୍ରକ ଗୁଡ଼ିକୁ ଅଟକାଇ ଜୋର ଜବରଦସ୍ତ ଚାନ୍ଦା ଆଦାୟ କରୁଥିଲେ । ଏହାକୁ ଜଣେ ଡ୍ରାଇଭର ଭିଡିଓ କରି ଧାମରା ଥାନାକୁ ଖବର ଦେଇଥିଲେ । ଖବର ପାଇ ଧାମରା ଥାନାଧିକାରୀ ଶୁଭମ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକକୁ କାବୁ କରିଥିଲେ । ତାଙ୍କ ଠାରୁ ଗୋଟିଏ ଖଣ୍ଡା ଓ ୫ହଜାର ଟଙ୍କା ଜବଦ କରିବା ତାକୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ସମ୍ପୃକ୍ତ ଯୁବକ ନିଶାସକ୍ତ ଅବସ୍ଥାରେ ଏଭଳି କାଣ୍ଡ ଭିଆଇଥିବା ଜଣାଯାଇଛି ।

## ଧାନ ମଣ୍ଡି ଉଦ୍‌ଘାଟିତ



ବାରିକପୁର,୧୯ ।୧(ସମିସ): ବିଭିନ୍ନ ଅଂଚଳର ଚାଷୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଧିରେ ଧିରେ ଧାନ ମଣ୍ଡି ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ନେରଡା ସମବାୟ ସମିତି ଠାରେ ଆଜି ବିଧିବଦ୍ଧ ଭାବେ ମଣ୍ଡି ଉଦଘାଟନ ହୋଇଛି। ସମିତି ସମ୍ପାଦକ ସୌମ୍ୟରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ବଦ୍ରୀନାରାୟଣ ରାଉତ ଯୋଗ ଦେଇ ମଣ୍ଡି ଶୁଭାରମ୍ଭ କରିଥିଲେ। ଏଥିରେ ସମିତି ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ମିଶ୍ର, ଚାଷୀ କମିଟି ସଭ୍ୟ ଶରତ ଚନ୍ଦ୍ର ଜେନା, ମୁକ୍ତିକାନ୍ତ ମହାନ୍ତି, ପ୍ରଣବ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହାଛଡା ସମିତି ଅଧିନସ୍ଥ ବିଭିନ୍ନ ଗ୍ରାମର ଚାଷୀ ମାନେ ଏଥିରେ ଉପସ୍ଥିତ ଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବାୟ କର୍ମଚାରୀ, ଲୋକନାଥ ବୋଇତାଇ, ମୃତ୍ୟୁଞ୍ଜୟ ସେଠୀ, ଦେବେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଟୋକନ ଅନୁସାରେ ପର୍ଯ୍ୟାୟ କ୍ରମେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ହେବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି।

## ଅଟୋକୁ ଲାଗିଲା ବିନା ହେଲ୍‌ମେଟ୍ ଫାଇନ୍



ଭଦ୍ରକ,୧୯ ।୧(ସମିସ): ଅଟୋ ଚାଳକଙ୍କୁ ଲାଗିଛି ବିନା ହେଲମେଟର ଫାଇନ। ଭଦ୍ରକ ଜିଲ୍ଲା ଆଗରପଡ଼ା ଅଞ୍ଚଳରେ ଗୋଟିଏ ଅଟୋ ନାମରେ କଟାଯାଇଛି ବିନା ହେଲମେଟ୍ ଚାଲାଣ। ନିଜ ଅଟୋର ପଲ୍ୟୁସନ ସାର୍ଟିଫିକେଟ କରିବାକୁ ଯିବା ବେଳେ ନଜରକୁ ଆସିଛି ଏଭଳି ସାଙ୍ଘାତିକ ତ୍ରୁଟି। ଅଟୋ ଚାଳକ ରାମକୃଷ୍ଣ ନାଥଙ୍କ ନିଜ ଅଟୋ ନମ୍ବର ଓଡି୨୨-ଇ-୯୭୩୧ର ପ୍ରଦୂଷଣ ଯାଞ୍ଚ କରିବାକୁ ଯାଇଥିଲ। ସେହି ସମୟରେ ଗାଡ଼ି ନାମରେ ୧ ହଜାର ଟଙ୍କାର ବକେୟା ଫାଇନ୍ ଥିବା ଜଣାପଡ଼ିଥିଲା। ତାହା ଗାଡିର କାଗଜପତ୍ର କିମ୍ବା ପଲ୍ୟୁସନ ପାଇଁ ନୁହେଁ, ବରଂ ହେଲ୍‌ମେଟ ନପିନ୍ଧିବା କାରଣରୁ କଟାଯାଇଛି । ମୋଟର ଯାନ ଅଧିନିୟମ ଅନୁଯାୟୀ କେବଳ ଦୁଇ ଚକିଆ ଯାନ ପାଇଁ ହେଲମେଟ୍ ବାଧ୍ୟତାମୂଳକ। କିନ୍ତୁ ତିନି ଚକିଆ ଅଟୋ ପାଇଁ ହେଲମେଟ୍ ଚାଲାଣ କଟିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଅନ୍ୟପକ୍ଷରେ ଏହି ଚାଲାଣଟି ଆଜିର ନୁହେଁ, ବରଂ ୧୭ ନଭେମ୍ବର ୨୦୨୧ ମସିହାର ବୋଲି ଜଣାପଡ଼ିଛି। ତେବେ ଏହି ତ୍ରୁଟି ପାଇଁ ଅଟୋ ଚାଳକ ରାମକୃଷ୍ଣ ହଇରାଣ ହେବା ସହ ତାଙ୍କ ଗାଡ଼ିର ପଲ୍ୟୁସନ୍ ସାର୍ଟିଫିକେଟ୍ ଅଟକି ରହିଥିବାରୁ ଅଯଥା ହଇରାଣ ହେଉଥିବା ଜଣାଯାଇଛି ।

## ଉତ୍ପାତ କରୁଛନ୍ତି ଅପ୍ରାପ୍ତ ବୟସ୍କ ବାଇକ୍ ଚାଳକ




ଦୋଲସାହି,୧୯ ।୧(ସମିସ): ତିହିଡ଼ି ଥାନା ଅଞ୍ଚଳରେ ଅପ୍ରାପ୍ତ ବୟସ୍କ ବାଇକ୍ ଚାଳକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ ତିହିଡ଼ି ଥାନା ଅଞ୍ଚଳରେ ସମସ୍ତ ବଜାରକୁ ଘରୋଇ ସାମଗ୍ରୀ ଆଣିବା ପାଇଁ ଏହି ଅପ୍ରାପ୍ତ ବୟସ୍କ ପୁଅ ଓ ଝିଅଙ୍କୁ ବାଇକ୍ ନେଇ ଆସୁଥିବାବେଳେ ଅନେକ ସମୟରେ ଅଘଟଣ ଘଟୁଥିବା ଦେଖିବାକୁ ମିଳୁଛି। ଏହି ଅପ୍ରାପ୍ତ ବୟସ୍କ ପୁଅ ପିଲାମାନେ ବିଭିନ୍ନ ଧରଣର ନିଶା ସେବନ ସହ ଦୃତଗତିରେ ବାଇକ ଚଳାଇବା ଯୋଗୁଁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହେଉଛି। ତିହିଡ଼ି ପୁଲିସ ଏହି ଅପ୍ରାପ୍ତବୟସ୍କ ବାଇକ ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସେବାଶ୍ରମ ସ୍କୁଲରେ ଛାତ୍ର ଓ କର୍ମଚାରୀଙ୍କୁ ଅଣଦେଖା ଅଭିଯୋଗ

ଭଦ୍ରକ,୧୯ ।୧(ସମିସ)



ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷା ଉନ୍ନତି ପାଇଁ ବହୁ ଯୋଜନା ଓ ଆର୍‌ôଥକ ସହାୟତା ଘୋଷଣା କରୁଥିବା ବେଳେ, ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଧାମରା ଅଞ୍ଚଳର ଡିଆଁନରସିଂପୁର ସରକାରୀ ସେବାଶ୍ରମ ସ୍କୁଲରୁ ଆସିଛି ସାଂଘାତିକ ଅଭିଯୋଗ। ଏଠାରେ ପଢୁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସମସ୍ତ ସୁଭିଧା ଯୋଗାଇ ଦେଉଥିବା ବେଳେ ଛାତ୍ରମାନଙ୍କୁ ଅଣଦେଖା ଓ ଅବହେଳା ହେଉଥିବା ଅଭିଯୋଗ ହୋଇଛି । ମୁହଁ ଖୋଲିଲେ ମିଳୁଛି ମାଡ଼ ସହିତ ଚାକିରିରୁ ଛଟେଇ ଧମକ, ଏଭଳି ଅଭିଯୋଗ କରିଛନ୍ତି ଉକ୍ତ ସେବାଶ୍ରମର ର କାର୍ଯ୍ୟରତ ରୋଷେୟା ଅଭିମନ୍ୟୁ ଜେନା। ଶ୍ରୀ ଜେନାଙ୍କୁ ପ୍ରାୟ ୧୫ ଦିନ ହେବ ବିଦ୍ୟାଳୟ ପ୍ରଧାନଶିକ୍ଷକ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଭଦ୍ରକ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଅଭିମନ୍ୟୁଙ୍କୁ କାର୍ଯ୍ୟରୁ ନିଲମ୍ବନ ପାଇଁ କୌଣସି ନିର୍ଦ୍ଦେଶ ନଥିବାବେଳେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିମନ୍ୟୁଙ୍କୁ ମୋଟା ଅଙ୍କର ଲାଞ୍ଚ ମାଗିଥିଲେ । ଲାଞ୍ଚ ନଦେବାରୁ ଆକ୍ରୋଶ ର ଶିକାର ହୋଇଛନ୍ତି ବୋଲି ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଯେଉଁ ମୌଳିକ ସୁବିଧା ମିଳିବା କଥା ପାଠପୁସ୍ତକ, ଶିକ୍ଷା ସାମଗ୍ରୀ, ବସ୍ତ୍ର, ମଧ୍ୟାହ୍ନ ଭୋଜନ ଓ ଛାତ୍ରବୃତି ସେସବୁ ଠିକ୍ ଭାବେ ଯୋଗାଯୋଗ ହେଉନାହିଁ । ଶୀତ ଦିନରେ ଶୀତବସ୍ତ୍ର ନ ଦେବାଫଳରେ ନିଜର ଭାଗ୍ୟକୁ ଆଦରି ଦୂରଦୁରାନ୍ତରୁ ଆସୁଥିବା ଛାତ୍ର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପାଇବା ପାଣିର ମଧ୍ୟ ଅସୁବିଧା ଦେଖା ଦେଇଛି ଉକ୍ତ ସେବାଶ୍ରମରେ। ସବୁ ଜାଣି ଅନୁସୂଚିତ ଜାତି ଓ ଜାତି ଉନ୍ନୟନ ବିଭାଗ ଓଡ଼ିଶା ଛାତ୍ର ନିବାସ ଚୁପ୍ କାହିଁକି। ପ୍ରଧାନ ଶିକ୍ଷକ କାହା ଚାପରେ ନିରବ ଦ୍ରଷ୍ଟା ସାଜିଛନ୍ତି । ସ୍ଥାନୀୟ ଅଭିଭାବକମାନେ କହିଛନ୍ତି, ସରକାର ସେବାଶ୍ରମ ସ୍କୁଲ ପାଇଁ ବହୁ ଅର୍ଥ ଦେଉଛନ୍ତି ବୋଲି କୁହାଯାଉଛି । କିନ୍ତୁ ଆମ ପିଲାମାନେ ସେହି ସୁବିଧା ପାଇପାରୁ ନାହାନ୍ତି। ଏହାର ସିଧା ପ୍ରଭାବ ପିଲାମାନଙ୍କ ଶିକ୍ଷା ଉପରେ ପଡୁଛି। ବିଭିନ୍ନ ପ୍ରକାରର ଅନିୟମିତତା ବିଷୟରେ ଅଭିମନ୍ୟୁ ପାଟି ଖୋଲିବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ, ଚାକିରିରୁ ଛଟେଇ ଭଳି ବିଭିନ୍ନ ପ୍ରକାରର ମାନସିକ ନିର୍ଯାତନା ଦିଆଯାଉଥିବା କଥା କହିଛନ୍ତି । ଏହି ଅଭିଯୋଗକୁ ନେଇ ଚାନ୍ଦବାଲି ବ୍ଲକ ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗର ଭୂମିକା ଉପରେ ମଧ ପ୍ରଶ୍ନ ଉଠିଛି। ସରକାରୀ ଅର୍ଥ କେଉଁଠି ଖର୍ଚ୍ଚ ହେଉଛି ନାଁ ପ୍ରଧାନ ଶିକ୍ଷକ ପକେଟକୁ ଯାଉଛି ଏନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଭିଯୋଗ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ସାଲୁ କୁମାର ଟୁଡୁଙ୍କୁ ପଚାରିବାରୁ ସେ ଏଭଳି ଅଭିଯୋଗ ସମ୍ପର୍କରେ ଅବଗତ ନଥିବା କହିଛନ୍ତି ।

## ଆଦର୍ଶ ଶିକ୍ଷକ ଗୋରା ସାରଙ୍କୁ 'ଶିକ୍ଷା ରତ୍ନ ସମ୍ମାନ'



ଧାମନଗର,୧୯ ।୧(ସମିସ): ଧାମନଗର ମଦ୍ରାସା ଗୌସିୟା ରୌଫିୟାର ଅବସରପ୍ରାପ୍ତ ଶିକ୍ଷକ, ଧାମନଗର ଶାନ୍ତି କମିଟିର ବରିଷ୍ଠ ସଦସ୍ୟ, ଖାନକା ସରିଫ୍ ଉର୍ସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ, ସମାଜସେବୀ ଗୋରା ସାରଙ୍କୁ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ "ଶିକ୍ଷା ରତ୍ନ ସମ୍ମାନ' ପ୍ରଦାନ କରାଯାଇଛି। ଜଣେ ସେବା ନିବୃତ ଶିକ୍ଷକ ଭାବେ ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ଅତୁଳନୀୟ ଅବଦାନ ଓ ଶିକ୍ଷାର ପ୍ରସାର ଏବଂ ନୀତି ନୈତିକତା ସମ୍ପନ୍ନ ବ୍ୟକ୍ତି ଭାବେ ସେ ଏହି ସମ୍ମାନ ଲାଭ କରିଛନ୍ତି। ଗତ ୧୮ ତାରିଖ ପୂର୍ବାହ୍ନରେ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ପରିଷଦର ୯ମ ବାର୍ଷିକ ପ୍ରତିଷ୍ଠା ସମାରୋହରେ ସେକ ଅବଦୁଲ ହାକିମ(ଗୋରାସା)ଙ୍କୁ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଅତିଥି ମାନଙ୍କ ଦ୍ଵାରା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ମୁଖ୍ୟ ଅତିଥି, ଭଦ୍ରକ ଏସ୍.ପି. ମନୋଜ କୁମାର ରାଉତ ମୁଖ୍ୟବକ୍ତା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧିରଞ୍ଜନ ନାୟକ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଗ୍ୟାଷ୍ଟ୍ରୋଲୋଜି ବିଶେଷଜ୍ଞ ଡାକ୍ତର ଅଜିତ ପ୍ରସାଦ ଯେନା, ସଂପୃକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀ ପ୍ରମୁଖ ସମ୍ମାନୀତ ଅତିଥି ମାନଙ୍କ କରକମଳରୁ ସେ ଏହି ସମ୍ମାନ ପତ୍ର ସହ ଉତରୀୟ ଓ ପୁଷ୍ପଗୁଚ୍ଛ ଗ୍ରହଣ କରିଥିଲେ। ଗୋରା ସାର ଏହା ପୂର୍ବରୁ ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନ ସମେତ ଧାମନଗର ମହୋତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ଅନ୍ୟ ଅତିଥିଙ୍କ ଦ୍ଵାରା ସମ୍ମାନୀତ ହୋଇଥିଲେ। ଏହି ସମ୍ମାନ ପାଇବା ପରେ ସମ୍ବର୍ଦ୍ଧିତ ପ୍ରତିଭା ଗୋରା ସାର ବରିଷ୍ଠ ନାଗରିକ ପରିଷଦର ସଭାପତି ଅନିଲ କୁମାର ବାରିକ, ସମ୍ପାଦକ ଶଚିକାନ୍ତ ପଣ୍ଡାଙ୍କ ସମେତ ଅନ୍ୟ କର୍ମକର୍ତା ଓ ସଦସ୍ୟଙ୍କ ନିକଟରେ ଆଭାର ପ୍ରକଟ କରିବା ସହ ଅନୁଷ୍ଠାନର ଉତୋରତର ଉନ୍ନତି କାମନା କରିଛନ୍ତି। ସମ୍ମାନିତ ପ୍ରତିଭାକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଥିବା ବେଳେ ହୁସନାରା ହାକିମ୍ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଡଃ ମହମ୍ମଦ ଅବଦୁଲ ମକିମ୍ ଏବଂ ହାକିମ ପରିବାର ବର୍ଗ ବରିଷ୍ଠ ନାଗରିକ ପରିଷଦର ସଭାପତି, ସମ୍ପାଦକଙ୍କ ସହ ସମସ୍ତ ସଦସ୍ୟଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଭଦ୍ରାୟଣୀ ମହୋତ୍ସବରେ ମନ ମୋହିଲା 'ମୋଗଲ ତାମ୍‌ସା'



ଭଦ୍ରକ,୧୯ ।୧(ସମିସ): ଭଦ୍ରାୟଣୀ ମହୋତ୍ସବରେ ପ୍ରସିଦ୍ଧ "ମୋଗଲ ତାମ୍‌ସା' ନାଟକ ନାଟ୍ୟକାର ଗୌରାଙ୍ଗ ବାରିକ ଓ ବିଜୟ ବହଳୀଙ୍କ ପରିଚାଳନାରେ, ନାଟ୍ୟ ନିର୍ଦ୍ଦେଶକ ପ୍ରଦ୍ୟୋତନ ସୁଆରଙ୍କ ନିର୍ଦ୍ଦେଶନାରେ ଭଦ୍ରକ ଗରଦପୁର ସ୍ଥିତ ବଂଶୀ ବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ ଦ୍ୱାରା ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ବିଭିନ୍ନ ଭୂମିକାରେ ଜଗନ୍ନାଥ ମହାରାଜ, ଶିବୁନ ଅଗସ୍ତି, ପ୍ରହଲ୍ଲାଦ ଦାସ, ପିନାକ ପଣ୍ଡା, ରଞ୍ଜନ ମହାନ୍ତି, ନିହାର ରଞ୍ଜନ ସିଂ, ଚିନ୍ମୟ ସାହୁ, ରାଜେଶ ମହାନ୍ତି, ପୀତବାସ ବହଳୀ, ଚକ୍ରଧର ତ୍ରିପାଠୀ ଅଭିନୟ କରିଥିବା ବେଳେ, ନାରୀ ଚରିତ୍ର, ରଞ୍ଜିତା ବାରିକ, ସସ୍ମିତା ମହାନ୍ତି, ଲିପ୍ସା ଚୌଧୁରୀ, ସଙ୍ଗୀତରେ ସୁରେନ୍ଦ୍ର ଗାହାଣ ଓ ମିନତୀ ବାରିକ ବାଦ୍ୟରେ ସତ୍ୟବ୍ରତ ଚକ୍ରବର୍ତ୍ତୀ, ଓ ରାମଚନ୍ଦ୍ର ଜେନା ସହଯୋଗ କରିଥିବା ବେଳେ ବେଶ ବିନ୍ୟାଶରେ ପ୍ରତାପ ମହାନ୍ତି ସହଯୋଗ କରିଥିଲେ । ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୋଗଲ ତାମସାର ଉଚ୍ଚ ପ୍ରଶଂସା କରିବା ସହିତ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାମ କରୁନି ଏକ୍ସ-ରେ; ରୋଗୀ ହନ୍ତସନ୍ତ



ଭଦ୍ରକ,୧୯ ।୧(ସମିସ): ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ୱାସ୍ଥ୍ୟସେବାରେ ବିକଳ ଚିତ୍ର ଦେଖିବାକୁ ମିଳିଛି। ଦୀର୍ଘ ଦିନ ହେବ ମେଡିକାଲରେ କାମ କରୁନି ଏକ୍ସ-ରେ ମେସିନ। ଫଳରେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବା ସହ ହନ୍ତସନ୍ତ ହେଉଛନ୍ତି ରୋଗୀମାନେ। ସୂଚନାଯୋଗ୍ୟ, ଭଦ୍ରକରେ ମେଡିକାଲ କଲେଜ ସ୍ଥାପନ କରିବାକୁ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଏଭଳି ଚିତ୍ର ଦେଖି ବୁଦ୍ଧିଜୀବୀ ମହଲ ବି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନାନୁଯାୟୀ, ମାସେରୁ ଅଧିକ ସମୟ ହେଲାଣି ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ କାମ କରୁନି ଏକ୍ସ-ରେ ମେସିନ। ଏକ୍ସ-ରେ ରୁମ ଆଗରେ ବଡ଼ ବଡ଼ ଅକ୍ଷରରେ ଲେଖା ଯାଇଛି ମେସିନ ଖରାପ ଅଛି। ଫଳରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ରୋଗୀ। ଏକ୍ସରେ କରିବାକୁ ମେଡିକାଲରୁ ଭଦ୍ରକ ସହରକୁ ଦୀର୍ଘ ୪ରୁ ୫ କିଲୋମିଟର ଯିବାକୁ ପଡୁଥିବା ବେଳେ ହଜାର ହଜାର ଟଙ୍କା ଖର୍ଚ୍ଚାନ୍ତ ହେଉଛନ୍ତି ରୋଗୀ ଓ ସେମାନଙ୍କ ସଂପର୍କୀୟ। ଯାହାକୁ ନେଇ ରୋଗୀଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ନୂତନ ସରକାର ଆସିବ ପରେ ସରକାରୀ ସ୍ୱାସ୍ଥ୍ୟସେବା ଭୁଷୁଡି ପଡ଼ିଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି। ଅନ୍ୟପଟେ ଖୁବଶିଘ୍ର ଏକ୍ସ-ରେ ମେସିନ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି ଭାରପ୍ରାପ୍ତ ମେଡିକାଲ ଚିକିତ୍ସା ଅଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ।

## ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ସଭା




ଭଦ୍ରକ,୧୯ ।୧(ସମିସ): ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ବିରୋଧରେ ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ସ୍ୱର ଉତ୍ତୋଳନ କରିଛି। ଦେଶରେ ମୋଦୀ ସରକାର ଆଣିଥିବା ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ କରିବା, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, କୃଷିଋଣ ଛାଡ଼ କରିବା ଦାବିରେ ଏକ ପଥପ୍ରାନ୍ତ ସଭା ଓଡିଶା କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଭଦ୍ରକ ଷ୍ଟେଟବ୍ୟାଙ୍କ ଛକଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଓଡ଼ିଶା କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ସିଆଇଟିୟୁ ଜିଲ୍ଲା ସମ୍ପାଦକ କାଳନ୍ଦୀ ପାତ୍ର, ଓଡିଶା କ୍ଷେତମଜଦୂର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ବରିଷ୍ଠ କୃଷକ ନେତା ନିରଞ୍ଜନ ପାଣି, ବୀମା କର୍ମଚାରୀ ନେତା ନବକିଶୋର ବେହେରା, ଶ୍ରମିକ ନେତା ମହେଶ୍ୱର ନାୟକ, ଆଇନଜୀବୀ ବିଜୟ ରାଉତ, ଶ୍ରମିକ ନେତା ଜୟନୁଲ ଆବେଦିନ, ଶ୍ରମିକ ନେତା ସେକ୍ ସିକୁ, ସେକ୍ ସତାର, ଯୁବନେତା ବିପ୍ଳବ ଯେନା, କ୍ଷେତମଜଦୂର ନେତା ସୁରେନ୍ଦ୍ର ନାୟକ, ଯୁବନେତା ଜିଲାନି ଖାନ୍ ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାରଙ୍କ ଜନବିରୋଧି କର୍ପୋରେଟ ସପକ୍ଷବାଦୀ ନୀତି ବିରୁଦ୍ଧରେ ଶ୍ରମିକ-କୃଷକ-କୃଷି ଶ୍ରମିକ ମାନେ ଏକଜୁଟ ହୋଇ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ଭଦ୍ରକ ଜିଲ୍ଲାରେ ଅଭାବୀ ଧାନ ବିକ୍ରି ବିରୁଦ୍ଧରେ ଆଗାମୀ ଦିନରେ ତୀବ୍ର ଲଢେଇ ହେବା ସଂଗେ ସଂଗେ ଶ୍ରମିକ ଓ କୃଷକ ମାନଙ୍କ ଅଧିକାର ପାଇଁ ଆସନ୍ତା ଫେବୃଆରୀ-୧୨ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ଭଦ୍ରକ ଜିଲ୍ଲାବାସୀଙ୍କୁ ନିବେଦନ କରିଥିଲେ ।

# ଫେବୃଆରୀ ୧୪ରେ ତୃତୀୟ 'ସାଲନ୍ଦୀ ସାହିତ୍ୟ ସଙ୍ଗମ'

ଭଦ୍ରକ,୧୯ ।୧(ସମିସ)




ଭୁବନେଶ୍ୱରରେ ଅବସ୍ଥାପିତ ପ୍ରକାଶନ ସଂସ୍ଥା 'ଟାଇମ୍‌ପାସ' ପକ୍ଷରୁ ଭଦ୍ରକ ଠାରେ ବିଗତ ୨ବର୍ଷ ଧରି ଆୟୋଜିତ ହୋଇଆସୁଥିବା ନିଆରା ସାହିତ୍ୟ ଉତ୍ସବ 'ସାଲନ୍ଦୀ ସାହିତ୍ୟ ସଙ୍ଗମ'ର ତୃତୀୟ ସଂସ୍କରଣ ଆଗାମୀ ଫେବୃଆରୀ ୧୪ ଓ ୧୫ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁଯାଉଛି। ସାଲନ୍ଦୀ ବାଇପାସ୍ ସ୍ଥିତ 'ସଙ୍ଗମ କନ୍‌ଭେନ୍‌ସନ୍'ରେ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହେବ। ଗତବର୍ଷ ପରି ଏଥରମଧ୍ୟ ଭଦ୍ରକର ବରପୁତ୍ରମାନଙ୍କ ନାମରେ ନାମିତ ୮ଜଣ ବରିଷ୍ଠ ପ୍ରତିଭାଙ୍କୁ ସାଲନ୍ଦୀ ସୃଜନ ପୁରସ୍କାର ଓ ସାହିତ୍ୟର ଉତରଣ ପାଇଁ କାର୍ଯ୍ୟରତ ୫ ଜଣ ବ୍ୟକ୍ତିବିଶେଷଙ୍କୁ ସାହିତ୍ୟସଖା ସମ୍ମାନ ପ୍ରଦାନ କରାଯିବ। ନୂଆ ବଜାରସ୍ଥିତ କର୍ମଚାରୀ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉତ୍ସବର ନିର୍ଦ୍ଦେଶକ ସରୋଜ ବଳ ଏ ସମ୍ପର୍କରେ ସୂଚନାଦେଇ କହିଥିଲେ ଯେ ଭଦ୍ରକ ମାଟିରେ ଜନ୍ମିତ ସୁଖ୍ୟାତ ପୂର୍ବସୁରୀଙ୍କ ନାମରେ ନାମିତ ଏହିସବୁ ପୁରସ୍କାର କେବଳ ପ୍ରତିଭାପୂଜା ନୁହେଁ, ବରଂ ପରପିଢ଼ିଙ୍କୁ ପୂର୍ବପିଢ଼ି ସହିତ ଯୋଡ଼ିବାର ଏକ ବିନମ୍ର ପ୍ରୟାସ। ସାଲନ୍ଦୀ ସାହିତ୍ୟ ସଙ୍ଗମର ବିଭିନ୍ନ ସତ୍ରରେ ରାଜ୍ୟର ଭିନ୍ନଭିନ୍ନ ସ୍ଥାନରୁ ପ୍ରସିଦ୍ଧ ଲେଖକ, ସଂପାଦକ, ପ୍ରକାଶକ, ନାଟ୍ୟକାର, ଅଭିନେତା, ସଂଗୀତଜ୍ଞ ଓ ଚିତ୍ରଶିଳ୍ପୀମାନେ ଯୋଗ ଦେଉଥିବାରୁ ଏହା ସାରା ଓଡ଼ିଶାରେ ଭଦ୍ରକ ମାଟିର ସୃଜନଶୀଳ ଅସ୍ମିତା ଓ ଭାଇଚାରା ପ୍ରଦର୍ଶନରେ ସହାୟକ ହେବ। ପୁରସ୍କୃତ ଓ ସଂବର୍ଦ୍ଧିତ ପ୍ରତିଭାଙ୍କ ନାମ ଫେବୃଆରୀ ପ୍ରଥମ ସପ୍ତାହରେ ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ଚଳିତବର୍ଷ ପାଇଁ ଦିଗ୍‌ଦର୍ଶକ ଓ କର୍ମକର୍ତାମାନଙ୍କ ନାମ ଘୋଷଣା କରାଯାଇଥିଲା। ପୂର୍ବପରି ଗାଳ୍ପିକ ପବିତ୍ର ପାଣିଗ୍ରାହୀ ସଭାପତି ଭାବେ ଏବଂ କବି କିଶୋର ପାଣିଗ୍ରାହୀ ଓ ଗୀତିକାର ପଞ୍ଚାନନ ନାୟକ ଉପସଭାପତି ଭାବେ ଦାୟିତ୍ୱରେ ରହିବେ। ପରିଚାଳନା ସମ୍ପାଦକ ଭାବେ ଯୁବଲେଖକ ତଥା ପ୍ରଶାସକ ସୌମ୍ୟଶ୍ରୀ ପାଣିଗ୍ରାହୀ କାର୍ଯ୍ୟଭାର ଗ୍ରହଣ କରିଥିବାବେଳେ କବି ଚିତରଞ୍ଜନ ନାୟକ ସୃଜନଶୀଳ ସଂଯୋଜକ ଦାୟିତ୍ୱ ତୁଲାଇବେ। ଅମିତାଭ ଖିଲାର, କୈଳାଶ ବେହେରା, ସଂଗ୍ରାମ କେଶରୀ ସେନାପତି ଏବଂ ପ୍ରୀତିପଦ୍ମା ଦାସ ସହ ସଂଯୋଜକ ଭାବେ ଉତ୍ସବ ଆୟୋଜନରେ ସାମିଲ ହେବେ। ଏଥିସହିତ ବରିଷ୍ଠ ସାମ୍ବାଦିକ ତଥା କବି ଡ. ହରିହର ନାୟକ ଗଣମାଧ୍ୟମ ଉପଦେଷ୍ଟା ଏବଂ ପ୍ରମୋଦ ରାୟ ଓ ତପନ ସ୍ୱାଇଁ ଗଣମାଧ୍ୟମ ସଂଯୋଜକ ଭାବେ ଚଳିତବର୍ଷ ଏହି ଉତ୍ସବ ସହ ସଂପୃକ୍ତ ରହିବେ। ଡ. ରାଧାବିନୋଦ ନାୟକ, ବାସୁଦେବ ବାରିକ, ଝରଣା ପଟ୍ଟନାୟକ, ଡ. ରାଧାରାଣୀ ମହାପାତ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବହଳୀ, ଡା. ବିକାଶ ନାରାୟଣ ନନ୍ଦ ପ୍ରମୁଖ ପୂର୍ବପରି ସାଲନ୍ଦୀ ସାହିତ୍ୟ ସଙ୍ଗମର ସଫଳ ଆୟୋଜନ ପାଇଁ ପରାମର୍ଶ ଓ ଦିଗ୍‌ଦର୍ଶନ ଦେବେ। ଚଳିତବର୍ଷ ଜିଲ୍ଲା ସଂଯୋଜକ ଭାବେ ଅବିନାଶ ପଣ୍ଡା (ଭଦ୍ରକ), ଉତ୍ପଳ ମହାନ୍ତି (ବାଲେଶ୍ୱର), ଅଶୋକ ଚନ୍ଦ୍ର ପୁହାଣ (କେନ୍ଦୁଝର), ଅସୀମା ସାହୁ (ମୟୂରଭଞ୍ଜ), ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ (ଯାଜପୁର) ଏବଂ ଅତୁଲ ବଳ (କେନ୍ଦ୍ରାପଡ଼ା) ଦାୟିତ୍ୱ ନିର୍ବାହ କରିବେ ବୋଲି ନିଷ୍ପତି ନିଆଯାଇଛି। ବିଗତ ବର୍ଷ ପରି ସାହିତ୍ୟ, ସଙ୍ଗୀତ, ସିନେମା, ନୃତ୍ୟ, ଚିତ୍ର ଆଦି ବିଭିନ୍ନ ବିଭାଗରେ ସୃଜନଶୀଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏପରି ବିରଳ ସୃଜନପର୍ବରେ ସାମିଲ ହୋଇ ପୂର୍ବପରି ଏହାକୁ ସଫଳ କରିବାକୁ ସଙ୍ଗମର ସମସ୍ତ କର୍ମକର୍ତା ନିବେଦନ କରିଛନ୍ତି।

● ଜାତୀୟସ୍ତରୀୟ ବରିଷ୍ଠ ଟେନିସବଲ୍ କ୍ରିକେଟ ପ୍ରତିଯୋଗିତା

## ଭଦ୍ରକ ଜିଲ୍ଲାରୁ ୭ ଖେଳାଳି ମନୋନୀତ




ଭଦ୍ରକ,୧୯ ।୧(ସମିସ): ମହାରାଷ୍ଟ୍ରର ନାଗପୁର ଠାରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟସ୍ତରୀୟ ବରିଷ୍ଠ ଟେନିସବଲ କ୍ରିକେଟ ପ୍ରତିଯୋଗିତାଟି ୨୦ ଜାନୁଆରୀରୁ ଆରମ୍ଭ ହୋଇ ୨୪ ଜାନୁଆରୀରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ତାର ୧୪ ଜଣ ପୁରୁଷ ଓ ମହିଳା ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ଦଳରେ ଭଦ୍ରକ ଜିଲ୍ଲାରୁ ୪ ଜଣ ମହିଳା ଓ ୩ ଜଣ ପୁରୁଷ ସ୍ଥାନ ପାଇଛନ୍ତି। ମହିଳା - ପ୍ରତିକ୍ଷା ଦାସ, ବର୍ଷାରାଣୀ ମଲ୍ଲିକ, ସଙ୍ଗୀତା ସାହୁ ଓ ଭାଗ୍ୟଲକ୍ଷ୍ମୀ ସାମଲ ପୁରୁଷ ବିଭାଗରେ ରଜତ କୁମାର ନାୟକ, ଅଭିଜିତ୍ ଦାସ ଓ ସ୍ନେହାଷିସ ଲେଙ୍କା ପ୍ରମୁଖ ସ୍ଥାନ ପାଇଛନ୍ତି। ଏହି ସଫଳତା ନିମନ୍ତେ ଭଦ୍ରକ ଜିଲ୍ଲା ଟେନିସ ବଲ କ୍ରିକେଟ ସଂଘର ସମ୍ପାଦକ ମନୋଜ କୁମାର ସାହୁ , ସଭାପତି ଦେବବ୍ରତ ଜେନା, କାର୍ଯ୍ୟକାରୀ ସଭାପତି ତନ୍ମୟ ମହାନ୍ତି, ଉପ ସଭାପତି ଗୌରହରି ମଣ୍ଡଳ, ମନୋଜ ଦାସ, ପବିତ୍ର ମୋହନ ଖିଲାର 'ସହିଦ୍ ଖାନ୍ , ଓ କ୍ରିକେଟ କୋଚ୍ ଅସିତ୍ ଦାସ୍ ଶୁଭେଚ୍ଛା ଜଣାଇଛନ୍ତି।